Digitized by PPRACHIN, SOA

ମାର୍କସବାଦ ଓ ଉତ୍ତର ଆଧୁନିକତାବାଦ

କୁଳମଣି ଜେନା

ଲେଖାଲେଖି

Digitized by PPRACHIN, SOA

ମାର୍କସବାଦ ଓ ଉତ୍ତର ଆଧୁନିକତାବାଦ
(ପ୍ରବନ୍ଧ)
ଲେଖକ: କୁଳମଣି ଜେନା
ପ୍ରଥମ ସଂସ୍କରଣ: ୨୦୧୮
ପ୍ରକାଶକ: ଲେଖାଲେଖି, ବି.ଏଲ୍-୮, ଭି.ଏସ୍.ଏସ୍ ନଗର, ଭୁବନେଶ୍ୱର
ଫୋନ୍: ୯୯୩୭୪୭୬୧୭୩, ୯୪୩୭୧୭୨୦୩୨
ପ୍ରଚ୍ଛଦ: ବିଜୟ ପ୍ରଧାନ
ମୂଲ୍ୟ: ୨୪୦ ଟଙ୍କା

MARXBAD O UTTAR ADHUNIKATABAD
Collction of Essays by Kulamani Jena
1st Edition: 2018
Publisher: Lekhalekhi, B.L-8, V.S.S Nagar, Bhubaneswar
Phone: 9937476173, 9437172032
Cover Design: Bijay Pradhan
Price: ₹ 240/-

Digitized by PPRACHIN, SOA

ଉତ୍ସର୍ଗ

'ଆରୋହଣ'ର ସଂପାଦକ ସତୀର୍ଥ କବି ଓ ସାଥି
ଭଗବାନ ମହାପାତ୍ରଙ୍କୁ...

- ଲେଖକ

Digitized by PPRACHIN, SOA

Digitized by PPRACHIN, SOA

ପଦେ ଅଧେ

ଓଡ଼ିଆ ସମାଲୋଚନା ସାହିତ୍ୟ ସଂପର୍କରେ...

ଓଡ଼ିଆ ସମାଲୋଚନା ସାହିତ୍ୟ ଦୁର୍ବଳ ବୋଲି ଅଭିଯୋଗ ଶୁଣିବାକୁ ମିଳିଥାଏ । ବିଶେଷକରି କବି ଲେଖକମାନେ ଏହି ଅଭିଯୋଗ ଆଣିଥାନ୍ତି । କିନ୍ତୁ ଓଡ଼ିଆ ସମାଲୋଚନା ସାହିତ୍ୟ କାହିଁକି ଦୁର୍ବଳ ଏ ସଂପର୍କରେ କେହି କିଛି କହି ନଥାଂତି । କ୍ଷୁଦ୍ର ଉତ୍ପାଦନ Petty Production ପାଇଁ ଓଡ଼ିଶାର ଅର୍ଥନୀତି ଯେମିତି ଦୁର୍ବଳ ସେମିତି କ୍ଷୁଦ୍ର ଜ୍ଞାନ ବା ଅଳ୍ପ ସ୍ୱଳ୍ପ ଜ୍ଞାନ (Petty Knowledge) ପାଇଁ ଓଡ଼ିଆ ସମାଲୋଚନା ସାହିତ୍ୟ ଦୁର୍ବଳ ନୁହଁ କି ? ସଂବେଦନା ଓ ଅନୁଭୂତି ଦ୍ୱାରା କବିତା ଲେଖାଯାଇ ପାରିବ । କିନ୍ତୁ ସମାଲୋଚନା ସାହିତ୍ୟ ସୃଷ୍ଟି ପାଇଁ ସଂବେଦନା, ଅନୁଭୂତି ସହ ଜ୍ଞାନ ବା ପ୍ରଜ୍ଞାର ଆବଶ୍ୟକତା ରହିଛି । ଏଥି ସହିତ ଆବଶ୍ୟକ ଅଛି ଦୃଢ଼ କଠୋର ଓ ନିରପେକ୍ଷ ଭାବ; ପୁନଶ୍ଚ ବ୍ୟକ୍ତିକୈନ୍ଦ୍ରିକତା ନୁହଁ ସଂପୂର୍ଣ୍ଣ ବସ୍ତୁନିଷ୍ଠତା । ଏତେ ଗୁଡ଼ାଏ ଗୁଣାବଳୀରେ ଭୂଷିତ ହେବାପାଇଁ କେତେ ଅଧିକ ଜ୍ଞାନ ଅର୍ଜନ କରିବା ଆବଶ୍ୟକ ଅନୁମାନ କରାଯାଇପାରେ । କେତେ ପକ୍ଷପାତ ଦୋଷମୁକ୍ତ ହେଲେ ବା Dispassionately Passionate ହେଲେ ଜଣେ ସଫଳ ସମାଲୋଚକ ହୋଇ ପାରିବ ଏହା ବି ଚିନ୍ତା କରିବାର ବିଷୟ ।

ସବୁ କବିମାନେ କହିବେ ଆମ ସପକ୍ଷରେ ଲେଖ । ଏଠି ସମାଲୋଚକ କାହା ସପକ୍ଷ ଓ ବିପକ୍ଷରେ ଲେଖିବା ପାଇଁ ନିୟୋଜିତ ନୁହଁ । ସେ କାହାଦ୍ୱାରା ନିଯୁକ୍ତ ନୁହଁ; ନିଜେ ନିଜ ଦ୍ୱାରା ନିଯୁକ୍ତ ମହାକାଳର ବିଚାରପତି, ଇତିହାସ ବାର୍ତ୍ତାବହ, ପରିବର୍ତ୍ତନ ଦିଶାରୀ : ଏକାଧାରାରେ ବିପ୍ଳବୀ-କ୍ରାଂତିକାରୀ ।

Digitized by PPRACHIN, SOA

ସମାଲୋଚକ ଦାର୍ଶନିକ ଜ୍ଞାନରେ ବିଭୂଷିତ ହେବା ଆବଶ୍ୟକ । ଦର୍ଶନ ଶାସ୍ତ୍ରୀୟ ଜ୍ଞାନ ହେବ ସମାଲୋଚନାର ଆଧାର । ଇତିହାସ ଓ ଦର୍ଶନ ଶାସ୍ତ୍ରୀୟ ଜ୍ଞାନ ବିନା ସମାଲୋଚନା ଅସଂଭବ । ସକଳ ପ୍ରକାର ଦର୍ଶନ ପ୍ରାଚ୍ୟ ପାଶ୍ଚାତ୍ୟ ଗ୍ରୀକ୍, ଜର୍ମାନ, ମାର୍କସବାଦ, ଉତ୍ତର ଆଧୁନିକତାବାଦ ଇତ୍ୟାଦି ତା ପାଇଁ ଆବଶ୍ୟକ ।

ମଣିଷ ଯେ ଲଢ଼ି ଆସିଛି ଓ ଲଢୁଛି, ମଣିଷ ଯେ ଶୋଷଣ, ଶାସନର ଶିକାର ହୋଇଛି, ମଣିଷ ଯେ ସାମାଜିକ କ୍ରାନ୍ତିର ବାର୍ତ୍ତାବହ ସାଜୁଛି; ସଂଗମୟତା ଏକାକୀତ୍ୱ ବୋଧ, ଜୀବନ, ମୃତ୍ୟୁ ସବୁକିଛିକୁ ବୁଝିବା ଓ ଅର୍ଥ କରିବାର ସାମର୍ଥ୍ୟ ସମାଲୋଚକର ଥିବା ଦରକାର ।

ଓଡ଼ିଆ ସମାଲୋଚକ ଜାଣିବା ଦରକାର ଓଡ଼ିଆ ଭାଷାରେ ଦର୍ଶନଶାସ୍ତ୍ରୀୟ ଜ୍ଞାନର ଅଭାବ ରହିଛି । ଏଥିପାଇଁ ତାକୁ ଇଂରେଜୀ ଭାଷାର ସାହାରା ନେବାକୁ ହେବ । ଆବଶ୍ୟକ ସ୍ଥଳେ ଇଂରେଜୀ ଭାଷାରୁ ଦର୍ଶନ ପୁସ୍ତକର ଅନୁବାଦ ଘଟାଇ ଓଡ଼ିଆ ଭାଷାକୁ ସମୃଦ୍ଧ କରିବାକୁ ହେବ । ଏହି ଐତିହାସିକ ଦାୟିତ୍ୱ ଓଡ଼ିଆ ଭାଷା ସାହିତ୍ୟର ସମାଲୋଚକ ପ୍ରାୟତଃ ପାଳନ କରେନାହିଁ । ଓଡ଼ିଆ ଭାଷାରେ ବିଶ୍ୱଜ୍ଞାନର ଚର୍ଚ୍ଚା ପ୍ରାୟତଃ ହୁଏନାହିଁ । କେବଳ ସାହିତ୍ୟ ସମାଲୋଚକ ନୁହେଁ ଦର୍ଶନ ବିଜ୍ଞାନ, ସାମାଜିକ ବିଜ୍ଞାନମୂଳକ ଜ୍ଞାନ ଚର୍ଚ୍ଚା କ୍ଷେତ୍ରରେ ଓଡ଼ିଆ ଭାଷାର ସ୍ଥିତି ଅତ୍ୟଂତ ଦୁର୍ବଳ ।

ଓଡ଼ିଆ ଭାଷା ସାହିତ୍ୟର ବହୁ ସମାଲୋଚକ ଗୁଣାତ୍ମକ ନୁହଁ ପରିମାଣାତ୍ମକ ଭାବରେ ଅନେକ ସମାଲୋଚନା ପୁସ୍ତକର ରଚୟିତା ସାଜି ଅଯଥା ଆତ୍ମସଂତୋଷ ଲାଭ କରିଥାନ୍ତି । ଏହା ଅତ୍ୟନ୍ତ ଦୁଃଖଦ ।

ଓଡ଼ିଆ ଭାଷା ସହିତ୍ୟର ବହୁ ସମାଲୋଚକ Methodolgy ଉପାୟ ବା ମାଧ୍ୟମବିହୀନ ଭାବରେ ସମାଲୋଚନାର ମଇଦାନରେ ଲଂଫ ଦିଅଂତି । ଫଳତଃ ଇତିହାସ ଓ ଦର୍ଶନ ଜ୍ଞାନ ବିହୀନ ଓଡ଼ିଆ ସମାଲୋଚକ ଅଳ୍ପ ସ୍ୱଳ୍ପ ବ୍ୟକ୍ତିଗତ ଜୀବନାନୁଭୂତିକୁ ଆଧାର କରି ବୟକ୍ତିକ ସମାଲୋଚନା- Subjective criticismରେ ଲିପ୍ତ ରହେ ।

ଓଡ଼ିଶାରେ ରାଜନୀତି, ଅଧ୍ୟାପନା, ସାଂବାଦିକତା ଓ ସାହିତ୍ୟ ରଚନା କ୍ଷେତ୍ରରେ ଜ୍ଞାନଚର୍ଚ୍ଚାର ପ୍ରଚୁର ଅଭାବ । ବିଶେଷକରି ଦର୍ଶନ ଜ୍ଞାନ କଥା ଉଠିଲେ ଓଡ଼ିଶାର ବୁଦ୍ଧଜନ ମନରେ କଂପ ଆସେ । ଏସବୁ ସ୍ଥିତିରେ ଆମେ ଆମ ଭାଷାକୁ କିପରି ଆଗକୁ ନେବା ? ଓଡ଼ିଶାରେ ଜ୍ଞାନ ଚର୍ଚ୍ଚାର ଅଭାବ ହେତୁ ଏଠାରେ ଜ୍ଞାନୀ ଲୋକର ଆଦର ମଧ୍ୟ କମ୍ । ଏପରି ସ୍ଥିତିରେ ଏଠାରେ ଯଦି କେହି ପ୍ରକୃତ ଜ୍ଞାନଚର୍ଚ୍ଚାରେ ଲିପ୍ତ ହେଲା ତାକୁ କ୍ରମାଗତ ହତାଦରର ଶିକାର ହୋଇ ଜ୍ଞାନଚର୍ଚ୍ଚା କରିବାକୁ ପଡିବ । ଅବଶ୍ୟ ଜ୍ଞାନ ଚର୍ଚ୍ଚା ଯେହେତୁ

Digitized by PPRACHIN, SOA

ଏକ ସଂଗ୍ରାମ ତେଣୁ ପ୍ରକୃତ ଜ୍ଞାନୀ ଲୋକକୁ ଏହି ସଂଗ୍ରାମରେ ଅବତୀର୍ଣ୍ଣ ହୋଇ ବିଜୟୀ ହେବାକୁ ପଡ଼ିବ । ସାହିତ୍ୟ ଜଗତରେ, ଶିକ୍ଷାୟତନରେ, ରାଜନୀତି କ୍ଷେତ୍ରରେ, ସାମାଜିକ-ସାଂସ୍କୃତିକ ଆନ୍ଦୋଳନରେ ପ୍ରକୃତ ଜ୍ଞାନ ଚର୍ଚ୍ଚା କରୁଥିବା ବ୍ୟକ୍ତି ଓ ଗୋଷ୍ଠୀକୁ ଅହଂଶୂନ୍ୟ ଭାବରେ ନିରଳସ ସଂଗ୍ରାମ କରି ମାତୃଭାଷାର ସମାଲୋଚନା ସାହିତ୍ୟର ଭଣ୍ଡାରକୁ ପୂର୍ଣ୍ଣ କରିବାକୁ ପଡିବ । ଜ୍ଞାନଚର୍ଚ୍ଚାକୁ କ୍ଷମତା ପରିସର ବାହାରକୁ ଆଣିବାକୁ ହେବ । ଓଡ଼ିଶାର ଶିକ୍ଷାୟତନ ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କରେ ନୂତନ ପିଢ଼ିର ଜ୍ଞାନାନ୍ୱେଷୀମାନଙ୍କୁ ବିଶ୍ୱଜ୍ଞାନରେ ଅଧିଷ୍ଠିତ ହେବାକୁ ପଡିବ । ଏହା ଏକ କଠିନ ପ୍ରୟାସ । ତଥାପି ଭାଷା ଓ ଜାତି ପାଇଁ ଏହା ଯେହେତୁ ଆବଶ୍ୟକ; ଏ କ୍ଷେତ୍ରରେ ଆମକୁ ଆମର ଦାୟିତ୍ୱ ନିର୍ବାହ କରିବାକୁ ହେବ ।

'ମାର୍କସବାଦ ଓ ଉତ୍ତର ଆଧୁନିକତାବାଦ' ପୁସ୍ତକ ପ୍ରକାଶନ ଅବସରରେ ଓଡ଼ିଆ ସମାଲୋଚନା ସାହିତ୍ୟ ସଂପର୍କରେ ଏତକ କହିବା ଆବଶ୍ୟକ ମଣିଲି । ଆଶାକରେ ସୁଧୀ ପାଠକ ଓ ସମାଲୋଚକ ମୋର ଏହି ବିନମ୍ର ପ୍ରତିବେଦନାକୁ ସାଦରେ ଗ୍ରହଣ କରିବେ ।

- କୁଳମଣି ଜେନା

Digitized by PPRACHIN, SOA

ସୂଚୀ

୧. ଭାବାଦର୍ଶ ବିଜ୍ଞାନ ଓ ମାର୍କସବାଦ / ୯
୨. ମାର୍କସବାଦର 'କ୍ରିୟାଶୀଳତା' ଓ ବର୍ତ୍ତମାନ ପୃଥିବୀର ସ୍ଥିତି / ୩୬
୩. ମାର୍କସବାଦୀ ଦୃଷ୍ଟିଭଂଗୀରୁ ବ୍ୟକ୍ତିଗତ ସଂପତ୍ତି, ପରିବାର,
ରାଷ୍ଟ୍ର, ପ୍ରେମ, ଯୌନତା ଓ ନାରୀ ପୁରୁଷ ସଂପର୍କ / ୩୯
୪. ଯୌନତା ଓ ମୁକ୍ତି, ସମଲିଙ୍ଗୀ ପ୍ରସଙ୍ଗ ଓ ୩୭୭ ଧାରା :
ଏକ ଦ୍ୱଂଦ୍ୱାତ୍ମକ ବିଶ୍ଳେଷଣ / ୫୩
୫. ଗତିଶୀଳ ସମାଜ ଓ ଗତିଶୀଳ ସାହିତ୍ୟ / ୮୩
୬. ସାହିତ୍ୟରେ ଆଧୁନିକତା ଓ ପ୍ରଗତିଶୀଳତାର ଦ୍ୱଂଦ୍ୱ ଏବଂ ଆମ ସମୟ / ୮୯
୭. କବିସତ୍ତା ଓ ସାମାଜିକ ସତ୍ତା / ୯୫
୮. କବିତାରେ ବ୍ୟକ୍ତି ଓ ବିଶ୍ୱ / ୧୦୨
୯. ଆଧୁନିକ ଓ ପ୍ରଗତିଶୀଳ କବିତାରେ ସମସ୍ୟା ଓ ସଂକଟ :
କବି ସଚ୍ଚି ରାଉତରାୟଙ୍କ କବିତା ଏକ ଆକଳନ / ୧୧୦
୧୦. ସାମାଜିକ କ୍ରାଂତି ଯୁଗର କ୍ରାଂତିକାରୀ କବି ଅନଂତ ପଟ୍ଟନାୟକ / ୧୩୧
୧୧. ବିଲୟମାନ ଓଡ଼ିଆ ଭାଷା ଓ ଜାତୀୟତା / ୧୩୬
୧୨. ମାନକ ଭାଷାର ବିଚ୍ଛିନ୍ନତା ଓ ଓଡ଼ିଆ ଜାତିର ଭବିଷ୍ୟତ / ୧୫୨
୧୩. ଦେଶ ଓ ଅନ୍ୟାନ୍ୟ କବିତା : ଏକ ବିଶ୍ଳେଷଣ / ୧୫୭
୧୪. 'ମିଛ ମହାତ୍ମା' ପୁସ୍ତକ ଓ ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷା :
ଏକ ବିଶ୍ଳେଷଣ / ୧୬୩
୧୫. ଲେଖକ ଆଗରେ ଆହ୍ୱାନ / ୧୭୫
୧୬. ସତ୍ୟର ପ୍ରତିଷ୍ଠା କ୍ଷେତ୍ରରେ : ଗାଲିଲିଓ ଓ ସକ୍ରେଟିସ୍ / ୧୭୮
୧୭. ଉତ୍ତର ସତ୍ୟ / ୧୮୧
୧୮. ଉତ୍ତର ଆଧୁନିକତାବାଦ : ଏକ ନୂତନ ଦର୍ଶନ, ଏକ ନୂଆ ଅର୍ନ୍ତଦୃଷ୍ଟି / ୧୮୩
୧୯. ଉତ୍ତର ଆଧୁନିକତା ପ୍ରସଂଗ : ବିନିର୍ମାଣବାଦୀ ଦେରିଦା / ୧୯୩
୨୦. ବିନ୍ୟାସବାଦୀ ଭାଷାତତ୍ତ୍ୱବିତ୍ ଫର୍ଦ୍ଦିନାଂଡ ଡି. ସୋସ୍ୟୁର
ଓ ଉତ୍ତର ଆଧୁନିକତା ପ୍ରସଂଗ / ୨୨୦
୨୧. ଫ୍ରୟେଡୋତ୍ତର ଯୁଗର ମନୋବିଶ୍ଳେଷଣ :
ଉତ୍ତର ଆଧୁନିକତାବାଦୀ ଲାକାଁ / ୨୩୩
୨୨. ଉତ୍ତର ଉପନିବେଶବାଦ / ୨୪୭

●●

Digitized by PPRACHIN, SOA

ଭାବାଦର୍ଶ ବିଜ୍ଞାନ ଓ ମାର୍କସବାଦ

ମାନବ ମସ୍ତିଷ୍କ ମଧ୍ୟଦେଇ ଜଗତର ପ୍ରତିଫଳନ ଆରମ୍ଭ ଦିନରୁ ମଣିଷ ନାମକ ପ୍ରାଣୀଟି ଭାବାଦର୍ଶ ଓ ବିଜ୍ଞାନର ଏକ ବିଚିତ୍ର ସମନ୍ୱୟଯୁକ୍ତ ପ୍ରାଣୀ ଭାବରେ ଦର୍ଶନ ଓ ବିଜ୍ଞାନର ବିକାଶ ଘଟାଇ ଆସିଛି; ଏହି ପ୍ରକ୍ରିୟାରେ ସେ କେତେବେଳେ ନିଜକୁ ଖର୍ବ କରିଛି ତ କେତେବେଳେ ପ୍ରସାରିତ କରିଛି ।

ମଣିଷ ପାଇଁ ସତ୍ୟ ମଣିଷ ସହ ଜଡ଼ିତ । ତେଣୁ ତାହା ମାନବୀୟ ହେବାକୁ ବାଧ: ଯାହା କିଛି ଅମାନବୀୟ ତାହା ଅସତ୍ୟ । ସତ୍ୟ ଅସତ୍ୟର ଲୁଚକାଳି ଖେଳ ଭିତରେ ମଣିଷ ଭ୍ରମର ଶିକାର ହୁଏ । ଅବଶ୍ୟ ମଣିଷ ପାଇଁ ଭ୍ରମ ଏକ ବାସ୍ତବତା; ଯାହା ତା'ର ବସ୍ତୁସ୍ଥିତି ସହ ଜଡ଼ିତ । ମଣିଷ ତାର ବସ୍ତୁସ୍ଥିତିକୁ ବଦଳାଇବାକୁ ଯାଇ ଭ୍ରମ ଜାଲରୁ ମୁକ୍ତ ହୁଏ ।

ମାର୍କସଂକ ପୂର୍ବରୁ ଦାର୍ଶନିକ ମାନେ ପୃଥିବୀକୁ ବାଖ୍ୟା କରୁଥିଲେ; ନିଜ ନିଜ ବାଟରେ । ମାର୍କସ୍ ହିଁ ପୃଥିବୀର ପ୍ରଥମ ଦାର୍ଶନିକ ଯିଏ ବଦଳାଇବାର କଥା କହିଲେ । ଦର୍ଶନ ଚର୍ଚ୍ଚା ଏକ ଭିନ୍ନ ମୋଡ଼ନେଲା । ଦର୍ଶନ ହେଲା ବିଜ୍ଞାନ; ସମାଜ ପରିବର୍ତ୍ତନର ସୂତ୍ରାବଳୀ ପ୍ରଦତ୍ତ ହେଲା ଦର୍ଶନ ମାଧ୍ୟମରେ । ଫିଓର ବାଖଂକ ଉପରେ ରଚିତ ଏଗାରତମ ସଂଦର୍ଭରେ ମାର୍କସଙ୍କର ମତ ହେଲା 'Philosophers have only interpreated the world in verious ways; the point however to change it' । ଦାର୍ଶନିକ ଆଲଥୁସରଙ୍କ ଭାଷାରେ ମାର୍କସ୍ଙ୍କର ଏହି ବକ୍ତବ୍ୟ ଏକ ବୈଦ୍ୟୁତିକ ଝଲକ୍ (Lightining flash) ସଦୃଶ; ଚିନ୍ତା ଜଗତରେ ଏହା ଏକ ଅବଧାରଣା ଗତ ଛେଦ (Epistomological break) । Politics & History ପୁସ୍ତକରେ ଆଲଥୁସର ଆଲୋଚନା ପ୍ରସଙ୍ଗରେ ମାର୍କସ୍ଙ୍କର ଦର୍ଶନକୁ ଏକ ମହାଦେଶୀୟ ଆବିଷ୍କାର ସହ ତୁଳନା କରିଛନ୍ତି । ତାଙ୍କ ମତରେ ଜ୍ଞାନ ଜଗତରେ ଗ୍ରୀକ୍ମାନେ (ବିଶେଷକରି ଥେଲସ୍) ଗଣିତ

Digitized by PPRACHIN, SOA

ବିଦ୍ୟା ରୂପକ ପ୍ରଥମ ମହାଦେଶକୁ ଆବିଷ୍କାର କରିଥିଲେ । ଜ୍ଞାନ ଜଗତରେ ଦ୍ୱିତୀୟ ମହାଦେଶୀୟ ଆବିଷ୍କାର ହେଲା ଗାଲିଲିଓଙ୍କର ପଦାର୍ଥ ବିଦ୍ୟା । ଜ୍ଞାନ ଚର୍ଚ୍ଚାରେ ତୃତୀୟ ମହାଦେଶୀୟ ଆବିଷ୍କାର ମାର୍କସଙ୍କର 'ଇତିହାସ ସଂପର୍କୀତ ଜ୍ଞାନ' । ଯାହାକୁ ଆଲ୍ଥୁସର Science of History ବୋଲି ଆଖ୍ୟା ଦେଇଛନ୍ତି । ଆଲ୍ଥୁସର ତାଙ୍କର 'Marx's Relation to Hegel' ପ୍ରବଂଧରେ କହିଛନ୍ତି, 'Marx founded a new science, the science of the history of social formations, or the science of history (Politics & histroy, verso, P-166) । ମାର୍କସଙ୍କ ଇତିହାସ-ବୋଧ ଶ୍ରେଣୀ ଗୃହର ଅଧ୍ୟାପକୀୟ ଇତିହାସ-ବୋଧ ନୁହେଁ । ମାର୍କସଙ୍କ ଇତିହାସ ରଜା ଗଲା, ରଜା ଆଇଲା ଓ ରଜା ମଲାର ଇତିହାସ ନୁହଁ । ମାର୍କସ୍‌ଙ୍କ ଇତିହାସ ହେଲା ଶ୍ରେଣୀ ସଂଘର୍ଷର ଇତିହାସ । ତାଙ୍କ ମତରେ, 'all hither to existing class society is the history of class struggle' । 'କମ୍ୟୁନିଷ୍ଟ ମ୍ୟାନିଫେଷ୍ଟୋ' ପୁସ୍ତକରେ ପ୍ରଦତ୍ତ ପ୍ରଥମ ଧାଡ଼ିର ଏହି ସିଦ୍ଧାନ୍ତକୁ ମାର୍କସ ତାଙ୍କର ପରବର୍ତ୍ତୀ କାଳର ରଚନା ମାନଙ୍କରେ ପ୍ରମାଣ କରିବାକୁ ଚେଷ୍ଟା କରିଛନ୍ତି । ଦାସ ସମାଜର ପତନ ଘଟି (ସ୍ପାଟାକାସ୍ ବିଦ୍ରୋହ) ସାମନ୍ତବାଦୀ ସମାଜର ଜନ୍ମ ଓ ସାମନ୍ତବାଦୀ ସମାଜ ଗର୍ଭରୁ ପୁଂଜିବାଦର ଆଗମନ (ଫରାସୀ ରାଷ୍ଟ୍ର ବିପ୍ଳବ) ସହ ପୁଂଜିବାଦ କିପରି ସମାଜବାଦ ବା ସାମ୍ୟବାଦ ଆଡ଼କୁ ମୁହାଁଇ ଯିବ ଏବଂ ରାଷ୍ଟ୍ରର ବିଲୟ ଘଟିବ' ସବୁକିଛିକୁ ସେ ଶ୍ରେଣୀ ସଂଘର୍ଷ ଓ ଇତିହାସର ଆଇନାରେ ଦେଖାଇବାକୁ ଚେଷ୍ଟା କରିଛନ୍ତି । କେବଳ ଶ୍ରେଣୀ ସଂଘର୍ଷ ନୁହଁ, ଦ୍ରବ୍ୟ-ବିନିମୟ ବ୍ୟବସ୍ଥା (Batter exchange system) ଓ ପଣ୍ୟ ବିନିମୟ ବ୍ୟବସ୍ଥା (Commodity exchange economy) ର ବିକାଶ ମଧ୍ୟ ଦେଇ ପୁଂଜି ଓ ଶ୍ରମର ଦ୍ୱନ୍ଦ; ସ୍ୱର୍ଣ୍ଣ ମୁଦ୍ରାରୁ କାଗଜ ମୁଦ୍ରାର ଉତ୍ପତ୍ତି ଓ ରୂପାନ୍ତର(Metamorphosis) ଇତ୍ୟାଦି ମାର୍କସଙ୍କ ଚିଂତାର ବିପୁଳ ଭଣ୍ଡାର । ଏହା ପୃଥିବୀ ପାଇଁ ଆଲୋକ ବର୍ତ୍ତିକା ସଦୃଶ । ଆଜି ସମାଜ ଓ ସମାଜ ବିଜ୍ଞାନର ଯେ କୌଣସି ସଂକଟକୁ ବୁଝିବାକୁ ହେଲେ ମାର୍କସ୍ ହିଁ ଆବଶ୍ୟକ । ସମାଜ ବିଜ୍ଞାନ ଆଜି ମାର୍କସଂକ ଚିଂତା ଚାରିପଟେ ଘୂରୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ମାର୍କସଙ୍କର ଦର୍ଶନ ବିଜ୍ଞାନ । ବିଶ୍ୱର ଅନ୍ୟାନ୍ୟ ଅଧିକାଂଶ ଦର୍ଶନ ଭାବାଦର୍ଶ । ଭାବାଦର୍ଶ ମାଧ୍ୟମରେ ବିଶ୍ୱବ୍ୟାପୀ ରାଷ୍ଟ୍ରୀୟ ଶୋଷଣ ଶାସନ, ଦମନ କାୟେମ ରହିଛି; ପରିଚାଳିତ ହେଉଛି ସମାଜ; ଏହାକୁ ପ୍ରମାଣ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ । ମଣିଷ ତା'ର ବସ୍ତୁ ସ୍ଥିତିକୁ ବୁଝିବା ବଦଳାଇବାର ଉପାୟ ପ୍ରଦାନ କରୁଥିବା ଦର୍ଶନ ମାର୍କସ୍‌ବାଦ

Digitized by PPRACHIN, SOA

ମାଧ୍ୟମରେ ଆମ୍ଭ ସଚେତନ-ଶ୍ରେଣୀ ସଚେତନ, ଇତିହାସ ସଚେତନ ନହେବା ଯାଏ ଭାବାଦର୍ଶର ଗଣ୍ଡି ଭିତରେ ନିଜକୁ ସୀମିତ, ଖର୍ବ ଓ ବିଖଣ୍ଡିତ କରି ଚାଲିଥିବ ଏହାହିଁ ଏ ପ୍ରବନ୍ଧରେ ସୂଚାଇ ଦିଆଯାଇଛି । ବିଶ୍ୱବ୍ୟାପୀ ବୁର୍ଜୁୟା ଗଣତନ୍ତ୍ର ସମତା ଓ ସ୍ୱାଧୀନତାର ବାହକ ନୁହଁ; ଅଧିକଂତୁ ରାଷ୍ଟ୍ରୀୟ ପୁଂଜିବାଦ ସାମ୍ୟବାଦ ନୁହଁ ଓ ସାମ୍ୟବାଦ କଳ୍ପରାଜ୍ୟ (Utopia) ନୁହଁ ସେ ବାବଦରେ ଏ ପ୍ରବଂଧରେ କିଛିଟା ଆଲୋକପାତ କରାଯାଇଛି । ମାକର୍ସବାଦର ନିଜସ୍ୱ ସଂକଟ ଓ ସମସ୍ୟା, ଯାହାକୁ ଆଲ୍‌ଥୁସର ବିଜ୍ଞାନର ସମସ୍ୟା (Problemetics of science) ବୋଲି ଅଭିହିତ କରିଛନ୍ତି ତା' ଉପରେ ପ୍ରବଂଧ ସମୀକ୍ଷା କରିଛି । ପ୍ରବଂଧର ଆରମ୍ଭରେ ଆମେ ଭାବାଦର୍ଶ କ'ଣ ଓ ବିଜ୍ଞାନ ଓ ମାର୍କସବାଦ ସହିତ ଏହାର ସଂପର୍କ ଉପରେ ଆଲୋଚନା କରିବା ।

ଭାବାଦର୍ଶ ପ୍ରସଂଗ:

ଦର୍ଶନ ଓ ସମାଜ ବିଜ୍ଞାନ ଜଗତରେ ଭାବାଦର୍ଶ (ideology) ସବୁଠାରୁ ଜଟିଳ ବିଭ୍ରାନ୍ତିକର ଭାବଧାରା; ଅଧିଭୌତିକତା (Metaphysics) ଓ ଭାବବାଦର (idealism) ଏହା ଏକ ଭିନ୍ନ ରୂପ; ଧର୍ମାନୁଷ୍ଠାନ ଓ ରାଷ୍ଟ୍ରର ଏହା ସଚ୍ଚା ସେବକ । ସବୁଠାରୁ ଆଶ୍ଚର୍ଯ୍ୟ-ଜନକ ଯାହା ତାହାହେଲା ବସ୍ତୁବାଦୀ ଦର୍ଶନ ଓ ଚିନ୍ତା ମଧ୍ୟ ଭାବାଦର୍ଶଧର୍ମୀ ହୋଇପାରେ; ଏପରିକି ଭାବାଦର୍ଶର ସମାଲୋଚନା ବି ମାନବର ବସ୍ତୁସ୍ଥିତି ସହ ଜଡ଼ିତ । ମଣିଷ ତା'ର ସୁଖ ସଂବୃଦ୍ଧି ପାଇଁ ବିଜ୍ଞାନ ଉପରେ ଆସ୍ଥା ରଖୁଥିଲେ ବି ଆଜିର ଏକବିଂଶ ଶତାବ୍ଦୀର ପୃଥିବୀରେ ସେ ଭାବାଦର୍ଶମୟ ଜୀବନ-ଯାପନ କରୁଛି । ଆଧିଭୌତିକତାର ନିଗଡ଼ରୁ ନିଜକୁ ମୁକ୍ତ କରିପାରୁନି; ପୁଂଜିବାଦୀ ଦୁନିଆରେ ମଣିଷ ସତ୍ୟ ବାସ୍ତବତାକୁ ପିଠି କରି ଛଳନା ଓ ପ୍ରତାରଣାର ଶିକାର ହେଉଛି; ଏକ ମୁକ୍ତ ସଂଗ୍ରାମଶୀଳ ସତ୍ୟନିଷ୍ଠ ଯୁକ୍ତି ବିଚାର ଆଧାରିତ ଜୀବନ ମଣିଷ ପାଇଁ ସୁଦୂର ପରାହତ ହୋଇ ରହିଛି ।

ଭାବାଦର୍ଶକୁ ମାର୍କସ୍ 'ଝୁଟା ଚେତନା' (false consciousness) ନାମରେ ଅଭିହିତ କରିଛନ୍ତି । ସେ ଏହାକୁ Camera obscura ସହ ତୁଳନା କରିଛନ୍ତି । ମାର୍କସଙ୍କ ମତରେ "In all ideology man and their circumstances appears upside down as in camera obscura." ଅର୍ଥାତ୍ ଭାବାଦର୍ଶ ଫଟୋ ନୁହଁ ଫଟୋର ଓଲଟ ଅସ୍ତିତ୍ୱ (Negative) । ମଣିଷ ଯୁକ୍ତିବୋଧ ଯୁକ୍ତ ସମୀକ୍ଷାତ୍ମକ, ଧ୍ୟାନସ୍ଥ ହେବାର ଦୃଷ୍ଟିଭଙ୍ଗୀର ଅଭାବରୁ ଭ୍ରମ ଜାଲରେ ନିକ୍ଷିପ୍ତ ହୁଏ; ମଧୁର ମିଥ୍ୟାକୁ ଆଦରି ନିଏ; ଭାଗ୍ୟ, ଭଗବାନ, ଧର୍ମ ଅର୍ଥ, କାମ ମୋକ୍ଷ ଇତ୍ୟାଦି ଭାବାଦର୍ଶବାଦୀ

Digitized by PPRACHIN, SOA

ଧାରଣାକୁ ଆପଣାଏ; ନିଜକୁ ପୁଂଜି ଓ ରାଷ୍ଟ୍ରର କ୍ରୀଡ଼ନକ ପାଲଟାଏ । ଭାବାଦର୍ଶର ଧର୍ମୀୟ ଖୋଳପାକୁ ଉନ୍ମୋଚିତ କରିବାକୁ ଯାଇ ମାର୍କସ ଧର୍ମର ସମାଲୋଚନନା କରିଛନ୍ତି । ମାର୍କସଙ୍କ ଧର୍ମ ସଂପର୍କୀତ ସମୀକ୍ଷାତ୍ମକ ଅବବୋଧ ବିଜ୍ଞାନ ସମ୍ମତ ଓ ଉଚ୍ଚକୋଟୀର । ମାର୍କସ ଅନ୍ୟାନ୍ୟ ନାସ୍ତିକଙ୍କ ଭଳି ଈଶ୍ୱର ଅଛନ୍ତି ନାହାନ୍ତିର ଯୁକ୍ତି ଭିତରକୁ ପଶି ନାହାନ୍ତି । ବରଂ ଅତ୍ୟନ୍ତ ସଂବେଦନଶୀଳ ଭାବରେ ସେ ଧର୍ମ ଓ ଈଶ୍ୱରଙ୍କୁ 'ହୃଦୟହୀନ ପୃଥିବୀର ହୃଦୟ, ଆତ୍ମାହୀନ ପରିବେଶ ଆତ୍ମା, ନିପୀଡ଼ିତର ହାହାକାର ଓ ସର୍ବୋପରି ମଣିଷର ଅଫିମ ନିଶା ବୋଲି କହୁଛନ୍ତି । ମାର୍କସ୍ ତାଙ୍କର "A contribution to the critique of Hegel's philosophy of Right ସଂଦର୍ଭର ମୁଖବଂଧରେ ଲେଖିଛନ୍ତି;-

Religion is indeed the self consciousness and self esteem of man, who has either not yet won though to himself or has already lost himself again. But man is abstract being squatting outside the world; Man is the world of man, state, society. This state and this society produce religion, which is an inverted conscious-ness of the world, because they are an inverted world. Religion is the general theory of the world, its encyclopedic compendium, its logic in popular form, its spiritual point d'honneur, its enthusiasm, its moral sanction, its solemn complement and its universal basis of consolation and justification'. It is the fantastic realization of the human essence since the human essence has not acquired any true reality. The struggle against it is therefore indirectly the struggle against the work whose spiritual aroma is religion. Religious suffering is at one and the same time the expression of real suffering and a protest against real suffering. Religion is the 'sigh of the oppressed creature, the heart of the heartless world and sole of the soulless conditions. It is the opium of the people. The abolition of religion as the illusory happiness of the people is the demand for their real happiness. To call on them to give up their illusions about their condition is to call on them to give up a condition that requires illusions. The criticism of religion is therefore in embryo the criticism of that value of tears of which the reljgion is' halo. (Karl Marx Early writting, penguin, p-244)

ମାର୍କସଙ୍କର ଧର୍ମ ସଂପର୍କିତ ସମାଲୋଚନା ବାସ୍ତବ ଜଗତରେ ମଣିଷ ଭୋଗୁଥିବା

Digitized by PPRACHIN, SOA

ବାସ୍ତବତା (ଯାହା ଅଜ୍ଞାନ ଓ ଦୁଃଖରେ ପରିପୂର୍ଣ୍ଣ)ର ସମାଲୋଚନା । ମାର୍କସବାଦର ପ୍ରତିପକ୍ଷ ବା ମାର୍କସ୍‌ଙ୍କୁ ବିରୋଧ କରୁଥିବା ଲୋକମାନେ-ମାର୍କସ ଧର୍ମକୁ କାହିଁକି ମଣିଷର ଅଫିମ ନିଶା କହିଦେଲେ ବୋଲି ଚିହିଁକି ଉଠନ୍ତି । ମାତ୍ର ମାର୍କସଙ୍କ ଧର୍ମ ସଂପର୍କୀତ ଉପରୋକ୍ତ ସମାଲୋଚନାକୁ ପାଠକଲେ ଯେ କୌଣସି ସଂବେଦନଶୀଳ, ସଚେତନ ମଣିଷ (ଯଦି ସେ ତୀବ୍ର ଧର୍ମ ଅଫିମ ନିଷାଗ୍ରସ୍ତ ନହୋଇଥାଏ) ସମଗ୍ର ଜଗତକୁ ତା'ର ମସ୍ତିଷ୍କ ମଧ୍ୟଦେଇ ପ୍ରତିଫଳିତ କରାଇପାରିବ । ଧର୍ମ ଏକ ଭାବାଦର୍ଶ ଏହା ବାସ୍ତବ ଜୀବନର ଓଲଟ ପ୍ରତିଛବି, ମଣିଷ ପାଇଁ ମୋହମାୟା (illusion) । ଧର୍ମୀୟ ପରମ୍ପରା, ଚଳଣୀ, ପ୍ରଥାକୁ ପାଳନ କରିବାକୁ ଯାଇ ମଣିଷ ଜୀବନର ଅସଲ ସତ୍ୟ ଓ କର୍ମଠାରୁ ଦୂରେଇ ଯାଏ । ବାସ୍ତବତାଠାରୁ ପଳାୟନ କରି ସଂଘର୍ଷକୁ ଭୟକରେ । ପୂର୍ବଜନ୍ମ ପରଜନ୍ମ-ପାପ ପୂଣ୍ୟ ଓ ମୃତ୍ୟୁ ଚିନ୍ତାରେ ମଗ୍ନହୁଏ । ରାଷ୍ଟ୍ର, ପରିବାର, ଧର୍ମାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ଏପରିକି-ଗୀତାକୁ ଛୁଇଁ ଶପଥପାଠ କରାଉଥିବା ନ୍ୟାୟାନୁଷ୍ଠାନମାନେ ଧର୍ମୀୟ ନୈତିକତାର ପ୍ରଚାର କରି ମଣିଷକୁ ଧର୍ମଭୀରୁ କରି ଗଢ଼ି ତୋଳନ୍ତି । ସେମାନେ ମଣିଷକୁ ଧର୍ମ, ଈଶ୍ୱର, ମୋକ୍ଷ, ଆତ୍ମା, ପରମାତ୍ମା-ଇତ୍ୟାଦି ଲକ୍ଷ ଓ ଆଦର୍ଶ ଆଡ଼େ ମୁହାଁଇନିଅନ୍ତି । ଧର୍ମ ରୂପକ ଭାବାଦର୍ଶ କବଳରୁ ମଣିଷ ମୁକ୍ତ ନହେବାଯାଏ ସାମାଜିକ ମୁକ୍ତି ସଂଭବ ନୁହେଁ । ମାର୍କସଙ୍କ ଧର୍ମ ସଂପର୍କୀତ ସମାଲୋଚନାର ଚରମ ଉତ୍କର୍ଷତା ଧର୍ମକୁ ଇତିହାସର ପ୍ରେକ୍ଷାପଟରୁ ଦେଖିବା ମଧ୍ୟ ଦେଇ ସଂଭବ ହୋଇଛି । ମାର୍କସଙ୍କ ମତରେ- " therefore the task of history, once the other world of truth has vanished is to establish the truth of this world. It is the imediate task of philosophy, which is in the service of history, to unmask the self- estrangement in its unholy forms once the holy form of human self-estrangement has been unmasked, thus the criticism of haven turns into the criticism of earth, the criticism of theology into the criticism of politics. (ibid,p-244) । ମାନବକୁ ଅନ୍ତହୀନ ସମାଲୋଚନାର ପରିଣତି ସଂପର୍କରେ ସଚେତନ କରାଇ ଦେବାକୁ ଯାଇ ମାର୍କସ ବାସ୍ତବ ଜୀବନ ଏକ ପ୍ରସ୍ଫୁଟିତ ପୁଷ୍ପରୂପୀ ଧର୍ମ ସମାଲୋଚନାର ସୁନ୍ଦର ଉପମାଟିଏ ପ୍ରଦାନ କରି କରିଛନ୍ତି, ଯଥା:- 'The criticism has plucked the imaginary flowers on the chain not in order that man shall continue to bear that chain without fantasy or consolation but so that pluck the living flower. The criticism of religion disillusions man, so that he wills think, act & fashion his reality like a man who

Digitized by PPRACHIN, SOA

has discarded his illusions and required his senses, so that he will move arround himself as his own true sun. Religion is only the illusory sun which revolves around man as long as he does not revolve around himself (ibid-p-244) । ମଣିଷ ନିଜର ସୂର୍ଯ୍ୟକୁ ଚିହ୍ନୁ, ନିଜକୁ ଚିହ୍ନୁ, ନିଜ ଚାରିପାଖରେ ଘୂରୁ; ଧର୍ମ, ଈଶ୍ୱର ଇତ୍ୟାଦି ଅପରା-ପର ଚତୁଃପାର୍ଶ୍ୱରେ ଘୂରିବା ଅର୍ଥ ନିଜଠାରୁ ନିଜେ ଦୂରେଇଯିବା; ନିଜେ ନିଜକୁ ପ୍ରତାରିତ କରିବା । ଉପରୋକ୍ତ ଉଦ୍ଧୃତିମାନଙ୍କୁ ଆଖିରେ ରଖି ବିଚାର କଲେ ମାର୍କସଙ୍କର ଧର୍ମ ସଂପର୍କିତ ସମାଲୋଚନାମୂଳକ ଜ୍ଞାନ ହିଁ ଅସଲ 'ଧର୍ମଜ୍ଞାନ' । ମଣିଷ ବାସ୍ତବ ସୁଖ ଶାନ୍ତି ପାଇଁ ଅନ୍ତିମରେ ଧର୍ମର ଉଚ୍ଛେଦକୁ ଡାକି ଆଣେ । ମାର୍କସ କେବଳ ଧର୍ମର ଉଚ୍ଛେଦ ସାଧନ ଚାହିଁ ନାହାଁନ୍ତି । ସେ ଧର୍ମୀୟ ମିଥ୍ୟାରୁ ଲାଭ ଉଠାଇଥିବା ଶ୍ରେଣୀ ଶାସନଯୁକ୍ତ ଦମନମୂଳ ରାଷ୍ଟ୍ରର ଉଚ୍ଛେଦ ସାଧନ (wither away of the state) ଚାହିଁଛନ୍ତି ।

ଧର୍ମୀୟ ଭାବାଦର୍ଶ ମୂଳକ ଝୁଟା ଚେତନାର ପରିଣତ ଭୟଙ୍କର । ମଣିଷକୁ ଶହ ଶହ ବର୍ଷଧରି କିଭଳି ଝୁଟା ଚେତନାର ବଶବର୍ତ୍ତୀ ହେବାପାଇଁ ବାଧକରାଯାଇଛି ତା'ର ରାଶି ରାଶି ଉଦାହରଣ ଇତିହାସ ପୃଷ୍ଠାରେ ଦେଖିବାକୁ ମିଳିଥାଏ । କୋପରନିକଷଙ୍କର ଅଭିଜ୍ଞତାକୁ ଭିତ୍ତି କରି ଜିଓରଦାନୋ ବ୍ରୁନୋ ଯେତେବେଳେ, 'ପୃଥିବୀ ସୂର୍ଯ୍ୟ ଚାରିପଟେ ଘୂରୁଛି' ସତ୍ୟର ପ୍ରଚାର କଲେ ସେତେବେଳେ ବାଇବେଲର ଉକ୍ତି 'ସୂର୍ଯ୍ୟ ପୃଥିବୀ ଚାରିପଟେ ଘୂରୁଛି' ଭୁଲ ହୋଇଯିବ ଭାବି ଧର୍ମାଂଧମାନେ ବ୍ରୁନୋଙ୍କୁ ନିଆଁରେ ପୋଡ଼ି ମାରିଦେଲେ; ଗଣିତର ପ୍ରଚାର କରିବାକୁ ଯାଇ ଗ୍ରୀସ୍‌ର ତରୁଣୀ ଅଧ୍ୟାପିକା ହାଇପାସିଆଙ୍କୁ ସମଦଶା ଭୋଗିବାକୁ ପଡିଥିଲା; ଗାଲିଲିଓ ତ ନିଜ ଆବିଷ୍କୃତ ତତ୍ତ୍ୱ ଭୁଲ ବୋଲି କହି କାରଦଣ୍ଡରୁ ମୁକ୍ତି ପାଇଥିଲେ । ବିଜ୍ଞାନର ପ୍ରତିଷ୍ଠା ସକାଶେ ଅତୀତରେ ସେମାନେ ଯଦି ଏହିପରି ତ୍ୟାଗ ସ୍ୱୀକାର କରିନଥାନ୍ତେ ତାହେଲେ ଆଜିଯାଏଁ ସୂର୍ଯ୍ୟ ପୃଥିବୀ ଚାରିପଟେ ଘୂରୁଥାନ୍ତା ଓ ବିଜ୍ଞାନର ଅଧିକାଂଶ ଅନୁମାନ ଭୁଲ ହେଇଥାନ୍ତା; ବିଜ୍ଞାନ ଆଜି ଯେଉଁଠି ପହଂଚିଛି ସେଠାରେ ପହଂଚି ପାରି ନଥାନ୍ତା; ଦାର୍ଶନିକ କୁନ୍‌ଙ୍କ ଭାଷାରେ ପୃଥିବୀ Heliocentric ନ ହୋଇ Geocentric ହୋଇ ରହିଥାନ୍ତା । ବିଶ୍ୱରେ ଭାବାଦର୍ଶ ସଦାସର୍ବଦା ରାଷ୍ଟ୍ର ଓ ସମାଜ ସହ ଜଡ଼ିତ-ସାମାଜିକ ସଂପର୍କ ମଧ୍ୟସ୍ଥ ଏକ ଚିନ୍ତାଧାରା ବା ମତାଦର୍ଶ । ମାର୍କସ ଭାବାଦର୍ଶର ଅବସ୍ଥାନକୁ ନିରୂପଣ କରିବାକୁ ଯାଇ ଭିତ୍ତିଭୂମି (Base) ଓ ଉପରିସ୍ଥ ଗଢ଼ଣ (Super-structure) ଆଲୋଚନା ମଧ୍ୟରେ ପ୍ରବେଶ କରିଛନ୍ତି ।

ମାର୍କସ ତାଙ୍କର "Contribution to the critique of political economy" ସଂଦର୍ଭର ମୁଖବନ୍ଧରେ କହିଛନ୍ତି- "In the social production of

Digitized by PPRACHIN, SOA

their existence, men inevitable enter into a definite relations, which are independent of their will, namely relations of production appropriate to a given stage in the development of their material force of production. The totality of these relations of production constitute the economic structure of society, the real foundation, on which arises a legal and political superstructure and to which correspond definite forms of social consciousness. The mode of production of material life conditions the general process of social, political and intellectual life. It is NOT THE CONSCIOUSNESS OF MEN THAT DETERMINES THEIR EXISTENCE, BUT THERE SOCIAL EXISTENCES, THAT DETERMINE THEIR CONSCIOUSNESS. At a certain stage of development, the material productive forces of society come' into conflict with the existing relations of production... From forms of development of productive forces these relations turns into their fetters. Then begins an era of social revolution. The change in economic foundation lead sooner or later to the transformation whole immense super structure. In studying such transformation of the economic condition of production, which can be determined with the precision of natural science, and the legal, political; religious, artistic or philosophic in such ideological form in which men become conscious of this conflict and fight it out (ibid-425). ମାର୍କସ ତାଙ୍କ ରଚନାରେ ପୁଞ୍ଜିବାଦୀ ରାଷ୍ଟ୍ରର ସମଗ୍ର ଉପରିସ୍ଥ ଗଢ଼ଣ (Super structure)କୁ ଭାବାଦର୍ଶ ଆଖ୍ୟା ଦେଇଛନ୍ତି । ଅର୍ଥାତ୍ ଗୋଟାଏ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାରେ ସମାଜର ଅର୍ଥନୈତିକ ସ୍ତର ତା'ର ଅସ୍ତିତ୍ୱକୁ ବଜାୟ ରଖେ, ଉପରିସ୍ଥ ଗଢ଼ଣ (Super structure) ବା ଭାବାଦର୍ଶ ମାଧ୍ୟମରେ । ମାର୍କସଙ୍କ ମତରେ ପୁଞ୍ଜିବାଦୀ ସମାଜରେ ଭାବାଦର୍ଶର ପ୍ରଚାର ଉପରିସ୍ଥ ଗଢ଼ଣ (Super structure) ମାଧ୍ୟମରେ ହୋଇଥାଏ । ଏହି ଉପରିସ୍ଥ ଗଢ଼ଣ (Super structure) ହେଲା ଧର୍ମ, ରାଜନୀତି, କଳା ସାହିତ୍ୟ, ନ୍ୟାୟ ବ୍ୟବସ୍ଥା, ଦର୍ଶନ ଇତ୍ୟାଦି ।

ମାର୍କସ ଭିତ୍ତିଭୂମି ଓ ଉପରିସ୍ଥ ଗଢ଼ଣ ଓ ତା'ର ଆନ୍ତ ସଂପର୍କ ବାବଦରେ ଆଲୋଚନା କରିବାକୁ ଯାଇ ଉତ୍ପାଦନ ସଂପର୍କ ଓ ଉତ୍ପାଦିକା ଶକ୍ତି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ମାର୍କସଙ୍କ ମତରେ ପୁଞ୍ଜିବାଦୀ ଅର୍ଥନୀତି ମଣିଷ ମଧ୍ୟରେ ବ୍ୟକ୍ତିଗତ

Digitized by PPRACHIN, SOA

ସଂପର୍କ ଭିତ୍ତିକ ଚିନ୍ତା ଭାବନା ପ୍ରତିଫଳିତ କରିବ । ସାମନ୍ତବାଦରେ ଧର୍ମ ଭଳି ପୁଞ୍ଜିବାଦରେ ମଣିଷ ବଜାର ସର୍ବସ୍ୱ ଚିନ୍ତାର ବଶବର୍ତ୍ତୀ ହୋଇ ପଡ଼ିବ । ପୁଞ୍ଜିବାଦରେ ଟଙ୍କା 'ଈଶ୍ୱର'ର ସମକକ୍ଷ ବା ଈଶ୍ୱର ଠାରୁ ଅଧିକ ଶକ୍ତିଶାଳୀ ମନେହେବ । ଏହି ବ୍ୟବସ୍ଥାରେ ମଣିଷର ଶ୍ରମ ହେବ ବିକ୍ରୀଯୋଗ୍ୟ ପଣ୍ୟ ଓ ସେଇ ଶ୍ରମ ଉଦ୍‌ବୃତ୍ତ ମୂଲ୍ୟ ସୃଷ୍ଟି କରିବ । ପୁଞ୍ଜିବାଦୀ ବ୍ୟବସ୍ଥାରେ ମଣିଷ ପଣ୍ୟ ମୋହର ଇନ୍ଦ୍ରଜାଲ (Commodity fetishism) ର ଶିକାର ହୋଇ ଆତ୍ମ ବିଚ୍ଛିନ୍ନତା (Self Estrangement) ଭୋଗିବ । ମାର୍କସ୍ ଶ୍ରମିକ ଶ୍ରେଣୀର ଇତିହାସ ଚେତନାକୁ ଏକ ବାସ୍ତବ ଶକ୍ତି material force ବର୍ଣ୍ଣନା କରି ଏହା ସାମାଜିକ ସଂପର୍କ (ପୁଂଜି ଓ ଶ୍ରମର ସଂପର୍କ) କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ଆଶା ପୋଷଣ କରନ୍ତି । ଏହା ଉତ୍ପାଦନ ସଂପର୍କ ଓ ଉତ୍ପାଦିକା ଶକ୍ତିର ବିକାଶ ମଧ୍ୟଦେଇ ସଂଗଠିତ ହେବ ବୋଲି ମାର୍କସଙ୍କ ମତ । ମାତ୍ର ଭାବାଦର୍ଶ ଯେ ମାର୍କସବାଦ ଭଳି ଏକ ବୈଜ୍ଞାନିକ ଆବିଷ୍କାରକୁ ବାସ୍ତବାୟିତ ହେବାକୁ ଦେବନାହିଁ- କେବଳ ଭାବାଦର୍ଶପାଇଁ ମାର୍କସବାଦୀ ଢ଼ଂଗରେ ସମାଜ ପରିବର୍ତ୍ତନ ବିଳମ୍ବିତ ହେବ ଏକଥା ଅତୀତରେ ଯେମିତି ସତ୍ୟ ହୋଇକରିଥିଲା ଆଜି ବି ସେମିତି ସତ୍ୟ ହୋଇ କରି ରହିଛି । Existance precedes essence (ସାର୍ତ୍ର) ନ୍ୟାୟରେ ବିଜ୍ଞାନ (ମାର୍କସବାଦ ବା ଶ୍ରେଣୀ ଚେତନା ବା ଇତିହାସ ଚେତନା) ବଦଳରେ ମଣିଷ ସମାଜ ଉପରେ ଆଧିଭୌତିକତା ବା ଭାବାଦର୍ଶର ରାଜୁତି ଚାଲିବ । ଉପଭୋକ୍ତାବାଦ, ଧର୍ମୀୟ ଅଭ୍ୟୁଥାନବାଦ ସଂପ୍ରତି ବିଳମ୍ବିତ ପୁଂଜିବାଦୀ ବ୍ୟବସ୍ଥାର (Late Capitalism)ସମସ୍ୟା । ବର୍ତ୍ତମାନ କେବଳ ଉଦାର ଗଣତନ୍ତ୍ର ନୁହେଁ କମ୍ୟୁନିଷ୍ଟ ଶାସିତ ରାଷ୍ଟ୍ରମାନଙ୍କରେ ଭାବାଦର୍ଶର ବିପୁଳ ପ୍ରଭାବ ଲକ୍ଷ କରାଯାଏ । ଏକଦା ଋଷିଆରେ ଯୋସେଫ୍ ଷ୍ଟାଲିନଂକ ରଚନା ଓ ରାଜନୀତି ମାର୍କସବାଦକୁ ଭାବାଦର୍ଶ ଆଡ଼କୁ ମୁହାଁଇ ନେଇଥିଲା । ମୂଳ ମାର୍କସବାଦ ଯେ ଏକ ବିଜ୍ଞାନ ତାହା ତଥାକଥିତ ମାର୍କସବାଦୀମାନେ ବୁଝିପାରିବେନି । ମାର୍କସବାଦ ଯାହା ଏକ ଚିନ୍ତା କ୍ରିୟାର ଦର୍ଶନ (Philosphy of praxis) ଯେଉଁ ଦର୍ଶନ ମାଧ୍ୟମରେ ଶ୍ରମଜୀବି ମଣିଷର ଇତିହାସ ସଚେତନତା ଦ୍ୱାରା ସାମାଜବାଦ ଓ ସାମ୍ୟବାଦର ନିର୍ମାଣ ହେବା କଥା ତାହା ସଂପ୍ରତି ଭାବାଦର୍ଶର ପ୍ରାବଲ୍ୟରୁ ସଂଭବ ହୋଇପାରୁନି । ଫଳତଃ ସମାଜବାଦ ରାଷ୍ଟ୍ରୀୟ ପୁଂଜିବାଦ ରୂପ ନେଉଛି; କେତେକ କ୍ଷେତ୍ରରେ ଏହା ପୁଂଜୀବାଦୀ ଗଣତନ୍ତ୍ର ଆଡ଼କୁ ପଶ୍ଚାତ୍‌ଧାବନ କରୁଛି । ମାର୍କସଙ୍କର ରାଷ୍ଟ୍ର ମଉଳି ଯିବା (wither away of state) ସ୍ୱପ୍ନ ସଫଳ ହୋଇ ପାରୁନି; 'ସମାଜ ମୁକ୍ତ ଉତ୍ପାଦନକାରୀଙ୍କ ସଂପର୍କ (Association of the free producer) ଯେଉଁଠି ମଣିଷ ସକାଳେ

Digitized by PPRACHIN, SOA

ମାଛଧରାଳୀ, ଦିବସରେ ଶ୍ରମିକ, ଅପରାହ୍ନରେ ସୀତାରବାଦକ' କଥାଟି ସଂଭବ ହୋଇ ପାରୁନି । ଭିତ୍ତିଭୂମି ବଦଳିବା ପଥରେ ଉପରର ଗଢ଼ଣ (ଭାବାଦର୍ଶ) ସାମ୍ୟବାଦର ପଥ ଓଗାଳୁଛି ।

ଇତିହାସରେ ଭାବାଦର୍ଶର ଆଲୋଚନା ଓ ଚର୍ଚ୍ଚା:

ଏକଦା ଇଉରୋପରେ, ସମ୍ରାଟ ନେପୋଲିୟନ ଭାବାଦର୍ଶ ଶବ୍‌ଦଟିକୁ ପ୍ରିୟ କରି ଗଢ଼ି ତୋଳିଥିଲେ । ସେ ସୁନ୍ଦରୀ ଫ୍ରାନ୍‌ସ୍‌ର ପରାଜୟ ପାଇଁ ଭାବାଦର୍ଶକୁ ଦାୟୀ କରାଇଥିଲେ । ନେପୋଲିୟନଙ୍କ ଧାରଣାରେ ବୈପ୍ଲବିକ ପ୍ରତିହିଂସା ନାଁରେ ଗିଲୋଟିନ୍ ପ୍ରୟୋଗ ଥିଲା ଭାବାଦର୍ଶର ଦାନ । ନେପୋଲିୟନଙ୍କ ମତରେ We must lay the blame for the ills which our fair Franch has suffered on ideology, that shadow metaphysics which subtly serches for first chances on which to base the legislation of peoples, rather, than making use of the laws known to the human heart and of the lessons of the history. These errors must invitable and did in fact lead to the rule of blood thirsty men. (Ideology-Devid Hawkes, Routledge, P-59) । ନୋପୋଲିୟନଙ୍କର ଭାବାଦର୍ଶ ସଂପର୍କୀତ ଉପରୋକ୍ତ ମଂତବ୍ୟ 'ଫାସୀବାଦ' ଓ 'ଷ୍ଟାଲନ୍‌ବାଦ'ର ବ୍ୟାଖ୍ୟା ପାଇଁ ପ୍ରଯୁଜ୍ୟ । ଇତିହାସ ଓ ଦର୍ଶନରେ ଭାବାଦର୍ଶକୁ ଜନପ୍ରିୟ କରାଇବାରେ ନେପୋଲିୟନଙ୍କର ଭୂମିକା ଥିଲେ ମଧ୍ୟ ଭାବାଦର୍ଶ ଶବ୍‌ଦର ବ୍ୟବହାର ପ୍ରାଚୀନ । ସଂଭବତଃ ବିଶ୍ୱ ଦର୍ଶନରେ ପ୍ରୋଟାଗୋରସ୍ ଓ ମିନୋ ବାର୍ତ୍ତାଳାପରେ ପ୍ଲାଟୋ ପ୍ରଥମେ ଦର୍ଶନ ଜଗତରେ ଭାବାଦର୍ଶର ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ଏହି ଆଲୋଚନାରେ ବସ୍ତୁନିଷ୍ଠ ସତ୍ୟକୁ ଅସ୍ୱୀକାର କରାଯାଇଥିଲା । ପ୍ଲାଟୋଙ୍କ 'ଆଦର୍ଶରାଷ୍ଟ୍ର' ଦ୍ୱାନ୍ଦାତ୍ମକ ବସ୍ତୁବାଦୀ ଦର୍ଶନକୁ ଭାବବାଦୀ କରି ଗଢ଼ିତୋଳିଥିଲା । ଗ୍ରୀକ୍ ଦର୍ଶନ ଅଂତ ହେବା ପରେ ବିଶ୍ୱରେ ଚିରାୟିତ ଜର୍ମାନ ଦର୍ଶନ ଶ୍ରେଷ୍ଠତା ଲାଭ କଲା । କାଂଟ ଓ ହିଗେଲ, ଫିଓରବାଖ୍ ମୁଖ୍ୟତଃ ଚିରାୟତ ଜର୍ମାନ ଦର୍ଶନର ଭିତ୍ତି ପକାଇଲେ ।

କାଂଟଂକର ଉତ୍ତରଣ ଧର୍ମୀ ବ୍ୟକ୍ତିତ୍ୱ (Transdental Subject) ଓ ହିଗେଲଙ୍କର ପରମ ଭାବ (absolute idea) ଭାବବାଦୀ ଅନୁଚିନ୍ତାର ପ୍ରକାଶ । ଏହା ଅରବିନ୍ଦଙ୍କର 'ଅତି ମାନସ' ଓ ଶଙ୍କରଙ୍କର 'ପରମାତ୍ମା' ସହ ତୁଳନୀୟ । ମାର୍କସ ହିଗେଲଂକ 'ପରମଭାବ' ମଧରେ ଈଶ୍ୱର ବିଦ୍ୟାର ସୌନ୍ଦର୍ଯ୍ୟ ଓ ଅଧି ଭୌତିକ ସୂକ୍ଷ୍ମତା

Digitized by PPRACHIN, SOA

(Metaphysical Subtlity and Theological nicity) ଲକ୍ଷ୍ୟ କରିଥିଲେ । ସେ ତାଙ୍କର ଐତିହାସିକ ବସ୍ତୁବାଦୀ ଦର୍ଶନ (Historical matterialistic philosophy) ନିର୍ମାଣ କାଳରେ ମୁଣ୍ଡରେ ଚାଲୁଥିବା ହିଗେଲେଂକୁ ଗୋଡ଼ରେ ଚଲାଇଲେ । ଯାହାକୁ ସେ 'Inversion' ଆଖ୍ୟା ଦେଲେ । ଏ ପ୍ରକ୍ରିୟାରେ ମାର୍କସ ହିଗେଲଙ୍କ ଦର୍ଶନର ଅଧିଭୌତିକ କୋଷ (Metaphysical cell) ମଧ୍ୟରୁ ଯୌକ୍ତିକ ରକ୍ତ ପ୍ରବାହ (Rational carnal) ଆବିଷ୍କାର କଲେ । କେବଳ ପରମ ଭାବ ନୁହଁ ମାର୍କସ ହିଗେଲଙ୍କ ଦର୍ଶନରେ ନାଗରିକ ସମାଜ (Civil Society), ନ୍ୟାୟ, ସ୍ୱାଧୀନତା ସଂପର୍କିତ ଧାରଣାରେ ଭାବବାଦର ଗଂଧ ବାରିଲେ । ସେ ହିଗେଲଙ୍କ ଦର୍ଶନର ଉପରୋକ୍ତ ଭାବନାମାନ ଦମନମୂଳକ ରାଷ୍ଟ୍ରର ଅଧିନସ୍ଥ ବୋଲି ଦର୍ଶାଇଲେ । ମାର୍କସ ହିଗେଲଙ୍କ ଦର୍ଶନ ମାଧ୍ୟମରେ; ଗଣତନ୍ତ ଅତିବେଶିରେ ସାବାଳକ ଭୋଟପ୍ରଥା ଓ ସ୍ୱାଧୀନତା ଅତିବେଶିରେ ନାଗରିକ ସମାଜ ପର୍ଯ୍ୟନ୍ତ ଯାଇପାରିବ ବୋଲି କହିଲେ । ମାର୍କସଙ୍କର ସାମ୍ୟବାଦର ଲକ୍ଷ୍ୟ ହେଲା ମାନବ ସମାଜ (Human Society); ଯେଉଁ ମାନବ ସମାଜରେ-ମଜୁରୀ ଦାଶ ପ୍ରଥା ଓ ଶ୍ରମର ପଣ୍ୟ ଚରିତ୍ର ବିଲୁପ୍ତ ହେବ; ଶ୍ରମ ବିଭାଜନର ବିଲୟ ଘଟି ରାଷ୍ଟ୍ର ମଉଳି ଯିବ; ମଣିଷ ତା'ର ସାମର୍ଥ୍ୟ ଅନୁସାରେ କାମ କରିବ ଓ ଆବଶ୍ୟକତା ଅନୁସାରେ ପାଇବ ଇତ୍ୟାଦି । ମାର୍କସଙ୍କ ମାନବ ସମାଜରେ ମଣିଷ ପ୍ରାକୃତିକ ଓ ପ୍ରକୃତି ମାନବୀୟ ହେବ ବୋଲି କହିଲେ; ଯାହାକୁ ସେ naturalised human being ଓ Humanrised nature ଉକ୍ତି ମାଧ୍ୟମରେ ବ୍ୟକ୍ତ କଲେ । ଏଠାରେ ମଣିଷ ପାଇଁ ସ୍ୱାଧୀନତା ନିଜେ ନିଜର ଅନ୍ତ (End in itself) ସଦୃଶ ହେଲା । ମାର୍କସଙ୍କର ସାମ୍ୟବାଦକୁ 'ରାମରାଜ୍ୟ' କହି ଉଡ଼ାଇ ଦେଲେ ଚଳିବନି । କାରଣ ମାର୍କସଙ୍କର ନୈରାଜ୍ୟର ଏହି 'ରାଜ୍ୟ' ଟି ମଣିଷର ଶ୍ରେଣୀ ଚେତନା ଓ ଇତିହାସ ଚେତନା ଦ୍ୱାରା ଗଢ଼ା ହୋଇଥିବ; ତାହା ପୁଣି ଦ୍ୱନ୍ଦାତ୍ମକ ପଦ୍ଧତିକୁ ଅନୁସରଣ କରି; ଯେଉଁ ପଦ୍ଧତି ଭାବଦର୍ଶର ବିଶାଳ ଅବଚେତନକୁ ବୈପ୍ଲବିକ ଅଭ୍ୟୁଥାନର ସାମାଜିକ କ୍ରିୟା (PRAXIS) ମାଧ୍ୟମରେ ମୂଳୋତ୍ପାଟିତ କରୁଥିବ ।

ଭାବାଦର୍ଶ ସଂପର୍କରେ ଇଗଲଟନ୍:

ଭାବାଦର୍ଶ ସଂପର୍କରେ ବ୍ରିଟେନ୍‌ର ସାହିତ୍ୟ ସମାଲୋଚକ ଟେରି ଇଗଲ୍‌ଟନ୍ (Tery Eagleton)ତାଙ୍କର Ideology an introuduction ପୁସ୍ତକରେ ଏକ ଲମ୍ୱାତାଲିକା ପ୍ରସ୍ତୁତ କରିଛନ୍ତି ତାହା ହେଲା (a) Process of production of

Digitized by PPRACHIN, SOA

meanings, sings and values in social life (b) a body of ideas characteristic of particular social group or class (b) Idea to legitimate dominant political power (c) False idea which help to legitimate a dominant political power. (d) Systometically distoted communication (e) Forms of thought motivated by social interest (f) Indentity Thinkng (g) Socially necessary illusion (h) Conjucture of discourse and power (i) the midium in which conscious social actor make snese of their world (j) Action oriented set of belief (k) confusion of linguistic and phenomenal reality (l) Semiotic closure (m) indispensible midium in which offer position to subject । ଭାବାଦର୍ଶ ସଂପର୍କରେ ଇଗଲଟନ୍ ଉପରୋକ୍ତ ପୁସ୍ତକରେ ଭାବାଦର୍ଶକୁ ସତ୍ୟ ମିଥ୍ୟାର ଏକ ଲୁଚକାଳି ଖେଳ ମନେ କରିଛନ୍ତି । ସେ ଭାବାଦର୍ଶକୁ ଶତ ପ୍ରତିଶତ 'ଝୁଟା' ମାନିନାହାନ୍ତି ।

ଭାବାଦର୍ଶ ସଂପର୍କରେ ଆଲଥୁସର:

ରାଷ୍ଟ୍ର ପରିଚାଳନା ଯେ ଏକ ପ୍ରଯୁକ୍ତି ଓ ଭାବାଦର୍ଶ ଏହାର ଆଧାର, ଏ ସଂପର୍କରେ ଫରାସୀ ଦାର୍ଶନିକ ଲୁଇ ଆଲଥୁସର ତାଙ୍କର Ideology ପୁସ୍ତକରେ Ideological state Apparatuses ଅଧ୍ୟାୟରେ ବିଶଦ ଆଲୋଚନା କରିଛନ୍ତି । ଆଲଥୁସରଂକ ମତରେ ଦମନ ମୂଳକ ରାଷ୍ଟ୍ର ଭାବାଦର୍ଶ ବିନା ତିଷ୍ଠି ପାରେନା । ରାଷ୍ଟ୍ର ନିଜର ବୈଧତା (legitimacy) ବଜାୟ ରଖିବା ପାଇଁ ଭାବାଦର୍ଶର ସାହାଯ୍ୟ ଲୋଡ଼େ । ରାଷ୍ଟ୍ର ସଂପର୍କିତ ମାର୍କସବାଦୀ ତତ୍ତ୍ୱର ଆଧାରରେ ଆଲଥୁସର ରାଷ୍ଟ୍ର ସୁରକ୍ଷା ଦମନମୂଳକ ରାଷ୍ଟ୍ରଯନ୍ତ୍ର (Repressive state Apparatus) ଓ ଭାବାଦର୍ଶମୂଳକ ରାଷ୍ଟ୍ରଯନ୍ତ୍ର (Ideological state Apparatus) ଦ୍ୱାରା ସଂଭବ ବୋଲି କହିଛନ୍ତି । ରାଷ୍ଟ୍ରର ଦମନ ମୂଳକ ଅଂଗ ଭାବରେ ସେ ସୈନ୍ୟବାହିନୀ,ପୋଲିସ୍, ନ୍ୟାୟାଳୟ ଓ କାରାଗାର ପ୍ରତି ଅଂଗୁଳି ନିର୍ଦ୍ଦେଶ କରିଛନ୍ତ; ଏମାନେ ଆବଶ୍ୟକ ସ୍ଥଳେ ହିଂସା ଆଚରଣ ଓ ଦଂଡ଼ ବିଧାନ ପାଇଁ କ୍ଷମତା ପ୍ରାପ୍ତ । ଦମନମୂଳକ ରାଷ୍ଟ୍ରଯନ୍ତ୍ର ବ୍ୟତିରେକ ଆଲଥୁସର ରାଷ୍ଟ୍ରର ସୁରକ୍ଷା ପାଇଁ ଭାବାଦର୍ଶମୂଳକ ରାଷ୍ଟ୍ରଯଂତ୍ରର ନିମ୍ନ ତାଲିକାଟି ପ୍ରସ୍ତୁତ କରିଛନ୍ତି । ଯଥା-(୧) ଧର୍ମୀୟ ରାଷ୍ଟ୍ରଯଂତ୍ର (୨) ପାରିବାରିକ ରାଷ୍ଟ୍ରଯନ୍ତ୍ର (୩) ଶୈକ୍ଷିକ ରାଷ୍ଟ୍ରଯନ୍ତ୍ର (୪) ନ୍ୟାୟିକ ରାଷ୍ଟ୍ରଯନ୍ତ୍ର (୫) ରାଜନୈତିକ ରାଷ୍ଟ୍ରଯନ୍ତ୍ର (୬) ଶ୍ରମିକ ସଂଗଠନ ଧର୍ମୀ ରାଷ୍ଟ୍ରଯନ୍ତ୍ର (୭) ଗଣ ମାଧ୍ୟମ-ଧର୍ମୀ ରାଷ୍ଟ୍ରଯଂତ୍ର । ସାଂସ୍କୃତିକ (କଳା, ସାହିତ୍ୟ, ସିନେମା, ଟି.ଭି., ରେଡ଼ିଓ ଇତ୍ୟାଦି)

Digitized by PPRACHIN, SOA

ରାଷ୍ଟ୍ରଯନ୍ତ୍ର । ଆଲଥୁସରଙ୍କ ମତରେ ଦମନମୂଳକ ରାଷ୍ଟ୍ରଯଂତ୍ରକୁ ଇଂରାଜୀରେ Repressive state-Apparatus (RSA) ଓ ଭାବାଦର୍ଶ ମୂଳକ ରାଷ୍ଟ୍ରଯନ୍ତ୍ରକୁ Ideological state Apparatus (ISA) ନାମ ଦେଇଛନ୍ତି ।

ଆଲଥୁସରଂକର ଭାବାଦର୍ଶବାଦୀ ରାଷ୍ଟ୍ରଯନ୍ତ୍ର (ISA) ଓ ଦମନମୂଳକ ରାଷ୍ଟ୍ରଯନ୍ତ୍ର (RSA) ପୃଥିବୀରେ ବୁର୍ଜୁୟା ଗଣତଂତ୍ର ଓ କମ୍ୟୁନିଷ୍ଟ ଶାସିତ ରାଷ୍ଟ୍ର ଉଭୟତ୍ର କାର୍ଯ୍ୟ କରୁଛି ଓ ରାଷ୍ଟ୍ର ପରିଚାଳନାର ପ୍ରଧାନ ଅଂଗ ହୋଇ କରି ରହିଛି ବୋଲି କହନ୍ତି । ସମାଜବାଦୀ ରାଷ୍ଟ୍ରରେ ଏହା ସାମ୍ୟବାଦ ପ୍ରତିଷ୍ଠାର ଦାବୀ ଉପସ୍ଥାପିତ କରୁଥିଲାବେଳେ ଉଦାର ଗଣତଂତ୍ରବାଦୀ ରାଷ୍ଟ୍ରରେ ଏହା ଉଚ୍ଚତର ଗଣତଂତ୍ର (Higher form of democracy) ହାସଲର ଲକ୍ଷ୍ୟରେ ପରିଚାଳିତ ବୋଲି ଦାବୀ କରେ । କିନ୍ତୁ ଉଭୟ ରାଷ୍ଟ୍ରର କଥା ଓ କାର୍ଯ୍ୟରେ ତାରତମ୍ୟ ଲକ୍ଷ୍ୟ କରାଯାଏ । ଅର୍ଥାତ୍ ଉଭୟ ରାଷ୍ଟ୍ର, ଯଥା ଅଧିକାଂଶ ସାମ୍ୟବାଦୀ ରାଷ୍ଟ୍ର ରାଷ୍ଟ୍ରୀୟ ପୁଂଜିବାଦ ଆଡ଼େ ମୁହାଁଉଥିଲାବେଳେ ପୁଂଜିବାଦୀ ରାଷ୍ଟ୍ରମାନେ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରନ୍ତି ଓ ପଛୁଆ ପୁଂଜିବାଦୀ ରାଷ୍ଟ୍ରମାନେ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ଗୋଡ଼ାଣିଆ ସାଜନ୍ତି । ସଂପ୍ରତି କର୍ପୁରେଟ୍ ଶାସିତ ପୃଥିବୀ ବୁର୍ଜୁୟା ଓ ବ୍ୟୁରୋକ୍ରାଟମାନଙ୍କର ଏକନାୟକତଂତ୍ରରେ ରୂପାନ୍ତରିତ ହୋଇଛି । ପୃଥିବୀରେ କିଛି ଲାଟିନ୍ ଆମେରିକୀୟ ଦେଶ (କ୍ୟୁବା, ଭେନେଜୁଏଲା) ଇତ୍ୟାଦି ଓ ସ୍କାଂଡ଼ିନେଭୀୟ ଦେଶ (ନରୱେ, ସୁଇଡେନ, ସୁଇଜରଲ୍ୟାଣ୍ଡ ଇତ୍ୟାଦି) ରାଷ୍ଟ୍ରରର ଦମନମୂଳକ ଚରିତ୍ର ଅପେକ୍ଷାକୃତ କମ୍ ଦେଖିବାକୁ ମିଳୁଛି । ଅନ୍ୟତ୍ର ଆଇନର ଶାସନ ନାଁରେ ରାଷ୍ଟ୍ର ଅଭିଜାତ ତଂତ୍ର (Oligarchy) ଓ ସୈରତଂତ୍ର (dictatorship) ଓ ପ୍ଲୁଟୋକ୍ରାସୀ ଆଡ଼କୁ ମୁହାଁଉଥିବା ଲକ୍ଷ୍ୟ କରାଯାଉଛି । ସଂପ୍ରତି ଭାବାଦର୍ଶ ଭିତରେ ବୁଡ଼ି ରହିଥିବା ଶାସକ ଓ ଶୋଷିତ ଉଭୟ ବର୍ଗର ଲୋକମାନେ ପ୍ରକୃତ ଗଣତଂତ୍ର ଓ ପ୍ରକୃତ ସାମ୍ୟବାଦ ଏକ ପ୍ରକାର ଅସଂଭବ ବୋଲି ମନେ କଲେଣି; ଯାହାକୁ ଇଂରେଜୀରେ TINA ଅର୍ଥାତ୍ 'There is no alternative' ବୋଲି କୁହାଯାଉଛି ।

ଭାବାଦର୍ଶ ଆଲୋଚନା ପ୍ରସଂଗରେ ଆଲୁଥୁସରଙ୍କର ଉପରୋକ୍ତ ବର୍ଗୀକରଣ ସଂପର୍କରେ କିଛିଟା ଆଲୋଚନା କରାଯାଇ ପାରେ । ଆଲଥୁସରଙ୍କ ମତରେ ଦମନମୂଳକ ରାଷ୍ଟ୍ରମନ୍ତ୍ର (RSA) ଯଥା ପ୍ରଶାସନ, ପୋଲିସ୍, ସୈନ୍ୟବାହିନୀ ଓ ନ୍ୟାୟାଳୟ ଇତ୍ୟାଦି ସର୍ବସାଧାରଣ କ୍ଷେତ୍ର ବା Public domain ର ଅନ୍ତର୍ଗତ; ତୁଳନା ମୂଳକ ଭାବରେ ଉଦାର ଗଣତଂତ୍ରବାଦୀ ରାଷ୍ଟ୍ରର ଭାବାଦର୍ଶୀ ଧର୍ମୀ ରାଷ୍ଟ୍ରଯଂତ୍ର (ISA) ବ୍ୟକ୍ତିଗତ ନିୟନ୍ତ୍ରଣାଧୀନ (Private domain) ବା ବ୍ୟକ୍ତିଗତ ପରିସରଭୁକ୍ତ । ଏଠାରେ କହି

Digitized by PPRACHIN, SOA

ରଖିବା ଆବଶ୍ୟକ ଯେ RSA ଓ ISA ଉଭୟର ଦାୟିତ୍ୱ ରାଷ୍ଟ୍ରୀୟ ସ୍ୱାର୍ଥରେ ଜନଗଣଙ୍କୁ 'ଶୃଙ୍ଖଳିତ' ଓ ନିୟନ୍ତ୍ରିତ କରି ରଖିବା; ଉଭୟ କିନ୍ତୁ ପରସ୍ପରର ପରିପୂରକ । ଉଦାହରଣ ସ୍ୱରୂପ RSA ର ହିଂସ୍ରକ କ୍ରିୟାକୁ ISA ସମର୍ଥନ କରିଥାଏ ଓ ISA କୁ RSA ସୁରକ୍ଷା ଯୋଗାଇ ଦେଇଥାଏ ।

ଭାବାଦର୍ଶ କ'ଣ ସେ ସଂପର୍କରେ ବିସ୍ତାରିତ ଓ ବ୍ୟାପକ ଧାରଣା ଅର୍ଜନ ସକାଶେ ଆଲଥୁସରଙ୍କ ପ୍ରସ୍ତାବିତ ସାତଟି ଭାବାଦର୍ଶବାଦୀ ରାଷ୍ଟ୍ରଯନ୍ତ୍ର (ISA) ସଂପର୍କରେ ସଂକ୍ଷିପ୍ତରେ ଆଲୋଚନା କରାଯାଇପାରେ। ପ୍ରଥମେ ଧର୍ମୀୟ ଭାବଦର୍ଶବାଦୀ ରାଷ୍ଟ୍ରମନ୍ତ୍ର (RISA) ସଂପର୍କରେ ଆଲୋଚନା କରାଯାଉ ।

ଧର୍ମୀୟ ଭାବାଦର୍ଶବାଦୀ ରାଷ୍ଟ୍ରଯନ୍ତ୍ର (RISA):

ଧର୍ମ ନିଜେ ଏକ ଭାବାଦର୍ଶ ଓ ଏହା ଦମନମୂଳକ ରାଷ୍ଟ୍ରର ସହଯୋଗୀ । ଏକଦା ଧର୍ମ ରାଜା ଆଉ ଈଶ୍ୱରଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖୁନଥିଲା । ସଂପ୍ରତି ପୁଞ୍ଜିବାଦରେ ଧର୍ମ ଅଧିକାଂଶ କ୍ଷେତ୍ରରେ ରାଷ୍ଟ୍ରର ସହଯୋଗୀ ସାଜୁଛିତ କେତେବେଳେ ରାଷ୍ଟ୍ରର ବିରୋଧୀ ପାଲଟୁଛି । ଅବଶ୍ୟ ଧର୍ମର ରାଷ୍ଟ୍ରକୁ ସହଯୋଗୀତା ଓ ବିରୋଧୀତା ଭାବାଦର୍ଶର ଗଣ୍ଡି ଭିତରେ ସଂଗଠିତ ହେଉଛି । ଏକଦା ଇଉରୋପରେ ଚର୍ଚ୍ଚର ଆଧିପତ୍ୟ ଥିଲା । ସଂପ୍ରତି ଇସ୍ଲାମିକ ଦେଶରେ ଧର୍ମ ସର୍ବାଧିକ ପ୍ରଭାବଶାଳୀ ଭାବାଦର୍ଶ । ନିକଟରେ ଇସ୍ଲାମ ଓ ଇଉରୋପ (ଆମେରିକା ସମେତ) ମଧ୍ୟରେ ମତ ପାର୍ଥକ୍ୟ ବଢ଼ିଯାଇଛି । ଗୋଟିଏ ପଟେ ଉଦାର ଗଣତଂତ୍ର ବିଶ୍ୱ ପୁଞ୍ଜିରେ ଆଧୀପତ୍ୟ ପାଇଁ ନାଗରିକ ସମାଜର ଭାବାଦର୍ଶ ଅନ୍ୟପଟେ ଆଞ୍ଚଳିକ ପୁଞ୍ଜିର ସମର୍ଥନରେ ଜେହାଦୀ ତତ୍ତ୍ୱ - ଆଜି ବିଶ୍ୱକୁ ପାନ୍ ଇସ୍ଲାମିନିଜିମ୍ ଓ ଆମେରିକାନିଜିମ୍ ଦୁଇ ଭାଗରେ ବିଭକ୍ତ କରୁଛି । ଏପଟେ ଭାରତରେ ରାମ ଜନ୍ମଭୂମି ଓ ବାବରି ମସ୍ଜିଦ୍ ବିବାଦ ଦୁଇଟି ସଂପ୍ରଦାୟର ଲୋକଙ୍କୁ ବିଭାଜିତ କରିବା ସହ ଅଧିକ ଧର୍ମଭୀରୁ ଓ ଧର୍ମାଂଧ କରି ଗଢ଼ି ତୋଳିଛି । ଏହା ସତ୍ୟ ଯେ ଲୋକ ଯେତେ ଧର୍ମାଂଧ ବା ଧର୍ମଭୀରୁ ହେବେ ରାଷ୍ଟ୍ରଶାସନ ସେତେ ସହଜ ସହଜ ଓ ସରଳ ହେବ । ଧର୍ମ ଯେତେ ଉଗ୍ର ହେଲେ ବି ଏହା ରାଷ୍ଟ୍ରଶକ୍ତି ବା ରାଷ୍ଟ୍ରଯଂତ୍ରକୁ ଭାଂଗିଦେବାକୁ ଚାହିଁବନି । ଅବଶ୍ୟ ବେଳେବେଳେ ଏହା ନିଜେ ରାଷ୍ଟ୍ର କ୍ଷମତାରେ ଅଧିଷ୍ଠିତ ହେବାକୁ ଇଚ୍ଛା କରିବ (ତାଲିବାନ) । ଧର୍ମ କିନ୍ତୁ ସଦାସର୍ବଦା ରାଷ୍ଟ୍ରର ବିଲୟ ବିପକ୍ଷରେ ଯିବ । ଅଧିକନ୍ତୁ ଏହାର ରାଷ୍ଟ୍ରର ସହଯୋଗୀ ହୋଇ ରହିବାକୁ ଇଚ୍ଛା ପ୍ରକାଶ କରିବ; ରାଷ୍ଟ୍ରର ସହଯୋଗୀ ଭାବରେ ଧର୍ମ ଜନସାଧାରଣଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିଭଂଗୀ ଓ ବିପ୍ଳବୀ ଉଦାମତାକୁ ନଷ୍ଟ କରିବ ।

Digitized by PPRACHIN, SOA

ଶିକ୍ଷା ସମ୍ବନ୍ଧୀ ଭାବାଦର୍ଶୀବାଦୀ ରାଷ୍ଟ୍ରଯନ୍ତ୍ର (EISA):

ଧର୍ମ ପରେ ଦମନମୂଳକ ରାଷ୍ଟ୍ରଯନ୍ତ୍ରର ସର୍ବାଧିକ ସବଳ ସହଯୋଗୀ ଭାବାଦର୍ଶବାଦୀ ରାଷ୍ଟ୍ରଯନ୍ତ୍ର ହେଲା ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷଣ ପ୍ରକ୍ରିୟା । ରାଷ୍ଟ୍ର ସରକାରୀ ଓ ବେସରକାରୀ ସ୍ତରରେ ଶିକ୍ଷା ବ୍ୟବସ୍ଥାକୁ ନିଜର ନିୟନ୍ତ୍ରଣରେ ରଖେ । ଶିକ୍ଷାର ପାଠ୍ୟକ୍ରମ କ'ଣ ହେବ, ଶିକ୍ଷା ମାଧ୍ୟମରେ କେଉଁ ଭାବାଦର୍ଶର ପ୍ରଚାର ହେବ, ଛାତ୍ର ଓ ଶିକ୍ଷାନବୀଶମାନେ ସମାଜର କେଉଁ କ୍ଷେତ୍ରରେ କାର୍ଯ୍ୟ କରିବେ ଇତ୍ୟାଦିକୁ ରାଷ୍ଟ୍ର ସିଧାସଳଖ ବା ପରୋକ୍ଷରେ ନିୟନ୍ତ୍ରଣ କରିଥାଏ । ଶିକ୍ଷା ଯେତେ ମୁକ୍ତ ହେଉନା କାହିଁକି ତାହା ରାଷ୍ଟ୍ର ବା ରାଷ୍ଟ୍ର ପରିଚାଳକ ଶାସକ ବର୍ଗର କ୍ଷତି ସାଧନ କରେନା । ଅଧିକନ୍ତୁ ଶିକ୍ଷା ସମାଜ ବା ରାଷ୍ଟ୍ରର ଚାହିଦାକୁ ପୂରଣ କରିଥାଏ । ସଂପ୍ରତି ବିଶ୍ୱର ଅଧିକାଂଶ ରାଷ୍ଟ୍ରର ଶିକ୍ଷା ବ୍ୟବସ୍ଥା ଉଦାର ଗଣତନ୍ତ୍ର, ବଜାର ଅର୍ଥନୀତି ଓ କର୍ପୁରେଟ ସ୍ୱାର୍ଥରେ ପରିଚାଳିତ । ନବ ଜାଗରଣ ଯୁଗରେ ଶିକ୍ଷା ଅପେକ୍ଷାକୃତ ମୁକ୍ତଥିଲା । ଏହା ମଣିଷକୁ ସାମାଜିକ ହେବା ପାଇଁ ପ୍ରେରଣା ଯୋଗାଇଥିଲା । ଆଜିର ଶିକ୍ଷା ବ୍ୟବସ୍ଥା ଉପଭୋକ୍ତାବାଦର ପ୍ରଚାରକ ସାଜିଛି; ମଣିଷକୁ ଟେକ୍ନୋକ୍ରାଟ ବନାଉଛି; ମଣିଷକୁ ମଣିଷ ହେବା ପରିବର୍ତ୍ତେ ରୋବର୍ଟ ହେବା ପାଇଁ ପ୍ରୋତ୍ସାହିତ କରୁଛି । ଶିକ୍ଷାନୁଷ୍ଠାନ ଆଜି ମଣିଷ ତିଆରି କାରଖାନା ନୁହେଁ । ଏକଦା ଏଇ ଦେଶରେ ଇଂରେଜମାନଙ୍କ ଶାସନ କାଳରେ ବେଶ୍‌କିଛି ଜାତୀୟ ବିଦ୍ୟାଳୟମାନ ଗଢ଼ି ଉଠିଥିଲା । ଏହି ପ୍ରତିଷ୍ଠାନର ଛାତ୍ରମାନେ ଭାରତକୁ ଇଂରେଜମାନଙ୍କ ଶାସନରୁ ମୁକ୍ତ କରବା ପାଇଁ ଲଢ଼ିଥିଲେ । ଏବେ ଭାରତବର୍ଷକୁ ବିଦେଶୀ ପୁଂଜିର ଆଗମନ ଯୁଗରେ ଶିକ୍ଷା ଆଉ ଜାତୀୟ ହୋଇ କରିନାହିଁ । ଦେଶ ଅପେକ୍ଷା ତାହା ଅଧିକତର ଭାବରେ ପୁଂଜିରେ ସେବା କରିବାପାଇଁ ଚାହୁଁଛି-ତାହା ପୁଣି ବିଦେଶୀ ପୁଂଜିର ଯାହା ଶିଳ୍ପାୟନ ନାଁରେ ଭାରତବର୍ଷର ଅମୂଲ୍ୟ ଖଣିଜ ସଂପଦ ଓ ଶସ୍ତା ଶ୍ରମକୁ ଶୋଷଣ କରିଚାଲିଛି ।

ଯୋଗାଯୋଗ ବା ଗଣମାଧ୍ୟମ ଭାବାଦର୍ଶଧର୍ମୀ ରାଷ୍ଟ୍ରଯନ୍ତ୍ର (CIISA):

ଶିକ୍ଷା ପରେ ଆମେ ଆଲଥୁସରଙ୍କ ପ୍ରଦତ୍ତ ଗଣମାଧ୍ୟମ ଧର୍ମୀ ଭାବାଦର୍ଶୀୟ ରାଷ୍ଟ୍ରଯନ୍ତ୍ର ସଂପର୍କରେ ଆଲୋଚନା କରିବା; ଯାହାକୁ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ ବୋଲି କୁହାଯାଉଛି । ଏକ ଉଦାର ଗଣତନ୍ତ୍ର ଧର୍ମୀ ପୁଞ୍ଜିବାଦୀ ରାଷ୍ଟ୍ର ବ୍ୟବସ୍ଥାରେ ଯୋଗାଯୋଗ ଓ ଗଣ ମାଧ୍ୟମ ନିଜେ ଏକ ପୁଞ୍ଜିବାଦୀ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ପୁଂଜିବାଦୀ ପ୍ରତିଷ୍ଠାନର ପ୍ରଚାରଯନ୍ତ୍ର ସ୍ୱରୂପ କାର୍ଯ୍ୟକରେ । ଗଣମାଧ୍ୟମ କେବଳ ପୁଞ୍ଜିବାଦୀ ପ୍ରତିଷ୍ଠାନ ସପକ୍ଷରେ ପ୍ରଚାର କରେନା-ଏହା ଅଭିବ୍ୟକ୍ତିର ସ୍ୱାଧୀନତା ନାଁରେ ନିଜର ସକଳ ପ୍ରକାର ଅଭିବ୍ୟକ୍ତିୟ

Digitized by PPRACHIN, SOA

ସ୍ୱାତନ୍ତ୍ର୍ୟକୁ ରାଷ୍ଟ୍ର ବା ସରକାର ପାଖରେ ବଂଧା ପକାଇଥାଏ । ରାଷ୍ଟ୍ରୀୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ଆଭିମୁଖ୍ୟ ଓ ସକଳ ପ୍ରକାର ରାଷ୍ଟ୍ରୀୟ ଭାବାଦର୍ଶର ପ୍ରଚାରଯନ୍ତ୍ର ସାଜେ ଗଣମାଧ୍ୟମ । ଉଦାର ଗଣତଂତ୍ରରେ ଯାହାକୁ 'ଫ୍ରି ପ୍ରେସ' (Free Press) ବୋଲି କୁହାଯାଏ ତାହା ବାସ୍ତବ ପକ୍ଷେ ମୁକ୍ତ ନୁହେଁ; ଯଦିବା ମୁକ୍ତ ତାହା ନିର୍ଦ୍ଦିଷ୍ଟ ଏକ ସ୍ତରଯାଏଁ; ଯାହାକୁ ଲକ୍ଷ୍ମଣରେଖା ବୋଲି କୁହାଯାଏ । ପୁଞ୍ଜିବାଦୀ ଗଣତନ୍ତ୍ରରେ ଗଣ ମାଧ୍ୟମ ପୁଞ୍ଜିପତି ଶ୍ରେଣୀ-ସ୍ୱାର୍ଥର ସଂରକ୍ଷକ । ପୁଞ୍ଜି ଦ୍ୱାରା ଶ୍ରମର ଶୋଷଣ, ଶ୍ରମ ଉପରେ ପୁଞ୍ଜିର ଆଧିପତ୍ୟ, ବ୍ୟକ୍ତିଗତ ସମ୍ପତ୍ତିର ନସ୍ୱରତା, ବୈଷମ୍ୟ ଓ ଶୋଷଣର ବୈଧତା, ସର୍ବୋପରି ତଥାକଥିତ ମାସ୍ କଲ୍‌ଚର ଓ ବଜାର ସର୍ବସ୍ୱତାର ସପକ୍ଷରେ ପୁଞ୍ଜିବାଦୀ ଗଣ ମାଧ୍ୟମ ଅହରହ କାର୍ଯ୍ୟ କରିଥାଏ । ଗଣ ଯୋଗାଯୋଗ ମାଧ୍ୟମର ବର୍ଣ୍ଣନାତ୍ମକ ପ୍ରଭାବ (Discoursive influence) ଏତେ ବେଶୀ ହୁଏ ଯେ ଏହା ଅଚିରାତ୍ ଜନଗଣଙ୍କୁ ଭୁଲ୍ ମାର୍ଗରେ ପରିଚାଳିତ କରିଥାଏ । ଶିକ୍ଷା, ସଂସ୍କୃତି, ରାଜନୀତି, ଅର୍ଥନୀତି ସବୁକିଛିର ମୂଲ୍ୟାୟନ ଗଣ ମାଧ୍ୟମ ଜରିଆରେ ହୋଇଥାଏ । ବଜାର ଅର୍ଥନୀତିରେ ନିରୋଧ ଠାରୁ 'ଜାଲିମ୍‌ଲୋସନ' ଯାଏଁ ସକଳ ପ୍ରକାର ଉତ୍ପାଦକ ଦ୍ରବ୍ୟର ପ୍ରଚାର ଓ ପ୍ରସାର ଦାୟିତ୍ୱ ନ୍ୟସ୍ତଥାଏ ଗଣ ମାଧ୍ୟମ ଉପରେ । ଅଧିକନ୍ତୁ ଗଣମାଧ୍ୟମ ସ୍ୱୟଂ ବୌଦ୍ଧିକ ପଣ୍ୟ (intellectual commodity)ର ଏକମାତ୍ର ଉତ୍ପାଦକ ଭାବରେ କେଉଁ ପ୍ରକାର ପୁସ୍ତକ, ପତ୍ରିକା, ସାହିତ୍ୟ ସିନେମା, କଳାତ୍ମକ ଦ୍ରବ୍ୟ କାହାପାଇଁ କେତେବେଳେ କେଉଁ ସମୟରେ, କାହିଁକି କିପରି ଉତ୍ପାଦନ କରାଯିବ ତା'ର ରୂପରେଖ ପ୍ରସ୍ତୁତ କରିଥାଏ । କମ୍ପ୍ୟୁଟର ଟେକ୍‌ନୋଲୋଜୀର ଆବିଷ୍କାର ପରେ ଗଣ ମାଧ୍ୟମର ପ୍ରଭାବ ଆଜି ବିଶ୍ୱବ୍ୟାପୀ । ସଂପ୍ରତି ଗଣ ଯୋଗାଯୋଗ ମାଧ୍ୟମ ମଣିଷର ମସ୍ତିଷ୍କ ଉପରେ ସବାର ହୋଇଛି; ସୂଚନାର ପାହାଡ଼ ତିଆରି କରିଛି । knowledge is information ନାଁରେ ମଣିଷକୁ ଆତ୍ମ ବିଚ୍ଛିନ୍ନ କରି ଗଢ଼ି ତୋଳୁଛି; ତାକୁ ଅଜ୍ଞାନୀ ବନାଇଛି । ସଂପ୍ରତି ସୂଚନା (information) ଏକ ପ୍ରଯୁକ୍ତି ଭାବରେ ପୁଂଜି ସହ ଯୁକ୍ତ ହୋଇ ଶ୍ରମର ଶୋଷଣ କରୁଛି ଓ ଶୋଷଣକୁ ବୈଧ ଘୋଷଣା କରି ଚାଲୁଛି । ଗଣ ମାଧ୍ୟମ ସତ୍ୟ ନାଁରେ ମିଥ୍ୟାର ପ୍ରଚାର କରୁଛି; ଦମନ ମୂଳକ ରାଷ୍ଟ୍ରର ସେବା କରୁଛି; ତାକୁ ସୁରକ୍ଷା ଯୋଗାଉଛି; ବିରୋଧୀ ମତ ବା ପ୍ରକୃତ ବୈଜ୍ଞାନିକ ଅବଧାରଣାର କଣ୍ଠରୋଧ କରୁଛି । ଭାବାଦର୍ଶଧର୍ମୀ ରାଷ୍ଟ୍ର ଯନ୍ତ୍ର ଭାବରେ ଏହା ଲିଖିତ ଓ ଅଲିଖିତ ଭାବରେ ରାଷ୍ଟ୍ର ସହ ଯୁକ୍ତ ରହିଛି । ଗଣ ମାଧ୍ୟମରେ ନିୟନ୍ତ୍ରଣ କରିବା ସକାଶେ ରାଷ୍ଟ୍ର ସେନ୍‌ସରସିପ୍ ଓ ରେଜିଷ୍ଟ୍ରେସନ୍, ବିଜ୍ଞାପନ ନୀତି ଇତ୍ୟାଦି ନିଜ ହାତରେ ରଖିଛି ।

Digitized by PPRACHIN, SOA

ଭାବାଦର୍ଶ ଧର୍ମୀ ସାଂସ୍କୃତିକ ରାଷ୍ଟ୍ରଯଂତ୍ର (CISA):

ଆମେ ଯାହାକୁ ନେଇ ଗର୍ବକରୁ ଯାହା ମାଧମରେ ନିଜର ପରିଚୟ ଜ୍ଞାପନ କରୁ, ଯାହାକୁ ଆନନ୍ଦର ଉତ୍ସ ମନେ କରୁ ସେଇ ସଂସ୍କୃତି ଏକ ଦମନମୂଳକ ରାଷ୍ଟ୍ରର ଶାସକ ଶ୍ରେଣୀୟ ଭାବାଦର୍ଶ ଭାବରେ କାର୍ଯ୍ୟକରେ; ଏହା ପରିଚୟ ସଂକଟଗ୍ରସ୍ତ ବିରକ୍ତିକର ଜୀବନଯାପନ କରୁଥିବା ଆତ୍ମ ବିଚ୍ଛିନ୍ନ ମଣିଷ ଜାଣି ପାରେନା । ଯାହାକୁ ସେ ସଭ୍ୟତା ବୋଲି କହେ ତାହା ହୁଏତ ବର୍ବରତା; ସେଥିପାଇଁ ସଂଭବତଃ Walter Benjamin ଙ୍କ ଭାଷାରେ, "Every document of culture is nothing but a document of barbarism" ବୋଲି କୁହାଯାଇଛି । ଉଦାହରଣ ସ୍ୱରୂପ ହିଟଲରଙ୍କ ଆର୍ଯ୍ୟ ଶୋଣିତ ତତ୍ତ୍ୱ ଯାହା ଜିଉଜ୍‌ମାନଙ୍କ ପ୍ରତି ଘୃଣା ଓ ଜର୍ମାନ ଜାତି Superior Nation ଭଳି ମାନବତା ବିଧ୍ୱଂସୀ ଭାବାଦର୍ଶରେ ପରିପୂର୍ଣ୍ଣ ଥାଇ ପୃଥିବୀକୁ ଧ୍ୱଂସ ପଥରେ ପରିଚାଳିତ କରିଥିଲା । ରାଷ୍ଟ୍ର ସଂସ୍କୃତି ଗତ ଭାବରେ ଲୋକଙ୍କୁ ପଂଗୁ କରି ରଖିବାକୁ ଚାହେଁ; ସେମାନଙ୍କୁ ରାଷ୍ଟ୍ରୀୟ ସଂସ୍କୃତିର ବାହକ ହେବାପାଇଁ ବାଧକରେ; ଝୁଟା ଚେତନାର ବଶବର୍ତ୍ତୀ କରାଇ ରାଷ୍ଟ୍ର ଶାସନକୁ ସହଜ ଓ ସରଳ କରାଏ । ମଣିଷର ରୀତି, ରିଥାଜ ଚଳଣି, ଧର୍ମ ଦର୍ଶନ, କଳା, ସାହିତ୍ୟ, ପରମ୍ପରା, ପ୍ରଥା ସବୁକିଛି ସଂସ୍କୃତିର ଅଂଗ । ହଲିଉଡ ବଲିଉଡ ବା ଓଲିଉଡ୍ ଠାରୁ ଆରମ୍ଭ କରି ତାରିଣୀ ଗଣନାଟ୍ୟ-ମହାକାଳୀଙ୍କ ରକ୍ଷା କବଚ, ଗୁରୁବାରଶ୍ୱର ଓଷା, ସୁଦଶାବ୍ରତ, ଜାତି, ଯୌତୁକ, ଜାତକ, କୋଡ଼କୋଷ୍ଟି, ବାସ୍ତୁ, ଝଡ଼ା, ଫୁଙ୍କା, ଗୁଣି, ଗାରେଡ଼ି, ବିବାହ, ପୁଆଣି, ଛୁତିକା, ମୃତିକା, ଚାଲି, ଚଳନ ବ୍ୟବହାର, ପୋଷାକ ପରିଚ୍ଛେଦ, ଖାଦ୍ୟପେୟ ଇତ୍ୟାଦି ବହୁ ପ୍ରକାର ଅଭ୍ୟାସ, ମିଥ୍, ପ୍ରତୀକ, ବର୍ଣ୍ଣନା ମୋଟାମୋଟି ଭାବରେ ରାଷ୍ଟ୍ରୀୟ ସ୍ୱାର୍ଥର ପରିପୂରକ ସାଜି ମଣିଷକୁ ମୁକ୍ତ ସ୍ୱଚ୍ଛନ୍ଦ କରିବା ପରିବର୍ତ୍ତେ ଅଧିକ ନିୟନ୍ତ୍ରିତ ଓ ନିର୍ଭରଶୀଳ କରି ଗଢ଼ିତୋଳେ କହିବା ବାହୁଲ୍ୟ । ସାଂସ୍କୃତିକ ଭାବାଦର୍ଶ ଧର୍ମୀ ରାଷ୍ଟ୍ର ଯଂତ୍ରର ରାଷ୍ଟ୍ରପ୍ରତି ଶ୍ରେଷ୍ଠ ଅବଦାନ ହେଲା-ଜନଗଣଙ୍କ ପ୍ରତି ରାଷ୍ଟ୍ରର ଦାୟିତ୍ୱହୀନତା ଓ ରାଷ୍ଟ୍ରୀୟ ଦମନ ଶୋଷଣ ଓ ବୈଷମ୍ୟ ଜନୀତ କାରଣରୁ ଜନଗଣଙ୍କ ଠାରୁ ରାଷ୍ଟ୍ରର ଯେଉଁ ବିଚ୍ଛିନ୍ନତା ସୃଷ୍ଟିହୁଏ ତାକୁ ସାଂସ୍କୃତିକ ଉପାଦାନ ଜରିଆରେ ଯୋଡ଼ିଦେବା ବା ତାଳିପକାଇବା । ଅଧିକନ୍ତୁ ଏହା ନିପୀଡ଼ିତ ମଣିଷକୁ ଅସଲ ସତ୍ୟ ଠାରୁ ଦୂରେଇ ନିଏ । ସଂପ୍ରତି ସଂସ୍କୃତିର ଏକ ବିଶିଷ୍ଟ ଅଂଗ କଳା ସାହିତ୍ୟ - ମଣିଷକୁ ଆତ୍ମ ସଚେତନ ଓ ସମାଜ-ସଚେତନ କରି ଗଢ଼ି ତୋଳିବା ପରିବର୍ତ୍ତେ ସେମାନଙ୍କୁ ଐତିହାସିକ ଭ୍ରମଜାଲରେ ନିକ୍ଷେପ କରୁଛି; କଳା ବାସ୍ତବତା ପରିବର୍ତ୍ତେ ବାସ୍ତବତାର ପ୍ରତିରୂପ ପରିବେଷଣ କରୁଛି - ଯାହାକୁ ଦାର୍ଶନିକ ବର୍ଦ୍ରିଲାର୍ଡ

Digitized by PPRACHIN, SOA

(Baudrillard)Simulation, ବା Hyper Reality ବୋଲି କହନ୍ତି । ପୁଂଜିବାଦୀ କଳା ବଜାରରେ ଚଳଚିତ୍ର ଜଗତରେ ଯାହାଙ୍କୁ କଳାକାର ବା ଅଭିନେତା ବୋଲି କୁହାଯାଉଛି ଅସଲରେ ସେ ଜଣେ ବିଜ୍ଞାପନର ମଡେଲ୍ । କଳା, ସାହିତ୍ୟ ଏପରି ଏକ ସ୍ତରରେ ପହଂଚିଲାଣି ଯେଉଁଠି ମଦ୍ୟପାନ ବିରୁଦ୍ଧରେ କାହାଣୀର ନାୟକ ସାଜିଥିବା ବ୍ୟକ୍ତିଟି ମଦ୍ୟବିକ୍ରି ବିଜ୍ଞାପନର ମଡ଼େଲ୍ ଭାବରେ ନିଜକୁ ସମର୍ପି ଦେଉଛି । ବଜାର ସର୍ବସ୍ୱ ଜଗତରେ ବିଜ୍ଞାପନରେ କଳା ଓ କଳାରେ ବିଜ୍ଞାପନଧର୍ମୀ ପ୍ରଚାର ଗଂଧ ବାରି ହୋଇ ଯାଉଛି ।

ଭାବାଦର୍ଶବାଦୀ ଶ୍ରମିକ ସଂଗଠନରୂପୀ ରାଷ୍ଟ୍ରଯଂତ୍ର (TUISA):

ପୁଂଜିବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଶ୍ରମିକ ସଂଗଠନ ରାଷ୍ଟ୍ରର Legacy ବା ଉତ୍ତରାଧିକାରୀ ସ୍ୱରୂପ କାର୍ଯ୍ୟ କରୁବୋଲି ରାଷ୍ଟ୍ର ଚାହେଁ । ବସ୍ତୁତଃ ଅଧିକାଂଶ କ୍ଷେତ୍ରରେ ତାହା ହିଁ ଦେଖିବାକୁ ମିଳେ । ଏଠାରେ Legacy ର ଅର୍ଥ ଅଧିକ ମଜୁରୀଦାବୀ କର କିନ୍ତୁ ପୁଂଜିର ପ୍ରଭୁତ୍ୱ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନାହିଁ । ରାଜନୀତି ଠାରୁ ଦୂରେଇ ରୁହ; ପରିବର୍ତ୍ତନ ବା ବିପ୍ଳବ କଥା କୁହନାହିଁ ଇତ୍ୟାଦି । ବୁର୍ଜୁୟା ଶ୍ରମିକ ସଂଗଠନ ଶ୍ରମିକ ଶ୍ରେଣୀର ଏକ ବିପୁଳ ଅଂଶକୁ ସାମ୍ୟବାଦ କଷ୍ଟରାଜ; ବିପ୍ଳବ କଲେ ମରିବ ଜେଲ ଯିବ, ବିପ୍ଳବର ସ୍ତର ବର୍ତ୍ତମାନ ନାହିଁ; ଅଧିକ ମଜୁରୀ ଦାବୀ କରିବା ଛଡ଼ା ବର୍ତ୍ତମାନ ଅନ୍ୟକିଛି କରାଯାଇ ପାରିବନି ଇତ୍ୟାଦି କହି ଶୋଷଣକାରୀ ରାଷ୍ଟ୍ରର ଅଧୀନସ୍ଥ ହେବାକୁ ପ୍ରବର୍ତ୍ତାଉଥାଏ; ଏତଦ୍‌ଦ୍ୱାରା ଶ୍ରମିକ ଶ୍ରେଣୀ ତାର ନିଜସ୍ୱ କର୍ତ୍ତବ୍ୟ ଅର୍ଥାତ୍ ବୈପ୍ଳବିକ ଉତ୍ତରଣ ଦିଗରେ ଅଗ୍ରସର ହୋଇପାରେନା । ଅଧିକଂତୁ ଶ୍ରମିକ ସଂଗଠନ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱରେ ଥାଇ ଶ୍ରମିକ ଶ୍ରେଣୀକୁ ବହୁଧା ବିଭକ୍ତ କରେ । ପୁଂଜିବାଦୀ ଅର୍ଥନୀତିରେ ବଳକା ଉତ୍ପାଦନ ଜନିତ ତାଲାବଂଦ, ଛଟେଇ, ମଜୁରୀକାଟ ଇତ୍ୟାଦି ପୁଞ୍ଜିପତି ଶ୍ରେଣୀକୁ ଶ୍ରମିକ ବିରୋଧର ସମ୍ମୁଖୀନ କରାଇଲା ବେଳେ ରାଷ୍ଟ୍ର ଶ୍ରମିକ ସଂଗଠନ ଜରିଆରେ ପୁଂଜିପତି ଶ୍ରେଣୀ ଓ ଶ୍ରମିକ ଶ୍ରେଣୀ ମଧ୍ୟରେ ସମ୍‌ଝୋତା ସୃଷ୍ଟିକରେ । ସଂପ୍ରତି ବିଶ୍ୱର ଅଧିକାଂଶ ଶ୍ରମିକ ସଂଗଠନ ବିଶ୍ୱରେ ଶ୍ରମିକ ରାଜ ପରିବର୍ତ୍ତେ ପୁଂଜି ବା ପୁଂଜିପତିର ରାଜକୁ ମାନି ନେଇଛନ୍ତି; ଏମାନେ ଭାବାଦର୍ଶଗତ ଭାବରେ ସୁଧାର ବାଦ ବା Trade Union Economismର ଶିକାର ହୋଇଛନ୍ତି; ଫଳତଃ ଶ୍ରମିକ ଶ୍ରେଣୀ ସଂରଚନାତ୍ମକ ସୀମାବଦ୍ଧତାର ଶିକାର ହୋଇ ମଜୁରିଦାସ ପ୍ରଥାକୁ ଆପଣେଇ ନେଇଛି-ଅର୍ଥାତ୍ ଅଂତକରଣରେ ଦାଶତ୍ୱ (internalised slevery)ର

Digitized by PPRACHIN, SOA

ଶିକାର-ହୋଇଛି । Proleteriat has nothing to lose except the chains କଥାଟି ସାଇବର ପୁଞ୍ଜିର ଯୁଗରେ ଇତିହାସର ଅଳିଆଗଦାକୁ ନିକ୍ଷିପ୍ତ ହୋଇ ଯାଉଛି... ଓ ଶ୍ରମିକ ସଂଗଠନ ରୂପୀ ଭାବଦର୍ଶଧର୍ମୀ ରାଷ୍ଟ୍ରଯନ୍ତ୍ର ଏକ ପୁଞ୍ଜିବାଦୀ ରାଷ୍ଟ୍ରରେ ପୁଞ୍ଜିର ବିଜୟ ଓ ଶ୍ରମର ପରାଜୟକୁ ଏକ ଅଲଂଘନୀୟ ସତ୍ୟ ବୋଲି ଗ୍ରହଣ କରି ନେଇଛି ।

ରାଜନୈତିକ ଭାବାଦର୍ଶଧର୍ମୀ ରାଷ୍ଟ୍ରଯଂତ୍ର (POISA):

ରାଜନୈତିକ ଦଳମାନେ ଏକ ପୁଞ୍ଜିବାଦୀ ଗଣତନ୍ତ୍ରରେ ସାବାଳକ ଭୋଟ ପ୍ରଥା ବା ପ୍ରତିନିଧି ମୂଳକ ଶାସନ ବ୍ୟବସ୍ଥା ଜରିଆରେ ରାଷ୍ଟ୍ରର ସର୍ବୋଚ୍ଚ ଶିଖରରେ ଅଧିଷ୍ଠିତ ହୋଇ ରାଷ୍ଟ୍ର ପରିଚାଳନା ବା ରାଷ୍ଟ୍ରୀୟ ଶାସନର ପ୍ରତ୍ୟକ୍ଷ ଦାୟିତ୍ୱ ବହନ କରିଥାନ୍ତି । ରାଜନୈତିକ ଦଳର ମୁଖ୍ୟ ଉଦ୍ଦେଶ୍ୟ ହୁଏ ବ୍ୟକ୍ତିଗତ ସ୍ୱାର୍ଥରେ ଓ ପୁଞ୍ଜିର ସ୍ୱାର୍ଥରେ ରାଷ୍ଟ୍ରଯନ୍ତ୍ରକୁ ହାତେଇବା । ଅପରପକ୍ଷରେ ରାଷ୍ଟ୍ର ରାଜନୈତିକ ଦଳ ବା ସଂଗଠନ ଜରିଆରେ ଜନଗଣଙ୍କୁ ଭାବାଦର୍ଶଗତ ଭାବରେ ପ୍ରଭାବିତ କରିବାର କାର୍ଯ୍ୟକ୍ରମ ହାତକୁ ନିଏ । ଏହି ପରସ୍ପର ନିର୍ଭରଶୀଳତା ମଧ୍ୟଦେଇ ରାଜନୈତିକ ଦଳମାନଙ୍କ ଜରିଆରେ ଜନଗଣ ବିଶେଷ କରି ନିପୀଡ଼ିତ ଜନଗଣ ମୁକ୍ତି ପାଇବା ପରିବର୍ତ୍ତେ ଦାଶତ୍ୱ, ବଂଧନ, ଶୋଷଣ, ଦମନ ଓ ବୈଷମ୍ୟକୁ ମାନିନିଏ; ତାହା ପୁନଶ୍ଚ ଭାବାଦର୍ଶଧର୍ମୀ ରାଷ୍ଟ୍ର ଯନ୍ତ୍ର ରାଜନୈତିକ ସଂଗଠନ, ବା ଦଳର ପ୍ରରୋଚନାରେ । ଅଧିକନ୍ତୁ ବେଳେବେଳେ ରାଜନୈତିକ ଦଳମାନେ ରାଷ୍ଟ୍ର କ୍ଷମତା ଦଖଲ ପାଇଁ ମାନବତା ଧ୍ୱଂସକାରୀ ଭାବାଦର୍ଶର ପ୍ରଚାର କରିଥାଆନ୍ତି । ହିଟଲରଙ୍କର ଫ୍ୟାସିଜିମ୍ ବା ତାଲିବାନ୍‌ର ମୌଳବାଦୀ ରାଜନୀତି ଭାବାଦର୍ଶଧର୍ମୀ ରାଷ୍ଟ୍ରଯନ୍ତ୍ରର କ୍ଷତିକାରକ ଚେହେରା । ସଂପ୍ରତି ବିଶ୍ୱରେ ଅଧିକାଂଶ ରାଜନୈତିକ ଦଳ ବା ସଂଗଠନମାନେ ବଜାର ଅର୍ଥନୀତିର ସାର୍ବଭୌମତା, ଜଗତିକରଣ ଓ ରାଜନୀତିରେ ପୁଞ୍ଜି ଓ କର୍ପୋରେଟ୍‌ର ଅନୁପ୍ରବେଶକୁ ସ୍ୱୀକାର କରି ନେଇ ଏସବୁକୁ ସୁହାଇଲା ଭଳି ଭାବାଦର୍ଶର ପ୍ରଚାର କରୁଛନ୍ତି । ବିଶ୍ୱବ୍ୟାପୀ ରାଜନୀତିର ଯାହାବା ଅବକ୍ଷୟ ହେଉନା କାହିଁକି- ଏକମାତ୍ର ରାଜନୀତି ହିଁ ସମାଜ ପରିବର୍ତ୍ତନର ମୂଳାଧାର ହେଲେ ଏହା ବୈପ୍ଲବିକ ଦିଗରେ ପରିଚାଳିତ ହୋଇ ସମାଜରେ ମୌଳିକ ପରିବର୍ତ୍ତନ ସଂଗଠିତ କରାଇପାରିବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଭାବଦର୍ଶ ଓ ସାମ୍ୟବାଦ:

କେହି କେହି ସାମ୍ୟବାଦକୁ ଭାବାଦର୍ଶ ବୋଲି ମନେ କରନ୍ତି । ବସ୍ତୁତଃ

Digitized by PPRACHIN, SOA

ସାମ୍ୟବାଦରେ ଭାବାଦର୍ଶର ଅସ୍ତିତ୍ୱ ସଂପୂର୍ଣ୍ଣ ଲୋପ ନପାଇଲେ ବି-ସାମ୍ୟବାଦୀ ବ୍ୟବସ୍ଥା ବିଜ୍ଞାନ ବା ବିଜ୍ଞାନାନୁଚିନ୍ତାକୁ ଆଧାରକରି ପରିଚାଳିତ ହେବ ଏଥିରେ ସନ୍ଦେହ ନାହିଁ । ଉଦାର ଗଣତଂତ୍ର ଯେମିତି ମୂଳତଃ ହିଗେଲୀୟ ଦର୍ଶନ ଯଥା ସାବାଳକ ଭୋଟ ପ୍ରଥା, ନାଗରୀକ ସମାଜ, ପ୍ରତିନିଧିମୂଳକ ଗଣତନ୍ତ୍ର ଇତ୍ୟାଦି ଧାରଣା ଓ ବାସ୍ତବତାକୁ ଆଧାର କରି ଗତି କରିବ ସମାଜବାଦ ବା ସାମ୍ୟବାଦ ସେହିପରି ମଜୁରୀ ଦାଶତ୍ୱର ବିଲୋପ ସାମୁହିକ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆଧାର କରିବ ।

କୌଣସି ବ୍ୟକ୍ତି ସାମ୍ୟବାଦୀ ଅର୍ଥ ସେ ମାର୍କସବାଦୀ ହେବା ସ୍ୱାଭାବିକ । ଅଧିକାଂଶ କ୍ଷେତ୍ରରେ ତାହା କିନ୍ତୁ ଦେଖିବାକୁ ମିଳେନା । ମାର୍କସବାଦୀ ଦର୍ଶନକୁ ଆୟତ୍ତ ନକରି, ଦର୍ଶନର ବାସ୍ତବ ପ୍ରୟୋଗ ଅଭ୍ୟାସ ନଥାଇ ପୃଥିବୀରେ ଲକ୍ଷ ଲକ୍ଷ ତଥାକଥିତ ସାମ୍ୟବାଦୀ ଆତଯାତ ହେଉଥାନ୍ତି-ଯେଉଁମାନେ ଧର୍ମଭୀରୁ ଈଶ୍ୱର ଭକ୍ତଙ୍କ ପରି ସାମ୍ୟବାଦକୁ ଭଲପାନ୍ତି ଅର୍ଥାତ୍ ତାର ଅଂଧ ଅନୁକାରୀ ସାଜନ୍ତି; ଅଥଚ ମାର୍କସବାଦ ବା ସାମ୍ୟବାଦର ଧାର ଧାରଂତିନି । ଏମାନେ ପାର୍ଟି ନିର୍ଦ୍ଦେଶ ମାନୁଥିବା ଦଳୀୟ କର୍ମୀ ହୋଇକରି ରହିଯାନ୍ତି । ଅଥବା ଏମାନଙ୍କ ମଧ୍ୟରୁ କେହି କେହି ନେତୃତ୍ୱକୁ ଉଠି ସାମ୍ୟବାଦକୁ ଭୁଲ ବାଟରେ ପରିଚାଳନା କରନ୍ତି । ଧର୍ମପ୍ରଚାରକ ସଦୃଶ ସାମ୍ୟବାଦର ଅଂଧ ସ୍ତାବକ, କର୍ମୀ ବା ନେତୃତ୍ୱ ଉଗ୍ରବାଦୀ ବା ସୁବିଧାବାଦୀ ହୋଇ ଉଠେ; ବାକ୍ୟରେ ଗୋଟାଏ କଥା କହେ କାର୍ଯ୍ୟରେ ଅନ୍ୟ କଥା କରେ; ନତୁବା ଭୁଲ ସିଦ୍ଧାନ୍ତକୁ ଜୋର ଜବରଦସ୍ତ ଭାବରେ ଲାଗୁ କରାଇ ନେବାକୁ ଚାହେଁ; ପ୍ରାକ୍‌ସିସ୍ (PRAXIS) ଅର୍ଥ Thought, Action ଓ Reflection ନିରନ୍ତର ଗତିର ଅଭାବରୁ ପୁନଶ୍ଚ ପୁଂଜିର ଅଧୀନସ୍ଥ ହୋଇ ରହେ; ଅନ୍ୟମାନଙ୍କୁ ପୁଂଜିର ଅଧୀନସ୍ଥ ହୋଇ ରହିବାର ରାସ୍ତାରେ ପରିଚାଳିତ କରେ । ଇତିହାସ ଚେତନା ଓ ଶ୍ରେଣୀ ସଂଘର୍ଷ ଭାବନାର ଅଭାବରୁ ଉଗ୍ରବାଦୀ-ସୁବିଧାବାଦୀ ମାର୍କସବାଦୀ ମାନେ ସାମ୍ୟବାଦକୁ ଟ୍ରେଡ୍ ୟୁନିୟନ ସଂଗଠନ ଓ ରାଷ୍ଟ୍ର କ୍ଷମତା ଦଖଲ ମଧ୍ୟରେ ସିମୀତ ରଖନ୍ତି । ଏମାନେ ଅତିବେଶୀରେ ସାମ୍ୟବାଦ ନାଁରେ ରାଷ୍ଟ୍ରୀୟ ପୁଞ୍ଜିବାଦର ପ୍ରତିଷ୍ଠା କରି ବୁର୍ଜୁୟା ଗଣତନ୍ତ୍ର ପନ୍ଥୀମାନଙ୍କ ପରି ମାର୍କସବାଦକୁ ଭାବାଦର୍ଶ ପର୍ଯ୍ୟାୟରେ ରଖି ରାଷ୍ଟ୍ରୀୟ ପୁଞ୍ଜି ଓ ଏକ ଦଳୀୟ ଶାସନକୁ ଏକ ଯୌକ୍ତିକ ଆଧାର ପ୍ରଦାନ କରି ମଜୁରୀ ଦାଶତ୍ୱ ପ୍ରଥାର ବିଲୋପ ଇତ୍ୟାଦି ସୂତ୍ରାବଳୀ (formulation)କୁ ମାର୍କସବାଦୀ ଅଭିଧାନରୁ ବାଦ୍ ଦେଇ ଦିଅନ୍ତି । ସଂପ୍ରତି ପୁଞ୍ଜି ଓ ତା'ର ଭାବାଦର୍ଶର ବିଶ୍ୱାବ୍ୟାପୀ କ୍ଷମତା ସମ୍ମୁଖରେ ପୃଥିବୀର ମୁଷ୍ଟିମେୟ ସାମ୍ୟବାଦୀ ରାଷ୍ଟ୍ର ମାର୍କସବାଦକୁ ଏକ ବୈଜ୍ଞାନିକ ବିକଳ୍ପ ଭାବରେ ଛିଡ଼ା କରିବାରେ ବ୍ୟର୍ଥ । ଏଥିପାଇଁ ବସ୍ତୁସ୍ଥିତି ଯେତିକି ପରିମାଣରେ

Digitized by PPRACHIN, SOA

ଦାୟୀ ମାର୍କସବାଦ ପରି ଏକ ବିଜ୍ଞାନକୁ ତଥାକଥିତ କମ୍ୟୁନିଷ୍ଟମାନେ ଭାବାଦର୍ଶ ସ୍ତରରେ ସୀମାବଦ୍ଧ କରି ରଖିବା ସେତିକି ପରିମାଣରେ ଦାୟୀ । ପୃଥିବୀରେ ସାମ୍ୟବାଦୀ ରାଷ୍ଟ୍ରର ନେତୃତ୍ୱ ନିଜ ଦେଶର ଶ୍ରମିକ ଶ୍ରେଣୀକୁ ମାର୍କସବାଦୀ ବିଜ୍ଞାନ ଆତ୍ମସ୍ଥ କରାଇବାରେ ବ୍ୟର୍ଥତା ହେତୁ ସାମ୍ୟବାଦୀ ରାଷ୍ଟ୍ର ଓ ତା'ର ଶ୍ରମିକ ଶ୍ରେଣୀ ବିଶ୍ୱପୁଞ୍ଜି ବିପକ୍ଷରେ ସବଳ ସଂଗ୍ରାମ କରି ବିଶ୍ୱବ୍ୟାପୀ ମଜୁରୀ ଦାଶ ପ୍ରଥାର ବିଲୋପ ଘଟାଇ ପାରୁନି । ଅପର ପକ୍ଷରେ ପ୍ରଯୁକ୍ତିର ନବୀକରଣ ଜରିଆରେ ବିଶ୍ୱପୁଞ୍ଜିର ମାଲିକମାନେ ମାର୍କସବାଦର ଅନ୍ତ ହୋଇଯାଇଛି (Marxism is dead) ପ୍ରଚାର କରିବାକୁ ପଛାଉ ନାହାନ୍ତି । ବିଶ୍ୱବ୍ୟାପୀ ବୁର୍ଜୁୟାମାନେ ଆଜି ଧନ, ମୂନ (ଅସ୍ତ୍ର) ଓ ଜ୍ଞାନର ଅଧିକାରୀ ହୋଇ ତଥାକଥିତ ସାମ୍ୟବାଦୀମାନଙ୍କୁ କାବୁ କରି ନେଉଛନ୍ତି । ଜନଗଣ ବୁର୍ଜୁୟା ମାନଙ୍କର ଝୁଟା ଚେତନାର ଶିକାର ହେଉଛନ୍ତି ପଛକେ ତଥାକଥିତ ମାର୍କସବାଦୀମାନେ ବିଜ୍ଞାନ ପ୍ରତି ଆକୃଷ୍ଟ ହେଉନାହାନ୍ତି । ଅବଶ୍ୟ ବିଶ୍ୱରେ କ୍ଷମତା କେନ୍ଦ୍ରଟି ପୁଞ୍ଜିବାଦୀମାନଙ୍କ ଆଡ଼କୁ ଢ଼ଳିକରି ରହିଥିବାରୁ 'ସାମ୍ୟବାଦୀ'ମାନେ ପରାଭବ ଅନୁଭବ କରୁଛନ୍ତି । କିନ୍ତୁ ବସ୍ତୁ ସ୍ଥିତି ଯାହା ହେଉନା କାହିଁକି ବିଜ୍ଞାନ ଭାବାଦର୍ଶକୁ ପ୍ରତିହତ କରିପାରେ । ଅତୀତରେ ଥେଲସ୍ ଓ ଗାଲିଲିଓଙ୍କ ଆବିଷ୍କାର ତାହା ପ୍ରମାଣ କରିଛି । ଧର୍ମାଂଧମାନେ ଯେତେ ଇଚ୍ଛା କଲେବି ସୂର୍ଯ୍ୟକୁ ପୃଥିବୀର ଚାରିପଟେ ଘୂରାଇ ପାରିବେନି । ଜିଓରଦାନୋ ବ୍ରୁନୋଙ୍କୁ ପୋଡ଼ିମାରିବା ଯୁଗ ଅନ୍ତ ହୋଇଯାଇଛି । ପୃଥିବୀ ଆପାତତଃ ଧର୍ମ ଓ ଈଶ୍ୱର ବିଶ୍ୱାସୀ ଓ ତାଙ୍କ ପୃଷ୍ଠପୋଷକ ରାଜାମାନଙ୍କ କବଳରେ ନାହିଁ । ଇତି ମଧ୍ୟରେ ପୃଥିବୀ ଦ୍ୱିତୀୟ ସର୍ବଶକ୍ତିମାନ ଈଶ୍ୱର ଟଙ୍କା, ସାଇବର ପୁଞ୍ଜି ବା Code word ଅଧୀନକୁ ଆସିଯାଇଛି । ଏକ ସେକେଣ୍ଡ ଭଗ୍ନାଂଶରେ ଅର୍ବୁଦ ଅର୍ବୁଦ କୋଟି ଟଙ୍କାକୁ ଏକ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତରିତ କରି ନିଆଯାଉଛି । ଯାହାର ପରିଣତିରେ ଗୋଟାଏ ନିର୍ଦ୍ଦିଷ୍ଟ ଅଂଚଳର ଅର୍ଥନୀତି ଜୀବନଧାରା ଅଳ୍ପକିଛି ଦିନରେ ବିଧ୍ୱସ୍ତ ହୋଇଯାଇପାରୁଛି । ତାହା ଆମେ ଅତୀତରେ ଏସୀୟ ଦେଶର ନୂତନ ବ୍ୟାଘ୍ର (Asian Tiger) ମାନଙ୍କର ପରାଜୟରୁ ହୃଦୟଙ୍ଗମ କରିଛନ୍ତି । ବିଶ୍ୱପୁଞ୍ଜି ଓ ତା'ର ଭାବାଧାରାର ଏକମାତ୍ର ପ୍ରତିପକ୍ଷ ହେଉଛି ସଂପତ୍ତିହୀନ ସର୍ବହରା (୯୯ ଭାଗ ଜନଗଣ) ଓ ତା'ର ମୁକ୍ତି ସୂତ୍ରାବଳୀରେ ପରିପୂର୍ଣ୍ଣ ଏକବିଂଶ ଶତାବ୍ଦିର ବିଜ୍ଞାନ ମାର୍କସବାଦ । କେବଳ ବିଜ୍ଞାନ ବା ମାର୍କସବାଦର ସଫଳ ପ୍ରୟୋଗ ଜରିଆରେ ବିଶ୍ୱବ୍ୟାପୀ ପୁଞ୍ଜିର ପ୍ରଭାବକୁ ପ୍ରତିହତ କରିଯାଇ ପାରିବ ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏ କ୍ଷେତ୍ରରେ ମାର୍କସବାଦ ଭାବାଦର୍ଶର ଶିକାର ନହୋଇ ବିଜ୍ଞାନ ହେବା ଆବଶ୍ୟକ ।

Digitized by PPRACHIN, SOA

ବିଜ୍ଞାନ ଓ ମାର୍କସବାଦ:

ଏହି ପ୍ରବନ୍ଧର ପୂର୍ବବର୍ତ୍ତୀ ପୃଷ୍ଠାମାନଙ୍କରେ ଆଲୋଚିତ ହୋଇଛି ଯେ ମାର୍କସବାଦ ଏକ ବିଜ୍ଞାନ । ବୈପ୍ଳବିକ କ୍ରିୟାର ବିଜ୍ଞାନ (Phylosophy of revolutionary action) । ବିଜ୍ଞାନ ଜଗତରେ $E=mc_2$ ବା H_2o ସୂତ୍ରାବଳୀ ଯେମିତି ଗବେଷଣାଗାରର ବାସ୍ତବ ପ୍ରୟୋଗଶାଳାରେ ସଠିକ୍ ଭାବରେ ପ୍ରୟୋଗ ନହୋଇ ପାରିଲେ ସୂତ୍ର ବା ତତ୍ତ୍ୱକୁ ଆପାତତଃ ଭୁଲ୍ ପ୍ରମାଣିତ ହେବ ସେମିତି ମାର୍କସବାଦୀ ସାମାଜିକ ନେତୃତ୍ୱ ମାର୍କସବାଦର ତତ୍ତ୍ୱ ବା ସୂତ୍ରାବଳୀକୁ ସମାଜ ପରିବର୍ତ୍ତନର ବିଜ୍ଞାନ ଭାବରେ ସାମାଜିକ ସଂପର୍କର ପରୀକ୍ଷାଗାରରେ ସଫଳ ପ୍ରୟୋଗ ନକରି ପାରିଲେ ତାହା ମଧ୍ୟ ଆପାତତଃ ଭୁଲ୍ ପ୍ରତୀୟମାନ ହେବ । ପରୀକ୍ଷା ବା ପ୍ରୟୋଗ ଭୁଲ୍ ହେବା ଅର୍ଥ ନୁହେଁ ଯେ ତତ୍ତ୍ୱ, ସୂତ୍ରର ମୃତ୍ୟୁ ଘଟିଲା । ଶିକ୍ଷକ ଛାତ୍ରକୁ($E=mc_2$) ବୁଝାଇପାରିଲେନି ବୋଲି ଆଇନ୍‌ଷ୍ଟାଇନ୍‌ଙ୍କର ଆବିଷ୍କାର ଭୁଲ୍ ହୋଇପାରେନା । ବିଜ୍ଞାନର ପ୍ରୟୋଗ ଏକ ସୀମିତ ଅଂଚଳରେ ପରିବ୍ୟାପ୍ତ । ମାର୍କସବାଦ ଭଳି ସମାଜ ବିଜ୍ଞାନର ପରିସର ବ୍ୟାପକ । ଏହାର ପଛରେ ରହିଛି ଗୋଟା ପ୍ରକୃତି ବିଜ୍ଞାନ ଓ ସମଗ୍ର ମାନବ ସମାଜର ବିକାଶର ଇତିହାସ । ହଜାର ହଜାର ବର୍ଷ ଧରି ଗଢ଼ି ଆସୁଥିବା ରାଜନୀତି, ଅର୍ଥନୀତି ସଂସ୍କୃତି ଓ ସର୍ବୋପରି ଏକ ବିଶାଳ ଅବଚେତନ (Unconscious)ର ଜଗତ; ଏ ସବୁ କିଛିର ରହସ୍ୟକୁ ମାର୍କସ ଓ ପରବର୍ତ୍ତୀ ସମୟରେ ମାର୍କସବାଦୀ ତଥା ସହଯୋଗୀ ସମାଜ ବିଜ୍ଞାନୀମାନେ ବ୍ୟାଖ୍ୟା କରି କେତୋଟି ସୂତ୍ରାବଳୀ (Formulation) ପ୍ରଦାନ କରିଛନ୍ତି । ସେ ସମସ୍ତ ସୂତ୍ରାବଳୀକୁ ଆତ୍ମସ୍ଥ କରିପାରିଲେ ପ୍ରୟୋଗଶାଳାରେ ସଫଳ ପରୀକ୍ଷଣ ସଂଭବ । ଆତ୍ମସ୍ଥ ନ କରି ପାରିଲେ ଭୁଲ୍ ପରିଣାମକୁ ଆପଣେଇ ନେବାକୁ ହେବ; ଯାହା ସୋଭିଏତ୍ ଋଷ୍ ଓ ଇଷ୍ଟ ଇଉରୋପୀୟ ଦେଶମାନଙ୍କର ଘଟିଛି । ଏହି ସମସ୍ତ ଦେଶମାନଙ୍କର କମ୍ୟୁନିଷ୍ଟ ପାର୍ଟିର ନେତୃତ୍ୱ କୁକ୍ଷୀଗତ (Regimented) ହୋଇ ଯାଇଥିଲା; ସର୍ବହରାର ଏକନାୟକତ୍ୱ ପରିବର୍ତ୍ତେ କମ୍ୟୁନିଷ୍ଟ ପାର୍ଟିର ଏକନାୟକତ୍ୱ କାୟେମ ରହିଥିଲା; ପୁଂଜି ନୂତନ ରୂପରେ ରାଷ୍ଟ୍ରୀୟ ପୁଂଜି ଭାବରେ ଶ୍ରମକୁ କବଳିତ କରୁଥିଲା । ଫଳତଃ ସୃଷ୍ଟି ହେଲା ବିଚ୍ଛିନ୍ନତା-ରାଷ୍ଟ୍ର ଠାରୁ ଶ୍ରମିକର; ସମଗ୍ର ଜନଗଣଙ୍କର । ପରିଣତିରେ ରାଷ୍ଟ୍ର ମଉଳିଯିବା ପରିବର୍ତ୍ତେ ନୂତନ ରାଷ୍ଟ୍ର ଜନ୍ମ ନେଲା, ଋଷ୍ ପୁଞ୍ଜିବାଦୀ ଉଦାର ଗଣତନ୍ତ୍ର ରାସ୍ତାରେ ପାଦଦେଲା । ଇତିହାସର ଚକା ପଛକୁ ଫେରିଲା । ସୋଭିଏତ୍ ଋଷ୍ ଓ ପୂର୍ବ ଉଇରୋପୀୟ ଦେଶର ଶ୍ରମିକମାନେ ଯଦି ବୁଝିଥାନ୍ତେ ଇତିହାସର ଗୁରୁଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ, ସେମାନେ ନିଜକୁ ମୁକ୍ତ କରିବା ସଂଗେ ସଂଗେ ଶ୍ରେଣୀ ସମାଜର

Digitized by PPRACHIN, SOA

ବିଲୋପ ଘଟାଇବେ ଓ ମଜୁରୀ ଦାଶତ୍ୱ ପ୍ରଥାକୁ ଅନାବଶ୍ୟକ କରି ଗଢ଼ି ତୋଳିବେ ଓ ନାଗରିକ ସାମଜ ପରିବର୍ତ୍ତେ ମାନବ ସମାଜ ଗଠନ ପଥରେ ଜୟଯାତ୍ରା କରିବେ, ତା' ହେଲେ ଇତିହାସର ଚକା ପଛକୁ ଘୂରିନ'ଥାନ୍ତା । ସଂପ୍ରତି ପୁନଷ୍ଚ ପୁଞ୍ଜିବାଦରୁ ସମାଜବାଦ ଏବଂ ସାମ୍ୟବାଦ ଆଡ଼କୁ ସମାଜର ଅଗ୍ରଗତି ସଂଭବ ଯଦି ମାର୍କସବାଦରେ ଥିବା ବିଜ୍ଞାନର ସୂତ୍ରାବଳୀକୁ କେବଳ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ନୁହେଁ, ଶ୍ରମିକ ଏପରିକି ଅନ୍ୟାନ୍ୟ ନିପୀଡ଼ିତ ବର୍ଗ ଓ ମଧ୍ୟବିତ୍ତ ବୁଦ୍ଧିଜିବୀ ବର୍ଗର ଏକାଂଶ ଠିକ୍ ଭାବରେ ବୁଝି ବାସ୍ତବ ସଂଗ୍ରାମରେ ତାହାର ପ୍ରୟୋଗ କରିପାରିବେ ।

ମାର୍କସବାଦୀ ଦର୍ଶନର ବିଶାଳତାକୁ କେବଳ ଗଭୀର ସଂବେଦନଶୀଳତା ମଧ୍ୟଦେଇ ଆତ୍ମସ୍ଥ କରାଯାଇ ପାରିବ । ମାର୍କସବାଦୀ ଦର୍ଶନର ପ୍ରଥମ ମୂଳ ସୂତ୍ରଟି ହେଲା ଇତିହାସ ବୋଧ । ଏବଂ ମାନବ ମନରେ ଏହି ଇତିହାସ ବୋଧ ସଂଭବ ହେବ ସମୀକ୍ଷାତ୍ମକ ଦୃଷ୍ଟିଭଂଗୀ ମାଧ୍ୟମରେ । ମାର୍କସ ଜଣେ ସମୀକ୍ଷକ (Critique) ଥିଲେ । ସେ ତାଙ୍କର 'ପୁଞ୍ଜି' ଗ୍ରଂଥରେ ପୁଞ୍ଜି ଓ ପୁଂଜିବାଦର ସମୀକ୍ଷା କରିଛନ୍ତି । ମାର୍କସ ତାଙ୍କ 'ପୁଞ୍ଜି' ଗ୍ରନ୍ଥରେ ସାମ୍ୟବାଦକୁ ଏକ ପ୍ରବଣତା ଭାବରେ ଦେଖାଇଛନ୍ତି । ମାର୍କସବାଦ କହେ ସାମ୍ୟବାଦ ଇତିହାସର ଅଂତ ନୁହେଁ, ଏହା ଏକ ନୂତନ ଆରମ୍ଭ' (New begaining) । ସମୀକ୍ଷାତ୍ମକ ଦୃଷ୍ଟିଭଙ୍ଗୀରେ ମାର୍କସ ଧାରାବାହିକତା ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ସେଥିପାଇଁ ମାର୍କସଙ୍କର ସମୀକ୍ଷା ଥିଲା ଏକ ଜୀବନ ମରଣ ସଂଗ୍ରାମ; ନିଜେଇ ନିଜର ଅଂତ end in itself । ଗାଲିଲିଓଙ୍କ ଗବେଷଣା ଫଳରେ ଯେମିତି ବିଜ୍ଞାନ ସଠିକ୍ ଦିଗରେ ପରିଚାଳିତ ହେଲା; ମାର୍କସଙ୍କର ଗବେଷଣା ସେମିତି ଦର୍ଶନକୁ ଭାବାଦର୍ଶ କବଳରୁ ମୁକ୍ତକଲା । ମାର୍କସ ତାଙ୍କ ଦର୍ଶନର ଅଧିକାଂଶ ସୂତ୍ରାବଳୀକୁ ସାମାଜିକ ସଂପର୍କ ମଧ୍ୟଦେଇ ଆବିଷ୍କାର କଲେ । ମୁଦ୍ରାଠାରୁ ଧର୍ମ, ଈଶ୍ୱର, ପୁଞ୍ଜି, ଶ୍ରମ ଓ ଶ୍ରେଣୀ ସବୁକିଛିକୁ ସେ ଇତିହାସ ଓ ସାମାଜିକ ସଂପର୍କ ମଧ୍ୟଦେଇ ପ୍ରକଟିତ କରାଇବାକୁ ଚାହିଁଲେ । ମାର୍କସ ଟଙ୍କା, ଶ୍ରମ, ଈଶ୍ୱର, ପୁଞ୍ଜିକୁ ଅତୀତର ଦର୍ଶନ ଓ ଅଭିଧାନ ପ୍ରଦତ୍ତ ଅର୍ଥଠାରୁ ଅଲଗା କରି ଦେଖିଲେ । ଉପରୋକ୍ତ ଶବ୍ଦମାନେ ହୋଇଗଲେ ସାମାଜିକ ସଂପର୍କର ରୂପ ଚିତ୍ର । ଇତିହାସର ଅଂଶ ବିଶେଷ ।

ଶ୍ରମ:

ଶ୍ରମର ଅର୍ଥ ମାର୍କସ ଐତିହାସିକ ବିବର୍ତ୍ତନ ପ୍ରକ୍ରିୟା ମଧ୍ୟ ଦେଇ ଦେଖିବାକୁ ଚେଷ୍ଟା କରିଛନ୍ତି; ସାମାଜିକ ସଂପର୍କ ମଧ୍ୟଦେଇ ସେ ଶ୍ରମର ଅର୍ଥ ନିରୂପଣ କରିଛନ୍ତି । ମାର୍କସ ଦୃଷ୍ଟିରେ ମାନବ ପ୍ରଜାତି (Species) ପାଇଁ ଶ୍ରମ ଏକ ପ୍ରକ୍ରିୟା ଯେଉଁ ପ୍ରକ୍ରିୟା:

Digitized by PPRACHIN, SOA

ମଧ୍ୟ ଦେଇ ମଣିଷ ପ୍ରକୃତି ସହ ଯୋଗାଯୋଗ ସୃଷ୍ଟି ମାଧ୍ୟମରେ ଶରୀରେ ରାସାୟନିକ ବିପାକ ସୃଷ୍ଟି କରି ଶରୀର ମନ ପୁଷ୍ଟ କରିଥାଏ । ଏହାହେଲା ମାନବ ଶ୍ରମର ପ୍ରାକୃତିକ ଗୁଣାବଳୀ । ମାର୍କସବାଦୀଙ୍କର ମତରେ ଶ୍ରମ ହିଁ ମଣିଷର ପ୍ରାକୃତିକ ଗୁଣାବଳୀ । ସେମାନଂକ ମତରେ ଶ୍ରମ ହିଁ ମଣିଷର ସୃଜନଶୀଳତାର ଉତ୍ସ । ପ୍ରକୃତିଗତ ଭାବରେ ଶ୍ରମ ପ୍ରକ୍ରିୟାରେ ମଣିଷ ସ୍ୱାଧୀନ । ମାର୍କସଙ୍କ ମତରେ ମଣିଷ ଶ୍ରମ ମଣିଷର ଜୀବନଚର୍ଯ୍ୟା (life activity) ସହିତ ଜଡ଼ିତ । କିନ୍ତୁ ପୁଞ୍ଜିବାଦୀ ଶ୍ରମ ପ୍ରକ୍ରିୟାରେ ମଣିଷର ଶ୍ରମ ବିକ୍ରି ଯୋଗ୍ୟ ପଣ୍ୟ ଭାବରେ ମଣିଷକୁ ତା'ର ଜୀବନଚର୍ଯ୍ୟା ଠାରୁ ଦୂରେଇନିଏ । ମାର୍କସ ମତରେ ପୁଞ୍ଜିବାଦୀ ଶ୍ରମ ପ୍ରକ୍ରିୟାରୁ ଶ୍ରମିକର ଅସଲ ଜୀବନଚର୍ଯ୍ୟା ଆରମ୍ଭ ହୁଏ ସେତେବେଳେ ଯେତେବେଳେ ସେ କାରଖାନାରୁ ଫେରିଆସେ । (His life only begains when his work ceases) ।

ଶ୍ରମର ପଣ୍ୟ ଚରିତ୍ର:

ଶ୍ରମ ଏକ ବିକ୍ରୀଯୋଗ୍ୟ ପଣ୍ୟ ହୋଇପାରେ ତାହା ଆଦିମ ମଣିଷ କଳ୍ପନା ବାହାରେ ଥିଲା । ଆଦିମ ଗୋଷ୍ଠୀ ସମାଜରେ ଶ୍ରମଥିଲା ଗୋଷ୍ଠୀଶ୍ରମ । ଏପରିକି ଗ୍ରାମ୍ୟଗୋଷ୍ଠୀ ସମାଜରେ ଦ୍ରବ୍ୟ ସହ ଶ୍ରମିକର ସିଧାସଳଖ ସଂପର୍କ ସ୍ଥାପିତ ହେଉଥିଲା । ତନ୍ତୀ ଲୁଗା ବୁଣୁଥିଲା ନିଜପାଇଁ, ସମାଜ ପାଇଁ । ସଂପତ୍ତି ଭିତ୍ତିକ ସମାଜ ବିକାଶରେ, ଶ୍ରମ ଅନ୍ୟାନ୍ୟ ପଦାର୍ଥ ଭଳି ଏକ ବ୍ରିକୀଯୋଗ୍ୟ ପଣ୍ୟରେ ରୂପାନ୍ତରିତ ହୋଇଗଲା । ମାନବ ଶ୍ରମ ଯାହା ତା'ର ଶରୀର ପୃଷ୍ଟି ଓ ସୃଜନଶୀଳତାର ବିକାଶ ପାଇଁ ଉଦ୍ଦିଷ୍ଟ ଥିଲା; ଯାହାକୁ ମୂର୍ତ୍ତଶ୍ରମ Concrit labour କୁହାଯାଉଥିଲା; ଯେଉଁ ଶ୍ରମର ମାଲିକ ଶ୍ରମିକ ନିଜେ ଥିଲା, ତାହା ପୁଞ୍ଜିବାଦୀ ମଜୁରୀ ଦାଶପ୍ରଥାରେ ଅନ୍ୟ ନିକଟରେ ବିକ୍ରୀତ ହୋଇ ଯିବାଦ୍ୱାରା ଶ୍ରମ ପ୍ରକ୍ରିୟାରେ ଶ୍ରମିକ ନିଜର ଶ୍ରମର ନିଜେ ମାଲିକ ନ ହୋଇ ଅନ୍ୟ ଜଣେ ତା'ର ମାଲିକ ହେଲା ଓ ଭରଣ ପୋଷଣ ସକାଶେ ସେ ମଜୁରୀ ପ୍ରାପ୍ତ ହେଲା; ଏତଦ୍‌ଦ୍ୱାରା ଶ୍ରମ ହେଲା ବିମୂର୍ତ୍ତ (abstract); ଶ୍ରମିକ ଶ୍ରମ ଠାରୁ ହେଲା ବିଚ୍ଛିନ୍ନ । ସଂପ୍ରତି ଶ୍ରମ ପ୍ରକ୍ରିୟାରେ ମଣିଷ ପାଲଟିଛି ଏକ 'ରୋବାଟ୍' ।

ଶ୍ରମ ମୂଲ୍ୟସୃଷ୍ଟି କରେ ଉଦ୍‌ବୃତ୍ତ ମୂଲ୍ୟ ବି:

ମାର୍କସଙ୍କ ପୂର୍ବରୁ ଚିରାୟତ ଅର୍ଥଶାସ୍ତ୍ରୀମାନେ ଶ୍ରମ ମୂଲ୍ୟ ସୃଷ୍ଟିକରେ କଥାଟି କହିଥିଲେ (Labour produces value) । ମାର୍କସ ଉଦ୍‌ବୃତ୍ତ ମୂଲ୍ୟ (Surplus

Digitized by PPRACHIN, SOA

value) ସୂତ୍ରଟି ଯୋଡ଼ିଲେ; ଯାହାକୁ ସେ M-C-M[1] (Money-Comodity-Money) କିଣିଥିବା ପଦାର୍ଥଟିକୁ ଅଧିକ ଦାମ୍‌ରେବିକ୍ରୀ କରିବା ଅର୍ଥାତ୍ ମୂଲ୍ୟ ସହ ଉଦ୍‌ବୃତ୍ତ ମୂଲ୍ୟ ଅର୍ଥାତ୍ C-VC. (Constant capital-Variable capital) ପରିବର୍ତ୍ତନଶୀଳ ପୁଞ୍ଜିକୁ ଗଚ୍ଛିତ ପୁଂଜି ସହ ଯୋଡ଼ି ପୁନଃ ପରିବର୍ତ୍ତନଶୀଳ ପୁଞ୍ଜିକୁ ବା ଉଦ୍‌ବୃତ୍ତ ମୂଲ୍ୟ ସୃଷ୍ଟି କରିବା ଇତ୍ୟାଦିରେ ବ୍ୟାଖ୍ୟାୟିତ କରିଛନ୍ତି । ମାର୍କସ ଗଚ୍ଛିତ ପୁଞ୍ଜିକୁ Sum total of human labour diposited in the form of capital ମନେ କରନ୍ତି ଓ VC ବା ପରିବର୍ତ୍ତନଶୀଳ ପୁଞ୍ଜି ଲଗିଆରେ ପ୍ରକୃତ ଶୋଷଣ ଓ ଉଦ୍‌ବୃତ୍ତ ମୂଲ୍ୟ ସୃଷ୍ଟି ହେଉଥିବା କଥା କହନ୍ତି ।

ପଣ୍ୟର ଐଂନ୍ଦ୍ରଜାଲିକ ରୂପ (Commodity Fetishim):

Fetishim ର ଆକ୍ଷରିକ ଅର୍ଥ ହେଉଛି କାୟା ବଦଳ । ପ୍ରଥମ କାୟାଟି ହେଉଛି ଦ୍ରବ୍ୟ, ଦ୍ୱିତୀୟ କାୟାଟି ହେଉଛି ପଣ୍ୟ । ଯେ କୌଣସି ଉତ୍ପାଦିତ ଦ୍ରବ୍ୟର ପ୍ରଥମ ସ୍ୱରୂପଟି ହେଲା ଏହା ଦ୍ରବ୍ୟ ମୂଲ୍ୟ-ବା ବ୍ୟବହାର ମୂଲ୍ୟ (Use value) ସହ ଯୁକ୍ତ ଏକ ସମାଗ୍ରୀ । କୌଣସି ଉତ୍ପାଦିତ ପଦାର୍ଥ ଦ୍ରବ୍ୟରୁ ପଣ୍ୟ ନହେବାଯାଏଁ ତାକୁ କିଣାଯାଇ ପାରିବନି । ପଣ୍ୟ ଏକ ବିନିମୟ ମୂଲ୍ୟ (Exchange value) ଯୁକ୍ତ ପଦାର୍ଥ । କୌଣସି ଉତ୍ପାଦିତ ପଦାର୍ଥ ବିନିମୟ ମୂଲ୍ୟ ଯୁକ୍ତ ହେବା ଅର୍ଥ ଏହାର କାୟା ବଦଳ ହୋଇଯିବା - ଅର୍ଥାତ୍ ପଦାର୍ଥଟି ଉଦ୍‌ବୃତ୍ତ ମୂଲ୍ୟ ଯୁକ୍ତ ହୋଇ ପଣ୍ୟରେ ରୂପାନ୍ତରିତ ହେବା; ଅତଏବ ଦ୍ରବ୍ୟଟି ବଜାରରେ ସୁସଜ୍ଜିତ ମନଲୋଭା ଆଖିଦୃଶିଆ ହୋଇ ଇଂନ୍ଦ୍ରୀୟୋତ୍ତର (Super sensible) ବା ମନ୍ମୟ ଓ ଆଦର୍ଶ (ideal) ହୋଇ ଉଠିବା; ଦ୍ୱୈତ ଚରିତ୍ର (dual charater)ବହନ କରିବା । ଏକାଧାରାରେ ଦ୍ରବ୍ୟ ମୂଲ୍ୟ ଓ ବିନିମୟ ମୂଲ୍ୟ ମଧ୍ୟ ଦେଇ ଅନ୍ତିମରେ ପଦାର୍ଥଟି ବିନିମୟ ମୂଲ୍ୟର ଐଂନ୍ଦ୍ରଜାଲିକ ଆଲୋକ ପ୍ରଦାନ କରେ; ଯାହା ପ୍ରକୃତରେ ଆଲୋକର ଭେଳିକି । ଅନ୍ତିମରେ ବିନିମୟ ମୂଲ୍ୟ ଯୁକ୍ତ ପ୍ରଣ୍ୟ ମାର୍କସଙ୍କ ଭାଷାରେ ଆଧିଭୌତିକ ସୂକ୍ଷ୍ମତା ଓ ଈଶ୍ୱରୀୟ ଗୁଣବତ୍ତାରେ ପୂର୍ଣ୍ଣହୋଇ ଉପଭୋକ୍ତାବାଦୀ ଦୁନିଆରେ ଏପରି ଭ୍ରମ ସୃଷ୍ଟିକରେ ଯଦ୍ୱାରା ଜଗତକୁ ବୁଝିବା ଓ ଜାଣିବା କ୍ଷେତ୍ରରେ ପୁଂଜିବାଦୀ ଦୁନିଆରେ ପଣ୍ୟ ଓ ପଣ୍ୟ ବିନିମୟ ବ୍ୟବସ୍ଥା ହିଁ ଅନ୍ତରାୟ ସୃଷ୍ଟି କରେ । ମଣିଷ ଟଙ୍କା ଓ ପଣ୍ୟ ମାୟାରେ ଆତ୍ମହରା ହୋଇଯାଏ ଓ ନିଜ ଭିତରେ ସୃଷ୍ଟି ହେଉଥିବା 'ଭ୍ରମ'(illusion) କୁ ନିଜେ ଠାବ କରି ପାରେନା; ଯେମିତି ଈଶ୍ୱର ବିଶ୍ୱାସୀଟିଏ ଜାଣି ପାରେନା ସେ ଯାହାକୁ ନିଜର ସ୍ରଷ୍ଟାବୋଲି ମାନୁଛି ତାକୁ ସେ

Digitized by PPRACHIN, SOA

ନିଜେ ସୃଷ୍ଟି କରିଛି । ପଣ୍ୟ ବିନିମୟ ବ୍ୟବସ୍ଥା ଉପଭୋକ୍ତାବାଦୀ ବ୍ୟବସ୍ଥାରେ ଉପଭୋକ୍ତାମାନଙ୍କର ସ୍ୱର୍ଗରାଜ୍ୟ । ଉପଭୋକ୍ତାମାନେ ବଜାରର ମାୟାରେ ବାୟା ହୋଇ ଅର୍ଥାଗମର ପନ୍ଥା ଖୋଜନ୍ତି । ଶ୍ରମ, ପୁଂଜି, ପଣ୍ୟ, ମୁଦ୍ରା ଏହି ଚାରୋଟି ଶବ୍ଦର ଅର୍ଥ କ'ଣ ପଚାରିଲେ ପୁଂଜିବାଦୀ ଦୁନିଆରେ ଅଧିକାଂଶ ମହାଜ୍ଞାନୀ ପଣ୍ଡିତ, ଅଧ୍ୟାପକ, ଭାବାଦର୍ଶବାଦୀ କବି, ଦାର୍ଶନିକ, ଜନନାୟକ, ବୁଦ୍ଧିଜୀବି ସର୍ବୋପରି ପୁଞ୍ଜିପତି, ଚାଷି ଶ୍ରମିକ ଓ ତଥାକଥିତ ସାମ୍ୟବାଦୀ ବା ସାମ୍ୟବାଦର ଭକ୍ତ କେହି ସଠିକ୍ ଉତ୍ତର ଦେଇ ପାରନ୍ତିନି - କାରଣ ସେମାନଙ୍କର ବାସ୍ତବ ଜଗତ ସଂପର୍କରେ ପ୍ରଚକ୍ଷୁର ଭ୍ରମ (optical illusion) ବା Camera obscura ବା ଓଲଟ ଚେତନା (inverted consciousness)ର ଶିକାର ହୋଇଥାନ୍ତି; ଯାହାର ସାମଗ୍ରିକ ରୂପ ହେଲା ଭାବାଦର୍ଶ ।

ମାର୍କସବାଦ ଇତିହାସର ଜ୍ଞାନ:

ମଣିଷ ମୁକ୍ତି ପାଇଁ ମଣିଷର ବିଜ୍ଞାନ ହେଲା ଇତିହାସ ଜ୍ଞାନ-ସେ ଇତିହାସ ହେଉଛି ସମଗ୍ର ବସ୍ତୁ ଜଗତ ବିଶେଷ କରି ମଣିଷର ଇତିହାସ । ମଣିଷ ଧର୍ମ, ଈଶ୍ୱର, ପୁଞ୍ଜି, ଶ୍ରମ, ପଣ୍ୟ, ମୁଦ୍ରା, ରାଷ୍ଟ୍ର, ଭାବାଦର୍ଶ, ଦର୍ଶନ ବିଜ୍ଞାନରେ ଓ ପ୍ରଯୁକ୍ତି ଅର୍ଥ ବୁଝିବାକୁ ଚେଷ୍ଟା କଲେ ସାମାଜିକ ସଂପର୍କ ମଧ୍ୟରେ ସେ ନିଜର ଅବସ୍ଥାନ ସଂପର୍କରେ ସଚେତନ ହୋଇ ଉଠିବ- ଅର୍ଥାତ୍ ଆତ୍ମସଚେତନ ହେବ; ଯେଉଁ ଆତ୍ମ ସଚେତନତାର ଅର୍ଥ ଇତିହାସ ସଚେତନତା । ବସ୍ତୁସ୍ଥିତି ଦୃଷ୍ଟିକୋଣରୁ ପୃଥିବୀର ନିପୀଡ଼ିତ ବର୍ଗ ତା'ର ସଂଗ୍ରାମ ମଧ୍ୟଦେଇ ଆତ୍ମ ସଚେତନ ବା ଇତିହାସ ସଚେତନ ହେବାର ସଂଭାବନା ରହିଛି; ଅବଶ୍ୟ ଏଥିପାଇଁ ଭାବାଦର୍ଶର ବିକଳ୍ପ ବିଜ୍ଞାନନୁଚିନ୍ତା ଅତ୍ୟନ୍ତ ଜରୁରୀ । ବିଜ୍ଞାନର ଜଗତକୁ ଗାଲିଲିଓ, ନିଉଟନ୍, ଆଇନଷ୍ଟାଇନ୍ ମାର୍କସ, ଡାରଉଇନ୍, ଫ୍ରୟେଡ୍, ଲେନିନ୍, ଗ୍ରାମସି ଆଦି ଚିନ୍ତାନାୟକ ମାନଙ୍କର ଅବଦାନ ଯଥେଷ୍ଟ । ଅଧିକନ୍ତୁ ବିଜ୍ଞାନ ସଂରଚନା ଉତ୍ପାଦନ ସଂପର୍କ ଓ ଉତ୍ପାଦିକା ଶକ୍ତି ବିକାଶ ସହ ତାଳ ଦେଇ ଆଗେଇ ଚାଲିବ । ନୂତନ ଭ୍ରମ ସୃଷ୍ଟି ଯେମିତି ଶୋଷକ ଶ୍ରେଣୀର କାମ ହେବ ଶୋଷିତ ମଧ୍ୟ ସେହିପରି ଭ୍ରମ ଜାଲରୁ ମୁକ୍ତିର ରାସ୍ତା ଖୋଜିବ ।

ମାର୍କସବାଦ କଳ୍ପଲୋକ ନୁହେଁ ଏହା ବିପ୍ଲବାତ୍ମକ କ୍ରିୟାର ବିଜ୍ଞାନ (Philosophy of praxis):

ଏହା ଓଲଟ ବିଶ୍ୱର ବିମୂର୍ତ୍ତନ (abstraction) । ଏହା ତାର ଐତିହାସିକ

Digitized by PPRACHIN, SOA

ଲକ୍ଷ୍ୟ ପଥରେ ଏଯାବାତ୍ ନ ପହଞ୍ଚିଛି ପାରିଥିବା ହେତୁ ଏହାକୁ କେହି କେହି 'କଳ୍ପଲୋକ' ସଂଧାନୀ ଦର୍ଶନ ବୋଲି କହିଥାନ୍ତି । ଯେଉଁମାନେ ମାର୍କସବାଦକୁ ଇଉଟୋପିଆ ଆଖ୍ୟା ଦିଅନ୍ତି ସେମାନେ ପ୍ଲାଟୋଙ୍କ ଆଦର୍ଶ ରାଜ୍ୟ (ideal state), ଥୋମାସ ମୁରଙ୍କ ପ୍ରଦର୍ଶିତ କଳ୍ପଲୋକ (Utopia) ଓ ଗାନ୍ଧିଜୀ ଗ୍ରାମ ସ୍ୱରାଜ୍ୟ ବ ଟ୍ରଷ୍ଟିସିପ୍ କୁ ଅଂଗୁଳି ନିର୍ଦ୍ଦେଶ କରନ୍ତି । ମୁରଂକ କଳ୍ପରାଜ୍ୟରେ ମୁର୍ ସବୁ ଘର ଗୁଡ଼ିକ ସମାନ ହେବ, ସବୁ ମଣିଷ ସମାନ ଦେଖାଯିବେ; ସମସ୍ତେ ୬ଘଣ୍ଟା କାମ କରିବେ, ରାତି ୮ଟାରେ ଶୋଇବେ ଓ ରାତି ୪ଟାରୁ ଉଠି ପଡ଼ିବେ, ଏମାନେ ଘରେ ରୋଷାଇ ନକରି ସର୍ବସାଧାରଣ ସ୍ଥାନରେ ଖାଇବେ ଓ ଗାନ୍ଧିଜୀଙ୍କ ଟ୍ରଷ୍ଟିସିପ୍‌ରେ ପୁଞ୍ଜିପତିମାନେ ସଂପତ୍ତିର ମାଲିକ ନହୋଇ ଟ୍ରିଷ୍ଟିହୋଇ ଦେଖାଶୁଣା କରିବେ ଓ ଦରମା ନେବେ ଇତ୍ୟାଦି ଭାବଧାରାର ପ୍ରକାଶ କରାଯାଇଛି । ବସ୍ତୁତଃ ଉପରୋକ୍ତ ଦୁଇ ଭାବଧାରା ଓ ଦର୍ଶନ ଭାବାଦର୍ଶ ପର୍ଯ୍ୟାୟର । ମାର୍କସ ଦର୍ଶନ କିନ୍ତୁ ଭାବାଦର୍ଶ ନୁହଁ-ଏବଂ ଏହା ଏଇଥିପାଇଁ ଭାବାଦର୍ଶ ନୁହଁ ଯେହେତୁ ଏହି ଦର୍ଶନ ପୁଞ୍ଜିବାଦର ନିରନ୍ତର ସମାଲୋଚନା ପରେ ପୁଞ୍ଜିବାଦ ମଧ୍ୟରେ ସମାଜବାଦ ବା ସାମ୍ୟବାଦ ଆଡ଼କୁ ଗତି କରିବାର ପ୍ରବଣତାକୁ ଦର୍ଶାଯାଇଥାଏ । ମାର୍କସଙ୍କର ଦର୍ଶନ ବିପ୍ଳବାତ୍ମକ କ୍ରିୟାର ଦର୍ଶନ (Phylosphy of Praxis) । ପଲ୍ ଫ୍ରାୟଂକ ଭାଷାରେ ମାର୍କସବାଦ ମଧ୍ୟରୁ ଚିନ୍ତାରୁ କ୍ରିୟାକୁ ବାଦ୍ ଦେଲେ ବାଗାଡ଼ମ୍ବର ହୋଇଯିବ । (Reflection without action is verbalism); ସେହିପରି କ୍ରିୟାରୁ ଚିନ୍ତାକୁ ବାଦ ଦେଲେ ଏହା ନିଷ୍ଫଳ କ୍ରିୟା ହୋଇଯିବ (Action without reflection is activism) । ମାର୍କସବାଦୀ ଦର୍ଶନରେ କ୍ରିୟାଶୀଳତା ଥିବା ହେତୁ ଆଜିବି ଏହା ସାମ୍ୟବାଦକୁ ଉଦାର ଗଣତଂତ୍ରର ବିକଳ୍ପ ଭାବରେ ଛିଡ଼ା କରାଇ ପାରିଛି ଓ ଏହି ଦର୍ଶନ ସପକ୍ଷରେ ପୃଥିବୀ ବ୍ୟାପକ ନିପୀଡ଼ିତ ଜନଗଣଙ୍କର ଆସ୍ଥା ପ୍ରକଟିତ ଅଛି । ମାର୍କସ ତାଙ୍କର 'Critique of Hegel's philosophy of Right' ପ୍ରବଂଧରେ ଦର୍ଶାଇଛନ୍ତି ଯେ ସର୍ବହରା ଯେଉଁଦିନ ମାର୍କସବାଦୀ ଦର୍ଶନକୁ ତା'ର ସଂଘର୍ଷ ଅସ୍ତ୍ର ଭାବରେ ଧାରଣା କରିପାରିବ ଓ ମାର୍କସବାଦ ଯେଉଁଦିନ ସର୍ବହରା ମଧ୍ୟରେ ଦର୍ଶନର ବିଜୟ ସଂଭାବନା ଦେଖି ପାରିବ ସେହି ଦିନ ପୃଥିବୀରେ ମାର୍କସବାଦ ସାମ୍ୟବାଦକୁ ବାସ୍ତବାୟିତ କରିପାରିବେ । (Philosophy finds its material weapons in the proletariat, so the proleteriat finds its intellectual weapons in philosophy. (Critique of Hegel Philosophy of right introduction, Karl Marx, Early writing, P-257, penguin)

ତାହା ନହେବାଯାଏ ପୃଥିବୀର କୋଟି କୋଟି ମଣିଷ ଭାବାଦର୍ଶର ଗଣ୍ଡି ଭିତରେ

Digitized by PPRACHIN, SOA

ଆତ୍ମପ୍ରବଂଚନାର ଶିକାର ହେବାସହ ଦ୍ୟୋତ ଭାବନାର ବୌଦ୍ଧିକ, ମାନସିକ ଯନ୍ତ୍ରଣା ଭୋଗୁଥିବବେ; ମଜୁରୀ ଦାଶତ୍ୱକୁ ବରଣ କରି ପଣ୍ୟ ମାୟାର ଇନ୍ଦ୍ରଜାଲର ଶିକାର ହେଉଥିବେ । ଆତ୍ମ ବିଚ୍ଛିନ୍ନ ମଣିଷ ପାଇଁ ଇତିହାସର ବିଜ୍ଞାନ ମାର୍କସବାଦ ହିଁ ଏକମାତ୍ର ଜୀବନ୍ତ ଦର୍ଶନ ଯାହା ମାନବମୁକ୍ତି ଓ ସମାଜ ପରିବର୍ତ୍ତନର ସଂଦେଶକୁ ବହନ କରେ । ଏହି ଦର୍ଶନକୁ ନୂତନ ପରିସ୍ଥିତିରେ ନବ ନବ ବ୍ୟାଖ୍ୟାରେ ସଂଯୋଗାୟିତ କରି ପାରିଲେ ଏହା ନୂତନ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିବ ।

ପରିଶିଷ୍ଟ:

ଭାବାଦର୍ଶର କେତୋଟି ଉଦାହରଣ:

(୧) ଜୋର ଯା'ର ମୂଲକ ତାର (୨) ବୀର ଭୋଗ୍ୟା ବସୁଂଧରା (୩) ବ୍ରାହ୍ମଣ ପୁଅ ଗୋରୁମାରିଲେ ଦୋଷ ନାହିଁ (୪) ଅସୂର୍ଯ୍ୟମ୍ ପଶ୍ୟା (୫) ଢୋଲ୍ ପଶୁ ଔର ନାରୀ ଯେ ତାଡ଼ନ୍‌କି ଅଧିକାରୀ (୬) କବିତା ବନିତା ଲତା ବିନାଶ୍ରୟେ ନବର୍ତ୍ତନ୍ତି (୭) ଆପେ ବଂଚିଲେ ବାପର ନାଁ (୮) ବ୍ରହ୍ମାଂକ ମସ୍ତିଷ୍କରୁ ବ୍ରାହ୍ମଣ, ବାହୁର କ୍ଷତ୍ରୀୟ, ପାଦରୁ ଶୁଦ୍ରଙ୍କ ଉତ୍ପତ୍ତି (୯) ଯାହାର ଲୁଣ ଖାଇଛି ତା'ରଗୁଣ ଗାଇବ (୧୦) ସ୍ୱାମୀ ସ୍ତ୍ରୀର ରକ୍ଷାକର୍ତ୍ତା ଈଶ୍ୱର ସଦୃଶ (୧୧) ଅବଳା ଦୁର୍ବଳା (୧୨) ଆଇନ୍‌ର ଶାସନ (୧୩) ପାପା-ପୂଣ୍ୟ, ସ୍ୱର୍ଗ-ମର୍ତ୍ତ୍ୟ, ଭୂତ-ପ୍ରେତ, ସତୀତ୍ୱ, ପତିବ୍ରତା, ଚରିତ୍ରବାନ-ଚରିତ୍ରହୀନ, ଅତି ମାନସ, ଆର୍ଯ୍ୟଶୋଣିତ ବା ଆର୍ଯ୍ୟ ଅନାର୍ଯ୍ୟ, ସଂସ୍କୃତି ଓ ବିକୃତି, ପରମଭାବ (absolute idea); ଆଦର୍ଶ ରାଷ୍ଟ୍ର (Ideal state) (୧୪) ପାଂଚ ଆଂଗୁଠି ସମାନ ନୁହେଁ (୧୫) ଭାଗ୍ୟ ଭଗବାନ (୧୬) ଈଶ୍ୱର ମଣିଷକୁ ସାନ ବଡ଼ କରିଛନ୍ତି (୧୭) ବ୍ରହ୍ମସତ୍ୟ ଜଗତ ମିଥ୍ୟା (୧୮) ବିଶ୍ୱାସେ ମିଲୟେ କୃଷ୍ଣ ତର୍କେ ବହୁଦୂର (୧୯) କାଫେର୍ (୨୦) ଧର୍ମଦ୍ରୋହୀ, ଜାତିଦ୍ରୋହୀ, ସତୀ-ଅସତୀ (୨୧) ଆଇନ୍ ଆଖିରେ ସମସ୍ତେ ସାମାନ (୨୨) ଈଶ୍ୱରଙ୍କର ଦରବାରରେ ସମସ୍ତେ ସମାନ (୨୩) ସକଳତୀର୍ଥ ତୋ ଚରଣେ । (୨୪) ସର୍ବଧର୍ମାଂ ପରିତେଜ୍ୟ ମାମେକଂ ଶରଣ ବ୍ରଜ । (୨୫) ବାମେ ଶୈବ ଶିବା, ଦକ୍ଷୀଣେ ଗୋ ଦ୍ୱିଜ, ମୃଗା (୨୬) ଗୁରୁବ୍ରହ୍ମା ଗୁରୁବିଷ୍ଣୁ (୨୭) ଗୁରୁଙ୍କୁ ନମଣିବ ନର; ଗୁରୁ ହିଁ ସାକ୍ଷାତ ଈଶ୍ୱର, ଇତ୍ୟାଦି ।

□□

Digitized by PPRACHIN, SOA

ମାର୍କସବାଦର 'କ୍ରିୟାଶୀଳତା' ଓ ବର୍ତ୍ତମାନ ପୃଥିବୀର ସ୍ଥିତି

ବସ୍ତୁ ଜଗତ ଓ ସମାଜ ଜୀବନକୁ ଅର୍ଥ କରିବା ବା ତାର ରହସ୍ୟକୁ ଭେଦ କରିବା ମଣିଷ ପକ୍ଷେ କଠିନ ହେଲେ ବି ଅସମ୍ଭବ ନୁହେଁ । ମଣିଷ ବସ୍ତୁ, ସମାଜ ବା ବ୍ୟକ୍ତି ମଣିଷର ଚରିତ୍ର ଓ ଗୁଣାବଳୀକୁ ବୁଝିବାକୁ ଇଚ୍ଛା କଲେ, କେବଳ ଭାବନା ବା ଚିନ୍ତା ମାଧ୍ୟମରେ ତାହା କରିପାରିବନି । ବ୍ୟକ୍ତି ମଣିଷ ପାଖରେ ସତ୍ୟ ସେତେବେଳେ ଧରା ଦେବ ଯେତେବେଳେ ସେ ଜଣେ ବ୍ୟକ୍ତି ଭାବରେ ବସ୍ତୁ ଓ ସମାଜ ରୂପକ ସମଷ୍ଟି ସହ ଯୋଡ଼ି ହୋଇ ଓ ଜଡ଼ିତ ହୋଇ ସଂଶ୍ଲେଷ ବା ସଂଘର୍ଷ ଲବ୍ଧ ଅନୁଭୂତିର ବାୟବୀୟ ବା ସ୍ନାୟାବିକ ଚିନ୍ତନ ଓ ଚିତ୍ତ ଉଦ୍ରେକକାରୀ ପ୍ରତିଫଳନ ଘଟାଇବାକୁ ସକ୍ଷମ ହେବ । ମଣିଷର ଅନ୍ୟ ଜଣେ ମଣିଷ ବା ପରିବାର, ସମାଜ ଓ ବସ୍ତୁ ଜଗତ ଏପରିକି ପ୍ରକୃତି ଓ ବିଶ୍ୱବ୍ରହ୍ମାଣ୍ଡ ସହ ସଂପର୍କ କ୍ଷେତ୍ରରେ ସେତେବେଳେ ସଠିକ୍ ଧାରଣା ବା ଅବବୋଧ ସୃଷ୍ଟି ହେବ ଯେତେବେଳେ ସେ ସ୍ୱୟଂ ଏକ ବ୍ୟକ୍ତି ଭାବରେ ବସ୍ତୁ ବା ସମାଜଠାରୁ ନିଜକୁ ବିଚ୍ଛିନ୍ନ ବା ଏକଲା ଅନୁଭବ ନ କରି ବସ୍ତୁ ଓ ସମାଜ ସହ ତାର ସଂପର୍କକୁ କ୍ରିୟାଶୀଳ କରି ଗଢ଼ିତୋଳିବ । ତତ୍ତ୍ୱ ଓ କ୍ରିୟା ବା ବ୍ୟକ୍ତି ଓ ସମାଜ ବା ପ୍ରକୃତି ଜଗତ ମଧ୍ୟରେ ଥିବା ସଂପର୍କକୁ ବ୍ୟାଖ୍ୟା କରିବାକୁ ଯାଇ ମାର୍କସ ସ୍ୱୟଂ ମାର୍କ୍ସବାଦକୁ ଏକ କ୍ରିୟାଶୀଳ ବା କ୍ରିୟା ସଂଯୁକ୍ତ ଦର୍ଶନ ବା philosophy of praxix ରେ ରୂପାନ୍ତରିତ କରିଛନ୍ତି । ଊନବିଂଶ ଶତାବ୍ଦୀ ମାର୍କ୍ସବାଦୀ ତତ୍ତ୍ୱର ଆବିଷ୍କାର ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ମାର୍କ୍ସବାଦୀମାନେ ପ୍ରଥମେ ମାର୍କ୍ସବାଦକୁ ଆୟତ୍ତ କରିବେ ଅର୍ଥାତ ଜଗତ ସଂପର୍କରେ ପୂର୍ଣ୍ଣାଙ୍ଗ ଧାରଣା ଅର୍ଜନ କରିବେ ଓ ପରେ ଏହି ଧାରଣା ବା ବିଶ୍ୱଜ୍ଞାନ ଓ ଦୃଷ୍ଟିଭଙ୍ଗୀକୁ ସଂସର୍ଗ ଓ ସଂଘର୍ଷ ମଧ୍ୟ ଦେଇ ସର୍ବହରା ଶ୍ରେଣୀକୁ ହସ୍ତାନ୍ତରିତ କରିବେ । ବିଂଶ

Digitized by PPRACHIN, SOA

ଶତାବ୍ଦୀରେ ଏହା କିଛି ପରିମାଣରେ ବାସ୍ତବାୟିତ ହେଲେ ବି ପୂର୍ଣ୍ଣମାତ୍ରାରେ ବାସ୍ତବାୟିତ ହୋଇପାରିଲାନି ।

ଲେନିନ୍‌ଙ୍କ ସମୟରେ ଋଷ୍ ଦେଶପାଇଁ ଜମି, ରୁଟି, ଶାନ୍ତି ତିନୋଟି ଜିନିଷର ଆବଶ୍ୟକତା ଥିଲା । ଲେନିନ୍ ମାର୍କସବାଦୀ ବିଶ୍ୱ ଦୃଷ୍ଟିଭଙ୍ଗୀ ବଳରେ ଏହି ସତ୍ୟକୁ ବୁଝିଥିବା ହେତୁ ଅକ୍ଟୋବର ବିପ୍ଲବର ସାଫଲ୍ୟ ଏହି ତିନୋଟି ଦାବୀକୁ ନେଇ ଅର୍ଜିତ ହୋଇପାରିଥିଲା । ବର୍ତ୍ତମାନ ପୃଥିବୀର ୭୦୦ କୋଟି ଲୋକ ମଧ୍ୟରୁ ୨୦୦କୋଟି ଲୋକ ଦରିଦ୍ର ଓ ଅର୍ଦ୍ଧମାନବୀୟ ସ୍ଥିତିରେ ଜୀବନ ବିତାଉଛନ୍ତି । ବର୍ତ୍ତମାନ ପୃଥିବୀ ଦାରିଦ୍ର୍ୟ, ବୈଷମ୍ୟ, ଯୁଦ୍ଧ ଓ ପରିବେଶ ଧ୍ୱଂସର ସମସ୍ୟା ଦେଇ ଗତି କରୁଛି । ବର୍ତ୍ତମାନ ପଥିବୀରେ ଗଣତନ୍ତ୍ର ୯୯ଭାଗ ଲୋକଙ୍କର ସ୍ୱାର୍ଥର ସଂରକ୍ଷକ ନ ହୋଇ ୧ ଭାଗ ଲୋକଙ୍କ ସ୍ୱାର୍ଥର ସଂରକ୍ଷକ ସାଜିଛି । ବର୍ତ୍ତମାନ ଗଣତନ୍ତ୍ର; ଲଗ୍ନିପୁଞ୍ଜି ଦ୍ୱାରା ଅଧିକରୁ ଅଧିକ ପରିମାଣରେ ନିୟନ୍ତିତ ହେବାରେ ଲାଗିଛି । ଆଜିର ପୃଥିବୀରେ ଗଣତନ୍ତ୍ର ଯୁଦ୍ଧ, ଦାରିଦ୍ର୍ୟ, ବୈଷମ୍ୟ ଓ ପରିବେଶ ଧ୍ୱଂସକୁ ରୋକିବାକୁ ଅସମର୍ଥ ଥିବା ଦେଖିବାକୁ ମିଳୁଛି । ସଂପ୍ରତି ପୃଥିବୀରେ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ୯୯ ଭାଗ ଲୋକଙ୍କ ବିରୁଦ୍ଧରେ ୧ ଭାଗ ଲୋକଂକ ବିରୁଦ୍ଧରେ ସଂଘର୍ଷରତ ହେବା ଆବଶ୍ୟକ । ଏହା ମାର୍କ୍ସବାଦୀ ତତ୍ତ୍ୱ / କ୍ରିୟାର ବିରାମହୀନ ଗତିଶୀଳତା ଦ୍ୱାରା ସମ୍ଭବ । ଏହା ଜଣେ ସଂଘର୍ଷରତ ମାର୍କ୍ସବାଦୀ ପାଇଁ ଅବୋଧ ହେବ ନାହିଁ ।

ଯେଉଁମାନେ ମାର୍କ୍ସବାଦର ଛାତ୍ର ସେମାନେ ଜାଣନ୍ତି ଯେ ମାର୍କ୍ସ ତାଙ୍କର Critique of Hegels philosophy of Right ସମାଲୋଚନା ନିବନ୍ଧରେ ସମାଜ ପରିବର୍ତ୍ତନ ବା ସମାଜର ସୁରକ୍ଷା ପାଇଁ ରାଷ୍ଟ୍ର ଓ ସିଭିଲ ସୋସାଇଟିକୁ Universal agent ଭାବରେ ଗ୍ରହଣ ନ କରି ସର୍ବହରା ଶ୍ରେଣୀକୁ ସମାଜ ପରିବର୍ତ୍ତନର ଧାରକ ଓ ବାହକ ଭାବରେ ଗ୍ରହଣ କରିଥିଲେ । ବର୍ତ୍ତମାନ ବାସ୍ତବ ସଂଘର୍ଷର ଅନୁଭୂତି ଆଧାରରେ କୁହାଯାଇପାରେ ଯେ, ଉନବିଂଶ ଓ ବିଂଶ ଶତାବ୍ଦୀରେ ସର୍ବହରା ଓ ବର୍ତ୍ତମାନର ସର୍ବହରା ମଧ୍ୟର ଫରକ ଦେଖିବାକୁ ମିଳୁଛି । ବର୍ତ୍ତମାନର ସର୍ବହରା ୯୯ ଭାଗ ଗରିବ ଓ ବଞ୍ଚିତ । ଏମାନଙ୍କର ୧ ଭାଗ ବିରୋଧୀ ଶ୍ରେଣୀ ସଂଘର୍ଷର ବିଜୟ ପରେ ଏମାନେ ଗଣତନ୍ତ୍ର ପ୍ରତିଷ୍ଠା ମାଧ୍ୟମରେ ସମତାପୂର୍ଣ୍ଣ ସମାଜବାଦୀ ସମାଜ ଗଠନ ଦିଗରେ ଅଗ୍ରସର ହେବେ । ଏହା ଏକବିଂଶ ଶତାବ୍ଦୀ ସର୍ବହରା ବା ସମୂହର ସଂଗଠିତ କ୍ରିୟା ଓ ସ୍ୱତଃସ୍ଫୂର୍ତ୍ତ କ୍ରିୟା ଦ୍ୱାରା ପରିଚାଳିତ ହେବ ।

ପୃଥିବୀ ବର୍ତ୍ତମାନ ପରିବେଶ ଧ୍ୱଂସ ଓ ଅଣୁଯୁଦ୍ଧର ଦ୍ୱାର ଦେଶରେ । ଜନଗଣ

Digitized by PPRACHIN, SOA

ଅଭାବରୁ ଉଗ୍ର, ଲଗ୍ନପୁଞ୍ଜି ଓ ତାର ସରକାର ବା ରାଜନୈତିକ ଦଳମାନେ ଆତ୍ମସ୍ୱାର୍ଥ ଓ ଅପାରଗତା ହେତୁ ଯୁଦ୍ଧମନସ୍କ । ଏ ଦୁଇ ଶକ୍ତିକୁ ଠିକଣା ଜାଗାରେ ରଖିବାକୁ ହେଲେ Praxis ର ପ୍ରୟୋଗ ଅତ୍ୟନ୍ତ ଜରୁରୀ । ୯୯ ଭାଗ ଜନଗଣର କାମ ନୁହଁ ବହୁଧା ବିଭକ୍ତ ହେବା ବା ଧର୍ମାନ୍ଧତା ଓ ଜାତୀୟ ଅହଂର ଶିକାର ହେବା । ୯୯ ଭାଗର କାମ ମାନବତାର ରକ୍ଷା । ପୁଞ୍ଜିର ଶୋଷଣ କବଳରୁ ସବୁଜ ସୁନ୍ଦର ପୃଥିବୀର ରକ୍ଷା, ଏପରିକି ୭୦୦ କୋଟି ଲୋକଙ୍କ ଭିତରୁ ୬୦୦କୋଟି ଲୋକଙ୍କୁ ମାରି ଦେଇ ପୃଥିବୀର ଜନସଂଖ୍ୟାକୁ ୧୦୦ କୋଟିରୁ ଆଣିବାକୁ ଷଡ଼ଯନ୍ତ କରୁଥିବା ଇଲୁମିନତିମାନଙ୍କ କବଳରୁ ୬୦୦ କୋଟି ଅମୂଲ୍ୟ ମାନବ ଜୀବନର ସୁରକ୍ଷା । ୯୯ ଭାଗ ବିଶ୍ୱ ଜନଗଣ ରାଜନୈତିକ ଭାବରେ ସଚେତନ ଓ କ୍ରିୟାଶୀଳ ହୋଇ ଆବଶ୍ୟକ ସ୍ଥଳେ ନିଜ ନିଜ ଦେଶରେ ନୂତନ ସରକାର ଗଠନ କରି ଦେଶୀୟ ଓ ବିଶ୍ୱ ସଂଗଠନ ଜରିଆରେ ବିଶ୍ୱକୁ ରକ୍ଷାକରନ୍ତୁ । ଜନତା, ପୁଞ୍ଜିର ମୁଷ୍ଟିମେୟ ଅଧିକାରୀଠାରୁ ଅଧିକ ଶକ୍ତିଶାଳୀ । ଏ ବିଶ୍ୱାସ ହିଁ ଭବିଷ୍ୟତ ପୃଥିବୀକୁ ସୁରକ୍ଷିତ କରିବ । ଏହି ସତ୍ୟକୁ ସଫଳ ପ୍ରାକ୍ସିସ୍ ମାଧ୍ୟମରେ ୯୯ ଭାଗ ଜନଗଣର ନେତୃତ୍ୱ ନେଉଥିବା ଲୋକମାନଙ୍କୁ ଆୟତ୍ତ କରିବାକୁ ପଡ଼ିବ ।

❑❑

Digitized by PPRACHIN, SOA

ମାର୍କସବାଦୀ ଦୃଷ୍ଟିଭଂଗୀରୁ ବ୍ୟକ୍ତିଗତ ସଂପତ୍ତି, ପରିବାର, ରାଷ୍ଟ୍ର, ପ୍ରେମ, ଯୌନତା ଓ ନାରୀ ପୁରୁଷ ସଂପର୍କ

ପ୍ରାକ୍ ଭାଷ:

ଏହି ପ୍ରବନ୍ଧରେ ଯୌନତା, ପ୍ରେମ ଓ ନାରୀ ପୁରୁଷ ସଂପର୍କକୁ ବ୍ୟକ୍ତିଗତ ସଂପର୍କ ବ୍ୟତିରେକ ସାମାଜିକ ସଂପର୍କର ଅଂଶ ବିଶେଷ ଭାବରେ ଦେଖାଇ ଦେବାକୁ ଉଦ୍ୟମ ହୋଇଛି । ଜଟିଳ ଏହି ସଂପର୍କର ଅତୁଆ ସୁତାକୁ ଖୋଲିବାକୁ ଚେଷ୍ଟା କରାଯାଇଛି । ଏଥିରେ ପ୍ରାକୃତିକ ଅର୍ଥନୀତି (Natural Economy) ଓ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ଅର୍ଥନୀତି ମଧ୍ୟରେ ନାରୀ ପୁରୁଷ ସଂପର୍କ, ପ୍ରେମ ଓ ଯୌନତାର ସ୍ୱରୂପ ଉଦ୍‌ଘାଟିତ ହୋଇଛି । ସର୍ବୋପରି ନିପୀଡ଼ନ (ସାମାଜିକ) ଓ ଅବଦମନ (ସାର୍ବିକ) କବଳରେ ମଣିଷର ସୂକ୍ଷ୍ମ ବୃତ୍ତିର ଭୂଲୁଣ୍ଠନ ହେଉଥିବା ଦର୍ଶାଇ ଦିଆଯାଇଛି । ଶେଷରେ ବ୍ୟକ୍ତିଗତ ସଂପତ୍ତି, ପରିବାର ଓ ରାଷ୍ଟ୍ର ଦ୍ୱାରା ମଣିଷର ବ୍ୟକ୍ତିଗତ ସଂବେଦନଶୀଳ ଆବେଗିକ ଆକାଂକ୍ଷା (ପ୍ରେମ, ଯୌନତା ଓ ନାରୀ ପୁରୁଷ ସଂପର୍କ ଇତ୍ୟାଦି) ଉପରେ ହସ୍ତକ୍ଷେପ ଓ ନିୟନ୍ତ୍ରଣ ସମ୍ବନ୍ଧରେ ପ୍ରବନ୍ଧରେ ପ୍ରଶ୍ନ ଉତ୍‌ଥାପନ କରାଯାଇଛି । ମୋଟାମୋଟି ଭାବରେ ପ୍ରବନ୍ଧଟିରେ ବିଷୟବସ୍ତୁର ଏକ ଐତିହାସିକ ତର୍ଜମା ହୋଇଛି ।

ଉପସ୍ଥାପନା (ରାଷ୍ଟ୍ର ଓ ପରିବାର ଉତ୍ପତ୍ତି):

ପ୍ରାକୃତିକ, ଅର୍ଥନୀତି ପୁଷ୍ଟ ଆଦିମ ମଣିଷ ପଶୁପକ୍ଷୀ ଶିକାର ଓ ବଣରୁ ଫଳମୂଳ ସଂଗ୍ରହ କରି ଚଳୁଥିଲା ବେଳେ ତା'ର ପରିବାର ନଥିଲା । ଥିଲା ଗୋଷ୍ଠୀ । ଗୋଷ୍ଠୀବଦ୍ଧ ମଣିଷର ଯୌନତା ବା ନାରୀ ପୁରୁଷ ସଂପର୍କ ଥିଲା ଏକ ପ୍ରକାର ମୁକ୍ତ । ଫଳତଃ ସେମାନଙ୍କ ମଧ୍ୟରେ ମା', ବାପା, ପୁଅ, ସ୍ତ୍ରୀ, ସ୍ୱାମୀ, ଭଉଣୀ, ଭାଇ ଇତ୍ୟାଦି ସଂପର୍କ ନଥିଲା ବା ସଂପର୍କର ଜଟିଳତାରେ ଆଜିର ମଣିଷ ଭଳି ସେମାନେ ଛନ୍ଦି ହୋଇ ଯାଇନଥିଲେ ।

Digitized by PPRACHIN, SOA

କ୍ରମଶଃ ଉତ୍ପାଦନର ବିକାଶ ଘଟି ଶିକାରୀ ମଣିଷ କୃଷିକାରୀ ମଣିଷରେ ପରିଣତ ହେବା ସଂଗେ ସଂଗେ ମାଲିକାନା, ସତ୍ତ୍ୱ ବା ଅଧିକାର ଓ ସଂପତ୍ତିର ରକ୍ଷଣା ବେକ୍ଷଣ ସର୍ବୋପରି ଉତ୍ପାଦନର ବିକାଶ ଓ ନିୟନ୍ତ୍ରଣ ସକାଶେ ପରିବାର ଉତ୍ପତ୍ତି ଘଟିବା ସହ ରାଷ୍ଟ୍ର ଓ ପରିବାର ହାତ ଧରାଧରି ହୋଇ ଚାଲିଲେ ଓ ତତ୍‌କର୍ତ୍ତୃକ ମଣିଷ ସଂପର୍କ ମାନ ନିୟନ୍ତ୍ରିତ ହେବାକୁ ଲାଗିଲା । ଏହାପରେ ରାଷ୍ଟ୍ର ଓ ପରିବାର ସ୍ୱାର୍ଥରେ ବ୍ୟକ୍ତି ସଂପତ୍ତିର ମାଲିକ ହେଲା । ଏହାଦ୍ୱାରା ସମ୍ଭବତଃ ଏକ ବିପରୀତମୁଖୀ ବାସ୍ତବତାର ଉଦ୍ଭବ ଘଟିବାସହ ଉପରୋକ୍ତ ଅନୁଷ୍ଠାନ କର୍ତ୍ତୃକ ମଣିଷର ସଂପର୍କମାନ ଜଟିଳରୁ ଜଟିଳତର ହେବାକୁ ଆରମ୍ଭ କଲା ଓ ତହିଁ ମଧ୍ୟରୁ ଜନ୍ମଲାଭ କଲା ବେଶ୍ କିଛି ନୂତନ ସଂପର୍କ ଓ ତତ୍‌ଜନିତ ଜଟିଳତା । ଏହି ନୂତନ ସଂପର୍କ ଓ ତଦ୍‌ଜନିତ ଜଟିଳତାର ପରିପ୍ରକାଶ ଶ୍ରେଣୀ, ଜାତି, ଧର୍ମ ଗଣ ସଂଗଠନ, ରାଜନୈତିକ ଦଳ, କମ୍ପାନୀ, କର୍ପୋରେଶନ, ଶିକ୍ଷାଳୟ, ନ୍ୟାୟାଳୟ ମଧ୍ୟ ଦେଇ ଆତ୍ମପ୍ରକାଶ କରିବାକୁ ଲାଗିଲା । ବିଶ୍ୱ ହୋଇଗଲା ଓଲଟ ଏବଂ ଓଲଟ ବିଶ୍ୱରେ ଓଲଟ ସଂପର୍କ ମାନ ମୁଣ୍ଡ ଟେକି ଉଠିଲେ । ପ୍ରବନ୍ଧର ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଓଲଟ ସଂପର୍କରେ ବିଭିନ୍ନ ଦିଗମାନଙ୍କ ଉପରେ ଆଲୋଚନା କରାଯିବ ।

ପ୍ରେମ ଓ ଯୌନତାର ସୂକ୍ଷ୍ମ ଦିଗ:

କ୍ଷୁଧା ପରି ଯୌନତା ମଧ୍ୟ ଏକ ମୌଳିକ ପ୍ରବୃତ୍ତି । ଏହାର ଚରିତ୍ର ମୁଖ୍ୟତଃ ପାଶବିକ ହେଲେ ମଧ୍ୟ ଏହାର ପରିପ୍ରକାଶ ମଣିଷ କ୍ଷେତ୍ରରେ ପଶୁ ଠାରୁ ଭିନ୍ନ । ମଣିଷ ଏକ ଚିନ୍ତାଶୀଳ ପ୍ରାଣୀ (Thinking being)। ମଣିଷ ଯେ ଚିନ୍ତା କରେ ପଶୁମାନେ ଚିନ୍ତା କରନ୍ତି ନାହିଁ, ଏପରି ନୁହଁ । କଥା ହେଲା ମଣିଷ ତୁଳନାରେ ପଶୁମାନଙ୍କର ଚିନ୍ତା କରିବା ଶକ୍ତି ସ୍ଥୁଳ ଓ ସୀମିତ । ମଣିଷର ଚିନ୍ତାଶକ୍ତି ବ୍ୟାପକ । ପଶୁମାନଙ୍କ ତୁଳନାରେ ମଣିଷର ଚିନ୍ତା କରିବାର ଶକ୍ତି ଯେ ବ୍ୟାପକ ଏହାର କାରଣ ହେଲା ତା'ର ସ୍ମୃତିଶକ୍ତି, ବିଚାରବୋଧ, ଯୌକ୍ତିକତା ଓ କଳ୍ପନା ଶକ୍ତି । ମଣିଷ ଚିନ୍ତା ମାଧ୍ୟମରେ ଚିନ୍ତାକୁ ଜନ୍ମ ଦିଏ - ଏ ଇଂରାଜୀରେ ଯାହାକୁ Contemplation ବୋଲି କୁହାଯାଏ । ଏହାକୁ ବାଦ୍ ଦେଲେ ମଣିଷ ଏକ ଭାବ ବା ଆବେଗ ପ୍ରବଣ ଜୀବ । ଯୁକ୍ତିବୋଧ ଓ ଆବେଗର ଅପୂର୍ବ ସମନ୍ୱୟ ହେଉଛି ମଣିଷ । ସୃଜନଶୀଳତାକୁ ବାଦ୍ ଦେଲେ ସ୍ନେହ, ପ୍ରେମ, ଆବେଗ ଓ ଭଲପାଇବା ଆଦି କେତେକ ଉଚ୍ଚତର ବୃତ୍ତିର ଅଧିକାରୀ ମଣିଷ । ପଶୁ ଭିତରେ ଯେ ଆବେଗ ଓ ଭଲପାଇବା ନଥାଏ ଏପରି ନୁହେଁ । କିନ୍ତୁ ପଶୁପକ୍ଷୀମାନଙ୍କର ଆବେଗ ଓ ଭଲପାଇବା ସରଳ ଜୈବିକ । ମଣିଷ ଆବେଗ ଭଲପାଇବା ଜଟିଳ,

Digitized by PPRACHIN, SOA

ଜୈବିକ ଓ ସାମାଜିକ । ମିଣଷର ଭଲପାଇବା ଭାବପ୍ରବଣତା କଳ୍ପନା, ତ୍ୟାଗ ଇତ୍ୟାଦି ଦ୍ୱାରା ଯେମିତି ମାଧୁର୍ଯ୍ୟ ମଣ୍ଡିତ ସେମିତି ଶଠତା, ପ୍ରବଞ୍ଚନା, କ୍ରୋଧ, ହିଂସା ଓ ସ୍ୱାର୍ଥପରତା ଦ୍ୱାରା କଳୁଷିତ ।

ଆଦିମ ମଣିଷର ପ୍ରେମ ଓ ଯୌନାବେଗ:

ଆଦିମ ମଣିଷର ଯୌନାବେଗ, ପ୍ରେମ ବା ଭଲ ପାଇବା କିଛି ପରିମାଣରେ ପଶୁ ସୁଲଭ ଓ ସରଳ ହୋଇପାରେ । ପରବର୍ତ୍ତୀ ସମୟରେ ସମାଜ ବେଷ୍ଟିତ ସଭ୍ୟ, ମଣିଷର ଯୌନାବେଗ, ପ୍ରେମ ଓ ଭଲପାଇବା ଜଟିଳ, ଭ୍ରଷ୍ଟ ଓ ବୈଚିତ୍ରମୟ ହୋଇ ଉଠିଲା । କ୍ରମଶଃ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜରେ ଦେଖାଗଲା ଯେ ଯୌନାବେଗକୁ ନେଇ ନାରୀ ପୁରୁଷ ସଂପର୍କ ପ୍ରେମ ଓ ଭଲପାଇବା ସାମାଜିକ, ଆର୍ଥିକ, ରାଜନୈତିକ ନିୟନ୍ତ୍ରଣର ପରିଧି ମଧ୍ୟକୁ ଆସି ଯାଇଛି ଯାହା ଆଦିମ ସମାଜରେ ସରଳ ଓ ମୁକ୍ତ ଥିଲା । ବ୍ୟକ୍ତିଗତ ସଂପତ୍ତି ପରିବାରକୁ ଜନ୍ମ ଦେବା ସଂଗେ ସଂଗେ ମଣିଷର ପ୍ରେମ ଓ ଯୌନତା ସର୍ବୋପରି ନରୀ ପୁରୁଷ ସଂପର୍କ ଏକ ବିଚ୍ଛିନ୍ନତାର ଶିକାର ହେଲା; ଯାହା ପ୍ରକୃତି (ସ୍ୱଭାବ) ଠାରୁ ମଣିଷର ବିଚ୍ଛିନ୍ନତା ସୃଷ୍ଟିକଲା । ଯେଉଁ ମଣିଷ ଦିନେ ଯୌନାଚାରରେ ସାଥୀ ବାଛିବା କ୍ଷେତ୍ରରେ ପ୍ରାକୃତିକ (ସ୍ୱଭାବିକ) ପ୍ରେମ ଖେଳରେ ମାତିଥିଲା ସେ ଏବେ ସଂପତ୍ତି ପରିବାର ଓ ସମାଜର ସ୍ୱାର୍ଥ ଓ ନିୟନ୍ତ୍ରଣରେ ନାରୀ ପୁରୁଷ ସଂପର୍କରେ ବାନ୍ଧି ହେଲା । ତାହା ପୁଣି ସ୍ଥାୟୀ ବନ୍ଧନଯୁକ୍ତ ଯୁଗଳ ସଂପର୍କ (ବାପା-ଝିଅ, ସ୍ୱାମୀ-ସ୍ତ୍ରୀ, ଭାଇ-ଭାଉଣୀ) ଇତ୍ୟାଦି । ଏହାପରେ ମଣିଷ ଯୌନତା, ପ୍ରେମ ଓ ଭଲପାଇବା ବୃତ୍ତିଟି ବୈଷୟିକ ଓ ପ୍ରୟୋଜନ ବୋଧକ ହୋଇ ଉଠିଲା । ଏଥିରେ ସଂପତ୍ତିଗତ ମାନସିକତାର ପ୍ରତିଫଳନ ହେଲା । ପ୍ରେମ ଓ ଭଲ ପାଇବା କ୍ଷେତ୍ରରେ ଲାଭ କ୍ଷତି ଆଦି ବିଚାର ବୋଧ କାମ କଲା । କ୍ରମଶଃ ପ୍ରେମ ଓ ଯୌନତାରକୁ ନେଇ ମଣିଷ ସାମାଜିକ ବିଚ୍ଛିନ୍ନତାର ଶିକାର ହେଲା । ସାମାଜିକ ନିୟମ ଦ୍ୱାରା ପରିଚାଳିତ ହୋଇ ପ୍ରେମ ଓ ଯୌନ ସଂପର୍କକୁ ଗଢ଼ି ତୋଳୁଥିବା ମଣିଷ ପ୍ରକୃତି ଠାରୁ ବିଚ୍ଛିନ୍ନ ମନେକଲା । ଏତଦ୍‌ଦ୍ୱାରା ପ୍ରେମ ଓ ଯୌନ ସଂପର୍କ ସଂକଟଗ୍ରସ୍ଥ ହୋଇ ପଡ଼ିଲା । ନାରୀ ପୁରୁଷ ସଂପର୍କ ଓ ଯୌନତାକୁ ନେଇ ମଣିଷ ଅତୀତରୁ ସଂକଟ ଘେରରେ ନିକ୍ଷିପ୍ତ ହୋଇ ଆଜିବି ସଂକଟଗ୍ରସ୍ତ ଜୀବନଯାପନ କରୁଛି । ଏହି ସଂକଟ ନାନାବିଧି ସଂଶୟ, ଦ୍ୱନ୍ଦ୍ୱ ଓ ସଂଘର୍ଷକୁ ବହନ କରି ଚାଲିଛି । ନାରୀ ପୁରୁଷ ଓ ଯୌନତାକୁ ନେଇ ମଣିଷ ନୈତିକତା, ଶୃଙ୍ଖଳା, ଔଚିତ୍ୟ ଇତ୍ୟାଦି ଧାରଣା ମାନଙ୍କୁ ଜନ୍ମ ଦେଇଛି ଓ ତାକୁ ପୁଣି ଭାଙ୍ଗୁଛି ।

Digitized by PPRACHIN, SOA

ବ୍ୟକ୍ତିଗତ ସଂପତ୍ତିଭିତ୍ତିକ ସମାଜରେ ନାରୀ ପୁରୁଷ ସଂପର୍କ - ପ୍ରେମ ଓ ଯୌନତା:

ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜରେ ନାରୀ ପୁରୁଷର ସଂପର୍କ ପ୍ରେମ ଓ ଯୌନତା ଯେ ସାମାଜିକ, ଅର୍ଥନୈତିକ, ରାଜନୈତିକ ନିୟମ ଶୃଙ୍ଖଳାର ବଶବର୍ତ୍ତୀ ଏହା କହିବା ବାହୁଲ୍ୟ । ଏହି ଶୃଙ୍ଖଳା ଯେ ମଣିଷ ପାଇଁ ଶୃଙ୍ଖଳ ସଦୃଶ ତାହା ମଧ୍ୟ ସମସ୍ତଙ୍କ ଅଗୋଚର କଥା । ଯାହାର ପରିଣତି ଯୌନତାର ସାମାଜିକ ଅବଦମନ । ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜରେ ପ୍ରତିଟି ବ୍ୟକ୍ତି ପ୍ରେମ ଓ ଯୌନତାକୁ ନେଇ ଅନେକ ବହୁତେ ସାମାଜିକ ଅବଦମନର ଶିକାର ହୋଇଥାଏ । ସାମନ୍ତବାଦୀ ଓ ଗଡ଼ୀବାଦୀ ସମାଜରେ ଏହାର ଚେହେରା ନାରୀ ବିରୋଧୀ, ପ୍ରଜା ବିରୋଧୀ, ପାଶବିକ ଓ ଘୃଣ୍ୟ । ପୁଞ୍ଜିବାଦୀ ସମାଜରେ ଏହା ପୁନଶ୍ଚ ନାରୀ ବିରୋଧୀ ଓ ଶ୍ରମିକ ବିରୋଧୀ ଓ ଦୋମୁହାଁ । ସାମନ୍ତବାଦୀ ସମାଜରେ ରାଜା ପୁଞ୍ଜିବାଦୀ ସମାଜରେ ପୁଞ୍ଜିପତି ପଇସାବାଲା ମଣିଷମାନେ ଯେମିତି ଯୌନ ଉଚ୍ଛୃଙ୍ଖଳତାର ଅଧିକାରୀ, ସେମିତି ପ୍ରଜା ଓ କମ୍ ପଇସାବାଲା ଲୋକମାନେ ଲଦି ଦିଆ ଯାଇଥିବା ଶୃଙ୍ଖଳାର ରକ୍ଷାକର୍ତ୍ତା ସାଜି ଅବଦମନର ଶିକାର ହୋଇଥାନ୍ତି ।

ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜ ଯେ ମୁକ୍ତ ଯୌନ ସଂପର୍କ (ନାରୀ ପୁରୁଷ ସଂପର୍କ) କୁ ଭାଙ୍ଗି ବିବାହକୁ ନ୍ୟାୟ ସମ୍ମତ ଓ ନୈତିକ କରି ଗଢ଼ି ତୋଳିଲା ଏହା ଥିଲା ନାରୀ ଉପରେ ପୁରୁଷର ଆଧିପତ୍ୟ ଓ ନାରୀ ପୁରୁଷର ସ୍ୱାଭାବିକ ପ୍ରକୃତି ବିପକ୍ଷରେ ସମାଜର ଆଧିପତ୍ୟ । ଏହା ଏକାଧାରାରେ ବେଶ୍ୟାବୃତ୍ତି ଓ ଭିନ୍ନ ଭିନ୍ନ ଯୌନ ସଂପର୍କକୁ ପ୍ରସାରିତ କଲା । ସମାଜ ବିଜ୍ଞାନୀମାନଙ୍କ ମତରେ ବିବାହ ସହ ବେଶ୍ୟାବୃତ୍ତି ହାତ ଧରାଧରି ହୋଇ ଆସିଲା । କାରଣ ଲଦି ଦିଆଯାଇଥିବା ନାରୀ ପୁରୁଷ ବା ଯୌନ ସଂପର୍କ (ବିବାହ)ର ବିକଳ୍ପ ଥିଲା ବେଶ୍ୟାବୃତ୍ତି । ସେଥିପାଇଁ ଅତୀତରେ ଓ ବର୍ତ୍ତମାନରେ କିଛି ସମାଜ ବେଶ୍ୟାବୃତ୍ତିକୁ ଏକ ସାମାଜିକ ଆବଶ୍ୟକତା ଭାବରେ ଗ୍ରହଣ କରି ଏହାକୁ ଆଇନ ସମ୍ମତ କଲାବେଳେ କିଛି ସମାଜ ଏହାକୁ ବିରୋଧ କରିଥାନ୍ତି । ବେଶ୍ୟାବୃତ୍ତି ବ୍ୟତୀରକେ ବିବାହ ନାମକ ଅନୁଷ୍ଠାନ ସୂତ୍ରରୁ ଏକ ଯୌନ ନିୟନ୍ତ୍ରିତ ସମାଜରେ ଯୌନ ସଂପର୍କ ବା କ୍ରୀୟାର ପ୍ରକାଶ ଓ ବିସ୍ତାର ଭିନ୍ନ ଭିନ୍ନ ବାଟରେ ଦେଖିବାକୁ ମିଳିଲା । ଏକ ଯୌନ ନିୟନ୍ତ୍ରିତ ସମାଜରେ ମୁକ୍ତ ସମାଜ ତୁଳନାରେ ନିମ୍ନୋକ୍ତ ଯୌନ ସଂପର୍କ ବା କ୍ରୀୟାମାନ ଅଧିକତର ହେବା ବା ବିସ୍ତାର ଲାଭ କରିବା ଦେଖିବାକୁ ମିଳିଲା । ସେ ସମସ୍ତ ସଂପର୍କ ବା କ୍ରୀୟାଗୁଡ଼ିକ ହେଲା ଯଥା-ସମଲିଙ୍ଗୀ ମୈଥୁନ, ହସ୍ତ ମୈଥୁନ, ଏକତ୍ରବାସ, ପରକୀୟା ପ୍ରୀତି ଓ ବିବାହ ପୂର୍ବ ଓ ବିବାହପର ଯୌନ ସଂପର୍କ ଇତ୍ୟାଦି । ବିବାହ ବିଚ୍ଛେଦ ବିବାହ ନାମକ ଅନୁଷ୍ଠାନର ଅସ୍ୱାଭାବିକତାର ଅନ୍ୟ ଏକ ସୂଚକ ।

Digitized by PPRACHIN, SOA

ଏକପତ୍ନୀ ବିବାହ ବା ମନୋଗାମୀର ବିକଳ୍ପ:

ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜରେ ନାରୀ ପୁରୁଷ ସଂପର୍କ ବା ଯୌନତା ଯେ ସାମାଜିକ ନିୟନ୍ତ୍ରଣ ମଧ୍ୟକୁ ଚାଲି ଆସିଲା ଓ ବିବାହ ବାହାରେ ଅନ୍ୟ ସମସ୍ତ ସଂପର୍କକୁ ଅନୈତିକ ଏପରିକି ଆଇନ ବିରୋଧୀ ବୋଲି ଗ୍ରହଣ କଲା, ଏ କ୍ଷେତ୍ରରେ ବିବାହ ବିଳମ୍ବ ଜନିତ କାରଣରୁ ହେଉ ଅଥବା ବୈବାହିକ ଜୀବନରେ ଯୌନ ରୁଚିର ଅଭାବ ଜନିତ କାରଣରୁହେଉ ଉଭୟ ନାରୀ ଓ ପୁରୁଷ ପ୍ରେମ, ଯୌନତା ଓ ଆବେଗର ପୂର୍ତ୍ତି ସକାଶେ ଭିନ୍ନ ଭିନ୍ନ ବାଟ ଖୋଜିଲେ । ଏଥି ମଧ୍ୟରୁ ଉଦ୍ଭବ ଓ ବିସ୍ତାର ଲାଭ କଲା ହସ୍ତମୈଥୁନ । ଏହାକୁ ଯେତେ ଯୌନ ଅସଂଯମ କହିଲେ ବି ଏହି ଯୌନକ୍ରିୟା ସହ କ୍ରମଶଃ ଅଧିକରୁ ଅଧିକତର ଲୋକ ଯୁକ୍ତହେଲେ । ପରବର୍ତ୍ତୀ ସମୟରେ ବିଜ୍ଞାନ ଏହାକୁ ସ୍ୱାସ୍ଥ୍ୟ ଦିଗରୁ ହାନିକର ନୁହଁ ବୋଲି ଗ୍ରହଣ କଲା । ହସ୍ତମୈଥୁନକୁ ମନସ୍ତତ୍ତ୍ୱର ଭାଷାରେ Auto Eroticism ଆଖ୍ୟା ଦିଆ ଯାଇଥାଏ । ଏହା ନାରୀ ପୁରୁଷ ଉଭୟ ପାଇଁ ପ୍ରଯୁଜ୍ୟ ହୋଇଥାଏ । ଏହା ସ୍ୱୀକୃତ ଯୌନ କ୍ରୀୟାର ଏକ ବିକଳ୍ପ ।

ସମଲିଙ୍ଗୀ ସଂପର୍କ:

ପୁରୁଷ ତନ୍ତ୍ର ଓ ବିବାହର ଅନ୍ୟ ଏକ ବିକଳ୍ପ ବା ବିସ୍ତାର ହେଲା ସମଲିଙ୍ଗୀ ଯୌନ ସଂପର୍କ । (Homo-sexuality or gay, Lesbianism) । ଏହି କ୍ରିୟା ସହ ଉଭୟ ପୁରୁଷ ଓ ନାରୀ ପ୍ରକାଶ୍ୟରେ ଓ ଗୋପନରେ ନିଜକୁ ଯୁକ୍ତ କରିଥାନ୍ତି । ଏବେ ଉଗ୍ରନାରୀବାଦୀ (Radical Feminist) ଗୋଷ୍ଠୀର କିଛି ମହିଳା ଓ ପୁରୁଷ, ପରୁଷ ତନ୍ତ୍ର ଓ ପୁରୁଷ ଅତ୍ୟାଚାର କବଳରୁ ରକ୍ଷା ପାଇଁ ଏହାକୁ ଯୁକ୍ତିଯୁକ୍ତ ନ୍ୟାୟ ସମ୍ମତ ବୋଲି କହିବାକୁ ଆରମ୍ଭ କଲେଣି । ପାଶ୍ଚାତ୍ୟ ଦେଶମାନଙ୍କରେ ଏହାକୁ ଆଇନାନୁମୋଦିତ କରାଯାଉଥିଲା ବେଳେ ପ୍ରାଚ୍ୟ ମୌଳବାଦୀ ଦେଶମାନଙ୍କରେ ଏହାକୁ ଆଇନାନୁମୋଦିତ କରିବା ତ ଦୂରକଥା ଅନ୍ୟାୟ ଓ ଅନୈତିକ ବୋଲି କହିଥାନ୍ତି । ପ୍ରକାଶ ଥାଉକି ପ୍ରାୟ ଏକଶତ ବର୍ଷ ପୂର୍ବେ ପାଶ୍ଚାତ୍ୟ ଦେଶମାନଙ୍କରେ ମଣିଷର ଏହି କ୍ରୀୟାକୁ ଅପରାଧ ବୋଲି ମନେ କରାଯାଉଥିଲା । ବିଖ୍ୟାତ୍ ଲେଖକ ଓସ୍କାର ୱାଇଲ୍ଡଙ୍କୁ 'ସୁଡ଼ୋମୀ' ଅଭିଯୋଗରେ କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିଥିଲା । ନିକଟରେ କ୍ୟୁବାରେ ଜଣେ ଲେଖକଙ୍କୁ ଏହି ଅପରାଧ ଅଭିଯୋଗରେ ଦଣ୍ଡିତ କଲାବେଳେ ବିଶ୍ୱ ଲେଖକ ସମୁଦାୟ ବିରୋଧ ହେତୁ ନିଜେ କାଷ୍ଟ୍ରୋ ତାଙ୍କୁ ସେ ଅଭିଯୋଗରୁ ମୁକ୍ତ କରିଥିଲେ । ସମଲିଙ୍ଗୀ ମୈଥୁନ ଯଦି ଉଭୟପକ୍ଷର ସମ୍ମତିରେ ସଂଗଠିତ ହୁଏ ଏହାକୁ ଅପରାଧ ମଣିବାର କାରଣ

Digitized by PPRACHIN, SOA

କିଛି ନାହିଁ ବୋଲି ଏବେ ଜନମତ ସୃଷ୍ଟି ହେବାରେ ଲାଗିଛି । ଆମ ସମାଜରେ ଏହାକୁ ଅନୈତିକ ବୋଲି କହୁଥିବା ଲୋକମାନଙ୍କୁ ସମଲିଙ୍ଗୀ ମୈଥୁନ ସପକ୍ଷବାଦୀ ମାନେ ସାମନ୍ତବାଦୀ / ମଧ୍ୟବିତ୍ତ ରୁଗ୍ଣ ମାନସିକତାଗ୍ରସ୍ତ ବୋଲି ମନେ କରିଥାନ୍ତି । ପୃଥିବୀର ପ୍ରସିଦ୍ଧ ଦାର୍ଶନିକ ଋଷୋଙ୍କର ସମଲିଙ୍ଗୀ ମୈଥୁନ ସଂପର୍କରେ ମତହେଲା-ଏହା ନାରୀ ପୁରୁଷ ଯୌନ ସଂପର୍କର ଅଭାବର ପରିପୂରକ । ଏହି କ୍ରୀୟାଟିକୁ ଋଷୋ ଅସ୍ୱାଭାବିକ ବୋଲି ମନେ କରନ୍ତି ନାହିଁ । ଏହାକୁ ସେ ପ୍ରକୃତିର ଅଭାବ (Lac of nature) ବୋଲି କହନ୍ତି । ସମଲିଙ୍ଗୀ ମୈଥୁନ ସଂପର୍କକୁ ନେଇ ଆଜିକାଲି (ସମାଜ ଏହାକୁ ସ୍ୱୀକୃତି ଦେଉ ବା ନଦେଉ) ପ୍ରେମ ଓ ବିବାହ ମାନ ସଂଗଠିତ ହେବାକୁ ଲାଗିଲାଣି । ନିକଟରେ ଜଗତସିଂହପୁର ଜିଲ୍ଲାରେ ଏହି ପ୍ରକାର ଏକ ଘଟଣାକୁ ନେଇ ଦୁଇପ୍ରେମୀ ଯୁଗଳଙ୍କ ମଧ୍ୟରୁ ଜଣେ ଆତ୍ମହତ୍ୟା କରିଥିବା ଖବର ଖବରକାଗଜ ପୃଷ୍ଠା ମଣ୍ଡନ କରିଥିଲା ।

ଏକତ୍ରବାସ:

ଏକତ୍ରବାସ (Live together-ship) ଏହା ଅଧୁନୀ ପାଶ୍ଚାତ୍ୟ ଦେଶ ବିଶେଷ କରି ସ୍କାଣ୍ଡିନେଭୀୟ ଦେଶମାନଙ୍କରେ ବିବାହ ନାମକ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ଅନୁଷ୍ଠାନ ବିପକ୍ଷରେ ଏକ ଆଦର୍ଶ ବିକଳ୍ପ ଭାବରେ ଦେଖା ଦେଇଛି । ସ୍କାଣ୍ଡିନେଭୀୟ ଦେଶମାନଙ୍କରେ ପ୍ରାୟ ପ୍ରାଚୀନ ବିବାହ ବାତିଲ୍ ହେବାକୁ ବସିଲାଣି । ବୟଫ୍ରେଣ୍ଡ, ଗାର୍ଲଫ୍ରେଣ୍ଡ ବାଛିବା ମଧ୍ୟ ଦେଇ ପିତୃଗୃହ ପରିତ୍ୟାଗ କଲାପରେ ଏକତ୍ରବାସ ଓ ଅବିବାହିତ ଜୀବନରେ ସନ୍ତାନ ଜନ୍ମ ଦେବା ଇତ୍ୟାଦି ଘଟଣାମାନ ଏଠାରେ ସାମାଜିକ ଓ ନ୍ୟାୟିକ ସ୍ୱୀକୃତି ଲାଭ କରି ସାରିଛି । ଅନ୍ୟାନ୍ୟ ଇଉରୋପୀୟ ଦେଶମାନଙ୍କରେ ଓ ଆମେରିକାରେ ଏହି ଏକତ୍ରବାସ ସଂପର୍କର ସଂଖ୍ୟା କମ୍ । ଏକଦା ଫ୍ରାନ୍ସରେ ସାର୍ତ୍ରେ ଓ ସାଇମନ୍ ଡି ବୋଭର ବିବାହ ସୃଜନଶୀଳତା ଓ ସ୍ୱାଧୀନତାର ପରିପନ୍ଥୀ ବୋଲି କହି ପାଖାପାଖି ଆପାର୍ଟମେଣ୍ଟରେ ରହି ବନ୍ଧୁତା ମାଧମରେ ଶାରରିକ ଆବେଗିକ ବୌଦ୍ଧିକ ସଂପର୍କ ରକ୍ଷାପୂର୍ବକ ଏକତ୍ରବାସର ଏକ ବିକଶିତ ନମୁନା ଦେଖାଇ ଯାଇଛନ୍ତି । ପ୍ରାଚ୍ୟ ଦେଶମାନଙ୍କରେ ଉଦାର, ଗଣତାନ୍ତ୍ରିକ ସ୍ଥିତି ଯେଉଁଠି କାମ କରୁଛି ସେଠି ନିଜକୁ ସ୍ୱାମୀ ସ୍ତ୍ରୀ ଭାବରେ ପରିଚୟ ନଦେଇ ବନ୍ଧୁ ଭାବରେ ପରିଚୟ ଦେଇ କେହି କେହି ଏକତ୍ରବାସ ସଂପର୍କ ମାନ ସୃଷ୍ଟି କରି ଚାଲିଛନ୍ତି । ଭାରତବର୍ଷର ଦିଲ୍ଲୀ, ବମ୍ବେ ଭଳି ସହରମାନଙ୍କରେ ଏହି ପ୍ରକାର ସଂପର୍କ କାଁ ଭାଁ ଦେଖିବାକୁ ମିଳିଲାଣି । ଆମ ଦେଶରେ ଏହି ସଂପର୍କକୁ ଏବେ ଲୋକ ବୁଝି ପାରୁନାହାନ୍ତି

Digitized by PPRACHIN, SOA

ଓ ଏହାକୁ ସାମାଜିକ ସ୍ୱୀକୃତି ମିଳିନାହିଁ । କେହି କେହି ନିଜର ମୂଢ଼ତା ବଶତଃ ଏହି ସଂପର୍କରେ ଥିବା ଲୋକମାନଙ୍କୁ ସ୍ୱାମୀ ସ୍ତ୍ରୀ ବୋଲି ମନେ କରୁଛନ୍ତି ।

ଅନ୍ୟ ବ୍ୟତିକ୍ରମ:

ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜରେ ବିବାହ ବାହାରେ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ପୂର୍ବ ବିବାହ ବନ୍ଧୁତା, ପର ବିବାହ ବନ୍ଧୁତା ଓ ପୂର୍ବ ବିବହା ଯୌନ ସଂପର୍କ ଓ ପର ବିବାହ ଯୌନ ସଂପର୍କ ଏକ ପରିଦୃଶ୍ୟମାନ ସଂପର୍କ । ରଢ଼ୀବାଦୀ ସମାଜରେ ଏ ସମସ୍ତ ସଂପର୍କମାନଙ୍କୁ ସନ୍ଦେହ ଓ ଘୃଣା ଚକ୍ଷୁରେ ଦେଖାଯାଏ । ପାଶ୍ଚାତ୍ୟ ସମାଜରେ ଏ ସମସ୍ତ ସଂପର୍କମାନଙ୍କ ଜରିଆରେ ଯୌନ ନିପୀଡ଼ନରୁ ମୁକୁଳିବାର ଉଦ୍ୟମ ହୋଇଥାଏ । ଏହା ପାଶ୍ଚାତ୍ୟ 'କ୍ଲବ କଲଚର'ର ଏକ ଅଂଶବିଶେଷ; 'କ୍ଲବ କଲଚର' ସଂପର୍କରେ ମାର୍କସ୍‌ଙ୍କ ମତ ହେଲା ଏହା ଏପରି ଏକ କ୍ଷେତ୍ର ଯେଉଁଠି ବୁର୍ଜୁୟାମାନେ ପରସ୍ପର ପରସ୍ପରର ସ୍ତ୍ରୀକୁ ଉପଭୋଗ ସୁଯୋଗ ପାଇଥାନ୍ତି ।

ବେଶ୍ୟାବୃତ୍ତି:

ବେଶ୍ୟାବୃତ୍ତି ସଂପର୍କର ପୁନଃ ଆଲୋଚନା କରାଯାଇପାରେ । ଏଙ୍ଗେଲ୍‌ସଙ୍କ ମତରେ ବିବାହ ଓ ବେଶ୍ୟାବୃତ୍ତି ହାତ ଧରାଧରି ହୋଇ ଆସିଥିଲା । ମାର୍କ୍‌ସ ଓ ଏଙ୍ଗେଲ୍‌ସଙ୍କ ମତରେ ବିବାହ ଏକ ଆଇନ ସମ୍ମତ ବେଶ୍ୟାବୃତ୍ତି । ଏ ଦୁଇ ମତର ବ୍ୟାଖ୍ୟା କଲେ ଏପରି ଏକ ଅର୍ଥ ବାହାରିବ ଆସେ । ତାହା ହେଲା, ବିବାହ ନାମକ ଅନୁଷ୍ଠାନଟି ବ୍ୟକ୍ତିଗତ ସଂପତ୍ତିର ନିୟମ ଦ୍ୱାରା ପରିଚାଳିତ ହୋଇ ଏକ ଅସ୍ୱାଭାବିକ ଅନୁଷ୍ଠାନରେ ପରିଣତ ହେବାରୁ ଏହା ପୁରୁଷତନ୍ତ୍ର କର୍ତ୍ତୃକ ନାରୀକୁ ଗୃହସ୍ଥଳୀରେ ପଣ୍ୟ ଭାବରେ ବ୍ୟବହାର କରିବା ସହ ଗୃହସ୍ଥଳୀ ବାହାରେ ବି ନାରୀକୁ ପଣ୍ୟରେ ପରିଣତ କରିଛି । ଫଳତଃ ଆଦିମ କାଳରୁ ଏ ଯାବତ୍ ବେଶ୍ୟାବୃତ୍ତି ବା ସୀମିତ ବେଶ୍ୟାବୃତ୍ତି (Call girlship) ସମାଜରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ । କେଉଁଠି ଏହା ସ୍ୱୀକୃତି ପ୍ରାପ୍ତ ତ କେଉଁଠି ଏହା ଅସ୍ୱୀକୃତ । ମଜାର କଥା ହେଲା, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତରେ ଏ ଦୁଇ ଅନୁଷ୍ଠାନର ବ୍ୟାପ୍ତି ପ୍ରାୟତଃ ସମାନ । ପ୍ରାଚ୍ୟର ଅଧିକାଂଶ ଦେଶ ଯେଉଁଠି ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ନୈତିକତାର ବାନା ଉଡ଼ାଯାଇଥାଏ ସେଠାରେ ପୁଣି ଏହି ଅନୁଷ୍ଠାନର ବ୍ୟାପ୍ତି ଯେ ଅଧିକ ତା'ର ମଧ୍ୟ ନିର୍ଦ୍ଦିଷ୍ଟ କାରଣ ରହିଛି । ତାହା ହେଲା ଦାରିଦ୍ର୍ୟ ଓ ଯୌନ ନିପୀଡ଼ନ । ଏ ଉଭୟ କାରଣ ହେତୁ ପ୍ରାକାଶ୍ୟରେ ବା ଗୋପନରେ ଚାଲିଥିବା ଏହି

Digitized by PPRACHIN, SOA

କ୍ରିୟାକୁ ଏଠାରେ ରୋକାଯାଇ ପାରେନା । ପାଶ୍ଚାତ୍ୟ ଦେଶରେ ବେଶ୍ୟାବୃତ୍ତିର କାରଣ ହୋଇପାରେ ନିସଙ୍ଗ ଜୀବନ ଓ ପାର୍ଥିବ ସୁଖାନ୍ୱେଷଣ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବେଶ୍ୟାବୃତ୍ତି କ୍ଷେତ୍ରରେ ପୁରୁଷ ବେଶ୍ୟା ଏବଂ ସମଲିଙ୍ଗୀ ବେଶ୍ୟା ଏକ ବିଚିତ୍ର ସଂଯୋଗ । ଥାଇଲାଣ୍ଡର ପର୍ଯ୍ୟଟନ ଶିଳ୍ପ ଏ ପ୍ରକାର ବେଶ୍ୟାବୃତ୍ତିର ବହୁଳ ପ୍ରସାର ପ୍ରୟାସୀ । ପ୍ରାଚୀନ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସଂଭ୍ରାନ୍ତ ବେଶ୍ୟା ବେଶ୍ୟାବୃତ୍ତି କ୍ଷେତ୍ରରେ ଏକ ଆଦର୍ଶ ସଂଯୋଗ । ସଂଭ୍ରାନ୍ତ ବେଶ୍ୟାମାନଙ୍କୁ ଇଂରେଜୀରେ Courtesan ବୋଲି କୁହାଯାଇଥାଏ । 'ମୃଚ୍ଛକଟିକ'ର ବସନ୍ତ ସେନା ଏ ଜାତୀୟ ହୋଇପାରନ୍ତି । ବେଶ୍ୟାବୃତ୍ତି ସଂପର୍କରେ ଭାରତର 'ପତିତା ଉଦ୍ଧାରଣୀ ସଭା' ତରଫରୁ ଏକ ସର୍ଭେ କରାଯାଇଥିଲା । ୧୯୯୦ ମସିହା ପାଖାପାଖୀ ହୋଇଥିବା ଏହି ସର୍ଭେରେ ଏ ଦେଶର ରସିକ ପୁରୁଷମାନେ ନାରୀ ଉପଭୋଗ କ୍ଷେତ୍ରରେ ବାର୍ଷିକ କୋଡ଼ିଏ ହଜାର କୋଟି ଟଙ୍କା ଖର୍ଚ୍ଚ କରନ୍ତି ବୋଲି କୁହାଯାଇଥିଲା, ଯେତେବେଳେ କି ଭାରତ ସରକାରଙ୍କ ବାର୍ଷିକ ବଜେଟ୍ ଥିଲା ୧ଲକ୍ଷ ୨୦ ହଜାର କୋଟିଟଙ୍କା । ବେଶ୍ୟାବୃତ୍ତି ସଂପର୍କରେ ଏତେ ବିପୁଳ ବ୍ୟୟ ଏହାର ଆକାର ବିଶାଳତାକୁ ସୂଚାଇ ଦେଇଥାଏ । ଭାରତବର୍ଷରେ ବିଭିନ୍ନ ଦିଗରେ ଏହି ବୃତ୍ତି ସହ ସଂପୃକ୍ତ ଜନସଂଖ୍ୟା ପାଖାପାଖି ୫୦ଲକ୍ଷ ବୋଲି କୁହାଯାଇଥାଏ ।

ଯୌନ ନିପୀଡ଼ନ ଓ ଯୌନମୁକ୍ତିର ବିଭିନ୍ନ ଦିଗ:

ମୋଟାମୋଟି ଭାବରେ ଏହି ପ୍ରକାର ବିଭିନ୍ନ ଧରଣ ନାରୀ ପୁରୁଷ ସଂପର୍କ, ଯୌନ ସଂପର୍କ ବା ଯୌନକ୍ରିୟା ଯୌନ ବ୍ୟବହାର ଥିବା ସତ୍ତ୍ୱେ ମଣିଷ ଯେ ସାମାଜିକ ଭାବରେ ଯୌନ ନିପୀଡ଼ନର ଶିକାର ଏହା ଯୌନତା, ପ୍ରେମ, ନାରୀ ପୁରୁଷ ସଂପର୍କର ସଂକଟକୁ ସୂଚାଇ ଦେଇଥାଏ । ଯୌନ ନିପୀଡ଼ନର ଊର୍ଦ୍ଧ୍ୱକୁ ଉତ୍ତରିତ ହେବା ସକାଶେ ବିଭିନ୍ନ ସମାଜରେ ବ୍ରହ୍ମଚର୍ଯ୍ୟ (Celibacy) ନାମକ ଏକ ତୁରୀୟ (Transdental) ଆନନ୍ଦର ବାର୍ତ୍ତା ପ୍ରଚାର କରାଯାଇଥାଏ । କିନ୍ତୁ ଏହି 'ତୁରୀୟ ଆନନ୍ଦ ଯୌନ ନିପୀଡ଼ନର ମାତ୍ରାକୁ ଅଧିକ କରାଏ ସିନା ସେଥିରୁ ମୁକୁଳିବାର ମାର୍ଗ ପ୍ରଦର୍ଶନ କରେନା । ଯୌନ ନିପୀଡ଼ନର ସମସ୍ୟା ଅଧିକ ଜଟିଳ ହେଲେ ଏହା ବ୍ୟକ୍ତିଗତ ସ୍ତରରେ ବ୍ୟକ୍ତିକୁ କର୍ମପ୍ରବଣତା ରହିତ, ନିଶ୍ଚେଷ୍ଟ, ଶୈଥିଲ୍ୟଯୁକ୍ତ କରି ଗଢ଼ି ତୋଳିବା ସହ କେତେ କ୍ଷେତ୍ରରେ ଅପରାଧୀ, ପାଗଳ ଓ ହତାଶ କରି ଗଢ଼ି ତୋଳେ । କେହି କେହି ହତାଶ ବ୍ୟକ୍ତି ଆତ୍ମହତ୍ୟାର ପଥ ମଧ୍ୟ ବାଛି ନେଇଥାନ୍ତି । ଅତ୍ୟଧିକ ଯୌନ ନିପୀଡ଼ନ ମଣିଷକୁ ରୁଗ୍ଣ ରୋଗଗ୍ରସ୍ତ ମଧ୍ୟ କରିଥାଏ ।

Digitized by PPRACHIN, SOA

ସ୍ୱଭାବତଃ ଏକ ଯୌନ ନିପୀଡିତ ବ୍ୟକ୍ତି ଯୁକ୍ତିବୋଧ ଅପେକ୍ଷା ଭାବପ୍ରବଣତା ବା ଅଯୌକ୍ତିକତା(Irretionality)କୁ ପ୍ରଶ୍ରୟ ଦେଇଥାଏ । ଏମିତି ହୋଇଥାଏ ଏକ ଯୌନ ନିପୀଡ଼ିତ ସମାଜରେ ଫାଶୀବାଦୀ ବା ଉଗ୍ର ଜାତୀୟତାବାଦୀ ପ୍ରବଣତା ଅଧିକ ଭାବରେ ଦେଖାଦିଏ । ଉଇଲିୟମ ରାଇଖ୍‌ଙ୍କ ରଚନାରେ ଜର୍ମାନରେ ଫାଶୀବାଦର ଅଭ୍ୟୁଦୟ ପଛରେ ଯୌନ ନିପୀଡ଼ନକୁ କାରଣ ବୋଲି ଦର୍ଶାଯାଇଛି । ଏହାର ନିରାକରଣ ପାଇଁ ରିଖ ଜର୍ମାନ କମ୍ୟୁନିଷ୍ଟ ପାର୍ଟିର ଜଣେ ସଦସ୍ୟ ଭାବରେ ଜର୍ମାନ କମ୍ୟୁନିଷ୍ଟ ପାର୍ଟିରେ ଯୌନ ରାଜନୈତିକ ସଂଗଠନ (Sex political organization / Cell) ଖୋଲାଯାଇ ସମାଜରେ ଉଭୟ ନାରୀ ପୁରୁଷ ଭୋଗୁଥିବା ଯୌନଗତ ସମସ୍ୟାର ଆଲୋଚନା ଓ ସମାଧାନ ପାଇଁ ପ୍ରସ୍ତାବ ବାଢ଼ିଥିଲେ । ରାଇଖ୍‌ଙ୍କ ମତରେ ଜଣେ ଯୌନ ନିପୀଡ଼ିତ ମଣିଷ ସୃଜନଶୀଳ ହୋଇ ପାରିବନି । ରାଇଖ୍ ତାଙ୍କର Mass psychology of fascism ଓ Sexual revolution ପୁସ୍ତକରେ ଯୌନତାର ଅର୍ଥନୀତି (Economy of Sex) ଉପରେ ଆଲୋଚନା କରିବାକୁ ଯାଇ ଉଭୟ ହିଟ୍‌ଲର ଓ ଷ୍ଟାଲିନ୍ କିଭଳି ନାରୀକୁ ଯୁଦ୍ଧ ପାଇଁ ସନ୍ତାନ ଜନ୍ମର ମେଶିନ୍ ଭାବରେ ବ୍ୟବହାର କରାଇବା ସହ ସେମାନଙ୍କୁ ଗୃହସ୍ଥଳୀରେ ଆବଦ୍ଧ ରହିବା ଉଚିତ ବୋଲି କହିଥିଲେ ତା'ର ସମାଲୋଚନା କରିଛନ୍ତି । ରାଇଖ୍ ଥିଲେ ଫ୍ରଏଡ୍‌ଙ୍କର ଶିଷ୍ୟ ଓ ଫ୍ରଏଡୋତ୍ତର (Post Frudian) ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଦାର୍ଶନିକ । ମାର୍କସ ତାଙ୍କର ରଚନାରେ ଯେମିତି ଅର୍ଥନୈତିକ ସାମାଜିକ ନିପୀଡ଼ନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି, ଫ୍ରଏଡ଼ ଓ ରାଇଖ୍ ସେଇମିତି ଯୌନ ସାମାଜିକ ନିପୀଡ଼ନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏ ଦୃଷ୍ଟିରୁ ମାର୍କସଙ୍କୁ ଯେମିତି Economic deterministic ବୋଲି ଆଖ୍ୟାୟିତ କରାଯାଇଥାଏ ସେଇମିତି ରାଇଖ୍ ଓ ଫ୍ରଏଡ଼ଙ୍କ କେହି କେହି Sex monist ବୋଲି ଅଭିଯୋଗ କରନ୍ତି ।

ସଂକଟର ସାମାଧାନ:

ଅର୍ଥନୈତିକ ସାମାଜିକ କାରଣରୁ ହେଉ ଅଥବା ପ୍ରକୃତିଗତ କାରଣରୁ ହେଉ ମଣିଷ ଯେ ଯୌନ ନିପୀଡ଼ନର ଶିକାର ବା ଯୌନ ସାମାଜିକ ଶୋଷଣର ଶିକାର ଏଥିରୁ ମୁକୁଳିବାର କୌଣସି ଉପାୟ ଅଛକି ? ସେହିପରି ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ଦେଖା ଦେଉଥିବା ବୈଷମ୍ୟ ବା ସଂକଟର କୌଣସି ନିରାକରଣ କରାଯାଇ ପାରେକି ? ଏ ସଂପର୍କରେ ମିଲ୍, ମାର୍କସ, ରାଇଖ୍ ଓ ଫଏଡ଼୍‌ଙ୍କ ଠାରୁ ଆରମ୍ଭ କରି ମାର୍କ୍ୟୁଜଙ୍କର ରଚନାରେ ବହୁ ଦିଗ ନିର୍ଦ୍ଦେଶକାରୀ ଚିନ୍ତା ଝଲକ ଦେଖିବାକୁ ମିଳିଥାଏ ।

Digitized by PPRACHIN, SOA

ଏଙ୍ଗେଲସ ଓ ମାର୍କସ ଓ ଅନ୍ୟାନ୍ୟ ଚିଂତକ:

ମାର୍କସ ଓ ଏଙ୍ଗେଲସ ବିବାହ ପ୍ରେମ ଓ ଯୌନତା ସଂପର୍କରେ ସବଳ ଓ ସଶକ୍ତ ମତ ପ୍ରଦାନ କରିଯାଇଛନ୍ତି । 'କମ୍ୟୁନିଷ୍ଟ ଇସ୍ତାହାର' ଓ 'ରାଷ୍ଟ୍ର, ବ୍ୟକ୍ତିଗତ ସଂପତ୍ତି ଓ ପରିବାର' ଗ୍ରନ୍ଥରେ ଏହା ଗ୍ରଥିତ । ମାର୍କସ ଓ ଏଙ୍ଗେଲସ ଉଭୟଙ୍କ ମତରେ ଏକ ମୁକ୍ତ ସମାଜରେ ପରିବାରର ଅସ୍ତିତ୍ୱ ଲୋପ ପାଇବ । ଅର୍ଥାତ୍ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ନାରୀ ପୁରୁଷ ସଂପର୍କର ଚିହ୍ନ ବର୍ଣ୍ଣ ରହିବ ନାହିଁ । ଏକ ମୁକ୍ତ ସମାଜରେ କେଉଁ କେଉଁ ଜିନିଷ ଗୁଡ଼ିକ ଲୋପ ପାଇବ ସେ ସଂପର୍କରେ ଏଙ୍ଗେଲସଙ୍କ ମତ ହେଲା, ପ୍ରଥମରେ ପୁରୁଷ ପ୍ରାଧାନ୍ୟ ଓ ଦ୍ୱିତୀୟରେ ବିବାହ ବନ୍ଧନରେ ଅଚ୍ଛେଦ୍ୟତା । ଏଙ୍ଗେଲସ ମନେ କରନ୍ତି ବିବାହ ବନ୍ଧନର ଅଚ୍ଛେଦ୍ୟତା ସେଇ ଅର୍ଥନୈତିକ ବ୍ୟବସ୍ଥାର ଫଳ ଯାହା ମଧ୍ୟରେ ଏକ ପତ୍ନୀବ୍ରତତାର ଉଦ୍ଭବ ଘଟିଥିଲା ଓ ଧର୍ମ ଦ୍ୱାରା ଏହି ବ୍ୟବସ୍ଥାକୁ ଅତିରଂଜିତ କରାଯାଇଥିଲା । ମାତ୍ର ଏକପତ୍ନୀବ୍ରତତାର ସେଇ ପବିତ୍ର ସଂପର୍କ ଆଜି ଶହସ୍ରବାର ଛିନ୍ନ ହେବାର ଲାଗିଛି । ଏଙ୍ଗେଲ୍‌ସ ଏକମାତ୍ର ପ୍ରେମକୁ ନାରୀ ପୁରୁଷ ସଂପର୍କର ମୂଳ ଭିତ୍ତି ବୋଲି ମନେ କରନ୍ତି । ତାଙ୍କ ମତରେ କେବଳ ପ୍ରେମ ଉପରେ ପ୍ରତିଷ୍ଠିତ ବିବାହ ବା ନାରୀ ପୁରୁଷ ସଂପର୍କ ଏକ ମାତ୍ର ନୈତିକ, ଯାଥାର୍ଥ, ଯୁକ୍ତିଯୁକ୍ତ । ବ୍ୟକ୍ତିଗତ ଯୌନ ପ୍ରେମର ଅନୁଭୂତି ଓ ସ୍ଥାୟିତ୍ୱ ବ୍ୟକ୍ତି, ବିଶେଷକରି ପୁରୁଷମାନଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ଏଙ୍ଗେଲ୍‌ସ ରୋକ୍‌ଠୋକ୍ ଭାବରେ କହନ୍ତି, "ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ପ୍ରେମର ଅବସାନ ଘଟିଲେ ବା ଏକ ନୂତନ ପ୍ରେମାବେଗ ତା'ର ସ୍ଥାନ ଅଧିକାର କଲେ ବିବାହ ବିଚ୍ଛେଦ ଉଭୟଙ୍କ ପକ୍ଷରେ ଓ ସମାଜ ପକ୍ଷରେ କଲ୍ୟାଣକର ।" ଏ କ୍ଷେତ୍ରରେ ସେ ସଂପତ୍ତି ଭିତ୍ତିକ ସାମାଜିକ ନ୍ୟାୟର ଅନ୍ତସାର ଶୂନ୍ୟତା ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି । ମୋଟାମୋଟି ଭାବରେ ନାରୀ ପୁରୁଷ ସଂପର୍କ ବା ଯୌନ ସଂପର୍କ କ୍ଷେତ୍ରରେ ମଣିଷ ଓ ତା'ର ସମାଜ ଆଇନଗତ ବାଧା ବଂଧନର ଉର୍ଦ୍ଧ୍ୱକୁ ଯିବା ଆବଶ୍ୟକ ବୋଲି ଏଙ୍ଗେଲ୍‌ସ ଇଚ୍ଛା ପୋଷଣ କରନ୍ତି । ଅବଶ୍ୟ ଏଙ୍ଗେଲ୍‌ସ ଯାହା ଇଚ୍ଛା ପୋଷଣ କରନ୍ତି ତାହା ପୂର୍ଣ୍ଣ ମାତ୍ରାରେ ଏକ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ସମାଜ ବ୍ୟବସ୍ଥାରେ ସମ୍ଭବ ହୋଇନପାରେ । ସେଥିପାଇଁ ମାର୍କସ ଓ ଏଙ୍ଗେଲ୍‌ସଙ୍କ ରଚନାରେ ବ୍ୟକ୍ତିଗତ ସଂପତ୍ତିର ବିଲୟ ସଂଗେ ସଂଗେ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ନାରୀ ପୁରୁଷ (ବିବାହ-ପରିବାର) ଓ ଯୌନ ସଂପର୍କର ବିଲୟ ଘଟିବ ବୋଲି ସୂଚନା ଦିଆଯାଇଛି । ମାର୍କସ ଓ ଏଙ୍ଗେଲ୍‌ସଙ୍କ ଚିନ୍ତାଦର୍ଶ ପରିବାର ବିଲୋପ ସହ ବେଶ୍ୟାବୃତ୍ତି ବିଲୋପ ଘଟିବା କଥାକୁ ଜୋର୍ ଦେଇ କହିଥାଏ । ଏହା କହିବାର ଉଦ୍ଦେଶ୍ୟ ହେଲା ବିବାହ ମାଧ୍ୟମରେ ପରିବାରରେ ନାରୀକୁ ପଣ୍ୟ ବା ଦାସ ବନାଇବା ଓ

Digitized by PPRACHIN, SOA

ବେଶ୍ୟାବୃତ୍ତି ମାଧ୍ୟମରେ ନାରୀକୁ ପଣ୍ୟ ଭାବରେ ବ୍ୟବହାର କରିବା ଏକ ମୁକ୍ତ ନାରୀ ପୁରୁଷ ସଂପର୍କ ଭିତ୍ତିକ ସମାଜରେ ସମ୍ଭବ ନୁହେଁ । ସେହିମିତି ଏକ ମୁକ୍ତ ନାରୀ ପୁରୁଷ ସଂପର୍କ ଭିତ୍ତିକ ସମାଜରେ ବନ୍ଧନର ଆଚ୍ଛେଦ୍ୟତା ଓ ଜୋର୍ ଜବରଦସ୍ତି କରଣ ମଧ୍ୟ ଅସମ୍ଭବ । ମୋର ଯାହା ମନେହୁଏ, ମାର୍କସ ଓ ଏଙ୍ଗେଲ୍‌ସ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ସ୍ୱାଭାବିକ ସ୍ଥାୟିତ୍ୱ ଓ ବିମୁକ୍ତତା ଓ ବିବିଧତା (Flexibility) ସପକ୍ଷରେ ଚିନ୍ତା ନିର୍ଯ୍ୟାସ ପ୍ରକଟିତ କରିଛନ୍ତି । ମାର୍କସ ଓ ଏଙ୍ଗେଲ୍‌ସଙ୍କ ଠାରୁ ରସଦ ସଂଗ୍ରହ କରିଥିବା ଅନ୍ୟ ଜଣେ ମାର୍କସବାଦୀ ଚିନ୍ତାନାୟକ ଅଗଷ୍ଟ ବେବେଲ ତାଙ୍କର 'ନାରୀ ଅତୀତ ବର୍ତ୍ତମାନ ଓ ଭବିଷ୍ୟତ' (Women in past, present & future) ପୁସ୍ତକରେ 'ନାରୀ ପୁରୁଷ ସଂପର୍କ, ଯୌନତା, ପରିବାର' ଇତ୍ୟାଦି ବିଷୟ ଉପରେ କିଛିଟା ଭିନ୍ନ ରୂପରେ ଏକା ପ୍ରକାରର ମତ ପୋଷଣ କରିଥାନ୍ତି । ସେ ପରିବାର ବା ବୈବାହିକ ସଂପର୍କରେ ବାଧ୍ୟବାଧକତା (compulsive-ness) ନଗ୍ନ ସ୍ୱରୂପକୁ ଉଦ୍‌ଘାଟିତ କରିଛନ୍ତି । ବେଶ୍ୟାବୃତ୍ତି ଓ ସ୍ୱାମୀ ସ୍ତ୍ରୀର ସଂପର୍କକୁ ତୁଳନା କରି ସେ ମତବ୍ୟକ୍ତ କରିଛନ୍ତି କି- "ବେଶ୍ୟାବୃତ୍ତିରେ ବେଶ୍ୟାର ଆପାତତଃ ସ୍ୱାଧୀନତା ଅଛି । ହୁଏତ ସେ ବୃତ୍ତିରୁ ଚାହିଁଲେ ଯେ କୌଣସି ସମୟରେ ସେ ନିଜକୁ ଯୁକ୍ତ କରି ପାରିବ ବା ଓହରାଇ ନେଇ ପାରିବ ବା ଉପଯୁକ୍ତ ଗ୍ରାହକ ନହେଲେ ସେ ସଂପର୍କ ସ୍ଥାପନକୁ ଅସ୍ୱୀକାର କରିବ କିନ୍ତୁ ବିବାହ କ୍ଷେତ୍ରରେ ନାରୀର ସେ ସ୍ୱାଧୀନତା ନଥାଏ ।" ବୈବାହିକ ସଂପର୍କର ବନ୍ଧନରେ ସଚରାଚର ଜଣେ ନାରୀ ତା'ର ସ୍ୱାମୀ ଠାରୁ ଦୈହିକ ଆବେଗିକ ସଂପର୍କ ବା ଦାମ୍ପତ୍ୟ ସଂପର୍କରୁ ନିଜକୁ ଓହରାଇ ନେଇ ପାରିବନି । ହିନ୍ଦୁ ବିବାହ ନିୟମଠାରୁ ଆରମ୍ଭ କରି ଅନ୍ୟାନ୍ୟ ଧର୍ମର ବିବାହ ନିୟମ ଦାମ୍ପତ୍ୟ ସୁଖ ପ୍ରଦାନର ବାଧ୍ୟବଧକତାର ସପକ୍ଷରେ । କେବଳ ଦାମ୍ପତ୍ୟ ସୁଖ ପ୍ରଦାନ ନୁହେଁ ସନ୍ତାନ ଧାରଣ ପାଇଁ ପାରିବାରିକ ସଂପର୍କରେ ନାରୀ ଚୁକ୍ତିବଦ୍ଧ । ତେଣୁ ବେବେଲଙ୍କ ମତରେ ଏକ ବ୍ୟକ୍ତିଗତ ସଂପତ୍ତି ଭିତ୍ତିକ ପରିବାରରେ ନାରୀ ପୁରୁଷ ଉଭୟ ପରାଧୀନ ଏବଂ ନାରୀ ଅଧିକ ପରାଧୀନ ।

ଫ୍ରାଙ୍କଫୋର୍ଟ ସ୍କୁଲ୍‌ର ଅନ୍ୟତମ ଚିନ୍ତାନାୟକ ଦାର୍ଶନିକ ହାର୍ବର୍ଟ ମାର୍କୁଏଜ ତାଙ୍କର 'ଏରସ୍ ଏଣ୍ଡ୍ ସିଭିଲାଇଜେସନ ଓ ୱାନ ଡାଇମେନ୍‌ସନାଲ୍ ମ୍ୟାନ୍' ପୁସ୍ତକରେ ନାରୀ ପୁରୁଷ ସଂପର୍କ ଓ ଯୌନତାର 'ନାନ୍ଦନିକ ମୁକ୍ତି' ଭାବନାର ଏକ କାଣ୍ଡୀୟ ବ୍ୟାଖ୍ୟା ପ୍ରଦାନ କରନ୍ତି । ମାର୍କ୍ୟୁଜଙ୍କ ମତରେ ପୁଞ୍ଜିବାଦୀ ସମାଜରେ ମଣିଷ ଯୌନ ନିପୀଡ଼ନ କବଳରୁ ମୁକ୍ତ ହେବାର ଏକମାତ୍ର ରାସ୍ତା ହେଉଛି ବୌଦ୍ଧିକ ଉନ୍ମୀଳନ ବା ନାନ୍ଦନିକ ମୁକ୍ତିର ଅନୁଭବ । ମାର୍କ୍ୟୁଜଙ୍କ ମତରେ ଏହା ନାରୀ ପୁରୁଷ ସଂପର୍କ ଓ ସାମାଜିକ

Digitized by PPRACHIN, SOA

ସଂପର୍କ କ୍ଷେତ୍ରରେ ବ୍ୟକ୍ତି ମଣିଷର ସ୍ୱାଧୀନ ସ୍ୱଚ୍ଛନ୍ଦ ଓ ସୃଜନଶୀଳ ଅବସ୍ଥାନ ମାଧ୍ୟମରେ ସମ୍ଭବ । ମାର୍କ୍ୟୁଜ ଆଧୁନିକ ସମାଜକୁ ଏକ ଯୌନ ବିପର୍ଯ୍ୟୟଗ୍ରସ୍ତ ସମାଜ ଓ ଆଧୁନିକ ମଣିଷକୁ ଏକ ଯୌନ ନିପୀଡ଼ିତ ମଣିଷ ବୋଲି ମନେ କରନ୍ତି । ମାର୍କ୍ୟୁଜଙ୍କ ମତରେ Eros ବା ଯୌନାନୁଭବ କେବଳ ଏକ ଲିଙ୍ଗୀୟ ପ୍ରତିକ୍ରିୟା ନୁହଁ । ମଣିଷ ସମଗ୍ର ଶରୀର ଯୌନାନୁଭବର ଆବାସ ସ୍ଥଳୀ । ତେଣୁ ଯୌନ ସୁଖକୁ ଲିଙ୍ଗୀୟକ୍ରୀୟା ବୋଲି ଭାବିବା ଭୁଲ୍ । ମାର୍କ୍ୟୁଜଙ୍କ ମତ ଭାରତୀୟ 'ଲିଙ୍ଗମ୍' ମତବାଦର ପାଖାପାଖି ।

ଯୌନତା ଓ ନାରୀ ପୁରୁଷ ସଂପର୍କର ଅର୍ଥନୈତିକ ଓ ରାଜନୈତିକ ବ୍ୟାଖ୍ୟା:

ଯୌନତା ଓ ନାରୀ ପୁରୁଷ ସଂପର୍କର ନୈତିକ ଓ ଧର୍ମୀୟ ବ୍ୟାଖ୍ୟା ସବୁଠାରୁ ଅଧିକ ସଂଶୟ ସୃଷ୍ଟିକାରୀ ବ୍ୟାଖ୍ୟା । ଧର୍ମୀୟ ଓ ନୈତିକ ବ୍ୟାଖ୍ୟା କ୍ଷେତ୍ରରେ ଯୌନତା ଓ ନାରୀ ପୁରୁଷ ସଂପର୍କ 'ପବିତ୍ର' ଶବ୍ଦର ସର୍ବାଧିକ ପ୍ରୟୋଗ ହୋଇଥାଏ । ଏହା ଏକ ଆତ୍ମବିଚ୍ଛିନ୍ନ ଆଧିଭୌତିକତାଧର୍ମୀ ପ୍ରୟୋଗ । ଭୌତିକ ଜଗତ ଯାହା ସାମାଜିକ ଜଗତ ସହ ସଂପୃକ୍ତ-ସେଠାରେ ଯୌନତା ବା ନାରୀ ପୁରୁଷ ସଂପର୍କ କେତେବେଳେ ପବିତ୍ର ବା ଅପବିତ୍ର ନୁହଁ-ଅଧିକନ୍ତୁ ଏହା ବାସ୍ତବ । ଯୌନତା ଓ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ଏକମାତ୍ର ଅବାସ୍ତବତା ହେଉଛି-ଏହାକୁ ପବିତ୍ର ଓ ନୈତିକ ବୋଲି ବିଚାର କରିବା, ଏକ ଧର୍ମୀୟ ପୁଟ ଦେଇ ଉଭୟ ସଂପର୍କକୁ ରସାତଳଗାମୀ କରବା, ଅଧିକନ୍ତୁ ଏହାକୁ ସାମାଜିକ ନିୟନ୍ତ୍ରଣ ବା ଥିଲାବାଲା ଶ୍ରେଣୀର ସ୍ୱାର୍ଥରେ ବ୍ୟବହାର କରିବା । ପୁଞ୍ଜିବାଦୀ ସମାଜରେ ଯୌନତା, ପ୍ରେମ ଓ ନାରୀ ପୁରୁଷର ସଂପର୍କକୁ ବେଳେବେଳେ ମଧ୍ୟବିତ୍ତ ଶ୍ରେଣୀସୁଲଭ ଭାବନାରେ ପରିଚାଳିତ କରିଅଛି । ଯୌନତା ଓ ନାରୀ ପୁରୁଷ ସଂପର୍କକୁ ନେଇ ପୁଞ୍ଜିବାଦୀ ସମାଜର ମଧ୍ୟବିତ୍ତ ଶ୍ରେଣୀୟ ଭାବଧାରା ଇଉରୋପୀୟ ସମାଜରେ ମୂଳତଃ ଭିକ୍ଟୋରୀୟ ଭାବନା ଦ୍ୱାରା ପରିଚାଳିତ ଥିଲା, ଯେଉଁ ଭାବନା କର୍ତ୍ତୃକ ପବିତ୍ର ମହାନ ଓ ଶାଶ୍ୱତ ଶବ୍ଦର ବିପୁଳ ପ୍ରୟୋଗ ହୋଇଛି । ନାରୀ ପୁରୁଷ ସଂପର୍କ ପ୍ରେମ ଓ ଯୌନତା ବିଷୟର ଧର୍ମୀୟ ନୈତିକ ଭାବଧାରା ଓ ମଧ୍ୟବିତ୍ତ ଶ୍ରେଣୀୟ ଭାବଧାରା ପରସ୍ପର ପରିପୂରକ । ରାଜନୀତି କ୍ଷେତ୍ରରେ ଶ୍ରେଣୀ ସଂଘର୍ଷର ଯୁଗରେ ଉପରୋକ୍ତ ଭାବନାର ଅନ୍ତସାର ଶୂନ୍ୟତାକୁ ଅନୁଭବ କରାଯାଇ ପାରିବ । ସଂପ୍ରତି ନାରୀ ପୁରୁଷର ସଂପର୍କକୁ ନିଛକ ଯୌନାତାରେ ରୂପାନ୍ତରିତ କରି ତା'ର ପଣ୍ୟାୟନ ଘଟାଇବାର ଉଚ୍ଛୃଙ୍ଖଳତାକୁ ବିରୋଧ କରାଯିବା ଆବଶ୍ୟକ; ଏହା ଯେ କେହି ସମାଜ ସଚେତନ ଓ ଯୌନ ସଚେତନ

Digitized by PPRACHIN, SOA

ବ୍ୟକ୍ତି ଅନୁଭବ କରିପାରିବ ।

ପୁଞ୍ଜିତନ୍ତ୍ର ଯାହା ପୁରୁଷତନ୍ତ୍ରକୁ ବିରୋଧ କରେନା ତାହା ଯୌନତା ଓ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ଏକ ଦୋମୁହାଁ ନୀତି ଅବଲମ୍ବନ କରେ । ଏହି ଉଭୟ ବ୍ୟବସ୍ଥା ଅର୍ଥାତ୍ ପୁଞ୍ଜିତନ୍ତ୍ର ଓ ପୁରୁଷତନ୍ତ୍ର ଯୌନତା ଓ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ମୁକ୍ତ ଭାବନାର ବିରୋଧୀ । ଏହି ଉଭୟ ବ୍ୟବସ୍ଥା ଯେହେତୁ ବ୍ୟକ୍ତିଗତ ସଂପତ୍ତିକୁ ଆଧାର କରି ଗଢ଼ି ଉଠିଥାଏ ସେଇହେତୁ ବ୍ୟକ୍ତିଗତ ସଂପତ୍ତି ମୂଳକ ବ୍ୟବସ୍ଥାର ବୈଷମ୍ୟ ପୂର୍ଣ୍ଣ, ପାତର ଅନ୍ତର ଭାବନାକୁ ଛାଡ଼ି ପାରେନା । ଅର୍ଥାତ୍ ଉକ୍ତ ବ୍ୟବସ୍ଥା ମଧ୍ୟ ଦେଇ ଆମେ ଦେଖିବାକୁ ପାଉ ଯୌନତା ଓ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ଥିଲାବାଲା ଶ୍ରେଣୀ ପାଇଁ ଗୋଟାଏ ଆଚରଣ ତ ନଥିଲାବାଲା ଶ୍ରେଣୀ ପାଇଁ ଅନ୍ୟ ଏକ ଆଚରଣ ବା ନିୟମ ଶୃଙ୍ଖଳା ଲାଗୁ ହୋଇଥାଏ । 'ବୀରଭୋଗ୍ୟା ବସୁନ୍ଧରା' ନିୟମ ଓ 'ରାସଲୀଳା'ର ପବିତ୍ରତାକୁ ପ୍ରଚାର କରୁଥିବା ବ୍ୟବସ୍ଥା ଯେ ଯୌନତା ଓ ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ପକ୍ଷପାତ ଦୋଷଯୁକ୍ତ ଏହା କହିବା ବାହୁଲ୍ୟ ।

ବୈଷମ୍ୟପୂର୍ଣ୍ଣ ସାମାଜିକ ବ୍ୟବସ୍ଥା କେବଳ ଅର୍ଥନୈତିକ ବୈଷମ୍ୟକୁ ସୁଯୋଗ ଦିଏ ତାହା ନୁହଁ, ଏହା ସକଳ ପ୍ରକାର ବୈଷମ୍ୟର ଜନ୍ମଦାତା ସାଜେ । ନାରୀ ପୁରୁଷ ସଂପର୍କ ଓ ଯୌନ ବ୍ୟବହାର ବା ଯୌନ ସଂପର୍କ କ୍ଷେତ୍ରରେ ବୈଷମ୍ୟ, ଅର୍ଥନୈତିକ ସାମାଜିକ ଶ୍ରେଣୀ ବୈଷମ୍ୟର ଅନୁରୂପ ହୋଇ ଦେଖାଦିଏ । ପ୍ରେମ, ବିବାହ ଓ ଯୌନ ସଂପର୍କକୁ ନେଇ ସାମନ୍ତବାଦୀ ଯୁଗରୁ ଆଜ ଅବଧି ପୁଞ୍ଜିବାଦୀ ଗଣତନ୍ତ୍ରର ତଥାକଥିତ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଯେଉଁ ନିୟମ ଶୃଙ୍ଖଳା ଏପରିକି ନ୍ୟାୟିକି ପ୍ରାବଧାନ ସମୂହ ରଚିତ ହୋଇଛି ତାହା କିଭଳି ଅଯୌକ୍ତିକତାକୁ ପ୍ରଶ୍ରୟ ଦିଏ ତାହା ଭାବାଯାଇ ପାରେନା । ଉଦାହରଣ ସ୍ୱରୂପ ଚରିତ୍ରବତ୍ତା, ସତୀତ୍ୱ, ବ୍ୟଭିଚାର ଇତ୍ୟାଦିର ସଂପର୍କିତ ଧାରଣା ବା ବ୍ୟାଖ୍ୟା । ଏ ବାବଦୀୟ ଧାରଣା ଓ ବ୍ୟାଖ୍ୟା କିଭଳି ପରସ୍ପର ବିରୋଧୀ ଓ ଅନ୍ତଃସାର ଶୂନ୍ୟ ତାହା ଜୀବନର ପ୍ରୟୋଗଶାଳାରେ ମଣିଷ ସ୍ପଷ୍ଟ ବୁଝିପାରେ । ଉପରୋକ୍ତ ବିଷୟ ସଂପର୍କିତ ଧାରଣ ଓ ବିଚାର ଯାହା ପ୍ରକୃତି ଦତ୍ତ ନୁହେଁ ମାନବ ମସ୍ତିଷ୍କ ପ୍ରସୂତ ତାକୁ ନେଇ ବିଭିନ୍ନ ସଂଶ୍ରୟ, ସମାଜରେ ଘଟୁଥିବା ଅପରାଧ ଓ ସାମାଜିକ ଦଣ୍ଡବିଧି ଇତ୍ୟାଦିର ଅମାନବୀୟ ପ୍ରୟୋଗ ହିଁ ସୂଚାଇ ଦିଏ । ଉଦାହରଣ ସ୍ୱରୂପ ବ୍ୟଭିଚାରିଣୀ ନାରୀକୁ ଟେକା ପକାଇ ମାରିବା ନିୟମ; ସତୀ ନାରୀକୁ ପୁରୁଷର ଚିତା ପୋଡ଼ି ମାରିବାର ପରମ୍ପରା ଇତ୍ୟାଦି ।

ଦୁଇଟି ପ୍ରାଣୀ ପରସ୍ପର ସହମତିରେ ପ୍ରେମ ଓ ଯୌନ ସଂପର୍କରେ ଆବଦ୍ଧ ହେବାର

Digitized by PPRACHIN, SOA

ପୂର୍ଣ୍ଣ ସ୍ୱାଧୀନତା ଏ ଯାବତ୍ କୌଣସି ସମାଜ ପ୍ରଦାନ କରିନାହିଁ । ଏହା ସମାଜର ବ୍ୟକ୍ତି ମଣିଷର ସ୍ୱାଧୀନତା ଉପରେ ହସ୍ତକ୍ଷେପ ନୁହଁ କି ? ବ୍ୟକ୍ତି ମଣିଷର ବେଡ୍‌ରୁମ୍‌କୁ ପ୍ରବେଶ କରିବାର ଅଧିକାର ସମାଜକୁ ଦେଲା କିଏ ? ପ୍ରେମ ଓ ଯୌନ ସଂପର୍କ କ୍ଷେତ୍ରରେ ସମାଜ ଯେ ବ୍ୟକ୍ତି ମଣିଷକୁ ଅଧିନସ୍ଥ କରି ରଖିବାକୁ ଚାହେଁ-ଏହା ଯେ ମଣିଷର ବେଡ୍‌ରୁମ୍‌ରେ ଦଖଲ ଦିଏ ଏହା ଶ୍ରେଣୀ ବୈଷମ୍ୟର ଫଳ ।

ସମତାପୂର୍ଣ୍ଣ ସମାଜ ନିର୍ମାଣ ନ ହେଲା ପର୍ଯ୍ୟନ୍ତ ନାରୀ ପୁରୁଷ ସଂପର୍କ ଓ ଯୌନ ସଂପର୍କ କ୍ଷେତ୍ରରେ ମଣିଷ ସ୍ୱାଧୀନ ହୋଇ ପାରିବନି ଏହା ଯେମିତି ସତ୍ୟ ସେମିତି ଯୌନମୁକ୍ତି ବିନା ସାମାଜିକ ମୁକ୍ତି ସମ୍ଭବ ନୁହେଁ, ଏହା ମଧ୍ୟ ସେମିତି ସତ୍ୟ । ଏକ ଯୌନ ନିପୀଡ଼ିତ, ଯୌନ ବୈଷମ୍ୟ ଯୁକ୍ତ ସମାଜ ସାମାଜିକ ଭାବରେ ମୁକ୍ତ ସମାଜ ନୁହଁ କହିବା ବାହୁଲ୍ୟ ।

❑❑

Digitized by PPRACHIN, SOA

ଯୌନତା ଓ ମୁକ୍ତି, ସମଲିଙ୍ଗୀ ପ୍ରସଙ୍ଗ ଓ ୩୭୭ ଧାରା : ଏକ ଦ୍ୱଂଦ୍ୱାତ୍ମକ ବିଶ୍ଳେଷଣ

Love, work and knowledge are well - spring of our life; they should also govern it.

- Wilhelm Reich

ଯୌନତା ଶବ୍ଦଟି ଆମପାଇଁ ଆଉ ଅଛୁଆଁ ହୋଇକରି ନାହିଁ ।

ସମଲିଙ୍ଗୀ ସଂପର୍କ ଅନୈତିକ ଓ ଆଇନ୍ ବିରୋଧୀ ଭାବିବାର ସମୟ ଅଂତ ହୋଇ ଆସୁଛି । ଭାରତ ବର୍ଷରେ 'ଗେ' ଓ 'ଲେସବିୟାନ୍' ମାନଙ୍କର ସୂର୍ଯ୍ୟୋଦୟ ଆସନ୍ନ ପ୍ରାୟ । ଦିଲ୍ଲୀ ହାଇକୋର୍ଟ ୩୭୭ ଧାରାକୁ ବାତିଲ କରିଛି । ସୁପ୍ରିମକୋର୍ଟର ରାୟ ଏହାର ସପକ୍ଷରେ ଯାଇପାରେ । ବାମ ଦକ୍ଷିଣ ଉଭୟ ଶିବିରରେ ମାନସ ମଂଥନ ଆରମ୍ଭ ହୋଇ ଯାଇଛି । ଯୌନଗତ ଭାବରେ ମଣିଷକୁ ଆଉ ବେଶୀଦିନ ଶୋଷଣ କରାଯାଇ ପାରିବନି ।

ଯୌନଗତ ଭାବରେ ମଣିଷ ଯେ ମୁକ୍ତ ହେବାକୁ ଚାହେଁ ଏହା ବିଶ୍ୱବ୍ୟାପୀ ନାରୀମୁକ୍ତ ଆନ୍ଦୋଳନ, ଏଲ୍.ଜି.ବି.ଟି (LGBT) ବା କୁଇୟର ଗୋଷ୍ଠୀ (Queer Group)ର ଆନ୍ଦୋଳନରୁ ଦେଖିବାକୁ ମିଳୁଛି ।

ସଂପ୍ରତି ଯୌନତା ବିଷୟଟି ଆଉ ଏକ ଅଣରାଜନୈତିକ ବିଷୟ ହୋଇକରି ନାହିଁ । ଲିଂଗ ଭେଦର ରାଜନୀତିରେ ଦମନମୂଳକ ରାଷ୍ଟ୍ର ଓ ପିତୃକେନ୍ଦ୍ରିକ ପରିବାର ଧର୍ମାନୁଷ୍ଠାନ ଜରିଆରେ ଯୌନରୂପକ ବିଷୟ ବା କ୍ରିୟାକୁ ନୈତିକତା ସହ ଯୋଡ଼ି ସମାଜରେ କିଭଳି ବୈଷମ୍ୟ ଓ ବିରୋଧାଭାଷ ସୃଷ୍ଟି କରାଯାଉଛି ଏବଂ ତାହା କିଭଳି ସଂପନ୍ନ ବର୍ଗର ସେବା କରୁଛି, ଏ ପ୍ରବଂଧରେ ତା'ର ବିଶଦ ଆଲୋଚନା ହୋଇଛି । ଏଥି ସହିତ ବହୁଗାମୀ ପ୍ରବଣତା ଓ ସମଲିଂଗୀ ସଂପର୍କର ବୈଧତାକୁ ପ୍ରମାଣ କରିବାକୁ ଯାଇ ପ୍ରବଂଧଟି ଯୌନ ସଂପର୍କର ଜଟିଳତାର ଗ୍ରନ୍ଥିକୁ ଉନ୍ମୋଚିତ କରୁଛି ।

Digitized by PPRACHIN, SOA

ଐତିହାସିକ ବିକାଶ ପ୍ରକ୍ରିୟାରେ ଯୌନତା:

ଏହା ଏକ ବିଡ଼ଂବନା ଯେ ଯୌନତାକୁ ନେଇ ମଣିଷ ତା'ର ପ୍ରକୃତିଦତ୍ତ ସାରଲ୍ୟକୁ ପରିହାର କରି ସମାଜ ପ୍ରଦତ୍ତ ଜଟିଳତାକୁ ଗ୍ରହଣ କରି ନେଇଛି ବା ଗ୍ରହଣ କରିବାକୁ ବାଧ୍ୟ ହୋଇଛି । ରୁଷୋଙ୍କ Man was born free but every where in chains ନ୍ୟାୟରେ ମଣିଷ ଯୌନତା କ୍ଷେତ୍ରରେ ରାଷ୍ଟ୍ର ଓ ପରିବାରର ପ୍ରଦତ୍ତ ଶୃଙ୍ଖଳ ନାଁରେ ଶୃଙ୍ଖଳବଦ୍ଧ ହୋଇଯାଇଛି; ପିତୃକୈନ୍ଦ୍ରିକତା ଓ ପୁରୁଷ ପ୍ରାଧାନତାର ଶିକାର ହୋଇଛି । ନୈତିକତାର ନିପୀଡ଼ନ ହେତୁ 'ଲିବିଡୋ'(Libido)ର ସଂକଟ ମଧ୍ୟକୁ ନିକ୍ଷିପ୍ତ ହୋଇଛି । ଯୌନତାକୁ ନେଇ ମୁକ୍ତି ତାହାପାଇଁ ସୁଦୂର ପରାହତ ହୋଇଛି । ଅଧିକଂତୁ ଯୌନତାକୁନେଇ ସମାଜ ପ୍ରଦତ୍ତ ଆତ୍ମ ପ୍ରବଂଚନା ଓ ସ୍ୱବିରୋଧୀ ଚିଂତାଧାରା ବଶବର୍ତ୍ତୀ ହୋଇ ସେ ଯୌନ ବିପର୍ଯ୍ୟୟ ବା ଯୌନ ଅବଦମନର ଗ୍ରସ୍ତ ହୋଇଛି ।

ବୈଷମ୍ୟପୂର୍ଣ୍ଣ ବ୍ୟକ୍ତିଗତ ସମ୍ପତ୍ତି ଭିତ୍ତିକ ଶ୍ରେଣୀ ବ୍ୟବସ୍ଥାରେ ଆରମ୍ଭ ଦିନରୁ ରାଷ୍ଟ୍ର ଓ ସମାଜର ବଡପଣ୍ଡାମାନଙ୍କ ଜରିଆରେ ନାରୀ ପୁରୁଷ ଭେଦରେ ପୃଥିବୀ ବିଭକ୍ତ ହେବା ମଧ୍ୟ ଦେଇ ପୁରୁଷ ପ୍ରଧାନ ସମାଜ ଜନ୍ମ ନେଇଛି । ସଂପତ୍ତିର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ପରିବାର ନାମକ ପ୍ରତିଷ୍ଠାନ ମାଧ୍ୟମରେ ଦାସ ଓ ପ୍ରଜାମାନଙ୍କୁ ଏକପତ୍ନୀକ ପରିବାର (Monogamous Family) ମଧ୍ୟରେ ଆବଦ୍ଧ ରଖାଯାଇଛି । ଧର୍ମାନୁଷ୍ଠାନ ଜରିଆରେ ସତୀତ୍ୱ ଓ ଚରିତ୍ରବାନ ନକ୍ସା ଅଙ୍କାଯାଇଛି । ମଣିଷ ଭିତରର ବହୁଗାମୀ ପ୍ରବଣତାର ଚରିତାର୍ଥ ପାଇଁ ବେଶ୍ୟାଳୟମାନ ଗଢ଼ି ଉଠିଛି । ଲିଂଗଭେଦ ଦୁନିଆରେ ନାରୀ ହୋଇଛି ପୁରୁଷାଧୀନ । ସମାଜ ହୋଇଛି ମୁକ୍ତ ଅବାଧ ଯୌନ ସଂପର୍କ ରହିତ । ଯୌନାନଂଦ ବା ଯୌନମୁକ୍ତି ମଣିଷ ପାଇଁ ହୋଇଛି ଦୁଷ୍ପ୍ରାପ୍ୟ । ସାମଂତବାଦୀ ଯୁଗରେ 'ବୀର ଭୋଗ୍ୟା ବଂସୁଧରା' ନ୍ୟାୟରେ ରଜା ଓ ସାମନ୍ତମାନେ ଯୌନଚାର୍ଯ୍ୟାରେ ମୁକ୍ତ ଓ ଉଚ୍ଛୃଙ୍ଖଳ ହେବାର ସୁଯୋଗ ଲାଭ କରୁଥିଲେ । ପୁଞ୍ଜିବାଦୀ ଯୁଗରେ ପୁଞ୍ଜିପତି ତଥା ରାଜନୈତିକ ପ୍ରଶାସନିକ ସଂସ୍ଥାର କ୍ଷମତାବାନ୍ ଲୋକାମାନେ ଯୌନଗତ ଭାବରେ ସ୍ୱାଧୀନ ଓ ଉଚ୍ଛୃଙ୍ଖଳ ହେବାର ଯଥେଷ୍ଟ ସୁଯୋଗ ଲାଭ କରନ୍ତି । ସାଧାରଣଜନତା ପାଇଁ ଉଭୟ ସମାଜରେ ଯୌନ କଟକଣା ପ୍ରବଳ । ନାରୀ, ସର୍ବହରା-ପୁଞ୍ଜିପତି ଉଭୟ ଶ୍ରେଣୀର ଲୋକଙ୍କ ନିକଟରେ ପୁରୁଷାଧୀନ । ଲିଂଗଭେଦର ଶୀକାର । ସାଂପ୍ରତିକ ସମାଜରେ 'ବେଶ୍ୟା', ସମଲିଙ୍ଗୀମାନେ ଅଧିକାର ପାଇଁ ସଂଘର୍ଷରେ ବୁଦୁବୁଦୁ ଥିବା ଲକ୍ଷ୍ୟ କରାଯାଏ । ଯୌନାଗତ ଦିଗରୁ ନାରୀ ପୁରୁଷ ଉଭୟ ଶ୍ରେଣୀର ଅଧିକାଂଶ ମଣିଷ ଅବଦମନ ନୀପିଡ଼ନର ଶିକାର ହେଉଥିବା ହେତୁ ମନସ୍ତତ୍ତ୍ୱିକ ଦିଗରୁ ବିକାରଗ୍ରସ୍ତ ହେବାକୁ ବାଧ୍ୟ । ଯୌନତାର

Digitized by PPRACHIN, SOA

ପ୍ରଶ୍ନକୁ ନେଇ ଏକ ବୈଜ୍ଞାନିକ ଅବଧାରଣା ସମାଜରେ ବିରଳ । ବୈଜ୍ଞାନିକ ଅବଧାରଣା ପରିବର୍ତ୍ତେ ଯୌନତାକୁ ନେଇ ସମାଜରେ ଝୁଟା ଆଦର୍ଶ ପ୍ରଚାର ହୋଇଥାଏ । କୁମାରୀତ୍ୱ, ସତୀତ୍ୱ, ଏକ ପତ୍ନୀବ୍ରତତା, ଚରିତ୍ରବତ୍ତା ସର୍ବୋପରି ଯୌନ ସଂପର୍କ କ୍ଷେତ୍ରରେ ପବିତ୍ରତା ଓ ବିଶୁଦ୍ଧ ଭାବନାର ପ୍ରଚାର ଓ ପ୍ରସାରର ଅନ୍ତ ନାହିଁ । ଏ ସମସ୍ତ ପ୍ରଚାର ଓ ପ୍ରସାରର ଉତ୍ସ ହେଲା ଧର୍ମୀୟ ନୈତିକତାବାଦୀ ଧାରଣା ଓ କେତେକ କ୍ଷେତ୍ରରେ ରାଷ୍ଟ୍ର ନିର୍ଦ୍ଧାରିତ ନିୟମ; ଯେଉଁ ନୈତିକତା ଓ ନିୟମାନୁଯାୟୀ ମଣିଷ ଯୌନ ସଂଗମର ମୂଳଲକ୍ଷ ବଂଶବୃଦ୍ଧି ବା ପ୍ରଜନ୍ମର ପ୍ରସାର (Propagation of Progeny)। ଅର୍ଥାତ୍ 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା।' ନିୟମ ପାଳନ କରିବାକୁ ଯାଇ ରାଷ୍ଟ୍ର ଯୌନ ସଂପର୍କକୁ କେବଳ ବିବାହ ବନ୍ଧନ ମଧ୍ୟରେ ଆବଦ୍ଧ କରି ରଖେ । ବଳଶାଳୀ ରାଷ୍ଟ୍ର କର୍ତ୍ତୃକ ବିବାହ ବନ୍ଧନ ବର୍ହିଭୂତ ଯୌନ ସଂପର୍କ ଗର୍ହୀତ ଓ ଅନ୍ୟାୟ । ବିଭିନ୍ନ ସମାଜରେ ଯୌନନାପିଡ଼ନ ଧର୍ମୀ ବିଧି ବ୍ୟବସ୍ଥା ମଧ୍ୟରେ ବିବାହ ଓ ପର ବିବାହ ଯୌନ ସଂପର୍କ କଦାଚ ସ୍ପୃହଣୀୟ ବା ଗ୍ରହଣୀୟ ନୁହଁ । ଏଥିପାଇଁ ପୁରୁଷ ଓ ନାରୀ ଉଭୟକୁ ବିବାହ ପୂର୍ବରୁ ଓ ପରେ ସତୀତ୍ୱ ଓ ଚରିତ୍ରବତ୍ତାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ପଡ଼େ । ଏହାର ବ୍ୟତିକ୍ରମ ଘଟିଲେ ଟେକାମାଡ଼ ନତୁବା ଜେଲ୍‌ଦଣ୍ଡ। ସାମାଜିକ ନିନ୍ଦା ଓ ଭର୍ତ୍ସନା ସାଧାରଣ କଥା । ଏହା ହେଉଛି ବିପରୀତ ଲିଙ୍ଗୀ (Hetero sexual) ଯୌନ ନିୟମ ବା ନୈତିକତା । ସମଲିଙ୍ଗୀ ଯୌନକ୍ରିୟା ସବୁ ସମାଜରେ ଶତକଡ଼ା ଶହେ ଭାବେ ବିପଦ । ଏହା ଅନୈତିକ, ଅପ୍ରାକୃତି, ପଶୁସୁଲଭ (Bestial) ବିବେଚିତ । ଏଥିପାଇଁ କଠୋର ଦଣ୍ଡବିଧାନ ରହିଥାଏ । ଆଜୀବନ କାରାଦଣ୍ଡ ବି । Picture of the Dorian Gray ର ଲେଖକ ଓସ୍କାର ୱାଇଲ୍‌ଡ଼୍‌କୁ ଏହି ଅଭିଯୋଗରେ ଏକଦା କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ିଥିଲା । ବିବାହ ବର୍ହିଭୁତ ଯୌନ ସଂପର୍କ ଅଭିଯୋଗର ଶୀକାର ଜଣେ ନାରୀକୁ ଯିଶୁଖ୍ରୀଷ୍ଟ ମୁକ୍ତି ଦେବାରେ ସକ୍ଷମ ହୋଇଥିଲେ କେବଳ ଏକ ଥେରାପି ପ୍ରୟୋଗ ମାଧମରେ । ସେ ଥେରାପି ବା ଉପଚାରଟି ହେଲା ଆଙ୍ଗୁଠି ଦେଖାଇ କହିବା, ଯଥା- "ହଁ ଟେକାମାର ଯଦି ଜୀବନରେ କେବେ କୌଣସି ପାପ କରିନାହଁ।" କେବଳ ଏହି କଥାପଦକ ଯୋଗୁ ଯୀଶୁଖ୍ରୀଷ୍ଟଙ୍କର ଦ୍ୱାରା 'ପାପୀନୀ' ମହିଳାଟି ମୁକ୍ତି ପାଇଯାଇଥିଲା । କାରଣ ତା' ସମ୍ମୁଖରେ ଉପସ୍ଥିତ ଥିବା ସମସ୍ତେ ଜହ୍ଲାଦ ମାନେ ଥିଲେ 'ପାପୀ' । ଯୌନଗତ ବ୍ୟାପାରରେ ପୃଥିବୀରେ 'ବ୍ୟଭିଚାରୀ' ଓ 'ଅପ୍ରାକୃତି ଯୌନାଚାରୀ' (ସମଲିଙ୍ଗୀ)ଙ୍କ ସଂଖ୍ୟା ୫୦ ଭାଗରୁ ଅଧିକ । ମାନସିକ ସ୍ତରରେ ଏମାନଙ୍କ ସଂଖ୍ୟା ଅର୍ଥାତ୍ ବିକାରଗ୍ରସ୍ତ ଲୋକଙ୍କ ସଂଖ୍ୟା ୯୦ ଭାଗରୁ ଅଧିକ । ମାନସିକ ଭାବରେ ଅଧିକାଂଶ ମନରେ ଯେ ଯୌନବିକାର ଭାବନା ଥାଏ ତାହା ଘଟେ ଝୁଟା ଯୌନ ନୈତିକତାର ପ୍ରଚାର ହେତୁ ।

Digitized by PPRACHIN, SOA

ଯୌନତାର ଜୈବ ମାନସିକ, ସାମାଜିକ ପରିପ୍ରକାଶ:

ଯୌନ ପ୍ରବଣତା ବା ଯୌନ ବ୍ୟବହାର କ୍ଷେତ୍ରରେ ମଣିଷର ଜୈବ ମାନସିକ ଓ ଜୈବ ସାମାଜିକ ପରିପ୍ରକାଶ ଜଟିଳତାରେ ପରିପୂର୍ଣ୍ଣ । ବିଭକ୍ତ ବିଶ୍ୱରେ ପୁନଶ୍ଚ ଏହାର ଚେହେରା ବିଚିତ୍ର । ମଣିଷ ପାଇଁ ଯୌନତାର ଜୈବ-ମାନସିକ ସ୍ଥିତି ସ୍ୱଚ୍ଛନ୍ଦ ଓ ସ୍ୱାଧୀନ । ଏହା ଅବଦମନହୀନ ଓ ବିକାର ବିହୀନ । ଏହି ସ୍ଥିତି ରାଷ୍ଟ୍ରୀୟ ନିୟମର ପରିପନ୍ଥୀ । ଅର୍ଥାତ୍ ସାମାଜିକ ବଡ଼ପଣ୍ଡାମାନଙ୍କର ଚିନ୍ତାଧାରାର ବିରୋଧୀ । ବ୍ୟକ୍ତି ଯୌନତାର ଜୈବ-ମାନସିକ ପରିପ୍ରକାଶ କ୍ଷେତ୍ରରେ ଅବଦମନର ଶିକାର ହେବାକୁ ଚାହେଁନା । ଇଗୋ(Igo) ଓ ସୁପର ଇଗୋ(Super Igo) ର ଶାସନକୁ ମାନେନା । ଯୌନତାର ଜୈବ ମାନସିକ ପରିପ୍ରକାଶ ଇଦ୍ (Id) ର ବଶବର୍ତ୍ତୀ ହୋଇ ସମାଜକୁ ଖରାପ କରିଦେବ ବୋଲି କହି ସମାଜର ବଡ଼ପଣ୍ଡାମାନେ ସାଧାରଣ ମଣିଷକୁ 'ଇଗୋ' ଓ 'ସୁପର ଇଗୋ' ଦ୍ୱାରା ପରିଚାଳିତ ହେବା ସକାଶେ ନିର୍ଦ୍ଦେଶ ଦେବା ସହ ନିଜେ "ବୀର ଭୋଗ୍ୟ । ବସୁଂଧରା" ନ୍ୟାୟରେ 'ଇଦୀୟ' ଇଚ୍ଛାକୁ ଚରିତାର୍ଥ କରିଥାନ୍ତି । ଏତଦ୍‌ଦ୍ୱାରା ସମାଜରେ ଯୌନ ନିୟମ ଓ ନୈତିକତା ଦୋମୁହାଁ ବା ଦ୍ୱୈତ ଚରିତ୍ର (Dual Character) ବିମଣ୍ଡିତ ହୋଇଯାଏ ।

ଯୌନ ବ୍ୟବହାର କ୍ଷେତ୍ରରେ ମଣିଷର ଜୈବଗତ ଇଚ୍ଛା ବା ପ୍ରବଣତା ସହ ଶାସକ ଶ୍ରେଣୀର ଯୌନ ବ୍ୟବହାର ବା ଆଚରଣର ସାମଞ୍ଜସ୍ୟ ଲକ୍ଷ୍ୟ କରାଯାଏ । ଅର୍ଥାତ୍ ସମାଜରେ ରାଜା, ଶ୍ରେଷ୍ଠୀ, ପୁଞ୍ଜିପତି ଓ ବୃହତ ପ୍ରଶାସକ ମାନଙ୍କର ବିରଳ ଯୌନ ବ୍ୟବହାର ଯଥା-ବହୁ ନାରୀକାମୀ ପ୍ରବଣତା (Polygamy Tendency) ଓ 'ଯୌନ ବିଶୃଙ୍ଖଳ ଭାବ' ମାନବ ପ୍ରଜାତିର ଅନ୍ତର୍ନିହିତ ଗୁଣାବଳୀର ପ୍ରକାଶକ । "ପ୍ରାଣୀ ଜଗତର ୯୦ ଭାଗ ସ୍ତନ୍ୟପାୟୀ ପ୍ରାଣୀ ଜୈବଗତ ଭାବରେ ବହୁଗାମୀ" (Polygynoum)(Secret life of Birds by Colin Tudge, Penguin Book, P-346) । ଆଦିମ ସମାଜରେ 'ଏକପତ୍ନୀକ ପରିବାର' ନାମକ ଏକ ଅନୁଷ୍ଠାନ ଆଦୌ ନଥିଲା । ଆଦିମ ମଣିଷ ଥିଲା ଫଳମୂଳ ସଂଗ୍ରହକାରୀ ଓ ଶିକାରୀ; ସେହିହେତୁ ସେ ଥିଲା ଗୋଷ୍ଠୀବଦ୍ଧ । ଗୋଷ୍ଠୀବଦ୍ଧ ମଣିଷର ଯୌନ ସଂପର୍କ ପାରିବାରିକ ମଣିଷର ଏକପତ୍ନୀକ ଯୌନ ସଂପର୍କର ନିୟମକୁ ଅନୁସରଣ କରୁ ନଥିଲା । ଏଠାରେ ଯୌନ ସଂପର୍କ ଥିଲା ଅବାଧ ଓ ମୁକ୍ତ । ଏଠି ସନ୍ତାନ ଜନ୍ମ କ୍ଷେତ୍ରରେ ପିତାମାତାଙ୍କ ଆବଶ୍ୟକତା ନଥିଲା; ଅର୍ଥାତ୍ ଗୋଷ୍ଠୀ ମଧ୍ୟରେ ଜନ୍ମିତ ସନ୍ତାନ ଥିଲା ଗୋଷ୍ଠୀର; ସେ କୌଣସି ନିର୍ଦ୍ଦିଷ୍ଟ ପିତା ମାତା ଦ୍ୱାରାଚିହ୍ନିତ ହେଉନଥିଲା । ସନ୍ତାନ ଜନ୍ମ ଓ ଯୌନ ସଂପର୍କ

Digitized by PPRACHIN, SOA

କ୍ଷେତ୍ରରେ ଗୋଷ୍ଠୀବଦ୍ଧ ମଣିଷ ପାଇଁ ଗୋଷ୍ଠୀ ନିୟମ କାମ କରୁଥିଲା । ଏହାଥିଲା ସତୀତ୍ୱ ଓ ଏକପତ୍ନୀବ୍ରତତାର ବିରୋଧୀ । ଅପରଂତୁ ସତୀତ୍ୱ ଓ ଏକପତ୍ନୀବ୍ରତତାର ଧାରଣା ଓ ଗୋଷ୍ଠୀ ମଣିଷ ପାଖରେ ସଂପୂର୍ଣ୍ଣ ଅନୁପସ୍ଥିତି ଥିଲା । ଶିକାରୀ ଓ ଫଳମୂଳ ସଂଗ୍ରହକାରୀ ମଣିଷ ଯେଉଁଦିନ ଜମି ଆବାଦୀ କରି କୃଷି କାର୍ଯ୍ୟରେ ନିୟୋଜିତ ହେଲା ସେଇଦିନଠାରୁ ପରିବାର ଓ ରାଷ୍ଟ୍ର ଜନ୍ମନେଲା । ପରିବାର ଓ ରାଷ୍ଟ୍ରର ଜନ୍ମ ସଂଗେସଂଗେ ମଣିଷର ଗୋଷ୍ଠୀ ଯୌନ ସଂପର୍କରେ ବାଧା ପଡ଼ିଲା ଓ ପରିବାର କର୍ତ୍ତୃକ ଏକ ପତ୍ନୀକ ଯୌନ ସଂପର୍କର ଚର୍ବିତ ଚର୍ବଣତାକୁ ଅତିକ୍ରମ କରିବାକୁ ଯାଇ ଏକ ପତ୍ନୀକ ଯୌନ ସଂପର୍କର ବିକଳ୍ପ ଭାବରେ ପ୍ରକାଶ୍ୟ ବେଶ୍ୟା ବୃତ୍ତି ନାମକ ଏକ ନୂତନ ଅନୁଷ୍ଠାନ ଜନ୍ମ ନେଲା ଓ ପରିବାର ବାହାରେ ଗୋପନ ପ୍ରଣୟ, ବ୍ୟଭିଚାର (Adultery) ମଧ୍ୟ ତିଷ୍ଠି ରହିଲା । ମଣିଷର ପ୍ରକୃତିଦତ୍ତ ଆଦିମ ଯୌନ ପ୍ରବଣତାକୁ ରାଷ୍ଟ୍ର, ପରିବାର ଓ ଧର୍ମାନୁଷ୍ଠାନ କଠୋର ଭାବରେ ଦମନ କଲେ । ଆଜି ଯେଉଁ ବେଶ୍ୟାବୃତ୍ତି ଓ 'ବ୍ୟଭିଚାରକୁ' ଆମେ ପ୍ରତକ୍ଷ କରୁଛନ୍ତି ତା' ହେଉଛି ଆଦିମ ମଣିଷର ବହୁ ନାରୀ ବହୁ ପୁରୁଷ କାମୀ ପ୍ରବଣତାର ପରିପ୍ରକାଶ । ଦାର୍ଶନିକ ଫ୍ରେଡ଼େରିକ୍ ଏଂଗେଲସ୍ 'ପରିବାର, ବ୍ୟକ୍ତିଗତ ସଂପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି' ପୁସ୍ତକରେ ଏହାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗୋଷ୍ଠୀ ଜୀବନ ଅଧିକାଂଶ କ୍ଷେତ୍ରରେ ଥିଲା ମାତୃକୈନ୍ଦ୍ରୀକ । ଅର୍ଥାତ୍ ଏଠାରେ ନାରୀ ଥିଲା ମୁଖ୍ୟ । ଗୋଷ୍ଠୀ ସମାଜର ପତନ ସଂଗେ ସଂଗେ ବ୍ୟକ୍ତିଗତ ସଂପତ୍ତି, ପରିବାର, ରାଷ୍ଟ୍ର ଓ ସମାଜର ନିୟନ୍ତ୍ରଣ ପୁରୁଷ ହାତକୁ ଚାଲିଗଲା । ଏହି ଅନୁଷ୍ଠାନମାନଙ୍କରେ ନାରୀ ହେଲା ପଦଦଳିତ ଓ ନିପୀଡ଼ିତ; ଏବଂ ସଂରଚନାଗତ ସୀମବଦ୍ଧତାର ଶୀକାର ହୋଇ ଉଭୟ ନାରୀ ଓ ପୁରୁଷ ହେଲେ ରାଷ୍ଟ୍ର ଓ ପରିବାର ଅଧୀନସ୍ଥ ।

ଗୋଷ୍ଠୀ ଜୀବନରେ ସମଲିଙ୍ଗୀ ପ୍ରବଣତା ବା ସଂପର୍କ ବାବଦରେ ଇତିହାସକାର ମାନଙ୍କ ପାଖରେ କୌଣସି ବିବରଣୀ ବା ବର୍ଣ୍ଣନା ଦେଖିବାକୁ ମିଳେନା । ତେବେ ସାଂପ୍ରତିକ ବିଶ୍ୱରେ ସମଲିଙ୍ଗୀ ପ୍ରବଣତାର ଅଭିବୃଦ୍ଧି ପଛରେ ସାମଗ୍ରୀକ ଭାବରେ ସମାଜରେ ଘଟୁଥିବା ଯୌନ ନୀପିଡ଼ନ ଓ ଲିଂଗ ବୈଷମ୍ୟ ମୁଖ୍ୟ କାରଣ ହୋଇପାରେ । ଆଜିର ସମଲିଙ୍ଗୀ ବା କୌତୁହଳି ଗୋଷ୍ଠୀ, LGBT ଇତ୍ୟାଦି ଓ ସର୍ବୋପରି ନାରୀ ମୁକ୍ତି ଆନ୍ଦୋଳନର ଯେଉଁ ବିଶ୍ୱବ୍ୟାପୀ ଲହର ଦେଖିବାକୁ ମିଳୁଛି ସେଥିପାଇଁ ଗୋଷ୍ଠୀ ଜୀବନ ମଧ୍ୟରୁ ମୁକୁଳି ଆସିଥିବା ଆଜିର ଯୌନ ବିପର୍ଯ୍ୟଯଗ୍ରସ୍ତ ସମାଜ ହିଁ ଦାୟୀ । ଆଜି ଯେଉଁ ଆତ୍ମ ପ୍ରବଂଚନା ମୂଳକ ପରସ୍ପର ବିରୋଧୀ ଭାବରେ ବର୍ଦ୍ଧିଷ୍ଣୁମାନସିକ ରୋଗଗ୍ରସ୍ତ ପୃଥିବୀକୁ ଦେଖିବାକୁ ମିଳୁଛି ସେଥିପାଇଁ ଅର୍ଥନୈତିକ ବୈଷମ୍ୟ ଓ ଯୌନ ନିପୀଡ଼ନ କାରଣ ହୋଇପାରେ ।

Digitized by PPRACHIN, SOA

ଯୌନତା ସଂପର୍କରେ ରାଜନୈତିକ ଅର୍ଥଶାସ୍ତ୍ରୀୟ ଓ ବୈଜ୍ଞାନିକ ବ୍ୟାଖ୍ୟା ଅଭାବରୁ ଅର୍ଥନୀତି ଓ ଯୌନତା ଉଭୟକୁ ନିୟନ୍ତ୍ରଣ କରୁଥିବା କ୍ଷମତାକେନ୍ଦ୍ର ବିରୁଦ୍ଧରେ ଏକ ସଫଳ ସାମାଜିକ ଆନ୍ଦୋଳନ ଗଢ଼ି ତୋଳାଯାଇପାରୁନି । ଯୌନତା ଏକ ଜୈବ ରାଜନୈତିକ ପ୍ରଶ୍ନ ହୋଇଥିବା ହେତୁ ଏହାର ଉତ୍ତର ନ୍ୟାୟଳୟ ବା ମାନସିକ ରୋଗ ଚିକିତ୍ସକଙ୍କ ଠାରୁ ଆଶାକରାଯାଏନା: ଏକଥା ବୁଝିବା ପାଇଁ ପୃଥିବୀବାସୀଙ୍କୁ ଆଉ କେତେବର୍ଷ ଅପେକ୍ଷା କରିବାକୁ ପଡ଼ିବ ହୁଏତ । ଯୌନତା ଯେ ଏକ ଜୈବ ରାଜନୈତିକ ପ୍ରଶ୍ନ: ଏହାର ଅର୍ଥନୀତିକୁ ବୁଝିବାକୁ ହେଲେ ଆମକୁ ଏହାର ଜୈବଗତ ନୃତାତ୍ତ୍ୱିକ ଓ ସମାଜତାତ୍ତ୍ୱିକ ସ୍ତରକୁ ଭେଦ କରିବାକୁ ପଡ଼ିବ ।

ଜୈବଗତ ଭାବରେ ମଣିଷର ଚରିତ୍ରରେ ବହୁ ନାରୀକାମୀତା (Polygamy Tendency) ଓ ବହୁ ପୁରୁଷକାମୀତା (Polyandry Tendency) ବିଦ୍ୟମାନ; ଏତଦ୍‌ଭିନ୍ନ ମଣିଷ ଏକାଧାରରେ ସମଲିଙ୍ଗୀ (Homo Sexual), ବିପରୀତ ଲିଙ୍ଗୀ (Hetero Sexual) ଓ ଉଭୟଲିଙ୍ଗୀ (Bisexual) ।

ଯୌନତାର ଜୀବ ବିଜ୍ଞାନଗତ ବ୍ୟାଖ୍ୟା:

ଯୌନତା ପ୍ରଶ୍ନକୁ ନେଇ ଏକ ଜୀବ ବିଜ୍ଞାନଗତ ବ୍ୟାଖ୍ୟା ସାଇମନ୍ ଡି ବୋଭର ତାଙ୍କର Second Sex ପୁସ୍ତକରେ କରିଛନ୍ତି । ମାନବ ପ୍ରଜାତି ସହ ଅନ୍ୟାନ୍ୟ ପ୍ରଜାତି ମାନଙ୍କର ତୁଳନା କରି କୁମାରୀ ବୋଭେର, ମାନବ ଅସ୍ତିତ୍ୱରେ ଉଭୟଲିଙ୍ଗୀ ପ୍ରବଣତାକୁ ଆବିଷ୍କାର କରିବା ସହ ଜୈବଗତ ଭାବରେ ପୁରୁଷ ପ୍ରଧାନତାର ଅନୁପସ୍ଥିତିକୁ ପ୍ରମାଣ କରିଛନ୍ତି । Second Sex ର ପ୍ରଥମ ପରିଚ୍ଛେଦର Data of Biology ଶିର୍ଷକରେ ସେ କହିଛନ୍ତି:-

"ପ୍ରକୃତି ଜଗତରେ ଲିଙ୍ଗ ଭିନ୍ନତା ସାର୍ବଭୌମ ନୁହଁ । ପ୍ରାଣୀ ଜଗତରେ ଏକକୋଷୀ ପ୍ରାଣୀର ଅସ୍ତିତ୍ୱ ବିଦ୍ୟମାନ; ଯଥା- ଆମେଇବା ଓ ସ୍ପୋରଜୋୟାନ୍‌ସ, ଏହି ପ୍ରାଣୀମାନଙ୍କର ବଂଶବୃଦ୍ଧି ପ୍ରକ୍ରିୟା ମଣିଷ ଓ ଅନ୍ୟାନ୍ୟ ପ୍ରାଣୀ ମାନଙ୍କଠାରୁ ଭିନ୍ନ । ବଂଶବୃଦ୍ଧି ପାଇଁ ଏମାନେ ଆପଣାର ପ୍ରାଣ (Cell)କୁ ବିଭାଜିତ କରି ବଂଶ ବିସ୍ତାର କରିଥାନ୍ତି । × × × କୁମାରୀ ନାରୀର ସନ୍ତାନ ଜନ୍ମ (Virgin birth)ପରି ବିନା ଯୌନ ସଂଗମ ଅର୍ଥାତ୍ ପାର୍ଥେନୋଜେନିସିସ୍ (Parthenogenesis) ପ୍ରକ୍ରିୟାରେ ବଂଶବୃଦ୍ଧି ପ୍ରାଣୀ ଜଗତର ଅନ୍ୟ ଏକ ନିୟମ । କେବଳ ପାର୍ଥେନୋଜେନିନିସ୍ ବା ନିସଂଗମନ ପ୍ରକ୍ରିୟା ନୁହଁ ସ୍ପଞ୍ଜ (Sponge), ହାଇଡ୍ରା (Hydra), କ୍ରିମ ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବମାନଙ୍କର

Digitized by PPRACHIN, SOA

କ୍ଷେତ୍ରରେ ସ୍କିଟୋଜେନିସିସ୍ (Sconizogensis) ପୃଥକୀକରଣ ଓ ବ୍ଲାଷ୍ଟୋଜେନିସିସ୍ (Blastogenesis) ବିକ୍ଷିପ୍ତିପରଣ ପ୍ରକ୍ରିୟାରେ ପ୍ରାଣୀ ଜଗତରେ ବଂଶ ବିସ୍ତାର ଅନ୍ୟ ଏକ ନିୟମ ।" ଏହି ଜୀବବିଜ୍ଞାନଗତ ବ୍ୟାଖ୍ୟାକୁ ଆଧାର କରି ସାଇମନ୍ ଡି ବୋଭର ଭବିଷ୍ୟତ ଦୁନିଆରେ ଲିଂଗଭେଦର ଊର୍ଦ୍ଧ୍ୱରେ ଏକ ଅର୍ଦ୍ଧନାରୀଶ୍ୱର ସମାଜ (Parthenogenitic Society) ସୃଷ୍ଟି ହୋଇପାରେ ବୋଲି ଆଶା ପୋଷଣ କରନ୍ତି । (Second sex, vintage, p-4 to 8) ଦ୍ରଷ୍ଟବ୍ୟ) । ବିଶିଷ୍ଟ ନାରୀବାଦୀ ଲେଖିକା ସାଇମନ ଡି ବୋଭାର ଉପରୋକ୍ତ ମତାଦର୍ଶ ସହ ନିଜର ବ୍ୟକ୍ତି ଜୀବନକୁ ଯୋଡ଼ିଛନ୍ତି । ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ସାଇମନ ଡି. ବୋଭର ଆପଣାର ସହପାଠୀ ପରବର୍ତ୍ତୀ କାଳର ବିଶ୍ୱର ଶ୍ରେଷ୍ଠ ଦାର୍ଶନିକ ଜାଂପଲ୍ ସାର୍ତ୍ତଙ୍କୁ ବିବାହ ନକରି ତାଙ୍କ ସହ ମିତ୍ର ସଂପର୍କରେ ଆବଦ୍ଧ ହୋଇ ନିଜକୁ ଆର୍ଦ୍ଧନାରୀଶ୍ୱର (androgynous) ଅସ୍ତିତ୍ୱ ବିମଣ୍ଡିତ କରାଇଥିଲେ । ସାର୍ତ୍ତ ଓ ସାଇମନ୍ ଡି ବୋଭୟରଂକର ସଂପର୍କ ଥିଲା ଦୁଇଟି ମୁକ୍ତ ଭାବାପନ୍ନ ନାରୀ ପୁରୁଷଙ୍କ ବଂଧନହୀନ ସଂପର୍କ; ଯେଉଁ ସଂପର୍କ ମଧ୍ୟରେ ପୁରୁଷ ପ୍ରଥମ ଲିଙ୍ଗ-ନାରୀ ଦ୍ୱିତୀୟ ଲିଙ୍ଗ, ବଡ଼ ସାନ ପ୍ରଭୁ ଭାବନା ରହିତ । ଆଜିର ଯୁଗରେ ବିବାହ ନକରି ନାରୀ ପୁରୁଷ ମିତ୍ର ସଂପର୍କରେ ଆବଦ୍ଧ ହେବା ସ୍କାଂଡ଼ିନେଭୀୟ ଦେଶର ଏକ ପ୍ରତିଷ୍ଠିତ ପରମ୍ପରା । ସାର୍ତ୍ତ ଓ ସାଇମନ୍ ଡି ବୋଭର ଏହି ପରମ୍ପରାର ଆଦର୍ଶ ସ୍ଥାନୀୟ ପ୍ରତିନଧି ଥିଲେ । ସାର୍ତ୍ତ ଓ ସାଇମନ୍ ଡି ବୋଭରଙ୍କର ମିତ୍ର ସଂପର୍କ କେବଳ ଯୌନ ମୁକ୍ତି ନୁହେଁ-ଯୌନମୁକ୍ତି ବ୍ୟତୀରେକ ସମାଜ ମୁକ୍ତିର ଏକ ରାଜନୈତିକ ପ୍ରକଳ୍ପ ଥିଲା । ବଂଧୁତା ଏକ ରାଜନୈତିକ ପ୍ରକଳ୍ପ ହୋଇପାରେ ସାର୍ତ୍ତ ଓ ସାଇମନ୍ ଥିଲେ ତା'ର ଶ୍ରେଷ୍ଠ ଉଦାହରଣ । ସାର୍ତ୍ତ ଓ ସାଇମନ୍‌ଡ଼ି ବୋଭର ଏକଦା ଉଇରୋପର ନାରୀ ମୁକ୍ତି ଆନ୍ଦୋଳନର ପ୍ରମୁଖ ଭାଗରେ ଥିଲେ । ଲିଙ୍ଗ ଭେଦ ଓ ଯୌନତାର ପ୍ରଶ୍ନକୁ ନେଇ ଇଉରୋପର ନାରୀ ମୁକ୍ତି ଆନ୍ଦୋଳନ ଉତ୍ତର ସତୁରୀରେ ଦଶକରେ ଏକ ବଳିଷ୍ଠ ରୂପ ଗ୍ରହଣ କରିଥିଲା; ଯାହାର ପଦଧ୍ୱନି ଆଜି ସାରା ପୃଥିବୀରେ ଦେଖିବାକୁ ମିଳୁଛି ।

ନାରୀ ମୁକ୍ତି ଆନ୍ଦୋଳନର ବିଭିନ୍ନ ଧାରା:

ଯୌନ ଶୋଷଣ ଓ ଲିଂଗ ବୈଷମ୍ୟ ବିରୁଦ୍ଧରେ ସମଗ୍ର ବିଶ୍ୱରେ ନାରୀମୁକ୍ତି ଆନ୍ଦୋଳନ ବିଭିନ୍ନ ଧାରା (Trend) ଇତିହାସ କ୍ରମରେ ବିକଶିତ । ସେ ସମସ୍ତ ଧାରାର ଲକ୍ଷ, ଆଦର୍ଶ ଓ ସାଂଗଠନିକ ଦିଗ ଗୁଡ଼ିକର ବିସ୍ତୃତ ଆଲୋଚନା ଏଇ କ୍ଷୁଦ୍ର ପ୍ରବଂଧର ସିମୀତ କଳେବର ମଧରେ ବ୍ୟକ୍ତ କରିବା ଅସଂଭବ । ତଥାପି ଯୌନତା ଓ ଲିଂଗ-ଭେଦ

Digitized by PPRACHIN, SOA

ପ୍ରଶ୍ନ ନାରୀ ମୁକ୍ତି ଆନ୍ଦୋଳନ ସହ ଜଡ଼ିତ ଥିବା ହେତୁ ଏଠାରେ କେତେକ ମୁଖ୍ୟ ଧାରା ସଂପର୍କରେ ସମ୍ୟକ ଆଲୋଚନା କରାଯାଇଛି ।

ଉଦାରବାଦୀ ନାରୀ ମୁକ୍ତି ଆନ୍ଦୋଳନ:

ଇତିହାସରେ ଉଦାରଚାବାଦୀ ନାରୀ ମୁକ୍ତି ଆନ୍ଦୋଳନ (Liberal Feminist Movement)ର ସୂତ୍ରପାତ ଘଟେ ୧୮ ଶତାବ୍ଦୀ ପ୍ରାଂତ ଭାଗରେ-ଶିଳ୍ପ ପୁଂଜିବାଦୀ ଯୁଗରେ । ୧୮ ଶତାବ୍ଦୀର ଉଇରୋପ ଥିଲା ମଧବିତ୍ତ ଶ୍ରେଣୀୟ ମୂଲ୍ୟବୋଧରେ ଭରପୁର । ଏହି ମୂଲ୍ୟବୋଧ ଭିତ୍ତିରେ ନାରୀକୁ ସୁଂଦରୀ, ଶୁଶୀଳା, ଉପଭୋଗ ପ୍ରବଣା ଓ ଆବେଗମୟୀ ରୂପରେ ପ୍ରଦର୍ଶିତ କରାଯାଉଥିଲା । ଏହି ମୂଲ୍ୟବୋଧ ବିରୁଦ୍ଧରେ ପ୍ରଥମେ ମାରୀ ଉଲଷ୍ଟୋନ କ୍ରାଫ୍‌ଟ ତାଙ୍କର A vindication of the rights of the women ପୁସ୍ତକରେ ଗୃହସ୍ଥଳୀରେ ଆବଦ୍ଧଥିବା ଉଦ୍‌ଭ୍ରାଂତ ମହିଳାମାନଙ୍କୁ ପଞ୍ଜୁରୀର ପକ୍ଷୀ ଭୂମିକା ପରିହାର ପୂର୍ବକ ମୁକ୍ତ ପକ୍ଷୀ ହେବାକୁ ଆହ୍ୱାନ ଜଣାଇଥିଲେ । ଉଦାର ନାରୀମୁକ୍ତି ଆନ୍ଦୋଳନର ଏହାଥିଲା ପ୍ରଥମ ଆହ୍ୱାନ । ଉଲଷ୍ଟୋନ୍ କ୍ରାଫ୍‌ଟଂକ ପରେ ଜନ୍ ଷ୍ଟୁଆର୍ଟ ମିଲ୍ ଉଦାର ନାରୀମୁକ୍ତି ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ସାଜିଲେ; ତାଙ୍କ ସହିତ ଯୋଗଦେଲେ ହାରିଏଟ୍ ଟେଲର । ଏମାନେ ଉଭୟ ନାରୀକୁ ସମାଜରେ ପୁରୁଷର ସମକକ୍ଷ ହେବା ସହ ସମାନ ସୁଯୋଗର ଅଧିକାରୀ ହେବା ସପକ୍ଷରେ ଯୁକ୍ତି ବାଢ଼ିଲେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ୧୮୩୨ ମସିହାରେ ଟେଲର ଓ ମିଲଂକର ମିଳିତ ସଂଦର୍ଭ Early Essay on Marriage and Divorce ପ୍ରକାଶ ପାଇଲା । ୧୮୫୧ରେ ଏକକ ଭାବରେ ଟେଲର Enfranchigement of women ଶିର୍ଷକ ଲେଖା ପ୍ରକାଶ କଲେ । ଇତି ମଧ୍ୟରେ ମିଲ୍‌ଂକର The Subjection of Women ସଂଦର୍ଭ ପ୍ରକାଶ ପାଇଲା । ଏ ସମସ୍ତ ରଚନା ମାଧ୍ୟମରେ ଏମାନେ କାଂଟଂକର ଉକ୍ତିକୁ ଉଦ୍ଧାର କରି କହିଲେ, "Woman is rational agent whose dignity consists in having capacity for self-determination" (Feminist thought-Rosemary Tong, unwin Hyman, P-21) ଦ୍ରଷ୍ଟବ୍ୟ । ବିଂଶ ଶତାବ୍ଦୀରେ ଜିଲ୍ଲା ଆଇନ୍‌ଷ୍ଟାଇନ୍ ଓ ବି.ଟି. ଫ୍ରିଡାମେନ "The Feminine Mistique" ପୁସ୍ତକ ମାଧ୍ୟମରେ ଉଦାରନୈତିକ ନାରୀମୁକ୍ତି ଆନ୍ଦୋଳନର ଅନ୍ୟତମ ପ୍ରବକ୍ତା ସାଜିଲେ । ମୋଟାମୋଟି ଭାବରେ ଉଦାର ନୈତିକ ନାରୀମୁକ୍ତି ଆନ୍ଦୋଳନ ନାଗରୀକ ସମାଜର ଉଚ୍ଚବର୍ଗର ମହିଳାମାନଙ୍କର ମୁକ୍ତି ଆକାଂକ୍ଷାକୁ ଅଧିକତର ପ୍ରକଟିତ କଲା । ଏହି ଆନ୍ଦୋଳନର ଫଳଶ୍ରୁତି ହେଲା ଉଇରୋପୀୟ ଦେଶରେ ନାରୀର ଭୋଟାଧିକାର ପ୍ରାପ୍ତି ।

Digitized by PPRACHIN, SOA

ମାର୍କ୍ସବାଦୀ ନାରୀମୁକ୍ତି ଆନ୍ଦୋଳନ:

ମାର୍କ୍ସବାଦ ଏକ ପ୍ରତିଷ୍ଠିତ ବିଶ୍ୱ ଦର୍ଶନ । ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ କାର୍ଲମାର୍କସ ଓ ଫ୍ରେଡ଼େରିକ ଏଂଗେଲସଂକ ଯୌଥ ଉଦ୍ୟମରେ ଏହି ଦର୍ଶନଟି ପ୍ରତିଷ୍ଠିତ ହୋଇଥିଲା । ସାମ୍ୟବାଦର ପ୍ରତିଷ୍ଠା ପାଇଁ ଏହି ଦର୍ଶନ ପ୍ରଥମେ ଉଇରୋପ ଓ ପରେ ସମଗ୍ର ବିଶ୍ୱରେ ପ୍ରଭାବ ବିସ୍ତାର କରିଥିଲା । ମାର୍କ୍ସବାଦ ଲିଂଗଭେଦ ଓ ଯୌନତାର ପ୍ରସଂଗକୁ ସମ୍ମୁଖୀନ ହେବାକୁ ଚେଷ୍ଟା କରିଛି ଅତି ସଫଳ ଭାବରେ । ଉଭୟ 'କମ୍ୟୁନିଷ୍ଟ ମେନିଫେଷ୍ଟୋ' ତଥା ପରିବାର ବ୍ୟକ୍ତିଗତ ସଂପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି' ପୁସ୍ତକରେ ମଜୁରୀ ଦାଶ ପ୍ରଥା Wage Selevery ରେ ନାରୀ କିପରିର ଗୃହସ୍ଥଳୀ ଓ କର୍ମସ୍ଥଳୀରେ ଦୋହରା ଶୋଷଣର ଶିକାର ତା'ର ଉଲ୍ଲେଖ କରାଯାଇଛି । ପୁଂଜିବାଦୀ ବ୍ୟବସ୍ଥା ନାରୀକୁ ଯେ ସଂଭୋଗର ସାମଗ୍ରୀ ଭୋଗ୍ୟ ପଣ୍ୟ ତଥା ବିଜ୍ଞାପନର ସାମଗ୍ରୀରେ ରୂପାନ୍ତରିତ କରେ ମାର୍କ୍ସବାଦ ଏ ସବୁର ଘୋରତର ବିରୋଧ କରିଛି । ସଂପତ୍ତି-ଭାବନା ପ୍ରେରିତ ଉଇରୋପର ବୁର୍ଜୁୟାମାନେ କମ୍ୟୁନିଜିମ୍ ନାରୀକୁ କୋଠ ସଂପତ୍ତିରେ ରୂପାନ୍ତରିତ କରିବା ଅଭିଯୋଗ ଆଣନ୍ତେ ମାର୍କସ ତାର ମୁହଁତୋଡ ଜବାବ ଦେଇ କହିଥିଲେ- "ବୁର୍ଜୁୟା ସମାଜ ପୁରୁଷ ସ୍ୱାର୍ଥ ବିଜଡ଼ିତ ହୋଇଥିବା ହେତୁ ନାରୀକୁ ଏଠାରେ ସ୍ୱାଧୀନ କରିବା ପରିବର୍ତ୍ତେ ତାକୁ ଏକ ଉପଭୋଗର ସାମଗ୍ରୀ ମନେକରି ପ୍ରାକାଶ୍ୟ ବେଶ୍ୟାବୃତ୍ତିରେ ଲିପ୍ତ କରାଇବାରେ ସଂତୁଷ୍ଟ ନ ହୋଇ ସର୍ବହରାର ସ୍ତ୍ରୀ କନ୍ୟାଙ୍କ ଉପରେ ଲୋଲୁପ ଦୃଷ୍ଟି ନିକ୍ଷେପ କରନ୍ତି ଓ ନିଜ ନିଜର ସ୍ତ୍ରୀଙ୍କୁ ଉନ୍ନତ ଧରଣ କ୍ଲବ ମାନଙ୍କରେ ନିଜ ନିଜ ମଧ୍ୟରେ ଅଦଳ ବଦଳ କରାନ୍ତି । ଏ କ୍ଷେତ୍ରରେ ମାର୍କ୍ସଙ୍କର କମ୍ୟୁନିଷ୍ଟ ମେନିଫେଷ୍ଟୋରେ ଉଲ୍ଲିଖିତ "Biurgeois tekes the greatest pleasure in seducing each others wife (C.M.P. 59)" ପଂକ୍ତିଟି ନାରୀ ପ୍ରତି ବୁର୍ଜୁୟା ମାନଙ୍କର ଲିଙ୍ଗଭେଦ ଦୃଷ୍ଟିଭଙ୍ଗୀର ଏକ ଶ୍ରେଷ୍ଠ ଉଦାହରଣ । କମ୍ୟୁନିଜିମ୍ ନାରୀକୁ କୋଠ ସମ୍ପତ୍ତି କରିବା ଅଭିଯୋଗର ଉତ୍ତରରେ ମାର୍କ୍ସ ବୁର୍ଜୁୟାମାନଙ୍କୁ ଲକ୍ଷକରି କହିଛନ୍ତି "The Communists have no need to introduce community of women; it has existated allmost from time immemorial" (C.M. P. 59) । ଏଂଗେଲସ ତାଙ୍କର 'ପରିବାର ବ୍ୟକ୍ତିଗତ ସଂପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି' ପୁସ୍ତକରେ ବ୍ୟକ୍ତିଗତ ଯୌନ ପ୍ରେମ ନାରୀ ପୁରୁଷ ସଂପର୍କର ଆଦର୍ଶ ହେବା ଉଚିତ୍ ବୋଲି କହିଛନ୍ତି; ଏ କ୍ଷେତ୍ରରେ, "ସେ ବୁର୍ଜୁୟା ବିବାହ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ ପୂର୍ବକ କହିଛନ୍ତି ବ୍ୟକ୍ତିଗତ ଯୌନପ୍ରେମର ସ୍ଥାୟୀତ୍ୱ ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଯାଏ । ନାରୀ ପୁରୁଷଙ୍କ ବୈବାହିକ

Digitized by PPRACHIN, SOA

ଜୀବନରେ ପ୍ରେମର ଭଟ୍ଟା ପଡ଼ିଲେ ବା ନୂତନ ପ୍ରେମାବେଗ ତା'ର ସ୍ଥାନ ଗ୍ରହଣ କଲେ ନ୍ୟାୟିକ ବିବାହ ବିଚ୍ଛେଦର କାଦୁଅ ଫୋପଡ଼ା ଫୋପଡ଼ି ଭିତରକୁ ନଯାଇ ପାରସ୍ପରିକ ସହମତି ଭିତ୍ତିରେ ବିବାହ ବିଚ୍ଛେଦ କରାଯିବା ଉଭୟ ସ୍ୱାମୀ ସ୍ତ୍ରୀ ସମାଜ ପକ୍ଷରେ କଲ୍ୟାଣକର ।" (ପରିବାର ବ୍ୟକ୍ତିଗତ ସଂପତ୍ତି ପ୍ରଗତି ପ୍ରକାଶନ, ପୃଷ୍ଠା-୯୧) ମାର୍କ୍ସ ତାଙ୍କର "Economic and Philosophic Manuscript" ପୁସ୍ତକରେ ମୁକ୍ତ ନାରୀ ପୁରୁଷ ସଂପର୍କ କେବଳ ଏକ ମୁକ୍ତ ସମାଜରେ ସମ୍ଭବ ବୋଲି କହିଛନ୍ତି । ମାର୍କ୍ସଙ୍କ ମତରେ ମୁକ୍ତ ନାରୀ ପୁରୁଷ ସମ୍ପର୍କ ପ୍ରେମ, ସ୍ୱାଧୀନତା ଓ ସୃଜନଶୀଳତାର ଆଲୋକରେ ଆଲୋକିତ ଏକ ଉଜ୍ଜ୍ୱଳ ସମ୍ପର୍କ । ଉତ୍ପାଦନ ଓ ପୁନରୁତ୍ପାଦନ ପ୍ରକ୍ରିୟାରେ ନାରୀର ଶୋଷଣ ଜନୀତ ସ୍ଥିତିକୁ ଆଖି ଆଗରେ ରଖି ଚିରାୟତ ମାର୍କ୍ସବାଦୀଙ୍କ ଖିଅଧରି ଆଧୁନିକ ମାର୍କ୍ସବାଦୀ ନାରୀ ମୁକ୍ତି ଚିଂତକ ଡୋଲା କୋଷ୍ଟା ଗୃହକର୍ମ ପାଇଁ ନାରୀ ଉପଯୁକ୍ତ ମଜୁରୀ ପ୍ରାପ୍ତ ହେବା ଆବଶ୍ୟକ ବୋଲି ମତ ଦେଇଛନ୍ତି (Feminist Thought, R.Tong, Unwin Hymn, P.53)

ଦୃଢ଼ ସଂକଳ୍ପବାଦୀ ନାରୀମୁକ୍ତି ଆନ୍ଦୋଳନ:

ଦୃଢ଼ ସଂକଳ୍ପ ନାରୀ ମୁକ୍ତି ଆନ୍ଦୋଳନକାରୀ (Raddical Feminist) ମାନେ ଉଦାର ନାରୀମୁକ୍ତି ଆନ୍ଦୋଳନକାରୀମାନଙ୍କର ସଂସ୍କାରଧର୍ମୀ କାର୍ଯ୍ୟକ୍ରମ ବା ମାର୍କ୍ସବାଦୀ ନାରୀ ମୁକ୍ତି ଆନ୍ଦୋଳନକାରୀମାନଙ୍କର ବିପ୍ଲବାତ୍ମକ କାର୍ଯ୍ୟକ୍ରମରେ ଯଥେଷ୍ଟ ଆସ୍ଥାବାନ ନୁହଁନ୍ତି । ଏମାନେ ସାମ୍ୟବାଦୀ ସମାଜରେ ମାର୍କସୀୟ ପ୍ରକଳ୍ପାନୁଯାୟୀ ନାରୀ ମୁକ୍ତ ହୋଇ ପାରିବ ବୋଲି ବିଶ୍ୱାସ କରନ୍ତି ନାହିଁ । ଏମାନଙ୍କ ମତରେ ଉତ୍ପାଦନ ଓ ପୁର୍ନଃଉପାଦନ ପ୍ରକ୍ରିୟାରେ ନାରୀର ଶୋଷଣ ହେଉଥିବା କଥା କହନ୍ତି । ଏମାନଙ୍କ ଦ୍ୱାରା ଲିଂଗ ଭେଦର ଏକ ଲମ୍ବା ତାଲିକା ଦିଆଯାଇଥାଏ । ଏମାନଙ୍କର ତାଲିକାରେ ଧର୍ମ, ଈଶ୍ୱର, ସାହିତ୍ୟ, ମାତୃତ୍ୱ ଓ ଅନ୍ୟ ଅନେକପ୍ରକାର ଅସ୍ତିତ୍ୱ, କ୍ରୀୟା ଓ ବର୍ଣ୍ଣନା (Discourse)ସ୍ଥାନ ପାଇଥାଏ । ଏମାନେ ଶୋଷଣର ଆଭ୍ୟନ୍ତରିଣ ଦିଗ ଉପରେ ଗୁରୁତ୍ୱ ଆରୋପ କରନ୍ତି ।

ଦୃଢ଼ ସଂକଳ୍ପବାଦୀ ନାରୀ ମୁକ୍ତି ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ମାନେ ହେଲେ ଆଲିସନ୍ ଜାଗର, ପଲ୍‌ରୋଥେନ ବର୍ଗ ଇତ୍ୟାଦି । ପରବର୍ତ୍ତୀ ସମୟରେ ଏହି ଆନ୍ଦୋଳନ ସହ ଆଂଦେରା ଦାଓକିନ୍, ମାର୍ଗାଟେ୍ ଅଟକ ଓ୍ୱଡ୍, ଜେନା କୋଏରା ଓ ରୋବାଏନ୍ ରାଓ୍ୱାଲାଂଡ, କେଟ୍ ମିଲେଟେ ଓ ଲିଂଡ଼ା ମାକିନ୍‌ସନ୍ ଇତ୍ୟାଦି ଯୁକ୍ତ ହୋଇଥିଲେ ।

ଆଲିସନ୍ ଜାଗରଙ୍କ ମତରେ ନାରୀମାନେ ହେଉଛନ୍ତି ସର୍ବପ୍ରଥମ ଓ ସର୍ବାଧିକ

Digitized by PPRACHIN, SOA

ଶୋଷିତ ଗୋଷ୍ଠୀ । ଦୃଢ଼ ସଂକଳ୍ପବାଦୀ ନାରୀ ମୁକ୍ତି ଆନ୍ଦୋଳନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ହେଲା ନାରୀର ଗର୍ଭଧାରଣ ଓ ସନ୍ତାନ ଜନ୍ମର କ୍ଷମତା ହିଁ ନାରୀ ଶୋଷଣର ମୂଳ କାରଣ । ସନ୍ତାନ ଜନ୍ମ ଓ ତା'ର ଲାଳନପାଳନ ଦାୟିତ୍ୱ ନାରୀ ଉପରେ ନ୍ୟସ୍ତ ହୋଇଥିବା ହେତୁ ନାରୀ ଗୃହସ୍ଥଳୀର ସିମୀତ ପରିସର ମଧ୍ୟରେ ଆବଦ୍ଧ ହୋଇଯାଏ । ଏତଦ୍‌ଦ୍ୱାରା ନାରୀର ସାମର୍ଥ୍ୟ ସାମାଜିକ ଦିଗରୁ ହ୍ରାସପାଏ ବା ତା'ର ସାମାଜିକ ଅଭିବୃଦ୍ଧି ଘଟେନା । ଏହି ସୀମାବଦ୍ଧତାକୁ ଅତିକ୍ରମ କରିବାପାଇଁ ଦୃଢ଼ ସଂକଳ୍ପବାଦୀ ନାରୀ ମୁକ୍ତି ଆନ୍ଦୋଳନକାରୀମାନେ ବୈଜ୍ଞାନିକ ପଦ୍ଧତିରେ ସନ୍ତାନ ଜନ୍ମ ବା ପୁନରୁତ୍ପାଦନ କାର୍ଯ୍ୟଟି ସଂପନ୍ନ ହେବା ଆବଶ୍ୟକ ବୋଲି ମତ ଦିଅନ୍ତି । ଏଥିପାଇଁ ସେମାନେ ଟେଷ୍ଟଟ୍ୟୁବ ବେବୀ, ସୋରୋଗେଟ୍ ମଦରହୁଡ୍ ଓ କ୍ଲୋନିଂ ପଦ୍ଧତିର ବିକାଶ ଉପରେ ଗୁରୁତ୍ୱ ଆରୋପ କରନ୍ତି । ଦୃଢ଼ ସଂକଳ୍ପବାଦୀନାରୀ ମୁକ୍ତି ଆନ୍ଦୋଳନର ପ୍ରବକ୍ତା ସୁଲାମିତ୍ ଫାୟାରଷ୍ଟୋନ ତାଙ୍କର (Dilectic of Sex) ପୁସ୍ତକରେ ଦୃଢ଼ ଆଶା ପୋଷଣ କରନ୍ତି ଯେ ଶ୍ରେଣୀ ସଂଘର୍ଷ ନୁହେଁ ପୁନରୁତ୍ପାଦନ ପ୍ରଯୁକ୍ତି ହିଁ ଭବିଷ୍ୟତ ସମାଜରେ ନାରୀକୁ ପୁଞ୍ଜି ଓ ପୁରୁଷର ଶୋଷଣ କବଳରୁ ମୁକ୍ତ କରିବ । ଅନ୍ୟଜଣେ ଦୃଢ଼ ସଂକଳ୍ପବାଦୀ ନାରୀମୁକ୍ତି ଲେଖିକା କେଟ୍ ମିଲେଟ୍ ତାଙ୍କର Sexual Politics ପୁସ୍ତକରେ ଅର୍ଦ୍ଧନାରୀଶ୍ୱର ପ୍ରକଳ୍ପ Androgynous Project କୁ ନାରୀ ମୁକ୍ତିର ଅନ୍ୟତମ ରାସ୍ତା ଭାବରେ ସୂଚିତ କରନ୍ତି । ପୁରୁଷ ସବଳ, ନାରୀ ଦୁର୍ବଳ, ପୁରୁଷ କଠିନ ନାରୀ କୋମଳ ଧାରଣାର ଊର୍ଦ୍ଧ୍ୱରେ ନାରୀ ପୁରୁଷ ଉଭୟଙ୍କ ମଧ୍ୟରେ କୋମଳ କଠିନ ଭାବର ସଂପ୍ରସାରଣ ଦ୍ୱାରା ପୁରୁଷ ସହ ନାରୀ ପିତୃକୈନ୍ଦ୍ରିକତାର ଜାଲରୁ ମୁକ୍ତ ହୋଇ ପାରିବ ବୋଲି ମିଲେଟେ ମତ ଦିଅନ୍ତି । ଦୃଢ଼ ସଂକଳ୍ପବାଦୀ ନାରୀ ମୁକ୍ତି ଚିନ୍ତକ ମାନଙ୍କ ମଧ୍ୟରେ ଚାରଲୋଟି ବୁଞ୍ଚ, ଜିଲ ଜନଷ୍ଟନ, ଆଞ୍ଜଏନା ରିଚ୍ ମେରିଦାଲି ଅନ୍ୟତମ। ।

ନାରୀ ମୁକ୍ତି ଆନ୍ଦୋଳନର ଉପରେ ବର୍ଣ୍ଣିତ ଧାରା ବ୍ୟତିରେକେ ଅନ୍ୟାନ୍ୟ ଅନେକ ଧାରାରେ ନାରୀମୁକ୍ତି ଆନ୍ଦୋଳନ ପ୍ରବାହିତ । ପ୍ରବନ୍ଧର ସୀମିତ କଳେବରରେ ତା'ର ବ୍ୟାଖ୍ୟା ସମ୍ଭବ ନୁହେଁ । ତେବେ ଏତିକି କୁହାଯାଇପାରେ ଯେ ଯୌନ ଶୋଷଣ, ଯୌନ ବୈଷମ୍ୟ ବା ଲିଙ୍ଗ ଭେଦର ସମସ୍ୟା ଏକ ସାମାଜିକ ରାଜନୈତିକ-ଅର୍ଥନୈତିକ ସମସ୍ୟା ହୋଇଥିବା ହେତୁ ଏହି ସମସ୍ୟାକୁ ନିୟନ୍ତ୍ରଣ କରିବା ସକାଶେ ରାଷ୍ଟ୍ର ତା'ର ମତାଦର୍ଶଗତ ହତିଆରରେ ପ୍ରସ୍ତୁତ ଥାଏ; ଏବଂ ଏହି ମତାଦର୍ଶଗତ ହତିଆର ଗୁଡ଼ିକ ହେଲା ଧର୍ମ, ସାହିତ୍ୟ, କଳା, ନ୍ୟାୟିକ ପ୍ରାବଧାନ, ତଥା ରିତି, ରିଆଜ ଚଳଣି ଯାହାକୁ ଇଂରେଜୀରେ Dicourse ବୋଲି କୁହାଯାଏ । କ୍ଷମତାର ଏହି ଡିସ୍‌କୋରସିଭ୍ ଇନ୍‌ଫ୍ଲୁଏନ୍‌ସ୍ ଲିଙ୍ଗଭେଦ

Digitized by PPRACHIN, SOA

ଓ ଯୌନ ଶୋଷଣର ଭିତ୍ତି ସାଜିପାରେ; ଏହା ମନସ୍ତାତ୍ତ୍ୱିକ ନାରୀମୁକ୍ତିବାଦ, ଅସ୍ତିତ୍ୱବାଦୀ ନାରୀମୁକ୍ତିବାଦ ସର୍ବୋପରି ଉତ୍ତର ଆଧୁନିକତାବାଦୀ ନାରୀମୁକ୍ତିବାଦ ପ୍ରମାଣ କରିଥାଏ ।

ଯୌନତା ଓ ରାଷ୍ଟ୍ର:

ଯୌନଗତ ବ୍ୟାପାରରେ ରାଷ୍ଟ୍ରର ଭୂମିକା ସଦା ସର୍ବଦା ଲିଙ୍ଗଭେଦ ଓ ଶ୍ରେଣୀ ସ୍ୱାର୍ଥ ବିଜଡ଼ିତ; ଦମନମୂଳକ ଓ ଆଧିପତ୍ୟକାମୀ । ଏ ସଂପର୍କରେ ଫ୍ରଏଡଙ୍କର ପଟ୍ଟଶିଷ୍ୟ ଜର୍ମାନ ଦାର୍ଶନିକ ଉଇଲହେଲ୍‌ମ୍ ରିଖ୍ ତାଙ୍କର 'Masspsychology of Fascism' ଓ Sexual Revolution" ପୁସ୍ତକରେ ସ୍ପଷ୍ଟ ବ୍ୟାଖ୍ୟା କରିଛନ୍ତି । ରିଖ୍‌ଙ୍କ ମତରେ ରାଷ୍ଟ୍ର ତା'ର ନିଜର ଅସ୍ତିତ୍ୱ ରକ୍ଷା କରିବାକୁ ଯାଇ ଧର୍ମ ଓ ପରିବାର ନାମକ ଅଣୁ ଅନୁଷ୍ଠାନ ସହ ସହବନ୍ଧନରେ ଆବଦ୍ଧ ହୁଏ । ଦମନମୂଳକ ଭାବାଦର୍ଶ ଜରିଆରେ ରାଷ୍ଟ୍ର ତା'ର ଅସୀମ କ୍ଷମତାକୁ ପ୍ରୟୋଗ କରାଇଥାଏ । ରାଷ୍ଟ୍ରକର୍ତ୍ତୃଙ୍କ ଦମନମୂଳକ ଭାବାଦର୍ଶ ପ୍ରତିକ୍ରିୟାଶୀଳ ଗୋଷ୍ଠୀର ସହାୟକ ହୁଏ । ପରିବାରରେ ପିତା, ଶାସନଚକ୍ରରେ ନେତା ଓ ଧର୍ମାନୁଷ୍ଠାନରେ ପ୍ରିଷ୍ଟ, ଫାଦର, ପୁରୋହିତ, ମୁଲ୍ଲା ମାନଙ୍କ ହୁକୁମ୍ କାୟେମ୍ ରହେ ।

ରାଷ୍ଟ୍ର ମଣିଷକୁ ସ୍ୱାଧୀନ ହେବାକୁ ସୁଯୋଗ ଦିଏନା । ବେଡ଼ରୁମ୍ ଠାରୁ ବାର୍ ବ୍ରଥେଲ୍ ସବୁଠି ରାଷ୍ଟ୍ରର ଅବାଧ ପ୍ରବେଶ, ଅସୀମ ନିୟନ୍ତ୍ରଣ । ରିଖ୍ ଜର୍ମାନର ଫ୍ୟାସିଷ୍ଟ ଷ୍ଟେଟ୍ ଓ ସୋଭିଏତ୍ ଋଷର ବଲସେଭିକ୍ ଷ୍ଟେଟ୍ ଉଭୟର ଚରିତ୍ର ବ୍ୟାଖ୍ୟା କରି ଏହି ଦୁଇଟି ରାଷ୍ଟ୍ର Sex Repiressive ବୋଲି ମତ ଦେଇଛନ୍ତି । ୧୯୪୪ ମସିହାରେ ସୋଭିଏତ୍ ରାଷ୍ଟ୍ର ସହ ଆମେରିକୀୟ ରାଷ୍ଟ୍ରର ତୁଳନାକରି ରିଖ୍ କୁହନ୍ତି – "Soviet Roussia, Which Owes its existance to a proletarian Revolution, is today in 1944,Sex Politically reactionary, while America with its background of a bourgeois Revolution is at least progressive sex-politically." (Sexual Revolution, vision Press, P-XII)" ରିଖ୍‌ଙ୍କ ମତରେ ଜର୍ମାନ୍ ରାଷ୍ଟ୍ର ଓ ସୋଭିଏତ୍ ରାଷ୍ଟ୍ର ଆମେରିକା ତୁଳନାରେ ଅର୍ଥନୈତିକ ଦୁର୍ବଳ ସ୍ଥିତିରେ ଥିବା ହେତୁ ଅଧିକ ଉତ୍ପାଦନ ମାଧ୍ୟମରେ ଜାତୀୟ ଅର୍ଥନୀତିର ସମୃଦ୍ଧି ସକାଶେ ସ୍ୱଦେଶର ଜନଗଣକୁ ଅଧିକ ଶୃଙ୍ଖଳିତ ଅଧିକ ରାଷ୍ଟ୍ରାନୁଗତ ହେବାପାଇଁ ଏକ ପ୍ରକାର ବାଧ କରୁଥିବା ହେତୁ ନାଗରିକମାନଙ୍କର ବ୍ୟକ୍ତିଗତ ଜୀବନ ଓ ସୁଖ ସୌନ୍ଦର୍ଯ୍ୟକୁ ମଧ୍ୟ ନିୟନ୍ତ୍ରଣକୁ ନେବାକୁ ଚାହାଁନ୍ତି; ଯାହାର ପରିଣତି, ଫାସିବାଦ ବା ଷ୍ଟାଲିନ୍‌ବାଦର ଉଦ୍ଭ୍ୟୁଥାନ; ଯେଉଁ ଦୁଇଟି ବାଦର ମୂଳମନ୍ତ୍ର ହେଲା ଅଧିକ ଦମନ ଓ ପୀଡ଼ନ; ଯୌନଗତ ଭାବରେ ଓ ସାମାଜିକ ସ୍ତରରେ । ଇଉଲହେଲମ୍ ରିଖ୍ ଜର୍ମାନ

Digitized by PPRACHIN, SOA

କମ୍ୟୁନିଷ୍ଟ ପାର୍ଟିର ପ୍ରମୁଖ ନେତା ଥାଇକରି ଅନୁଭବ କରିଥିଲେ ଯେ, ଦଳ ମଧ୍ୟରେ କର୍ମୀ, ନେତା ସବୁ ସ୍ତରରେ ନୈତିକତାର ନୀପିଡ଼ନ ପ୍ରବଳ ଓ ଯୌନତାର ପ୍ରଶ୍ନକୁ ଶୀତଳ ଭଣ୍ଡାରକୁ ନିକ୍ଷିପ୍ତ କରୁଯାଉଥିବାରୁ ରିଖ୍ ଜର୍ମାନ୍ R.S.D.L.P.କୁ ଏକ Sex Political Organisation ଗଠନର ପ୍ରସ୍ତାବ ଦେଇଥିଲେ । ଜର୍ମାନ କମ୍ୟୁନିଷ୍ଟ ପାର୍ଟି ରିଖ୍ଙ୍କର ଏ ପ୍ରସ୍ତାବକୁ ଗ୍ରହଣ କରି ନଥିଲା । ଫଳତଃ ରିଖ୍ଙ୍କ ସହିତ ପାର୍ଟିର ବନ୍ଧନ ଶିଥିଳ ହୋଇଥିଲା । ରିଖ୍ କମ୍ୟୁନିଷ୍ଟ ପାର୍ଟିର ସଭ୍ୟମାନେ ବ୍ୟକ୍ତିଗତ ଜୀବନରେ ଯୌନ ନିପୀଡନର ଶିକାର ହୋଇ ଏକ ମୁକ୍ତ ପୃଥିବୀ ଗଠନ କରିପାରିବେନି ବୋଲି ମତ ଦେଇଥିଲେ । ଯୌନତାକୁ ନେଇ ଦ୍ୟୋତଭାବନା ଓ ନୈତିକତାର ରୋଗ କମ୍ୟୁନିଷ୍ଟମାନଙ୍କୁ ଗ୍ରାସ କରିଥବା ସେ ଅନୁଭବ କରିଥିଲେ । ରିଖ୍ଙ୍କ ଯୌନମନସ୍ତାତ୍ୱିକ ବ୍ୟାଖ୍ୟାନୁଯାୟୀ ନାଜିପାର୍ଟି ଓ କମ୍ୟୁନିଷ୍ଟ ପାର୍ଟିର ଅଥରିଟରିୟାନ୍ (Authoritarian) ଚରିତ୍ର ପଛରେ ରହିଛି ଯୌନ ନିପୀଡନ । ରିଖ୍ଙ୍କ ମତରେ ଯେଉଁ ବ୍ୟକ୍ତି ବା ରାଷ୍ଟ୍ର ଅଧିକ କ୍ଷମତା ଲିପ୍ସୁ ଓ ଦମନମୂଳକ ଚରିତ୍ର ଗ୍ରହଣ କରେ ସେଇ ବ୍ୟକ୍ତି ବା ରାଷ୍ଟ୍ର ଯୌନ ନିପୀଡ଼ନକାରୀ ହେବାକୁ ବାଧ୍ୟ । ଜର୍ମାନରେ ଫାସୀଜିମ୍‌ର ଅଭ୍ୟୁଦୟ ପାଇଁ ଯୌନ ନିପୀଡନରୁ ଜନ୍ମ ନେଇଥିବା Authoritarion Ideology ଦାୟୀ ବୋଲି ରିଖ୍ ତାଙ୍କର Mass Psychology of Fascism ପୁସ୍ତକରେ ସ୍ପଷ୍ଟ ସୂଚନା ଦେଇଛନ୍ତି । ରିଖ୍ଙ୍କ ମତର ପାଖାପାଖି ଅନ୍ୟ ଏକ ମତ ଫରାସୀ ଦାର୍ଶନିକ ମାଇକେଲ୍ ଫ୍ୟୁକୋଙ୍କର ରଚନାବଳୀରେ ଦେଖିବାକୁ ମିଳିଥାଏ । ଫୁକୋ ତାଙ୍କର History of Sexuality, Birth of the Clinic, Archaeology of Knowledge, Madness and civilization, Discipline and punish ଇତ୍ୟାଦି ପୁସ୍ତକରେ ଜେଲ୍, ପାଗଳ ଗାରଦ, ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନମାନଙ୍କ ଜରିଆରେ ରାଷ୍ଟ୍ର ଯୌନଗତ ଭାବରେ ମଣିଷକୁ ବୁଭୁକ୍ଷିତ, ବଞ୍ଚିତ, ଦଣ୍ଡିତ ଓ ଅବଦମିତ କରେବୋଲି ମତ ଦେଇଛନ୍ତି । ଫୁକୋଙ୍କ ପ୍ରଦତ୍ତ ଏହି ଅଭିମତର ଅର୍ଥ ହେଲା-ଜେଲ୍‌ରେ ମଣିଷକୁ ଖାଇବାକୁ ଦିଆଯାଏ ଅଥଚ ଯୌନଗତ ଭାବରେ ବଞ୍ଚିତ କରାଯାଏ । କଏଦିମାନେ ଜେଲ୍‌ରେ ଯୌନ ନିପୀଡ଼ିତ ଜୀବନ-ଯାପନ କରିବାପାଇଁ ବାଧ୍ୟ ହୁଅନ୍ତି । ସେଇପରି ପାଗଳ ଗାରଦରେ ଜଣେ ଯୌନ ନିପାଡ଼ିତ ବ୍ୟକ୍ତିକୁ ପାଗଳର ଆକ୍ଷା ଦିଆଯାଇ ସିଏ ପାଗଳ ନହୋଇଥିଲେ ବି ତାକୁ ପାଗଳ ବନାଇଦିଆଯାଏ । ରାଷ୍ଟ୍ରୀୟ 'ଶୃଙ୍ଖଳା' ଏଭଳି ବିଶୃଙ୍ଖଳ ହୋଇ ଉଠେ ଯେ ଏଠାରେ ପାଗଳ ଗାରଦଟି ଜେଲ୍ ଏବଂ ଜେଲଟି ପାଗଳ ଗାରଦରେ ରୂପାନ୍ତରିତ ହୁଏ । ପ୍ରଚଳିତ ଧର୍ମସଂସ୍ଥା, ଶିକ୍ଷାନୁଷ୍ଠାନର କାମ ହେଲା ବାଳୁତ ମନକୁ ଶିକ୍ଷଣ ପ୍ରକ୍ରିୟାରେ

Digitized by PPRACHIN, SOA

ଯୌନ ନୀପିଡନ ସପକ୍ଷବାଦୀ ଝୁଟା ସତ୍ୟର ବଶବର୍ତ୍ତୀ କରାଇବା-ଯଥା ଯୌନ ସଂପର୍କିତ ଭାବନାହିଁ ପାପ, ସ୍ଖଳନ; ହସ୍ତମୈଥୁନ ଶରୀରରେ ଶକ୍ତିର କ୍ଷୟ ଘଟାଏ ଇତ୍ୟାଦି ଭାବନାର ପ୍ରସାର ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ କରାଇଥାଏ । ଅପରନ୍ତୁ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନ Moral Policeର ଭୂମିକା ପାଳନ କରେ । ଫୁକୋ ଏ ସମସ୍ତ ଅନୁଷ୍ଠାନମାନଙ୍କୁ ଏକ ବୃହତ କ୍ଷମତା କେନ୍ଦ୍ର ବୋଲି ବର୍ଣ୍ଣନା କରନ୍ତି ।

‘ଅପ୍ରାକୃତ’ ‘ଅନୈତିକ’ ଆଇନବିରୋଧୀ ଯୌନ ସଂପର୍କ ସତ୍ୟ ଓ କଳ୍ପନା:

ଶରୀରର ସବୁଠାରୁ ଶକ୍ତିଶାଳୀ ପ୍ରବଣତା ଯୌନବେଗ ପରିଚାଳିତ ଯୌନ ସଂପର୍କ ଓ ଯୌନକ୍ରିୟାକୁ ନେଇ ମଣିଷର ଧାରଣା କାଳେ କାଳେ ସଂରଚନାତ୍ମକ ସୀମାବଦ୍ଧତାର ଶୀକାର ହୋଇ ଆଧିଭୌତିକତାକୁ ଆଦରି ବସେ । ଫଳରେ ଯୌନତାକୁ ନେଇ ମନସ୍ତାତ୍ତ୍ୱିକ ଦିଗରୁ ମଣିଷ ସର୍ବାଧିକ ଦ୍ୱଂଦ୍ୱ ଓ ସଂଶ୍ରୟ ମଧ୍ୟକୁ ନିକ୍ଷୀପ୍ତ ହୋଇଯାଏ । ଯୌନତା କହିଲେ ନୈତିକତାର ଏକ ଜଡ଼ ମଣିଷକୁ କାବୁ କରେ ।

ଯୌନତାକୁ ନେଇ ମନ-ଶରୀରର ଆବଶ୍ୟକତା ଭିନ୍ନ ଭିନ୍ନ ହୋଇପାରେ । ଯୌନ ସଂପର୍କ କହିଲେ ସଚରାଚର ବିବାହିତ ଜୀବନର ସ୍ୱୀକୃତିପ୍ରାପ୍ତ ନାରୀ ପୁରୁଷ ସଂପର୍କକୁ ବୁଝାଇଥାଏ । ସମାଜ ଏକମାତ୍ର ଏହାକୁ ହିଁ ବୈଧ ବୋଲି ଗ୍ରହଣ କରିଥାଏ । ବିବାହ ଘଟିତ ଯୌନ ସଂପର୍କ, ବିପରିତଲିଙ୍ଗୀ ଯୌନାବେଗର ଏକପତ୍ନୀକ ସଂପର୍କ (Monogamous Relatonship) ଧର୍ମ ଓ ରାଷ୍ଟ୍ର ଦ୍ୱାରା ଏକ ସ୍ୱୀକୃତିପ୍ରାପ୍ତ ସଂପର୍କ । ଏହି ସଂପର୍କ ବାହାରେ ଅନ୍ୟ ଯେ କୌଣସି ସଂପର୍କକୁ ଅବୈଧ, ଅପ୍ରାକୃତିକ, ଆଇନ ବିରୋଧୀ ମନେ କରାଯାଇଥାଏ ।

ବାସ୍ତବରେ ମଣିଷର ଯୌନାବେଗ ବିବିଧ ଯୌନକ୍ରିୟା ବା ଯୌନ ସଂପର୍କ ଦ୍ୱାରା ବେଷ୍ଟିତ । ଅର୍ଥାତ୍ ମାନବୀୟ ଯୌନାବେଗ ବିଭିନ୍ନ ଦିଗରେ ପରିଚାଳିତ । ମଣିଷର ଯୌନାବେଗ ବା ଯୌନପ୍ରବଣତା ଶାରିରୀକ ମାନସିକ ରୂପରେ ଯେଉଁ ସମସ୍ତ ଦିଗ ପ୍ରତି ଆକୃଷ୍ଟ ବା ପରିଚାଳିତ ତାହାହେଲା-

(୧) ବିପରୀତ ଲିଙ୍ଗୀ ଯୌନାବେଗ (Hetero Sexuality)

(୨) ସମଲିଙ୍ଗୀ ଯୌନାବେଗ (Homo -Sexuality)

(୩) ଉଭୟଲିଙ୍ଗୀ ଯୌନାବେଗ (Bi-Sexuality)

(୪) ବହୁ ନାରୀ କାମିତା ଓ ବହୁ ପୁରୁଷ କାମୀତା (Polygamy ଓ Polyandry) । ଏହି ଚାରି ପ୍ରକାର ଯୌନାବେଗ ମଧ୍ୟରୁ ପୃଥିବୀର ଅଧିକାଂଶ ସମାଜ ଓ

Digitized by PPRACHIN, SOA

ରାଷ୍ଟ୍ର ଜୈବ ସାମାଜିକ ଭାବରେ ଏକମାତ୍ର ବିପରିତଲିଙ୍ଗୀ ଯୌନାବେଗ ବା ଯୌନ ସଂପର୍କକୁ ସ୍ୱୀକାର କରେ; ତାହାପୁଣି ଏକପତ୍ନୀକ ବିବାହ ବ୍ୟବସ୍ଥା ମଧ୍ୟରେ; ଏବଂ ଏହି ପ୍ରକାର ଏକ ଯୌନ ସଂପର୍କ ମଧ୍ୟରେ ନିଜକୁ ସୀମିତ ରଖିବାପାଇଁ ରାଷ୍ଟ୍ର ମଣିଷକୁ ବାଧ୍ୟ କରେ । ଏହା ହିଁ ବିଶ୍ୱବ୍ୟାପି ବାସ୍ତବତା । ଏହାର ବ୍ୟତିକ୍ରମ ଭାବରେ କିଛି କିଛି କ୍ଷେତ୍ରରେ ସମାଜ ଓ ରାଷ୍ଟ୍ର ମଣିଷର ପ୍ରକୃତିଦତ୍ତ ବହୁଗାମୀ, ସମଲିଙ୍ଗୀ ଓ ଉଭୟଲିଙ୍ଗୀ ପ୍ରବଣତାକୁ ସ୍ୱୀକୃତି ଦେଉଛି ବା ସ୍ୱୀକୃତି ଦେବାକୁ ବାଧ୍ୟ ହେଉଛି । କିନ୍ତୁ ମୋଟାମୋଟି ଭାବରେ ଏ ଯାବତ୍ ପୃଥିବୀ ଏକପତ୍ନୀବ୍ରତତାରେ ବିଜଡ଼ିତ ଓ ପୁରୁଷ ପ୍ରଧାନ ।

ବର୍ତ୍ତମାନ ପୃଥିବୀ ଅଧିକାଂଶ କ୍ଷେତ୍ରରେ ସମଲିଙ୍ଗୀ ଓ ଉଭୟଲିଙ୍ଗୀ ଯୌନ ସଂପର୍କକୁ ଅନୈତିକ, ଅପ୍ରାକୃତିକ, ଆଇନ ବିରୋଧୀ ବୋଲି ମୋହର ଲଗାଇଛି; ବିପରିତ ଲିଙ୍ଗୀ ଯୌନାବେଗର ପୂର୍ବବିବାହ ଓ ପରବିବାହ ଯୌନ ସଂପର୍କ ମଧ୍ୟ ସମ ପରିମାଣରେ ନିନ୍ଦନୀୟ ହୋଇ କରି ରହିଛି । ବେଶ୍ କିଛି କ୍ଷେତ୍ରରେ ଏହା ଏକ ଦଣ୍ଡନୀୟ ଅପରାଧ ଭାବରେ ପରିଗଣିତ ହୋଇଛି । ଯୌନତାକୁ ନେଇ ଏକ ମୁକ୍ତ ସ୍ୱଚ୍ଛନ୍ଦ ମୁକ୍ତି ଆଧାରିତ ସର୍ବଗ୍ରହଣୀୟ ଭାବଧାରାର ଅଭାବରୁ ସମାଜରେ ନାନାବିଧି ଅପରାଧ ସଂଗଠିତ ହେବା ସହ ମାନସିକରୋଗ ବା ନ୍ୟୁରୋରିସ୍‌ର ସମସ୍ୟା ବୃଦ୍ଧି ପାଉଛି । ସଂପ୍ରତି ପୃଥିବୀରେ ୯୦ ଭାଗ ନାରୀ ଓ ୬୦ ଭାଗ ପୁରୁଷ ଛୋଟ ବଡ଼ ନ୍ୟୁରୋସିସ୍ ସମସ୍ୟା ଜଡ଼ିତ । ମାନବ ପ୍ରଜାତିକୁ ବାଦ ଦେଲେ ଜଗତରେ ଅନ୍ୟ କୌଣସି ପ୍ରଜାତି ନାହିଁ ଯେଉଁ ପ୍ରଜାତି ଲିଙ୍ଗ ଭେଦ ଓ ଯୌନ ଅବଦମନ ବା ନିପୀଡନର ଶିକାର ହୁଏ ବା ତଦ୍‌ଜନୀତ ମାନସିକ ରୋଗଗ୍ରସ୍ତ ଜୀବନଯାପନ କରେ । ମାନବ ପ୍ରଜାତି ଯେ ଲିଙ୍ଗ ଭେଦ ଓ ଯୌନ ନିପୀଡନ ମଧ୍ୟକୁ ନିକ୍ଷିପ୍ତ ହୋଇଛି ତାହା ପୁଣି ଜୈବଗତ କାରଣରୁ ନୁହଁ । ସାମାଜିକ ରାଜନୈତିକ ବା ରାଜନୈତିକ ଅର୍ଥନୈତିକ କାରଣରୁ ମାନବ ପ୍ରଜାତି ଲିଙ୍ଗ ଭେଦ ଓ ଯୌନ ନିପୀଡ଼ନର ସମସ୍ୟା ଭୋଗୁଛି । ଅତୀତରେ ଅର୍ଥାତ୍ ଆଦିମ ଯୁଗରେ ଗୋଷ୍ଠୀବଦ୍ଧ ମଣିଷ ଲିଙ୍ଗଭେଦ ବା ଯୌନ ନିପୀଡ଼ନ ଭୋଗୁନଥିଲା । ଦାର୍ଶନିକ ଫ୍ରେଡେରିକ୍ ଏଙ୍ଗେଲସ୍ ସମାଜତତ୍ତ୍ୱବିଦ୍ ମୋର୍ଗାନଙ୍କ ମତକୁ ଉଦ୍ଧାର କରି କହୁଛି- "ଆଦିମ ଉପଜାତିମାନଙ୍କ ମଧରେ ଅବାଧ ଯୌନ ସମ୍ପର୍କର ପ୍ରାଧାନ୍ୟ ଥିଲା ।" (ପରିବାରର ବ୍ୟକ୍ତିଗତ ସଂପତ୍ତି ଓ ରାଷ୍ଟ୍ରର ଉତ୍ପତ୍ତି, ପ୍ରଗତି ପ୍ରକାଶନ, ପୃ-୩୭, ୩୮) । ମୋର୍ଗାନଙ୍କ ପରି ଲେତୁର୍ଣ୍ଣେ ତାଙ୍କର "Evolution of Marriage and Family" ପୁସ୍ତକରେ ଅନ୍ୟ ପ୍ରାଣୀମାନଙ୍କ ମଧ୍ୟରେ ପରିବାର ବିହୀନ ବାଛ ବିଚାରହୀନ ଯୌନ ସଂପର୍କର ଅସ୍ତିତ୍ୱ ପ୍ରମାଣ କରିଛନ୍ତି । (ପରିବାର ବ୍ୟକ୍ତିଗତ ସମ୍ପତ୍ତି ପୃ-୩୮) । ବ୍ୟାନକ୍ରୋଫଟ୍‌ଙ୍କ

Digitized by PPRACHIN, SOA

ମତରେ କେବଳ ଆଦିମ ଯୁଗରେ ଭାଇ ଭଉଣୀ ଯେ ସ୍ୱାମୀ, ସ୍ତ୍ରୀ ରୂପେ ବାସ କରୁଥିଲେ ଏପରି ନୁହେଁ ଅଦ୍ୟାବଧି ପୃଥିବୀର ଅନେକ ଜନଗୋଷ୍ଠୀ ଅଛନ୍ତି ଯେଉଁଠି ମାତା ପିତାଙ୍କ ସହିତ ସନ୍ତାନ ସନ୍ତତିଙ୍କ ଯୌନ ସଂପର୍କ ପ୍ରଚଳିତ । ଆଲାସ୍କା ନିକଟବର୍ତ୍ତୀ କାଡ଼ିଯାନ ଦ୍ୱୀପରେ ଟିପଯେ ଲୋହିତ ଭାରତୀୟ, ଚିଲିର କିରିକାସ, ଇଂଦୋଚୀନର କାରେନ୍ ଉପଜାତି ମଧ୍ୟରେ ଏହି ପ୍ରକାର ଯୌନ ସଂପର୍କ ଏବେବି ବିଦ୍ୟମାନ । ଏଙ୍ଗେଲ୍‌ସଙ୍କ ମତରେ ଆଦିମ ସମାଜରେ ସମଷ୍ଟି ବିବାହ ଓ ପଶୁପକ୍ଷୀ ଓ ମଣିଷ ମଧ୍ୟରେ ଯୌନ ସଂପର୍କ ମଣିଷର ବାଛବିଚାରହୀନ ଯୌନ ସଂପର୍କ ଓ ବହୁଗାମୀ ପ୍ରବଣତାର ଶ୍ରେଷ୍ଠ ଉଦାହରଣ । ଏଙ୍ଗେଲସ୍ ସ୍ପଷ୍ଟ ଭାବରେ ପ୍ରମାଣ କରିଛନ୍ତି ଯେ-ଏକ ପତ୍ନୀକ ପରିବାର ବର୍ବର ଯୁଗର ମଧ ଭାଗରେ ସୃଷ୍ଟ । ଅତୀତର ମଣିଷ ଯେ ବହୁଗାମୀ ପ୍ରବଣତା ମଧ୍ୟଦେଇ ଗତି କରୁଥିଲା ଏବଂ ପରେ ଦାସ ପ୍ରଥା ଓ ମଜୁରୀ ଦାସ ପ୍ରଥା ମଧ୍ୟଦେଇ ଏକ ପତ୍ନୀକ ସଂପର୍କରେ ଆବଦ୍ଧ ହେଲା ତା'ର ନିଦର୍ଶନ ଅଧୁନାତନ ପୃଥିବୀରେ ପୂର୍ବବିବାହ ଓ ପରବିବାହ ଯୌନ ସଂପର୍କ ଓ ବେଶ୍ୟାବୃତ୍ତି ମଧରେ ଦେଖିବାକୁ ମିଳିଥାଏ । ଏଙ୍ଗେଲସ୍‌ଙ୍କ ମତରେ ଏକଦା ବ୍ୟକ୍ତିଗତ ସମ୍ପତ୍ତି, ପରିବାର ଓ ବେଶ୍ୟାବୃତ୍ତି ନାମକ ଅନୁଷ୍ଠାନ ପରସ୍ପର ପରିପୂରକ ଭାବରେ ହାତ ଧରାଧରି ହୋଇ ଆସିଥିଲେ । ବେଶ୍ୟାବୃତ୍ତି ଓ ପୂର୍ବବିବାହ ବିବାହପର ଯୌନ ସମ୍ପର୍କ ଏକପତ୍ନୀକ ପରିବାର ବା ମୋନଗାମସ୍ ଫ୍ୟାମିଲିର 'ମନୋଟନି'ରୁ ମୁକୁଳିବାର ପ୍ରସ୍ଥାନ ପଥ । ମୋର୍ଗାନଙ୍କ ମତରେ "ଗଣିକା ପ୍ରଥାର ଅର୍ଥ ହେଉଛି ଏକପତ୍ନୀ ବିବାହର ପାଖେ ପାଖେ ପୁରୁଷ ଓ ଅବିବାହିତ ସ୍ତ୍ରୀଲୋକଙ୍କ ମଧ୍ୟରେ ଯୌନ ସଂପର୍କର ପ୍ରସାର; ଯାହା ସଭ୍ୟତାର ପ୍ରତିଟି ଯୁଗରେ ବିଭିନ୍ନ ଭାବରେ ପଲ୍ଲବିତ ।" ତାଙ୍କ ମତରେ, "ଯେ କୌଣସି ସାମାଜିକ ଅନୁଷ୍ଠାନ ଭଳି ଗଣିକା ପ୍ରଥା ମଧ୍ୟ ଏକ ଅନୁଷ୍ଠାନ ଯାହା ପୁରୁଷର ସୁଖ ସୁବିଧା ଲାଗି ସୃଷ୍ଟି ହୋଇଥିଲା ଓ ଅଦ୍ୟାବଧି ପୁରୁଷ ପାଇଁ ଯୌନ ସ୍ୱାଧୀନତାର ଧାରା ଏହି ଅନୁଷ୍ଠାନ ମାଧମରେ ଅବ୍ୟାହତ ରହିଛି । (ପରିବାର ବ୍ୟକ୍ତିଗତ ସଂପତ୍ତି, ପୃ ୭୩, ୭୪)

ସମଲିଙ୍ଗୀ ସଂପର୍କ, ୩୭୭ ଧାରା ଓ LGBT ଆନ୍ଦୋଳନ:

"Tell me What's your desire
Then I can tell you who you are"
-Michel Foucault

LGBT ଅର୍ଥାତ୍ Lesbian, Gay, Bisexual and Transgender ମାନେ

Digitized by PPRACHIN, SOA

ଯୌନଗତ ବ୍ୟାପାରରେ ସ୍ଥିତାବସ୍ଥା ବିରୋଧୀ ଏକ ପତନକାରୀ ଗୋଷ୍ଠୀ (Subversive Group) । ଅଳ୍ପ ସଂଖ୍ୟକ ହେଲେ ମଧ୍ୟ ଯୌନ ଅଧିକାର ପାଇଁ ଲଢ଼ାଇରେ ଏମାନେ ଦୃଢ଼ ସଂକଳ୍ପ ଓ ପ୍ରଗତିଶୀଳ । ଇଂରେଜୀରେ ପୁରୁଷ ସହ ପୁରୁଷର ସମଲିଙ୍ଗୀ ସଂପର୍କକୁ Gay ଓ ନାରୀ ସହ ନାରୀ ସଂପର୍କକୁ Lesbian ଓ ନାରୀ ପୁରୁଷ ଉଭୟଙ୍କ ସହ ସଂପର୍କରେ ଆବଦ୍ଧ ରହୁଥିବା ବ୍ୟକ୍ତିକୁ Bisexual ଓ ନଂପୁସକ, ହିଞ୍ଜଡ଼ାମାନଙ୍କୁ Transgender ଆଖ୍ୟା ଦିଆଯାଇଥାଏ । ଦୃଢ଼ ସଂକଳ୍ପବାଦୀ ନାରୀ ମୁକ୍ତି ଆନ୍ଦୋଳନରେ ପ୍ରଥମେ ଏହି ଗୋଷ୍ଠୀଙ୍କର ଉପସ୍ଥିତିକୁ ଲକ୍ଷ କରାଯାଇଥଲା । ସଂପ୍ରତି ଏମାନେ ନିଜର ଅଧିକାର ପାଇଁ ଲଢ଼େଇରେ କୌତୁହଳୀ ଗୋଷ୍ଠୀର ରାଜନୀତି Queer Politics ସହ ଜଡ଼ିତ । କୌତୁହଳୀ ଗୋଷ୍ଠୀର ରାଜନୀତି କହେ ଯୌନଗତ ଭାବରେ ମଣିଷର ଗଠନ ଓ ପ୍ରବଣତା ସମାନ ହେବାକୁ ବାଧ୍ୟ ନୁହଁ; କିନ୍ତୁ ପ୍ରକୃତିର ଇଚ୍ଛାକୁ ସମ୍ମାନ ଦେଇ ଅନ୍ୟର କ୍ଷତି ନ ଘଟାଇ ସହମତି ଭିତ୍ତିରେ ଦୁଇଜଣ ବୟପ୍ରାପ୍ତ ବ୍ୟକ୍ତି ସେମାନେ ହୋଇପାରନ୍ତି ପୁରୁଷ-ପୁରୁଷ, ନାରୀ-ନାରୀ, ହିଞ୍ଜଡା ବା ପୁରୁଷ ଓ ନାରୀ) ପରସ୍ପରକୁ ଭଲ ପାଇବା ଓ ଶାରୀରିକ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ନ୍ୟାୟାଳୟ, ପୁଲିସ୍ ଓ ନୈତିକ ଗୁଣ୍ଡା ସର୍ବୋପରି ରାଷ୍ଟ୍ରୀୟ ଭାବାଦର୍ଶର ପରୋକ୍ଷ ଓ ପ୍ରତକ୍ଷ ହସ୍ତକ୍ଷେପକୁ ସଂଘବଦ୍ଧ ବିରୋଧ କରିବା ଆବଶ୍ୟକ । ରାଷ୍ଟ୍ର ଓ ରାଷ୍ଟ୍ରୀୟ ଭାବଦର୍ଶୀ କହିଲେ ଏମାନେ ତଥାକଥିତ କମ୍ୟୁନିଷ୍ଟ ଓ ଉଦାରଗଣତନ୍ତ୍ରବାଦୀ ରାଷ୍ଟ୍ର ଓ ତା'ର ଭାବାଦର୍ଶକୁ ବୁଝନ୍ତି । ଏମାନଙ୍କ ଦୃଷ୍ଟିକୋଣରୁ ତଥାକଥିତ କମ୍ୟୁନିଷ୍ଟ ରାଷ୍ଟ୍ର ଉଦାର ଗଣତନ୍ତ୍ରବାଦୀ ରାଷ୍ଟ୍ର ସମସ୍ତେ ଯୌନ ନିପୀଡ଼ନକାରୀ । କୌତୁହଳୀ ଗୋଷ୍ଠୀର ଯୌନ ରାଜନୀତି ଏକ ମିଳିତ କ୍ରୀୟାନୁଷ୍ଠାନ ଧର୍ମୀ ରାଜନୀତି (Coalition Politics) । ବିଶ୍ୱରେ ଏମାନଙ୍କର ରାଜନୀତି ସମ୍ଭବତ ଉତ୍ତର ଆଧୁନିକତାବାଦୀ ଫ୍ରେମ୍‌ରେ ବନ୍ଧା । ଭାରତବର୍ଷରେ LGBT ମାନଙ୍କୁ କୌଣସି ରାଜନୈତିକ ଦଳ ସଂଗଠିତ କରି ନାହାନ୍ତି । ଭାରତବର୍ଷରେ 'ବେଶ୍ୟା' ଓ LGBT ମାନଙ୍କୁ ନେଇ ଏହି ଗୋଷ୍ଠୀର ଲୋକମାନେ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ଦ୍ୱାରା ସଂଗଠିତ । କିଛି କିଛି ମାନବାଧିକାର ଗୋଷ୍ଠୀ ଏମାନଙ୍କୁ ସମର୍ଥନ ଜଣାନ୍ତି । ଅତୀତରେ ଆମ ଦେଶରେ କମ୍ୟୁନିଷ୍ଟପାର୍ଟିମାନେ LGBT ମାନଙ୍କର ଆନ୍ଦୋଳନକୁ ବିରୋଧ କରିଛନ୍ତି ବା ନୀରବ ରହିଛନ୍ତି । ଏହାର ନିଜର ହେଲା କମ୍ୟୁନିଷ୍ଟପାର୍ଟି ତୁଙ୍ଗ ନେତ୍ରୀ ବିମଳା ଫାରୁକିଙ୍କ ମନ୍ତବ୍ୟ । ୧୯୯୪ ମସିହାରେ ବମ୍ବେଠାରେ ହେବାକୁ ଥିବା 'ଗେ' ମାନଙ୍କର ସମ୍ମେଳନକୁ ବିରୋଧକରି ବିମଳା ଫାରୁକ୍ ଏହା ପାଶ୍ଚାତ୍ୟ ଅବକ୍ଷୟ ବୋଲି କହି ଭାରତବର୍ଷର ପ୍ରଧାନମନ୍ତ୍ରୀକୁ ପତ୍ରଲେଖି-ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଆହ୍ୱାନ

Digitized by PPRACHIN, SOA

ଜଣାଇଥିଲେ (Same sex love in India-P XXIII) ନିକଟରେ କମ୍ୟୁନିଷ୍ଟ ପାର୍ଟିର ବ୍ୟାଖ୍ୟା ବଦଳି ଯାଇଛି । ଦିଲ୍ଲୀ ହାଇକୋର୍ଟର ରାୟପରେ ସେମାନେ 'ଗେ' ଓ 'ଲେସବିଆନ୍' ମାନଙ୍କ ଅଧିକାରକୁ ବିରୋଧ କରୁନାହାନ୍ତି । ଭାରତବର୍ଷର ଦକ୍ଷିଣ ପନ୍ଥୀ ଦଳମାନଙ୍କ ମଧ୍ୟରେ ବିଜେପି ଓ ଶିବସେନା LGBT ମାନଙ୍କର ଅଧିକାରକୁ ସର୍ବାଧିକ ବିରୋଧ କରିଛନ୍ତି । ବିଂଶ ଶତାବ୍ଦୀର ଶେଷ ଦଶକରେ ସମଲିଙ୍ଗୀ ବିଷୟକୁ ନେଇ ନିର୍ଦ୍ଦେଶିକା ଗୀତା ମେହେଟ୍ଟା ଫାୟାର୍ ନାମକ ଏକ ଚଳଚ୍ଚିତ୍ର ନିର୍ମାଣ କରିଥିଲେ । ଏହି ଚଳଚ୍ଚିତ୍ରର ବିଷୟ ବସ୍ତୁ ଉପରେ ମତ ଦେବାକୁ ଯାଇ ବି.ଜେ.ପି.ର ତୁଙ୍ଗ ନେତା ଲାଲ୍‌କୃଷ୍ଣ ଆଡଭାନୀ "ଏହା ଭାରତୀୟ ସଂସ୍କୃତି ପାଇଁ ଉପଯୋଗୀ ନୁହଁ, ଚଳଚ୍ଚିତ୍ରଟି ଆମେରିକାରେ ତିଆରି ହେବା କଥା କହିଥିଲେ ।" ୧୯୯୮ରେ ଶିବସେନା ଫାୟାର୍ ଚଳଚ୍ଚିତ୍ର ଅଭିନିତ ହେଉଥିବା ହଲମାନଙ୍କ ଉପରେ ଆକ୍ରମଣ କରିଥିଲା । ଶିବସେନାର ଦିଲ୍ଲୀ ମୁଖ୍ୟ ଜୟ ଭଗବାନ ଗୋୟେଲ କ୍ରୋଧ ଜର୍ଜର ଚିତ୍ତରେ ମତ ଦେଇଥିଲେ "ଗୋଟାଏ ସ୍ତ୍ରୀଲୋକ ସହ ଆଉ ଏକ ସ୍ତ୍ରୀଲୋକର ଶାରିରୀକ ସଂପର୍କର ଦୃଶ୍ୟ ତାହା ପୁଣି ଲୋକ ଚଳଚିତ୍ରରେ ଦେଖିବେ "Lovins Women, Yoda Press-2006, P.10,11"

ଇଉରୋପ ଓ ଆମେରିକାରେ LGBT ଏକ ସବଳ ଯୌନ ରାଜନୈତିକ ଗୋଷ୍ଠୀ । ଷାଠିଏ ଓ ସତୁରୀ ଦଶକରୁ ହିପ୍ପୀ ଓ ବିଟ୍ ଜେନେରେସନ୍ ଅମଳରୁ ଏମାନଙ୍କ ଆନ୍ଦୋଳନର ସୁରୁଆତି । ଲଗାତର ଆନ୍ଦୋଳନ ଫଳରେ ଇଉରୋପ ଓ ଆମେରିକାର ବେଶ୍ କିଛି ଦେଶର ସରକାରଙ୍କ ଠାରୁ ଏମାନେ ନିଜର ଅଧିକାର ହାସଲ କରାଇ ନେଇଛନ୍ତି । ଇଉରୋପୀୟ ଦେଶମାନଙ୍କ ମଧ୍ୟରେ ଡେନ୍‌ମାର୍କ ପ୍ରଥମ ଦେଶ ଭାବରେ 'ଗେ' ଓ 'ଲେସବିୟାନ' ମାନଙ୍କରେ ଅଧିକାରକୁ ସ୍ୱୀକୃତି ଦେଇଥିଲା; ଏହାର ଫଳ ସ୍ୱରୂପ ୧୯୮୯ ମସିହା ଅକ୍ଟୋବରର ମାସରେ ଆଇନାନୁମୋଦିତ ଭାବରେ ଲୁହାଂଡ଼ି ମାଡସନ୍ ଓ ଇଜିଲି ଇକ୍ୟୁଡ୍‌ସନଙ୍କ ମଧ୍ୟରେ ବିଶ୍ୱର ପ୍ରଥମ ସମଲିଙ୍ଗୀ ବିବାହ ସଂଗଠିତ ହୋଇଥିଲା । ଡେନ୍‌ମାର୍କଙ୍କର ସମଲିଙ୍ଗୀ ବିବାହ ଆଇନ ଅନୁମୋଦିତ ହେବା ଫଳରେ ଇଉରୋପ ଓ ଆମେରିକାରେ ସମଲିଙ୍ଗୀମାନେ କ୍ରମାଗତ ବିଜୟ ହାସଲ କରିଚାଲିଲେ । ଡେନ୍‌ମାର୍କପରେ ନେଦରଲାଣ୍ଡ, କାନାଡ଼ା, ସ୍ପେନ୍, ବେଲ୍‌ଜିୟମ୍, ଆମେରିକାର ମାସଚ୍ୟୁଟେ ରାଜ୍ୟ ମାନଙ୍କରେ ସମଲିଙ୍ଗୀ ବିବାହ ଆଇନ୍ ଅନୁମୋଦିତ ହେବାକୁ ଲାଗିଲା । ବହୁ ଦେଶରେ ସମଲିଙ୍ଗୀ ସଂପର୍କକୁ ଅପରାଧ ପରିସର ବାହାରକୁ (Decrimilization) ଅଣାଗଲା । ସଂପ୍ରତି ଫ୍ରାନସ୍ ଓ ଅନ୍ୟାନ୍ୟ ସ୍କାଂଡ଼ିନେଭୀୟ

Digitized by PPRACHIN, SOA

ଦେଶ ଓ ଆମେରିକୀୟ ରାଜ୍ୟ ସମଲିଙ୍ଗୀ ବିବାହକୁ (Civil union Registration ମାଧ୍ୟମରେ) ପରୋକ୍ଷ ସ୍ୱୀକୃତି ପ୍ରଦାନ କରିଛନ୍ତି । LGBT ଅଳ୍ପସଂଖ୍ୟକମାନଙ୍କୁ ସ୍ୱୀକୃତି ଦେବା କ୍ଷେତ୍ରରେ ହିନ୍ଦୁ ଓ ମୁସଲମାନ ଧର୍ମାବଲମ୍ବୀ ଦେଶମାନେ ସର୍ବାଧିକ ପଛୁଆ । ପାଶ୍ଚାତ୍ୟ ଦେଶମାନଙ୍କରେ ସମଲିଙ୍ଗୀ ବିବାହ ସ୍ୱୀକୃତି ହୋଇଥିବା ସ୍ଥଳେ ଭାରତବର୍ଷରେ ଏହି ବିବାହକୁ ସ୍ୱୀକୃତି ଦେବାତ ଦୂରର କଥା, ଏ ଯାବତ୍ ଏହାକୁ ଅପରାଧ ପରିସର ବାହାରକୁ ଅଣାଯାଇ ପାରିନି । ହିନ୍ଦୁ ଓ ମୁସଲିମ୍ ଧର୍ମ ଭାବନା ପୀଡ଼ିତ ଭାରତୀୟମାନେ ଯୌନତାକୁ ନେଇ ସତୀତ୍ୱ ଓ ଚରିତ୍ରଭାର ଅଂକକଷି ଚାଲିଛନ୍ତି । ଯୌନତାକୁ ନେଇ ଏକ ପତ୍ନୀକ ବିବାହ ଓ 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା'ର ପରିଧି ବାହାରକୁ ଆସି ପାରିନାହାନ୍ତି । ତ୍ରେତୟା ଯୁଗରେ ସୀତାଙ୍କ ସକାଶେ ଅଂକାଯାଇଥିବା ଲକ୍ଷ୍ମଣ ରେଖାକୁ ଭାରତୀୟମାନେ ଅତିକ୍ରମ କରିପାରୁନାହାନ୍ତି । ଅତିକ୍ରମ କଲେ ସାମାଜିକ ବାଛନ୍ଦ କାରାଦଣ୍ଡ (୩୭୭) ଆତଙ୍କି ଓ ଇମୋରାଲ ଟ୍ରାଫିକ୍ ଆକ୍ଟର ପ୍ରହାର ସହ୍ୟ କରିବାକୁ ପଡ଼ିବ । ପରଦା ପଛପଟେ ଏଠାରେ ବହୁତ କିଛି ଘଟେ କିନ୍ତୁ ସାମ୍ନାରେ ସମସ୍ତେ ସତୀ, ପତିବ୍ରତା, ଚରିତ୍ରବାନ୍ ।

୩୭୭ ଧାରା କ'ଣ ଓ କାହିଁକି ?:

ଆଇପିସିର ୩୭୭ ଧାରାକୁ ନେଇ ଏବେ ଦିଲ୍ଲୀ ନଗରୀରେ ଝଡ଼ ଉଠିଛି । କ୍ଷୁଦ୍ର କ୍ଷୁଦ୍ର ଭୂମିକମ୍ପମାନ ସଂଗଠିତ ହୋଇଯାଇଛି ଭାରତବର୍ଷର ଛୋଟବଡ଼ ସହର ମାନଙ୍କରେ । ଗଣ ମାଧ୍ୟମରେ ବିଷୟଟିକର ବିସ୍ତୃତ ଚର୍ଚ୍ଚା ହୋଇ ସାରିଛି ।

କ'ଣ ଏ ୩୭୭ ଧାରା।:

ଭାରତ ବର୍ଷରେ କୌଟିଲ୍ୟ ଓ ମନୁ ଅପ୍ରାକୃତ ଯୌନ ସଂପର୍କ ପାଇଁ ଅଳ୍ପସ୍ୱଳ୍ପ ଦଣ୍ଡ ଜରିମାନାର ବିଧାନ କରି ଯାଇଥିଲେ, ଶାସନ ପରିଚାଳନା ଉଦ୍ଦେଶ୍ୟରେ । ୧୮୬୦ ମସିହାରେ ଇଂରେଜମାନେ ବିଷୟଟିକୁ ଅଧିକ ଅପରାଧ ପ୍ରବଣ କରିଦେଇ ଗଲେ, ମାକେଲୀୟ ଶିକ୍ଷା ପଦ୍ଧତି ଦାୟରେ, ଭିକ୍ଟୋରୀୟ ନୈତିକତା ପୀଡ଼ିତ ମନ ନେଇ । (Minute on Eiducation of Macoulory reasoning & sodomy law of T.B. Macaulary 1860 and Fanatical purity campain based on victorian morality of 18th and 19th century, Ronald Hyam-Wishing in the Dark-P-XXII, XXIII)। ଇଂରେଜମାନଙ୍କ ଦ୍ୱାରା ପୋତା ଯାଇଥିବା ଏଇ

Digitized by PPRACHIN, SOA

ଦଣ୍ଡବିଧି ଧାରା (୩୭୭)ର ମୂଳଗୁ ଚେର ଉପୁଡ଼ି ଯାଇଥିଲେ ବି ଏକ ବିପଦ୍‌ଜନକ ବୃକ୍ଷ ଭାବରେ ତଥାପି ଏହା ମାଟି ଉପରେ ଭରା ଦେଇକରି ଅଛି । Indian Penal code (IPC) ଧାରା ୩୭୭ ଅନୁଯାୟୀ କୌଣସି ବ୍ୟକ୍ତି ପୁରୁଷ, ନାରୀ ବା ପଶୁ ସହ ଅପ୍ରାକୃତ ଯୌନ ସଂପର୍କରେ ଲିପ୍ତ ହେଲେ ଆଜୀବନ କାରାଦଣ୍ଡ ବା ଦଶବର୍ଷ କାରାଦଣ୍ଡ ଭୋଗିବ । ଏହାର ଇଂରାଜୀ ଲେଖାଟି ଏହିପରି, ଯଥା-Section 377 IPC-1860-Unnatural offences- "Whoever voluntaryily has carnal intercourse against the order of the nature with any man, women or animal shall be punished with impersonment for life or with imprisonment of either description for a term which may extend to ten years and shall also lible to fine.

Explanation: Penetration is sufficient to constitute to the carnal intercourse necessary to the offence descrribed in the section.

୧୮୬୦ ମସିହାରେ ମଧ୍ୟଯୁଗୀୟ ଭାବନା ପ୍ରସୂତ ଏହି ଆଇନ୍‌ଟି ବର୍ତ୍ତମାନ ସଂପୂର୍ଣ୍ଣ ଅଦରକାରୀ ହୋଇଗଲାଣି କହିବା ବାହୁଲ୍ୟ । ଅଥଚ ଆଇନଟି ଥିବା ଯାଏ ଅଯଥା ଦଣ୍ଡଭୟ ଦୂର ହେବ ନାହିଁ । ସାମାନ୍ୟ ଯୌନ ସଂପର୍କ ପାଇଁ ଆଜୀବନ କାରାଦଣ୍ଡ ତାହାପୁଣି ଉଦାର ଗଣତନ୍ତ୍ରର ନ୍ୟାୟିକ ପରିଧୀରେ । ଯେ କୌଣସି ମଧ୍ୟଯୁଗୀୟ ଏକଛତ୍ରବାଦୀ ବର୍ବର ଶାସକ ବି ଏପରି କରିବନି । ଆଇନଟି ପୁଣି କାଠଗଡ଼ାରେ କାହାକୁ ଛିଡ଼ା କରାଇ ପାରିବ-ନାଁ ଯେଉଁମାନେ ପରସ୍ପର ସହମତିରେ ବି ଏଇ ତଥାକିଥ ଗର୍ହିତ କାର୍ଯ୍ୟରେ ଲିପ୍ତ ହେବେ । ମୁକ୍ତ କଣ୍ଠରେ ନିଜକୁ 'ଗେ' ଲେଖକ ଭାବରେ ପରିଚିତ କରାଇଥିବା ଭାରତବର୍ଷରେ ପ୍ରଖ୍ୟାତ ଇଂଡ଼ୋ ଆଂଗ୍ଲୋୟାନ ରାଇଟର ପୁନା ବିଶ୍ୱବିଦ୍ୟାଳୟର ପ୍ରଫେସର ଆର୍ ରାଜା ରାଓଙ୍କ ଭଳି ଲେଖକଙ୍କୁ ମଧ୍ୟ ଏଇ ଆଇନ ବଳରେ ବମ୍ବେର କିଛି ପୁଲିସ୍ ଅଟକ ରଖି ପୁଣି ନିର୍ଦ୍ଦିଷ୍ଟ ଅଂକର ଲାଂଚ ନେଇ ଛାଡ଼ି ଦେଇଥିଲେ-ନିଜ ଭାଷାରେ ଏହାର ବର୍ଣ୍ଣନା ଦେଇ ରାଜା ରାଓ କହନ୍ତି - "In a stage managed act I was once caught by cops in Bombay who after they had received their bribe, sang a complitly different tune, saying homo-sexuality was fine as long as it was practised in private not in public. xx They had made me poorer by 5000 buck." (Wishing in the dark-R. Rajo Rao-P XXV) ଏଇ ହେଉଛି ଭାରତ ବର୍ଷର ପିଙ୍ଗଳ କୋର୍ଡ଼ର ୩୭୭ ଧାରା । ହିନ୍ଦୁ ଅଧ୍ୟୁଷିତ କ୍ଷୁଦ୍ର ନେପାଳ ରାଜ୍ୟ ଏହି ଆଇନ୍‌କୁ ଖତଗଦାକୁ ଫିଙ୍ଗି ଦେଇଥିଲା ବେଳେ ଭାରତ ବର୍ଷରେ ବହୁବର୍ଷ ଧରି ଏହା ଶାଳଗ୍ରାମ ଭଳି ପୂଜା ପାଇ

Digitized by PPRACHIN, SOA

ଆସୁଛି । ଖ୍ରୀଷ୍ଟପୂର୍ବ ସପ୍ତମ ଶତାବ୍ଦୀ ଏଥେନ୍ସରେ ଡ୍ରାକୋ ବୋଲି ଜଣେ ଏକଛତ୍ରବାଦୀ ସମ୍ରାଟ ଥିଲେ । ତାଙ୍କର ଶାସନ କାଳରେ ସେ ବେଶ୍ କିଛି ନିଷ୍ଠୁର ଆଇନ ଦ୍ୱାରା ପ୍ରଜାକୁଳଙ୍କୁ ଭୟ ସଂତୁଳିତ କରି ରଖୁଥିଲେ । ଆଜ ଅବଧି ପୃଥିବୀରେ ଯେ କୌଣସି କ୍ରୁର ଆଇନ୍‌କୁ ଡ୍ରାକୋନିଆନ ବୋଲି କୁହାଯାଇଥାଏ । ସେ ଦୃଷ୍ଟିକୋଣରୁ ବିଚାର କଲେ ଭାରତ ବର୍ଷରେ ସଂପୂର୍ଣ୍ଣ ଭାବରେ ବାତିଲ ହୋଇ ନଥିବା ଏହି ୩୭୭ ଧାରାଟି ଡ୍ରାକୋନିଆନ୍ ଏଥିରେ ସନ୍ଦେହ ନାହିଁ । ସଂପ୍ରତି ଏହି ଆଇନ୍‌ଟି ମାନବାଧୀକାର ଓ ନାଗରିକ ଅଧିକାରର ମୂଳ ଲକ୍ଷ୍ୟ ସହ ସଂଘାତ ଜଡ଼ିତ ହୋଇଥିବା ହେତୁ LGBT ମାନେ ବିଗତ ଦୁଇ ଦଶନ୍ଧି ଧରି ଆଇନ୍‌ଟିକୁ ବାତିଲ କରିବା ସକାଶେ ଆନ୍ଦୋଳନ କରି ଦିଲ୍ଲୀ ହାଇକୋର୍ଟର ଘୋଷଣାକୁ ନିଜ ସପକ୍ଷରେ ନେବାକୁ ସକ୍ଷମ ହୋଇଛନ୍ତି ।

ଭାରତବର୍ଷରେ ସମଲିଙ୍ଗୀ ଆନ୍ଦୋଳନ:

ସମଲିଙ୍ଗୀ ଯୌନ ସଂପର୍କର ସ୍ୱାଧୀନତା ଓ ସାମାଜିକ ସ୍ୱୀକୃତି ଦାବୀରେ ବିଶ୍ୱବ୍ୟାପୀ ଆନ୍ଦୋଳନର ଫଳ ସ୍ୱରୂପ ଭାରତବର୍ଷରେ LGBT ମାନେ ଏକ ପ୍ରଖ୍ୟାତ ଗୋଷ୍ଠୀ ଭାବରେ ମୁଣ୍ଡ ଟେକିଛନ୍ତି । ବିଂଶଶତାବ୍ଦୀ ଶେଷ ଭାଗରେ ଭାରତବର୍ଷର ଖବରକାଗଜ ମାନଙ୍କରେ ସମଲିଙ୍ଗୀ ମାନଙ୍କର କରୁଣ କାହାଣୀ ଲିପିବଦ୍ଧ ହେଲା । ଆତ୍ମହତ୍ୟାଠାରୁ ଆରମ୍ଭ କରି ସାମାଜିକ ନର୍ଯ୍ୟାତନା, ପୁଲିସ୍ ଜୁଲମ୍, ଇତ୍ୟାଦି ସକଳ ପ୍ରକାର ନିର୍ଯ୍ୟାତନାର ଶିକାର ହେଲେ ସମଲିଙ୍ଗୀମାନେ । ଘେଟୋ, ପବ୍ଲିକ୍ ପ୍ଲେସ୍, ରେଳବାଇ ପ୍ଲାଟଫର୍ମ ଓ ଗଳି, ମହଲାମାନଙ୍କରେ ଅନ୍ୟ ଏକ ଗୋଷ୍ଠୀ ବେଶ୍ୟା ଓ ହିଂଜଡାମାନଙ୍କୁ ପୋଲିସ୍ ସିଂପମାନେ ଶୋଷଣ ଓ ନିର୍ଯ୍ୟାତନା ଦେଉଥିବା ଦୃଶ୍ୟ ମଧ୍ୟ ନିପୀଡ଼ିତ ଗୋଷ୍ଠୀର ନିତିଦିନିତଆ ଖବର ହୋଇଉଠିଲା । ଅଳ୍ପ ସଂଖ୍ୟକଙ୍କ ବିରୁଦ୍ଧରେ ଏ ପ୍ରକାର ସାମାଜିକ ଅନ୍ୟାୟ ବିରୁଦ୍ଧରେ ଭୋଟପନ୍ଥୀ ବା ତଥା କଥିତ ବିପ୍ଳବୀ ଦଳ ବା ସଂଗଠନ ନେତୃତ୍ୱ ନେବାକୁ ଆଗଭର ହେଲେନି । ଏହି ଗୋଷ୍ଠୀର ଲୋକମାନେ ଯୌନମୁକ୍ତି ବାଦର ଏକ ନୂତନ ଗୋଷ୍ଠୀ ଭାବରେ ଯୌନ ଶୋଷଣ ବିରୁଦ୍ଧରେ ଆପେ ଆପଣାକୁ ସଂଗଠିତ କଲେ-ମାନବାଧିକାର ଗୋଷ୍ଠୀଓ ସ୍ୱାଧୀନ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀ ସଂଗଠନର ସହଚର୍ଯ୍ୟରେ । ବାମ ଦକ୍ଷିଣ ଉଭୟ ରାଜନୈତିକ ଗୋଷ୍ଠୀ-ବା ଦଳର ଲୋକମାନେ ଅଳ୍ପ ସଂଖ୍ୟକଙ୍କର ଏହି ଆନ୍ଦୋଳନକୁ ଦେଖି ଆଶ୍ୱସ୍ତ ଅନୁଭବ କଲେ, ମଧ୍ୟ ଏହା ବିରୁଦ୍ଧରେ ଯିବାପାଇଁ ଯୁକ୍ତିଠୁଳ କରି ପାରିଲେନି । ଯୌନ ଶୋଷଣ ଓ ତା ବିରୁଦ୍ଧରେ ପ୍ରତିବାଦର ସାମାଜିକ ଦୃଶ୍ୟପଟ ମଧ୍ୟ ଭାରତବର୍ଷର ତଥାକଥିତ ନାଗରୀକ ସମାଜକୁ ସ୍ତବ୍ଧ କଲା । ୧୯୮୦

Digitized by PPRACHIN, SOA

ମସିହା ନଭେମ୍ବର ମାସରେ ଜ୍ୟୋତ୍ସ୍ନା ଓ ଜୟଶ୍ରୀ ପରସ୍ପରକୁ ଭଲପାଇ ସାମାଜିକ ଭାବରେ ନିର୍ଯ୍ୟାତିତ ହେବାର ପରିଣତି ସ୍ୱରୂପ ଚଳନ୍ତା ଟ୍ରେନ୍ ସାମ୍ନାରେ ଆତ୍ମହତ୍ୟା, ଲଳିତା ଓ ମଲ୍ଲୀକାଙ୍କର ଆତ୍ମହତ୍ୟା ଉଦ୍ୟମ, ଲିଲା ଓ ଉର୍ମିଳାଙ୍କର ବିବାହ, ପଂଜାବରେ ରାଜୁ ଓ ମଳାଂକର ସମଲିଙ୍ଗୀ ଯୋଡ଼ି, ଛାତିଶଗଡ଼ ଅଂବିକାପୁରରେ ୨୦୦୧ ମସିହାରେ ଜୟାବର୍ମା ଓ ତନୁଜା ଚୌହାନଙ୍କର ସମଲିଙ୍ଗୀ ବିବାହ, ପାରମ୍ପରିକ ଯୌନ ସଂପର୍କ ବିରୁଦ୍ଧରେ ଏକ ଶକ୍ତ ସଂଘର୍ଷର ରୂପ ନେଲା । ଏ ସମସ୍ତ ଘଟଣା କ୍ରମ ଦେଇ ଭାରତବର୍ଷରେ LGBT ଆନ୍ଦୋଳନ ଏକ ନୂଆ ମୋଡ଼ ନେଲା । ଦେଶର ବିଭିନ୍ନ ବଡ଼ ବଡ଼ ସହର କଲିକତା, ବମ୍ବେ, ମାନ୍ଦ୍ରାଜ, ଦିଲ୍ଲୀ, କେରଳର ତ୍ରିଚୁର, ତ୍ରିଭ୍ରାଂଦ୍ରମ, ଲକ୍ଷ୍ନୌ, ହାଇଦ୍ରାବାଦ୍, ବାଂଗାଲୋର, ଭୋପାଳ ଆଦି ସ୍ଥାନରେ ବିଭିନ୍ନ ବ୍ୟକ୍ତି ଗୋଷ୍ଠୀ ଓ ସଂଗଠନ ଜରିଆରେ ଯୌନ ଶୋଷଣ ବିରୁଦ୍ଧରେ LGBT ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କଲେ । କଲିକତାର ଦୁର୍ବାର,କେରଳ ଜ୍ୱାଳାମୁଖୀ, ଦିଲ୍ଲୀ ନାଜ୍ ଫାଉଣ୍ଡେସନ୍, ABVP ଇତ୍ୟାଦି ସଂଗଠନ ମାନେ LGBT ବା କ୍ୟୁୟର୍ ଗୋଷ୍ଠୀର ଆନ୍ଦୋଳନର ନେତୃତ୍ୱ ନେଲେ ।

ସମଲିଙ୍ଗୀ ସଂପର୍କରେ ବୈଧତା ଦାବୀର ପ୍ରଥମ ସୁରୁଆତି ଘଟିଲା ୧୯୯୪ ମସିହାରେ । ଉପରୋକ୍ତ ଘଟଣା କ୍ରମର ବାସ୍ତବତାକୁ ଆଖି ଆଗରେ ରଖି ABVP ନାମକ ଏକ ସଂଗଠନ ଦିଲ୍ଲୀ କାରାଗାର ଅଧିକାରୀଙ୍କୁ କଏଦୀ ମାନଙ୍କ ମଧ୍ୟରେ ସମଲିଙ୍ଗୀ ସଂପର୍କର ସଂଭାବନା ଥିବା ହେତୁ ଏଡସ୍ ପ୍ରତିରୋଧକ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ କଣ୍ଡୋମ୍ ବାଣ୍ଟିବା ପାଇଁ ଅନୁରୋଧ ଜଣାଇଲା । ମାତ୍ର ଜେଲ୍ କର୍ତ୍ତୃପକ୍ଷ ସେମାନଙ୍କର ଅନୁରୋଧକୁ ପ୍ରତ୍ୟାଖ୍ୟାନ କଲେ । ଏବଂ ପ୍ରତ୍ୟାଖ୍ୟାନ ପଛରେ ଜେଲ୍ କର୍ତ୍ତୃପକ୍ଷଙ୍କ ଯୁକ୍ତିଥିଲା କଂଡ଼ମ୍ ବାଣ୍ଟିବା ପାଇଁ ରାଜି ହେବା ଅର୍ଥ ଜେଲ୍ ମଧ୍ୟରେ ସମଲିଙ୍ଗୀ ସଂପର୍କକୁ ସ୍ୱୀକୃତି ଦେବା । ଏହା ୩୭୭ ଧାରାର ବିରୁଦ୍ଧାଚରଣ । ABVP ର କର୍ମକର୍ତ୍ତା ମାନେ ଘଟଣାଟିକୁ ଆଖି ଆଗରେ ରଖି ସମଲିଙ୍ଗୀ ସଂପର୍କ ଅବୈଧ ଥିବା ହେତୁ ଏଡସ୍ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଥିବା ଯୁକ୍ତି ଦର୍ଶାଇ IPC ୩୭୭ ଧାରାକୁ ରଦ୍ଦ କରିବା ପାଇଁ ଦିଲ୍ଲୀ ହାଇକୋର୍ଟକୁ ଅନୁରୋଧ କଲେ । ଦିଲ୍ଲୀ ହାଇକୋର୍ଟ ୩୭୭ ଧାରାରେ ABVP ସିଧାସଳଖ କ୍ଷତିଗ୍ରସ୍ତ ନୁହେଁ ଦର୍ଶାଇ ଅଭିଯୋଗଟି ଖାରଜ କରିଦେଲେ । ମାତ୍ର ଅଧିକାର ଦାବୀରେ LGBT କାର୍ଯକ୍ରମ ଏଇଠାରେ ଅଟକି ଗଲାନି । LGBT ର କର୍ମକର୍ତ୍ତମାନେ ୩୭୭ ଧାରାକୁ ଅକାମୀ କରିବା ପାଇଁ, ୩୭୭ ଧାରା ବ୍ୟକ୍ତି ସ୍ୱାଧୀନତା ଓ ସଂବିଧାନର ମୌଳିକ ଅଧିକାର କ୍ଷୁର୍ଣ୍ଣ କରୁଥିବା ଦର୍ଶାଇଥିଲେ । LGBT ଆନ୍ଦୋଳନର ଅଂଶବିଶେଷ ଭାବରେ ଦିଲ୍ଲୀର ନାଜ ଫାଉଣ୍ଡେସନ୍ ୨୦୦୧ ସିହାରେ ଦିଲ୍ଲୀ

Digitized by PPRACHIN, SOA

ଉଚ୍ଚନ୍ୟାୟାଳୟ ଇଜିଲାସରେ ଆଉ ଏକ ପିଟିସନ୍ ଦାୟର କଲା । ଏଥରବି ନାଜ୍ ଫାଉଣ୍ଡେସନ୍ ପ୍ରଦତ୍ତ ଅଭିଯୋଗ ଫର୍ଦଟି ଟେକ୍‌ନିକାଲ୍ କାରଣରୁ ଖାରଜ ହୋଇଗଲା । ଏସବୁ ସତ୍ତ୍ୱେ ନାଜ୍ ଫାଉଣ୍ଡେସନ୍ ତା'ର ଉଦ୍ୟମରୁ ବିରତ ହେଲାନି । ଏହି ସଂଗଠନ ପୁଣି ଥରେ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହେଲା; ନୂଆଯୁକ୍ତି ନୂଆ ପ୍ରମାଣ ଆଧାରରେ । ୨୦୦୯ ମସିହାରେ ସମଲିଙ୍ଗୀମାନଙ୍କର ଏକ ବଡ଼ ଧରଣର ବିଜୟ ହାସଲ ହେଲା । ଦିଲ୍ଲୀ ହାଇକୋର୍ଟ ନାଜ୍ ଫାଉଣ୍ଡେସନ୍‌ରେ ଆବେଦନ କ୍ରମେ ୩୭୭ ଧାରା ଉପରେ ଅଙ୍କୁଶ ଲଗାଇଲେ । ଉକ୍ତ ଘଟଣାଟିକୁ ସମଲିଙ୍ଗୀମାନେ ବିଜୟର ପ୍ରଥମ ସୋପାନ ଭାବରେ ସାରା ଦେଶରେ ପାଳନ କଲେ । ଦିଲ୍ଲୀ ହାଇକୋର୍ଟର ରାୟ ପରେ ବାବା ରାମଦେବଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଧର୍ମୀୟ ସଂଗଠନ ହାଇକୋର୍ଟର ରାୟକୁ ବିରୋଧ କରି ସୁପ୍ରିମ କୋର୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କଲେ । ବିଷୟଟି ବର୍ତ୍ତମାନ ସୁପ୍ରୀମ୍ କୋର୍ଟର ବିଚାରଧୀନ, ଏବଂ ଏ ବାବାଦରେ ସୁପ୍ରୀମ୍ କୋର୍ଟ ଭାରତ ସରାକରଙ୍କର ମତାମତ ଲୋଡ଼ିଛନ୍ତି । ସଂପ୍ରତି ଭାରତ ସରକାରଙ୍କ ୩୭୭ ଧାରା ସପକ୍ଷରେ ନାହାନ୍ତି କିମ୍ୱା ବିପକ୍ଷରେ ନାହାନ୍ତି । ଏ କ୍ଷେତ୍ରରେ ୩୭୭ ଧାରାର ଭବିଷ୍ୟତ ସୁପ୍ରିମକୋର୍ଟର ନିଷ୍ପତ୍ତି ଉପରେ ନିର୍ଭରଶୀଳ ମନେ ହେଉଛି ।

ସମଲିଙ୍ଗୀ ସଂପର୍କ ଅନୈତିକ ଅପ୍ରାକୃତିକ କି ?

ସମଲିଙ୍ଗୀ ସଂପର୍କ ପ୍ରାକୃତିକ ଓ ଅପ୍ରାକୃତିକ ବିଚାର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଫରାସୀ ଦାର୍ଶନିକ ମାଇକେଲ୍ ଫୁକୋଂକ ଉକ୍ତିଟି ପ୍ରଣିଧାନ ଯୋଗ୍ୟ । ଫୁକୋଂକ ମତରେ 'One day the question, are you homosexual will be as natural as the quastion are you a bachelor, (wishing the dark, P-XXIV) । ଫୁକୋଂକ ମତରେ ବିଗତ ୧୦୦ ବର୍ଷ ମଧ୍ୟରେ ଯୌନତା ବିଷୟଟି ଯଥେଷ୍ଟ ପରିବର୍ତ୍ତନ ମଧ୍ୟ ଦେଇ ବିପ୍ଲବାତ୍ମକ ସ୍ତରକୁ ସ୍ପର୍ଶ କରିଛି । ଏ ବାବଦରେ ବସ୍ତୁନିଷ୍ଠ ବୈଜ୍ଞାନିକ ଦୃଷ୍ଟି ଭଙ୍ଗୀର ବିକାଶ ଘଟୁଛି । ବୈଜ୍ଞାନିକ ଦୃଷ୍ଟିଭଂଗୀରୁ ବିଚାର କଲେ ସମଲିଙ୍ଗୀ ସଂପର୍କ ଅପ୍ରାକୃତିକ ବା ଅସ୍ୱାସ୍ଥ୍ୟକର ନୁହଁ । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ମତାନୁଯାୟୀ ସମଲିଙ୍ଗୀ ଯୌନ ସଂପର୍କ ସ୍ୱାସ୍ଥ୍ୟଗତ ଦିଗର ବ୍ୟକ୍ତି ବା ସମାଜ ପାଇଁ ହାନିକାରକ ନୁହଁ । ଏକଦା ସମଲିଙ୍ଗୀ ସଂପର୍କକୁ ଏକ ମାନସିକ ବ୍ୟାଧି ବା ବିକୃତି ମନେ କରାଯାଉଥିଲା । କିଛି ଦିନ ତଳେ ଆମେରିକୀୟ ମନରୋଗ ଚିକିତ୍ସକ ସଂଘ ଏହି ସଂପର୍କକୁ ମାନସିକ ବିକୃତି ବା ମାନସିକ ରୋଗ ଭାବରେ ଗ୍ରହଣ କରିବାକୁ ନାରାଜ

Digitized by PPRACHIN, SOA

ହେଲା । (Same sex Marriage an over view, P-248)

ନୈତିକତା ଦିଗରୁ ବିଚାର କଲେ-ପ୍ରଥମେ ଜାଣିବା ଦରକାର ଯେ ନୈତିକତା ଏକ ବିମୂର୍ତ୍ତ (abstract) ଭାବନା । ଏହା ଭାବାଦର୍ଶ (Ideology) ଦ୍ୱାରା ପ୍ରେରିତ । ଏହି ଭାବଦର୍ଶ କେତେବେଳେ ଧର୍ମୀୟ ତ କେତେବେଳେ ସାମଂତି; ମଧ୍ୟବିତ୍ତ ଶ୍ରେଣୀୟ, ଭିକ୍ଟୋରୀୟ ମୂଲ୍ୟବୋଧରେ ଆଚ୍ଛାଦିତ । ଅପରନ୍ତୁ ନୈତିକତା ଶ୍ରେଣୀ, ଜାତି ଓ ଲିଙ୍ଗ ଭେଦ ବିଜଡ଼ିତ-ବୈଷମ୍ୟ ଯୁକ୍ତ, ରାଜା ପ୍ରଜା, ଥିଲାବାଲା-ନ ଥିଲା ବାଲା, ଧନୀ ଗରୀବ ଭେଦରେ ବିଭକ୍ତ; ପୁନଶ୍ଚ ଛଳନା ଓ ପ୍ରତାରଣା ଯୁକ୍ତ, ମୋହାଚ୍ଛନ୍ନତାରେ ବେଷ୍ଟିତ; ସର୍ବୋପରି ଏକ ଅସମ ସମାଜରେ ମଣିଷକୁ ମୁକ୍ତି ନୁହଁ ବଂଧନ ବଳୟକୁ ନିକ୍ଷିପ୍ତ କରୁଥିବା ଚିଂତା । ନୈତିକତାର ବସ୍ତୁନିଷ୍ଠ ସ୍ୱରୂପକୁ ଉଦ୍‌ଘାଟନ କଲାବେଳେ ନୈତିକତାର ଧାରଣା ଯେ ବ୍ୟକ୍ତିନିଷ୍ଠ; ଦେଶ କାଳ ପାତ୍ର ଭେଦରେ ଭିନ୍ନତା ଯୁକ୍ତ ତାହା ଜାଣିବା ଦରକାର । ନୈତିକତାର ଧାରଣା ଯେ ଦେଶ, କାଳ, ପାତ୍ର ଭେଦରେ ଭିନ୍ନ ଭିନ୍ନ ତାହା ଉପର ବର୍ଣ୍ଣିତ ଗୋଷ୍ଠୀବଦ୍ଧ ସମାଜରେ ଓ ଶ୍ରେଣୀ ସମାଜରେ ଯୌନ ନୈତିକତାର ଚିତ୍ର ରାଜିରୁ ପ୍ରତକ୍ଷକରାଯାଏ । ଏଠାରେ କହିରଖିବା ଆବଶ୍ୟକ ଯେ ଶରୀର ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନ ଦୃଷ୍ଟିକୋଣରୁ ସମଲିଙ୍ଗୀ ସମ୍ପର୍କ ଯେତେବେଳେ ପ୍ରାକୃତିକ ଓ ମାନସିକ ଦୃଷ୍ଟିକୋଣରୁ ବିକୃତ ନୁହେଁ ସେତେବେଳେ ଏହି ସଂପର୍କକୁ କେଉଁ କାରଣରୁ ଅନୈତିକ କୁହାଯାଇପାରିବ ? ସମାଜରେ ଅଧିକ ସଂଖ୍ୟକ ଲୋକ ଏକ ପତ୍ନୀକ ଓ ବିପରୀତ ଲିଙ୍ଗୀ ପ୍ରବଣତା ଦ୍ୱାରା ପରିଚାଳିତ ବୋଲି ସେମାନେ ଅଳ୍ପ ସଂଖ୍ୟକ ସମଲିଙ୍ଗୀକୁ ଆପଣା ରାସ୍ତାରେ ଚାଲିବା ପାଇଁ ବାଧ୍ୟ କରାଇ ପାରିବେନି । ମଣିଷ ଯୌନାବେଗକୁ ନିୟନ୍ତ୍ରଣ କରିବା ଅର୍ଥ ସମାଜରେ ଯୁକ୍ତିବୋଧର ତଣ୍ଟିଚିପିବା; ସମାଜକୁ ପ୍ରତିକ୍ରିୟାଶୀଳ ମତାଂଧମାନଙ୍କ ହାତରେ ଛାଡ଼ିଦେବା । ସମଲିଙ୍ଗୀ ସଂପର୍କକୁ ଯେଉଁମାନେ ଯୁକ୍ତି ସମ୍ମତ ମନେ କରନ୍ତି ସେମାନଙ୍କର ମତ ହେଲା "ଜଣେ ବୟସ୍କ ବ୍ୟକ୍ତି ପ୍ରକୃତିର ଇଚ୍ଛାକୁ ସମ୍ମାନ ଦେଇ, ଅନ୍ୟ ଜଣକର କ୍ଷତି ନଘଟାଇ ଯଦି ପରସ୍ପରର ସହମତିରେ ଅନ୍ୟଜଣେ ବୟସ୍କବ୍ୟକ୍ତିଙ୍କ ସହ ପ୍ରେମ ଓ ଯୌନ ସଂପର୍କରେ ଆବଦ୍ଧ ହୁଏ ସେଠାରେ ତୃତୀୟ ବ୍ୟକ୍ତି ସେ ପରିବାର, ରାଷ୍ଟ୍ର ପୋଲିସ ନ୍ୟାୟାଳୟ ବା ଈର୍ଷା ପ୍ରବଣ ବ୍ୟକ୍ତି ଯିଏ ବି ହେଉ ନା କାହିଁକି ଅନ୍ୟ ଜଣେ ବ୍ୟକ୍ତିର ଜୀବନରେ ପ୍ରବେଶ କରିବ ବା କାହିଁକି ? ଧର୍ମୀୟ ଓ ରାଷ୍ଟ୍ରୀୟ ପ୍ରୋତ୍ସାହନ ପ୍ରାପ୍ତହୋଇ ବିପରୀତ ଲିଂଗୀ ବହୁ ସଂଖ୍ୟକମାନେ ସମଲିଙ୍ଗୀ ଘୃଣାର ବଶବର୍ତ୍ତୀ ହୋଇଥାନ୍ତି; ଯାହାକୁ ମନବିଜ୍ଞାନୀମାନେ Homophobia ବୋଲି ଅଭିହିତ କରିଛନ୍ତି । ସମଲିଙ୍ଗୀମାନଙ୍କର ଲଢ଼େଇ ହେଉଛି ସମାଜ ଓ

Digitized by PPRACHIN, SOA

ଦେଶକୁ ସମଲିଙ୍ଗୀ ଘୃଣା ଭାବରୁରକ୍ଷା କରି ଏକ ଲିଂଗ ଓ ଯୌନ ବୈଷମ୍ୟ, ବିମୁକ୍ତ ବିକାରହୀନ ପୃଥିବୀ ଗଠନ କରିବା; ଯେଉଁ ପଥିବୀରେ ସବୁ ପ୍ରକାର Sex ଓ Gender Discrimination ର ବିଲୋପ ଘଟିବ । ସମଲିଙ୍ଗୀ ସଂପର୍କ ନୈତିକ ଓ ପ୍ରାକୃତିକ ବୋଲି ଏହାର ସପକ୍ଷରେ ଅତୀତରେ ଓ ବର୍ତ୍ତମାନରେ ରାଶି ରାଶି କଳା ସାହିତ୍ୟ ସୃଷ୍ଟି ହୋଇଛି । ନିମ୍ନରେ ସେ ସମସ୍ତ କୃଷ୍ଟିର ସାମାନ୍ୟ ଆଲୋଚନା କରାଯିବ ।

ସମଲିଙ୍ଗୀ କଳା ସାହିତ୍ୟ ଓ ସ୍ଥାପତ୍ୟ:

ମାନବ ସଭ୍ୟତାର ଇତିହାସରେ ସମଲିଙ୍ଗୀ ସଂପର୍କର ଧାରା ଅତୀତରୁ ଆଜ ଅବଧି ଅବ୍ୟାହତ; ତା'ର ପ୍ରମାଣ ହେଉଛି ବିଶ୍ୱ ସାହିତ୍ୟ । ବିଶ୍ୱ ସାହିତ୍ୟର ଭଣ୍ଡାରରେ ରାଶି ରାଶି ଚିତ୍ରକଳା, ସ୍ଥାପତ୍ୟ, ଦର୍ଶନ, ସାହିତ୍ୟ ବିଦ୍ୟମାନ ଯାହା ସମଲିଙ୍ଗୀ ଜୀବନଚର୍ଯ୍ୟା, ଚିନ୍ତନ କ୍ରୀୟା ବା ସମଲିଙ୍ଗୀ ଭାବଧାରାର ଅପୂର୍ବ ଆଲେଖ୍ୟ । ଓଡ଼ିଆ ସାହିତ୍ୟ, ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟ ଭଣ୍ଡାରରେ ସେଇ ଚିତ୍ର ଓ ଚରିତ୍ର ରାଜି ବାସ୍ତବରେ ବିସ୍ମୟଉଦ୍ଦୀପକ ।

ଓଡ଼ିଆ ସାହିତ୍ୟରେ ସମଲିଙ୍ଗୀ ଧାରା:

ଓଡ଼ିଆ ଭାଷା ସାହିତ୍ୟରେ ସମଲିଙ୍ଗୀ ସାହିତ୍ୟ ଯେ ଥାଇପାରେ ଏହା ହୁଏତ ଆମ ଧାରଣାର ଅତୀତ; ତାହାପୁଣି ଜଗନ୍ନାଥଦାସ ଓ ଗୋପବନ୍ଧୁ ଦାଶଙ୍କର ରଚନାରେ । ଏ ଦୁଇ ଲେଖକଙ୍କର ବ୍ୟକ୍ତିତ୍ୱ ଓ କୀର୍ତ୍ତି ଆମେରିକୀୟ ଗବେଷକଙ୍କ ଦୃଷ୍ଟି ପଥାରୁଢ଼ ହୋଇଛି; ଏହା ଆଉ ଏକ ବିସ୍ମୟ । ଆମେରିକାର ମଂଟାନା ବିଶ୍ୱବିଦ୍ୟାଳୟ ପ୍ରଫେସର ରୁଥ୍ ବନିତା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ଅଧ୍ୟାପକ ସୁମନ୍ୟୁ ଶତପଥୀଙ୍କ ସହଯୋଗରେ ଓଡ଼ିଆ ସାହିତ୍ୟରେ ସମଲିଙ୍ଗୀ ଧାରାର ସନ୍ଧାନ କରିଛନ୍ତି ତାଙ୍କର ପ୍ରସିଦ୍ଧ ଗବେଷଣାତ୍ମକ ପୁସ୍ତକ Same Sex Love in India ରେ । ଏହି ଗବେଷିକା ଶ୍ରୀ ଚୈତନ୍ୟଙ୍କ ଓଡ଼ିଶା ଆଗମନ ଏବଂ ଜଗନ୍ନାଥ ଦାସଙ୍କୁ ଆପଣାର ସଖୀ ବୋଲି ସଂବୋଧନ ମାଧମରେ ପାରସ୍ପରିକ ଅନୁରାଗ ଯୁକ୍ତ ସଂପର୍କ ସ୍ଥାପନ କଥା ଉଲ୍ଲେଖ କରିଛନ୍ତି । ଜଗନ୍ନାଥ ଦାସ କିଭଳି ଭବିଷ୍ୟତ ସମାଜ ସମଲିଙ୍ଗୀ ଯୌନ ସଂପର୍କରେ ଭରିଯିବ ତା'ର ଅନୁମାନ ତାଙ୍କର ପ୍ରସିଦ୍ଧ ଭଗବତର କଳି ଆଗମନ ପରିଚ୍ଛେଦରେ କରିଥିବା କଥା ଏହି ଗ୍ରନ୍ଥରେ ଉଲ୍ଲେଖିତ । ବନୀତାଙ୍କ ବର୍ଣ୍ଣନାନୁଯାୟୀ- "Das was ninteen when he met srichaitanya. Dibakar Das describes in his Jagannatha

Digitized by PPRACHIN, SOA

Chritamruta, overwhelmed, with love he held das in tight embrace. XX his (Chaitanya) fondness for an oriya Brahaman boy was analised by Damodara, that by your affection to the boy you give people oppertunity for whisper." (S.S.L. in India P, 104). XX In his Bhagabata Das negatively deepicts verious practices of kaliyouga/

"Women will cohabit with women
Man will know man
Men once find whores will desert their wifes."
(S.S.L. in Ind., P-105)

ରୁଥ୍ ବନିତାଙ୍କ ପୁସ୍ତକରେ ଜଗନ୍ନାଥ ଦାସଙ୍କ ପରେ ଓଡ଼ିଆ ସାହିତ୍ୟରେ ସମଲିଙ୍ଗୀ ପ୍ରେମର ଅନ୍ୟ ଏକ ଶ୍ରେଷ୍ଠ ସାହିତ୍ୟ କୃତିକୁ ଆବିଷ୍କାର କରାଯାଇଛି; ତାହା ହେଲା ଉତ୍କଳମଣି ଗୋପବନ୍ଧୁ ଦାସଙ୍କର 'ବ୍ୟଥିତ ପ୍ରାଣର ଅଂତିମ ଅଶ୍ରୁ' ଓ 'ପ୍ରେମରକି ଏହି ପରିଣାମ' କବିତା । କବି ଗୋପବନ୍ଧୁ ଦାସ ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ କବିତାଟି ତାଙ୍କର ଜଣେ ଆଜୀବନ ପୁରୁଷ ସହକର୍ମୀ ଉଦ୍ଦେଶ୍ୟରେ ଲେଖିଥିବା ବନିତାଂକ ପୁସ୍ତକରେ ଉଲ୍ଲେଖିତ "Das is adderssing this poem to a beloved male friend. Radnamohan gadanayak coments that in these poems a friend has withdrawn himself from Gopabandhus ways...Gopabandhu is deeply hurt when jilted (ପ୍ରେମରୁ ପ୍ରତ୍ୟାଖ୍ୟାନ ହେବା) by his close associate" (S.S.I., P-242) ଏଠାରେ ଗୋପବନ୍ଧୁ ବିରହ ବେଦନା ବିଦଗ୍ଧ କବିତାର କେତୋଟି ପଂକ୍ତି ଉଦ୍ଧାର କରାଯାଉଛି-

"ଫୁଲପରି ପ୍ରେମ ଝାଉଁଳେ କି ବନେ ପ୍ରେମଯେ ଅନନ୍ତ ଅକ୍ଷୟ ଧାରା
ଦୂର କଲ ମୋତେ ହେବକି ଅନ୍ତର ତମେଯେ ମୋ ପ୍ରାଣ ପ୍ରଣୟ କାରା ॥
× × × ×
ହରିବ ନାହିଁକି କେବେ ପରାଣ ବେଦନା / ଘଟିବ ନାହିଁକି ଆଉ ଯୁଗଳ ଯୋଜନା
ତୁଟିବ ନାହିଁକି କେବେ ହୃଦୟରୁ ଦାଗ / ଫୁଟିବ ନାହିଁକି ପୁଣି ପୂର୍ବ ଅନୁରାଗ ।"

ଉପରୋକ୍ତ ଦୁଇ କବିଙ୍କର କାବ୍ୟ ବ୍ୟକ୍ତିତ୍ୱ ଓ କବିତାର ବ୍ୟାଖ୍ୟା ବ୍ୟତୀତ ରୁଥ୍ ବନିତାଙ୍କ ପୁସ୍ତକରେ ଓଡ଼ିଆ ସାହିତ୍ୟର ଆଧୁନିକ ଯୁଗ ସଂଧିର ଜେଣେ ଶ୍ରେଷ୍ଠ ମନ ବିଶ୍ଲେଷଣ ଧର୍ମୀ ଗାଳ୍ପିକ କିଶୋରୀ ଚରଣ ଦାସଙ୍କର ସରମାର ପ୍ରେମ ଗଳ୍ପରେ ସମଲିଙ୍ଗୀ ଭଲପାଇବାର ବିଷୟ ବସ୍ତୁକୁ ଆବିଷ୍କାର କରାଯାଇଛି । ଏତଦ୍ ଭିନ୍ନ ଓଡ଼ିଶାର ଶିଳ୍ପକଳା ଓ ସ୍ଥାପତ୍ୟ ମଧ୍ୟରେ କାମଦେବଙ୍କର ଦୁଇ ଲେସ୍‌ବିୟାନ ଯୁଗଳଙ୍କ ପ୍ରତି କାମ ବାଣ

Digitized by PPRACHIN, SOA

ପ୍ରୟୋଗର ଚିତ୍ରକୁ ଓଡ଼ିଆ ଜାତିର ସମଲିଙ୍ଗୀ ସ୍ଥାପତ୍ୟ ଭାବରେ ଚିହ୍ନଟ କରି ବନିତା ତାଙ୍କର Lovers Rites ପୁସ୍ତକରେ, ଏହି ଚିତ୍ରଟିକୁ ପ୍ରଦର୍ଶିତ କରିଛନ୍ତି ।

ଭାରତୀୟ ସାହିତ୍ୟରେ ସମଲିଙ୍ଗୀ ପ୍ରେମ:

ଭାରତୀୟ ସାହିତ୍ୟ, ଦର୍ଶନ ଓ ସ୍ଥାପତ୍ୟରେ ସମଲିଙ୍ଗୀ ପ୍ରେମର ବେଶ୍ କିଛି ଉଦାହରଣ ଦେଖିବାକୁ ମିଳିଥାଏ । ରୁଥ୍ ବନିତାଙ୍କ Lovers Rite, Same Sex love in India ଓ ପ୍ରଫେସର ଆର୍. ରାଜାରାଓଙ୍କର `Wishing in the Dark ପୁସ୍ତକରେ ଏହା ବିସ୍ତୃତ ବିବରଣୀ ମିଳେ । ଭାରତୀୟ ସାହିତ୍ୟ, ଦର୍ଶନ ଓ କଳାସ୍ଥାପତ୍ୟରେ ସମଲିଙ୍ଗୀ ସମ୍ପର୍କର ଚିତ୍ର କାମସୂତ୍ର, ଖଜୁରାହ, କୋଣାର୍କ ଠାରୁ ଆରମ୍ଭ କରି ଦୋସ୍ତି, ଫାୟାର ଭଳି ଚଳଚ୍ଚିତ୍ର, ମହାଭାରତ, ପଞ୍ଚତନ୍ତ୍ର, ଭାଗବତ, ଶିବପୁରାଣ, ସ୍କନ୍ଦ ପୁରାଣ, କୃତିବାସ ରାମାୟଣ ଠାରୁ ଆରମ୍ଭ କରି ପର୍ସିୟାନ ଲେଖକ ଅମିର ଖୁସ୍ରୁ, ହିନ୍ଦି ଲେଖକ ନିରାଲା, ରାଜେନ୍ଦ୍ର ଯାଦବ, ବଙ୍ଗଳା ଲେଖକ ବଂକୀମ, ରାମକୃଷ୍ଣ ପରମହଂସ, ସୁନୀଲ ଗଙ୍ଗୋପାଧ୍ୟାୟ, ମରାଠୀ ଲେଖକ ବିଜୟ ତେନ୍ଦୁଲକର, ନିର୍ମଳା ଦେଶପାଣ୍ଡେ, ଭାରତୀୟ ଇଂରେଜୀ ଲେଖକ ବିକ୍ରମ ସେଠ, ଅମ୍ରିତା ସେହେଗେଲ, ରାଜାରାଓଙ୍କ ରଚନାରେ ସମଲିଙ୍ଗୀ ପ୍ରେମର ପରିପ୍ରକାଶ ଘଟିଥିବା ଲକ୍ଷ୍ୟ କରାଯାଏ ।

ସାହିତ୍ୟ ହେଉଛି ସମାଜ ଦର୍ପଣ; ସମାଜରେ ଯାହା କିଛି ଘଟେ ତାକୁ କାବ୍ୟରୂପ ଦାନ କରିଥାଏ ସାହିତ୍ୟିକ । ବାସ୍ତବତାକୁ ଭିତ୍ତିକରି କଳ୍ପନାର ଫସଲ ଉପୁଜାଏ ସାହିତ୍ୟିକ । ଉପର ଉଲ୍ଲିଖିତ ପ୍ରାଚୀନ ଭାରତୀୟ ସାହିତ୍ୟ ସମଲିଙ୍ଗୀ ସମ୍ପର୍କର ପ୍ରାଚୀନତାକୁ ପ୍ରମାଣ କଲାବେଳେ ଆଧୁନିକ ଭାରତୀୟ ସାହିତ୍ୟ ସମଲିଙ୍ଗୀ ସମ୍ପର୍କର ଆଧୁନିକ ସ୍ୱରୂପକୁ ଉଦ୍‌ଘାଟିତ କରିଥାଏ ।

ଭାରତୀୟ ସାହିତ୍ୟରେ ଯୌନ ଦର୍ଶନର ଶ୍ରେଷ୍ଠ ଗ୍ରନ୍ଥ ହେଲା କାମସୂତ୍ର । କାମସୂତ୍ର ସମଲିଙ୍ଗୀ ସମ୍ପର୍କକୁ ପ୍ରାକୃତିକ (S.L.I.in Ind. P-XXI, P-24) ଉଲ୍ଲେଖ କଲାବେଳେ କଥା ସରିତ ସାଗର, ସମଲିଙ୍ଗୀ ସାଥୀକୁ ସ୍ୱୟଂବରା ସଖୀ ବୋଲି କହିଥାଏ । ରାଜ ତରଙ୍ଗୀରଣୀ ପୁସ୍ତକରେ କାଶ୍ମୀର ରାଜା କ୍ଷମଗୁପ୍ତ ଉଭୟଲିଙ୍ଗୀ (Bisexual) ଥିବା କଥା ଉଲ୍ଲେଖିତ । ଭାରତୀୟ ପୁରାଣ ମାନଙ୍କରେ ଅର୍ଦ୍ଧନାରୀଶ୍ୱର ଅସ୍ତିତ୍ୱ ଲକ୍ଷ କରାଯାଏ । ଯଥା -ହରିହର, ହରପାର୍ବତୀ । ମୋହିନୀ ବେଶଧାରୀ ବିଷ୍ଣୁଙ୍କ ଶିବଙ୍କର ସଂଯୋଗ-ଶିବ ବିଷ୍ଣୁଙ୍କ ସହଯୋଗରେ ଆୟାପାଙ୍କ ଜନ୍ମ, ଅଗ୍ନୀ, ଶିବଙ୍କର ସଂଯୋଗରେ କାର୍ତ୍ତୀକେୟଙ୍କ ଜନ୍ମ, ଦୁଇ ନାରୀଙ୍କ ସଂଯୋଗରୁ ଭଗଦ୍ୱାରରୁ ଭଗୀରଥଙ୍କର ଜନ୍ମ ଭାରତୀୟ ପୁରାଣ ସାହିତ୍ୟର

Digitized by PPRACHIN, SOA

ସମଲିଙ୍ଗୀ ବୈଶିଷ୍ଟ୍ୟ । (S.L.I., P. 59, 60, 61, 79) । ଏ ସମସ୍ତ କାହାଣୀ ଓ ପୋଥି ଗୁଡ଼ିକ ପ୍ରାଚୀନ ଭାରତୀୟ ଜୀବନଧାରାରେ ସମଲିଙ୍ଗୀ ଅସ୍ତିତ୍ୱକୁ ପ୍ରମାଣ କରୁଛି ।

ଆଧୁନିକ ଭାରତୀୟ ଜୀବନଧାରାରେ ସମଲିଙ୍ଗୀ ଯୌନ-ପ୍ରେମର ସଫଳ ପ୍ରକାଶ ସମ୍ଭବ ହୋଇଛି ଆଧୁନିକ ଭାରତୀୟ ସାହିତ୍ୟିକଙ୍କର ଶ୍ରେଷ୍ଠ ରଚନା ମାନଙ୍କରେ । ଆଧୁନିକ ଭାରତୀୟ ସାହିତ୍ୟରେ ନିରାଲାଙ୍କ କୁଲିଭାତ ଗଳ୍ପ, ଅମୃତା ସେହେଗେଲଙ୍କ ଚିତ୍ରକଳା ଓ ଚିଠି, ରାଜେନ୍ଦ୍ର ଯାଦବଙ୍କର ପ୍ରତୀକ୍ଷା ଗଳ୍ପ, ମାଲାୟମ ଲେଖକ ନନ୍ଦ କୁମାରଙ୍କର ଦୁଇଟି ଝିଅ ଗଳ୍ପ, ବିକ୍ରମ ସେଠଙ୍କର ସୁଇଟେବଲ୍ ବୟ ଉପନ୍ୟାସ, ବିଜୟ ତେନ୍ଦୁଲକରଙ୍କର ମିତ୍ରାର କାହାଣୀ, ସୁନୀଲ ଗଙ୍ଗୋପାଧ୍ୟାୟଙ୍କର ସେଇ ସବେର ଇତ୍ୟାଦି ସାହିତ୍ୟ କର୍ମମାନ ଆଧୁନିକ ଭାରତୀୟ ସମଲିଙ୍ଗୀ ସାହିତ୍ୟର ଶ୍ରେଷ୍ଠ ଉଦାହରଣ । ଏକ ଯୌନ ନିପାତିତ ସମାଜରେ ମଣିଷ ମନରେ ବିରାଜୁଥିବା ସମଲିଙ୍ଗୀ ଘୃଣା (Homophobia) ଦୂର କରିବା କ୍ଷେତ୍ରରେ ଏ ସମସ୍ତ ସାହିତ୍ୟ ଏକ ବୈପ୍ଳବିକ ଭୂମିକା ପାଳନ କରେ ଏଥିରେ ସନ୍ଦେହ ନାହିଁ । ଅଧିକନ୍ତୁ ସମଲିଙ୍ଗୀ ଜୀବନଧାରାର ବାସ୍ତବତାକୁ ଅଧିକ ବାସ୍ତବ କରି ଗଢ଼ି ତୋଳେ ସମଲିଙ୍ଗୀ ସାହିତ୍ୟ । ସମଲିଙ୍ଗୀ ସାହିତ୍ୟ ସତ୍ୟର କଳାତ୍ମକ କ୍ରାନ୍ତି ।

ଯୌନତା ଓ ମୁକ୍ତି (ଉପସଂହାର):

ଯୌନତା ଓ ମୁକ୍ତିକୁ ନେଇ ଆଧୁନିକ ମନ ସର୍ବାଧିକ ସଂଶ୍ରୟାଚ୍ଛନ୍ନ । ଏକ ରୁଗ୍‌ଣ ସାମାଜିକ ପରିବଶେରେ ଯୌନତା ମଣିଷ ମନର ଯାବତୀୟ କୁସଂସ୍କାର, ଅନ୍ଧବିଶ୍ୱାସ, ବୃଥା ଅହଂକାର ଓ ମାନସିକ ଭାରସାମ୍ୟ ହୀନତାକୁ ଜନ୍ମ ଦିଏ । ଯୌନତାକୁ ଏକ ସାମାଜିକ ନୈତିକତା ଦୃଷ୍ଟି କୋଣରୁ ବିଚାର କରାଯାଉଥିବା ହେତୁ ମଣିଷ ବ୍ୟକ୍ତିଗତ ସାମାଜିକ ରୂପରେ ଏହାର ଜଟିଳତାକୁ ବୁଝିବା କ୍ଷେତ୍ରରେ ବୈଫଲ୍ୟର ଶିକାର ହୁଏ ।

ଧାରଣା ବାସ୍ତବସ୍ତାକୁ ପ୍ରଭାବିତ କରେ
ଶିକ୍ଷଣ ଚେତନାକୁ ଆବୋରି ବସେ,
ମଣିଷ ଝୁଟା ସତ୍ୟ (False Consiousness) ଆଡ଼କୁ ମୁହାଇଁଯାଏ ।

ଯୌଥ ସମାଜର ପତନ ଓ ବ୍ୟକ୍ତିଗତ ସଂପତ୍ତିର ଆଗମନ ଦିନରୁ ମଜୁରୀ ଦାସପ୍ରଥା (Wage Slavery), ଶିଳ୍ପ ପୁଞ୍ଜିବାଦ ମଧ୍ୟ ଦେଇ ଆଜିର ସାଇବର୍-ରୋବଟିକ୍ ବିଶ୍ୱରେ କ୍ଷୁଧା ଭଳି ଯୌନତା ମଣିଷର ଅସ୍ତିତ୍ୱକୁ କୋରି ଖାଉଛି । ଯୌନତାକୁ ନେଇ ମଣିଷ ଛଳନା, ଗର୍ବ, ଅହଂକାର, ଦ୍ୱିଧା ବିଭକ୍ତ ବ୍ୟକ୍ତିତ୍ୱ, ଯୌନ କ୍ଷୁଧିତ, ମାନସିକ ବିକାର ଗ୍ରସ୍ତ, କାମ ଜର୍ଜର ଜୀବନ ଅତିବାହିତ କରୁଛି । ଯୌନତାକୁ ମଣିଷ ସ୍ୱାଧୀନ

Digitized by PPRACHIN, SOA

ଇଚ୍ଛା ପ୍ରବଣତା ଓ ସୌନ୍ଦର୍ଯ୍ୟ (Appetite and Beauty)ସହ ଯୋଡ଼ିପାରୁନି । ସଂରଚନାତ୍ମକ ସୀମାବଦ୍ଧତାର ଶିକାର ହୋଇ ସେ ଏହାକୁ ବୁଭୂକ୍ଷା-ଲାଳସା ଅହଂକାର ମଧ୍ୟକୁ ଠେଲି ଦେଇଛି । ଅଧୁନାତନ ପୃଥିବୀ ବିଶେଷକରି ଭାରତୀୟ ଉପଖଣ୍ଡରେ ଯୌନତା ମଣିଷକୁ ଧର୍ଷକାମୀ (Rapitist) ବ୍ୟଭିଚାରୀ, ବ୍ରହ୍ମଚାରୀ (Celibatic) ଓ ନ୍ୟୁରୋଟିକ୍ ହେବାପାଇଁ ବାଧ୍ୟ କରୁଛି । ମୋଟାମୋଟି ଭାବରେ ସାଂପ୍ରତିକ କାଳର ଯୌନତା ରାଷ୍ଟ୍ରୀୟ ନୈତିକତାର ଶିକାର ହୋଇ ସମାଜରେ ଲିଙ୍ଗ ଭେଦ ଓ ଯୌନ ଶୋଷଣକୁ ବିସ୍ତାରିତ କରୁଛି । ରାଷ୍ଟ୍ର ଓ ରାଷ୍ଟ୍ର ପିତାମାନେ ପୁରୁଷ ଓ ପୁଞ୍ଜିର ରକ୍ଷକ ଭାବରେ ଯୌନଗତ ଭାବରେ ସର୍ବହରା ଓ ନାରୀକୁ ଶୋଷଣ କରୁଛନ୍ତି । ମଧ୍ୟବିତ୍ତର ଏକ ବିପୁଳାଂଶ ଏହି ପ୍ରକ୍ରିୟା ମଧ୍ୟରେ ପେଷି ହୋଇଯାଉଛନ୍ତି ।

ଏହା ସତ୍ୟ ଯେ ବିଶ୍ୱବ୍ୟାପୀ ଯୌନତା ମଣିଷର ଇଚ୍ଛା ଓ ଅନିଚ୍ଛାର ଊର୍ଦ୍ଧ୍ୱରେ ଏକ ରାଜନୀତିରେ ରୂପାନ୍ତରିତ ହୋଇ ଯାଇଛି । ରାଜନୈତିକ ଭାବରେ ଯେଉଁମାନେ ଏ ପୃଥିବୀର ନେତୃତ୍ୱ ନେଉଛନ୍ତି ସେମାନେ ସାମ୍ୟବାଦୀ ହୁଅନ୍ତୁ ବା ଗଣତନ୍ତ୍ରବାଦୀ ହୁଅନ୍ତୁ ସେମାନଙ୍କର କର୍ତ୍ତବ୍ୟ ହେଲା ଯୌନ ଶୋଷଣକୁରୁ ନିଜକୁ ଓ ନିଜର ସମାଜକୁ ମୁକ୍ତ କରିବା । ଯେଉଁ 'ସାମ୍ୟବାଦୀ'ମାନେ ମନେ କରନ୍ତି ଶ୍ରେଣୀ ଶୋଷଣର ବିଲୋପ ଘଟିଲେ ଯୌନ ଶୋଷଣର ବିଲୋପ ଘଟିବ; ମାର୍କସବାଦର ସରଳୀକୃତ ବ୍ୟାଖ୍ୟା କରୁଥିବା ସେଇ ସାମ୍ୟବାଦୀମାନେ ନା ଶ୍ରେଣୀ ଶୋଷଣରୁ ସମାଜକୁ ମୁକ୍ତ କରାଇ ପାରିବେ ନା ଯୌନ ଶୋଷଣର ବିଲୋପ ଘଟାଇ ପାରିବେ ।

ଜଣେ ଯୌନ ନିପୀଡନ ସମର୍ଥକ କମ୍ୟୁନିଷ୍ଟ ଦ୍ୱାରା ସାମାଜିକ ବିପ୍ଲବ ଏକ ପ୍ରକାର ଅସମ୍ଭବ । ଉଇଲିହେଲମ୍ ରିଖ୍ଙ୍କ ଭାଷାରେ ଅତିବେଶିରେ ସେମାନେ ଏକ ଅଥରିଟରିଆନ୍ କମ୍ୟୁନିଷ୍ଟ ଷ୍ଟେଟ ଗଢ଼ିପାରିବେ । ନତୁବା ଜର୍ମାନ୍‌ର ସୋସାଲ୍ ଡେମୋକ୍ରାଟିକ୍ ପାର୍ଟି ଭଳି ପରାଜୟ ବରଣ କରି ବୁର୍ଜୁୟା ଗଣତନ୍ତ୍ରର ଶରଣାପନ୍ନ ହେବେ ।

ଉତ୍ତର ଆଧୁନିକତାବାଦୀ ଯୁଗରେ ସାମ୍ୟବାଦୀ ଆନ୍ଦୋଳନର ବାହାରେ ଯେଉଁମାନେ ନାରୀ, ଲେସ୍‌ବିୟାନ୍ ଦେହଜିବୀ ଓ କୁଇୟର୍ ମାନଙ୍କର ସ୍ୱାଧୀନତା ପାଇଁ ଲଢୁଛନ୍ତି ସେମାନଙ୍କର ଆନ୍ଦୋଳନକୁ ସମାଜ ମୁକ୍ତି ଆନ୍ଦୋଳନର ବୃହତ୍ତର ପରିସର ମଧ୍ୟକୁ ଆଣିବା ପାଇଁ ସର୍ବହରା, ଆଦିବାସୀ ଓ କୃଷକ ମାନଙ୍କ ନେତୃତ୍ୱ ନେଉଥିବା କମ୍ୟୁନିଷ୍ଟ ମାନେ ଉଦ୍ୟମ କରିବା ଦରକାର; ନତୁବା ବୁର୍ଜୁୟାମାନଙ୍କର ଛଳନା ଓ 'କମ୍ୟୁନିଷ୍ଟ'ମାନଙ୍କର ଅହଂକାର (ଅଜ୍ଞତା) ମଧ୍ୟରେ ସମାଜ ଯେଉଁଠି ରହିଛି ସେଇଠି

Digitized by PPRACHIN, SOA

ରହିଥିବ; ନିପୀଡିତ ଜନତା ପେଷି ହୋଇଯାଉଥିବେ; କ୍ରାନ୍ତିର ରଥଚକ ମାଦଳ ଅବସ୍ଥା (Jaggernaut) ଭୋଗୁଥିବ ପଛକେ ମୁକ୍ତିର ଦ୍ୱାରଦେଶରେ ପହଁଞ୍ଚିପାରିବ ନାହିଁ । ଏଥିରେ କ୍ଷତିଗ୍ରସ୍ତ ହେବେ ସେଇମାନେ ଯେଉଁମାନଙ୍କୁ ରାଷ୍ଟ୍ର ପ୍ରତିମୁହୂର୍ତ୍ତରେ ଦଳି ଚକଟି ଅଟା କରେ । ଅର୍ଥନୈତିକ ଓ ଯୌନଗତ ଦିଗରୁ ଏକ ସଂପୂର୍ଣ୍ଣ ମୁକ୍ତ ସମାଜ ଜନ୍ମ ନେବାର ପଥ ଦୀର୍ଘ । ମଣିଷର ଚିର ଈପ୍‌ସିତ ମୁକ୍ତିର ସେଇ ଚୂଡାନ୍ତ ସାଫଲ୍ୟ ପାଇଁ ଛୋଟବଡ଼ ଆନ୍ଦୋଳନ ମାନଙ୍କୁ ଐକ୍ୟବଦ୍ଧ କରିବା ଦରକାର ଏକ ଉଦାର ଗଣତନ୍ତ୍ରବାଦୀ ରାଷ୍ଟ୍ରର ଗଣ୍ଡି ଭିତରେ ଅଳ୍ପ ସଂଖ୍ୟକ ନାରୀ ଓ ସର୍ବହରାର ଦାବୀକୁ ସର୍ବାଗ୍ରେ ତୋଳିଧରିବା ଉଚିତ । ବିପ୍ଳବ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରି ଦେହଜିବୀ ସମଲିଙ୍ଗି ଓ କୌତୁହଳୀମାନଙ୍କ ଉପରେ ହେଉଥିବା ଶୋଷଣକୁ ପ୍ରଲମ୍ବିତ କରାଯାଇ ପାରିବ କି ? ଯୌନଗତ ଭାବରେ ମଣିଷକୁ ମୁକ୍ତ କରିବାକୁ ହେଲେ ପ୍ରକୃତି ଓ ସମାଜର ପ୍ରସ୍ଫୁଟିତ ଉଦ୍ୟାନର ଫୁଲ ମାନଙ୍କୁ ପ୍ରତ୍ୟକ୍ଷ କରିବାକୁ ହେବ ନୈତିକତାର ଚଷମାଟିକୁ ଓହ୍ଲାଇଦେଇ । ପୁରୁଷ ତାନ୍ତ୍ରିକ ରାଷ୍ଟ୍ର ଓ ଶ୍ରେଣୀ ସମାଜରେ ଶୋଷଣ ବିରୁଦ୍ଧରେ ଯୌନ ନିପୀଡ଼ିତ ନାରୀ ଓ ପୁରୁଷ, ଦେହଜୀବି ଶ୍ରମିକ, କୃଷକ ଓ ଅନ୍ୟାନ୍ୟ ଅଳ୍ପ ସଂଖ୍ୟକ ଓ ନିପୀଡ଼ିତ ବର୍ଗର ସଂଗ୍ରାମ ହିଁ ଭବିଷ୍ୟତର ଯୌନ ଶୋଷମୁକ୍ତ ସମାଜ ଗଠନର ପୂର୍ବ ସର୍ତ୍ତ ଏଥିରେ ସନ୍ଦେହ ନାହିଁ ।

❑❑

Digitized by PPRACHIN, SOA

ଗତିଶୀଳ ସମାଜ ଓ ଗତିଶୀଳ ସାହିତ୍ୟ

"Nothing in this world, Matter is in motion, society changes, productive forces grow, old old relationship collape, New relationship established."(-Lenin)

ଗଭୀର ଭାବରେ ବିଶ୍ଳେଷଣ କଲେ ଆମେ ଏଇ ଚରମ ଉପଲବ୍ଧି ନିକଟରେ ହିଁ ପହଞ୍ଚିବା । ଯଥା-

ବସ୍ତୁ ଗତିଶୀଳ । ସମାଜ ପରିବର୍ତ୍ତନଶୀଳ । ଗତିଶୀଳ ବିଶ୍ୱରେ ପରିବର୍ତ୍ତନଶୀଳ ସମାଜରେ ଅନବରତ ଭାବରେ ଉତ୍ପାଦିକା ଶକ୍ତିର ବିକାଶ ଘଟୁଛି ଓ ଉତ୍ପାଦନ ସମ୍ପର୍କର ପରିବର୍ତ୍ତନ ହେଉଛି । ଫଳତଃ ପୁରାତନ ସଂପର୍କମାନ ଭାଙ୍ଗି ଯାଉଛି ଓ ନୂତନ ସଂପର୍କ ଗଢ଼ି ଉଠୁଛି ।

ଜର୍ମାନ ଦାର୍ଶନିକ ମାର୍କସଙ୍କର ଚିନ୍ତା ବିପ୍ଲବର ସଂଶ୍ଳେଷକୁ ବ୍ୟବହାର କରି ଉପରୋକ୍ତ ସତ୍ୟ ନିକଟରେ ଉପନୀତ ହୋଇଥିଲେ ରୁଷ୍ ବିପ୍ଲବର କର୍ଣ୍ଣଧାର ଲେନିନ୍ । ଲେନିନ୍‌ଙ୍କର ଉପରୋକ୍ତ ଭାବନାକୁ ନେଇ ବସ୍ତୁଜଗତ ଓ ମାନବ ସମାଜର ଐତିହାସିକ ବିକାଶଧାରାକୁ ଅନୁଧ୍ୟାନ କଲେ ଆମେ ଏହି ଅନୁଭବଟି ପାଖରେ ପହଞ୍ଚିବା ଯେ- ଗତିମୟ ଜଗତ ମଧ୍ୟରେ ଗତିମୟତାର ଛନ୍ଦରେ ଛନ୍ଦାୟିତ ହେବା ବ୍ୟତୀତ ମଣିଷର ଉପାୟ ନାହିଁ । ଏହା ବସ୍ତୁଜଗତ ପାଇଁ ଯେମିତି ସତ୍ୟ-ମଣିଷ ସମାଜ ପାଇଁ ମଧ୍ୟ ସେମିତି ସତ୍ୟ ।

ତେବେ ବସ୍ତୁ ଓ ସମାଜ ଭଳି ସାହିତ୍ୟ କ'ଣ ଗତିଶୀଳ ? ଅବଶ୍ୟ ଗତିଶୀଳତା (ବସ୍ତୁ: ସମାଜ-ମଣିଷ ଓ ସାହିତ୍ୟ) କ୍ଷେତ୍ରରେ କୌଣସି ସମତାଳିକତା ନାହିଁ । ସମାଜ ଗତିଶୀଳ ହେଲେ ସାହିତ୍ୟ ଗତିଶୀଳ ହେବ ଏହା ଯଦିଓ ସତ୍ୟ କିନ୍ତୁ ସାହିତ୍ୟ ଓ ସମାଜ କ୍ଷେତ୍ରରେ ଗତିଶୀଳତା ସମତାଳିକ ନୁହେଁ । ସେଥିପାଇଁ ବେଳେବେଳେ ସମାଜର ଗତି ବେଗ ରୁଦ୍ଧ ହୋଇଯାଉଥିବା ଅବସ୍ଥାରେ ସାହିତ୍ୟ ତା'ର ଗତିବେଗ ମାଧ୍ୟମରେ ସମାଜକୁ

Digitized by PPRACHIN, SOA

ଗତିଶୀଳ କରାଇଥାଏ । ଅନୁରୂପ ଭାବରେ ସମାଜ ମଧ୍ୟ ସାହିତ୍ୟକୁ ଗତିଶୀଳ କରାଇବାରେ ସହାୟକ ହୋଇଥାଏ । ସାହିତ୍ୟ ଓ ସମାଜରେ ଗତିଶୀଳତା ଯେହେତୁ ସମତାଳିକ ନୁହଁ ସେହେତୁ ବେଳେବେଳେ ସମାଜ ଯେଉଁ ବେଗରେ ଗତିଶୀଳ ହୋଇଥାଏ-ସାହିତ୍ୟ ସେହି ବେଗରେ ଗତିଶୀଳ ହୋଇ ନଥାଏ । ତେବେ ଏହି ଆଗ ପଛର ପାରସ୍ପରିକ ପ୍ରଭାବ ଓ ସନ୍ତୁଳନ ନ୍ୟାୟ ଗୋଟାଏ ସତ୍ୟ ଉପରେ ପର୍ଯ୍ୟବେସିତ ହୋଇଥାଏ; ତାହା ହେଲା-ଗୋଟାଏ ସ୍ଥିରବସ୍ତୁ ଅନ୍ୟ ଏକ ସ୍ଥିର ବସ୍ତୁକୁ ଆକର୍ଷିତ କରି ପାରେନା । ବରଂ ଗୋଟାଏ ଅସ୍ଥିରବସ୍ତୁ (ଗତିଶୀଳ) ଅନ୍ୟ ଏକ ସ୍ଥିରବସ୍ତୁ ବା ଅସ୍ଥିର ବସ୍ତୁକୁ ଗତିଶୀଳ କରି ଗଢ଼ି ତୋଳିପାରେ । ଏଠାରେ ବୌଦ୍ଧ ଜାତକର ଏକ ଉଦାହରଣ ଦିଆଯାଇପାରେ ।

ଥରେ ତଥାଗତ ବୁଦ୍ଧଙ୍କ ନିକଟରେ ଜଣେ ବୃଦ୍ଧା ଉପସ୍ଥିତ ହୋଇ, ସେ ତା'ର ମରିଯାଇଥିବା ଏକମାତ୍ର ସନ୍ତାନ ସକାଶେ ଜୀବନ ଦାନ ଭିକ୍ଷା କଲା । ବୃଦ୍ଧାର ଦୃଢ଼ଧାରଣା ଥିଲା କି କେବଳ ଭଗବାନ ବୁଦ୍ଧ ହିଁ ତା'ର ସନ୍ତାନକୁ ଜୀବନ ଦେଇ ପାରିବେ । ସେଥିପାଇଁ ସେ ଆକୁଳ ନିବେଦନ କରିଥିଲେ ବୁଦ୍ଧଙ୍କୁ ତା'ର ସମସ୍ୟାର ସମାଧାନ ସକାଶେ । ତଥାଗଥ ବୃଦ୍ଧାଙ୍କୁ ହତାଶ ନକରି କହିଥିଲେ-ହେ ସ୍ନେହ କାଂଗାଳ ଶୋକାତୁର ଜନନୀ, ମୁଁ ତୁମକୁ ତମର ଏହି ମହାବିପଦ ସମୟରେ ଏକ ଛୋଟିଆ ଅନୁରୋଧଟିଏ କରୁଛି । ତମେ ଏଇ ନଗର ପ୍ରାନ୍ତଯାଏ ଯେତେ ଘର ଦେଖିବାକୁ ପାଉଛ, ସେ ସମସ୍ତ ଗୃହବାସୀମାନଙ୍କ ନିକଟକୁ ଯାଅ ଓ ଯାହା ଘରେ କେହି ମରିନଥିବେ ତାଙ୍କରି ଘରୁ ମୋ ପାଇଁ ମୁଠାଏ ସୋରିଷ ନେଇଆସ । ତେବେ ଯାଇଁ ମୁଁ ତମ ପୁତ୍ରକୁ ଜୀବନ ଦାନ କରିପାରିବି । ବୃଦ୍ଧା ଜଣକ ତଥାଗତଙ୍କ କହିବା ଅନୁଯାୟୀ ଯାତ୍ରାରମ୍ଭ କଲା ଓ ସେ ଯାହା ଘରକୁ ଯାଇଁ ପଚାରିଲା, 'ସେମାନଙ୍କ ଘରେ କେହି ମରିଛନ୍ତିକି ନାହିଁ', ସମସ୍ତେ ହଁ ଭରି କହିଲେ ତାଙ୍କ ଘରେ କେହିନା କେହି ମରିଛନ୍ତି ବୋଲି । ସେ କୌଣସି ଗୋଟିଏ ହେଲେ ଘର ପାଇଲାନି ଯାହା ଘରେ କି କେହି ମରି ନାହାନ୍ତି । ଫଳରେ ତା'ର କାହାରି ଘରୁ ସୋରିଷ ଆଣିବା ନୋହିଲା ଓ ରିକ୍ତ ହସ୍ତରେ ସେ ତଥାଗତଙ୍କ ନିକଟକୁ ଫେରିଆସିଲା । ଏଥର ବୃଦ୍ଧା ଜଣକ ତଥାଗତଙ୍କ ନିକଟରେ ନିଜର ଅନୁରୋଧକୁ ପୁଣିଥରେ ଦୋହରେଇବାକୁ ଚାହିଁନଥିଲା । ଘଟଣାଟି ଭିତର ଦେଇ ସେ ଅନୁଭବ କରି ପାରିଥିଲା ଯେ ମୃତ୍ୟୁ କାହାରିକୁ ଛାଡିନି ।

ଅନ୍ୟ ଏକ ଘଟଣାରେ ଦେଖାଗଲା ଯେ, ଥରେ ଯୀଶୁଖ୍ରୀଷ୍ଟଙ୍କ ନିକଟରେ ଦଳେ ପରମ୍ପରା ପନ୍ଥୀ ସାଧୁ ଜଣେ ମହିଳାଙ୍କୁ ଧରି ଉପସ୍ଥିତ ହେଲେ ଓ ମହିଳା ଜଣକ ଅବୈଧ ଯୌନାଚାରରେ ଲିପ୍ତ ଥିବା ଅଭଯୋଗରେ ତାକୁ ଟେକା ପକାଇ ମାରିବା ସକାଶେ

Digitized by PPRACHIN, SOA

ଖ୍ରୀଷ୍ଟଙ୍କର ମତ ଲୋଡ଼ିଲେ । ଖ୍ରୀଷ୍ଟ ପ୍ରଥମେ କିଛିକ୍ଷଣ ପାଇଁ ନିରବ ରହିଲେ ଓ ଭୂଇଁରେ ଗାର କାଟିଲେ । ପରମ୍ପରା ପନ୍ଥୀ ସାଧୁମାନେ ଏଥିରେ କ୍ଷୁବ୍ଧ ହୋଇ ଖ୍ରୀଷ୍ଟଙ୍କୁ ପୁଣିଥରେ ପ୍ରଶ୍ନ କଲେ, 'ଆପଣ ଘଟଣାଟିକୁ ଏଡ଼େଇ ଯିବାକୁ ଚେଷ୍ଟା କରୁଛନ୍ତି କାହିଁକି ?' ଏଥର ଖ୍ରୀଷ୍ଟଙ୍କର ନିରବତା ଭଙ୍ଗ ହେଲା । ସେ ପରମ୍ପରା ପନ୍ଥୀ ସାଧୁ ଓ ସମବେତ ଜନତାକୁ ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ କହିଲେ, 'ତମ ମାନଙ୍କ ମଧ୍ୟରୁ କେହି ଯଦି ଜୀବନରେ କୌଣସି ପାପ କରିନାହିଁ ତାହେଲେ ତତକ୍ଷଣାତ୍ ଏ ମହିଳାଙ୍କୁ ଟେଳା ପକାଇ ହତ୍ୟାକର, ନତୁବା ଏ ସ୍ଥାନ ଛାଡ଼ି ଚାଲିଯାଅ ।' ଖ୍ରୀଷ୍ଟଙ୍କର ଏହି ଉକ୍ତି ଶୁଣିଲା ପରେ ଉପସ୍ଥିତ ଥିବା ଜନତା ଜଣେ ପରେ ଜଣେ ସ୍ଥାନ ତ୍ୟାଗ କରି ଚାଲି ଯାଇଥିଲେ ଓ ଶେଷରେ ପରମ୍ପରା ପନ୍ଥୀ ସାଧୁମାନେ ମଧ୍ୟ ଅନନ୍ୟୋପାୟ ହୋଇ ସ୍ଥାନ ତ୍ୟାଗ କରିଥିଲେ ।

ଉପରୋକ୍ତ ଦୁଇ କାହାଣୀ ବିଶ୍ୱ ବିଶ୍ରୁତ ଦୁଇ ଧର୍ମନାୟକଙ୍କର ଜୀବନକୁ ଗଭୀର ଭାବରେ ଉପଲବ୍ଧି କରିବାର ସାମର୍ଥ୍ୟ ତଥା ଅତୁଳନୀୟ ଦୂରଦୃଷ୍ଟିର ପରିଚୟ ଦେଇଥାଏ । ପୁନଶ୍ଚ ଏହି ଦୁଇ କାହାଣୀରେ ବୁଦ୍ଧ ଓ ଖ୍ରୀଷ୍ଟ ଗତିଶୀଳ ଚେତନାର ପ୍ରତିନିଧିତ୍ୱ କରୁଥିଲା ବେଳେ ବୃଦ୍ଧା ଓ ପରମ୍ପରାପନ୍ଥୀ ସାଧୁମାନେ ସ୍ଥାଣୁତା ଓ ପ୍ରତିକ୍ରିୟାଶୀଳ ଭାବନାରେ ପ୍ରତିନିଧିତ୍ୱ କରନ୍ତି । ବୁଦ୍ଧ ଓ ଖ୍ରୀଷ୍ଟଙ୍କ ଏହି ଦୁଇଟି କାହାଣୀ ଭଳି ପୃଥିବୀର ବହୁ ଲିଖିତ ଓ ଅଲିଖିତ ସାହିତ୍ୟ ରଚନା ମଧ୍ୟ ସମାଜ ପାଇଁ ଗତିଶୀଳ ଚେତନାର ବାହକ ହୋଇ ପାରିଛି । ଅବଶ୍ୟ ଏ ସମସ୍ତ ରଚନା ଓ ମଣିଷର ଅମୂଲ୍ୟ ଅନୁଭୂତିମାନ ଏକ ଏକ ଯୁଗ ସନ୍ଧିର ସୃଷ୍ଟି ଭାବରେ ଦେଖା ଦେଇଛି । ସୋଫୋକ୍ଲିସ, ଏସ୍‌କାଇଲସ୍, ଗୋଦେ ସେକ୍‌ସପୀୟର, ଷ୍ଟୋ, ଗର୍କୀ ହୋମେର ବ୍ୟାସ, ବାଲ୍ମୀକି ବା ବୁଦ୍ଧ, ଖ୍ରୀଷ୍ଟ ଓ ମହମଦ୍ ସମସ୍ତଙ୍କ ଅନୁଭୂତି ଓ ରଚନାମାନ ଯୁଗ ପରିବର୍ତ୍ତନ ସୂଚନା ବହନ କରେ । ଏଇ ସମସ୍ତ ବ୍ୟକ୍ତିତ୍ୱମାନଙ୍କ ମଧ୍ୟ ଦେଇ ପରିବର୍ତ୍ତନୀୟ ସମାଜର ଗତିଶୀଳ ଚିନ୍ତା ଓ ଭାବନାମାନ ଧରା ଦେଇଥିଲା । ଶ୍ରୀମତୀ ଷ୍ଟୋଙ୍କର 'ଅଙ୍କଲ୍ ଟମ୍‌ଙ୍କ କ୍ୟାବିନ୍" ଆମେରିକୀୟ ଦାସ ପ୍ରଥା ବିରୁଦ୍ଧରେ ବିଦ୍ରୋହରର ବହ୍ନି ସୃଷ୍ଟି କରିଥିଲା । ଗର୍କୀଙ୍କ 'ମା' ଉପନ୍ୟାସ ଏକ ବୈପ୍ଳବିକ ପରିସ୍ଥିତି ମଧ୍ୟରୁ ସୃଷ୍ଟି ହେବା ସହ ସେଇ ବୈପ୍ଳବିକ ପରିସ୍ଥିତିକୁ ଆହୁରି ତେଜୀୟାନ୍ କରି ଗଢ଼ି ତୋଳିଥିଲା । ସେକ୍‌ସପୀୟରଙ୍କ ନାଟକମାନ ତାଙ୍କ ସମାଜର ସ୍ଥାଣୁ, ପଚମାନ ଜୀବନଧାରାକୁ ତୋଳିଧରିବା ସହ ସେଇ ଜୀବନଧାରା ବିପକ୍ଷରେ ଏକ ନୂତନ ଯୁଗ ଓ ନବ ମାନବତାବାଦର ସୂଚନା ବହନ କରିଥିଲା । ବାଲ୍ମୀକି ବ୍ୟାସ, ହୋମର ତଥା ବୁଦ୍ଧ, ଖ୍ରୀଷ୍ଟ, ମହମଦ୍ ସମସ୍ତେ ଏକ ଏକ ଯୁଗ ସନ୍ଧିର ପରିବର୍ତ୍ତନଶୀଳ ମୂଲ୍ୟବୋଧ ତଥା ଭାବଧାରାକୁ ବିକଶିତ କରାଇଥିଲେ । ଏହି ସମସ୍ତ ସ୍ରଷ୍ଟାମାନଙ୍କ

Digitized by PPRACHIN, SOA

ମଧ୍ୟଦେଇ ସାମାଜିକ ଗତିଶୀଳତା ଓ ଗତିଶୀଳ ଜୀବନଧାରା ଓ ଚିନ୍ତନର ସଂଶ୍ଳେଷ ଘଟିଥିଲା । କେବଳ ଏମାନଙ୍କ ମଧ୍ୟ ଦେଇ ନୁହେଁ ଅନ୍ୟାନ୍ୟ ବହୁ ଯୁଗ ସ୍ରଷ୍ଟାଙ୍କ ସୃଷ୍ଟିରେ ଯୁଗ ପରିବର୍ତ୍ତନର ସଂଶ୍ଳେଷିତ ବାର୍ତ୍ତା ସମୂହ ଗତିଶୀଳ ସମାଜ ଓ ଗତିଶୀଳ ସାହିତ୍ୟର ପାରସ୍ପରିକ ଆନ୍ତ ସମ୍ପର୍କର ଧାରାକୁ ସୂଚିତ କରିଥାଏ । ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ଭାବରେ କହିବାକୁ ଗଲେ, ଗତିଶୀଳତା ସମାଜ ଓ ସାହିତ୍ୟ ଉଭୟକୁ ବାରମ୍ବାର ସଂଶ୍ଳେଷିତ କରୁଥିବା ଏକ ଅକ୍ଷୟ ସୂତ୍ର ସଦୃଶ । ଏହି ସୂତ୍ର ସାହାଯ୍ୟରେ ସମଗ୍ର ବିଶ୍ୱ ସାହିତ୍ୟ ଯେମିତି ତରଙ୍ଗାୟିତ ହୋଇଛି ସେମିତି ତରଙ୍ଗାୟିତ ହୋଇଛି ଆଞ୍ଚଳିକ ସ୍ତରରେ ଦେଶ ଜାତି ଓ ଭାଷାର ସାହିତ୍ୟ । ଅନନ୍ୟ ଗତିଶୀଳତାର ଏହି ପ୍ରବହମାନ ଧାରାରେ ବେଳେବେଳେ ସମାଜ ଓ ସାହିତ୍ୟ ଅଧିକ ବେଗବାନ ହେଉଉଠେ, ତ ବେଳେବେଳେ ଏହା ହୋଇଯାଏ ସ୍ଥାଣୁ ଅଥବା ମନ୍ଥର । ବିଶ୍ୱ ସାହିତ୍ୟ କ୍ଷେତ୍ରରେ ଏହା ଯେମିତି ହୋଇଥାଏ-ଆଞ୍ଚଳିକ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏହା ସେହି ରୂପେ ପ୍ରକାଶ ପାଇଥାଏ । ଭାରତବର୍ଷ ବା ଓଡ଼ିଆ ସାହିତ୍ୟ ବିଶେଷ କରି ଆଧୁନିକ କାଳର ସାହିତ୍ୟ ସୃଷ୍ଟିର ଜଟିଳ ପ୍ରକ୍ରିୟାକୁ ନିରୀକ୍ଷଣ କଲେ ଆମେ ଦେଖିବାକୁ ପାଇବା ଏକଦା ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଯେଉଁ ସବୁ ନବ ଭାବନା ଓ ଯୁଗୀୟ ଆକାଂକ୍ଷା (ଦ୍ରୁତ ପରିବର୍ତ୍ତନକାମୀ) କୁ ରୂପ ଦେବାକୁ ସମର୍ଥ ହୋଇ ପାରୁଥିଲା ସାମ୍ପ୍ରତିକ କାଳର ଭାରତୀୟ ସାହିତ୍ୟ ବା ଅତ୍ୟାଧୁନିକ ଓଡ଼ିଆ ସାହିତ୍ୟ ସେଇ ପରିବର୍ତ୍ତନକାମୀ ଆକାଂକ୍ଷାର ପ୍ରକାଶ ଘଟାଇ ପାରୁନି । ଏକଦା ସ୍ୱାଧୀନତାର ସ୍ୱପ୍ନକୁ ଚରିତାର୍ଥ କରିବାକୁ ଯାଇ ଏ ଜାତି ଯେମିତି ଲବଣ ସତ୍ୟାଗ୍ରହ, ଭାରତଛଡ଼ା ଆନ୍ଦୋଳନ, ବମ୍ବେ 'ନୌବିଦ୍ରୋହ' ଓ 'ଦିଲ୍ଲୀ ଚାଲୋ' ଡାକରାରେ ସାମାଜିକ ଜୀବନକୁ ତରଙ୍ଗାୟିତ କରି ଗଢ଼ି ତୋଳିଥିଲା । ସାହିତ୍ୟରେ ଏହାର ପରିପ୍ରକାଶ ସେମିତି ଗାନ୍ଧିବାଦୀ, ମାର୍କ୍ସବାଦ, ଛାୟାବାଦୀ ଯୁଗ, ସତ୍ୟବାଦୀ ଯୁଗ, ପ୍ରଗତିଯୁଗ ଓ ଇପଟାର ସୂତ୍ରପାତ ଘଟାଇଥିଲା । ଜାତୀୟତାବାଦୀ ଯୁଗରେ ସ୍ୱାଧୀନତାର ଭାବନା ଭାରତୀୟ ସାହିତ୍ୟରେ ରବୀନ୍ଦ୍ରନାଥ, ନଜରୁଲ, ପ୍ରେମଚାନ୍ଦ ବୀର କୀଶୋର, ସଚ୍ଚି ରାଉତରାୟ ଭଳି ବ୍ୟକ୍ତିତ୍ୱକୁ ଜନ୍ମ ଦେଇଥିଲା । ଗାନ୍ଧି, ଗୋପବନ୍ଧୁ, ଭଗବତୀ ଇତ୍ୟାଦି ଏମାନଙ୍କର ରାଜନୈତିକ ଓ ସାମାଜିକ ପ୍ରତିପକ୍ଷ ଭାବରେ ଦେଖିବାକୁ ମିଳିଥିଲେ । ଭାରତବର୍ଷରେ ସ୍ୱାଧୀନତା ଆନ୍ଦୋଳନର ପୂର୍ବ ଓ ପର କାଳର ସାହିତ୍ୟରେ, ସ୍ୱାଧୀନତା, ସାମ୍ୟ, ମୁକ୍ତି ଓ ସମାନତାର ଭାବନା ଓ କଳ୍ପନାର ଭାଷାକୁ ଉତ୍ତାଳ କରି ଗଢ଼ି ତୋଳିଥିଲା ଗୋଦାନ, ଚିମ୍ମିନ, ପରଜା, ଓ ଗଣ ଦେବତା ଇତ୍ୟାଦି ସୃଷ୍ଟି ମାନ; ଯାହାଥିଲା ସ୍ୱାଧୀନତା ଅଗ୍ନିସ୍ଫୁଲିଙ୍ଗର ଚୂଡ଼ାନ୍ତ ଅଭିବ୍ୟକ୍ତି । କାବ୍ୟ ଜଗତରେ 'ଯଦି ତୋର ଡାକ୍ ଶୁନେ କେଉ ନା ଆସେ',

Digitized by PPRACHIN, SOA

'ହେ ମୋର ଚିର ପୁଣ୍ୟ ତୀର୍ଥ' ବା 'ବଳବୀର (ବିଦ୍ରୋହ) ଓ ବାଜୀ ରାଉତ ଭଳି କବିତା ତତ୍‌କାଳର ଗତୀଶୀଳ ସମାଜର ଗତିଶୀଳ ସାହିତ୍ୟ ଫସଲ ସଦୃଶ ଥିଲା, ଏଥିରେ ସନ୍ଦେହ ନାହିଁ ।

ଉଭୟ ସାହିତ୍ୟ ଓ ସମାଜର ସେଇ ଗତୀଶୀଳତାର ଧାରା ଆଜି ବ୍ୟାହତ ହୋଇଛି, ଏହା କହିବା ବାହୁଲ୍ୟ । ସାମ୍ପ୍ରତିକ କାଳର ସାହିତ୍ୟ ଅଧିକ ଅନ୍ତର୍ମୁଖୀ ହୋଇଛି ବୋଲି ଦାବିକରି ବସେ । କିନ୍ତୁ ଏହା କ'ଣ ସତ ? ବସ୍ତୁନିଷ୍ଠତା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ବ୍ୟକ୍ତିନିଷ୍ଠତାର ବାନା ଉଡାଇ ଥିବା ଏହି ସାହିତ୍ୟ ସତରେ ଯେ ଅନ୍ତର୍ମୁଖୀ ହୋଇଛି ଏହା ବିଶ୍ୱାସ କରାଯାଇ ନପାରେ । ସାମ୍ପ୍ରତିକ କାଳର ସାହିତ୍ୟ ଅନ୍ତର୍ମୁଖୀ ହେବା ନାଁରେ ବ୍ୟକ୍ତିନିଷ୍ଠ ଆବେଗ ଓ ବିଚ୍ଛିନ୍ନ ଭାବନାର ବଶବର୍ତ୍ତୀ ହେବା ସହ ଏକ ପ୍ରକାର ଆଧିଭୌତିକ ପଳାୟନବାଦିତାର ଶିକାର ହୋଇଛି । ତୃତୀୟ ବିଶ୍ୱର ଏକ ଦରିଦ୍ର ଦେଶ ଭାବରେ ଭାରତବର୍ଷରେ ଧନୀ ଦରିଦ୍ରର ବୈଷମ୍ୟ ସହ ଯେଭଳି ଭାବରେ ବେକାରୀ, ଦରିଦ୍ର୍ୟ, ଅନାହାର ମୃତ୍ୟୁ, ପୁଷ୍ଟିହୀନତା, ଅଶିକ୍ଷା, ଅପସଂସ୍କୃତି ଅଧିକରୁ ଅଧିକତର ହେବାରେ ଲାଗିଛି ସେଇ ସମସ୍ତ ବାତାବରଣକୁ ପ୍ରତିହତ କଲାଭଳି ଚେତନା ସୃଷ୍ଟି ପାଇଁ କୌଣସି ଦୃଢ଼ ବଳିଷ୍ଠ ସାହିତ୍ୟ ସୃଷ୍ଟି ହୋଇପାରୁନି । ବରଂ ସାହିତ୍ୟ ସାମାଜିକ ନିସ୍ତରଙ୍ଗତା ଓ ସ୍ଥାଣୁତାର ଶିକାର ହୋଇ ବୁଦ୍ଧିବାଦୀ ଦୁର୍ବଳତା (Eclectic Weakness) ବା ଉପଭୋକ୍ତାବାଦୀ ମାନସିକତାକୁ ପ୍ରକଟ କରୁଛି । ଗତ କିଛିବର୍ଷ ତଳେ ଏକ ବଡ଼ ଧରଣର ପୁରସ୍କାର ପ୍ରାପ୍ତିର ଅବ୍ୟବହିତ ପରେ ଓଡ଼ିଆ ସାହିତ୍ୟର ଏକ ନିର୍ଦ୍ଦିଷ୍ଟ କାବ୍ୟଗ୍ରନ୍ଥ ବୁଦ୍ଧିଜୀବୀ ପାଠକ ମହଲରେ ବେଶ୍ ଆଲୋଡନ ସୃଷ୍ଟି କରିଥିଲା । ମାତ୍ର ସଂପ୍ରତି ସେଇ ପୁସ୍ତକକୁ ନେଇ ଆଉ କୌଣସି ଚର୍ଚ୍ଚା ନାହିଁ ଓ ପୁସ୍ତକଟିର ବିକ୍ରି ଯଥେଷ୍ଟ ହ୍ରାସ ପାଇଛି । ସମ୍ଭବତଃ ଏହା ହୋଇପାରେ ଭବିଷ୍ୟତରେ ପୁସ୍ତକଟିର ପୁନଃମୁଦ୍ରଣ ଆବଶ୍ୟକ ପଡିବନି । ଅଥଚ ଆମ ଆଖି ଆଗରେ ସାମାଜିକ ତରଙ୍ଗମୟତାର ଯୁଗରେ ସୃଷ୍ଟି ହୋଇଥିବା ସଚ୍ଚି ରାଉତରାୟଙ୍କର ବାଜୀ ରାଉତ୍ ପାଣ୍ଡୁଲିପି ବାରମ୍ବାର ମୁଦ୍ରିତ ହେଉଛି ଏବଂ ହୋଇ ଚାଲିଥିବ । ତୁଳନା ମୂଳକ ଭାବରେ ବିଚାର କଲେ ପୂର୍ବୋକ୍ତ କବିଙ୍କର ପୁରସ୍କାର ପ୍ରାପ୍ତି ସତ୍ତ୍ୱେ କାବ୍ୟ ଗ୍ରନ୍ଥଟିର ଏ ଦୁର୍ଦ୍ଦଶା କାହିଁକି ? ସାମାଜିକ ନିସ୍ତରଙ୍ଗତାର ଶିକାର ଉକ୍ତ କବି ଓ ତାଙ୍କ କାବ୍ୟ ଗ୍ରନ୍ଥ ଯେ ଏକ ବୁଦ୍ଧିବାଦୀ ଦୁର୍ବଳତା (Eclectic Weakness) ଓ ଆଧିଭୌତିକ ପଳାୟନବାଦିତା (Metaphysical Escape) ଶିକାର ହୋଇ କଳ୍ପନାର ଭାଷାକୁ (ସ୍ନେହ, ପ୍ରେମ, ଆବେଗ ଓ ଭଲ ପାଇବାକୁ ନେଇ ଗଢ଼ି ଉଠିଥିବା ମଣିଷ ଜିଜ୍ଞାସାବୋଧକୁ) ଜୀବନଧର୍ମୀ ମାନବୀୟ, ପ୍ରତ୍ୟୟନିଷ୍ଠ କରି ଗଢ଼ି

Digitized by PPRACHIN, SOA

ତୋଳିପାରିନି ଓ ସେଇଥିପାଇଁ ତାହା ପାଠକୀୟ ଆଦର ହରାଇ ବସୁଛି ଏଥିରେ କୌଣସି ସନ୍ଦେହ ନାହିଁ ।

ଏହି ପରିପ୍ରେକ୍ଷୀରେ ଆମର ସାହିତ୍ୟ ଓ ସାହିତ୍ୟିକ ସାମାଜିକ ନିସ୍ତରଂଗତାର ଶିକାର ନ ହୋଇ ଏକ କ୍ରାନ୍ତିକାରୀ ସୃଷ୍ଟି ଓ ସ୍ରଷ୍ଟାର ଭୂମିକା ପାଳନ କରୁ ଏହା ହିଁ ଆଶା କରାଯାଇ ପାରେ ।

❑❑

Digitized by PPRACHIN, SOA

ସାହିତ୍ୟରେ ଆଧୁନିକତା ଓ ପ୍ରଗତିଶୀଳତାର ଦ୍ୱଂଦ୍ୱ ଏବଂ ଆମ ସମୟ

ଏହି ଆଲୋଚନାରେ ସୈଧାଂତିକତା ଓ କେଂଦ୍ରିକତା ବିଷୟରେ ଉଭୟ ଆଧୁନିକ ଓ ପ୍ରଗତିଶୀଳ ସାହିତ୍ୟର ସଫଳ ଯୋଗଦାନକୁ ସ୍ୱୀକାର କରାଯାଇଛି । ଭାଷା ଓ ଭାବ ସଂଶ୍ଳେଷଣ ଓ ସର୍ବେକ୍ଷଣ ପରେ ଉଭୟ ସାହିତ୍ୟ ମଧ୍ୟରେ ଥିବା ନୂତନତା ଓ ଗତିଶୀଳତାକୁ ଆବିଷ୍କାର ସକାଶେ ଉଦ୍ୟମ ହୋଇଛି । ଏଥି ସହିତ ଉଭୟ ସାହିତ୍ୟରେ ଥିବା ରୂଢ଼ିବାଦୀତା ଓ ପ୍ରତିକ୍ରିୟାଶୀଳତାର ଦୁର୍ବଳତାକୁ ଦେଖାଇ ଦିଆ ଯାଇଛି । "ଆମ ସମୟ" ପ୍ରସଂଗରେ ଆମ ସମୟର ସଂକଟ ଓ ବର୍ତ୍ତମାନ ପୃଥିବୀର ଦାର୍ଶନିକ ଭାବଧାରା ସଂପର୍କିତ ସୂଚନା ଦିଆଯାଇଛି ।

ଆମେ ଆଜି ଯାହାକୁ 'ଆଧୁନିକ' ବା 'ପ୍ରଗତିଶୀଳ' ବୋଲି କହୁଛୁ ବିଶ୍ୱ ସାହିତ୍ୟରେ ତା'ର ଆବିର୍ଭାବ ଏକ ନିର୍ଦ୍ଦିଷ୍ଟ ଐତିହାସିକ ପରିସ୍ଥିତି ମଧ୍ୟରେ ସଂଭବ ହୋଇଛି । ସେଇ ଐତିହାସିକ ପରିସ୍ଥିତି ହେଲା ନବ ଜାଗରଣ ଯୁଗପରେ ଇଉରୋପୀୟ ସାହିତ୍ୟରେ ରୋମାଂଟିସିଜିମ୍‌ର ବିଲୟ ଓ ବାସ୍ତବବାଦର ଅଭ୍ୟୁଦୟ; ଅପର ପକ୍ଷରେ ବାସ୍ତବବାଦର ବିଲୟ ଆଧୁନିକ ସାହିତ୍ୟର ଅଭ୍ୟୁଦୟ । ବିଶ୍ୱ ସାହିତ୍ୟରେ 'ପ୍ରଗତିଶୀଳ ସାହିତ୍ୟ' କହିଲେ ବାସ୍ତବବାଦ, ସମାଜବାଦୀ ବାସ୍ତବବାଦ, ବୈପ୍ଳବିକ ରୋମାଂବାଦ, ମାର୍କ୍ସବାଦ ଓ ଶ୍ରେଣୀ ସଂଘର୍ଷ ଧର୍ମୀ ସାହିତ୍ୟକୁ ବୁଝାଇଥିଲା ବେଳେ – 'ଆଧୁନିକ ସାହିତ୍ୟ' ପ୍ରତୀକବାଦ, ଚିତ୍ରକଳ୍ପବାଦ, ପରାବାସ୍ତବବାଦ, ଅଭିବ୍ୟଂଜନାବାଦ, ଉଦଭଟ୍ଟ ବା ଅସ୍ତିତ୍ୱବାଦୀ ସାହିତ୍ୟକୁ ବୁଝାଇଥାଏ । ଆଧୁନିକ ପୃଥିବୀରେ ଏହି ଦୁଇ ଧାରାର ସଫଳତମ ଦୁଇ ସ୍ରଷ୍ଟା ହେଲେ ବୋଦ୍‌ଲେୟାର (ଆଧୁନିକ) ଓ ବ୍ରେଖେଟ୍ (ପ୍ରଗତିଶୀଳ) । ଓଡ଼ିଆ ସାହିତ୍ୟରେ ସଚ୍ଚି ରାଉତରାୟ ଏହି ଉଭୟ ଧାରାର ଯୁଗ ପ୍ରବର୍ତ୍ତକ ସ୍ରଷ୍ଟା ଭାବରେ ପରିଚିତ । ବଂଗଳା ସାହିତ୍ୟରେ ଆଧୁନିକତାର ଜନକ ଜୀବନାନନ୍ଦ; ସୁଭାଷ ଓ ସୁକାନ୍ତ ପ୍ରଗତିଶୀଳ ।

Digitized by PPRACHIN, SOA

ଏହା ସ୍ୱୀକାର୍ଯ୍ୟ ଯେ ଉଭୟ ଆଧୁନିକତା ଓ ପ୍ରଗତିଶୀଳତା ଆଧିପତ୍ୟବାଦୀତା ଓ କେନ୍ଦ୍ରିକତାର ବିରୋଧୀ । ଯାହାକିଛି ଅଚଞ୍ଚଳ ଗତିହୀନ ତା' ଦେହରେ ଏହା ଧକ୍କା ମାରେ । ଚିରାଚରିତ ଚର୍ବିତ ଚର୍ବଣ କୌଣସି କଥାକୁ ଏହା ମାନିବାକୁ ପ୍ରସ୍ତୁତ ହୁଏନା । ଏ ସବୁ ସତ୍ତ୍ୱେ ଉଭୟ ଧର୍ମୀ ସାହିତ୍ୟରେ କିଛି କିଛି ତ୍ରୁଟି ବା ଦୁର୍ବଳତା ରହିଛି । ଆଧୁନିକ ସାହିତ୍ୟ ବିପକ୍ଷରେ ପ୍ରତିକ୍ରିୟାଶୀଳ ସ୍ଥିତାବସ୍ଥା ସପକ୍ଷବାଦୀତାର ଅଭିଯୋଗ ଶୁଣିବାକୁ ମିଳିଥାଏ । ସେହପରି ପ୍ରଗତିଶୀଳ ସାହିତ୍ୟ ବିପକ୍ଷରେ ରୂଢ଼ିବାଦୀତା ଓ ପ୍ରଚାରଧର୍ମୀତାର ଅଭିଯୋଗ ଶୁଣିବାକୁ ମିଳେ । ଏହା ସତ୍ୟ ଯେ ଉଭୟ ସାହିତ୍ୟରେ ଏହି ଦୁର୍ବଳତା ଲକ୍ଷଣୀୟ । ବୋଦ୍‌ଲେୟାର ଓ ବ୍ରେଖେଟଙ୍କ ରଚନା କିନ୍ତୁ ଏ କ୍ଷେତ୍ରରେ ନିଆରା । ଏହାରକାରଣ ଏମାନେ ପରୀକ୍ଷା ନିରୀକ୍ଷାକୁ ଭୁଲି ନାହାନ୍ତି । ଭାବ ଓ ଭାଷାର ଉପଯୁକ୍ତ ସେତୁ ନିର୍ମାଣ କରି ପାରିଛନ୍ତି । ଶୈଳୀ ହିଁ ବ୍ୟକ୍ତିତ୍ୱ ("Style is the man-Man"କଥାଟିକୁ ଏମାନେ ଠିକ୍ ଭାବରେ ଆପଣେଇ ନେଇ ପାରିଛନ୍ତି । ସେଇଥିପାଇଁ ଏମାନେ ନବଦିଗନ୍ତ ଆବିଷ୍କାରକ ଓ ନୂତନତାର ଦିଶାରୀ ।

ଆଧୁନିକ ସାହିତ୍ୟର ବୈଶିଷ୍ଟ୍ୟ ହେଲା ନୂତନ ଆଙ୍ଗିକ ମାଧମରେ ବକ୍ତବ୍ୟର ତୀକ୍ଷ୍ଣତା ସୃଷ୍ଟି କରିବା । ଅପର ପକ୍ଷରେ ପ୍ରଗତିଶୀଳତା ସାହିତ୍ୟ ସାମାଜିକ କ୍ରାନ୍ତିର ପ୍ରୟୋଜନୀୟ ଆଙ୍ଗିକକୁ ଆଧାର କରି ଗଢ଼ିଉଠେ । ବୋଦ୍‌ଲେୟାର୍ ଓ ବ୍ରେଖେଟ୍‌ଙ୍କ ରଚନାରେ ପ୍ରୟୋଜନୀୟ ନୂତନ ଆଙ୍ଗିକର ପ୍ରୟୋଗ ଲକ୍ଷ୍ୟ କରାଯାଏ । ସେଇଥିପାଇଁ ସଂଭବତଃ ଉଭୟଙ୍କର ରଚନାରେ ନୂତନତା ଓ କ୍ରାନ୍ତିଭାବନାର ପରିପ୍ରକାଶ ଘଟିଥାଏ । ଓଡ଼ିଆ ସାହିତ୍ୟରେ କବି ସଚ୍ଚି ରାଉତରାୟ ଏକ ବିରଳ ବ୍ୟତିକ୍ରମ; ଯିଏ କି ଉଭୟ ଆଧୁନିକତା ଓ ପ୍ରଗତିଶୀଳତାର ସଫଳ ଆଙ୍ଗିକର ସନ୍ଧାନ କର୍ତ୍ତା । ଏହି ଆଙ୍ଗିକର ଅନ୍ୱେଷଣ ତାଙ୍କର ପାଣ୍ଡୁଲିପି, ଭାନୁମତିର ଦେଶ ତଥା ବାଜିରାଉତ କାବ୍ୟ ଗ୍ରନ୍ଥ ମାନଙ୍କରେ ଦେଖିବାକୁ ମିଳିଥାଏ । ଅବଶ୍ୟ ସଚ୍ଚି ରାଉତରାୟଙ୍କ ପାଣ୍ଡୁଲିପି ପରବର୍ତ୍ତୀ କାଳୀନ କାବ୍ୟ ଜୀବନ ଏକ ମୋଟାମୋଟି ପରାଜୟକୁ ସୂଚିତ କରିଥାଏ ଏବଂ ଏହି ପରାଜୟ ସମ୍ଭବତ ଆଧୁନିକତତା ଓ ପ୍ରଗତିଶୀଳତାର ଦ୍ୱନ୍ଦ୍ୱକୁ ଅତିକ୍ରମ କରି ଏକ ସଫଳ ଆଙ୍ଗିକ ସୃଷ୍ଟି କରିବାର ଅଭାବଜନିତ ବ୍ୟର୍ଥତା ହେତୁ ହୋଇଥାଇପାରେ । ପ୍ରଗତିଶୀଳ କବି ଭାବରେ ଓଡ଼ିଆ ସାହିତ୍ୟରେ ସଚ୍ଚି ରାଉତରାୟ ଓ ବଂଗଳା ସହିତ୍ୟରେ ସୁଭାଷ ମୁଖୋପାଧ୍ୟାୟ ପରବର୍ତ୍ତୀ କାଳରେ ଯେଉଁ ବ୍ୟର୍ଥତାର ଶିକାର ହୋଇଛନ୍ତି ସେ ପ୍ରକାର ବ୍ୟର୍ଥତା ତାଙ୍କ ସମକାଳର କବି ଜୀବନାନନ୍ଦଙ୍କୁ ସ୍ପର୍ଶ କରିନାହିଁ । ଏହାର କାରଣ ଜୀବନାନନ୍ଦ ବଙ୍ଗଳା ସାହିତ୍ୟରେ ରବୀନ୍ଦୋତ୍ତର ଯୁଗର ନୂତନ କାବ୍ୟ ଅଙ୍ଗିକର ଶ୍ରେଷ୍ଠ ଆବିଷ୍କର୍ତ୍ତା । ଏବେ ବି

Digitized by PPRACHIN, SOA

ଲକ୍ଷ୍ୟ କରାଯାଏ, ଆଧୁନିକ କବିତାର ଜଗତରେ (ବଙ୍ଗଳା) ଜୀବନାନନ୍ଦଙ୍କ କାବ୍ୟ ଆଙ୍ଗିକ ଏକ ଅନତିକ୍ରମଣୀୟ ଉଚ୍ଚତାରେ ଆରୁଢ଼ । ଜୀବନାନନ୍ଦଙ୍କ କବିତାରେ ଯାହା କିଛି ଅଭାବ ତାହା ହେଲା, ସେ ସାମାଜିକ କ୍ରାନ୍ତିର ପ୍ରୟୋଜନୀୟ ଆଙ୍ଗିକକୁ-ରୋମାଣ୍ଟିକତା ଓ ରହସ୍ୟବାଦୀତା ଆଡ଼କୁ ମୁହାଁଇ ନେବା । ଏ ସବୁ ସତ୍ତ୍ୱେ ସମ୍ଭବତଃ ଜୀବନାନନ୍ଦ ହିଁ ଭାରତୀୟ ସାହିତ୍ୟରେ ଏକ ଅଦ୍‌ଭୂତ ଆକର୍ଷଣୀ ଶକ୍ତିର ଅଧିକାରୀ ଶ୍ରେଷ୍ଠ ଆଧୁନିକ କବି । ଏହା ତାଙ୍କର କାବ୍ୟ ଭାଷାରେ ଅସମ୍ଭବ ଔଜ୍ଜ୍ୱଲ୍ୟ ଯୋଗୁ ସମ୍ଭବ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଆ ସାହିତ୍ୟରେ ସଚ୍ଚିରାଉତରାୟଙ୍କ କାବ୍ୟ ଭାଷାର ସାଫଲ୍ୟ ଅନେକ ପରିମାଣରେ ଜୀବନାନନ୍ଦଙ୍କ ପାଖରେ ଋଣୀ । ଜୀବନାନନ୍ଦଙ୍କ କାବ୍ୟ ଭାଷା ଆଧୁନିକତାର ସମସ୍ତ ଗୁଣ ସହ ସ୍ୱଚ୍ଛ ଓ ସ୍ୱଚ୍ଛନ୍ଦ । ତାଙ୍କର କାବ୍ୟ ବକ୍ତବ୍ୟ ମଧ୍ୟ ଏକ ବିଶେଷ ସ୍ୱାତନ୍ତ୍ର୍ୟଯୁକ୍ତ । ବିଶ୍ୱ ସାହିତ୍ୟରେ ବୋଦ୍‌ଲେୟାର ଓ ସର୍ ରିଏଲିଜିମ୍‌ର ଭାବଭାଷା ସହିତ ଜୀବନାନନ୍ଦଙ୍କ କାବ୍ୟ ଭାଷା ଓ ଅନୁଭୂତିର କିଛିଟା ସମ୍ବନ୍ଧ ଥିବା ଲକ୍ଷ୍ୟ କରାଯାଏ ।

ଆଧୁନିକତା ଓ ପ୍ରଗତିଶୀଳତାର ଦ୍ୱଂଦ ମଧ୍ୟ ଦେଇ ବିଶ୍ୱ ସାହିତ୍ୟରେ ଆମେ ବ୍ରେଖେଟ୍, କାଫ୍‌କା, ସାର୍ତ୍ରେ, ନେରୁଦା, ହେମିଂଗଓ୍ୱେ, ମାରକ୍ୱେଜ କାହାକୁ ଆଧୁନିକ ବା ପ୍ରଗତିଶୀଳ କହି ବର୍ଜନ ଓ ଗ୍ରହଣ କରିବା; ଏମାନେ ସମସ୍ତେ ଯେ ନୂତନ ଆଙ୍ଗିକର ସନ୍ଧାନକର୍ତ୍ତା । ତେବେ ଏହା ସ୍ୱୀକାର୍ଯ୍ୟ ଯେ ଆଧୁନିକତା ଆଙ୍ଗିକ ବିପ୍ଳବ କରିଆରେ ଆତ୍ମିକ ପରାକାଷ୍ଠା ପାଇଁ ଆଗ୍ରହୀ ଥିଲାବେଳେ-ପ୍ରଗତିଶୀଳତା ଆତ୍ମିକ ବା ଭାଗବତ ତୀବ୍ରତା ସୃଷ୍ଟି ସକାଶେ ସମାଜିକ ଭାବରେ ପ୍ରୟୋଜନୀୟ ଆଙ୍ଗିକ(Socialy necessary form)କୁ ଆଦରି ନେଇଥାଏ । ସମାଜର ଆଙ୍ଗିକ ଓ ସାହିତ୍ୟର ଆଙ୍ଗିକ ମଧ୍ୟରେ ଚାଲିଥିବା ଦ୍ୱଂଦ୍ୱ ଓ ସଂପର୍କ ମଧ୍ୟରୁ ଜଣେ ସଫଳ ସାହିତ୍ୟିକ ସାମାଜିକ ଭାବରେ ପ୍ରୟୋଜନୀୟ ଏକ ନୂତନ ଆଙ୍ଗିକକୁ ଜନ୍ମଦେବାକୁ ଚେଷ୍ଟା କରିଥାଏ । ଏହି ଚେଷ୍ଟାରେ ଉଭୟ ଆଧୁନିକ ଓ ପ୍ରଗତିଶୀଳ କବି ନିଜ ନିଜ ବାଟରେ ଆଗେଇ ଯାଇଥାନ୍ତି । ସାହିତ୍ୟ ଜଗତରେ ଉଭୟ ଆଧୁନିକତା ଓ ପ୍ରଗତିଶୀଳତାର ଆବିଷ୍କାର ପୂର୍ବରୁ ପୃଥିବୀର ବିଭିନ୍ନ ସାହିତ୍ୟ ସୃଷ୍ଟି ହୋଇଥିବା କାଳଜୟୀ ରଚନାବଳୀର ବୈଶିଷ୍ଟ୍ୟ ହେଲା ସାମାଜିକ ଭାବରେ ଏକ ନୂତନ ପ୍ରୟୋଜନୀୟ ଆଙ୍ଗିକାର ଆବିଷ୍କରଣ ଓ ଉପସ୍ଥାପନ । ଓଡ଼ିଆ ସାହିତ୍ୟରେ ସାରଳା, ଜଗନ୍ନାଥ ଓ ଫକିରମୋହନଙ୍କ ସାହିତ୍ୟ ସୃଷ୍ଟି ଏହି ସାମାଜିକ ଭାବରେ ପ୍ରୟୋଜନୀୟ ଆଙ୍ଗିକ ଶ୍ରେଷ୍ଠ ଆବିଷ୍କରଣ ବା ଉପସ୍ଥାପନ । ଉଲ୍ଲେଖଯୋଗ୍ୟ ଯେ, ଏଠାରେ ଆଙ୍ଗିକ ଶବ୍ଦଟି ମାର୍କସଙ୍କର 'ଶୈଳୀହିଁ ବ୍ୟକ୍ତିତ୍ୱ' (Style is the

Digitized by PPRACHIN, SOA

man) ଅବଧାରଣା ସହ ସମ୍ବନ୍ଧାନ୍ୱୀତ ।

ଆମ ସମୟ-ଏହି ଆଲୋଚନାରେ 'ଆମ ସମୟ' ପ୍ରସଂଗଟି ଏଇଥିପାଇଁ ଯୋଡ଼ି ଦିଆଯାଇଛି । ଯେହେତୁ ଉଭୟ ଆଙ୍ଗିକ ଓ ଆତ୍ମିକ ଦିଗରୁ ସାହିତ୍ୟ ମାଧ୍ୟମରେ ଶବ୍ଦ ଦ୍ୱାରା ଅର୍ଥକୁ ଧରି ରଖିବା ବ୍ୟର୍ଥଥାକୁ ବର୍ତ୍ତମାନ ସାହିତ୍ୟ ଦର୍ଶନ ସୂଚାଇ ଦେଇଥାଏ । ଆମ ସମୟର ସାହିତ୍ୟାନୁଚିନ୍ତା ସାହିତ୍ୟ ମାଧ୍ୟମରେ ସତ୍ୟକୁ ଧରି ରଖିବାର ଅସମ୍ଭବତାକୁ ହିଁ ବ୍ୟକ୍ତ କରିଥାଏ । ଏ ସଂପର୍କରେ ହେରାଲଡ୍ ବ୍ଲୁମ୍‌ଙ୍କ ମତ ହେଲା "କବିତାର କୌଣସି ଆକାର ବା ଅସ୍ତିତ୍ୱ ନାହିଁ; ଏହା ଏକ ଏକକ ନୁହେଁ, ଏହାର କୌଣସି ଅର୍ଥ ମଧ୍ୟ ନାହିଁ; ଏହା ସୃଷ୍ଟି କ୍ଷମତା ରହିତ ।" ସମ୍ଭବତଃ(Beauty is truth and Truth is Beauty) କିମ୍ବା କବି ହିଁ "ଆତ୍ମାର ଇଞ୍ଜିନିୟର" ଓ "କବିତା ଶ୍ରେଣୀ ସଂଘର୍ଷର ହତିୟାର" ଇତ୍ୟାଦି ଚିନ୍ତା ନିର୍ଯ୍ୟାସ ବିରୁଦ୍ଧରେ ଉପରୋକ୍ତ ସାହିତ୍ୟାନୁଚିନ୍ତା ଏକ ନୂତନ ଛେଦ ବା ବ୍ୟତିକ୍ରମ । ଏହି ସାହିତ୍ୟାନୁଚିନ୍ତା ଯେ କୌଣସି ସାହିତ୍ୟିକ ପୋଥି (Text)ର ବହୁବିଧ ଅର୍ଥବହତା (Multiplicity of meaning)ର ସନ୍ଧାନ ପୂର୍ବକ ମହାକାଳ ବ୍ୟାପୀ ଚାଲିଥିବା ବର୍ଣ୍ଣନା (naration) ବା ପୋଥି ରଚନାର ପ୍ରକ୍ରିୟାରେ ପ୍ରତିଟି ପୋଥି ରଚିତ ହେବାକୁ ଥିବା ଅନ୍ୟ ଏକ ପୋଥିର ପୂର୍ବାଭାଷ (Pretest) ବୋଲି କହିଥାଏ । ଆମ ସମୟର ଏହି ସାହିତ୍ୟାନୁଚିନ୍ତାକୁ ଉତ୍ତର ଆଧୁନିକତାବାଦ (Post modern-ism) ବୋଲି ନାମିତ କରାଯାଇଛି । ଏହି ଉତ୍ତର ଆଧୁନିକତାବାଦ ଉଭୟ ଆଧୁନିକ ଓ ପ୍ରଗତିଶୀଳ ସାହିତ୍ୟରୁ ରସଦ ସଂଗ୍ରହ କରିଥାଏ । ଏହା ଅତୀତ ବର୍ତ୍ତମାନର ସମସ୍ତ ସାହିତ୍ୟ କର୍ମ ମଧ୍ୟରେ ଥିବା ପୁରୁଷବାଦୀ, ଈଶ୍ୱରବାଦୀ ଓ କେନ୍ଦ୍ରବାଦୀ ଦୁର୍ବଳତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରେ । ଏହା ସାମାଜିକ ଅଥବା ଗଣ ବିପ୍ଳବକୁ କୌଣସି ରାମରାଜ୍ୟ ପ୍ରତିଷ୍ଠା ଲକ୍ଷ୍ୟରେ ପରିଚାଳିତ କରେନା । ରାମରାଜ୍ୟର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ତଥାକଥିତ ଗଣତନ୍ତ୍ର ଓ ସମାଜବାଦର ମୁଖାଟିକୁ ଏହା ଖୋଲିଦେଇଥାଏ । ଉତ୍ତର ଆଧୁନିକତାବାଦୀ ଯୁଗରେ କୌଣସି କାବ୍ୟ ଆନ୍ଦୋଳନ ବା ଦର୍ଶନର ଏକଚାଟିଆ ଆଧିପତ୍ୟକୁ ସ୍ୱୀକାର କରାଯାଏନା । ସର୍ବୋପରି ଉତ୍ତର ଆଧୁନିକତା ବାଦ ଶବ୍ଦର ମାୟାଜାଲରେ ବନ୍ଧା ପଡ଼ିଥିବା ପୃଥିବୀର ମଣିଷମାନଙ୍କୁ ଶବ୍ଦ ପ୍ରୟୋଗର ଭିନ୍ନ ଏକ ଦକ୍ଷତା ବା ବଳ ପ୍ରଦାନ କରିଥାଏ । ଉଭୟ ଆଧୁନିକତାବାଦ ମୋଟମୋଟି ଭାବରେ ଆନୁଷ୍ଠାନିକତା, ସୈଧାଂତିକତା ଓ କେନ୍ଦ୍ରିକତାର ବିରୋଧୀ । କିନ୍ତୁ ନିଛକ ଭାବରେ ଏହା କଳା ଆନ୍ଦୋଳନ ନୁହେଁ । କଳା ଆନ୍ଦୋଳନ ମଧ୍ୟରୁ ଜନ୍ମନେଇ ଏହା ବର୍ତ୍ତମାନ ପୃଥିବୀର ଏକ ପ୍ରଭାବଶାଳୀ ଦର୍ଶନର ପ୍ରତିଷ୍ଠା ଅର୍ଜନ କରିଛି । ସଂପ୍ରତି ଏହି ଦର୍ଶନ-

Digitized by PPRACHIN, SOA

ଭାଷା ସହିତ ମଣିଷ ସଂପର୍କର ସମସ୍ତ ଦୁର୍ବଳତା ଓ ସୀମାବଦ୍ଧତାର ଗଣ୍ଠିକୁ ଖୋଲି ଦେଇଛି । ଏହା ଏକ ବାଦ ବିରୋଧୀବାଦ ଓ ଦର୍ଶନ ବିରୋଧୀ ଦର୍ଶନ । ବିରୋଧ ପରିବର୍ତ୍ତେ ଏହା ଅର୍ଥପୂର୍ଣ୍ଣ ଦୂରତ୍ୱ ଓ ବିନ୍ୟାସ ପରିବର୍ତ୍ତେ ଏହା ପୁନର୍ବିନ୍ୟାସ (Restructering) ବା ନିର୍ବିନ୍ୟାସ (De-Construction)ର ଭାଷା ସହିତ ମଣିଷଙ୍କୁ ପରଚିତ କରାଇଥାଏ । ବିନ୍ୟାସବାଦ (ଫୁକୋ, ଲାଖାଁ, ଆଲ୍‌ଥୁସର, ଲେଭିଥ୍ରସ) ପରେ ପରେ ନିର୍ବିନ୍ୟାସବାଦୀ ଦେରିଦା ହିଁ ଉତ୍ତର ଆଧୁନିକତାବାଦର ପ୍ରମୁଖ ପ୍ରବକ୍ତା ।

ଉତ୍ତର ଆଧୁନିକତାବାଦର ସମାଲୋଚନାର କରିବାକୁ ଯାଇ ଏହାକୁ କେହି କେହି ସ୍ଥିତାବସ୍ଥା ବିରୁଦ୍ଧରେ ଏକ ଅସଫଳ ନୈରାଶ୍ୟବାଦୀ / ନେତିବାଦୀ ଚିନ୍ତା ଦର୍ଶନ ବୋଲି କହିଥାନ୍ତି । ସମାଲୋଚକମାନଙ୍କ ମତରେ ଉତ୍ତର ଆଧୁନିକତାବାଦ ସମସ୍ତ ପ୍ରକାର କେନ୍ଦ୍ରକୁ ବିରୋଧ କରିବା ମଧ୍ୟ ଦେଇ ପ୍ରକାରାନ୍ତରେ ମୁଖ୍ୟ କେନ୍ଦ୍ରକୁ ସବଳ କରି ଗଢ଼ି ତୋଳୁଛି । ଅପରନ୍ତୁ ଏହା 'ଗଣତନ୍ତ୍ର' ଓ ମୁକ୍ତବଜାର ଅର୍ଥନୀତିକୁ ପରିଚାଳନା କରୁଥିବା ପ୍ରତିଷ୍ଠିତ କେନ୍ଦ୍ର (ସାମ୍ରାଜ୍ୟବାଦ) ବିରୁଦ୍ଧରେ ସଫଳ ଭାବରେ ସ୍ୱର ଉତ୍ତୋଳନ କରାଇ ପାରୁନି । ଏଥିପାଇଁ ଉତ୍ତର ଆଧୁନିକତାବାଦ ବିପକ୍ଷରେ ଏବେ ଉତ୍ତର ଉତ୍ତର ଆଧୁନିକତା (Post Post Modernism) ନବ ଐତିହାସିକତାବାଦ (New Historicism) ଉପ -ବିକଳ୍ପବାଦ (Sub - alternism), ପୁନଃ ନିର୍ମାଣବାଦୀ ଉତ୍ତର ଆଧୁନିକତାବାଦ (Re-Constructive post-modernism), ସାଂସ୍କୃତି ଜଡ଼ବାଦ (Cultural materialism), ତୃତୀୟ ବିଶ୍ୱବିକଳ୍ପବାଦ (Third worldism) ଓ ଚତୁର୍ଥ ବିଶ୍ୱବାଦ (Fourth worldism) ଆଦି ଚିନ୍ତା ଦର୍ଶନମାନ ମୁଣ୍ଡ ଟେକି ଉଠୁଛି ।

ଉପସଂହାର:

ଏଠାରେ କହି ରଖିବା ଆବଶ୍ୟକ ଯେ, ବିଶ୍ୱବ୍ୟାପୀ ଏହି ସମାଲୋଚନା ପ୍ରକ୍ରିୟା ଓ ଚିନ୍ତା ସଂଶ୍ଳେଷଣ ଠାରୁ ବହୁ ଦୂରବର୍ତ୍ତୀ ଆମର ଓଡ଼ିଆ ସାହିତ୍ୟ ଏବେ ବି ପ୍ରଗତିଶୀଳତା ଓ ଆଧୁନିକତାର ଶୈଶବ ମଧ୍ୟରେ ଅଟକି ରହିଛି । ଫଳତଃ ଉତ୍ତର ଆଧୁନିକତାବାଦ ବା ଉତ୍ତର ଉତ୍ତର ଆଧୁନିକତାବାଦକୁ ସ୍ପର୍ଶ କରିବା ତା' ପକ୍ଷରେ ଅସଂଭବ । ଐତିହ ଓ ପରମ୍ପରା ପ୍ରତି ଦୁର୍ବଳତା (ରୋମାଣ୍ଟିକ୍) ଓ ଦୁର୍ବଳ ମାନବ ପ୍ରୀତି ମୂଳକ ଲେଖା ବ୍ୟତୀତ ଏବେ ବି ଓଡ଼ିଆ ସାହିତ୍ୟରେ ବିଶ୍ୱବ୍ୟାପୀ ଚିନ୍ତା ବିପ୍ଳବ ସୃଷ୍ଟି ପ୍ରକ୍ରିୟାକୁ ସ୍ପର୍ଶ କରିପାରୁଥିବା ସେପରି କିଛି ନୂତନ ସଂଘର୍ଷଶୀଳ ରଚନା ଦେଖିବାକୁ ମିଳୁନି । ପରୀକ୍ଷା ନିରୀକ୍ଷାର ଅଭାବ ତଥା ପେଷୀ ହୋଇ ରହିଥିବା ମଣିଷଠାରୁ ମଧ୍ୟବିତ୍ତ ଶ୍ରେଣୀୟ (ଅବସର ଭୋଗୀ)

Digitized by PPRACHIN, SOA

ଲେଖକର ଦୂରତା ଓ ସମ୍ପର୍କହୀନତା ହେତୁ ବର୍ତ୍ତମାନ ଆମ ଓଡ଼ିଆ ସାହିତ୍ୟ ଆଧୁନିକ ଓ ପ୍ରଗତିଶୀଳ କବିମାନେ ସାମାଜିକ ଭାବରେ ପ୍ରୟୋଜନୀୟ କ୍ରାଂତିକାରୀ କାବ୍ୟ ଆଙ୍ଗୀକର ବିକାଶ ଘଟାଇ ପାରୁ ନାହାନ୍ତି । ଏହି ପରିପ୍ରେକ୍ଷୀରେ ଆମର ସାହିତ୍ୟିକମାନଙ୍କ ପକ୍ଷରେ ଯାହା କରଣୀୟ ତାହା ହେଲା-ନିଜର ଅଭ୍ୟନ୍ତରକୁ ପ୍ରବେଶ କରି ସାମାଜିକ ବ୍ୟକ୍ତିତ୍ୱର ଦୁର୍ବଳତା ଓ ସମାଜର ଅଭ୍ୟନ୍ତରକୁ ପ୍ରବେଶ କରି ନିଜର ବ୍ୟକ୍ତିତ୍ୱର ଦୁର୍ବଳତାର ଆବିଷ୍କାରପୂର୍ବକ ନୂତନ କାବ୍ୟ ଆଂଗିକର ସନ୍ଧାନ କରିବା; ଯେଉଁ ଆଂଗିକ ଆବିଷ୍କାରର ସଫଳତାକୁ ଆମେ ଉଭୟ ଆଧୁନିକତା ଓ ପ୍ରଗତିଶୀଳତା କଷଟିରେ ଅଭିନବ ଓ କ୍ରାନ୍ତିକାରୀ ବୋଲି କହି ପାରିବା । ଏଥିପାଇଁ କାବ୍ୟ ବ୍ୟକ୍ତିତ୍ୱର ସମ୍ବେଦନାର ତୀବ୍ରତା ବୌଦ୍ଧିକତାର ଶୀର୍ଷକୁ ସ୍ପର୍ଶ କରିବା ଦରକାର । ବର୍ତ୍ତମାନ ଓଡ଼ିଶାର ଆଧୁନିକତ ଓ ପ୍ରଗତିଶୀଳ ସାହିତ୍ୟ ରାସ୍ତାକଡ଼ ମ୍ୟୁନିସିପାଲଟି ପାଣି ପରି ବିରାମ ହୀନ ଓ ଅନାବଶ୍ୟକ ଭାବରେ ବହି ଚାଲିଛି । ଲକ୍ଷ୍ୟ ତାହାର କେଉଁଆଡ଼େ ଏହା ସହଜରେ ଅନୁମେୟ । ଅନାବଶ୍ୟକ ଭାବରେ ଶବ୍ଦର ଏହି ବିନର୍ବ୍ୟୟରୁ ରକ୍ଷାକରି ଆମ ସାହିତ୍ୟକୁ ଏକ ଚିରସ୍ରୋତା ନଦୀ ଭଳି ପ୍ରବାହିତ କରିବାକୁ ହେଲେ ଆମ ଭାଷାର ଉଭୟ ଆଧୁନିକ ଓ ପ୍ରଗତିଶୀଳ କବିମାନେ ସଂପୂର୍ଣ୍ଣ ଅଙ୍ଗୀକାରବଦ୍ଧତା ସହ ସାମାଜିକ କ୍ରାନ୍ତିର ପ୍ରୟୋଜନୀୟ କାବ୍ୟ ଆଂଗିକର ସନ୍ଧାନ କରିବା ଆବଶ୍ୟକ; ଯେଉଁ ଆଂଗିକର ସାଫଲ୍ୟ ଜଗନ୍ନାଥ, ଫକିରମୋହନ, ସେକ୍ସପୀୟର, ବୋଦଲେୟାର, ବ୍ରେଖେଟ, କାଫ୍‌କାଙ୍କ ସୃଷ୍ଟ ଆଂଗିକ ପରି ଯୁଗାନ୍ତକାରୀ ହୋଇପାରିବ । ବ୍ୟକ୍ତିକୈନ୍ଦ୍ରିକତା ଓ ଆଞ୍ଚଳିକତାର ଗଣ୍ଡିକୁ ଡେଇଁ ଆମ ସାହିତ୍ୟିକମାନେ ତାହା କରିପାରିବେ ତ ? ?

□□

Digitized by PPRACHIN, SOA

କବିସତ୍ତା ଓ ସାମାଜିକ ସତ୍ତା

My poetry is my poetic individuality, style is the man (ମୋ କବିତା ମୋ କବି ବ୍ୟକ୍ତିତ୍ୱର ପରିପ୍ରକାଶ; ଶୈଳୀ ହିଁ ମାନବ ।) -Marx

ମଣିଷ ଇଚ୍ଛା କରି ତାର ବ୍ୟକ୍ତିତ୍ୱକୁ ଗଢ଼ି ତୋଳେନା, ବରଂ ସାମାଜିକ ଇଚ୍ଛା ବା ଚିନ୍ତା ଚେତନା ମଧ୍ୟ ଦେଇ ମଣିଷର ବ୍ୟକ୍ତିତ୍ୱ ଗଢ଼ି ହୋଇଯାଏ । ଦାର୍ଶନିକ ମାର୍କସଙ୍କ ମତରେ it is not the consciousness that determine the being on the contrary the social being (ସାମାଜିକ ସତ୍ତା) that determines the consciousness. ଏହି ନ୍ୟାୟରେ କବି ଅସ୍ତିତ୍ୱ ବା କବିସତ୍ତା ସାମାଜିକ ସତ୍ତାଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ସାମାଜିକ ସତ୍ତା ମାଧ୍ୟମରେ ସମାଜର ଦୋଛକିରେ କବି ଛିଡ଼ା ହୁଏ । ସାମାଜିକ ସଂଘର୍ଷର ବେଳାଭୂମିରୁ କବି ଅନୁଭୂତିକୁ ଉପଳ ସାଉଁଟେ । ଜଣେ ବିପ୍ଳବୀ କବି ଇଚ୍ଛା କରି ବିପ୍ଳବୀ କବି ହୁଏନା, ବରଂ ସାମାଜିକ ବିପ୍ଳବର ସଂଘର୍ଷମୟ ସ୍ଥିତି ବିପ୍ଳବୀ କବିକୁ ବିପ୍ଳବାତ୍ମକ ଚିନ୍ତା ଭାବନାରେ ନିକଟତର କରାଇଥାଏ । ଅଧିକନ୍ତୁ ସମାଜରେ ବିପ୍ଳବରେ ଭଟ୍ଟା ଆସିଲେ ବିପ୍ଳବୀ କବି ବି ପ୍ରତିକ୍ରିୟାଶୀଳ ଚିନ୍ତା ଭାବନାର ବଶବର୍ତ୍ତୀ ହୋଇପାରେ । ଏହାର ଶ୍ରେଷ୍ଠ ଉଦାହରଣ କବି ସଚ୍ଚି ରାଉତରାୟ । ଏକଦା ଗଡ଼ଜାତ ପ୍ରଜା ଆନ୍ଦୋଳନ, ଋଷ୍ ବିପ୍ଳବ ଇତ୍ୟାଦି ଯେଉଁ କବିଙ୍କୁ ଶ୍ରେଣୀ ସଂଘର୍ଷର ଚନ୍ତାଧାରାରେ ଦୀକ୍ଷିତ କରାଇଥିଲା, ସେଇ କବି ସ୍ୱାଧୀନତା ପରେ ପୁଞ୍ଜିବାଦୀ ଦୁନିଆର ତଥାକଥିତ ଆଧୁନିକତାର ପୂଜାରୀ ସାଜି ସ୍ୱ କବିତାରେ ପ୍ରତିକ୍ରିୟାଶୀଳ ଦୃଷ୍ଟିଭଙ୍ଗୀର ପରିପ୍ରକାଶ ଘଟାଇଲା । ଯେଉଁ କବିଙ୍କ ଠାରୁ ଏକଦା ଉଚ୍ଚାରିତ ହୋଇଥିଲା "ଖାଇବାକୁ ଦିଅ ରୁଟି । ମୁଠାରେ ତମର ରହିଛି ମାଲିକେ ପରାଏ ଆମର ଚୁଟି ।' ସେଇ କବିର କଣ୍ଠରୁ ଉଦ୍‌ଘୋଷିତ ହେଲା, 'କେଉଁଠି ତ ମିଳୁନାହିଁ ସୁନ୍ଦର ନିବୁଜ ତୁମର ସଜଡ଼ା ଗଢା ବୁକୁର ଗମ୍ବୁଜ ।'

Digitized by PPRACHIN, SOA

କବିସତ୍ତାର ନିର୍ମାଣରେ ସାମାଜିକ ସତ୍ତାର ବିରାଟ ଭୂମିକା ରହିଛି । ସମାଜ ସ୍ଥିର ନୁହେଁ, ପରିବର୍ତ୍ତନଶୀଳ । ସମାଜରେ ଘଟୁଥିବା ସ୍ୱତଃ ପରିବର୍ତ୍ତନ ଓ ଆବଶ୍ୟକ ପରିବର୍ତ୍ତନ ଉଭୟକୁ ବୁଝି ବିଚାରକରି କବି ନିଜର ସାମାଜିକ ଭୂମିକାକୁ ନିର୍ଦ୍ଧାରଣ କରେ । ସମାଜରେ ଅନାବଶ୍ୟକୀୟ ପରିବର୍ତ୍ତନ ଅଂଶ ବିଶେଷ ସାଜିଥିବା କବିମାନେ ସତ୍ୟର ସ୍ଥାଣୁ ଦ୍ରଷ୍ଟା ପାଲଟନ୍ତି । ସମାଜର ଆବଶ୍ୟକୀୟ ପରିବର୍ତ୍ତନକୁ ତ୍ୱରାନ୍ୱିତ କରାଉଥିବା କବିଟି କ୍ରାନ୍ତଦର୍ଶୀ ଭୂମିକା ପାଳନ କରେ । ବାଲ୍ମୀକି, ବ୍ୟାସ, ଜଗନ୍ନାଥ ଦାସ, ଫକୀରମୋହନ ଭଳି କାଳଜୟୀ କବିମାନେ କ୍ରାନ୍ତଦର୍ଶୀ । ଏମାନେ ତାଙ୍କ ସମୟର ଅଗ୍ରଗାମୀ ଚିନ୍ତା ଭାବନାକୁ ସ୍ୱ-ସାହିତ୍ୟରେ ବ୍ୟକ୍ତ କରି ଯାଇଛନ୍ତି ।

ଏକା ପ୍ରକାର ସାମାଜିକ ସ୍ଥିତିରୁ ଏକାଧିକ ପ୍ରକାରର ମଣିଷ ତିଆରି ହୁଅନ୍ତି । ଏପରିକି ଗୋଟିଏ ମଣିଷ ମଧ୍ୟରେ ଭିନ୍ନ ଭିନ୍ନ ମାନବୀୟ ପ୍ରବଣତା ଲକ୍ଷ୍ୟ କରାଯାଇଥାଏ । ଏ ସବୁ ସାମାଜିକ ସତ୍ତାର ଦାନ । ଉଦାହରଣ ସ୍ୱରୂପ ଏକପ୍ରକାର ସାମାଜିକ ସ୍ଥିତି ଏକ ସମୟରେ ସଚ୍ଚି ରାଉତରାୟଙ୍କୁ ସମାଜ ସଚେତନ କବି ଭାବରେ ଠିଆ କରାଏ । ଅଧିକନ୍ତୁ ସେଇ ଏକା ପ୍ରକାର ସାମାଜିକ ସ୍ଥିତିରୁ ମାୟାଧର ମାନସିଂ ବ୍ୟକ୍ତିନିଷ୍ଠ ଚିନ୍ତା ଭାବନାକୁନେଇ କବିତା ଲେଖନ୍ତି । ଜଣେ ବାଜିରାଉତ, ପାଣ୍ଡୁଲିପିର ଲେଖକ ସାଜନ୍ତି ତ ଆଉ ଜଣେ ଧୂପ ଓ ହେମ ଶସ୍ୟର କବି ହୁଅନ୍ତି । ଏପରି ହେବାର କାରଣ ହେଲା ଗୋଟିଏ ସାମାଜରେ ଭିନ୍ନ ଭିନ୍ନ ଚିନ୍ତା ଭାବନାର ପ୍ରଭାବ । ରବି ସିଂ ଓ ରମାକାନ୍ତ ରଥ ଗୋଟିଏ ସାମାଜିକ ସତ୍ତାର ଉପଜ କିନ୍ତୁ ନିଜ ନିଜର ବସ୍ତୁସ୍ଥିତି ମଧ୍ୟରୁ ଅଲଗା ଅଲଗା ଭାବଧାରାର ବଶବର୍ତ୍ତୀ । ଜଣେ ସ୍ଥିତାବସ୍ଥା ସପକ୍ଷର କବି ଆଉ ଜଣେ ବୋହେମିଆନ୍ ବିପ୍ଳବୀ । ଅଧିକନ୍ତୁ ଗୋଟିଏ ସଚ୍ଚି ରାଉତରାୟଙ୍କ ଭିତରେ ଦୁଇଟି ସଚ୍ଚି ରାଉତରାୟଙ୍କୁ ଦେଖିବାକୁ ମିଳିଥାଏ । ଯଥା-ପାଣ୍ଡୁଲିପି, ବାଜିରାଉତର କବି ସଚ୍ଚି ରାଉତରାୟ ଓ କବିତା ୧୯୬୨ର କବି ସଚ୍ଚି ରାଉତରାୟ ଦୁଇଟି ଭିନ୍ନ ଭିନ୍ନ କବିସତ୍ତା । ଏହା ନିଶ୍ଚୟ ଯେ ଏଇ ଦୁଇ ଭିନ୍ନ ଭିନ୍ନ କବିସତ୍ତା ସାମାଜିକ ସତ୍ତାର ଉପଜ । ମୃତ ଈଶ୍ୱରର କବି ଓ ତନ୍ନୁଲତାର କବି ସମକାଳର ହେଲେ ବି ସାମାଜିକ ସତ୍ତା ସହ ସେମାନଙ୍କ ସମ୍ପୃକ୍ତି ଉଭୟଙ୍କୁ ଭିନ୍ନ ଚିନ୍ତା ଭାବନାର ବଶବର୍ତ୍ତୀ କରାଇଛି ।

ବର୍ତ୍ତମାନ ସମାଜରେ ଯୁଗରୁଚି, ଯୁଗଧର୍ମ ଓ ଯୁଗ ଆକାଂକ୍ଷା କହିଲେ ମଧ୍ୟଯୁଗକୁ ପ୍ରତ୍ୟାବର୍ତ୍ତନ ବା ପୁଞ୍ଜିବାଦର ଆବାହନ ନ ହୋଇପାରେ । ଆଜିର ସମାଜରେ କେହି ଭିକ୍ଟୋରୀୟ ଭାବନାର ରୋମାଣ୍ଟିକ କବିତା ବା ବଜାର ଉପଯୋଗୀ ଶସ୍ତା ରୋମାନ୍ସ ଲେଖି କବିସତ୍ତା ବା ସାମାଜିକ ସତ୍ତାର ଉତ୍ତରଣ ଘଟାଇ ପାରିବନି । ଅରବିନ୍ଦଙ୍କ ଅତିମାନସ

Digitized by PPRACHIN, SOA

ବା ରାଧାକୃଷ୍ଣ ପ୍ରେମରେ ଦେହାତୀତ ଭାବନା ଆଜିର ଯୁଗ ଆକାଂକ୍ଷାର ପରିପନ୍ଥୀ ଏହା ଅଧିଭୌତିକ ପଳାୟନବାଦୀତା (Metaphysical Escape); ପ୍ରସ୍ଥାନ ମାର୍ଗ (Exit route) ଯୁଗ ଧର୍ମଠାରୁ ।

ଆମ ସମାଜ ଏବେବି ସାମନ୍ତୀ ଭାବନାର ବଶବର୍ତ୍ତୀ, ସେଥିପାଇଁ ଏବେ ବି ଆମ ସାହିତ୍ୟରେ ମଧ୍ୟଯୁଗୀୟ ଚିନ୍ତା ଭାବନାର ପରିପ୍ରକାଶ ଦେଖିବାକୁ ମିଳୁଛି । ଏବେ ବି ଓଡ଼ିଆ କବିତା Medivalism ଓ Revivalism ର ସୀମା ସରହଦ ପାରି କରିପାରୁନି । ନାଗରିକ ସମାଜର ନାଗରିକ ଚେତନା ବା ଶ୍ରେଣୀ ବୈଷମ୍ୟ ବିଜଡ଼ିତ ସମାଜରେ ଶ୍ରେଣୀ ସଂଘର୍ଷର ଶ୍ରେଣୀ ଚେତନା ବା ନିପୀଡ଼ିତ ବର୍ଗର ମୁକ୍ତି ଭାବନା ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ କ୍ୱଚିତ୍ ଦେଖିବାକୁ ମିଳୁଛି । ଏବେବି ସୀତାକାନ୍ତଙ୍କ କବିତା ଜଳାଭାବ ପୀଡ଼ିତା ଚିତ୍ରୋତ୍ପଳା ନଦୀର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ବିଭୋର । ଏବେ ବି ସେ (ସୀତାକାନ୍ତ) ଗ୍ରାମ୍ୟ ମଣିଷର ଦାରିଦ୍ର୍ୟ ମଧ୍ୟରେ ସୁଖବାସୀର ସାରଲ୍ୟକୁ ଦେଖି ମୁଗ୍ଧ ହୁଅନ୍ତି । ଏବେ ବି ରମାକାନ୍ତଙ୍କ କବିତାରେ ମଧ୍ୟଯୁଗୀୟ ନାୟିକା ଶ୍ରୀରାଧା ମାଧ୍ୟମରେ ଆଲୌକିକ ଓ ବିଶୁଦ୍ଧ ପ୍ରେମର ସନ୍ଧାନ କରାଯାଏ । ଏବେ ବି ପ୍ରେମ କ୍ଷେତ୍ରରେ ସାମାଜିକ ବନ୍ଧନାର ନିଗଡ଼କୁ ଅତିକ୍ରମ କରିବାପାଇଁ ଶୂନ୍ୟ ଓ ପରଲୌକିକ ଜଗତରେ ମହାମିଳନର ସ୍ୱପ୍ନ ଦେଖନ୍ତି କବି ରମାକାନ୍ତ ।

ଓଡ଼ିଶା ଭଳି ଏକ କ୍ଷୁଦ୍ର ଉତ୍ପାଦନ (petty production) ପୀଡ଼ିତ କୃଷିଭିତ୍ତିକ, ସାମନ୍ତ ଭାବନା ପୀଷ୍ଟ ରାଜ୍ୟରେ କବିସତ୍ତା ସାମାଜିକ ସତ୍ତାର ରୂପାନ୍ତର ଘଟାଇବା ପରିବର୍ତ୍ତେ ସାମାଜିକ ସତ୍ତାର ସିଧାସଳଖ ଉପଜ ପାଲଟି ଯାଉଛି । ସ୍ଥିତାବସ୍ଥାର ପରିବର୍ତ୍ତନ ବଦଳରେ ସ୍ଥିତାବସ୍ଥା ସପକ୍ଷବାଦୀ ଭୂମିକା ପାଳନ କରୁଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ଅର୍ଥନୀତି ଓ ସମାଜ ସଂପୂର୍ଣ୍ଣ କୃଷିଭିତ୍ତିକ ଓ ସାମନ୍ତବାଦୀ ବି ନୁହେଁ । ଏଠି ବିଶ୍ୱପୁଞ୍ଜି ଓ ତାର ଭାବନାର ଅନୁପ୍ରବେଶ ଘଟି ସାରିଛି । ସଂସଦୀୟ ରାଜନୀତି ମଧ୍ୟ ଦେଇ ହେଉ ବା ଦେଶୀ ବିଦେଶୀ ପୁଞ୍ଜିର ଶିଳ୍ପକ୍ଷେତ୍ର ବା ସେବା କ୍ଷେତ୍ରରେ ବିନିଯୋଗ ମଧ୍ୟଦେଇ ହେଉ-ଏଠି ପୁଞ୍ଜିବାଦ ତାର ଦୁର୍ବଳ ରୁଗ୍‌ଣ ଓ ଅବକ୍ଷୟୀ ଚେହେରାକୁ ରୀତିମତ ପ୍ରଦର୍ଶନ କରି ଚାଲିଛି । ଏଠି ଲୋକ ବିସ୍ଥାପନ ବିରୁଦ୍ଧରେ ଲଢୁଛି ଓ ମରୁଛି; ଜିତୁଛି ଓ ହାରୁଛି, କିନ୍ତୁ ଆମ ଭାଷାର କବି ତହିଁ ମଧ୍ୟରେ ଶ୍ରେଣୀ ସଂଘର୍ଷର ଅଭାବ ଓ ପ୍ରାଚୁର୍ଯ୍ୟ କିଛି ବି ଲକ୍ଷ କରିପାରୁନି । ସମାଜରେ ନାରୀ ଓ ଆଦିବାସୀର ସ୍ଥିତି ସଂପର୍କରେ କବି ନୀରବ ଅଥବା ଅସ୍ପଷ୍ଟ ଧାରଣାର ଶୀକାର । ଶ୍ରୀରାଧାରେ ନାରୀ ପୁରୁଷ ସମ୍ପର୍କିତ ଧାରଣା, ଶବରୀରେ କାବ୍ୟ ନାୟିକାର

Digitized by PPRACHIN, SOA

ପୁରୁଷ ଆରାଧନା କବି ମନର ଅସ୍ପଷ୍ଟତାର ପରିଚାୟକ ।

ସାମାଜିକ ସତ୍ତାର ଅବିକଳ ନକଲ କରି ଓଡ଼ିଆ କବିତା ଓ କବିସତ୍ତା ସ୍ଥିତାବସ୍ଥା ସପକ୍ଷରେ ଛିଡ଼ା ହୋଇଛି । କେଉଁଠି କେମିତି କାଁଭାଁ କ୍ରାନ୍ତି ଭାବନା କବିସତ୍ତାକୁ ଆକୃଷ୍ଟ କରୁଛି । କିନ୍ତୁ ପରିବର୍ତ୍ତନ ଓ ପ୍ରତିବାଦ ଆମ ସାହିତ୍ୟର ମୁଖ୍ୟଧାରା ହୋଇ ପାରୁନି । ଓଡ଼ିଶାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଜୀବନରେ ପ୍ରତିକ୍ରିୟାଶୀଳ ଗୋଷ୍ଠୀର ପ୍ରାଦୁର୍ଭାବ ପରି ଓଡ଼ିଶାର ସାହିତ୍ୟିକ ଓ ସାଂସ୍କୃତିକ ଜୀବନ ପ୍ରବାହରେ ଦକ୍ଷିଣ ପନ୍ଥୀଙ୍କ ଦୌରାତ୍ମ୍ୟ ଲକ୍ଷ କରାଯାଇପାରେ । ପୁରସ୍କାର, ପ୍ରକାଶନ ଓ କାବ୍ୟ ଚିନ୍ତନରେ ସବୁଠି ଦକ୍ଷିଣ ପନ୍ଥୀମାନଙ୍କର ଦାଦାଗିରି । ଓଡ଼ିଶାର ସାହିତ୍ୟିକ ଓ ସାଂସ୍କୃତିକ ମଞ୍ଚରେ ବାମପନ୍ଥୀ ପ୍ରତିବାଦ ନାହିଁ କହିଲେ ଚଳେ ।

କବିସତ୍ତା ଯେ ସାମାଜିକ ସତ୍ତାର ପରିବର୍ତ୍ତନ ବା ରୂପାନ୍ତର ନ ଘଟାଇ ସାମାଜିକ ସତ୍ତାର ଅଂଶ ବିଶେଷ ହୋଇ ସ୍ଥିତାବସ୍ଥା ସପକ୍ଷରେ ସ୍ୱର ସୃଷ୍ଟି କରୁଛି, ଏଥିପାଇଁ ଦାୟୀ ଶାସକ ଶ୍ରେଣୀର ଅର୍ଥନୈତିକ, ସାମାଜିକ, ରାଜନୈତିକ ଆଧିପତ୍ୟ; ଯାହା ବୌଦ୍ଧିକ, ସାଂସ୍କୃତିକ ଆଧିପତ୍ୟକୁ ଜନ୍ମ ଦେଇଥାଏ । ସେ ଜଣେ କବି ଭାବରେ ଅସହାୟ କାରଣ ସେ ତାଙ୍କର ସାମାଜିକ, ସାଂସ୍କୃତିକ ପରିବେଶରୁ ଜନ୍ମ ନେଉଥିବା ଚିନ୍ତାଧାରାର ପ୍ରତିକ୍ରିୟାଶୀଳ ଅଂଶକୁ ପରିହାର ନକରି ତାକୁ ଗ୍ରହଣ କରି ନେଉଛନ୍ତି । ତାଙ୍କର କବିସତ୍ତା ସାମାଜିକ ସତ୍ତାର ଶିକାର ହେଉଛି । କବିସତ୍ତା ସାମାଜିକ ସତ୍ତାର ଶିକାର ନହୋଇ ସାମାଜିକ ସତ୍ତାର ରୂପାନ୍ତର ଆଣିପାରିବ କେବଳ ଏକ ସଂଘର୍ଷଶୀଳ ଜୀବନ ମାଧ୍ୟମରେ । ସଂଘର୍ଷ ମାଧ୍ୟମରେ କବିସତ୍ତା ସାମାଜିକ ସତ୍ତାର ରୂପାନ୍ତର ଘଟାଇବାକୁ ଯାଇ ସ୍ୱ-କବିସତ୍ତାକୁ ରୂପାନ୍ତରିତ କରିପାରିବ; ଯେଉଁ ରୂପାନ୍ତର ହିଁ କାଳଜୟୀ ସାହିତ୍ୟ ସୃଷ୍ଟିର ପ୍ରେରଣା ଓ ଉତ୍ସ ସଦୃଶ ହେବ ।

ସାମାଜିକ ସତ୍ତା ମଧ୍ୟରେ ବନ୍ଧାନପଡ଼ି ସାମାଜିକ ସତ୍ତାର ରୂପାନ୍ତର ଘଟାଇବା ମଧ୍ୟ ଦେଇ ସ୍ୱ-କବିସତ୍ତାର ରୂପାନ୍ତର ଘଟାଇବା କାର୍ଯ୍ୟଟି କବିର । କବି ତାହା କରୁ । ତାହା ସମ୍ଭବ ହେବ କେବଳ ଆତ୍ମ ସଚେତନ ହେବା ମଧ୍ୟ ଦେଇ । କବି ଆତ୍ମସଚେତନ ହେବା ଅର୍ଥ ସମାଜ ସଚେତନ ହେବା; ସମାଜ ସଚେତନତା ଇତିହାସ ସଚେତନତା ବିନା ଅସମ୍ଭବ; ଇତିହାସ ଚେତନା ଶ୍ରେଣୀ ଚେତନାକୁ ଆଧାର କରେ । ସମାଜରେ ବର୍ଣ୍ଣଭେଦ ଲିଙ୍ଗଭେଦ ଇତ୍ୟାଦି ବହୁ କିଛି ଭେଦଭାବ ରହିଛି । କଳ୍ପନାର କାରିଗରକୁ ଏ ସବୁ ଭେଦର କାରଣ କ'ଣ ବୁଝିବାକୁ ହେବ । ବାସ୍ତବ ଜୀବନ ସଂଗ୍ରାମ ସହ ବୌଦ୍ଧିକ ଜଗତରେ ଅବିରତ ସଂଗ୍ରାମ ବିନା ଜଣେ କବି ହେବା ଅସମ୍ଭବ । ବେଳେ ବେଳେ

Digitized by PPRACHIN, SOA

ବ୍ୟକ୍ତିଗତ ଜୀବନାନୁଭୂତିରୁ କାଁ ଭାଁ ଭଲ କବିତାଟିଏ ସମ୍ଭବ ହୋଇପାରେ । କିନ୍ତୁ ଏହା କବିସତ୍ତାର ରୂପାନ୍ତର ପାଇଁ ଯଥେଷ୍ଟ ନୁହେଁ । ଆତ୍ମ ସଚେତନ କବିଟି କବିସତ୍ତାର ସାମାଜିକ ସତ୍ତା ସହ ସମ୍ପର୍କକୁ ଚିହ୍ନିବାପାଇଁ ପ୍ରଥମେ ନିଜେ କିଏ ଓ କ'ଣ ଜାଣିବା ଦରକାର । ଉଦାହରଣ ସ୍ୱରୂପ ମୁଁ ଯଦି ଜଣେ ନାରୀକବି ପ୍ରଥମେ ମୁଁ ଲିଙ୍ଗଭେଦର ଦୁନିଆକୁ ଚିହ୍ନିବା ଦରକାର;-ପୁରୁଷ ସହ ମୋର ସମ୍ପର୍କ ମଧ୍ୟ ଦେଇ ପୁରୁଷ ପ୍ରାଧାନ୍ୟତା ଓ ପୁରୁଷ ଓ ପିତୃତାନ୍ତ୍ରିକ ବ୍ୟବସ୍ଥାର ବିଷମୟ ପରିଣତିକୁ ଜାଣିବା ଦରକାର, ଅଧିକନ୍ତୁ ମୋର ଜାଣିବା ଦରକାର ପୁରୁଷତନ୍ତ୍ର ସହ ପୁଞ୍ଜିତନ୍ତ୍ରର କିଛି ସାମଞ୍ଜସ୍ୟ ଅଛି କି ନାହିଁ ? ଏ ଦୁହେଁ ପରସ୍ପରର ପରିପୂରକ କି ନୁହଁ । ସର୍ବହରା ସହ ନାରୀ, ଦଳିତ ସହ ନାରୀର ସମ୍ପର୍କ ଓ ସ୍ଥିତି, ଐକ୍ୟ ଓ ବିରୋଧ କିଛି ଅଛି କି ନାହିଁ? ଜଣେ ଅମଲା କବି ଭୃତ୍ୟ ଭାବକୁ ପରିହାର ନକରି କବି ହୋଇପାରେ କି ? ସରକାରକୁ ଅବିରତ ଭୟ କରୁଥିବା କବି, ସାମାଜିକ ସ୍ୱୀକୃତି ପାଇଁ ବୈକଲ୍ୟ ଭୋଗୁଥିବା କବିଟି କବି ହୋଇପାରେ କି ? ହୀନମନ୍ୟତା, ଅଧିପତ୍ୟ କାମୀତା କବି ବ୍ୟକ୍ତିତ୍ୱକୁ ଖର୍ବ କରେ କି ନାହିଁ ? ଯୌକ୍ତିକତା ପ୍ରତି ଅନାଗ୍ରହ, ବ୍ୟକ୍ତିବାଦୀ ପ୍ରବଣତା, ଈଶ୍ୱରୀୟ ଭାବନା କବିସତ୍ତାର ଦୁର୍ବଳତା ନୁହଁ କି ? ପ୍ରକୃତି ଓ ସମାଜ ଆଗରେ କବି ନିଜକୁ ଅସହାୟ ମନେକରି କବିସତ୍ତାର ଉନ୍ମୀଳନ ଘଟାଇ ପାରେକି ?

ନାରୀ ମୁକ୍ତି ଶୀର୍ଷକ ଏକ କବିତା ସଂକଳନ ପ୍ରସ୍ତୁତି କରିବାର ଯାଇ ଏହି ଲେଖକ ଓଡ଼ିଆ ସାହିତ୍ୟରେ ୧୦୦ଟି ନାରୀ ମୁକ୍ତି ଭାବନାର କବିତା ପାଇ ପାରିଲାନି । ଅଥଚ ଈଶ୍ୱରୀୟ ଚେତନା ଓ ଯୌନ ଭାବନାମୂଳକ ୨ଟି କବିତା ସଂକଳନ କଲେ ତାର ପୃଷ୍ଠା ସଂଖ୍ୟା ଲକ୍ଷେରୁ ଅଧିକା ହୋଇଯିବ ।

ସାହିତ୍ୟକୁ ବଜାର, ସରକାର ଓ ଈଶ୍ୱର ଗ୍ରାସ କରିସାରିଛି । ଏସବୁ ବୁଝିବା ପାଇଁ ବ୍ୟକ୍ତିଗତ ଭାବରେ ମୋତେ ବେଶ୍ କିଛି ସଂଘର୍ଷ କରିବାକୁ ପଡ଼ିଛି । ମୋର କବିବନ୍ଧୁ ମାନଙ୍କଠାରୁ ମୋତେ ଏକୁଟିଆ ହେବାକୁ ପଡ଼ିଛି । ଜଣେ ଅଧ୍ୟାପକ ଓ ସରକାରୀ ଚାକିରିଆ ଭାବରେ ମୁଁ ନିଜକୁ ବୌଦ୍ଧିକ ଶ୍ରମ ବିକୁଥିବା ଶ୍ରମିକ ବୋଲି ଘୋଷଣା କରିଛି ଏବଂ ଏହି ପ୍ରକ୍ରିୟାରେ ମୁଁ ନିଜକୁ ଶୋଷିତ ହେଉଥିବା ମନେ କରିଛି । ଲେଖକ ଭାବରେ ମୁଁ ସ୍ଥିତାବସ୍ଥା ବିରୁଦ୍ଧରେ ବୈଷମ୍ୟ, ଶୋଷଣ ଓ ଅମାନବୟୀତା ବିରୁଦ୍ଧରେ ସ୍ୱର ଉତ୍ତୋଳ କରିଛି ।

ସାହିତ୍ୟ ସୃଷ୍ଟି ଲେଖକର ଏକ କର୍ମ, ଯେଉଁ କର୍ମ ଉପରେ ହାକିମାତି କରେ; ମାଲିକାନା ସତ୍ତ୍ୱ ଜାହିର୍ କରେ ବଜାର ଓ ସରକାର । ସାହିତ୍ୟ କର୍ମର ଉଦ୍‌ବୃତ୍ତକୁ

Digitized by PPRACHIN, SOA

ଆତ୍ମସାତ୍ କରେ ପ୍ରକାଶକ। ସାହିତ୍ୟିକର ଚେତନା ଓ ଭାବଧାରାକୁ ନିୟନ୍ତ୍ରିତ ଓ କବଳିତ କରେ ଶ୍ରେଣୀ ଶାସନ ଓ ଶ୍ରେଣୀ ସଂସ୍କୃତି । ସାହିତ୍ୟିକର ଭାଷା, ସଙ୍ଗୀତକାରର ସ୍ୱର, ଚିତ୍ରକର ତୂଳୀର କଳ୍ପନା, କଳାକାରର ଅଭିନୟ ସବୁ କିଛି ବର୍ତ୍ତମାନ ବଜାର ଓ ସରକାରଙ୍କର ନିୟନ୍ତ୍ରଣରେ ।

ସାହିତ୍ୟ ଓ ସାହିତ୍ୟିକ ବ୍ୟବସ୍ଥାର ଅଧୀନ । ବ୍ୟବସ୍ଥା ଯଦି ଠିକ୍ ଠାକ୍ ଚାଲିଥାନ୍ତା, ତାହେଲେ କବିସତ୍ତାକୁ ଆତ୍ମସଚେତନ ସାମାଜିକ ସଚେତନ ହେବାକୁ ପଡୁ ନଥାନ୍ତା । ବ୍ୟବସ୍ଥା ଭିତରେ ହଜାରେ ଅବ୍ୟବସ୍ଥା । ବ୍ୟବସ୍ଥାକୁ ଘୂଣ ଧରିଥିଲାବେଳେ, ବ୍ୟବସ୍ଥା ପତମାନ ସ୍ଥିତିରେ ଥିଲାବେଳେ କବିସତ୍ତାର ଦାୟିତ୍ୱ ନୁହଁ କି ସାମାଜିକ ସତ୍ତାର ପରିବର୍ତ୍ତନ ମଧ୍ୟ ଦେଇ କବିସତ୍ତାର ଉନ୍ମୀଳନ ? ମୁଁ କହୁଛି ବୋଲି ଆପଣମାନେ ଭୁଲ୍ ବୁଝିବେ । ମୋ ଧାରଣାରେ ମୁଁ ଏହା କହୁନାହିଁ - ମୋ ମାଧ୍ୟମରେ ଇତିହାସ ଏହା କରୁଛି, କହି ଚାଲିଛି ବା କହୁଥିବ ।

ମୋ ଭିତରର କବିସତ୍ତା ମଧ୍ୟରେ ଥିବା ସ୍ଥିତାବସ୍ଥା-ବିରୋଧୀ ଭାବନା କବି ଦୀନକୃଷ୍ଣଙ୍କ ଉତ୍ତରାଧିକାରତ୍ୱ । ଏକଦା ରୋମାଣ୍ଟିକ କବିମାନଙ୍କୁ କବି ସଚ୍ଚି ରାଉତରାୟ ପଦ୍ମଭୃକ୍ ବୋଲି ସମାଲୋଚନା କରି ତାଙ୍କର ଐତିହାସିକ ଦାୟିତ୍ୱ ନିର୍ବାହ କରିଥିଲେ। ଏବେ ମୁଁ କବିତା ୧୬୬୨ର କବି ସଚ୍ଚି ରାଉତରାୟଙ୍କ ବିପ୍ଲବ ପଥରୁ ପଳାୟନ ବିଷୟ ଉଲ୍ଲେଖ କରି ମୋର ଐତିହାସିକ ଦାୟିତ୍ୱ ନିର୍ବାହ କରୁନାହିଁ କି ?

ଆଧୁନିକ କବି ଏକାକୀତ୍ୱର ଯନ୍ତ୍ରଣା ଭୋଗେ କାହିଁକି ? ତା'ର କାରଣ ହେଲା ଆଧୁନିକ କବି ଆଧୁନିକ ମଣିଷର ବ୍ୟକ୍ତି କୈନ୍ଦ୍ରିକ ଭାବଧାରାକୁ ଆପଣେଇ ନେଇ ସମାଜ ଓ ପ୍ରକୃତି ଠାରୁ ନିଜକୁ ବିଚ୍ଛିନ୍ନ କରି ଦେଖେ । ଫଳତଃ ଆଧୁନିକ କବିତାର ନାୟକ ଏକାକୀତ୍ୱବୋଧ ଯନ୍ତ୍ରଣାର ବୋଝ ବୋହି ବୋହି ଆଧୁନିକ କବିକୁ ସମାଜ ବିଚ୍ଛିନ୍ନ କରି ଗଢ଼ି ତୋଳେ, ଯେଉଁଠି କବିତାର ମୃତ୍ୟୁ ହେବାସହ କବିର ମୃତ୍ୟୁଘଟେ । ସଂଘର୍ଷ ମଧ୍ୟରେ ଜୀବନକୁ ଖୋଜି ପାଇବାର ଭାଷା କବିତାରେ ନଥିବା ହେତୁ ଆଧୁନିକ କବି ଓ କବିସତ୍ତା ସାମାଜିକ ସତ୍ତାର ରୂପାନ୍ତର ଘଟାଇ ପାରେନା ।

ଆଜିର ଅଧିକାଂଶ କବି ସେମାନଙ୍କ ଦ୍ୱାରା ରଚିତ କବିତାର ଭାବଧାରା ନିକଟରେ ବନ୍ଧା ପଡ଼ିଥିବା ଲକ୍ଷ କରାଯାଏ । ଏହାର କାରଣ ହେଲା ସେମାନଙ୍କର କବିସତ୍ତା ସାମାଜିକ ସତ୍ତା ପାଖରେ ବନ୍ଧା ପଡ଼ିଥାଏ । ଏହି ବନ୍ଧନରୁ ମୁକ୍ତି ପାଇଁ କବିତା ସଂଘର୍ଷର କଥା କହିବ ।

ସାମାଜିକ ସଂଘର୍ଷ ସହ ଯୁକ୍ତ ହୋଇ କବି ସଂଘର୍ଷଶୀଳ ସାହିତ୍ୟ ସୃଷ୍ଟି କରିବ ।

Digitized by PPRACHIN, SOA

ସାମାଜିକ ସତ୍ତା ମଧ୍ୟରେ ସ୍ଥାଣୁତା ନୁହଁ ଚଳ ଚଞ୍ଚଳତାକୁ ବହନ କରିବ କବି ଓ କବିତା । ସମ୍ଭୋଗ ନୁହେଁ ତ୍ୟାଗ, ମୋକ୍ଷ ନୁହେଁ ମୁକ୍ତିର ବାର୍ତ୍ତାକୁ ବହନ କରିବା ମାଧ୍ୟମରେ କବିସତ୍ତା ଓ ସାମାଜିକ ସତ୍ତାର ଉତ୍ତରଣ ବା ରୂପାନ୍ତର ଘଟିବ । ନୂଆ ପ୍ରତୀକ ରୂପକ ମାଧ୍ୟମରେ ପୁରୁଣା ଚିନ୍ତା ଭାବନାର ପରିପ୍ରକାଶ ହିଁ ସାମ୍ପ୍ରତିକ ଓଡ଼ିଆ କବିସତ୍ତା ବା କବିତାର ସମସ୍ୟା । ଏହି ଦୁର୍ବଳତା ସାମାଜିକ ସତ୍ତାଠାରୁ କବି ଗ୍ରହଣ କରୁଛି । ସାମାଜିକ ସତ୍ତାର ଦୁର୍ବଳତା ସମ୍ପର୍କରେ ସଚେତନ ହେଲେ ବା ସାମାଜିକ ସତ୍ତା ମଧ୍ୟରେ ଥିବା ପ୍ରତିକ୍ରିୟାଶୀଳ ଚିନ୍ତା ଭାବନାକୁ ପରିହାର କଲେ କବିସତ୍ତା ସଠିକ୍ ଦିଶା ପ୍ରାପ୍ତ ହେବ । ଏହି ପ୍ରକ୍ରିୟାଟି ଦ୍ୱନ୍ଦ୍ୱାତ୍ମକ ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ନିଜକୁ ବିରୋଧ କରିବା ଅର୍ଥ ନିଜର ସାମାଜିକ ସ୍ଥିତି, (ତାହା ହୋଇପାରେ) ପ୍ରଭୁ ଓ ଦାସର ସ୍ଥିତିକୁ ବିରୋଧ କରିବା । ଏହାର ମାଧ୍ୟମରେ ହିଁ କବିସତ୍ତା ମଧ୍ୟରେ ଥିବା ସାମାଜିକ ସତ୍ତାର ଦୁର୍ବଳତାକୁ ଅତିକ୍ରମ କରାଯାଇପାରିବ । ତା ନକରି ପାରିଲେ ସମାଜ କବିକୁ କାବୁ କରି ରଖିବ । ସମାଜକୁ ନ ଚିହ୍ନି ପାରିବାର ଦୁର୍ବଳତାହେତୁ କବିସତ୍ତାର ଉତ୍ତରଣ ଅସମ୍ଭବ ହେବ । କବି ଅବକ୍ଷୟର ଶିକାର ହେବ; କବିତା କ୍ରାନ୍ତି ଓ କାଳଜୟୀ ଭାବନା ରହିତ ହେବ । କବିତାକୁ କ୍ରାନ୍ତିକାରୀ ଓ କାଳଜୟୀ କରି ଗଢ଼ି ତୋଳିବାକୁ ହେଲେ କବିସତ୍ତା ଓ ସାମାଜିକ ସତ୍ତାର ଉତ୍ତରଣ ଜରୁରୀ ।

▢▢

Digitized by PPRACHIN, SOA

କବିତାରେ ବ୍ୟକ୍ତି ଓ ବିଶ୍ୱ

ସହିତ ଭାବରୁ ସାହିତ୍ୟର ଉତ୍ପତ୍ତି ବୋଲି କୁହାଯାଇଥାଏ । ଏହି ସହିତ ଭାବଟି ସମାଜ ପ୍ରକୃତି ସହ ମଣିଷର ବାସ୍ତବ ଓ ଭାବଗତ ଆଦାନ ପ୍ରଦାନ ସଂପର୍କରୁ ସୃଷ୍ଟି ହୋଇଥାଏ । ଏହି ସଂପର୍କ ସାଧାରଣ ମଣିଷର ମନକୁ ଯେମିତି ଉଚ୍ଚକିତ କରିପାରେ କବି ଲେଖକଙ୍କ ମନକୁ ସେମିତି ଆକୃଷ୍ଟ କରେ । ସେଇଥିପାଇଁ କବି ଓ ଲେଖକମାନଙ୍କ କଲମରେ ସହିତ ଭାବନାର ନାଂଦନିକ ନର୍ଗମନ ସଂଭବ ହୋଇଥାଏ । ଏହି ନିର୍ଗମନ ପ୍ରକ୍ରିୟା ଭିତର ଦେଇ କବିତାରେ ବ୍ୟକ୍ତି ଓ ବିଶ୍ୱଭାବନାର ମୂଲ୍ୟାୟନ କରାଯାଇ ପାରେ ।

ବ୍ୟକ୍ତି ବିଶ୍ୱଭାବନାର ପ୍ରକାଶ କାଳରେ ପ୍ରକୃତି ସମାଜ (ସାମାଜିକ ସତ୍ତା) ମଣିଷ ମଧ୍ୟରେ ସଂଗଠିତ ହେଉଥିବା ସମସ୍ତ ଘଟଣାବଳୀ କବିତାରେ ପ୍ରକାଶିତ ହୁଏନା । ଏକ ବିଶେଷ ମୁହୂର୍ତ୍ତରେ ଏକ ବିଶେଷ ଘଟଣା ବା ଅନୁଭୂତି ଯେତେବେଳେ ନିର୍ଦ୍ଦିଷ୍ଟ ଭାବରେ କବିର ମନରେ ରେଖାପାତ କରେ ସେତେବେଳେ ସେଇ ଭାବନାର କଳାତ୍ମକ ଅଭିବ୍ୟକ୍ତି ହିଁ କବିତାରେ ସଂଗଠିତ ହୋଇଥାଏ । କିନ୍ତୁ ସମସ୍ତ କବିଙ୍କର ସମସ୍ତ କବିତାରେ ଘଟଣା ଅନୁଭୂତି ଯଥାର୍ଥ ରୂପେ ପାଠକର ଦୃଷ୍ଟି ଆକର୍ଷଣ କରି ପାରେନା । ଯେତେବେଳେ କବିତା ତା'ର ରୂପ, ରସ ବର୍ଣ୍ଣ, ଛଟାରେ ଯଥାର୍ଥରେ ପାଠକର ଦୃଷ୍ଟିକୁ ଆକର୍ଷିତ କରିଥାଏ ସେତେବେଳେ ସେଇ ନିର୍ଦ୍ଦିଷ୍ଟ ଭାବନାଟି ବିଶ୍ୱ ଭାବନାର ପ୍ରତିନିଧିତ୍ୱ କରେ ।

ବ୍ୟକ୍ତି ଓ ବ୍ୟକ୍ତିତ୍ୱକୁ ଆଧାର କରି କବିତାର ଉତ୍ପତ୍ତି ଘଟିଥାଏ । ପୁନଶ୍ଚ ସେଇ ବ୍ୟକ୍ତି ଓ ବ୍ୟକ୍ତିତ୍ୱ ଅନୁଭୂତି, ଆବେଗ ଓ ଭାବ ସଂଶ୍ଳେଷର ଏକ ବିଚିତ୍ର ସମାରୋହ । କବିତା ମାଧ୍ୟମରେ ବ୍ୟକ୍ତି ଓ ବ୍ୟକ୍ତିତ୍ୱର ଅନୁଭୂତି, ଆବେଗ ତଥା ଭାବ ସଂଶ୍ଳେଷଣର ବହିର୍ଗମନ ସେତେବେଳେ ସଂଗଠିତ ହୁଏ ଯେତେବେଳେ ଦୃଶ୍ୟ ଓ ଘଟଣାମାନେ ଏକ ବିଶେଷ ଧରଣର ମଣିଷ ଭିତରେ ବିଶେଷ ଭାବରେ ଆଲୋଡ଼ନ ସୃଷ୍ଟି କରଂତି । କିଂନ୍ତୁ ଏହି ବର୍ହିଗମନ ପ୍ରକ୍ରିୟାଟି ପୂର୍ଣ୍ଣତା ଲାଭ କରି ପାରେନା ଯଦି ଘଟଣା ଓ ଦୃଶ୍ୟ ରାଜିରେ

Digitized by PPRACHIN, SOA

ସାନ୍ଦ୍ରତା ନଥାଏ; ଅଥବା ଘଟଣା ଓ ଦୃଶ୍ୟକୁ ଗ୍ରହଣ ଓ ପ୍ରକାଶକାରୀ କବି ସେ ସବୁକୁ ଧରି ବ୍ୟକ୍ତ କରିବାର ସାମର୍ଥ୍ୟ ଅର୍ଜନ କରି ପାରେନାହିଁ । ସେଇଠି ହିଁ କବିତା ବା ଯେ କୌଣସି ସୃଜନଶୀଳ ସୃଷ୍ଟି ବ୍ୟକ୍ତି ଓ ବିଶ୍ୱବୋଧକୁ ତୋଳି ଧରିବାର କ୍ଷମତା ହରାଇ ବସେ । ଅଧିକଂତୁ କବିତାରେ ବ୍ୟକ୍ତିତ୍ୱର ଉତ୍ତରଣ ଓ ବିଶ୍ୱବୋଧର ଚୂଡାନ୍ତ ପ୍ରକାଶ ସେତେବେଳେ ହିଁ ସଂଭବ ହୁଏ ଯେତେବେଳେ କବିତା ଦେଶ, କାଳ, ପାତ୍ରର ସୀମାକୁ ଅତିକ୍ରମ କରିଯାଏ । କିନ୍ତୁ ସଚରାଚର ଲକ୍ଷ୍ୟ କରାଯାଇଥାଏ ଯେ, କବିତା ରେ ବ୍ୟକ୍ତି ଓ ବିଶ୍ୱଭାବନାର ସାଫଲ୍ୟ କ୍ୱଚିତ୍ କବିଙ୍କର ଭାଗ୍ୟରେ ଜୁଟିଥାଏ । ଯେଉଁ କବିତାରେ ବ୍ୟକ୍ତି ଓ ବିଶ୍ୱଭାବନାର ଯାଥାର୍ଥ ପ୍ରକାଶ ଘଟେ ସେ କବିତା ସେତେ ଅଧିକ ସଂବେଦନଶୀଳ ଓ ସଂଚରଣଶୀଳ ହୋଇଥାଏ । ଏଠାରେ କେତୋଟି କବିତା ପଂକ୍ତିର ନମୂନା ପେଶ୍ କରାଯାଉଛି । ପ୍ରଥମ କବିତା ପଂକ୍ତିଟି ରବୀନ୍ଦ୍ର ନାଥଙ୍କର

ଯଦି ତୋର ଡାକ ସୁନେ କେଉ ନାୟ ଆସେ- ତବେ ଏକଲା ଚଲୋରେ ।

କିମ୍ବା-

"Where there is pain
there am I
I my self am crusified."

– ମାୟା କୋଭସ୍କି

କିମ୍ବା ବାଲ୍ମିକୀଂକର-

"ମାଃ ନିଷାଦଃ ତ୍ୱମଗମ ଶାଶ୍ୱତୀ ସମା
ଯତ୍ କୌଂଚ ମିଥୁନା ଦେକମ୍ ମବଧି କାମ ମୋହିତମ୍"

କିମ୍ବା ଭୀମ ଭୋଇଂକର-

"ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

ଉପରୋକ୍ତ ଚାରିଟି କବିତା ପଂକ୍ତିରେ ପ୍ରକାଶିତ ମାନବୀୟ ସଂବେଦନାର ସ୍ୱର ସାର୍ବଜନୀନ ଓ ସଂଚରଣଶୀଳ । ଅଧିକିଂତୁ   ଉକ୍ତ କବିତା ପଂକ୍ତି ମାନଙ୍କରେ ପ୍ରକଟିତ ହୋଇଥିବା ଭାବନା ଦେଶ କାଳ ପାତ୍ର ସୀମାକୁ ଅତିକ୍ରମ କରିଯାଇଛି । ସେଇଥିପାଇଁ ଯେ କୌଣସି ପାଠକ ଉକ୍ତ ଚାରିଟି କବିତା ପଂକ୍ତିର ଉଭୟ ଆଂଗିକ ଓ ଆତ୍ମିକ ବିଭବ ପ୍ରତି ଆକର୍ଷିତ ହୋଇଥାଏ ।

ଗଠନ ଗତ ଦିଗରୁ ବିଚାର କଲେ କବିତାରେ ବ୍ୟକ୍ତି ଓ ବିଶ୍ୱର ସଂପର୍କ ବିଚ୍ଛିନ୍ନ

Digitized by PPRACHIN, SOA

ନୁହେଁ । ତାହା ଅଭିନ୍ନ । ସତେ ଯେମିତି ନିର୍ଦ୍ଦିଷ୍ଟ ଏକ ସତ୍ତାର ଅଂତରଂଗ ପ୍ରକାଶ । ତୁଳନାତ୍ମକ ଭାବରେ ବିଚାର କଲେ କବିତାରେ ବ୍ୟକ୍ତି ଓ ବିଶ୍ୱର ସଂପର୍କ ଯେମିତି ଆତ୍ମା ପରମାତ୍ମା, ସାକାର ନିରାକାରର ଧାରଣା ଭଳି ଜଟିଳ ଓ ରହସ୍ୟମୟ । ସେଇଥିପାଇଁ ବୋଧହୁଏ ସାର୍ଥକ କବିତାମାନଙ୍କରେ ଆନଂଦର ଏକ ରହସ୍ୟମୟ ପ୍ରତିଲିପିକୁ ଲକ୍ଷକରି ହୁଏ । କିଛିଟା ଉପଲବ୍‌ଧିର ସ୍ତରକୁ ଆଦ୍ର କଲାବେଳେ କବିତା ଅନିର୍ବଚନୀୟ ସଫଳତା ଲାଭ କରେ । କବିତାରେ ପରିବ୍ୟାପ୍ତ ସାମ୍ରାଜ୍ୟ ଭିତରକୁ ଜୀବନାନୁଭୂତିର ସୀମିତତା ହେତୁ ସାଧାରଣ ପାଠକଟିଏ ବେଳେ ବେଳେ ପ୍ରବେଶ କରି ପାରେନା । କେବଳ ସାଧାରଣ ପାଠକ ନୁହଁ, ସମାଲୋଚକମାନେ ମଧ କବିତା ଭିତରର ଅନ୍ତ ସତ୍ତାକୁ ଆବିଷ୍କାର କରିବାକୁ ଯାଇ ଅଧିକାଂଶ ସ୍ଥଳରେ ପରାଜୟ ବରଣ କରିଥାନ୍ତି । କେତେବେଳେ ହୁଏତ ସେମାନେ କବିତାଟିକୁ ବୁଝି ବ୍ୟକ୍ତି କରି ପାରନ୍ତିନି କିମ୍ବା କବିତା ଭିତରର ଗଭୀର ଓ କୋମଳ ଅନୁଭବକୁ ଭାଷାରେ ବ୍ୟକ୍ତ କରି ପାରନ୍ତିନି । ଉଦାହରଣ ସ୍ୱରୂପ ସେକ୍‌ସପୀୟର ତାଙ୍କର ମହାନ୍ ଟ୍ରାଜେଡି ମାନଙ୍କର ମଣିଷର ଅନ୍ତସତ୍ତାକୁ ଯେମିତି ଖିନ୍‌ଭିନ୍ କରି ଦେଖାଇ ଦେଇଛନ୍ତି ତା'ର ପ୍ରକୃତ ବ୍ୟାଖ୍ୟା ସକାଶେ ଇଂରେଜ ସାହିତ୍ୟରେ ରାଶିରାଶି ପୁସ୍ତକ ରଚିତ ହୋଇଥିଲେ ମଧ୍ୟ ସେକ୍‌ସପୀୟରୀୟ ପ୍ରତିଭାର ଅତଳ ଗଭୀରତାକୁ ସତେ ଯେମିତି ମପାଯାଇପାରିନି ଏପର୍ଯ୍ୟନ୍ତ । ଏହା ସୂଚାଇ ଦିଏ ଯେ ଏକ ଯଥାର୍ଥ ସୃଜନଶୀଳ ସୃଷ୍ଟିର ବ୍ୟାଖ୍ୟା ସମୟରେ ଉଭୟ ପାଠକ ଓ ସମାଲୋଚକ ଶବ୍‌ଦର ସୀମାବଦ୍ଧତାର ଶୀକାର ହେବାକୁ ବାଧ । ଏହାର କାରଣ କବିତାରେ ବ୍ୟକ୍ତି ଓ ବିଶ୍ୱର ପରିସର ବିସ୍ତୃତ ବ୍ୟାପକ ଓ ସୁଦୂର ପ୍ରସାରୀ । ଯଥାର୍ଥ କବିତାରେ କବିର ବ୍ୟକ୍ତି ଓ ବିଶ୍ୱ ସଂପର୍କିତ ଧାରଣା ସତେଯେମିତି ଦିଗ୍‌ବଳୟ ଭଳି ପରିବ୍ୟାପ୍ତ, ପ୍ରକୃତି ପରି ଉଦାର ଓ ମହାକାଳ ଭଳି ଅନଂତ । ସେଥିପାଇଁ ମହାନ୍ କବିତାମାନଙ୍କର ଭାବଧାରାକୁ ଅନୁଭବ କରି ହୁଏ ସିନା ବୁଝାଇ ହୁଏନା ।

"ଆମାର ଏ ଗାନ୍
କୋନୋଦିନ୍ ଶୁନିବେନା ତୁମି ଏସେ
ଆଜ ରାତ୍ରେ ଆମାର ଆହ୍ୱାନ
ଭେଷେ ଯାବେ ପଥେର୍ ବାତାସେ
ତବୁ ଓ ହୃଦୟେ ଗାନ୍ ଆସେ ।
ଡାକିବାର ଭାଷା
ତବୁଓ ଭୁଲିନା ଆମି

Digitized by PPRACHIN, SOA

ତବୁ ଭାଲୋବାସା
ଜେଗେ ଥାକେ ପ୍ରାନେ
ପୃଥିବୀର କାନେ
ନକ୍ଷେତ୍ରେର କାନେ
ତବୁ ଗାହି ଗାନ,
କୋନୋଦିନ ଶୁନିବେନା ତୁମି ତାହା
ଜାନି ଆମି
ଆଜ ରାତ୍ରେ ଆମାର ଆହ୍ୱାନ
ଭେଷେ ଯାବେ ପଥେର ବାତାସେ
ତବୁ ଓ ହୃଦୟେ ଗାନ୍ ଆସେ ।"

- ଜୀବନାନଂଦ

ଉପରୋକ୍ତ କବିତା ପଂକ୍ତିରେ ଥିବା ସୂକ୍ଷ୍ମ ଭାବଧାରାଟିକୁ କେବଳ ହୃଦୟ ଦେଇ ଉପଲବ୍ଧି କରିବା ଛଡ଼ା ଏହାର ମର୍ମବାଣୀକୁ ସତରେ କ'ଣ ଭାଷାରେ ବୁଝାଇ ହେବ । ବ୍ୟକ୍ତିଗତ ଅନୁଭବର କଥା କହି ବସୁଥିବା ଏହି କବିତାଟିକୁ ପଢ଼ିଲାବେଳେ ଭାବେ, 'ନୀଳ ଆକାଶରେ ପକ୍ଷୀଟିଏ ଉଡ଼ି ଉଡ଼ି ଯାଉଛି ତାର ପରମାନ ଝରି ପଡୁଛି ମୋ ଦେହରେ- ମୁଁ ତାକୁ ଦେଖି ପାରୁଛି ସତ କିନ୍ତୁ ସ୍ପର୍ଶ କରି ପାରୁନି । ତଥାପି ଏଇ ଦେଖିବାରେ କେତେ ସାର୍ଥକତା ତାହା ଅନୁଭବୀ ମାତ୍ରାଇ ଜାଣେ । ପୁଣି ବେଳେବେଳେ ମନେହୁଏ, 'କବିତା ଏକ ନାୟିକା-ଦେହକୁ ଯା'ର ବେଷ୍ଟନ କରିଛି ସୁନ୍ଦର ଶାଢ଼ିଟିଏ-ନାକରେ ତା'ର ଗୁଣା ଆଖିରେ କଟାକ୍ଷ ପାଦରେ ନୂପୁରର ସିଂଜିନୀ । ଦର୍ଶନମାତ୍ରେଇ ସେ ମୋ'ର ସମଗ୍ର ସତ୍ତାକୁ ଗ୍ରାସ କରି ଯାଉଛି । ବେଳେବେଳେ ମୋର ମନେହୁଏ କବିତା ମୋ'ର ମାନସପଟକୁ ଓହ୍ଲାଇ ଆସୁଛି ବରଫାବୃତ୍ତ ହିମାଳୟ ପର୍ବତରୁ ଶିତଳ ପବନର ସ୍ପର୍ଶ ଭଳି । ଯଥାର୍ଥରେ କହିବାକୁ ଗଲେ ପ୍ରକୃତ କବିତାର କୌଣସି କ୍ଷୟକାରୀ ପ୍ରଭାବ ନାହିଁ; ଇତିହାସର ଯେ କୌଣସି ପରିସ୍ଥିତିରେ ତାହା ଯେଉଁ ଚେତନା ବା ଅନୁଭୂତିକୁ ବହନ କରୁନା କାହିଁକି ?

ଜଣେ କବି ଭାବରେ କବିତାକୁ ନେଇ ଗତିଶୀଳ ହେବା ଭିତରେ ମନେହୁଏ ମୋ'ର ବ୍ୟକ୍ତିସତ୍ତାକୁ ଏପରି କିଛି ଗ୍ରାସ କରୁଛି, ଯତ୍‌ଦ୍ୱାରା କି ମୋ ଭିତରେ ମୁଁ ପୁର୍ନଗଠିତ ହୋଇ ଯାଇଛି । ସଂପୃକ୍ତ ପ୍ରକ୍ରିୟାଟି ହେଉଛି କବିତାରେ ବିଶ୍ୱ ଭାବନାର ଗଂଡି ଭିତରେ ବ୍ୟକ୍ତି ଭାବନାର ସଂପୃକ୍ତି ମଧ୍ୟଦେଇ ନିଜକୁ ଆନ୍ଦୋଳିତ ବିକଶିତ

Digitized by PPRACHIN, SOA

କରାଇବାର ପ୍ରକ୍ରିୟା । ଉଦାହରଣ ସ୍ୱରୂପ ଆମ ଭିତରେ ଥିବା ସ୍ୱାର୍ଥ ପ୍ରଣୋଦିତ ମାନସିକତାକୁ ସାମାନ୍ୟ ଚାରା ଗଛଟିଏ କିଭଳି ବିଦ୍ରୂପ କରିପାରେ ତାହା ସୁକାଂତଂକର 'ଚାରାଗଛ' କବିତା ଦେଇ ଦେଖିବାକୁ ମିଳିଥାଏ । କବିତାଟିର କିୟଦଂଶ ପରି ବେଷଣ କରିବା ପୂର୍ବରୁ କବିତାର କାହାଣୀ ଓ ବକ୍ତବ୍ୟ ସଂପର୍କରେ ସମ୍ୟକ୍ ସୂଚନା ଦେଉଛେ-

ଛୋଟ ଚାରା ଗଛଟିଏ ନିଜକୁ ଜାହିର କରି କହୁଛି ମାଟି ଫଟାଇ ଆତ୍ମପ୍ରକାଶ ପରଠାରୁ:- ସେ ଜଡ଼ ନୁହଁ ମୃତ ନୁହେଁ ଅଥବା ଅଂଧକାରର ଖଣିଜ ପଦାର୍ଥ ନୁହେଁ । ସେ ହେଉଛି ଗୋଟିଏ ଜୀବନ୍ତ ପ୍ରାଣ ଓ ଏକ ଅଂକୁରିତ ବୀଜ । ମାଟି ଦ୍ୱାରା ଲାଳିତ ପାଳିତ ହୋଇ ଆକାଶର ଡାକରେ ସେ ଆଜି ତାର ସଂଦିଗ୍ଧ ଆଖକୁ ମେଲି ଦେଇଛି-ଯେଉଁଠି ସେ ଦେଖି ପାରୁଛି ଆଲୋକ ଓ ସବୁଜିମାର ବିଶାଳ ଶୋଭାଯାତ୍ରା । ମହା ବିଶ୍ୱର ମହାପ୍ରକୃତି ଭିତରର ଏହି ବିଶାଳତାକୁ ଲକ୍ଷ୍ୟ କରି କ୍ଷୁଦ୍ର ଚାରା ଗଛଟି ନିଜ ଭିତରର ବିଶାଳତାକୁ ଅନୁଭବ କରିଛି ଓ ତାର ହୃଦୟ ବିଶାଳ ହୋଇ ଉଠିଛି । ସମସ୍ତ ଆଶା ଆକାଂକ୍ଷା ସତ୍ତ୍ୱେ ବି ଭୟରେ ମଉଳି ଯାଉଛି ତା'ର ମନ । ସେ ଲକ୍ଷ୍ୟ କରିପାରୁଛି; ଦିନେ ସେ ବଡ଼ ହେବ । ସେତେବେଳେ ତା'ର ସମଗ୍ର ଶରୀର ଫଳଫୁଲ ଓ ସବୁଜିମାରେ ଭରିଯିବ । ଯେଉଁ ଫଳ, ଫୁଲ ଓ ସବୁଜିମାକୁ ଦାନ କରାଇ ମଣିଷକୁ ସେ ଖୁସୀ କରାଇ ପାରିବ । ଏ ସବୁ ସତ୍ତ୍ୱେ ମଣିଷର ନିର୍ମମ କୁଠାର ଦିନେ ତା'ର ପାଦକୁ ସ୍ପର୍ଶ କରିବ । କିନ୍ତୁ ସ୍ପର୍ଶ କରିବା ମାତ୍ରେ ମାଟିର ସଂତାନ ଚାରାଗଛ ନିଜକୁ ନିରବଚ୍ଛିନ୍ନ ଭାବରେ... ନିଶେଷଃ କରିଦେବ ଓ ଏକଇ ମାଟିର ସଂତାନ ମଣିଷ ପାଇଁ ତା' ଜୀବନର ଶ୍ରେଷ୍ଠ ସଂଚୟ ଫଳ, ଫୁଲ, ପକ୍ଷୀର କୂଜନ ଦାନ କରି । ଏଇ ହେଉଛି ଚାରାଗଛଟିର ଅଂଗୀକାର ମଣିଷ ପ୍ରତି-

"ସେଦିନ୍ ଛାୟାଯେ ଏସେ ହାନୋ ଯଦି କଠିନ୍ କୁଠାରେ
ତବୁଓ ତୋମାୟେ ଆମି ହାତଛାନି ଦେବୋ ବାରେ ବାରେ
ଫଲ୍ ଦେବୋ ଫୁଲ ଦେବୋ ଦେବୋ ଆମି ପାଖିର କୂଜନ
ଏକଇ ମାଟିତେ ପୁଷ୍ଟ ତୋମାଦେର ଆପନାର ଜନ ।।"

- ସୁକାଂତ ଭଟ୍ଟାଚାର୍ଯ୍ୟ (ଚାରାଗଛ)

ଉକ୍ତ କବିତାରେ ସୁକାଂତ ଏକ ଉଦାର ମାନବତାବାଦୀ ବିଶ୍ୱ ଭାବନାରେ ପ୍ରକାଶ ଘଟାଇଛନ୍ତି । ଏହି ଉଦାର ମାନବତାବାଦୀ ଭାବନାର ବିପରୀତରେ ଆଉ ଏକ ବିଶ୍ୱଭାବନାର ପ୍ରକାଶ ମନକୁ ଆନ୍ଦୋଳିତ କରେ ରବୀନ୍ଦ୍ରନାଥ ଯେତେବେଳେ ନିଜକୁ ଜଣେ ବିପ୍ଳବୀମାନବତାବାଦୀ ଭାବରେ ଜାହିର କରି ବସଂତି ନିଜର 'ପ୍ରଶ୍ନ' କବିତାରେ-

Digitized by PPRACHIN, SOA

"ଯାହାର । ତୋମାରେ ବିଷାୟିଛେ ବାୟୁ
ନିଭାଇଛେ ତବ ଆଲୋ
ତୁମିକି ତାଦେଊ କ୍ଷମା କରେ ଆଛୋ
ତୁମକି ବେସେଛ ଭାଲୋ !" ପ୍ରଶ୍ନ- ରବୀନ୍ଦ୍ରନାଥ

ସୁକାନ୍ତଙ୍କ 'ତାରାଗଛ' କବିତାରେ ବିଶ୍ୱବୋଧ ରବୀନ୍ଦ୍ର ନାଥଙ୍କ 'ପ୍ରଶ୍ନ' କବିତାର ବିଶ୍ୱ ବୋଧ ସେଇ ଏକଇ ଲକ୍ଷ ଆଡ଼କୁ ପ୍ରଧାବିତ ହେଉଥିଲେ ମଧ୍ୟ ଏହାର ଭୂମି କିନ୍ତୁ ଅଲଗା ଅଲଗା । ଏଇଠି ହିଁ କବିତାରେ ବିଶ୍ୱ ଭାବନାର ବୈଚିତ୍ର୍ୟ । କବି ବ୍ୟକ୍ତିତ୍ୱର କ୍ୟାମେରାରେ ବିଶ୍ୱ ଭାବନାର ପ୍ରତିଫଳନ ଏଇଥିପାଇଁ ସ୍ୱତଂତ୍ର ଓ ମୌଳିକ । କବିତା ଯେହେତୁ କୌଣସି ଛିନ୍ନମୂଳ ନିରାକାର ନୁହଁ ତେଣୁ କବିତାର ସାଫଲ୍ୟ ଏହାର ସାକାରତ୍ୱ ଉପରେ ନିର୍ଭରଶୀଳ । କବିତାରେ ଦିଗ୍‌ବଳୟସମ ବିଶ୍ୱଭାବନାର ଆବିର୍ଭାବ ଘଟେ ତା'ର ସାକାରତ୍ୱ ଭିତରୁ ଏବଂ ସେତିକିବେଳେ ଆମେ କବିତାର ସାକାର ରୂପୀ ବ୍ୟକ୍ତି ଓ ବିଶ୍ୱଭାବନାର ସାଫଲ୍ୟ ଲକ୍ଷ୍ୟ କରୁ ଯେତେବେଳେ କବିତା ଏକ ସ୍ୱୟଂସଂପୂର୍ଣ୍ଣ ସଜିବ ସତ୍ତା ରୂପେ ସମଗ୍ର ବିଶ୍ୱ ରହସ୍ୟର ଏକ ନିର୍ଦ୍ଦିଷ୍ଟ ଇଲାକାକୁ ଚକିତ ଉଦ୍‌ଭାଷିତ କରେ । ବ୍ୟକ୍ତିତ୍ୱର ବିନା ଦ୍ୟୁତିରେ କବିତା ସାଫଲ୍ୟ ସମ୍ଭବ ନୁହ । ଏହା ପ୍ରତ୍ୟେକ ସଫଳ କବିତାରେ କବିଙ୍କର ବିଶାଳ ବ୍ୟକ୍ତିତ୍ୱର ସୂକ୍ଷ୍ମ ଆତ୍ମ ପ୍ରକାଶ ହିଁ ସୂଚାଇ ଥାଏ । ଏହାରି ଭିତରୁ ଶୈଳୀର ଜନ୍ମ । ଶୈଳୀର ସୋପାନରେ ଚଢ଼ି ବିଷୟବସ୍ତୁର ପରିସରକୁ ସମାକୀର୍ଣ୍ଣ କଲାବେଳେ - କବିତାରେ ବ୍ୟକ୍ତି ଓ ବିଶ୍ୱର ଯୁଗନଦ୍ଧ ରୂପଟି ଆବିଷ୍କୃତ ହୋଇଥାଏ-ଯେଉଁଠି ଦୁଇଟି ସତ୍ତା ଏକିଭୂତ ହୋଇଯାଉଥିବାର ଲକ୍ଷ୍ୟ କରାଯିବ ଗୋଟାଏ ସତ୍ତା ଦେହରେ । ଯେଉଁ ସତ୍ତା ସ୍ୱୟଂସଂପୂର୍ଣ୍ଣ ଓ ଏକକ । ସେଥିପାଇଁ ଶୈଳୀ ସଂପର୍କରେ ଯାଥାର୍ଥରେ ମାର୍କସ କହିଛନ୍ତି- "Style is the Man" । ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ତା'ର ସମଗ୍ର ଚେହେରା ଓ ଜୀବନଭଂଗୀରୁ ଯେମିତି ଫୁଟି ଉଠିଥାଏ; ସେମିତି କବିତା ତା'ର ଭାଷା ଓ ଶୈଳୀ ଦ୍ୱାରା ନିଜସ୍ୱ ମୌଳିକିକତାରେ ବିମଣ୍ଡିତ ହୁଏ । ତେଣୁ ପ୍ରତ୍ୟେକ ସଫଳ କବିତାରେ ଶୈଳୀର ସ୍ୱାତଂତ୍ର୍ୟ ଏକ ଲକ୍ଷ୍ୟଣୀୟ ବିଷୟ । କବିତାର ଶୈଳୀ କିନ୍ତୁ ସ୍ଥିର ନୁହଁ ସମୟର ପରିବର୍ତ୍ତନ ଅନୁସାରେ ଶୈଳୀର ପରିବର୍ତ୍ତନ ଘଟେ-ଯେଉଁ ପରିବର୍ତ୍ତନ ଦ୍ୱାରା ଶୈଳୀର ଶିଡିରେ ଚଢ଼ି ବିଶ୍ୱଭାବନାର ସଫଳ ରୂପାୟନ ସଂଭବ ହୋଇଥାଏ କବିତାରେ; ଅପର ପକ୍ଷରେ କବିତାରେ ବ୍ୟକ୍ତି ଓ ବିଶ୍ୱ ଭାବନାର ସଫଳ ପ୍ରକାଶ ମାନେଇ ଶୈଳୀ ଓ ବିଷୟ ବସ୍ତୁର ସଫଳ ପ୍ରକାଶ । ଶୈଳୀ ଆଲୋଚନା ପ୍ରସଂଗରେ ପରିଶେଷରେ ଏତିକି କୁହାଯାଇ ପାରେ ଯେ ଶୈଳୀ ହେଉଛି କବିତାର ସାକାରତ୍ୱ

Digitized by PPRACHIN, SOA

ଯାହା ସ୍ଥାନ, କାଳ, ପାତ୍ର ବ୍ୟବଧାନରେ ରୂପ, ରସ, ବର୍ଣ୍ଣ ଛଟାରେ ବିଶ୍ୱ ପ୍ରକୃତିର ଗଭୀର ପ୍ରତିଲିପିକୁ ଅଧିକ ବିସ୍ମୟାବିଭୂତ କରି ଗଢ଼ି ତୋଳିବା ମଧ୍ୟ ଦେଇ ପାଠକର ମନକୁ ଆଚ୍ଛନ୍ନ କରିଥାଏ ।

ଗୋଟାଏ କଥା ମନେ ରଖିବାକୁ ହୁଏ ଯେ ଶୈଳୀ ଯେହେତୁ ବ୍ୟକ୍ତିତ୍ୱର ପରିଚାୟକ ତେଣୁ ଶୈଳୀ ସଫଳ ଅର୍ଥ ବ୍ୟକ୍ତିତ୍ୱ ସଫଳ । ଏକ ଖଣ୍ଡିତ ବ୍ୟକ୍ତିତ୍ୱ ନୁହଁ ସ୍ୱୟଂ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ହିଁ ସ୍ୱୟଂ ସଂପୂର୍ଣ୍ଣ ଶୈଳୀକୁ ଜନ୍ମଦିଏ । ଏକ ଦିଗରୁ ବିଚାର କଲେ କବିର ବ୍ୟକ୍ତିତ୍ୱ ସାମାଜିକ ବ୍ୟକ୍ତିତ୍ୱର ଅଂଶ ବିଶେଷ; ଯାହା ଐତିହାସିକ ବିବର୍ତ୍ତନ ପ୍ରକ୍ରିୟା ଭିତର ଦେଇ ନାନା ଭାବରେ ନିଜକୁ ଗଢି ଚାଲିଥାଏ ଓ ଭାଙ୍ଗି ଚାଲିଯାଏ । ଏହି ଭଂଗା ଗଢ଼ା କାର୍ଯ୍ୟରେ ଭାଗ ନେଲା ବେଳେ ଯେଉଁ ବ୍ୟକ୍ତିତ୍ୱ ବିଶ୍ୱ ଭାବନାକୁ ଯେତେ ସଫଳ ଭାବରେ ବ୍ୟକ୍ତ କରେ ତା'ର ଶୈଳୀ ସେତେ ଉଚ୍ଚକୋଟୀର । ପ୍ରୟୋଗର ଅସଫଳତା ହେତୁ ବିଶ୍ୱ ଭାବନା ଯେତେବେଳେ ଖଣ୍ଡିତ ହୁଏ ସେତେବେଳେ ଧରି ନେବାକୁ ପଡ଼େ ଯେ କବିର ବ୍ୟକ୍ତିତ୍ୱ ଖଣ୍ଡିତ ଓ ଖର୍ବ । କବି ଖର୍ବତାର ଶୀକାର ନହୋଇ ନିଜକୁ ଏକ ସ୍ୱୟଂ ସଂପୂର୍ଣ୍ଣ ସ୍ୱତନ୍ତ୍ର ବ୍ୟକ୍ତିତ୍ୱରେ ରୂପାନ୍ତରିତ କରିବାକୁ ହେଲେ ତାକୁ କେତୋଟି ଜିନିଷ ଉପରେ ଗୁରୁତ୍ୱ ଦେବାକୁ ହୋଇଥାଏ; ତାହା ହେଲା ଜିଗୀଷା, ଜିଜ୍ଞାସା, ବିଧାନ, ବିଶ୍ଳେଷଣ, ମନନ, ଉପଲବ୍ଧି, ଅଭିବ୍ୟକ୍ତି ଓ ଭାଷା । ଉପରୋକ୍ତ ସାଧନ ମାନଙ୍କର ସଫଳ ଅନ୍ୱେଷଣ କରି ପାରିଲେ କବି ବ୍ୟକ୍ତିତ୍ୱ ହୁଏ ସବୁଜ ଓ ସତେଜ । କବିତା ହୁଏ ଅନନ୍ୟ ଓ ଅନବଦ୍ୟ ।

ପୃଥିବୀରେ ଏପରି କିଛି ଅନନ୍ୟ ଓ ଅନବଦ୍ୟ କବିତା ଅଛି ଯାହା ସବୁକାଳର ପାଠକକୁ ଅନୁପ୍ରେରିତ କଲାଭଳି...। ଉଦାହରଣ ସ୍ୱରୂପ ଓମର ଖାୟାମଂକ ରୁବାୟତ । ପ୍ରଜ୍ଞା ଓ ଦାର୍ଶନିକ ଅଭିବ୍ୟକ୍ତି ଜରିଆରେ ସୁଫୀ ଦର୍ଶନର ପାଉଁଶ ଗଦା ଭିତରୁ ଆଜକୁ ଆଠଶହ ବର୍ଷ ତଳେ ସୀମିତ ଶବ୍ଦ ବ୍ୟବହାର ପୂର୍ବକ ଓମର ଖାୟାମ ଯେଉଁ ଅପୂର୍ବ ସାହିତ୍ୟ ସୃଷ୍ଟି କରିଛନ୍ତି ବିଶ୍ୱ ସାହିତ୍ୟରେ ତାର ତୁଳନା ବିରଳ । ସମସ୍ତ ବେଦନା ବିରୁଦ୍ଧରେ ରୁବାୟତ ବଂଚିବାର ଏକ ଅନିର୍ବଚନୀୟ ଆନନ୍ଦର ଉତ୍ସ ସଂଧାନ କରି ପାରିଛି । ରୁବାୟାତ ଉଭୟ ଦର୍ଶନ ଓ କବିତା ଭାବରେ ଯେଉଁ ପରିମାଣରେ ଉଚ୍ଚକୋଟୀର ତାହା କ୍ୱଚିତ କବିତାରେ ଦୃଷ୍ଟିଗୋଚର ହୁଏ । ରୁବାୟାତ କବିତାରେ ବିଶ୍ୱଭାବନାର ପ୍ରକାଶ ଏତେ ବ୍ୟାପକ ଓ ସୁଦୂର ପ୍ରସାରୀ ହୋଇ ପାରିଛି ଯେ-ଯେଉଁଠି ବିଷୟବସ୍ତୁ, ଶୈଳୀ ଓ ବକ୍ତବ୍ୟର ଏକ ଅପୂର୍ବ ଏକମୁଖୀନତା ଲକ୍ଷକରାଯାଏ । ରୁବାୟତକୁ ଆଖି ଆଗରେ ରଖି ବିଚାରକଲେ ମନେହୁଏ ଯେ ପୃଥିବୀର ଅଧିକାଂଶ କବିଙ୍କର କବିତା

Digitized by PPRACHIN, SOA

ଖାୟେମୀୟ ଶୀର୍ଷତାକୁ ସ୍ପର୍ଶ କରି ପାରୁ ନଥିବା ହେତୁ ତାହା ଖଂଡ଼ିତ ଓ ଅସଂଫଳ ହୋଇ ପଡ଼େ । କେବଳ ତୁଳନାତ୍ମକ ଅଧ୍ୟୟନ ମାଧମରେ ଏ ସଂପର୍କରେ ଏକ ପରିଚ୍ଛନ୍ନ ଧାରଣା ସଂଭବ । ବିଶ୍ୱ ସାହିତ୍ୟର ଶ୍ରେଷ୍ଠ କୃତୀମାନଙ୍କ ସହ (ଯେଉଁଥିରେ ବିଶ୍ୱଭାବନାର ଚୂଡ଼ାନ୍ତ ପ୍ରକାଶ ଘଟିଛି) ଅନ୍ୟାନ୍ୟ ରଚନାର ତୁଳନା କଲେ ତାହା କେତେଦୂର ଆଂଚଳିକ ତଥା ସୀମିତ ଓ ସୀମାବଦ୍ଧ ତାହା ସହଜରେ ଧରା ପଡେ । ସେ ଦୃଷ୍ଟିକୋଣରୁ ବିଚାର କଲେ ପୃଥିବୀର ବିଭିନ୍ନ ଭାଷାରେ ସୃଷ୍ଟି ହେଉଥିବା ଅଧିକାଂଶ କବିତା ବା ସାହିତ୍ୟ ଆଂଚଳିକ ହେବା ସହ ଏ ସମସ୍ତ ସାହିତ୍ୟରେ ଜାତୀୟତା, ବିପ୍ଳବ, ପ୍ରେମ, ମାନବତା ଇତ୍ୟାଦିର ଭାଷିକ ପ୍ରୋପାଗଂଡ଼ା ହିଁ କରାଯାଇଥାଏ-ଯାହା ବିଶ୍ୱ ଭାବନାର ଦୂରବର୍ତ୍ତୀ ।

□□

Digitized by PPRACHIN, SOA

ଆଧୁନିକ ଓ ପ୍ରଗତିଶୀଳ କବିତାରେ ସମସ୍ୟା ଓ ସଂକଟ : କବି ସଚ୍ଚି ରାଉତରାୟଙ୍କ କବିତା ଏକ ଆକଳନ

କୋଣାର୍କ-୧୧୬ତମ ସଂଖ୍ୟାରେ, 'ଆଧୁନିକତା ଓ ପ୍ରଗତିଶୀଳତାର ଦ୍ୱନ୍ଦ୍ୱ ଓ ଆମ ସମୟ' ପ୍ରବନ୍ଧରେ ମୁଁ କହିଥିଲି ଯେ, "ଆଧୁନିକ ସାହିତ୍ୟ ଆଙ୍ଗିକ ବିପ୍ଳବ ଜରିଆରେ ଆମ୍ନିକ ପରାକାଷ୍ଠା ଦେଖାଇବାର ପ୍ରୟାସ କଲାବେଳେ, ପ୍ରଗତିଶୀଳ ସାହିତ୍ୟ ଆତ୍ମିକ ବା ଭାଗବତ ତୀବ୍ରତା ସୃଷ୍ଟି ଜରିଆରେ ସାମାଜିକ ଓ ଭାବରେ ପ୍ରୟୋଜନୀୟ ଆଂଗିକ (Socially necesssary from) କୁ ଆଦରି ନେଇଥାଏ ।" କାବ୍ୟ ବ୍ୟକ୍ତିତ୍ୱ ସଂପର୍କରେ ମାର୍କସଙ୍କର , 'ଶୈଳୀ ହିଁ ମାନବ', 'Style is the man' ଏକ ନାନ୍ଦନିକ ଭାବଧାରା । ଏତଦ୍ ବ୍ୟତୀତ ମାର୍କସବାଦରେ 'ପ୍ରାକ୍ସିସ' 'PRAXIS' ବୋଲି ଏକ ଦାର୍ଶନିକ ଚିନ୍ତା ନିର୍ଯ୍ୟାସ ମଧ୍ୟ ଦେଖିବାକୁ ମିଳିଥାଏ । 'ପେଡ଼ାଗଗି ଅଫ୍ ଦି' ଅପ୍ରେସ୍ଡ଼' (Pedagogy of the oppresssed) ପୁସ୍ତକରେ ପଲ୍ ଫ୍ରିଆରି (Paul Freire) "ପ୍ରାକ୍ସିସ୍" ସଂପର୍କିତ ଧାରଣାକୁ ଏହିଭଳି ଭାବରେ ଥୋଇବାକୁ ଚେଷ୍ଟା କରିଛନ୍ତି, ଯଥା-

Action
Reflection } word = work = praxis

କ୍ରିୟା
ପ୍ରତିଫଳନ } ଶବ୍ଦ = କାର୍ଯ୍ୟ = ପ୍ରକ୍ରିୟା ବା ଚିନ୍ତାନୁକ୍ରିୟା

ଫ୍ରିଆରିଂକ ମତରେ-

Sacrifice of action = verbalism

କ୍ରିୟା ବିହୀନ ପ୍ରତିଫଳନ = ବାଗାଡ଼ମ୍ବର

Digitized by PPRACHIN, SOA

ସେହିପରି-

Sacrifice of reflection = Activism

ପ୍ରତିଫଳନ-ବିହୀନ କ୍ରିୟା = ଯାନ୍ତ୍ରିକ କ୍ରିୟା

(P.O., Page-61)

ଚିନ୍ତା > କ୍ରିୟା > ପ୍ରତିଫଳନର (Thoughts > Action> Reflection) ସମଗ୍ର ପ୍ରକ୍ରିୟାଟି ହେଉଛି-ଚିନ୍ତାନୁକ୍ରିୟା-କ୍ରିୟାନୁଚିନ୍ତା ବା 'ପ୍ରାକ୍‌ସିସ' (Praxis) । ବାସ୍ତବରେ "ପ୍ରାକ୍‌ସିସ୍" କେବଳ ଚିନ୍ତାନୁକ୍ରିୟା ବା କ୍ରିୟାନୁଚିନ୍ତା ନୁହେଁ ବରଂ 'ପ୍ରାକ୍‌ସିସି'ର ପ୍ରକୃତ ଅର୍ଥ ମୁକ୍ତ ଚିନ୍ତାନୁକ୍ରିୟା ବା କ୍ରିୟାନୁଚିନ୍ତା ବା ମୁକ୍ତ ପ୍ରକ୍ରିୟା । ମାର୍କସବାଦର 'ପ୍ରାକ୍‌ସିସ୍'କୁ ସ୍ୱୟଂସୃଜନକ୍ଷମ କ୍ରିୟା ବା "Self Creative Action" ବୋଲି କୁହାଯାଏ । ଭାରତୀୟ ନଂଦନତତ୍ତ୍ୱରେ, "ନବଃ ନବଃ ଉନ୍ମେଷ-ଶାଳିନୀ ପ୍ରଜ୍ଞା" କିଛିଟା ଏହି ପର୍ଯ୍ୟାୟର । କୌଣସି ବୈଜ୍ଞାନିକ ଆବିଷ୍କାର ବା ସାମାଜିକ ବିପ୍ଳବ ଓ ଯଥାର୍ଥ ସୃଜନଶୀଳ କଳାକର୍ମ "ପ୍ରାକ୍‌ସିସ୍'ର 'କରିସ୍ମା' । 'ପ୍ରାକ୍‌ସିସ୍' ସଂପର୍କରେ ବିଶେଷ ବୋଧଗମ୍ୟତା ସକାଶେ ଫ୍ରିଆରୀଙ୍କ ନିମ୍ନୋକ୍ତ ମନ୍ତବ୍ୟ ପଣିଧାନ ଯୋଗ୍ୟ । ଯଥା- "ନିରବତା ମଧ୍ୟରୁ ମଣିଷ ତିଆରି ହୋଇ ନଯାଏ; ମଣିଷ ସର୍ଜନା ତା'ର ଶବ୍ଦ > କର୍ମ > କ୍ରିୟା > ପ୍ରତିଫଳନ ମଧ୍ୟଦେଇ ସଂଭବ ହୁଏ । (Man is not built in silence but in world, work action and reflection- P.O. page-61) । ମାର୍କସଙ୍କର, "ଶୈଳୀ ହିଁ ମାନବ" (Style is the man) ବା ମାର୍କସ୍‌ବାଦର ମୁକ୍ତ ଚିନ୍ତା-କ୍ରିୟା-ପ୍ରତିଫଳନ (PRAXIS) ଓ ଭାରତୀୟ ନନ୍ଦନତତ୍ତ୍ୱର 'ନବଃ ନବଃ ଉନ୍ମେଷ-ଶାଳିନୀ ପ୍ରଜ୍ଞା' ଆଦି ବିଚାରକୁ ମାଧ୍ୟମ (Method) ଭାବରେ ଗ୍ରହଣ କରି ଏହି ପ୍ରବନ୍ଧରେ ଓଡ଼ିଆ ଆଧୁନିକ ଓ ପ୍ରଗତିଶୀଳ ସାହିତ୍ୟର ସମସ୍ୟା ଓ ସଙ୍କଟକୁ ଠାବ କରିବାର ଉଦ୍ୟମ ହୋଇଛି । ପ୍ରବନ୍ଧର କଳେବରକୁ ସଂକ୍ଷିପ୍ତ ରଖାଯିବା ସକାଶେ ଏହି ଆଲୋଚନାରେ ସାହିତ୍ୟରେ ଏକମାତ୍ର ବିଭାଗ କବିତା, ତାହା ପୁଣି ସଚ୍ଚିରାଉତରାୟଙ୍କ କବିତା ଓ ତାଙ୍କ କାବ୍ୟ-ବ୍ୟକ୍ତିତ୍ୱର ବ୍ୟାଖ୍ୟା ମାତ୍ର ହୋଇଛି । ପ୍ରବନ୍ଧଟି ଉପରୋକ୍ତ ବିଷୟକୁ ନେଇ ଏକ ପୂର୍ଣ୍ଣାଙ୍ଗ ପୁସ୍ତକ ରଚନାର ପ୍ରଥମ ପ୍ରୟାସ । ଏହାର ପରବର୍ତ୍ତୀ ପର୍ଯ୍ୟାୟରେ ସଚ୍ଚି ରାଉତରାୟଙ୍କ ବ୍ୟତୀତ ଅନ୍ୟାନ୍ୟ ଅନେକ ଆଧୁନିକ-ପ୍ରଗତିଶୀଳ କବିଙ୍କର କବିତା ଓ କାବ୍ୟ ବ୍ୟକ୍ତିତ୍ୱ ସଂପର୍କରେ ସମୀକ୍ଷା କରାଯିବ ।

ଏଠାରେ ଆଲୋଚନାର ମୁଖ୍ୟ ବିନ୍ଦୁକୁ ଛୁଇଁବା ପୂର୍ବରୁ ଓଡ଼ିଶା, ଓଡ଼ିଆ, ଓଡ଼ିଆ ଜାତି ତଥା ଓଡ଼ିଆ-ମାନସିକତା ସଂପର୍କରେ କିଛିଟା ଟିପ୍‌ପଣୀ ଅପ୍ରାସଂଗିକ ହେବନାହିଁ ।

Digitized by PPRACHIN, SOA

ସମକାଳର ଓଡ଼ିଆମାନଙ୍କର ମନରେ ଯେ ସର୍ଜନାତ୍ମକ କ୍ରିୟା ପ୍ରତି ଅନାସ୍ଥାଭାବ ବା ଦୂରଗାମୀ ମାନସିକତା ଲକ୍ଷ୍ୟ କରାଯାଏ ତା'ର କାରଣ କ'ଣ ? କାରଣ ନୁହଁକି ଦୀର୍ଘ ତିନିଶହ ବର୍ଷର ପରାଧୀନତା (ମୋଗଲ, ଇଂରେଜ, ମରାହଟ୍ଟା କର୍ତୃକ) ଦାରିଦ୍ର୍ୟ ଓ ତତ୍ ସମ୍ଭୂତ ମାନସିକତା । ଓଡ଼ିଶା ଏବେ ବି ଏକ କୃଷିଭିତ୍ତିକ ସମାଜର ଉର୍ଦ୍ଧ୍ୱକୁ ଉଠିପାରିନି । ଦୁର୍ବଳତାକୁ ଅତିକ୍ରମ କରିବାର ଉନ୍ନତ ଚିନ୍ତା ଓ ସଫଳ ନେତୃତ୍ୱର ଅଭାବ ଏଠାରେ ଏକ ପରିଦୃଶ୍ୟମାନ ବାସ୍ତବତା । ଜନଗଣଙ୍କ ମନରେ ସୃଷ୍ଟ ଦୁର୍ବଳତା ମଧ୍ୟରୁ ସଂଚରି ଆସୁଥିବା ନେତୃତ୍ୱର ଦୁର୍ବଳତା କିମ୍ବା ନେତୃତ୍ୱର ଦୁର୍ବଳତା ମଧ୍ୟରୁ ସୃଷ୍ଟି ହେଉଥିବା ଜନଗଣଙ୍କ ମନର ଦୁର୍ବଳତା ସର୍ବୋପରି ଏକ ଶାସିତ ମନୋଭାବ, ହୀନମନ୍ୟତା ହେଉଛି ଆମର ସାର୍ବିକ ଦୁର୍ବଳତାର କାରଣ । ଏଠାରେ ବିଦେଶୀ ପୁଞ୍ଜିର ବଶ୍ୟତା ସ୍ୱୀକାର କରିଥିବା ଏକ ଲୁଂପେନ୍ ଶାସକ ଶ୍ରେଣୀ ହିଁ ସବୁକିଛି ସମସ୍ୟାର ମୂଳ । ଏଥିରୁ ସତେ ଯେମିତି ମୁକୁଳିବାର ରାସ୍ତା ବନ୍ଦ, ଏପରି ମନେହୁଏ । ଦାରିଦ୍ର୍ୟ ରୂପୀ ବସ୍ତୁଗତ ସ୍ଥିତି (objective condition); ମାନସିକ ଦାରିଦ୍ର୍ୟ ରୂପୀ ଚେତନା ଗତ ସ୍ଥିତି (consciousness)ର ଜନ୍ମଦାତା । ଏହା ମଣିଷର ସମାଜିକ ସ୍ଥିତି; ଚୈତନ୍ୟର ନିର୍ଦ୍ଧାରକ'- (Man's social existance determines his consciousness, Marx) ଉକ୍ତିରେ ଥିବା ସତ୍ୟତାକୁ ପ୍ରମାଣ କରେ । ଏ ସବୁ ସତ୍ତ୍ୱେ ଗୋଟିଏ ଜାତି ସବୁବେଳେ ସବୁ ସମୟରେ ସଂପୂର୍ଣ୍ଣ ସୃଜନ-ରହିତ ହୋଇ ନପାରେ । ସେଇ 'ବସ୍ତୁଗତ ସ୍ଥିତି ଚୈତନ୍ୟର ନିର୍ଦ୍ଧାରକ' ନିୟମର ଜଟିଳ ଜ୍ୱାଳାମୟ ନାଭି କେନ୍ଦ୍ରର ବିପରୀତ ମୁଖୀ ପ୍ରତିକ୍ରିୟାରୁ ବେଳେବେଳେ ସଂଘର୍ଷଶୀଳ ଭାବନାର ଜନ୍ମ ଅନିବାର୍ଯ୍ୟ । ଉତ୍କଳ ଭାଷା-ସାହିତ୍ୟରେ ଏହି ସଂଘର୍ଷଶୀଳ ଭାବନାର ପ୍ରକାଶ କେତେବେଳେ ପ୍ରଖର ତ କେତେବେଳେ ମନ୍ଥର । ଦାରିଦ୍ର୍ୟ ଓ ଶୋଷଣ ମଧ୍ୟରୁ ସୃଷ୍ଟ ଅବକ୍ଷୟ ଯେମିତି ଏକ ବାସ୍ତବତା ସେମିତି ସେହି ଦାରିଦ୍ର୍ୟ ଓ ଶୋଷଣ ମଧ୍ୟରୁ ପ୍ରଗତି ଓ ପରିବର୍ତ୍ତନର ବାର୍ତ୍ତା ଦାନା ବାନ୍ଧିବାଟା ମଧ୍ୟ ଅନ୍ୟ ବାସ୍ତବତା । ଉଭୟର ପରିପ୍ରକାଶ କେତେବେଳେ କମ୍ ତ କେତେବେଳେ ବେଶୀ । ମୋଟାମୋଟି ଭାବରେ ସମାଜ ବିକାଶର ଧାରାରେ ଆଧୁନିକ ଓ ପ୍ରଗତିଶୀଳ କବିତାର ଗତିପ୍ରବାହ ବା ତା'ର ସ୍ଥିତିକୁ ମାପିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ତାହା ପୁଣି ଜଣେ ଲେଖକ (ସଚ୍ଚି ରାଉତରାୟ)ଙ୍କର ଜୀବନ ସୃଷ୍ଟିକର୍ମର ଆକଳନ ମଧ୍ୟଦେଇ । ଏଥର ଆଲୋଚନାକୁ ସେ ଦିଗରେ ପ୍ରସାରିତ କରାଯାଇପାରେ ।

କବି ସଚ୍ଚି ରାଉତରାୟ ଏକ ପରାଧୀନ ଦେଶର କୃଷିଜୀବୀ ସମାଜର ମଧ୍ୟବିତ୍ତ ବୁଦ୍ଧି ଜୀବୀ (Elite) ପରିବାର ସନ୍ତାନ । ମଧ୍ୟବିତ୍ତ ଭାବନା ସହ ବିପ୍ଳବ; ପ୍ରଗତି-

Digitized by PPRACHIN, SOA

ପ୍ରତିକ୍ରିୟା; ଅଭ୍ୟୁଦୟ ଓ ଅବକ୍ଷୟ, ଧାବମାନତା, ଜୟ ପରାଜୟର କାହାଣୀ କବି ସଚ୍ଚି ରାଉତରାୟଙ୍କ ଜୀବନ ଓ ସାହିତ୍ୟ । ସଚ୍ଚିରାଉତରାୟଙ୍କ ପ୍ରାକ୍ ସାହିତ୍ୟିକ ଜୀବନ ଓ କୃଷ୍ଟି ବା ସୃଷ୍ଟି ଏକ ସାମାଜିକ ସଂଘର୍ଷ ଯୁଗର ଉପଜ । ସେ ପ୍ରଗତି ଯୁଗର କବି । ତାଙ୍କ ପଛରେ ଥିବା ପ୍ରେରଣା ଭାଷା ଭିତ୍ତିକ ଜାତୀୟ ଆନ୍ଦୋଳନ ଯୁଗର ସାଂସ୍କୃତିକ ଐତିହ୍ୟ । ୧୮୭୦ ରୁ ୧୯୫୦ ଓଡ଼ିଆ ଭାଷା ଜାତି ଓ ସାହିତ୍ୟ ପାଇଁ ଏକ ଗତି ମୁଖର ଆୟୁକାଳ । ରାଧାନାଥ ଯୁଗ ଠାରୁ ସତ୍ୟବାଦୀ, ସବୁଜ, ପ୍ରଗତି, ଆଧୁନିକ ଯୁଗର ସାହିତ୍ୟ ସହ ଜାତୀୟତାବାଦୀ ଆନ୍ଦୋଳନ, ସ୍ୱାଧୀନତା ଆନ୍ଦୋଳନ, ପ୍ରଜା, କୃଷକ ଆନ୍ଦୋଳନ, ନବଜାଗରଣ ଯୁଗର ମାନବତାବାଦ, ଫ୍ୟାସୀବାଦ-ସାମ୍ରାଜ୍ୟବାଦ-ଉପନିବେଶବାଦ ବିରୋଧ ଚିନ୍ତାଧାରା, ଏହି ୮୦ ବର୍ଷର ବୈଶିଷ୍ଟ୍ୟ । ଏହି ଅଶୀବର୍ଷ ମଧ୍ୟରୁ ସଚ୍ଚିରାଉତରାୟଙ୍କ ସ୍ରଷ୍ଟା ଜୀବନ ଓ ସୃଷ୍ଟି ୧୯୩୦-୧୯୫୦, ମାତ୍ର ୨୦ ବର୍ଷ, ଅନେକଟା ବିଜୟଶ୍ରୀ ବିମଣ୍ଡିତ । ପରବର୍ତ୍ତୀ କାଳ ୫୦ରୁ ଏଯାବତ୍ କ୍ଷୟମାଣତା, ବିରୋଧାଭାଷାର ସମ୍ମୁଖୀନ । ଛାତ୍ର ଆନ୍ଦୋଳନ, ଗଡ଼ଜାତ ପ୍ରଜାଆନ୍ଦୋଳନରୁ କେଶୁରାମ୍ କଟନ ମିଲସ୍, କଂଗ୍ରେସ ଟିକେଟରୁ କ୍ଷମତା ରାଜନୀତିରେ ପ୍ରବେଶ ପାଇଁ ମୋହ ବିଭିନ୍ନ ଘଟଣା ଦୁର୍ଘଟଣାର ବିଚିତ୍ର ସମାରୋହ ରାଉତରାୟଙ୍କ ବ୍ୟକ୍ତିଗତ ଜୀବନ । ସ୍ୱାଧୀନତା ପୂର୍ବରୁ ସ୍ୱାଧୀନତା ପାଇଁ ଲଢ଼େଇର ଯୁଗ ଏବଂ ସ୍ୱାଧୀନତା ପରେ କ୍ଷମତା ରାଜନୀତିର ଯୁଗରେ ବଞ୍ଚିଥିବା ଓ ଚିନ୍ତିଥିବା ମଣିଷଟିଏ / କବିଟିଏ ସେ ।

ପ୍ରଥମ ୨୦ବର୍ଷର ସାହିତ୍ୟ ପାଇଁ ଦେଶ ଶ୍ରୀ ରାଉତରାୟଙ୍କ ପାଖରେ ଋଣୀ । ଏହି ୨୦ ବର୍ଷର ସାହିତ୍ୟିକ ଜୀବନରେ ଶ୍ରୀରାଉତରାୟ ଜଣେ ସଫଳ ଆଧୁନିକ ଓ ପ୍ରଗତିଶୀଳ କବି ଭାବରେ ପ୍ରତିଷ୍ଠିତ । ଏହି ୨୦ ବର୍ଷର ସାହିତ୍ୟିକ ଜୀବନରେ ସେ ଜଣେ ସଫଳ ଆଧୁନିକ କବି ଭାବରେ ଯେମିତି ତାଙ୍କ ସାହିତ୍ୟରେ ଆଙ୍ଗିକ ବିପ୍ଳବ ଜରିଆରେ ଆମ୍ବିକ ପରାକାଷ୍ଠା ଦେଖାଇବାର ପ୍ରୟାସ କରିଛନ୍ତି, ସେମିତି ଜଣେ ସଫଳ ପ୍ରଗତିଶୀଳ କବି ଭାବରେ ଆତ୍ମିକ ବା ଭାବଗତ ତୀବ୍ରତା ସୃଷ୍ଟି ଜରିଆରେ ସାମାଜିକ ଭାବରେ ପ୍ରୟୋଜନୀୟ ଆଙ୍ଗିକ (socially necessary form) ସୃଷ୍ଟି କ୍ଷେତ୍ରରେ ଯଥେଷ୍ଟ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ୫୦ରୁ ଏଯାବତ୍ ପରବର୍ତ୍ତୀ ୫୨ ବର୍ଷର ସାରସ୍ୱତ ଯାତ୍ରା ଶ୍ରୀ ରାଉତରାୟଙ୍କ କାବ୍ୟ ଜୀବନର ଅସ୍ତଗାମୀ ଅଧ୍ୟାୟ ଏହା କହିବା ବାହୁଲ୍ୟ । ଜଣେ ଆଧୁନିକ ଓ ପ୍ରଗତିଶୀଳ କବି ଭାବରେ କବି ସଚ୍ଚି ରାଉତରାୟଙ୍କ ସାହିତ୍ୟର ସାଫଲ୍ୟ ଓ ବୈଫଲ୍ୟ ଓଡ଼ିଆ ଆଧୁନିକ ଓ ପ୍ରଗତିଶୀଳ କବିତାର ସମସ୍ୟା ଓ ସଂକଟର ଗଭୀରତାକୁ ସୂଚାଇ ଦେଇଥାଏ । ଏହା ତାଙ୍କର ସ୍ରଷ୍ଟା ଓ ସୃଷ୍ଟି କର୍ମର ପର୍ଯ୍ୟାଲୋଚନା ଦ୍ୱାରା ଭଲଭାବରେ ବୁଝିହେବ ।

Digitized by PPRACHIN, SOA

ପୁଣିଥରେ କହି ରଖିବା ଆବଶ୍ୟକ ଯେ ପ୍ରାକ୍ ପର୍ଯ୍ୟାୟର ଶ୍ରୀ ରାଉତରାୟଙ୍କ କାବ୍ୟ ବ୍ୟକ୍ତିତ୍ୱ ଏକ ସଂଘର୍ଷ ଯୁଗର ଉପଜ । ସାମାଜିକ ସଂଘର୍ଷର ବିବିଧ ପ୍ରଭାବ ତାଙ୍କର କାବ୍ୟ ଚେତନାକୁ ମୁଖର ଓ ପ୍ରଖର କରି ଗଢ଼ି ତୋଳିଥିଲା ଏହା ନିଶ୍ଚିତ । କିନ୍ତୁ ଏହା ଭାବିବା ଭୁଲ୍ ହେବ ଯେ ଏକମାତ୍ର ସାମାଜିକ ସଂଘର୍ଷ ଏକତରଫା ଭାବରେ ତାଙ୍କର କାବ୍ୟ ଚେତନାକୁ ପ୍ରଖର ବା ମୁଖର କରି ପାରିଥିଲା । ତାହା ହୋଇଥିଲେ ତାଙ୍କ ଯୁଗର ସବୁ କବିମାନେ ସମପରିମାଣରେ ତାଙ୍କ ପରି ଆଧୁନିକ ଓ ପ୍ରଗତିଶୀଳ କବି ଭାବରେ ସଫଳ ହୋଇ ପାରିଥାନ୍ତେ । ତା' ନହୋଇ ସେ ଯେ ଏ କ୍ଷେତ୍ରରେ ଅଧିକ ସଫଳ ହୋଇପାରିଲେ ତା'ର କାରଣ ତାଙ୍କର ଏଥି ସହିତ (ସାମାଜିକ ସଂଘର୍ଷ) ବ୍ୟକ୍ତିଗତ, ବାସ୍ତବ,-ମାନସିକ-ଆତ୍ମିକ ସଂପୃକ୍ତି ତଥା କାବ୍ୟିକ ଅନ୍ତଦୃଷ୍ଟିର ସଂପନ୍ନତା । ଏଠାରେ ଅନ୍ତର୍ଦୃଷ୍ଟି ସଂପୂର୍ଣ୍ଣ ବୟକ୍ତିକ (Subjective) ଓ ମାନସିକ-ଆତ୍ମିକ ସଂପୃକ୍ତି ଉଭୟ ବୟକ୍ତିକ ଓ ସାମାଜିକ । ମୋଟାମୋଟି ଭାବରେ ଗୋଟାଏ ସମୟରେ ଗୋଟାଏ ଜାତିର ଏକ ସଂଘର୍ଷଶୀଳ ଯୁଗର ସମସ୍ତ ସ୍ୱପ୍ନ ଓ ସଂଭାବନାକୁ ସଫଳ ଭାବରେ ନିଜର ଅସ୍ତିତ୍ୱରେ ଧାରଣ କରିବାର ଶକ୍ତି ଅର୍ଜନ କରିଥିଲେ, କବି ସଚ୍ଚି ରାଉତରାୟ । ଏଠାରେ ଜାତି କହିଲେ ଜାତି ଓ ତା'ର ଚତୁଃପାର୍ଶ୍ୱର ମଣିଷ ସମୂହ ଅଧିକନ୍ତୁ ନିପୀଡିତ ମଣିଷ ସମୂହ ଓ ଅଗ୍ରଗାମୀ ଚିନ୍ତା ନାୟକଙ୍କର ସଂଘର୍ଷ ସ୍ୱପ୍ନ ଓ ବାସ୍ତବତାକୁ ବୁଝିବାକୁ ହେବ । ଗୋଟାଏ ସମୟରେ ରାଉତରାୟଙ୍କ କବିତା ଥିଲା ଗୋଟାଏ ଯୁଗର ସ୍ୱପ୍ନ ସଂଭବାନାର ସଂକେତବାହୀ । ପୁନଶ୍ଚ ସେ ସଂକେତ ଆଞ୍ଚଳିକତାର ଗଣ୍ଡିକୁ ଅତିକ୍ରମ କରି ବିଶ୍ୱମାନବତାର ସେବାରେ ନିଜକୁ ନିୟୋଜିତ କରି ପାରିଥିଲା । ଏହା ଶ୍ରୀ ରାଉତରାୟଙ୍କ ଉଭୟ ପ୍ରଗତିଶୀଳ ଓ ଆଧୁନିକ କାବ୍ୟ ଚେତନାଧର୍ମୀ କବିତା ରଚନାରେ ଉତ୍ତୀର୍ଣ୍ଣ । ରାଉତରାୟ ହିଁ ଓଡ଼ିଆ କବିତାର ଜଗତରେ ଉଭୟ ଆଧୁନିକତା ଓ ପ୍ରଗତିଶୀଳତାର ସମନ୍ୱୟସାଧନକାରୀ ଶ୍ରେଷ୍ଠ କବି । ତାଙ୍କର ଆଧୁନିକ କବିତାରେ ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ଓ ପ୍ରଗତିଶୀଳ କବିତାରେ ଆଧୁନିକ କାବ୍ୟ ଆଙ୍ଗିକର ପ୍ରୟୋଗ ଏହାର ପ୍ରମାଣ । ୧୯୩୦ରୁ ୫୦ ମଧ୍ୟରେ ରଚିତ ତାଙ୍କର ଅଧିକାଂଶ କବିତା ଓ ଅଧିକାଂଶ କାବ୍ୟଗ୍ରନ୍ଥ ଏହି ସାଫଲ୍ୟର ବାର୍ତ୍ତା ବହନ କରେ । କବି ସଚ୍ଚିରାଉତରାୟଙ୍କ କବିତା ଆଧୁନିକତା ଓ ପ୍ରଗତିଶୀଳତାର ଏକ ସମନ୍ୱୟ ବା ସଂଶ୍ଳେଷ ଏହା ମୁଖ୍ୟତଃ ତାଙ୍କର "ବାଜି ରାଉତ' ଓ 'ପାଣ୍ଡୁଲିପି' କାବ୍ୟଗ୍ରନ୍ଥରୁ ସୂଚିତ ହୋଇଥାଏ । ଏହି କବିତା ଗ୍ରନ୍ଥ ଦୁଇଟି ଉଭୟ ଚେତନାର ସାଫଲ୍ୟ ବହନକାରୀ । ଏତଦ୍‌ବ୍ୟତୀତ ଶ୍ରୀ ରାଉତରାୟଙ୍କର 'ଅଭିଯାନ' କବିତା ଗ୍ରନ୍ଥଟି ମୁଖ୍ୟତଃ ଏକ ପ୍ରଗତିଧର୍ମୀ କବିତାଗ୍ରନ୍ଥ ହୋଇଥିଲାବେଳେ ତାଙ୍କ ରଚିତ 'ପଲ୍ଲୀଶ୍ରୀ' ପ୍ରକୃତିବାଦ

Digitized by PPRACHIN, SOA

(Naturalism) ଓ 'ଭାନୁମତୀର ଦେଶ' କବିତା ଗ୍ରନ୍ଥରେ ଆଧୁନିକତାବାଦ (Modernism)ର ସଫଳ ପ୍ରୟୋଗ କରାଯାଇଛି । ତାଙ୍କର ପ୍ରଗତିବାଦୀ କବିତାମାନଙ୍କରେ ମାର୍କ୍ସବାଦର ଐତିହାସିକ ବସ୍ତୁବାଦୀ ଦୃଷ୍ଟିଭଙ୍ଗୀ (Historical materialist out look) ଶ୍ରମିକଶ୍ରେଣୀର ଦର୍ଶନ, ଶ୍ରେଣୀ ସଂଘର୍ଷ ଓ ନିପୀଡ଼ିତ ଜନଗଣର ମୁକ୍ତି ଭାବନାର ରୂପାୟନ ଘଟିଥିଲାବେଳେ ଆଧୁନିକ କବିତାମାନଙ୍କରେ ଫ୍ରୟେଡ୍ୱୀୟ ଦର୍ଶନ ପ୍ରେରିତ ପ୍ରେମ ଓ ଯୌନତା କ୍ଷେତ୍ରରେ କାବ୍ୟିକ ମୁକ୍ତିର ସଂକେତ ତଥା ସ୍ୱାଧୀନତା ଓ ସ୍ୱାତନ୍ତ୍ରତା ପାଇଁ ଅସ୍ତିତ୍ୱବାଦୀୟ ଆହ୍ୱାନ ଇତ୍ୟାଦି ଦେଖିବାକୁ ମିଳିଥାଏ । ତାଙ୍କ ରଚିତ ଏହି ଉଭୟ ଭାବଧାରାର କବିତାରେ କବି କିନ୍ତୁ ମୁକ୍ତ ଛନ୍ଦ, ଗଦ୍ୟଛନ୍ଦ, ମିଥ୍ ଚିତ୍ରକଳ୍ପ ପ୍ରତୀକ ଆଦିର ବହୁଳ, ପ୍ରୟୋଗ ଘଟାଇଛନ୍ତି । ଉଭୟ ଆତ୍ମିକ ଓ ଆଙ୍ଗିକ ବୈଭବରେ ବିଶେଷ ସୁଷମା ବିମଣ୍ଡିତ କବିତା ଭାବରେ ସଚ୍ଚିରାଉତରାୟଙ୍କର 'ବାଜିରାଉତ' କାବ୍ୟଗ୍ରନ୍ଥ ଏକ ସଫଳ "ପ୍ରାକ୍‌ସିସ୍" । ଏହି କାବ୍ୟ ଗ୍ରନ୍ଥର ପୃଷ୍ଠଭୂମି ମଧ୍ୟ ମୁକ୍ତି ପାଇଁ ମଣିଷର ବାସ୍ତବ ଐତିହାସିକ ସଂଘର୍ଷ ସହ ଜଡ଼ିତ । ଏହି କାବ୍ୟ ଗ୍ରନ୍ଥଟିରେ ସବୁକାଳ ପାଇଁ ମଣିଷର ମୁକ୍ତିସ୍ୱପ୍ନକୁ ଉଦ୍‌ବୋଧିତ କଲାଭଳି ନୂତନ ଭାଷା ଶବ୍ଦର ପ୍ରୟୋଗ ଘଟିଥିଲା । କାବ୍ୟଟିର ପ୍ରତିଟି ପଂକ୍ତି ପ୍ରେରଣା-ଦାୟୀ । ଉଦାହରଣ ସ୍ୱରୂପ-

ପୋଛ କବି ପୋଛ ଅଶ୍ରୁ ନୀର
କ୍ରୌଞ୍ଚ-ମିଥୁନର ଶୋକେ ଆଭିଭୂତ ତବନେତ୍ର-ତୀର
ମଣିଷର ଦେଖି ଏ ସାଧନା
ବୁଣିଦେଉ ଅଗ୍ନିକଣା ବକ୍ଷଗର୍ଭେ ଝଡ଼ର ସୂଚନା
ନିଭିଯାଉ ଲୋତକର ନଦୀ
ଆସନ୍ନ ଝଡ଼ର-ବାଣୀ ପ୍ରତିକଣ୍ଠେ ଝରୁ ନିରବଧି ।
କିମ୍ବା
କାନ୍ଦ କବି ଶେଷଥର ପାଇଁ
ଗଗନ ପବନ ଯାଉ ସେଇ ମ୍ଳାନ ବ୍ୟଥାରେ ମିଳାଇ
ବନେ ବନେ ଉଠୁ ହାହାକାର
ଧରଣୀରେ ହେଉ ବନ୍ୟା
ମାଡ଼ିଆସୁ ଅଶ୍ରୁ ପାରାବାର
ତଳେ ମାଟି ଉପରେ ଆକାଶ
ଭରିଦେଉ ଅଶ୍ରୁ ଜଳ ତହିଁ ମଧ୍ୟେ ଯେତେ ଅବକାଶ ।

Digitized by PPRACHIN, SOA

କିମ୍ବା 'ଏଡ଼ିକି ସେ ଅମାନିଆ ପିଲା' ଏବଂ ନୁହେଁ ବନ୍ଧୁ ନୁହେଁ, ଏହାଚିତା' ଇତ୍ୟାଦି । ଏ ସମସ୍ତ କବିତା ପଂକ୍ତି ଗୁଡ଼ିକ ସମଗ୍ର ମାନବ ସମାଜ ଓ ଗୋଟାଏ ଜାତିର ମନରେ ଜାଗରଣ ଆଣି ଦେବା ପାଇଁ ଯଥେଷ୍ଟ ନୁହେଁ କି ? ଏହି କବିତାର ଅଂଗ ଓ ଆତ୍ମା ସାମାଜିକ ଭାବରେ ପ୍ରୟୋଜନୀୟ ଆଙ୍ଗୀକର ଅନୁସାରୀ ନୁହେଁ କି ? 'ବାଜିରାଉତ' କାବ୍ୟଗ୍ରନ୍ଥର ଆହୁରି ଅନେକ କାବ୍ୟ ପଂକ୍ତି ଉଦ୍ଧାର କରାଯାଇ ପାରେ; କିନ୍ତୁ ପ୍ରବନ୍ଧର କଳେବରକୁ ସ୍ଫିତ ନକରିବା ପାଇଁ ଅଧିକ ପଂକ୍ତି ଉଦ୍ଧାର ନକରି ଏଠାରେ ଉକ୍ତ କାବ୍ୟ ଗ୍ରନ୍ଥ ଉପରେ ଏହି ମତ ଦେଲେ ଯଥେଷ୍ଟ ହେବ ଯେ ଏହି ଖଣ୍ଡ କାବ୍ୟରେ ଏକ ମହାକାବ୍ୟିୟ ପ୍ରେରଣା ବିଦ୍ୟମାନ । ମୁକ୍ତ ଛନ୍ଦରେ ରଚିତ ଏହାର କାବ୍ୟ ଆଙ୍ଗିକ କ୍ରାନ୍ତି ଭାବନାର ଆତ୍ମିକ ଆବହାୱା ମଧ୍ୟରେ ପରିପୁଷ୍ଟ । କାବ୍ୟ ଗ୍ରନ୍ଥଟି ଯଦିଓ ମୂଳତଃ ପ୍ରଗତିଶୀଳ କିନ୍ତୁ ଅଙ୍ଗସଜ୍ଜାରେ ଏହା ଆଧୁନିକ । ସଫଳ ଉଦ୍‌ବୋଧନଶୀଳତା ମଧ୍ୟରେ ଏହା ବୈପ୍ଳବିକ ରୋମାଣ୍ଟବାଦ (Revolutionary romanticism)ର ପ୍ରକାଶକ । ଶୈଳୀରେ ସ୍ୱଚ୍ଛନ୍ଦତା ଓ ଭାଗବତ ସ୍ୱଚ୍ଛତା ଏହାର ଅନ୍ୟତମ ସାଫଲ୍ୟ । ମୂଳରୁ ଶେଷଯାଏ ବକ୍ତବ୍ୟର ସ୍ୱଚ୍ଛତା, ଏକମୁଖୀନତା ତଥା କ୍ଲୁପ୍ତତା ଓ ନିଖୁଣ ଗଢ଼ଣ କାବ୍ୟଟିକୁ 'ଶୈଳୀହିଁ ମାନବ' (Style is the man) ଭାବନାର ପ୍ରକାଶକ କରି ଗଢ଼ିତୋଳେ ।

'ବାଜିରାଉତ'ରେ ଉଦ୍‌ବୋଧନଶୀଳତା ଓ ବୈପ୍ଳବିକ ରୋମାଣ୍ଟବାଦୀତାର ଯେମିତି ଏକ ପ୍ରମୁଖ ଭୂମିକା ରହିଛି 'ପାଣ୍ଡୁଲିପି'ରେ ସେହି ଉଦ୍‌ବୋଧନଶୀଳତା ଓ ବୈପ୍ଳବିକ ରୋମାଣ୍ଟବାଦିତା ଏକ ଭିନ୍ନ ମୋଡ଼ ନେଇ ବୌଦ୍ଧିକ ତୀବ୍ରତାରେ ମୁଖର । 'ବାଜିରାଉତ', ସଚି ରାଉତରାୟଙ୍କ ଛାତ୍ର ଆନ୍ଦୋଳନ, ପ୍ରଜା ଆନ୍ଦୋଳନ ସହ ସଂପୃକ୍ତି କାଳର ରଚନା (୧୯୪୩) । ପାଣ୍ଡୁଲିପି ମୁଖ୍ୟତଃ ଶ୍ରୀ ରାଉତରାୟଙ୍କ କଲିକତା ରହଣିକାଳର ସୃଷ୍ଟି (ପ୍ରକାଶ-୧୯୪୮) । ପାଣ୍ଡୁଲିପି କବିତା ଗ୍ରନ୍ଥରେ ଶ୍ରୀ ରାଉତରାୟଙ୍କ ଆଧୁନିକ କାବ୍ୟ ଭାବନା ଅଧିକ ପରିପକ୍ୱତା ଅର୍ଜନ କରି ବସିଛି । ଅଥଚ ଏହି ସମୟରେ ତାଙ୍କର ପ୍ରଗତିଶୀଳ ଚିନ୍ତାଧାରା ଓ ମତାଦର୍ଶ ଠାରୁ ସଂପୂର୍ଣ୍ଣ ବିଚ୍ୟୁତି ଘଟିନାହିଁ । ଫଳତଃ ପାଣ୍ଡୁଲିପି ଉଭୟ ପ୍ରଗତିଶୀଳ ଓ ଆଧୁନିକ କାବ୍ୟ ଚେତନାର ମିଳନ ମଞ୍ଚ ହୋଇ ଦେଖା ଦେଇଛି । କିନ୍ତୁ ଦୁଃଖର ବିଷୟ ଯେ ଏହି କାବ୍ୟ ଗ୍ରନ୍ଥଟିରେ ଆଧୁନିକ ଓ ପ୍ରଗତିଶୀଳ କବିତାର ଉତ୍ତରଣ ସଗଠିତ ହୋଇଥିଲେ ମଧ୍ୟ ଏହା ସେଇଧାରାର ଶେଷ ରଶ୍ମି । ତା'ପରେ ସେଇ ଧାରାରେ ଶ୍ରୀ ରାଉତରାୟଙ୍କ ସମେତ ତାଙ୍କର ଉତ୍ତରାଧିକାରୀ ବହୁ ସାହିତ୍ୟ-ସାଧକ ଲେଖନୀ ଚାଳନା କରିଥିଲେ ମଧ୍ୟ ସେମାନଙ୍କର କବିତା ସେଇ ଉତ୍ତାପ ବହନ କରି ନଥାଏ । ସମ୍ଭବତଃ ଏହା ଯୁଗ-ସ୍ରଷ୍ଟା-ଓ ସୃଷ୍ଟି ମଧ୍ୟରେ ସଂଘର୍ଷଶୀଳ-ସଂପର୍କର-ଅଭାବ ହେତୁ

Digitized by PPRACHIN, SOA

ହୋଇଥିବ । ତେବେ 'ପାଣ୍ଡୁଲିପି' କାଳ-କାଳା ଓ କଳାକାରଙ୍କ ଉପଯୁକ୍ତ ସଂପର୍କର ସାଫଲ୍ୟ । ଏହି ସାଫଲ୍ୟ ସମ୍ଭବ ହୋଇ ପାରିଛି ମୁଖ୍ୟତଃ 'ପାଣ୍ଡୁଲିପି' କାବ୍ୟଗ୍ରନ୍ଥର କୋଣାର୍କ, ଅସମାପିକା, ଅଳକା ସାନ୍ୟାଲ୍, ପଦ୍ମଭୁକ୍, ଝଡ଼, ରାଜ ଜେମା, ପ୍ରତିମା ନାୟକ, ମାଟିଆ ବୁରୁଜରେ ଜହ୍ନ, ହେ ବନ୍ଧୁ ବିଦାୟ ଇତ୍ୟାଦି କବିତାମାନଙ୍କ ଦେଇ । ଏ ସମସ୍ତ କବିତାମାନଙ୍କର ବାସ୍ତବଧର୍ମୀ ପ୍ରେକ୍ଷାପଟ, ପ୍ରଗତିଶୀଳ ଦୃଷ୍ଟିଭଙ୍ଗୀ ତଥା ସମଗ୍ର କାବ୍ୟ ବକ୍ତବ୍ୟର ଶାଣିତତା ନୂତନ ପ୍ରତୀକ, ଚିତ୍ରକଳ୍ପ, ମିଥ୍ ପ୍ରୟୋଗ ପ୍ରକ୍ରିୟା ବେଶ୍ ଉତ୍ତୀର୍ଣ୍ଣ । ଛନ୍ଦ ଓ ଭାବର ଅପୂର୍ବ ଝଲକ ପାଣ୍ଡୁଲିପି କାବ୍ୟଗ୍ରନ୍ଥ । ଏହାର ପ୍ରତିଟି ଶବ୍ଦ, ପଂକ୍ତି ଇତିହାସ ଚେତନା ଓ ଶ୍ରେଣୀ ଦୃଷ୍ଟିଭଙ୍ଗୀରେ ମୁଖର । ଉଦାହରଣ ସ୍ୱରୂପ 'କୋଣାର୍କ' କବିତାର ମର୍ମସ୍ପର୍ଶୀ ଏହି ଧାଡ଼ିଗୁଡ଼ିକ ଯଥା-

× × ×

"କେତେ ମଜଦୂର ଗଦର୍ଭପରି ବୋହି ବୋହି ଶିଳା ଭାର
ବଙ୍କା କଲେ ଟି ନିଜ ମେରୁହାଡ଼ ହିସାବକି ଅଛି ତା'ର

× × ×

ଏ ଭାବର ପ୍ରବଣ ଜାତି ଏବେବି ଗରବେ ଚାହିଁ ତା କବିରେ
ଫୁଲାଏ ଆପଣା ଛାତି ।"

କିମ୍ବା-

"ସେଠି ଅଛି ଖାଲି ଫୁଲର ଫସଲ ସପନର ନୀଳ ଢେଉ
ହୀରାର ସୂର୍ଯ୍ୟ ପାହାନ୍ତି ପ୍ରହରେ ପ୍ରମାଣ ତା ନେଉନେଉ
କହିଯାଏ ଧରା କାନେ
ଜୀବନର ଯେତେ କ୍ଷତ ଅପମାନ, ଗାଇନାହିଁ କିଏଗାନେ
ରମ୍ୟ କଳାର ଲୀଳା !
କିଛି ତ କହିନି ମଣିଷର କଥା କହିବାର ଯାହାଥିଲା ।"

'କୋଣାର୍କ' ପରି 'ଝଡ଼' କବିତାରେ ମଧ୍ୟ ସେଇ ଛନ୍ଦ, ସେଇ ମାଧୁର୍ଯ୍ୟ-

"ମୋହାରି ଚରମ ବାର୍ତ୍ତା ଆଣିଛି ସେ ଲଘି ପରାଜୟ
ଏ ଝଡ଼ ତୁମକୁ ଦେବ ଉପହାର ମୋର ପରିଚୟ ॥"

କେତେବେଳେ ପ୍ରେମ ତ କେତେବେଳେ ବିପ୍ଳବର ଉଜାଗର ଭାବନାରେ ସତତ ମୁଖର / ପୁନଶ୍ଚ କେତେବେଳେ ବାସ୍ତବତବାଦ ଓ ଅତିବାସ୍ତବବାଦର ନିର୍ମମ ସତ୍ୟ ସଂବେଦନାରେ ସିକ୍ତ, ବେଦନାର ମଦମତ୍ତ-ଜାଗ୍ରତ ପାଣ୍ଡୁଲିପିର କବିତା ସକଳ;

Digitized by PPRACHIN, SOA

ସର୍ବୋପରି ନୂତନତାରେ ଭରପୁର ନିଖୁଣ କାବ୍ୟ ପ୍ରତିମା ପାଣ୍ଡୁଲିପି କାବ୍ୟଗ୍ରନ୍ଥ ତା'ର ପ୍ରତିଟି ପଂକ୍ତିରେ ଅଥବା ପୂର୍ଣ୍ଣ କଳେବରରେ ଆକର୍ଷଣୀୟ । ଉଦାହରଣ ସ୍ୱରୂପ-

"ବଂଶୀଟି ମୋର ଦେଇଗଲି ସଖୀ, ତୁମରି କରେ
ବଜାଇବ ଯେବେ ଭିଜାଇବ ନାହିଁ ନୟନ ଜଳେ" (ବଂଶୀ)

କିମ୍ବା-

"ମୋହରି ଏ ପ୍ରେମଠାରୁ ମୁହିଁ ବଡ଼ ଅଛି ଏହା ଜାଣି,
ତେଣୁ ତ ବିଦାୟବେଳେ ନାହିଁ କଣ୍ଠେ ବିରହର ବାଣୀ ।" (ପ୍ରେମ ଓ ଜୀବନ)

କିମ୍ବା-

"ମନେହୁଏ ପ୍ରେମବଦ୍ଧ ପୁଣି ଭାବେ ପ୍ରେମଠାରୁ ବଡ଼
ଜୀବନର ଏଇ ଗତି ଧାବମାନ ଅବିଶ୍ରାନ୍ତ ଝଡ଼ ।" (ଅସମାପିକା)

କିମ୍ବା-

"ହେବ ବନ୍ଧୁ ବିଦାୟ ! ଶରତର ସିକ୍ତମାଟି ଯା'ରେ ତୁମେ
ଏତେ ଭଲପାଅ
ପଛରୁ ତୁମ ଡାକେ
ଯାଅ ନାହିଁ ଯାଅ ନାହିଁ ଅଛି ରାତି ଛିନ୍ନ ମେଘ ଫାଙ୍କେ
ଉଇଁ ନାହିଁ ତରୁଣ ସବିତା
ମୃତ ପୃଥିବୀର କାନେ ବାଜିନିତ ମୁକ୍ତିର କବିତା ।"

ପାଣ୍ଡୁଲିପିର ଉପରୋକ୍ତ କବିତାମାନଙ୍କରେ ଯେମିତି ଏକ ଚିରନ୍ତନୀ ଉଦ୍‌ବୋଧନଶୀଳତା ଲକ୍ଷ୍ୟ କରାଯାଏ-ନିମ୍ନୋକ୍ତ କବିତାମାନଙ୍କରେ ସେହିପରି ବୁଦ୍ଧିଦୀପ୍ତତାର ନୂତନ ପ୍ରେକ୍ଷାପଟ ଉନ୍ମୋଚିତ ହୁଏ । ଉପରୋକ୍ତ କବିତାର ଆରମ୍ଭ ବିନ୍ଦୁ ପ୍ରଗତିଶୀଳ ଚେତନା ଓ ନିମ୍ନୋକ୍ତ କବିତାର ଆରମ୍ଭ ବିନ୍ଦୁ ଆଧୁନିକ ଚେତନା; ଅଥଚ ମିଶ୍ର ରାଗରେ ରଞ୍ଜିତ ଉଭୟ କବିତା ଯଥା-

"ଜାପାନୀ କାଗଜଫୁଲ ପରି ଦେହ ବୟସର ଧୂଳି
ପଚାରିଲି ଭଲଅଛ କଣ୍ଠେ ମୋର ବିଷର୍ଣ୍ଣ ଗୋଧୂଳି
ହସିଲା ପ୍ରତିମା, ଆକାଶରର ନୀଳରେଖା ଗେରୁଆ ମାଟିର ନାଳସୀମା
ଛୁଏଁ ଯେଉଁଠାରେ
ସେଇଠାରେ ସ୍ୱପ୍ନ ଆଉ ବାସ୍ତବର ମୁହାଣ ସେପାରେ
ଆମେ ଦୁହେଁ ହୋଇଥିଲୁ ଠିଆ ।
ଆମ ପଛେ ଶୋଇଥିଲା ଦୀର୍ଘ ଦୁଇବର୍ଷର ଦୁନିଆ ।" (ପ୍ରତିମା ନାୟକ)

Digitized by PPRACHIN, SOA

କିମ୍ବା-

"ବୃତବତ୍ସା ଗାଭୀ, ଊର୍ଦ୍ଧ୍ୱଶ୍ୱାସେ ଛିନ୍ନ କରି ନାଭି ।
ମରିଚିତା ବସତରୀ, ଅଛି ଖାଲି ତା'ର ଏକ ଆକାର ନକଲି
ଦୁଗ୍ଧ-ଜୀବୀ ଚତୁର ଦୁହାଁଳୀ, ପାତିଅଛି ଫାନ୍ଦ ଭୀଷଣ ଫିସାଦ ।
ପ୍ରତାରିତ କରିବାକୁ ଜନନୀର ସ୍ତନେ/ ବଣିକ-ସମାଜେ ବିକି ଗଣିକା-ଜୀବନେ
ରଖିବାକୁ ଜାଳି / ଭୁଲିଅଛି ନିନ୍ଦ
ଜୀବନଟା ତା' ଆଖିରେ ମୃତ୍ୟୁର କୁସୀଦ ।" (ଚିନ୍ତାମଣି ମହାନ୍ତି)
"ଲାବଣ୍ୟବତୀ ! ତୁମେ ପରା କହିଥିଲ ସହସ୍ର ତାରାର ଏଇ ରାତି
ହେବ ବୋଲି ଆମ ଦୁହିଁଙ୍କର; ଘଡ଼ିରେ ମୋ ବାରଟା ଅଠର ।
ବାହାରେ କଳହରତ ଭିକାରି ଦି'ଜଣ ! ଉପରେ ଟିଣର ଜହ୍ନ-
ଯାଏ ବୁଡ଼ି ଈଷତ୍ କୁହୁଡ଼ି ।
× × ×
ଭିକ୍ଷୁକଙ୍କ ଭିତରେ କୋଳାହଳ, ଚେତାଇଦିଏ ଦେଶରେ ପଡ଼ିଛି ମନ୍ୱଂତର
ନାଇଁ ଭାତ, ନାଇଁ ରୁଟି, ୪୫୦୦୦, ୦୦୦୦ କଣ୍ଠରେ ଗୋଟିଏ ଶବ୍ଦ
ଦିଅ ଅନ୍ନ- ଆଉ ଅନ୍ନ" (ଲାବଣ୍ୟବତୀକୁ ଚନ୍ଦ୍ରଭାନୁଙ୍କ ଚିଟାଉ)

କିମ୍ବା-

"ସନ୍ଧାନ ତୁମର କେତେ କଲି ମୁଁ ଯେ ସେହିଦିନ ଠାରୁ
ମନେପଡ଼େ ତୁମକୁ ମୁଁ ଚିତ୍ରରଥ ଗନ୍ଧର୍ବ ହାତରୁ
ଆଉଦିନେ ଉଦ୍ଧରିଲି ପୁରସ୍କାର ଦେଇଥଲ ମତେ
ଦୁଇଟି କନକ ଶଙ୍ଖ ନଚାଇ ମୋ ବକ୍ଷପାଶେ ସତେ," (ଅଳକା ସାନ୍ୟାଲ)

କିମ୍ବା-

"ନିଭେ ଦିନେ ଅନ୍ଧକାର ନିଦ୍ରାହୀନ ଙ୍ଗୋକସିବାଲା ମନେ
ଏ ବସ୍ତିର ଗଣିକାର ଅନୁର୍ବର ନିଷ୍ଫଳ ସ୍ୱପନେ
ରାତ୍ରୀର ନିର୍ଜନ ଆମ୍ର ଅବତରେ ଏକାନ୍ତେ ନିର୍ଜନେ
ପଥକାହିଁ, ପଥ ଆଜି କାହିଁ
ବହୁଦୂରେ ଇସ୍ପାତର ଯନ୍ତ୍ରଶାଳା ଖାଲିମାରେ ହାଇ ।" (ପଦ୍ମଭୂକ୍)

କିମ୍ବା-

"ସେଇ ଝାଳ ଜହ୍ନ ଲୁହରେ କିଏ ସେ କାଟିଲା ନାରୀର ସ୍ତନ

Digitized by PPRACHIN, SOA

କିଏ ତା'ର ଯୌନଦ୍ୱାରେ ବିନ୍ଧକଲା ଛୁରୀ
ରାସ୍ତାର ସିମେଣ୍ଟ ଗଳା ଲୁହ ଆଉ ଲହୁରେ ବତୁରି ।"

କିମ୍ୱା-

"ପୃଥିବୀ ଶ୍ମଶାନ ହେଲା, ରାଜ୍ୟପାଳେ ରାଜା ମନ୍ୱନ୍ତର
ମଡ଼କ ଶାସନ କରେ ମହାମାରୀ ତୋଳେ ଅବିରଳ
ମରଣର ସ୍ତବ
ନିଷ୍ପ୍ରଦୀପ ରାତ୍ରୀ ପରି ପ୍ରଜାକୁଳ ନିର୍ବେଦ ନୀରବ
କାଳାନ୍ତର ଦଳ
ଡାକଇ ଶ୍ମଶାନ ଆଜି ବୋଲ ହରି ହରି ହରି ବୋଲ" (ରାମନାମ ସତ୍ୟ ହୈ)

କିମ୍ୱା-

"ମୁଁ ସଚି ରାଉତରା (ନୁହଁ ଟାଗୋର ବା ସେଲି)
ମୁଇଁ ଏଇ ମାଟିର ଧରା, ଆଉ ଆକାଶର କବି
କାମ ନୁହଁ ମୋ ଖାଲି ଆଙ୍କିବା କାଗଜର ଛବି
ତୁମେ ମୋର ଛପା ବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି,
ଏଇ ପୃଥିବୀର ସବୁ ମଣିଷ ଜାତି, ତା'ର ପ୍ରତିଟି ଖବର
ରୂପ ପାଏ କବିତାରେ ମୋ'ର ।" (ରାଜଜେମା)

'ପାଣ୍ଡୁଲିପି' କବି ଶ୍ରୀ ରାଉତରାୟଙ୍କ କାବ୍ୟ ଜୀବନର ଉତ୍ତରଣ ପର୍ବର ପରିଣତ ରଚନା । ଏହି କାବ୍ୟ ଗ୍ରନ୍ଥରେ ତାଙ୍କର ଉଲ୍ଲିଖିତ କବିତା ପଂକ୍ତି ଓ କବିତାମାନଙ୍କର ବୁଦ୍ଧିଦୀପ୍ତ-ଆବେଗ-ମଣ୍ଡିତ ମାନବଧର୍ମୀ ପ୍ରେକ୍ଷାପଟ ଓଡ଼ିଆ ସାହିତ୍ୟରେ ବିରଳ । ଝଡ଼, କୋଣାର୍କ, ଷ୍ଟାଲିନ୍, ହେ ବନ୍ଧୁ, ବିଦାୟ କବିତାରେ ଆବେଗ ଉତ୍ତୀର୍ଣ୍ଣ ବିପ୍ଳବୀ ଭାବନା; ଇତିହାସ ଦୃଷ୍ଟିଭଙ୍ଗୀ ରାଜଜେମା କବିତାରେ ସାମନ୍ତବାଦ ପ୍ରତି ବିଦ୍ରୂପ; ପଦ୍ମଭୂଜ କବିତାରେ ରୋମାଣ୍ଟିକ୍ ଭାବଧାରାର ପରିହାର ପାଇଁ ନାନ୍ଦନିକ ଆହ୍ୱାନ; ଅଳକା ସାନ୍ୟାଲ, ମାଟିଆ ବୁରୁଜରେ ଜହ୍ନ, ରାମନାନ ସତ୍ୟହୈ, ପ୍ରତିମା ନାୟକ, ଚିନ୍ତାମଣି ମହାନ୍ତି କବିତାମାନଙ୍କରେ ବୈଷମ୍ୟ ବିଜଡ଼ିତ ବଣିକ ସଭ୍ୟତା, ମରୁଡ଼ି, ଯୁଦ୍ଧ ଦଙ୍ଗା ଗ୍ରସ୍ତ ସମାଜରେ ମଣିଷ ସ୍ଥିତିର ସଫଳ ରୂପାୟନ । 'ପାଣ୍ଡୁଲିପି' କାବ୍ୟ ଗ୍ରନ୍ଥରେ କବି ସଚ ରାଉତରାୟଙ୍କ ଆଧୁନିକ ଓଡ଼ିଆ ସାହିତ୍ୟରେ ଜଣେ ସଚଳ ସଚେତନ ଯୁଗ ସ୍ରଷ୍ଟା କବି ଭାବରେ ପରିଚିତ କରାଇଥାଏ । 'ପାଣ୍ଡୁଲିପି'ର ସଚି ରାଉତରାୟ ଜଣେ ପ୍ରଚାର ଧର୍ମୀ

Digitized by PPRACHIN, SOA

ବିପ୍ଲବୀ କବି ନୁହନ୍ତି-ବରଂ ଆଧୁନିକ ଦୃଷ୍ଟିଭଙ୍ଗୀ ଦ୍ୱାରା ପ୍ରସାରିତ ବିପ୍ଲବୀ କବିସତ୍ତା । ୧୯୩୦ରୁ ୫୦ ଯାଏଁ ୨୦ ବର୍ଷର ଉତ୍ତରଣ ପର୍ଯ୍ୟାୟର କବି ଭାବରେ ସଚ୍ଚି ରାଉତରାୟଙ୍କ ବାଜି ରାଉତ, ପାଣ୍ଡୁଲିପିକୁ ବାଦ୍‌ଦେଲେ ଅଭିମାନ, ପଲ୍ଲୀଶ୍ରୀ ଓ 'ଭାନୁମତୀର ଦେଶ' କାବ୍ୟ ଗ୍ରନ୍ଥଗୁଡ଼ିକ ଓଡ଼ିଆ ସାହିତ୍ୟରେ ଯୁଗାଶ୍ରୟୀ ଚେତନାର ସଫଳ ସାହିତ୍ୟ ସୃଷ୍ଟି । ପଲ୍ଲୀଶ୍ରୀରେ 'ମୁଁ ତ ଭ୍ରମ ନାହାକ ଝୁଅ', 'ଛୋଟ ମୋର ନାଁଟି ଭୂଗୋଳ ପୋଥି ପତରେ ପଛେ ନଥାଉ ତା' ନାଁଟି' କବିତା ପଂକ୍ତି ଓ ରେଙ୍ଗୁନ୍ ଯାତ୍ରୀ, ଗ୍ରାମ ଶ୍ମଶାନ ଇତ୍ୟାଦି କବିତାର ଚିରକାଳୀନ ଆବେଦନ ସହ 'ଅଭିଯାନ' କାବ୍ୟ ଗ୍ରନ୍ଥରେ 'ମାରୁତୁ ଯେତେ ଗୁଳି', 'ମରିବୁ ପଛେ ଡରିବୁ ନାହିଁ ହୁଙ୍କାପିଟା ଶାସନ ଦେବୁ ଟାଳି', 'ଦେଖି ନେବୁ ତାକୁ ଛାଡ଼ିଦେ ବାଟ, କପିଳାସ ବଣ ଥରାଇ ଥରାଇ ଶୁଭେ ଆଜି ତା'ର ରଡ଼ି କୁହାଟ' କିମ୍ବା "ଖାଇବାକୁ ଦିଅ ରୁଟି ମୁଠାରେ ତମର ରହିଚି ମାଲିକେ ପରାଏ ଆମର ଚୁଟି' ଇତ୍ୟାଦି କାବ୍ୟ ପଂକ୍ତି ସହ ସର୍ବହରା, ସ୍ୱେନ, ହାତୁଡ଼ି, କୁଆଚୋରି, ଭଗବାନ୍ ଅଛ କାହିଁ କବିତାମାନ କାଳାଶ୍ରୟୀ ସାହିତ୍ୟର ଚିରନ୍ତନୀ ମୂଲ୍ୟବୋଧକୁ ଚିର ଜାଜ୍ୱଲ୍ୟମାନ ରଖେ ଏଥିରେ ସନ୍ଦେହ ନାହିଁ । ଏକ ଜାତୀୟ ଭାଷାର ଜାତୀୟ ଗଣ୍ଡିକୁ ଅତିକ୍ରମ କରି ସମଗ୍ର ମାନବତା ଓ ବିଶେଷକରି ନୂତନ ଯୁଗର ନୂତନ ମାନବତା ଅଧିକନ୍ତୁ ନିପୀଡ଼ିତ ମାନବାତ୍ମାର ବେଦନା, ଅଶ୍ରୁ ବିଦ୍ରୋହ, ବିପ୍ଳବର ସୁମଧୁର ରାଗିଣୀ ସୃଷ୍ଟିକରି ପାରିଥିବା ଏହି କବିତାମାନେ ଏକ ସୁବର୍ଣ୍ଣ ଯୁଗର (ସଂଘର୍ଷର ଯୁଗ)ର ସଫଳ ସ୍ରଷ୍ଟାଙ୍କର ସବଳ ସାହିତ୍ୟ ଦଲିଲ ଏଥିରେ ସନ୍ଦେହ ନାହିଁ । କ୍ଷୁଧା, ପ୍ରେମ ଓ ଯୌନତା ଆଦି ବିଷୟ ବସ୍ତୁକୁ ଆଧାର କରି ସଚ୍ଚି ରାଉତରାୟଙ୍କ ବହୁମୁଖୀ କାବ୍ୟ ପ୍ରତିଭାର ବିକାଶ ଯେ ତାଙ୍କର ପ୍ରଥମ ସୋପାନର କାବ୍ୟ ଜୀବନକୁ ମହିମା ମଣ୍ଡିତ କରିଅଛି, ସେଇ କ୍ରମରେ 'ଭାନୁମତୀର ଦେଶ' କାବ୍ୟ ଗ୍ରନ୍ଥ ଶ୍ରୀ ରାଉତରାୟଙ୍କ ନବ ପ୍ରେରଣାର ନୂତନ ଆଲୋକଦାୟୀ କବିତାମାନଙ୍କ ସମାରୋହ । 'ଭାନୁମତୀର ଦେଶ' କାବ୍ୟ ଗ୍ରନ୍ଥକୁ ଏଇଥିପାଇଁ ନୂତନ ବୋଲି କୁହାଯାଇ ପାରିବ ଯେହେତୁ ତାହା ପ୍ରଥମ କରି ଓଡ଼ିଆ କବିତାରେ ମଗ୍ନ ଚୈତନ୍ୟର ବ୍ୟାଖ୍ୟା ମାଧମରେ ଅବଦମିତ ଯୌନାକାଂକ୍ଷାର ମୁକ୍ତୁଳନ ଘଟାଇବା ସହ କାବ୍ୟ ସତ୍ତାକୁ ଯୌନ ନୀପିଡନର ଜଗତ ମଧ୍ୟରୁ ନାନ୍ଦନିକ ମୁକ୍ତିର (Aesthetic Wisdom) ଜଗତ ଆଡ଼କୁ ମୁହାଁଇ ନିଏ । ପ୍ରବନ୍ଧର କଳେବରକୁ ସୀମିତ ରଖିବା ସକାଶେ ଭାନୁମତୀର ଦେଶ କାବ୍ୟ ଗ୍ରନ୍ଥରୁ ଅଳ୍ପ କେତୋଟି ପଂକ୍ତି ଏଠାରେ ଉଦାହରଣ ଛଳରେ ଦିଆଯାଇ ପାରେ-

କାଲି ରଜନୀରେ ହୋଇଗଲା ଝଡ଼ କୃଷ୍ଣଚୂଡ଼ାର ବନେ
ଅଦିନ ଝଡ଼ର ସ୍ପର୍ଶ ଲାଗିଲା ବିନତା ଆଉ ତରଙ୍ଗର ମନେ ମନେ

Digitized by PPRACHIN, SOA

×   ×   ×

ତରଙ୍ଗ ଆଉ ବିନତା ପାଖାପାଖି ହୋଇ ବସିଥିଲେ
ବାରଣ୍ଡାରେ ବର୍ଷା ଛିଟା ଆସି ଲାଗୁଥିଲା ଦୁହିଁଙ୍କ ଦେହରେ
ହାଓ୍ୱାର ଶୀତ ସଂଚାର ବେଳେ ବେଳେ ଆସି ବିବ୍ରତ କରିଯାଇଥିଲା ଦୁହିଁଙ୍କୁ

×   ×   ×

ପଶ୍ଚିମ ମୌସୁମୀର ନୂତନ ସ୍ୱାଧୀନତା
ସେମାନଙ୍କ ନିକଟରେ ଆଜି ନୂତନ ଅର୍ଥରେ ଭରା
ବର୍ଷା ଛାଡ଼ି ଯାଇଥିଲା ବେଳେ, ସକାଳୁଆର ଜୀର୍ଣ୍ଣ ଖୋଷା ଭିତରୁ
ଉଜ୍ଜଳ ପ୍ରଜାପତି ପରି
ମେଘର କୃଷ୍ଣକେଶରୁ ଲମ୍ବି ଆସୁଥିଲା ଜ୍ୱଳନ୍ତ ତରବାରୀ ।

×   ×   ×

ବର୍ଷା ଛାଡ଼ିଛି, ତରଙ୍ଗ କହିଲା ଛାଡ଼ି ଗଲାଣି
ପରୀକ୍ଷା କରି ଦେଖିବା ପାଇଁ ଉଭୟ ହାତ ବଢ଼ାଇଲେ ବାହାରକୁ ଯୁଗପତ୍ ।
ଦୁଇଟି ସମାନ୍ତରାଳ ହାତ ଲମ୍ବି ଆସିଲା ସାମ୍ନାକୁ
ବିନତା ଚୁଡ଼ିର ଟୁଣ୍ ଟୁଣ୍ ଆବାଜ
ଦୁଇଟିଯାକ ହାତର ପାପୁଲି ଅଜାଣତରେ ସ୍ପର୍ଶକଲା ପରସ୍ପରକୁ
ତା'ପରେ ବିନତା ବୋଧହୁଏ ହାତ ଟାଣି ଆଣିଲା
ତା'ଦେହରେ ଶୀତ୍କାର ।

×   ×   ×

ପୁଣି ବର୍ଷା ପୁଣି ଝଡ଼ / ସାଇଁ ସାଇଁ ପିଟୁଛି ପବନ
ବିଜୁଳି ଘଡ଼ ଘଡ଼ି / ଘନ ଘନ ବିଦ୍ୟୁତର ପିଚକାରୀ

×   ×   ×

ବିନତା ଉଠି ଛିଡ଼ା ହେଲା / ତରଙ୍ଗ ବି ଠିଆହେଲା
ଏହି ସମୟରେ ପାହାଡ଼ର ନିଭୃତ ଗହ୍ୱରରୁ ବନସ୍ଥଳୀ କମ୍ପାଇ ଭାସି ଆସିଲା
ମହାବଳ ବାଘର ରଡି
ବିନତା ଚମକି ପଡ଼ିଲା
ତା' ପରେ ସେ ଲାଗି ଆସିଲା ତରଙ୍ଗ ନିକଟକୁ
ତରଙ୍ଗ ତାକୁ କଲା ଗ୍ରହଣ / ତା'ର ଭୟାତୁର ନାରୀତ୍ୱକୁ ଦେଲା ଶରଣ ।

Digitized by PPRACHIN, SOA

× × ×

ପୁଣି ମହାବଳ ବାଘର ହୁଙ୍କାର / ତରଙ୍ଗ ଆଉ ବିନତା ଆଖିରେ
ଭାସି ଆସିଲା ଏକ ପୀତ ମାର୍ବଲ ରଙ୍ଗର ବାଘ
ଚମଡ଼ାରେ ତା'ର ତୀର ଧନୁକ ଦାଗ / ଆଖିରେ ତୀର ଚର୍ବିପରି ସ୍ନିଗ୍ଧ ନିଦ

× × ×

ହାରିକିନ୍‌ଟା ଆସି ଡାକ ବଙ୍ଗଳା ହତା ଫାଟକ ସାମ୍‌ନାରେ ଛିଡ଼ା ହେଲା
ବିନତା ଓ ତରଙ୍ଗ କହିଲେ ମା ଫେରିଲେଣି / ବାହାରେ ନଷ୍ଟ ଚନ୍ଦ୍ରର ଛନ୍ଦ
ଝଡ଼ ଥମି ଯାଇଛି / ମେଘ ଫାଟି ଜହ୍ନ ଉଠିଛି / ତରଙ୍ଗ କହିଲା-
ଏଇ ବୋଧହୁଏ ଫରାସୀ ସର୍‌ରିଏଲ୍‌ଏଜିମ୍‌ର ସବୁଜ ଚନ୍ଦ୍ର ଦ୍ୱୀପ ।

'ଭାନୁମତୀର ଦେଶ' କାବ୍ୟର ପରିଣତି ଅନ୍ୟାନ୍ୟ ରୋମାଣ୍ଟିକ୍ କାବ୍ୟ ଭଳି କେବଳ ମିଳନ ନୁହେଁ ଅଥବା ବିରହ ବି ନୁହେଁ; ମିଳନ ବିରହର ମିଶ୍ରରାଗ । ପରିଣତିରେ ଏହି କାବ୍ୟର ନାୟକ ନାୟିକାର ପଥ ଭିନ୍ନ ହୋଇ ଯାଇଛି । ଜଣେ ସହରକୁ ଭଲପାଏ (ବନିତା); ସେ ଛାଡ଼ି ଚାଲି ଯାଇଛି ସୁନ୍ଦରଗଡ଼-ଓଟର ବଙ୍କା କୁଜ ପରି ପାହାଡ଼ ଭରା ଗାଁକୁ; କଲିକତା; କଲିକତାରୁ ଅନ୍ୟ କେଉଁ ବୈଦେଶିକ ସହର । ଆଉ ଜଣେ କିନ୍ତୁ ଫେରି ଆସିଛି ଗାଁକୁ (ତରଙ୍ଗ) ନିଜର ଜନ୍ମମାଟି ତାଳ ତମାଳଘେରା ଗାଁକୁ; ସେ କୃଷିକରି ବଞ୍ଚିବ କିରାଣି ହେବନି, ଅଫିସର ହେବନି । କିନ୍ତୁ କାବ୍ୟ ପରିଧି ସୂଚାଇ ଦେଉଛି ଦୁହିଁଙ୍କର ରାସ୍ତା ଭିନ୍ନ ହେଲେ ମଧ୍ୟ ପରସ୍ପର ପରସ୍ପରକୁ ଭଲପାନ୍ତି । ସେମାନେ ସେମାନଙ୍କର ଅତୀତକୁ ମନେ ପକାନ୍ତି; କିନ୍ତୁ ଅତୀତ ସେମାନଙ୍କ ଉପରେ ସବାର ହୁଏନା । ପ୍ରେମ ଓ ବାସ୍ତବତା ଦୁଇ ଜଗତ ଗୋଟାଏ ବିନ୍ଦୁରେ ମିଳିତ ହୁଅନ୍ତି 'ଭାନୁମତୀର ଦେଶ' କାବ୍ୟ ଗ୍ରନ୍ଥରେ । କାବ୍ୟ ଗ୍ରନ୍ଥଟି ଆଧୁନିକ ଅଥଚ ପ୍ରତିକ୍ରିୟାଶୀଳ ନୁହେଁ । କାରଣ ପ୍ରତୀକ ଚିତ୍ର କଳ୍ପମୟତାର ଅପୂର୍ବ ରସରେ ରସାଣିତ ଏହି କାବ୍ୟ, ଆଙ୍ଗିକବିପ୍ଳବ ଜରିଆରେ ଏକ ବାସ୍ତବ ଧର୍ମୀ ଜୀବନ ଧାରାର ଜୀବନ ଧର୍ମୀ ପ୍ରେକ୍ଷାପଟକୁ ଉନ୍ମୋଚିତ କରି ଆତ୍ମିକ ବିପ୍ଳବର ପରାକାଷ୍ଠା ପ୍ରଦର୍ଶନ କରି ପାରିଛି । ଚିନ୍ତା କ୍ରିୟା-ପ୍ରତିଫଳନର କ୍ରାନ୍ତି ଧର୍ମ, ଶୈଳୀ ହିଁ ମାନବର ସଫଳ ପ୍ରୟୋଗ ଭାନୁମତୀର ଦେଶ କାବ୍ୟ ଗ୍ରନ୍ଥରେ ଏକ ଭିନ୍ନ ଧାରାର ଅନନ୍ୟ ମୁକ୍ତିର ମାର୍ଗ, ପାଠକକୁ ନିର୍ଦ୍ଦେଶ କରି ପାରିଛି ।

ମୋଟାମୋଟି ଭାବରେ ପାଣ୍ଡୁଲିପି ଓ ବାଜିରାଉତର କବି, ଭାନୁମତୀର ଦେଶର କବି ଏପରିକି ପଲ୍ଲୀଶ୍ରୀ, ଅଭିଯାନର କବି ଶ୍ରୀ ସଚି ରାଉତରାୟ ଯୁଗ ଧର୍ମର (ଏଠାରେ ଯୁଗ ଧର୍ମ କହିଲେ ଯୁଗର ଯାହା ଲକ୍ଷ୍ୟ ହେବା ଆବଶ୍ୟକ) ଉପଯୁକ୍ତ ଚିନ୍ତା ଭାବନା ଓ

Digitized by PPRACHIN, SOA

ଶୈଳୀ ସଂକଳ୍ପର ଯଥାର୍ଥ ରୂପ ଦାନ କରି ପାରିଛନ୍ତି ଏବଂ ଏହା ସଂଭବ ହୋଇ ପାରିଛି ଯେହେତୁ ସେ ଜଣେ କବି ଭାବରେ ଏକ ସଂଘର୍ଷଶୀଳ ସମାଜର ସଂଗ୍ରାମୀ ଚିନ୍ତାନାୟକର ଭୂମିକା ପାଳନ କରି ପାରିଛନ୍ତି; ଯେଉଁ ଭୂମିକା ପାଳନ କଲାବେଳେ ସେ ଛାତ୍ର ଆନ୍ଦୋଳନ ପ୍ରଜା ଆନ୍ଦୋଳନର ଅଂଶୀଦାର; ମାର୍କସ ଓ ଫ୍ରୟେଡୀୟ ଦର୍ଶନ ମଧ୍ୟରେ ଥିବା ମୁକ୍ତି ଭାବନାର ଶରିକ ଓ ବିଶ୍ୱ ବ୍ୟାପୀ ଚାଲିଥିବା ପ୍ରତୀକ ଓ ଚିତ୍ରକଳ୍ପବାଦୀ କାବ୍ୟ ଆନ୍ଦୋଳନର ଆଙ୍ଗିକ ବିପ୍ଳବ ପ୍ରତି ଆକୃଷ୍ଟ; ସର୍ବୋପରି ଫ୍ୟାସୀବାଦ ବିରୁଦ୍ଧରେ ପୁଂଜିବାଦ ବିରୁଦ୍ଧରେ ନିପୀଡ଼ିତ ଜନଗଣର ସଂଗ୍ରାମରେ ପକ୍ଷଭୁକ୍ତ । ଏଠି କୋଡିଏ ବର୍ଷ (୩୦ରୁ ୫୦) ମଧ୍ୟରେ ଯୌନ ବିକାର, ଅବକ୍ଷୟ, ଦୁର୍ବୋଧତା, ଆଧାତ୍ମିକ ଖୋଳପା ତଳେ ଆଶ୍ରୟ ନେଇଥିବା ଓ ପ୍ରତିକ୍ରିୟାର ଶିକାର ହେଉଥିବା ଆଧିଭୌତିକ ପଳାୟନବାଦୀ କବି ସଚ୍ଚି ରାଉତରାୟଙ୍କୁ ଦେଖିବାକୁ ପାଇବାନି ଯେଉଁ ଅବକ୍ଷୟ ତାଙ୍କର ପରବର୍ତ୍ତୀ କାବ୍ୟ ଜୀବନକୁ କ୍ରମଶଃ ଗ୍ରାସ କରି ବସିଲା ଏବଂ ଯାହାର ସଂକ୍ରମଣ ସମଗ୍ର ଓଡ଼ିଆ କବିତା ଜଗତରେ ସୁଦୂରପ୍ରସାରୀ ହୋଇ ଦେଖା ଦେଲା ଏବଂ ଯାହା ସର୍ବୋପରି ଆଧୁନିକ ପ୍ରଗତିଶୀଳ ସାହିତ୍ୟର ସମସ୍ୟା ଓ ସଂକଟକୁ ତୀବ୍ରତର କରି ଗଢ଼ି ତୋଳିଲା । ସ୍ୱାଧୀନତା ପରେ ଦେଶରେ ଏକ ସାମାଜିକ ନିସ୍ତରଙ୍ଗତା ଦେଖିବାକୁ ମିଳିଲା । ଏକ ସଂଘର୍ଷଶୀଳ ସମାଜର ନେତୃତ୍ୱ ହଠାତ୍ କ୍ଷମତା ଓ ଦୁର୍ନୀତିରେ ଭରିଗଲା-ତାହା ପୁଣି ସ୍ୱାଦେଶୀ ଶାସକଙ୍କ ଦ୍ୱାରା । ଫଳରେ ନୂତନ ଚିନ୍ତା ଓ ସଂଘର୍ଷର ବାର୍ତ୍ତା ଆଗଭଳି ଶିକ୍ଷା ସାହିତ୍ୟ ଓ ସମାଜ ଜୀବନକୁ ଆନ୍ଦୋଳିତ କଲାନି । ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଓ ସାମାଜିକ ଅନ୍ତର୍ଦୃଷ୍ଟିର ଅଭାବରୁ ସାହିତ୍ୟ ହୋଇ ଉଠିଲା ପେସାଦାରୀ ଅଥବା ସୌଖୀନ । ସମାଜନିଷ୍ଠତା ପରିବର୍ତ୍ତେ ବ୍ୟକ୍ତିନିଷ୍ଠତା ବା ବ୍ୟକ୍ତି କୈନ୍ଦ୍ରୀକତାର ପ୍ରଭାବ ସାହିତ୍ୟରେ ଦେଖିବାକୁ ମିଳିଲା । ଆଶ୍ଚର୍ଯ୍ୟ କଥା ଏକଦା ସଫଳ ପ୍ରଗତିଶୀଳ ଆଧୁନିକ କବି ସଚ୍ଚି ରାଉତରାୟ ହେଲେ ଏ ସବୁର ଦିଶାରୀ । ଯେଉଁ ସାହିତ୍ୟିକ ଏକଦା ପ୍ରଗତିଶୀଳ ଓ ଆଧୁନିକ ସାହିତ୍ୟର ଅନ୍ୟତମ ଯୁଗ ପ୍ରବର୍ତ୍ତକ ସ୍ରଷ୍ଟାର ଭୂମିକା ଗ୍ରହଣ କରିଥିଲା-ସେଇ ସାହିତ୍ୟିକ ଜୀବନ ଓ ଚିନ୍ତନର ଉପଯୁକ୍ତ 'ପ୍ରାକ୍‌ସିସ୍'ର ର ଅଭାବରୁ ଏକ ଅଧଃପତିତ ସମାଜର କ୍ରମ ଅବକ୍ଷୟୀ ଚିନ୍ତାର ବାର୍ତ୍ତାବହ ହେଲା । ସ୍ୱାଧୀନତା ପରେ ଉପନିବେଶବାଦୀ ସ୍ୱଦେଶ ଯେ ନବ୍ୟ ଉପନିବେଶବାଦର ଶିକାର ହେଲା ଏବଂ ଏଠାକାର "କଂପ୍ରାଡ଼ର" ଶାସକ ଶ୍ରେଣୀ ଓ ତାଙ୍କର ବିଦେଶୀ ପ୍ରଭୁ ସର୍ବୋପରି ବୈଦେଶିକ ପୁଞ୍ଜିର ଏ ଦେଶ ଉପରେ ଆଧିପତ୍ୟ ବିରୁଦ୍ଧରେ ଏକ ନୂତନ ସଂଘର୍ଷର ପଟ୍ଟଭୂମି ଓ ଏକ ନୂତନ କ୍ରାନ୍ତିର ବାର୍ତ୍ତା ରଚିତ ହୋଇ ପାରିଲାନି । ଏହା କହିବା ବାହୁଲ୍ୟ ଶ୍ରୀ ରାଉତରାୟ ଇତ୍ୟବସରରେ ପୁଞ୍ଜିବାଦୀ

Digitized by PPRACHIN, SOA

ଦଳମାନଙ୍କର ସହଯୋଗରେ ବିଧାୟକ ସାଂସଦ ଓ ସାହିତ୍ୟ ପ୍ରତିଷ୍ଠାନର ପୁରସ୍କାର ଲାଭଲାଳସୀ ହୋଇ ପଡିଲେ; ଯତ୍‌ଦ୍ୱାରା ସ୍ୱାଧୀନତା ପରବର୍ତ୍ତୀ କାଳରେ ତାଙ୍କର ସାହିତ୍ୟ ଉପଭୋକ୍ତା ବାଦୀ ଦୁର୍ବଳତାର ଶିକାର ହେଲା । ମଣିଷ ସାମାଜିକ ଅସ୍ତିତ୍ୱ ହିଁ ତା'ର ଚେତନାର ନିର୍ଦ୍ଧାରକ (Mans social existance determines his consciousness-Marx)ନ୍ୟାୟରେ ଶ୍ରୀ ରାଉତରାୟଙ୍କର କାବ୍ୟ ଅସ୍ତିତ୍ୱ ଶାସକ-ଶ୍ରେଣୀୟ ଭାବଧାରା ଦ୍ୱାରା ପରିଚାଳିତ ହେଲା । ଏହା ହେବା ପଛରେ ବ୍ୟକ୍ତିଗତ ଭାବରେ ଶ୍ରୀ ରାଉତରାୟ ଯେତିକି ଦାୟୀ ରହିଲେ ସେତିକି ପରିମାଣରେ ବସ୍ତୁନିଷ୍ଠ ଜଗତ (objective world)ର ସଂଘର୍ଷରହିତ ସ୍ଥିତି ବା ଗୋଟାଏ ଶବ୍ଦରେ କହିଲେ ସାମାଜିକ ନିସ୍ତରଙ୍ଗତା ଓ ସ୍ଥାଣୁତା ସେତିକି ପରିମାଣରେ ଦାୟୀ ରହିଲା । ସ୍ୱାଧୀନତା ପରେ ସ୍ଥିତା-ବସ୍ଥା ବିରୁଦ୍ଧରେ ସାମାଜିକ ସଂଘର୍ଷ ଯେ ସଂପୂର୍ଣ୍ଣ ଲୋପ ପାଇଯାଇଥିଲା ତା' ନୁହେଁ; କିନ୍ତୁ ତତ୍‌କାଳୀନ ସମାଜର ଯାହା ବି କିଛି ଲଢ଼େଇ ଥିଲା ବା ଯେଉଁ ନୂତନ ଦିଶାର ଝଲକ ଥିଲା ଶ୍ରୀ ରାଉତରାୟ ତା'ଠାରୁ ନିଜକୁ ଦୂରେଇ ନେଲେ । ଏହି ଦୂରେଇ ନେବା ପଛରେ ଅନ୍ୟତମ କାରଣ ହେଲା ତାଙ୍କର ମଧ୍ୟବିତ୍ତ ଶ୍ରେଣୀୟ ଅବସର-ବାଦୀ ପ୍ରବଣତା । ଯେଉଁ ପ୍ରବଣତା ପାଇଁ ସେ ଗୋଟାଏ ଜାତିର ସାମାଜିକ କ୍ରାନ୍ତିର ବିପ୍ଳବୀ କାବ୍ୟ ନାୟକର ଭୂମିକାରହିତ ହେଲେ । ଯାହା ପରିଣତି ସ୍ୱରୂପ ସେ ଭଗବତୀ ସମକକ୍ଷ ଓଡ଼ିଆ ପ୍ରଗତି ସାହିତ୍ୟର ଅହମ୍ ଭାବର ପ୍ରକାଶ କ୍ଷେତ୍ରରେ ସ୍ୱଭୂମିକା ସପକ୍ଷରେ ଯେତେ ସେଫେଇ ଦେଲେ ମଧ୍ୟ (ଗୋବିନ୍ଦ ତ୍ରିପାଠୀ ପ୍ରବନ୍ଧ ଜରିଆରେ) ଓଡ଼ିଶାର ସୁଧୀ-ପାଠକ ମଣ୍ଡଳୀ ତାଙ୍କ ପ୍ରତି କ୍ରମବର୍ଦ୍ଧମାନ ଆକର୍ଷଣ, ବା ଶ୍ରଦ୍ଧା ଓ ସମ୍ମାନ ହ୍ରାସ କରିବାକୁ ବାଧ୍ୟ ହେଲା । ଶ୍ରୀ ରାଉତରାୟଙ୍କ ପ୍ରଗତିଶୀଳ ଓ ଆଧୁନିକ କାବ୍ୟ-କ୍ରାନ୍ତି ଓ ଅନ୍ତର୍ଦୃଷ୍ଟିର କ୍ରମ ଅବକ୍ଷୟ ତାଙ୍କ ରଚିତ ପାଣ୍ଡୁଲିପି ପରବର୍ତ୍ତୀ-କାଳୀନ କବିତାର ଆକଳନ ଓ ଆଲୋଚନା ଦ୍ୱାରା ସଂଭବ ଏହା କହିବା ବାହୁଲ୍ୟ । ପାଣ୍ଡୁଲିପି ପରବର୍ତ୍ତୀ କାଳରେ ଶ୍ରୀ ରାଉତରାୟ ଜଣେ କବି ଭାବରେ ସାମାଜିକ-ସଂଘର୍ଷର ମଞ୍ଚରୁ ବିକଶିତ ବା ପ୍ରକାଶିତ ନ ହୋଇ ସ୍ୱଚ୍ଛା ଅବସର-ଭୋଗୀ ମଧ୍ୟବିତ୍ତ ପଠନାଶ୍ରୟୀ ବୁଦ୍ଧିବାଦୀ-ବୁଦ୍ଧିଜୀବୀ (Eclectic intellectual) ଭାବରେ ସୀମିତ ବୈୟକ୍ତିକ ଅନୁଭବମାନଙ୍କୁ ବ୍ୟକ୍ତିଗତ ରଚନା ପ୍ରକୋଷ୍ଠରୁ ବିକାଶିତ ନୁହେଁ କେବଳ ପ୍ରକାଶିତ କରି ଲାଗିଲେ । ଫଳତଃ ଏହି ରଚନା ମାନଙ୍କରେ ଅଭିଯାନର ବାରୁଦ, ବାଜିରାଉତର ଉତ୍ତାପ, ପାଣ୍ଡୁଲିପିର ବୌଦ୍ଧିକ ନିଷ୍ଠା ବା ସାଫଲ୍ୟ, ଫଲ୍ଗୁଶ୍ରୀର ଚିରନ୍ତନୀ ମୂଲ୍ୟ, ଭାନୁମତୀର ଦେଶର କାବ୍ୟିକ ମୁକ୍ତି (Poetic wisdom) ଦେଖିବାକୁ ମିଳିଲାନି । ଅଳ୍ପ କେତୋଟି କବିତାକୁ ଛାଡ଼ିଦେଲେ ପାଣ୍ଡୁଲିପି ପରବର୍ତ୍ତୀ କାଳର କବିତା

Digitized by PPRACHIN, SOA

ଗ୍ରନ୍ଥ କବିତା- ୧୯୬୨, ୧୯୬୯, ୧୯୭୧, ୮୭ ଓ ତତ୍ ପରବର୍ତ୍ତୀ ଅନ୍ୟ ସମସ୍ତ କବିତା ଗ୍ରନ୍ଥର କବିତାମାନ ବୁଦ୍ଧିଜିବୀ ପାଠକ ବା ସାଧାରଣ ପାଠକ କାହାକୁ ଅନୁପ୍ରେରିତ କରିପାରିଲାନି । ଏକଦା ଯେ ରାଉତରାୟଙ୍କ କବିତା ପ୍ରେରଣା ଦାୟୀ ଥିଲା ତାହା କବିତା- ୧୯୬୨ ଠାରୁ ପାଠକକୁ ଭୁଲିଯିବାକୁ ପଡ଼ିଲା । ପାଣ୍ଡୁଲିପି ପରବର୍ତ୍ତୀ କାଳରେ ଶ୍ରୀ ରାଉତରାୟଙ୍କ କବିତାରେ କୌଣସି ସ୍ୱଚ୍ଛ ଜୀବନାଦର୍ଶର ପ୍ରତିଫଳିତ ନାହିଁ । ଏ ସମସ୍ତ କବିତାମାନଙ୍କର ମଣିଷ ଜାତି (ସମାଜ) ଓ ପ୍ରକୃତି ଅନୁପସ୍ଥିତି କହିଲେ ଚଳେ । ଯାହା ଅଛି ତାହା ନିଷ୍ଫଳ ବ୍ୟଙ୍ଗ, ବିକାର, ଦୁର୍ବୋଧତା, ଅନେକଟା ଆତ୍ମପ୍ରତାରଣା ଓ ନିଜଠାରୁ ନିଜର ପଳାୟନ ବା ସର୍ଜନାତ୍ମକ କ୍ରିୟା-କର୍ମର ବନ୍ଧ୍ୟାକରଣ । ଏଠାରେ ସିଧାସଳଖ ଭାବରେ କିଛି କବିତା ଓ କାବ୍ୟ ପଂକ୍ତିର ଉଲ୍ଲେଖ ଓ ଆଲୋଚନା ମାଧମରେ ଉପରୋକ୍ତ ମତାମତର ଯଥାର୍ଥତାକୁ ଉପଲବ୍ଧି କରାଯାଇପାରିବ, ଯଥା-

"କେବେ ମନେ ହୁଏ ସ୍ୱଷ୍ଟ ଯୁବତୀ ପ୍ରଥମ ନାରୀର ସୋଜା ବିଭବ
ତରୁ ଦେବତାର ଉଦ୍ଦେଶ୍ୟ ଟେକି ଦୁଇ ହାତେ ତା'ର ଯୁଗ୍ମ ସ୍ତନ
ପୂଜାର ଅର୍ଘ୍ୟ ରଚି ମାଗେ ଅବା ସୃଷ୍ଟି-ନିୟମ ସରଳ ଜ୍ଞାନ
ଭଲ ଲାଗେ ତା'ର ରେସମୀ ହିନ୍ଦୀର -ଛୋଟ ଓଠ ତଳେ, ସେଇ 'ଆପଣ'
ଅବା ପ୍ରମୂର୍ତ୍ତ ପ୍ରେମ ଇଙ୍ଗିତେ ମୃଦୁ ଇଂରାଜୀ ସଂଭାଷଣ ।"

(ପ୍ରେମତତ୍ତ୍ୱ-କବିତା-୧୯୬୨)

କବିତାଟିର କାବ୍ୟନାୟକ କବି ନିଜେ; କାବ୍ୟ ନାୟିକା ଜଣେ ବିଦେଶିନୀ ବା ସାହାବାଣୀ; ଯାହାକୁ ଦେଖିବା ମାତ୍ରେ କବିଙ୍କର ପ୍ରୀତି ଆକାଂକ୍ଷା ନୁହଁ ଅବଦମିତ ଯୌନାକାଂକ୍ଷାର ଜାଗୃତି ଘଟିଛି । କବିତାଟି ରୀତିମତ ଏକ କସରତ । ଫ୍ରୟେଡ୍ୱୀୟ ଯୌନ ଦର୍ଶନକୁ ଟାଣି ଓଟାରି କବିତା ମଧ୍ୟକୁ ଆଣିବାର ଏକ ଅନାବଶ୍ୟକ ଉଦ୍ୟମ; ମଗ୍ନ ଚୈତନ୍ୟର ଲକ୍ଷ୍ୟ-ବିହୀନ ଜାଗୃତି । 'ଭାନୁମତୀର ଦେଶ' କବିତାରେ ମଗ୍ନ ଚୈତନ୍ୟର ବ୍ୟାଖ୍ୟାନ ଯେମିତି ସ୍ୱାଭାବିକ ଓ ସଠିକ୍ ଏବଂ ଏହାର କାବ୍ୟ ନାୟକ ବା କାବ୍ୟ ନାୟିକା ଯେମିତି ସ୍ୱାଧୀନ ଓ ସ୍ୱତନ୍ତ୍ର 'ପ୍ରେମ ଓ ଭୟ' କବିତାର ପଟ୍ଟଭୂମି ବା କାବ୍ୟ ନାୟକ ନାୟିକାଙ୍କର ଉପସ୍ଥିତି ମଧ୍ୟରେ ସେମିତି କୌଣସି ସଦର୍ଥକ ଭୂମିକା ନାହିଁ । ଏହି କବିତାରେ କବି ଆପଣା ମନର ବା ସମାଜର ଯେ କୌଣସି ସଦର୍ଥକ ଭୂମିକା ନାହିଁ । ଏହି କବିତାରେ କବି ଆପଣା ମନର ବା ସମାଜର ଯେ କୌଣସି ବ୍ୟକ୍ତିର ଯୌନ ଅବଦମନ ବା ବିକାରକୁ ପ୍ରକାଶ କଲାବେଳେ ରକ୍ଷଣଶୀଳ ସମାଜର ତଥାକଥିତ ନୈତିକତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରି ନାହାନ୍ତି । ଫ୍ରୟେଡ୍ୱୀୟ ଦର୍ଶନ

Digitized by PPRACHIN, SOA

ପ୍ରାକାରାନ୍ତରେ ରଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ପ୍ରତିବାଦ । ପ୍ରେମ ଓ ଭୟ କବିତାରେ ଏହି ପ୍ରତିବାଦର ସ୍ୱର ଅନୁପସ୍ଥିତ । ଫଳତଃ କବିତାଟିରେ ନାୟକ ନାୟିକାଙ୍କ ମାଧ୍ୟମରେ ଯୌନତାର ସାମାଜିକ ବସ୍ତୁଗତ ସ୍ଥିତିର ରୂପାୟନ ବା କାବ୍ୟିକ ମୁକ୍ତି ଭାବନା (poetic wisdom) ଦେଖିବାକୁ ମିଳେନା ଅପରନ୍ତୁ କବିତାଟିରେ ଯୌନତାକୁ ନେଇ ଚେତନାର ଓଲଟ ସଂକ୍ରମଣଯୁକ୍ତ କାବ୍ୟିକ ବଂଧନ ଭାବନାହିଁ ଦୃଷ୍ଟିଗୋଚର ହୁଏ । (ଯେଉଁ କାରଣୁ ପ୍ଲାଟୋ ତାଙ୍କ ଆଦର୍ଶ ରାଷ୍ଟ୍ର ବା ଦର୍ଶନର ଜଗତରୁ କବିମାନଙ୍କୁ ବହିଷ୍କାର କରିବାକୁ ଚାହିଁଥିଲେ (ଯଦିଓ ପ୍ଲାଟୋଙ୍କର ଆଦର୍ଶ ରାଷ୍ଟ୍ର ଏକ ଚେତନାର ବଂଧନ ଓ ମୁକ୍ତି ଉଭୟ) । 'ପ୍ରେମ ଓ ଭୟ' କବିତାଟି କବିଙ୍କ ମନରେ ସୃଷ୍ଟି ଚେତନାର ବଂଧନ ଓ ମୁକ୍ତି ଉଭୟ) । 'ପ୍ରେମ ଓ ଭୟ' କବିତାଟି କବିଙ୍କ ମନରେ ସୃଷ୍ଟି ହୋଇଥିବା ଯୌନବିକାରର ବୌଦ୍ଧିକ ବିପାକ । ଏହା କବିଙ୍କ ମନକୁ କ୍ଷଣେମାତ୍ର ହାଲକା କରିପାରେ ସତ କିନ୍ତୁ ପାଠକର ମନକୁ ମୁକ୍ତିର କେଉଁ ଦିଶା ଯୋଗାଇବ ? ଉପରୋକ୍ତ କବିତା ପ୍ରେମ ଓ ଯୌନତାକୁ ନେଇ ସମାଜରେ ପ୍ରତିଷ୍ଠିତ ରଢ଼ିବାଦ ଓ ଆଦିଭୌତିକତା ବିପକ୍ଷରେ ମୁକ୍ତିର କୌଣସି ଆଧ୍ୟାତ୍ମିକ ପଛଭୂମି ରଚନା କରିଥିଥଲା ପରି ମନେ ହୁଏନା । ବରଂ ଏହା ସେଇ ବିଷୟ (ପ୍ରେମ ଓ ଯୌନତା)କୁ ନେଇ ଏକ କାବ୍ୟିକ ଆଦିଭୌତିକତା (metaphysics) ଅଥଚ ବାସ୍ତବିକତା ବା ବିଜ୍ଞାନ ନୁହେଁ । କବି ଶ୍ରୀ ରାଉତରାୟଙ୍କ କବିତା ବୈପ୍ଳବିକ ଚିନ୍ତା-କର୍ମ- ପ୍ରତିଫଳନ (ପ୍ରାକ୍‌ସିସ୍)ର ଅଭାବରୁ କ୍ରମଶଃ ଯଥାର୍ଥ ଆଧ୍ୟାତ୍ମିକତା, ଅନ୍ତର୍ଦୃଷ୍ଟି ସଂପନ୍ନ ବାସ୍ତବତା ଓ ବିଜ୍ଞାନ ଠାରୁ ଦୂରେଇ ଯାଇଛି । ଏହା କେବଳ କବିତା ୧୯୬୨ କବିତା ଗ୍ରନ୍ଥ ନୁହେଁ କବିତା ୧୯୬୨ ପରବର୍ତ୍ତୀ ଅନ୍ୟ ସମସ୍ତ କବିତା ଗ୍ରନ୍ଥର ଅଧିକାଂଶ କବିତା ପ୍ରମାଣ କରିଥାଏ । ଏହି ପରିପ୍ରେକ୍ଷୀ କବିତା-୧୯୭୧ କାବ୍ୟ ଗ୍ରନ୍ଥର ଫ୍ରଏଡୀୟ ଦର୍ଶନ ପ୍ରେରିତ କାମ ବିକାର ଗ୍ରସ୍ତ ଭାବନା (ଯଦିଓ ଫ୍ରଏଡ୍ରୀୟ ଦର୍ଶନ କାମ ବିକାର ଗ୍ରସ୍ତ ହେବା ପାଇଁ କେଉଁଠି କୁହେନା)ର କବିତା ପଂକ୍ତି ଏଠାରେ ଉଲ୍ଲେଖ ଯୋଗ୍ୟ । ଯଥା-

"ସମସ୍ତ ବିଛଣା ଆଉ ସମଗ୍ର ଘରଟା ଖୋଜିଲିଣି ମୁଁ ଯେ ଖିନ୍‌ଭିନ୍
ମାତ୍ର ମିଳିଲା ନାହିଁ, କାହିଁଗଲା ତୁମ ହେୟାର ପିନ୍?
ପୁଣି ବି ବିଲୁନାହିଁ ବଡ଼ିସ୍ ଓ ବ୍ଲାଉଜ୍‌ର ଦିଟା ରୂପା ସେପ୍‌ଟିପିନ୍
ଖୋଜିଲିଣି ନିକଟେ ଓ ଦୂରେ, ବହୁବର୍ଷ ତଳେ ବହୁବର୍ଷ ପରେ ।
×　　×　　×
କେଉଁଠିତ ମିଳୁ ନାହିଁ ସୁନ୍ଦର ନିବୁଜ
ତୁମର ସଜଡ଼ା ଗଭା ବୁକୁର ଗୁଂବୁଜ ।"

Digitized by PPRACHIN, SOA

ଗ୍ରନ୍ଥ କବିତା- ୧୯୬୨, ୧୯୬୯, ୧୯୭୧, ୮୭ ଓ ତତ୍ ପରବର୍ତ୍ତୀ ଅନ୍ୟ ସମସ୍ତ କବିତା ଗ୍ରନ୍ଥର କବିତାମାନ ବୁଦ୍ଧିଜିବୀ ପାଠକ ବା ସାଧାରଣ ପାଠକ କାହାକୁ ଅନୁପ୍ରେରିତ କରିପାରିଲାନି । ଏକଦା ଯେ ରାଉତରାୟଙ୍କ କବିତା ପ୍ରେରଣା ଦାୟୀ ଥିଲା ତାହା କବିତା- ୧୯୬୨ ଠାରୁ ପାଠକକୁ ଭୁଲିଯିବାକୁ ପଡ଼ିଲା । ପାଣ୍ଡୁଲିପି ପରବର୍ତ୍ତୀ କାଳରେ ଶ୍ରୀ ରାଉତରାୟଙ୍କ କବିତାରେ କୌଣସି ସ୍ୱଚ୍ଛ ଜୀବନାଦର୍ଶର ପ୍ରତିଫଳିତ ନାହିଁ । ଏ ସମସ୍ତ କବିତାମାନଙ୍କର ମଣିଷ ଜାତି (ସମାଜ) ଓ ପ୍ରକୃତି ଅନୁପସ୍ଥିତି କହିଲେ ଚଳେ । ଯାହା ଅଛି ତାହା ନିଷ୍ଫଳ ବ୍ୟଙ୍ଗ, ବିକାର, ଦୁର୍ବୋଧତା, ଅନେକଟା ଆତ୍ମପ୍ରତାରଣା ଓ ନିଜଠାରୁ ନିଜର ପଳାୟନ ବା ସର୍ଜନାତ୍ମକ କ୍ରିୟା-କର୍ମର ବନ୍ଧ୍ୟାକରଣ । ଏଠାରେ ସିଧାସଳଖ ଭାବରେ କିଛି କବିତା ଓ କାବ୍ୟ ପଂକ୍ତିର ଉଲ୍ଲେଖ ଓ ଆଲୋଚନା ମାଧମରେ ଉପରୋକ୍ତ ମତାମତର ଯଥାର୍ଥତାକୁ ଉପଲବ୍ଧି କରାଯାଇପାରିବ, ଯଥା-

"କେବେ ମନେ ହୁଏ ସ୍ୱଷ୍ଟ ଯୁବତୀ ପ୍ରଥମ ନାରୀର ସୋଜା ବିଭବ
ତରୁ ଦେବତାର ଉଦ୍ଦେଶ୍ୟ ଟେକି ଦୁଇ ହାତେ ତା'ର ଯୁଗ୍ମ ସ୍ତନ
ପୂଜାର ଅର୍ଘ୍ୟ ରଚି ମାଗେ ଅବା ସୃଷ୍ଟି-ନିୟମ ସରଳ ଜ୍ଞାନ
ଭଲ ଲାଗେ ତା'ର ରେସମୀ ହିନ୍ଦୀର -ଛୋଟ ଓଠ ତଳେ, ସେଇ 'ଆପଣ'
ଅବା ପ୍ରମୂର୍ତ୍ତ ପ୍ରେମ ଇଙ୍ଗିତେ ମୃଦୁ ଇଂରାଜୀ ସଂଭାଷଣ ।"

(ପ୍ରେମତତ୍ତ୍ୱ-କବିତା-୧୯୬୨)

କବିତାଟିର କାବ୍ୟନାୟକ କବି ନିଜେ; କାବ୍ୟ ନାୟିକା ଜଣେ ବିଦେଶିନୀ ବା ସାହାବାଣୀ; ଯାହାକୁ ଦେଖିବା ମାତ୍ରେ କବିଙ୍କର ପ୍ରୀତି ଆକାଂକ୍ଷା ନୁହଁ ଅବଦମିତ ଯୌନାକାଂକ୍ଷାର ଜାଗୃତି ଘଟିଛି । କବିତାଟି ରୀତିମତ ଏକ କସରତ । ଫ୍ରଏଡୀୟ ଯୌନ ଦର୍ଶନକୁ ଟାଣି ଓଟାରି କବିତା ମଧ୍ୟକୁ ଆଣିବାର ଏକ ଅନାବଶ୍ୟକ ଉଦ୍ୟମ; ମଗ୍ନ ଚୈତନ୍ୟର ଲକ୍ଷ୍ୟ-ବିହୀନ ଜାଗୃତି । 'ଭାନୁମତୀର ଦେଶ' କବିତାରେ ମଗ୍ନ ଚୈତନ୍ୟର ବ୍ୟାଖ୍ୟାନ ଯେମିତି ସ୍ୱାଭାବିକ ଓ ସଠିକ୍ ଏବଂ ଏହାର କାବ୍ୟ ନାୟକ ବା କାବ୍ୟ ନାୟିକା ଯେମିତି ସ୍ୱାଧୀନ ଓ ସ୍ୱତନ୍ତ୍ର 'ପ୍ରେମ ଓ ଭୟ' କବିତାର ପଚ୍ଛଭୂମି ବା କାବ୍ୟ ନାୟକ ନାୟିକାଙ୍କର ଉପସ୍ଥିତି ମଧ୍ୟରେ ସେମିତି କୌଣସି ସଦର୍ଥକ ଭୂମିକା ନାହିଁ । ଏହି କବିତାରେ କବି ଆପଣା ମନର ବା ସମାଜର ଯେ କୌଣସି ସଦର୍ଥକ ଭୂମିକା ନାହିଁ । ଏହି କବିତାରେ କବି ଆପଣା ମନର ବା ସମାଜର ଯେ କୌଣସି ବ୍ୟକ୍ତିର ଯୌନ ଅବଦମନ ବା ବିକାରକୁ ପ୍ରକାଶ କଲାବେଳେ ରଢ଼ିବାଦୀ ସମାଜର ତଥାକଥିତ ନୈତିକତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରି ନାହାନ୍ତି । ଫ୍ରଏଡୀୟ ଦର୍ଶନ

Digitized by PPRACHIN, SOA

ପ୍ରାକାରାନ୍ତରେ ରଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ପ୍ରତିବାଦ । ପ୍ରେମ ଓ ଭୟ କବିତାରେ ଏହି ପ୍ରତିବାଦର ସ୍ୱର ଅନୁପସ୍ଥିତ । ଫଳତଃ କବିତାଟିରେ ନାୟକ ନାୟିକାଙ୍କ ମାଧ୍ୟମରେ ଯୌନତାର ସାମାଜିକ ବସ୍ତୁଗତ ସ୍ଥିତିର ରୂପାୟନ ବା କାବ୍ୟିକ ମୁକ୍ତି ଭାବନା (poetic wisdom) ଦେଖିବାକୁ ମିଳେନା ଅପରନ୍ତୁ କବିତାଟିରେ ଯୌନତାକୁ ନେଇ ଚେତନାର ଓଲଟ ସଂକ୍ରମଣଯୁକ୍ତ କାବ୍ୟିକ ବଂଧନ ଭାବନାହିଁ ଦୃଷ୍ଟିଗୋଚର ହୁଏ । (ଯେଉଁ କାରଣୁ ପ୍ଲାଟୋ ତାଙ୍କ ଆଦର୍ଶ ରାଷ୍ଟ୍ର ବା ଦର୍ଶନର ଜଗତରୁ କବିମାନଙ୍କୁ ବହିଷ୍କାର କରିବାକୁ ଚାହିଁଥିଲେ (ଯଦିଓ ପ୍ଲାଟୋଙ୍କର ଆଦର୍ଶ ରାଷ୍ଟ୍ର ଏକ ଚେତନାର ବଂଧନ ଓ ମୁକ୍ତି ଉଭୟ) । 'ପ୍ରେମ ଓ ଭୟ' କବିତାଟି କବିଙ୍କ ମନରେ ସୃଷ୍ଟି ଚେତନାର ବଂଧନ ଓ ମୁକ୍ତି ଉଭୟ) । 'ପ୍ରେମ ଓ ଭୟ' କବିତାଟି କବିଙ୍କ ମନରେ ସୃଷ୍ଟି ହୋଇଥିବା ଯୌନବିକାରର ବୌଦ୍ଧିକ ବିପାକ । ଏହା କବିଙ୍କ ମନକୁ କ୍ଷଣେମାତ୍ର ହାଲକା କରିପାରେ ସତ କିନ୍ତୁ ପାଠକର ମନକୁ ମୁକ୍ତିର କେଉଁ ଦିଶା ଯୋଗାଇବ ? ଉପରୋକ୍ତ କବିତା ପ୍ରେମ ଓ ଯୌନତାକୁ ନେଇ ସମାଜରେ ପ୍ରତିଷ୍ଠିତ ରଢ଼ିବାଦ ଓ ଆଦିଭୌତିକତା ବିପକ୍ଷରେ ମୁକ୍ତିର କୌଣସି ଆଧ୍ୟାତ୍ମିକ ପଟ୍ଟଭୂମି ରଚନା କରିଥିଥଲା ପରି ମନେ ହୁଏନା । ବରଂ ଏହା ସେଇ ବିଷୟ (ପ୍ରେମ ଓ ଯୌନତା)କୁ ନେଇ ଏକ କାବ୍ୟିକ ଆଦିଭୌତିକତା (metaphysics) ଅଥଚ ବାସ୍ତବିକତା ବା ବିଜ୍ଞାନ ନୁହେଁ । କବି ଶ୍ରୀ ରାଉତରାୟଙ୍କ କବିତା ବୈପ୍ଳବିକ ଚିନ୍ତା-କର୍ମ- ପ୍ରତିଫଳନ (ପ୍ରାକ୍‌ସିସ୍)ର ଅଭାବରୁ କ୍ରମଶଃ ଯଥାର୍ଥ ଆଧ୍ୟାତ୍ମିକତା, ଅନ୍ତର୍ଦୃଷ୍ଟି ସଂପନ୍ନ ବାସ୍ତବତା ଓ ବିଜ୍ଞାନ ଠାରୁ ଦୂରେଇ ଯାଇଛି । ଏହା କେବଳ କବିତା ୧୯୬୨ କବିତା ଗ୍ରନ୍ଥ ନୁହେଁ କବିତା ୧୯୬୨ ପରବର୍ତ୍ତୀ ଅନ୍ୟ ସମସ୍ତ କବିତା ଗ୍ରନ୍ଥର ଅଧିକାଂଶ କବିତା ପ୍ରମାଣ କରିଥାଏ । ଏହି ପରିପ୍ରେକ୍ଷୀ କବିତା-୧୯୭୧ କାବ୍ୟ ଗ୍ରନ୍ଥର ଫୟେଡୀୟ ଦର୍ଶନ ପ୍ରେରିତ କାମ ବିକାର ଗ୍ରସ୍ତ ଭାବନା (ଯଦିଓ ଫ୍ରୟେଡ୍ରୀୟ ଦର୍ଶନ କାମ ବିକାର ଗ୍ରସ୍ତ ହେବା ପାଇଁ କେଉଁଠି କୁହେନା)ର କବିତା ପଂକ୍ତି ଏଠାରେ ଉଲ୍ଲେଖ ଯୋଗ୍ୟ । ଯଥା-

"ସମସ୍ତ ବିଛଣା ଆଉ ସମଗ୍ର ଘରଟା ଖୋଜିଲିଣି ମୁଁ ଯେ ଖିନ୍‌ଭିନ୍
ମାତ୍ର ମିଳିଲା ନାହିଁ, କାହିଁଗଲା ତୁମ ହେୟାର ପିନ୍ ?
ପୁଣି ବି ବିଲୁନାହିଁ ବଡ଼ିସ୍ ଓ ବ୍ଲାଉଜ୍‌ର ଦିଟା ରୂପା ସେପ୍‌ଟିପିନ୍
ଖୋଜିଲିଣି ନିକଟେ ଓ ଦୂରେ, ବହୁବର୍ଷ ତଳେ ବହୁବର୍ଷ ପରେ ।
× × ×
କେଉଁଠିତ ମିଳୁ ନାହିଁ ସୁନ୍ଦର ନିବୁଜ
ତୁମର ସଜଡ଼ା ଗଭା ବୁକୁର ଗୁଂବୁଜ ।"

Digitized by PPRACHIN, SOA

ଉପରୋକ୍ତ କବିତାଟି ପୂର୍ବ ଉଲ୍ଲିଖିତ କବିତା ଅନୁରୂପ ନୁହଁକି ? ଉପରୋକ୍ତ କବିତାରେ ପ୍ରେମ ଓ ଯୌନତାର କେଉଁ ମୁକ୍ତି ବା ଜୀବନଧର୍ମୀ ଆବେଗର ପ୍ରକାଶ ଘଟାଇଛନ୍ତି କବି ? ଏଠାରେ ଆଧୁନିକ କବିତାର ପରୀକ୍ଷା ନିରୀକ୍ଷା ଥାଇପାରେ । କିନ୍ତୁ ଆଧୁନିକ କବିତା କ'ଣ ଜୀବନ ଧର୍ମ-ହୀନ । ଅନ୍ୟ ଏକ ପ୍ରଶ୍ନ ବି କରାଯାଇ ପାରେ । ଏହି କବିତା ପଂକ୍ତିରେ କେଉଁ କାବ୍ୟିକ ଅନ୍ତର୍ଦ୍ଧୃଷ୍ଟି ବା ସାମାଜିକ ସଂକଟର ପ୍ରକାଶ ଘଟିଛି । କିଛି ଫଟୋଗ୍ରାଫିକ୍ ବର୍ଣ୍ଣନା, ତାହା ପୁଣି ବିକାର ଗ୍ରସ୍ତ ବର୍ଣ୍ଣନା । ଭାବଗତ ଦିଗରୁ କେବଳ ଜଣେ ନାରୀ ପାଇଁ କାବ୍ୟ ନାୟକର ଅବଦମିତ ଯୌନାକାଂକ୍ଷା ଓ ଜାନ୍ତବ ଇଚ୍ଛାର ପ୍ରକାଶ ଘଟିନିକି କବିତାରେ ? ପୁନଶ୍ଚ ପ୍ରଥମ ପୁରୁଷରେ ଅଭିବ୍ୟକ୍ତ ଏହି କବିତାରେ କାବ୍ୟ ନାୟକ କବି ନିଜେ । କବି ରାଉତରାୟଙ୍କର ଏକଦା ପ୍ରେରଣାଦାତା ଜୀବନାନନ୍ଦ ଅଥବା ଆଧୁନିକ କବିତାରେ ତାଙ୍କର ପାଶ୍ଚାତ୍ୟ ପ୍ରତିପକ୍ଷ ବଦ୍‌ଲେୟାର, ଭଲେରୀ, ର୍‍ୟାମ୍ବୋ, ପାଉଣ୍ଡ ହ୍ୱିଟମ୍ୟାନ୍, ଇଲିୟଟ ଇତ୍ୟାଦିଙ୍କ କବିତା କ'ଣ ଏହିପରି ଥିଲା । ଏଲିୟଟ ୱେଷ୍ଟଲ୍ୟାଣ୍ଡ କବିତାରେ ସଭ୍ୟତାର ସଂକଟ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି; ପରିଣତି ଯଦି ଓ ଆଧିଭୌତିକ-ତଥାପି ସେ ଆଶାବାଦୀ । ବଦ୍‌ଲେୟାରଙ୍କ "ଫ୍ଲର ଦୁମାଲ" (Flowers of the Evil) 'କ୍ଳେଦକ କୁସୁମ' କବିତା ଗ୍ରନ୍ଥଟିରେ (କବିସତ୍ତା କେତେ ଯେ ବେଦନା ଜର୍ଜରିତ-ସମ୍ବେଦନଶୀଳ । ହ୍ୱିଟମ୍ୟାନଙ୍କ 'ଘାସର ପତ୍ର' । (leaves of Grass)ରେ ପ୍ରତୀକର କି ସ୍ୱଚ୍ଛ ବ୍ୟବହାର; ଏକ ଜାତିର ଆତ୍ମା ବା ଆଭ୍ୟନ୍ତରର ବାଣୀ ବା ଶବ୍ଦର କି ଅପୂର୍ବ ମୂର୍ଚ୍ଛନା ର୍‍ୟାମ୍ବୋଙ୍କର ପ୍ରତୀକ ବା ଭଲେରୀଙ୍କ ଚିତ୍ରକଳ୍ପରେ କେଉଁଠି କାହିଁ ବିକୃତିର ପରିଚୟ ମିଳେନାତ ? ସେମାନେ କମ୍ୟୁନିଷ୍ଟ ନଥିଲେ; କେବେଦିନେ ମଣିଷକୁ ଭଲ ପାଇବାର କଥା ଡଂକା ବଜାଇ କହି ନଥିଲେ (ତୁମେ ମୋର ଛପା ବହି ଯେତେବେଳେ ଛୁଅଁ ଛୁଅଁ ନୂଆ ମଣିଷର ଛାତି ଭଳି) କିନ୍ତୁ ସେମାନଙ୍କ କବିତାରେ ପରୀକ୍ଷା ନିରୀକ୍ଷା ଓ ଜୀବନ ଧର୍ମର ଏକ ସଦର୍ଥକ ଗତି ବା ସରଣୀ ଲକ୍ଷ୍ୟ କରାଯାଇ ପାରିବ । ରାଉତରାୟଙ୍କ ଉପର ଉଲ୍ଲିଖିତ କବିତା ସମେତ କବିତା-୧୯୬୨ ଓ ତତ୍‌ପରବର୍ତ୍ତୀ କାଳରେ କବିତା ଗ୍ରନ୍ଥମାନଙ୍କର ଅଧିକାଂଶ କବିତା କାବ୍ୟିକ ପ୍ରେରଣା ଓ ଉଦ୍ଦୀପନା-ହୀନତାରେ ଆଶ୍ଚର୍ଯ୍ୟଜନକ ଭାବରେ ଦୁର୍ବଳ । ବିଶ୍ୱବ୍ୟାପୀ ଉଭୟ ଆଧୁନିକ ଓ ପ୍ରଗତିଶୀଳ ସାହିତ୍ୟର ଏକମାତ୍ର ଲକ୍ଷ୍ୟ ଥିଲା ପ୍ରତିବାଦ । ତାହା ପୁଣି ଶୈଳୀ ଓ ଭାବ ଉଭୟକ୍ଷେତ୍ରରେ ଥିବା ସ୍ଥାଣୁତାକୁ ଭାଙ୍ଗିବା ସକାଶେ । ଏ କଥା ଶ୍ରୀ ରାଉତରାୟ ନିଜେବି ଜାଣିଥିବେ ଯେ 'ସୋସିଆଲ ରିଏଲିଷ୍ଟ ଫ୍ୟୁଚରିଷ୍ଟ' ଫର୍ମାଲିଷ୍ଟ, ସୁରିୟାଲିଷ୍ଟ, ଡାଡାଇଷ୍ଟ, ସିଂବଲିଷ୍ଟ, ଇମେଜିଷ୍ଟ ଇତ୍ୟାଦି ପୃଥିବୀର ସମସ୍ତ କାବ୍ୟ

Digitized by PPRACHIN, SOA

ଆନ୍ଦୋଳନର ଏହା ହିଁ ଲକ୍ଷ୍ୟ ଥିଲା । ଉଭୟ ଶୈଳୀ ଓ ଭାବଧାରା କ୍ଷେତ୍ରରେ ପରିବର୍ତ୍ତନ ଓ ନୂତନତା ଆନୟନ-କାବ୍ୟିକ ଅନ୍ତର୍ଦୃଷ୍ଟିକୁ ଅଧିକ ଉଜାଗର କରି ଗଢ଼ି ତୋଳିବା । ଏହା ଶ୍ରୀ ରାଉତରାୟ ନିଜେ ବି ଅନେକଟା ତାଙ୍କର ପାଣ୍ଡୁଲିପି କାବ୍ୟ ଗ୍ରନ୍ଥରେ କରି ଯାଇଅଛନ୍ତି । ଅଥଚ ସାମାଜିକ ଅବକ୍ଷୟର ଯୁଗରେ ଅତୀତର ଯତ୍‌ସାମାନ୍ୟ ପୁଣ୍ୟଠାରୁ ସେ ନିଜକୁ ଦୂରେଇ ନେଇଛନ୍ତି । ଏପରିକି ସେ ନିଜ ଭାଷା ଓ ବିଶ୍ୱଠାରୁ ଯାହାବା କିଛି ସଂଗ୍ରାମ ଲବ୍ଧ ଅନୁଭୂତି ହାସଲ କରିଥିଲେ ସେ ସମସ୍ତ ଅନୁଭୂତିର ଅଧିକ କର୍ଷଣ ନ ଘଟାଇ ଜୀବନ ଓ ସାହିତ୍ୟ ସମ୍ପର୍କରେ ଏକ ଭୁଲ ଧାରଣାର ଶିକାର ହୋଇଛନ୍ତି । ଗୋଟାଏ ଶବ୍ଦରେ କହିବାକୁ ଗଲେ ସେ ତାଙ୍କର ଅତୀତର ସମସ୍ତ ପୁଣ୍ୟକୁ (ପାପ ନୁହେଁ) ତପ୍ତ ବୈତରଣୀରେ ଉଝାଇ ଦେଇଛନ୍ତି । ଫଳତଃ କବିତା ଯେ ମଣିଷକୁ ପଶୁର ସ୍ତରକୁ ମଣିଷର ସ୍ତରକୁ ଓ ମଣିଷର ସ୍ତରରୁ ଅତି ମଣିଷ ବା ଦାର୍ଶନିକର ସ୍ତରକୁ ଉତ୍ତୀର୍ଣ୍ଣ କରାଇବାର ସମ୍ଭାବନା ରଖେ ତାହା ତାଙ୍କର ପରବର୍ତ୍ତୀ କାଳର ରଚନା ମାନଙ୍କରେ ସମ୍ଭବ ହୋଇପାରିନି । ପରବର୍ତ୍ତୀ କାଳରେ କବି ଶ୍ରୀ ରାଉତରାୟ ନିଜକୁ ପ୍ରଗତିବାଦୀ କବିର ଆସନରୁ ସଂପୂର୍ଣ୍ଣ ଓହରାଇ ନେବା ସଂଗେ ସଂଗେ ଜଣେ ଆଧୁନିକ କବିରୁ ତଥାକଥିତ ଆଧୁନିକ କବିର ସ୍ତରକୁ ଓହ୍ଲାଇ ଆସିଛନ୍ତି । ପରବର୍ତ୍ତୀ ସମୟର 'ଆଧୁନିକ' କବି ଶ୍ରୀ ରାଉତରାୟଙ୍କର କବିତା ଯୌନ ବିକାର, ତଥାକଥିତ ବୌଦ୍ଧିକତା, ଅବୋଧ୍ୟତା, ଦୁର୍ବୋଧତା ଏବଂ ଅନୁଭୂତି ବିହୀନତା ବା ଅନୁଭୂତିର ଚର୍ବିତ ଚର୍ବଣତା ସର୍ବୋପରି ଅନୁଭୂତି ଦୌର୍ବଲ୍ୟତାର ଶିକାର ହୋଇଛନ୍ତି, ଯାହା ତାଙ୍କଠାରୁ ଆଶା କରାଯାଇ ନଥିଲା । ଶ୍ରୀ ରାଉତରାୟଙ୍କ କବିତାରେ ଅନୁଭୂତିର ଚର୍ବିତ ଚର୍ବଣତା ବା ଅନୁଭୂତି ଦୌର୍ବଲ୍ୟ ଦୁର୍ବୋଧତା ଦୋଷ ଦୁଷ୍ଟ ଜନିତ କାବ୍ୟ ପଂକ୍ତିର କିଛିଟା ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା-

ସେ ଏକ ଅଦ୍‌ଭୂତ ମୁହଁ ଦେଖା ହେଲା ଏକ ସାପ୍ତାହିକେ / ଉପକଥା ଇଲାକାରୁ ଖଣ୍ଡାଧାର ପରି ନାକେ ଝରି ପଡୁଥିଲା । / ମୁକ୍ତା ଫଳ ଉପଧାର ପରି ଦୁଇ ତଟନୀର / ଏବଂ ପୁଣି ଲୋକକଥା କିଛି ଇତିହାସ/ଏକ କଳା ହ୍ରଦର ଜୁଆର ପରି ମଣ୍ଡୁଥିଲା ଦେହକୁ ଅପୂର୍ବ ଆଲୋକ ।

- ଉପକଥା

କିମ୍ବା-

ଦିନ ଦିପହରେ ଅର୍ଥାତ୍ ଛୁଟିର ନିଶାରେ ରେଶମୀ ସ୍ୱପ୍ନ ମୋର ଜମି ଆସୁଥିଲା ଗଭୀର ହୋଇ ଠିକ୍ ଯେପରି ଛାୟା ଜମେ ସରୋବରର ଉଭୟ ତୀରେ ।"

- ମହୁମାଛି

Digitized by PPRACHIN, SOA

କିମ୍ବା-

ଯାଇଫୁଲ ତାଳିଦିଆ ଶୀତର ଏ ଆଲ୍‌ଷ୍ଟାନ ଖଣ୍ଡି
ଘୋଡ଼ି ହୋଇ ବୁଢ଼ିପରି ପୃଥିବୀ ଶୋଇଚି
ଏରୋଡ୍ରମ ପଡ଼ିଆର ନାନାକ୍ ଆଲୋକେ
ନିଅନର ନେଳି ନାଲି ଜୁଳୁଜୁଳିଆ ମାଛି ॥

- ଏୟାର ପୋର୍ଟ ନିଉଅର୍କ

ଉପରୋକ୍ତ ତିନିଟି କାବ୍ୟ ପଂକ୍ତି ଓ ସେ ସମସ୍ତ କବିତା ଯଥା- ଉପକଥା, ମହୁମାଛି ବା ଏୟାର ପୋର୍ଟ ନିଉଅର୍କ କବିତାମାନ କବିସତ୍ତାର ମାନସ ଭୂମିକୁ ଆନ୍ଦୋଳିତ କରୁଥିବା ଅସାର ଅନୁଭୂତିର ଅନାବଶ୍ୟକ ଉଚ୍ଚାରଣ ନୁହେଁକି ? ଏହି ସମସ୍ତ କବିତାମାନଙ୍କରେ ଆଧୁନିକ ମଣିଷ ମନର ମୂଲ୍ୟହୀନ ଅନୁଭବ କଥାକୁ ରୂପ ଦେଇଛନ୍ତି ବୋଲି କବି ଦାବି କରିପାରନ୍ତି କିନ୍ତୁ ତାହା ବ୍ୟକ୍ତିସତ୍ତା ବା ସାମାଜିକ ସତ୍ତାକୁ କିଭଳି ମୁକୁଳିତ କରି ଗଢ଼ି ତୋଳିବ ? ସେମାନଙ୍କର କେଉଁ ସଂକଟରୁ ସେମାନଙ୍କୁ ଉଦ୍ଧାରର ମାର୍ଗ ନିର୍ଦ୍ଦେଶ କରିବ; ସାମାଜିକ ଭାବରେ ଆବଶ୍ୟକ (sociallly necessary) କେଉଁ ଭାବ ଶବ୍ଦର ଏହା ଉତ୍ତରଣ ? ସମଗ୍ର କବିତାଟି ମଧ୍ୟ ଏପରି ଏକ ଏକକ ନୁହଁ ଯାହା ଏକ ଉତ୍ତୀର୍ଣ୍ଣ ଧାରଣାର ବାହକ ବା ଉତ୍ତୀର୍ଣ୍ଣ କବିତା । ଖଣ୍ଡିତ ଧାରଣାର ଖଣ୍ଡିତ ଅନୁଭବକୁ ରୂପ ଦେଲାବେଳେ ଖଣ୍ଡିତ ବିଶ୍ୱର ଖଣ୍ଡିତ ମଣିଷ ମାନଙ୍କର ମାନସ ଭୂମିକୁ ଯଥାର୍ଥରେ ଉଚ୍ଚକିତ ବା ଆନ୍ଦୋଳିତ କରିପାରୁଥିବା ପ୍ରତିନିଧିସ୍ଥାନୀୟ ଅନୁଭବ (Typical experience) ଲୋଡ଼ା; ଯାହା କ୍ରମଦୁର୍ବଳ କାବ୍ୟ ବ୍ୟକ୍ତିତ୍ୱ କବି ସଚ୍ଚି ରାଉତରାୟଙ୍କର ପରବର୍ତ୍ତୀ କାଳର କବିତାରେ କ୍ୱଚିତ ଦେଖିବାକୁ ମିଳେ । ବାସ୍ତବ ଜଗତର ସଂଘର୍ଷ ଓ କାବ୍ୟ ବ୍ୟକ୍ତିତ୍ୱର ସଂଘର୍ଷ ଏବଂ ତନ୍ମଧ୍ୟରୁ ସ୍ୱପ୍ନ ଆଶାଭଙ୍ଗର ଚିତ୍ର ସେତେବେଳେ ସଫଳ ହୁଏ ଯେତେବେଳେ କବି ନିଜେ ସାମାଜିକ ବିଖଣ୍ଡନ ଓ ସ୍ୱବିରୋଧର ଶିକାର ନହୋଇ ତାହାକୁ ଅତିକ୍ରମ ପୂର୍ବକ ଯଥାର୍ଥରେ ସଚେତନ ହୋଇ ଉଠେ । ପରବର୍ତ୍ତୀ କାଳରେ କବି ଶ୍ରୀ ରାଉତରାୟଙ୍କ ସଂକଟ ବାବଦରେ ସଚେତନ ହେବା ପରିବର୍ତ୍ତେ ନିଜେ ସଂକଟର ଶିକାର ହୋଇଥିବା ତାଙ୍କର ଉପରୋକ୍ତ କବିତାମାନ ସୂଚାଇ ଦେଇଥାଏ ।

ନୂତନ ଦିଶା ବା ନବ ସ୍ୱପ୍ନ ସର୍ବୋପରି କାବ୍ୟିକ ଅନ୍ତର୍ଦୃଷ୍ଟିର ଅଭାବ ପରବର୍ତ୍ତୀ କାଳର ଆଧୁନିକ ଓ ପ୍ରଗତିଶୀଳ କବିତାକୁ ଦୁର୍ବଳ କରି ଗଢ଼ି ତୋଳିଛି । ଏହାର ସଷ୍ଟ ନଜର ହୋଇଉଠିଛନ୍ତି ଏକଦା ଏ ଭାଷାର ଜଣେ ସଫଳ ଆଧୁନିକ କବି । ଏହାର କାରଣ ଅନୁସନ୍ଧାନ ଏକ ବିସ୍ତୃତ ଆଲୋଚନାର ଅପେକ୍ଷା ରଖେ ।

❑❑

Digitized by PPRACHIN, SOA

ସାମାଜିକ କ୍ରାଂତି ଯୁଗର କ୍ରାଂତିକାରୀ କବି ଅନଂତ ପଟ୍ଟନାୟକ

ଆମେ ଯେଉଁ କବିଙ୍କ ସଂପର୍କରେ ଆଲୋଚନା କରୁଛେ-ସେ ଥିଲେ ସାମାଜିକ ସଂଘର୍ଷ ଯୁଗର କବି । ଆଜି ଜଣେ ମଧ୍ୟବିତ୍ତ ଓ ଗରୀବ ଘରର ପିଲା ବି ଅନ୍ୟାୟ ଓ ଶୋଷଣ ମୂଳକ ବ୍ୟବସ୍ଥା ବିରୁଦ୍ଧରେ ଲଢ଼ିବା ପରିବର୍ତ୍ତେ ସମଝୋତା କରୁଛି, କିନ୍ତୁ ଆଜକୁ ୮୦/୯୦ବର୍ଷ ପୂର୍ବେ ଜଣେ ଜମିଦାର ଘରର ପିଲା କବି ଅନଂତ ପଟ୍ଟନାୟକ ଜାଗତିକ ଜୀବନର ସମସ୍ତ ସୁଖ ସୁବିଧାକୁ ଛାଡ଼ି ଜମିଦାରୀ, ବେଠୀ, ବେଗାରୀ ବିରୁଦ୍ଧରେ ଲଢୁଥିଲା । ଏହା କିପରି ସଂଭବ ହୋଇ ପାରିଲା ? ଏହାର ଉତ୍ତର ମାର୍କସଙ୍କ ଦାର୍ଶନିକ ପ୍ରତିଫଳନ ଦେଇ ଦେଖିବାକୁ ମିଳିଥାଏ, ତାହା ହେଲା "Mans social existance determines his conscious-ness; it is not the consciousness that determines the being; on the contnary it is the social being determines the consciousness. ଅନଂତ ପଟ୍ଟନାୟକ ପାଇଁ Social being ବା ସାମାଜିକ ଅସ୍ତିତ୍ୱ ହେଉଛି ସାମଂତବାଦ ଓ ଉପନିବେଶବାଦ-ବିରୋଧୀ ଲଢ଼େଇର ପରିସ୍ଥିତି ଓ ପରିବେଶ; ଯେଉଁ ପରିସ୍ଥିତି ଓ ପରିବେଶରୁ ପ୍ରେରଣା ଲାଭକରି ସେ ତାଙ୍କର କ୍ରାଂତିକାରୀ କାବ୍ୟ ଅସ୍ତିତ୍ୱର ନିର୍ମାଣ କରିଥିଲେ ।

କବି ଅନନ୍ତ ପଟ୍ଟନାୟକଙ୍କର ସାମାଜିକ ଅସ୍ତିତ୍ୱ ସଂଗ୍ରାମୀ ଯୁଗର ସାମାଜିକ ସଂଘର୍ଷ ସହ ଜଡ଼ିତ ଥିବା ହେତୁ-ସେ ସ୍ୱ ଶ୍ରେଣୀ ଓ ସ୍ୱ ପରିବାରରେ ଚେତନାର ଉର୍ଦ୍ଧ୍ୱରେ ଉଠି ସାମାଜିକ ସଂଘର୍ଷର ଚିତ୍ର ପ୍ରତିଫଳିତ କରାଇ ପାରିଥିଲେ । କବି ଅନନ୍ତ ପଟ୍ଟନାୟକ କାବ୍ୟ ବ୍ୟକ୍ତିତ୍ୱ ସଂପର୍କରେ ବୁଝିବାକୁ ହେଲେ ଆମକୁ ତାଙ୍କ ଯୁଗର ଅନ୍ୟତମ କ୍ରାନ୍ତିକାରୀ ସ୍ରଷ୍ଟା ଗୋପୀନାଥ ମହାନ୍ତିଙ୍କ ପାଖକୁ ଯିବାକୁ ପଡ଼ିବ । ଶୁଣନ୍ତୁ ଗୋପୀନାଥ ମହାନ୍ତି କ'ଣ କହନ୍ତି ତାଙ୍କ ସଂପର୍କରେ-

Digitized by PPRACHIN, SOA

"କାହାପାଇଁ ସେ ମହାନ୍ କବି, କା ପାଇଁ ସେ ମହାନ ସଂଗଠକ, କାହାପାଇଁ ସେ ମହାନ୍ ନେତା । ମୋ ପାଇଁ ସେ ମୋର ଅନ୍ତ । ସେ ହଠାତ୍ ଚାଲିଗଲା । ସେତେବେଳେ ମୁଁ ଆମେରିକାରେ ଥିଲି । ସାପ୍ତାହିକ ସମାଜରୁ ଖବରଟା ପାଇଲି, ଭାବିଲି ଜୀବନରୁ ଗୋଟାଏ ଭାଗ କ୍ଷୟ ହୋଇଗଲା ।

ତା' ବିଷୟରେ କ'ଣ କହିବି । ମୋତେ ଯେତେବେଳେ ୭ବର୍ଷ ମୁଁ ଯାଇଥିଲି ମାର୍କୁଣ୍ଡି ହୋଇ ମୋ ଦାଦୀପୁଅ ଭାଇ ବାହାଘରକୁ; ଗାଁଟା ନାଁ ଚଣାହଟା । ମୋ ଭାଉଜ ଅଂତର ଦାଦୀଝିଅ ଭଉଣି । ଆଉ ମୋ ବାପାଙ୍କ ତଳ ଭଉଣି; ସେ ଅଂତର ଗୋଟେ ବଡ଼ ବାପାକୁ ବାହାହୋଇ ଥିଲେ । ସେ ମରିଗଲେ । ତା' ପରେ ପିଶା ବାହା ହେଲେ ନିତ୍ୟାନନ୍ଦ କାନୁନ୍‌ଗୋଙ୍କ ଶାଶୁଙ୍କୁ । ଇଏ ହେଲା ଆମ ବଂଧୁ ବାଂଧବ ସଂପର୍କ ।

ଅନ୍ତ ଅଭିଜାତ ସାମଂତ ବଂଶର ସଂତାନ । ଚାରି ପୁରୁଷର କବି । ଦାଦାଥିଲେ ମୁରଲିଧରି ରାୟ ଚୌଧୁରୀ । ବଂଦେ ମାତରମ୍ ମୁଭ୍‌ମେଣ୍ଟରେ ବୋମା ଫିଙ୍ଗିଲାବାଲା । ନାଁ ବଦଳାଇ ସେ ଓଡ଼ିଶାର ସୁନାମଧନ୍ୟ କୃଷ୍ଣମୋହନ ପଟ୍ଟନାୟକ ହେଲେ । ସେ ଚଣା ହଟାରେ ଗୋଟାଏ ପରିବର୍ତ୍ତନ ଆଣିଲେ । ତାଙ୍କ ଝିଅ ବହୁମାନେ ପାଠ ପଢ଼ିଲେ । ଅଂତର ଭଉଣି ଓ କୃଷ୍ଣ ମୋହନ ପଟ୍ଟନାୟକଙ୍କ ସମସ୍ତ ଝିଅମାନେ ହେଲେ କବି ଓ ତାଙ୍କ ପରିବାର ଝିଅ ମୋ ଭାଉଜଙ୍କ ପୁଅ ଗୁରୁ ପ୍ରସାଦ ମହାନ୍ତି ହେଲେ ଓଡ଼ିଶାର ନାମକରା ଆଧୁନିକ କବି । ଆଉ ଅଂତର ପୁଅ ବାଦଲ ଅମରେଶ ପଟ୍ଟନାୟକ ସେ ବି ଜଣେ ଆଧୁନିକ କବି ।

ଚଣାହଟାରୁ ନାକ ସଳଖ ରାସ୍ତା ବିଶ୍ୱନାଥପୁର ଆଉ ପୁଂଜାଏ ଲେଖକଙ୍କ ଏନ୍ତୁଡ଼ିଶାଳ । ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ଦିବ୍ୟସିଂହ ପାଣିଗ୍ରାହୀ, କାଳିନ୍ଦୀ ପାଣିଗ୍ରାହୀ, ଭଗବତୀ ପାଣିଗ୍ରାହୀ...। ଚଣାହଟାରୁ ବିଶ୍ୱନାଥ ପୁର । ସେ ସମୟଟା ଅପୂର୍ବ । ମାର୍କସ ଲେନିନ୍‌ର ଯୁଗ । ୧୯୧୭ର ଋଷ୍ ବିପ୍ଳବ । ଆଖି ଖୋଲିଦେଲା ଦୁନିଆର ଯେତେ ଖଟିଖିଆ ଅତ୍ୟାଚାରୀତଙ୍କର । ଯୁବକମାନଙ୍କ ଭିତରୁ ଯେଉଁମାନେ ବେଶୀ ସ୍ପର୍ଶ ପ୍ରବଣ ଥିଲେ ସେମାନେ ଏଇ ନିଆଁରେ ଜଳି ଉଠିଲେ । ଅନ୍ତବି ଥିଲା ସେଇ ନିଆଁର ସୃଷ୍ଟି ।

× × ×

ଅନ୍ତକୁ ଆମେ ମୁଣ୍ଡାଇଥିଲୁ କେବଳ ବିପ୍ଳବୀ କବି ବୋଲି ନୁହେଁ । ସେ ଖାଲି ବିପ୍ଳବୀ କବିତା ଲେଖୁ ନଥିଲା, ସେ ବିପ୍ଳବ କରୁଥିଲା । ସେଥିପାଇଁ ପାଠପଢ଼ା, ଛାଡ଼ିଛି, ଜେଲ ଯାଇଛି, ଢେ଼ଙ୍କାନାଳରେ ଢେଙ୍କାନାଳୀଶ ହୋଇ ଫେରିଛି । ବାଉଁଶ କେଂଚା, ଆଗୁଠିରେ କଂଟା ଫୋଡା ଆଉ ମୃଦଙ୍ଗ ଘର । ସବୁ ଅତ୍ୟାଚାର ସହିକରି ଆସିଛି ଅଂତ ।

କାହାପାଇଁ କାହିଁକି ? ସେତ ଖୁବ୍ ଭଲଛାତ୍ର ଥିଲା । ମୁଁ ଚାକିରୀ କଲି । ସେ ଚାକିରୀ

Digitized by PPRACHIN, SOA

କଲାନି । ସାଲସ୍ ନାହିଁ ତା' ଜୀବନରେ । କବି ଭାବରେ ଅନ୍ତ ଯାହା କିଛି ଲେଖିଛି, ଜିଅନ୍ତା ଲେଖିଛି । ନାନା ପ୍ରକାର କବିତା - ବିପ୍ଳବୀ କବିତା, ଆଗେଇ ଚାଲ କବିତା, ପିଲାଙ୍କ ପାଇଁ କବିତା, ସେ ଥିଲା ଅଂଗୀକାର ବଦ୍ଧ, କବିତା ଲେଖିଛି ଅଂତ, ଯାହା ପାଇଁ ସେ ଦିନ ଦିନ ରାତି ରାତି କାନ୍ଦିଛି । ସେ ମହାନ୍ ବ୍ୟକ୍ତିତ୍ୱ ଥିଲେ । ତାଙ୍କ ପାଖରେ ତୁନି ହୋଇ ଠିଆ ହେଲେ ତାଙ୍କ ସାଂଗେ ଚାଲୁଥିବା ସେଇ ମହାନ୍ ତୋଫାନକୁ ଅନୁଭବ କରିହୁଏ । ସେ ନିଜେ ଥିଲେ ତୋଫାନ୍ । ଆଉ ତା'ର ଗୁଣ କ'ଣ ବର୍ଣ୍ଣନା କରିବି ?

× × ×

ସେ ଭଗବତୀ, ଆଉ ସମସ୍ତେ ମିଶି ଆରମ୍ଭ କଲେ 'ନବଯୁଗ ସାହିତ୍ୟ ସଂସଦ' । ଅଂତ ଲେଖିଲା ଉଦ୍‌ବୋଧନୀ ସଂଗୀତ । ମାଳତି ଦେବୀ ତାକୁ ଗାଇଲେ ।

"ନବୀନ ଯୁଗର ତରୁଣ ଜାଗରେ ଜାଗ ବଂଧନ ହରା
ବକ୍ଷ ଶୋଣିତେ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା ।"

'ଆଧୁନିକ' ବାହାରିଲା । ସେ ସମୟର ସାହିତ୍ୟ ଏକ ନୂଆ ମୋଡ ନେଲା, ସେମାନେ କହିଲେ ଆମେ ବାସ୍ତବ ଜୀବନର ସତ୍ୟ, ଲୋକଙ୍କର ସମସ୍ୟା ଓ ଦୁଃଖ ଦୁର୍ଦ୍ଦଶାର କଥା କହିବୁ ।

ଇଏ ଗୋଟାଏ ନୂଆ ଚେତନା, ନୂଆ ନିର୍ଦ୍ଦେଶ । ତା ଉତ୍ତାରୁ ଓଡ଼ିଆ ସାହିତ୍ୟ ବଦଳି ଗଲା । ସଂପୂର୍ଣ୍ଣ ନୂଆ ଧାରା ଆସିଲା । ମୋତେ ଲାଗୁନାହିଁ ଯା ପୂର୍ବରୁ ଏମିତି କିଛି ଘଟିବାର । ଯା' ପରେ ବି ନୁହଁ ।"

(ଅନଂତ ବିଚିତ୍ରା-ପୃଷ୍ଠା-1ରX)

"ଯା' ପୂର୍ବରୁ ଯା ପରେ ବି; ମୋତେ ଲାଗୁନାହିଁ ଏମିତି କିଛି ଘଟିଥିବାର ।" ଏହା ଏକ ବିରାଟ ସତ୍ୟର ଅବତାରଣା ଏବଂ ଏହା କେବଳ ଗୋପୀନାଥ ମହାନ୍ତିଙ୍କ ଦ୍ୱାରା ସଂଭବ ହୋଇପାରେ । ମାର୍କସୀୟ ଦର୍ଶନରେ ଅବଧାରଣା ଗତ ଛେଦ- Epistomological Break" ବୋଲି ଏକ ଧାରଣା ରହିଛି । ନବଯୁଗ ସାହିତ୍ୟ ସଂସଦ ଓ ତତ୍‌କାଳର ପ୍ରମୁଖ ଓଡ଼ିଆ ସାହିତ୍ୟ ଯଥା-ଭଗବତୀ, ସଚ୍ଚିରାଉତରାୟ, ଅନଂତ ପଟ୍ଟନାୟକ, ମନମୋହନ ମିଶ୍ର ଏପରିକି ଗୋପୀନାଥ ମହାନ୍ତିଙ୍କ ସମେତ ମୋଟାମୋଟି ଭାବରେ ୧୯୩୫ରୁ ୧୯୫୫ ମଧ୍ୟରେ ସୃଷ୍ଟି ହୋଇଥିବା ସାହିତ୍ୟ ତା' ପୂର୍ବରୁ ସୃଷ୍ଟି ହୋଇଥିବା ସାହିତ୍ୟ; ଅର୍ଥାତ୍ ସବୁଜ ଯୁଗର ସାହିତ୍ୟ ଠାରୁ ଏକ ଅବଧାରଣାଗତ ଛେଦ ସୃଷ୍ଟି କରୁଥିବା ସାହିତ୍ୟ; ଏକ କାଳଜୟୀ କ୍ରାଂତିକାରୀ ସାହିତ୍ୟ ଓ ତା' ପରେ ଆଜ ଅବଧି ସୃଷ୍ଟି ହୋଇଥିବା ସାହିତ୍ୟ ଠାରୁ ଶ୍ରେଷ୍ଠ । ମୋଟାମୋଟି ଭାବରେ ଅନଂତ ପଟ୍ଟନାୟକ

Digitized by PPRACHIN, SOA

ଓ ପ୍ରଗତିବାଦୀ ଯୁଗର ସାହିତ୍ୟ ସଂପର୍କରେ ଏହା ହିଁ ଗୋପୀବାବୁଙ୍କ ମତ । ମହାକାଳର ବକ୍ଷରେ କାଳଜୟୀ ଓ କ୍ରାଂତିକାରୀ ସାହିତ୍ୟ ସୃଷ୍ଟି ବ୍ୟକ୍ତିଗତ ସ୍ତରରେ ବାରବାର ଲାଗି ରହିଥିଲେ ବି, କାଳଗତ ଭାବରେ ଏହାର କ୍ୱଚିତ ଆତ୍ମପ୍ରକାଶ ଘଟିଯାଏ; ଯେମିତି ସାରଳା, ଜଗନ୍ନାଥ, ଫକୀରମୋହନଙ୍କ ଦ୍ୱାରା ତାଙ୍କ ଯୁଗରେ ଓ ତତ୍‌ପରେ ଭଗବତୀ, ଅନଂତ ଇତ୍ୟାଦି ମାନଙ୍କ ଦ୍ୱାରା ପ୍ରଗତିବାଦୀ କାବ୍ୟ ଯୁଗରେ ।

ଗୋପୀନାଥ ମହାନ୍ତି ଯାହାକୁ ନୂଆଯୁଗ ବୋଲି କହୁଛନ୍ତି ସେ ଯୁଗର ସାହିତ୍ୟର ଉଦାହରଣ ହେଲା, ଶିକାର ଗଳ୍ପ, ବାଜିରାଉତ, ପାଣ୍ଡୁଲିପି, ଅଭିଯାନ, ପଲ୍ଲୀଶ୍ରୀ, ଭାନୁମତିର ଦେଶ ଅଲୋଡ଼ା ଲୋଡ଼ା, ଛାଇର ଛିଟା, ଶାନ୍ତିଶିଖା ଓ ମନମୋହନ ମିଶ୍ରଙ୍କ ଗଣ ସଂଗୀତ ଓ ଗୋପୀନାଥ ମହାନ୍ତିଙ୍କ ପରଜା ଉପନ୍ୟାସ ଇତ୍ୟାଦି । ଏହା ହେଉଛି ସାମାଜିକ ଉଦ୍‌ବେଳନ ଯୁଗର ସୃଷ୍ଟି । ଏହା ପୂର୍ବ ଓ ପରବର୍ତ୍ତୀ ଯୁଗର ସାହିତ୍ୟରେ ସାମାଜିକ ନିସ୍ତରଂଗତାର ଛାପ ବା ତତ୍‌ଜନୀତ ଦୁର୍ବଳତାର ପରିପ୍ରକାଶ ଲକ୍ଷ କରାଯାଏ ।

ଗୋଟାଏ ଯୁଗରେ ବ୍ୟକ୍ତିସତ୍ତା ମଧ୍ୟଦେଇ ସାମାଜିକ ସତ୍ତାର ରୂପାନ୍ତର ଘଟୁଥିଲା ବେଳେ ଅନ୍ୟ ଏକ ସମୟରେ ବ୍ୟକ୍ତିସତ୍ତା ସାମାଜିକ ଅବକ୍ଷୟ ଶିକାର ହେଉଥିଲା ।

ଭଗବତୀ, ସଚ୍ଚି ରାଉତରାୟ, ଅନଂତ..ଅଗ୍ରଗାମୀ ଯୁଗର ସାହିତ୍ୟ ସ୍ରଷ୍ଟା । ସେମାନଙ୍କର ସାହିତ୍ୟ ବ୍ୟକ୍ତିକେନ୍ଦ୍ରୀକ ନୁହଁ ସମାଜକୈନ୍ଦ୍ରୀକ । ସେମାନଙ୍କ ସାହିତ୍ୟ ସମାଜ ସଚେତନ ଶ୍ରେଣୀ ସଚେତନ । ସାମାଜିକ ବିପ୍ଲବ ଓ କ୍ରାଂତି ହିଁ ସେମାନଙ୍କ ସାହିତ୍ୟର ଲକ୍ଷ୍ୟ; ଯାହାର ସୁନ୍ଦର ସାବଲୀଳ ପରିପ୍ରକାଶ ଏହି ପରି, ଯଥା-

"କମାର ଶାଳରେ ଅନଳ ଦୋଳିରେ ନିତି
ସ୍ୱପନ ମୋହର କୁସୁମ ପରଶ ଆଣେ
ଗହଳ ବିଲର ପରାଣ ଉଛୁଳା ପ୍ରୀତି
ଭିଜାଏ ଜୀବନ ମଧୁର ଆଲୁଅ ରାଣେ ।"

କିମ୍ୱା-

"ହଟାଅ ହଟାଅ ମୃତ୍ୟୁ ବାହିନୀ ଦୁଆରୁ
କିଏ ଅଛ ଆହେ ଆରେ ବିଦଳିତ ଜନତା
ପ୍ରାଣ ଦେଇ ଆଣ ଶାଂତି ଓଟାରି ଲୁହରୁ
ଦୈତ୍ୟ କବଳୁ ଉଦ୍ଧର ପ୍ରୀତି ମମତା ।"

କିମ୍ୱା-

"ମୃତ୍ୟୁର ଜଳେ ପହଁରି ପହଁରି
ତୋଳେ ଯେ ତୋ ଲାଗି ରକ୍ତକହ୍ଲାର

Digitized by PPRACHIN, SOA

କୃଷ୍ଣନାଗର ଦଂଶନେ ସେକି
ପଡ଼ିବ ନଇଁରେ ପଡ଼ିବ ନଇଁ ।"

କିବି ଅନଂତ ପଟ୍ଟନାୟକ ଓ ତାଙ୍କ ଯୁଗର ସାହିତ୍ୟର ସାଫଲ୍ୟକୁ ବୁଝିବାକୁ ହେଲେ ମାର୍କସବାଦରେ ଭାବାଦର୍ଶ ଓ ବିଜ୍ଞାନର ଅବଧାରଣାକୁ କାମରେ ଲଗାଯାଇ ପାରିବ । ସାହିତ୍ୟ ସେତେବେଳେ ସାଫଲ୍ୟ ମଣ୍ଡିତ ହୁଏ ଯେତେବେଳେ ତାହା ଭାବାଦର୍ଶକୁ ବର୍ଜନ କରି ବିଜ୍ଞାନ ବା ବୈଜ୍ଞାନିକ ଦୃଷ୍ଟିଭଂଗୀର ପରିପ୍ରକାଶ ଘଟାଏ । ଭାବଦାର୍ଶ ଓ ବିଜ୍ଞାନ ସଂପର୍କିତ ଧାରଣା ମାର୍କସବାଦର ଏକ ବିଶିଷ୍ଟ ଧାରଣା । ମାର୍କସବାଦୀ ଦର୍ଶନ କହେଯେ ଏକ ବୈଷମ୍ୟ ବିଜଡ଼ିତ ଅନ୍ୟାୟ ଉପରେ ପର୍ଯବେଶିତ ସମାଜରେ ଶ୍ରେଣୀ ଶାସନର ଆଧାର ହେଲା ଭାବାଦର୍ଶ । ଏହା କେତେକ କ୍ଷେତ୍ରରେ ଅର୍ଦ୍ଧସତ୍ୟ ଓ କେତେକ କ୍ଷେତ୍ରରେ ସଂପୂର୍ଣ୍ଣ ମିଥ୍ୟା । ମାର୍କସଙ୍କ ମତରେ ପୁଂଜିବାଦୀ ସମାଜରେ ଧର୍ମ, ନ୍ୟାୟ, ନୈତିକତା, ସତ୍ୟ, ପ୍ରେମ, ତ୍ୟାଗ, ବୀରତ୍ୱ, ସାଫଲ୍ୟ ଇତ୍ୟାଦି ସଂପର୍କୀତ ଧାରଣା ଅର୍ଦ୍ଧସତ୍ୟର ଏକ ବିଶାଳ ଭଂଡ଼ାର । କବି, ଲେଖକ, କଳାକାର, ଧର୍ମଗୁରୁ, ନ୍ୟାୟାଧୀଶ, ରାଜନେତା ଏପରିକି ସାଧାରଣ ଜନତା ସମସ୍ତେ ଭାବାଦର୍ଶରୂପୀ ଏହି ଅର୍ଦ୍ଧସତ୍ୟର ଦୁନିଆରେ ବିଚରଣ କରି ନିଜେ ଆତ୍ମପ୍ରତାରଣାର ଶିକାର ହେବା ସହ ଅନ୍ୟମାନଙ୍କୁ ପ୍ରତାରିତ କରିଥାଆନ୍ତି । ଏକ କ୍ରାଂତିକାରୀ ବୈପ୍ଲବିକ ପରିବର୍ତ୍ତନ ସମୟରେ ଭାବାଦର୍ଶର ପରାଜୟ ସଂଗଠିତ ହେବା ସହ ବିଜ୍ଞାନର ବିଜୟ ହୋଇଥାଏ; ତାହା ଯେତେକମ୍ ସମୟ ପାଇଁ ହେଉନା କାହିଁକି ।

ନବଯୁଗ ସାହିତ୍ୟ ସଂସଦର ଗଠନ ଓ ତତ୍କାଳରେ ଉପନିଶବାଦ ଓ ସାମଂତବାଦ ଓ ଫାସୀବାଦ ବିରୋଧୀ ଲଢ଼ାଇରେ ସାହିତ୍ୟିକମାନଙ୍କର ଯୋଗଦାନ ଏକ ଐତିହାସିକ ଘଟଣା । ଯେଉଁ ଘଟଣା ସାମାଜିକ କ୍ରାଂତିର କାଳଜୟୀ ସାହିତ୍ୟ ସୃଷ୍ଟି ପାଇଁ ଦାୟୀ । କବି ଅନନ୍ତ ପଟ୍ଟନାୟକ ସେଇ ସାମାଜିକ କ୍ରାଂତିର ଉପଜ । ସେ ସବୁଜ ଯୁଗର କବିଙ୍କ ଭଳି ଭାବବିଳାସୀ ରୋମାଂଟିକ କବି ନୁହଁନ୍ତି ଅଥବା ସ୍ୱାଧୀନତା ପରବର୍ତ୍ତୀ କାଳରେ ତଥାକଥିତ ଆଧୁନିକତା ପନ୍ଥି କବିଙ୍କ ଭଳି ବ୍ୟକ୍ତିକେନ୍ଦ୍ରିକ ଭାବନାର ଭାବାଦର୍ଶବାଦୀ କବି ନୁହଂତି । ସେ ନିରୋଳା ବିଜ୍ଞାନ ଧର୍ମୀ ବୈପ୍ଳବିକ ଚିଂତା ଭାବନାର କବି । ସେ ଶ୍ରେଣୀ ସଚେତନ, ସମାଜ ସଚେତନ, ଇତିହାସ ସଚେତନ । ସେ ଇତିହାସର ସ୍ଥାଣୁ ଦ୍ରଷ୍ଟା ନୁହଁନ୍ତି, ଇତିହାସ ନିର୍ମାଣକାରୀ । ତାଙ୍କ ସାହିତ୍ୟ ଭାବାଦର୍ଶକୁ ପରିହାର କରିଥିବାରୁ ଜୀବନର ପାଖାପାଖି ହୋଇ ପାରିଥିଲା । ଜୀବନକୁ ବୁଝିବା ଓ ବଦଳାଇବା ତାହା ପୁଣି ସଠିକ ଦିଶାରେ ତାଂକ ସାହିତ୍ୟ ଦ୍ୱାରା ସଂଭବ ହୋଇଥିଲା । ସେ ଥିଲେ ଯୁଗସଂଧିର କବି - କ୍ରାନ୍ତିକାରୀ କାଳଜୟୀ ସାହିତ୍ୟ ସ୍ରଷ୍ଟା ।

□□

Digitized by PPRACHIN, SOA

ବିଲୟମାନ ଓଡ଼ିଆ ଭାଷା ଓ ଜାତୀୟତା

ତୃତୀୟ ବିଶ୍ୱର ଦେଶମାନଙ୍କୁ ନବ-ଉପନିବେଶବାଦୀ ଶୋଷଣର ଜାଲରେ ଛନ୍ଦି ସାରିଲା ପରେ ସାମ୍ରାଜ୍ୟବାଦୀମାନେ ଏବେ ବିଶ୍ୱବ୍ୟାପୀ ସାଂସ୍କୃତିକ ସାମ୍ରାଜ୍ୟବାଦର ଲହର ଛୁଟାଇଛନ୍ତି । 'ଓରିଏଂଟ୍', 'ଓସିଡେଂଟ୍', ପ୍ରାଚ୍ୟ, ପାଶ୍ଚାତ୍ୟ, ସଭ୍ୟ, ଅସଭ୍ୟ ଇତ୍ୟାଦି ଧାରଣା ମାଧ୍ୟମରେ ସେମାନେ ନିର୍ଭରଶୀଳ ଦେଶମାନଙ୍କୁ ବିଶ୍ୱଭାଷା ସଂସ୍କୃତିର ମୁଖ୍ୟ ଧାରା ସହ ସାମିଲ ହୋଇଯିବା ପାଇଁ ଏକ ପ୍ରକାର ବାଧ୍ୟ କରୁଛନ୍ତି । ତୃତୀୟ ବିଶ୍ୱର ଭଡ଼ାଟିଆ ଶାସକମାନେ ଏହାକୁ ମାନି ନେଉଛନ୍ତି । ଭାରତବର୍ଷ ବା ଓଡ଼ିଶାର ସରକାର ଏହାର ବ୍ୟତିକ୍ରମ ହେବେ ବା କିପରି ! ନିକଟରେ ଓଡ଼ିଶା ଓ ଭାରତ ସରକାର ପ୍ରଥମ ଶ୍ରେଣୀରୁ ଇଂରାଜୀ ପଢ଼ାଇବାର ପାଇଁ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶା ସରକାର ତ କିଛିଦିନ ପୂର୍ବେ ଅତିରିକ୍ତ ଓଡ଼ିଆ ବିଷଟିକୁ ବିଶ୍ୱ ବିଦ୍ୟାଳୟର ସ୍ତରରୁ ଉଠାଇଦେବାକୁ ବସିଥିଲେ । ଚିତ୍ତବିନୋଦନ, ଶିକ୍ଷା, ବାଣିଜ୍ୟ, ପ୍ରଶାସନ, ଉଚ୍ଚତର ଗବେଷଣା ସବୁ କ୍ଷେତ୍ରରେ ଆଜି ବିଦେଶୀ ଭାଷା-ଠାଣି-ବାଣୀ-ଆଚାର-ଚଳଣିର ଅନୁପ୍ରବେଶ । ସମାଜର 'ଅଗ୍ରଗାମୀ ଅଂଶ' ଶାସନବର୍ଗ ତ ଆଂଚଳିକ, ଜାତୀୟ ଭାଷା ସଂସ୍କୃତିକୁ ଏକ ପ୍ରକାର ଅନାବଶ୍ୟକ ମଣିଲେଣି । ସବୁକ୍ଷେତ୍ରରେ ସେମାନେ 'ରିଜିଓନାଲ' ନ ହୋଇ 'ଗ୍ଲୋବାଲ' ହେବାକୁ ଉଚିତ ଅନୁଭବ କରୁଛନ୍ତି । ଭଡ଼ାଟିଆ-ଲୁଂପେନମାନେ ଏବେ ଜାତୀୟତାକୁ ସଂକୀର୍ଣ୍ଣତା ବୋଲି ଭାବିଲେଣି । ବହୁଜାତୀୟ (Multi-national) ଭାରତବର୍ଷରେ ଓଡ଼ିଶା ବା ଓଡ଼ିଆ ଏକ ଦୁର୍ବଳତମ ସଂଯୋଗ (Weakest link) । ଅନ୍ୟାନ୍ୟ ସବଳ ଜାତି (ବଂଗଳା, ତେଲୁଗୁ, ତାମିଲ୍, ମାଲାୟାଲମ୍, ମରାଠୀ, ପଂଜାବୀ) ମାନଙ୍କ ତୁଳନାରେ ଓଡ଼ିଶାର ଜାତିସତ୍ତା ଦୁର୍ବଳ । ଏହାକୁ ଅସ୍ୱୀକାର କରିବାର ଉପାୟ ନାହିଁ । ଭାଷାଗତ ଦିଗରୁ ମଧ୍ୟ ସେଇ ଏକ କଥା । ଭାରତବର୍ଷରେ ଅଷ୍ଟମ ସିଡ଼ୁଲରୁ ଓଡ଼ିଆ ଭାଷାର ନାଁଟି ଆଗ କଟିଯିବ, ତା'ର ସୂଚନା ମିଳିଲାଣି ।

Digitized by PPRACHIN, SOA

ସଂପ୍ରତି ଓଡ଼ିଆ ଭାଷା ବିଲୟମାନ ସ୍ଥିତିରେ । ଏକ ବିଶ୍ୱ ସଂସ୍ଥାର ସର୍ବେକ୍ଷଣାନୁଯାୟୀ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୃଥିବୀରେ ଯେଉଁ ୨୦୦ଟି ଭାଷା ଲୋପ ପାଇଯିବ, ସେଥି ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ । ଭାଷାବିତ୍ ଡଃ ବିଜୟ ପ୍ରସାଦ ମହାପାତ୍ରଙ୍କ ମତରେ ସ୍ଥିତି ନ ବଦଳିଲେ (ଇତିହାସର ଚକା ଆଗକୁ ନ ଘୂରିଲେ) ଆଗାମୀ ୫୦ରୁ ୧୦୦ବର୍ଷ ଭିତରେ ଓଡ଼ିଆ ଭାଷା ଏକ କଥିତ ଭାଷାରେ ରୂପାନ୍ତରିତ ହୋଇଯାଇପାରେ । ତାଙ୍କର ମତରେ "ଆମେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛନ୍ତି ଯେ ବର୍ତ୍ତମାନ ଓଡ଼ିଆ ଭାଷା ଏକ ହତାଦରର ବସ୍ତୁ ହୋଇଯାଇଛି । ଏ ଭାଷା ଆଉ ବଞ୍ଚି ପାରିବ କି ନାହିଁ, ସେ ବାବଦରେ ଘୋର ସଂଦେହ ସୃଷ୍ଟି ହୋଇଛି ।"[୧]

ଓଡ଼ିଆ ଭାଷାକୁ ସମୃଦ୍ଧ କରିବାର କୌଣସି ଉଦ୍ୟମ ନକରି ଭାଷା ନାଁରେ ଲାଭ ମାରୁଥିବା ଓଡ଼ିଶାରେ ଏପରି କିଛି ଆତ୍ମସ୍ୱାର୍ଥୀ ବୁଦ୍ଧିଜୀବୀ ଅଛନ୍ତି, ଯେଉଁମାନେ ଓଡ଼ିଆ ଭାଷା ମରିଯିବ ବୋଲି କହିଲେ ଚିହିଁକି ଉଠି କହନ୍ତି, "ଓଡ଼ିଆ ଭାଷା କଦାପି ମରିବ ନାହିଁ । ଓଡ଼ିଆ ଭାଷା ପ୍ରତି କୌଣସି ବିପଦ ନାହିଁ । ତା'ର କାରଣ ଓଡ଼ିଆ ଭାଷା ଗାଁ ଗଣ୍ଡା ବଣ ଜଙ୍ଗଲରେ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା କଥିତ ହୋଇଥାଏ । ପୃଥିବୀର ଏପରି କୌଣସି ଶକ୍ତି ନାହିଁ ଯେଉଁ ଶକ୍ତି ଅସଂଖ୍ୟ ଲୋକଙ୍କ ତୁଣ୍ଡରୁ ମାତୃଭାଷାକୁ କାଢ଼ି ନେଇପାରିବ ।"[୨] ଏମାନଙ୍କ ପ୍ରତି ଭାଷାବିତ୍ ଡଃ ବିଜୟ ପ୍ରସାଦ ମହାପାତ୍ରଙ୍କ ଉତ୍ତର ହେଲା, "ଆମର ଆଶଙ୍କା ବି ସେୟା, ଅର୍ଥାତ୍ କିଛି ବର୍ଷ ପରେ ଓଡ଼ିଆ ଭାଷା ସେଇ ଗାଁ ଗଣ୍ଡା ମଫସଲି ଲୋକ ବଣ ଜଙ୍ଗଲର ଆଦିବାସୀ ଲୋକଙ୍କ ଭାଷା ହୋଇ ରହିଥିବ ।"[୩] ଅଧିକନ୍ତୁ ଡଃ ମହାପାତ୍ର ଉପରୋକ୍ତ ଆତ୍ମସ୍ୱାର୍ଥୀ ସବ୍‌ଜାନତା ଓଡ଼ିଆମାନଙ୍କୁ ବକ୍ରୋକ୍ତି କରି କହିଛନ୍ତି, "ତା ଛଡ଼ା ଆମକୁ ଦୁଃଖର ସହିତ କହିବାକୁ ପଡୁଛି ଯେ, ଏହି ଅନଭିଜ୍ଞ ତଥା ଭାବପ୍ରବଣ ବ୍ୟକ୍ତିମାନେ ଆଧୁନିକ ପୃଥିବୀରେ ଭାଷା ମରିବା କ'ଣ ତାହା ଠିକ୍ ଜାଣନ୍ତି ନାହିଁ । ଆଧୁନିକ ଯୁଗରେ ଭାଷା ମଲେ ଲୋକଙ୍କ ତୁଣ୍ଡରୁ ଏହା ଲୋପପାଏ ନାହିଁ । ଏହା ଜାତିର ବିଭିନ୍ନ ସାମାଜିକ ପରିସରରୁ ଲୋପପାଏ ।"[୪] ଡଃ ମହାପାତ୍ରଙ୍କ ମତରେ ଓଡ଼ିଆ ଭାଷା ଯେ ସାମାଜିକ ପରିସରରୁ ହଟିଯିବ ବା ଅପସରି ଯିବ, "ଏହା ମୃତ୍ୟୁ ନୁହଁ, ହତ୍ୟା", ତାଙ୍କ ମତରେ "ଭାଷା କୁହାଯାଉ ନଥିବା (ସଂସ୍କୃତ ପରି ନିଜସ୍ୱ) ଏକ ପ୍ରକାର ମୃତ୍ୟୁ । ଭାଷା କୁହାଇ ନଦେବା (ତଂଟି ଚିପି ମାରିବା-ନିଜସ୍ୱ) ଆଉ ଏକ ପ୍ରକାର ମୃତ୍ୟୁ । ଦ୍ୱିତୀୟ ପ୍ରକାରର ମୃତ୍ୟୁଟି ଖାଲି ମୃତ୍ୟୁ ନୁହେଁ, ହତ୍ୟା । ଅର୍ଥାତ୍ ଭାଷାର ସାମାଜିକ ପରିସର ଗୁଡ଼ାକୁ ଏପରି ଭାବରେ ରୁନ୍ଧି ଦେବାକୁ ହେବ, ଯେପରିକି ସେ ଭାଷା ନିଜ ସମାଜଠାରୁ ବିଚ୍ଛିନ୍ନ ହୋଇ ପଡ଼ିବ । ଏହା ଶ୍ୱାସରୁଦ୍ଧ ଜନିତ ମୃତ୍ୟୁ-ଜୀବନ୍ମୃତ୍ୟୁ ସଂଗେ ସମାନ ।"[୫]

Digitized by PPRACHIN, SOA

ଡଃ ମହାପାତ୍ରଙ୍କ ଉପରୋକ୍ତ ମତାମତରୁ ଜଣାପଡୁଛି ଯେ ଓଡ଼ିଆ ଭାଷା ଆପେ ଆପେ ମରିଯାଉନି । ତାକୁ କେହି ମାରି ଦେଉଛି । ବଂଚିଥିବା ଅବସ୍ଥାରେ ଅତି ନୃଶଂସ ଭାବରେ ଅମାନବୀୟ ଢଙ୍ଗରେ କେହି ତା ଛାତିରେ ଛୁରୀ ଭୂଷି ଦେଉଛି ତ କେହି ହୁଏତ କଟୁରିରେ ତା'ର ଅଂଗ ପ୍ରତ୍ୟଙ୍ଗକୁ ହାଣି ଚାଲିଛି । କିଏ ଏଇ ନରାଧମ ? ଦେଶୀ ନା ବିଦେଶୀ ? ସ୍ୱ-ପ୍ରଜାତିର ନା ଭିନ୍ନ ପ୍ରଜାତିର ? ଶତ୍ରୁଯିଏ ହେଉନା କାହିଁକି ସମସ୍ୟାର ଚେର କିନ୍ତୁ ଗଭୀର ।

୧୯୩୬ ମସିହାରୁ ସ୍ୱତନ୍ତ୍ର ହେଲାଣି ଓଡ଼ିଶା । ପାଖାପାଖି ୭୦ ବର୍ଷ । ଭାଷା ଏତେବେଳକୁ କେଉଁଠି ଯାଇ ହୁଅନ୍ତାଣି । ସମସ୍ତ ବିଶ୍ୱ ଜ୍ଞାନକୁ ଆପଣେଇ ନେଇଥାନ୍ତା । ଇଂରେଜୀ ଭାଷାର ସାହାଯ୍ୟ ତା'ର ଆଉ ଦରକାର ପଡୁ ନଥାନ୍ତା । ହିନ୍ଦୀ ଭାଷା ଆସି ତା' ମାଟିରେ ଜାଗା ମାଡ଼ି ବସୁ ନଥାନ୍ତା । ଦୁର୍ଭଗ୍ୟକୁ ଓଡ଼ିଆ ଭାଷା ଗତିଚଂଚଳ ନ ହୋଇ ଗତି-ମନ୍ଥର ବା ଗତି ସ୍ଥିର ହୋଇଯାଇଛି । ଏହା ସ୍ଥାଣୁ, ଅଥର୍ବ ପାଲଟିଛି । ମାଦଳ ଅବସ୍ଥାରେ ପଡ଼ି ରହିଛି । ଇଂରେଜୀ ଓଡ଼ିଆକୁ ମାରୁଛି । ଅନ୍ୟାନ୍ୟ ଭାରତୀୟ ଭାଷାମାନେ ଓଡ଼ିଆ ଭାଷା ଉପରେ ଚାପ ସୃଷ୍ଟି କରୁଛନ୍ତି । ମଉକା ପାଇଲେ ବିଦାୟ ଦେଉଛନ୍ତି । ସକଳ ଭାଷା କହୁଛି-ପଛରେ ପଡ଼ିଥା, 'ଗୁଡ୍‌ବାୟ' । ବଂଚି ପାରୁଛ ତ ବଂଚ, ନ ହେଲେ ମୃତ୍ୟୁକୁ ଅପେକ୍ଷା କରି ଦିନ ଗଣୁଥା । ଓଡ଼ିଆ ଭାଷା ଯେ ମୃତ୍ୟୁମୁଖୀ, ଏହାର ରାଜନୈତିକ ଅର୍ଥନୈତିକ କାରଣ ଯାହାବି ହେଉନା କାହିଁକି, ବାସ୍ତବ କ୍ଷେତ୍ରରେ ଆମେ ଯାହା ଦେଖୁଛୁ ତାହା ହେଲା, ସର୍ବତ୍ର ଓଡ଼ିଆ ଭାଷାର ସଂକୋଚନ । ତା ସ୍ଥାନରେ ଅନ୍ୟ ଭାଷାର ପ୍ରସାରଣ ଯଥା -"କ୍ୟାସେଟ୍‌ରେ ହିନ୍ଦୀ, ବଜାରରେ ହିନ୍ଦୀ, ଛୋଟ ପରଦାରେ ହିନ୍ଦୀ, ବଡ଼ ପରଦାରେ ହିନ୍ଦୀ, ଚ୍ୟାନେଲ୍‌ରେ ସବୁଠି ହିନ୍ଦୀ ଭାଷାର 'ହେଜିମନି' ବା ଆଧିପତ୍ୟ । ସ୍କୁଲ୍, କଲେଜ୍ ଅଫିସ୍, ଦପ୍ତର, ନିମନ୍ତ୍ରଣ ପତ୍ର, ସାଇନ୍‌ବୋର୍ଡ, ଲେବୁଲ୍, ରସିଦ ବହି, ଦରଖାସ୍ତ, ଖବର କାଗଜ, ପତ୍ରିକା, ପାଠ୍ୟପୁସ୍ତକ, ସାହିତ୍ୟ ଭାଷଣ, ଆଲୋଚନା, ଚ୍ୟାନେଲ ଇତ୍ୟାଦିରେ ଇଂରେଜୀ ଭାଷାର ଆଧିପତ୍ୟ । ଜିନ୍ ପେଂଟ୍‌ରେ ଆଇ. ଲଭ.ୟୁ, ଥ୍ୟାଙ୍କ୍ ୟୁ । ପ୍ରଥମ ପ୍ରେମ ନିବେଦନ, ଧନ୍ୟବାଦ ଅର୍ପଣ, ସ୍ୱାଗତମ୍‌ରେ ଇଂରେଜୀ । ଓଡ଼ିଶାରେ ଓଡ଼ିଆ ଭାଷାର ବ୍ୟବହାର କମିଯାଇ ନାହିଁକି ? ସହରମାନଙ୍କରେ ତ ମାତୃଭାଷାର ସ୍ଥିତି ଦୟନୀୟ । ଏପରିକି ବିଭିନ୍ନ ପ୍ରାନ୍ତରେ, ଉପାନ୍ତରେ । "ବାଲେଶ୍ୱର ଡେଇଁଲେ ବଂଗାଳୀ ଭାଷା, ବଡଂଡା ଛକ ଡେ଼ଇଁଲେ ହିନ୍ଦୀ ଭାଷା, ଖଲିକୋର୍ଟ ଡେଇଁଲେ ତେଲୁଗୁ ଭାଷାର ପ୍ରାବଲ୍ୟ ।[୬] ଆଗାମୀ ୫୦ ବର୍ଷ ଭିତରେ ୫୦ ଭାଗ ସ୍କୁଲ ଇଂରେଜୀ ମାଧ୍ୟମ ହୋଇ ନଥିବ କି ? ୫୦ ଭାଗ ନୂଆ ପ୍ରଜନ୍ମର ବାଳକ ବାଳିକାମାନେ ଓଡ଼ିଆ

Digitized by PPRACHIN, SOA

ଲେଖି-ପଢ଼ି ପାରୁଥିବେ କି ?

ଓଡ଼ିଆ ଭାଷାରେ କ'ଣ ଉଚ୍ଚତର ଗବେଷଣା ହୁଏ ? ସୂକ୍ଷ୍ମ ମନନଶୀଳ କାମ ଚାଲେ ? ସ୍ୱତନ୍ତ୍ର ହେବାର ୭୦ ବର୍ଷ ଭିତରେ ଅଳ୍ପ କେତୋଟି ଖବରକାଗଜ ପ୍ରକାଶିତ ହୋଇଛି । ଖବରକାଗଜ ପାଠକ ସଂଖ୍ୟା କିଛିଟା ବଢ଼ିଛି । କିନ୍ତୁ ପତ୍ରିକା ପୁସ୍ତକ ପାଠକଙ୍କ ସଂଖ୍ୟା କମିଛି, ସେଥିପାଇଁ ଓଡ଼ିଆ ଭାଷାରେ ଗୁଣାତ୍ମକ ଓ ପରିମାଣାତ୍ମକ ଭାବରେ ସାହିତ୍ୟ ରଚନାର ଗତି ମନ୍ଥର । ଏ ଯାବତ୍ ବିଶ୍ୱ ଜ୍ଞାନଚର୍ଚ୍ଚା ବା ଗବେଷଣା ଓଡ଼ିଆ ଭାଷାରେ ହୋଇ ପାରିନାହିଁ । ବିଜ୍ଞାନ, ସମାଜ ବିଜ୍ଞାନ ବା ଦର୍ଶନର କେଉଁ ଖଣ୍ଡି ବିଶ୍ୱପ୍ରସିଦ୍ଧ ପୁସ୍ତକ ଆମେ ଓଡ଼ିଆରେ ଅନୁବାଦ କରିଛୁ ? ପୁଞ୍ଜିବାଦର ସଂକଟ, ଗଣତନ୍ତ୍ର, ସମାଜବାଦ ସଂପର୍କରେ ଖଣ୍ଡେ ମୌଳିକ ପୁସ୍ତକ ଓଡ଼ିଆରେ କେହି ଲେଖିଛନ୍ତି କି ? ଶୀତଳ ଯୁଦ୍ଧ ସଂପର୍କରେ ଓଡ଼ିଆ ଭାଷାରେ ଖଣ୍ଡେ ବହି ଅଛିକି ? ଚୀନ୍ ବିପ୍ଳବ, ଭାରତୀୟ ଦର୍ଶନ, ଜଗତୀକରଣ ଉପରେ ବହି କାହିଁ ? ଆଇନ୍‌ଷ୍ଟାଇନ୍‌ଙ୍କର 'ରିଲେଟିଭିଟି', 'ନିଉଟନ୍‌ଙ୍କର 'ପ୍ରିନ୍‌ସିପିୟା ମ୍ୟାଥମେଟିକା', ଡାରଉଇନ୍‌ସଙ୍କର 'ଅରିଜିନ୍ ଅଫ୍ ଦି ସ୍ପେସିଜ୍', ଆଡ଼ାମ୍ ସ୍ମିଥଙ୍କର 'ଓ୍ୱେଲଥ୍ ଅଫ୍ ଦି ନେସନ୍', ହେଗେଲଙ୍କର 'ଫେନୋମେନାଲୋଜି ଅଫ୍ ସ୍ପିରିଟ୍", ଋଷୋଙ୍କର 'ସୋସିଆଲ କଣ୍ଟ୍ରାକ୍ଟ", ଫ୍ରଏଡ୍‌ଙ୍କର 'ଇଂଟର ପ୍ରିଟେସନ୍ ଅଫ୍ ଡ୍ରିମ୍‌ସ' ଇତ୍ୟାଦି ପୁସ୍ତକକୁ କେହି ଓଡ଼ିଆରେ ଅନୁବାଦ କରିଛି କି ? ଆଶ୍ଚର୍ଯ୍ୟର ବିଷୟ ଏହି କି, ପାଶ୍ଚାତ୍ୟ ଦର୍ଶନର ମାତ୍ର ଚାରି ପାଞ୍ଚ ଖଣ୍ଡ ପୁସ୍ତକ ବହୁକଷ୍ଟରେ ହୁଏତ ଓଡ଼ିଆ ଭାଷାକୁ ଅନୂଦିତ ହୋଇଛି । ସେ ସମସ୍ତ ପୁସ୍ତକ ଗୁଡ଼ିକ ହେଲା ପ୍ଲାଟୋଙ୍କର 'ରିପବ୍ଲିକ୍', ଆରିଷ୍ଟଟଲଙ୍କର 'ପଲିଟିକ୍‌ସ' ଓ 'ପୋଏଟିକ୍' ଓ ମାର୍କସଂକର କ୍ୟାପିଟାଲ । ଓଡ଼ିଆ ଭାଷାରେ ପାଠ୍ୟ ପୁସ୍ତକ ବହୁତ କମ୍ । "ମୁଷ୍ଟିମେୟ ବିଷୟରେ ତଳ ଶ୍ରେଣୀରେ ଛାତ୍ରମାନଙ୍କ ପାଇଁ କିଛି ବହି ଲେଖାଯାଇଛି । ବହୁ ଆଧୁନିକ ବିଦ୍ୟାକୁ ନେଇ ଓଡ଼ିଆ ଭାଷାରେ କିଛି ଲେଖା ହୋଇନାହିଁ କହିଲେ ଚଳେ । ଶିକ୍ଷାର ଉଚ୍ଚସ୍ତର ପାଇଁ ଓଡ଼ିଆରେ କୌଣସି ବହି ନାହିଁ । ଓଡ଼ିଆ ଭାଷାରେ ନୂତନ ବିଷୟରେ ଯଦି ବହି ଲେଖା ନହୁଏ ଏବଂ ସେ ସବୁ ବିଷୟରେ ଯଦି ଓଡ଼ିଆ ଭାଷାରେ ଶିକ୍ଷା ଦିଆନଯାଏ, କିପରି ଭାଂଗିବ ଓଡ଼ିଆ ଭାଷାରେ ଜଡ଼ତା ? ଗୋଟାଏ ଆଧୁନିକ ଭାଷା କିଛି ଗଳ୍ପ, କବିତା, ଉପନ୍ୟାସକୁ ଆଶ୍ରୟକରି ଅଗ୍ରସର ହୋଇପାରିବ ନାହିଁ । କାଳଜୟୀ ସାହିତ୍ୟ ସୃଷ୍ଟିକରି ଗୋଟାଏ ଭାଷାର ଗୌରବକୁ ବଢ଼ାଯାଇପାରେ, କିନ୍ତୁ ଭାଷାର ଆଧୁନିକୀକରଣ କ୍ଷେତ୍ରରେ ଏହାର ସେପରି କିଛି ଭୂମିକା ନାହିଁ ।[୭] ଭାଷାର ଗତି-ବେଗ, ଯୁକ୍ତିସିଦ୍ଧ ଜ୍ଞାନ ଅର୍ଥାତ୍ ବିଜ୍ଞାନ-ଦର୍ଶନ ମାଧମରେ

Digitized by PPRACHIN, SOA

ତୀବ୍ରତର ହୋଇଥାଏ । ଓଡ଼ିଆ ଭାଷାରେ ଆଧୁନିକ ବିଜ୍ଞାନ ବା ଦର୍ଶନ ଚର୍ଚ୍ଚା ବା ସେ ସଂପର୍କରେ ଗବେଷଣା ଧର୍ମୀ ପ୍ରବନ୍ଧ ବା ପୁସ୍ତକ ରଚନା ଆଦୌ ନାହିଁ କହିଲେ ଚଳିବ । ଏ ପ୍ରଦେଶରେ ଶିକ୍ଷା ଓ ଗବେଷଣାର ସ୍ତର ଏପରି ଯେ ଏଠାକାର ପ୍ରଫେସର 'ବିଦ୍ୱାନ'ମାନେ କ,ବ,ଚ କରି ସର୍ବନିମ୍ନ ଭାବରେ ବୁଝାଇଲା ଭଳି ପିଲାଙ୍କୁ କେବଳ ପାଠଟି ଯାହା ପଢ଼ାଇଥାନ୍ତି (ତାହା ପୁଣି ଇଂରାଜୀ ବା ଖଣ୍ଡି ଇଂରାଜୀ ଭାଷାରେ ଓଡ଼ିଆରେ ନୁହେଁ) କିନ୍ତୁ ପଢ଼ାଉଥିବା ବିଷୟ ଉପରେ ନୂଆ କିଛି ପ୍ରତିଫଳନ (Reflection) ଘଟାଇବା, ନୂଆ କିଛି ଆବିଷ୍କାର କରିବା ସେମାନଙ୍କ ପକ୍ଷେ ସମ୍ଭବ ହୁଏନା ।

ଏଠାରେ ଅଧ୍ୟାପକ ଓ ଗବେଷକମାନେ ମୁଖ୍ୟତଃ 'ବୃତ୍ତି ଏ ମୋ ପୋଷେ କୁଟୁମ୍ବ' ନ୍ୟାୟରେ ଦରମା ଲୋଭରେ ଅଧ୍ୟାପନା ଓ ଗବେଷଣା କରିଥାନ୍ତି । ହି ହୁ ପ୍ରଫେସେସ୍ (He who professes) ପ୍ରଫେସର, ଧାରଣା ସହ ସେମାନଙ୍କର ବିନ୍ଦୁ ବିସର୍ଗ ସଂପର୍କ ନଥାଏ । ଫଳତଃ ଜ୍ଞାନ ଚର୍ଚ୍ଚା ମାଧ୍ୟମରେ ସେମାନେ ମାତୃଭାଷାକୁ ପୁଷ୍ଟ କରାଇ ପାରନ୍ତି ନାହିଁ । ଅଧୁନାତନ ବିଶ୍ୱରେ ତଥ୍ୟକୁ ଏକ ଅତି ଉପଯୋଗୀ ଜ୍ଞାନର ମାନ୍ୟତା ମିଳିଛି । ଆଗରୁ କୁହାଯାଉଥିଲା, ଜ୍ଞାନ, ମୁକ୍ତି, ମୋକ୍ଷ (Knowledge is wisdom), ଏବେ କୁହାଯାଉଛି ଜ୍ଞାନ-ସୂଚନା ଓ ତଥ୍ୟ (knowledge is information) । ଓଡ଼ିଆ ଭାଷାରେ ଜ୍ଞାନ ମୋକ୍ଷ ବା ମୁକ୍ତି ବା ଜ୍ଞାନ-ସୂଚନା ଓ ତଥ୍ୟ କୌଣସିଟାର ପ୍ରାଚୁର୍ଯ୍ୟ ନାହିଁ । ଆଜି ଜାତି, ଦେଶ ନିର୍ବିଶେଷରେ ମଣିଷ ଖୋଜୁଛି କେଉଁଭାଷା ତାକୁ ସର୍ବାଧିକ ଜ୍ଞାନ ଯୋଗାଇ ପାରିବ । ସେ ଚାହୁଁଛି କେଉଁ ଭାଷା ତାକୁ ଅଧିକ ତଥ୍ୟ ଦେଇପାରିବ ।[୮] ଓଡ଼ିଆ ଭାଷା ଜ୍ଞାନ ସଂଗ୍ରହ ଓ ବିତରଣରେ ଅକ୍ଷମ ଓ ଦୁର୍ବଳ ହୋଇଥିବା ହେତୁ ଏହା ମଣିଷର କାମରେ ଆସିପାରୁନାହିଁ । ନୂତନ ପିଢ଼ିର ଯୁବକମାନେ ଏହି ଭାଷାଠାରୁ ମୁହଁ ଫେରାଇ ନେଉଛନ୍ତି । ଓଡ଼ିଆ ଭାଷାରେ ଦଶ ହଜାରରୁ କମ୍ ବହି, ଶବ୍ଦ ଭଣ୍ଡାରରେ ମାତ୍ର ଲକ୍ଷେ ଶବ୍ଦ ମଧ୍ୟରେ ଏହି ଭାଷାଟି ଆତଜାତ ହେଉଛି । ଆମ ଭାଷାରେ ଭଲ ଅଭିଧାନଟିଏ ନାହିଁ, ଜ୍ଞାନ କୋଷଟିଏ ନାହିଁ, ଚିନ୍ତାମୂଳକ ଗଦ୍ୟ ନାହିଁ, ତାତ୍ତ୍ୱିକ ମୀମାଂସା ବା ଦର୍ଶନ ନାହିଁ । ସମାଜ ବିଜ୍ଞାନ ବା ବିଜ୍ଞାନର ଚର୍ଚ୍ଚା ନାହିଁ । ଅଛି ଖାଲି ରାଶି ରାଶି ଅବୋଧ-ଦୁର୍ବୋଧ କବିତାର ହଜବରଳ । ବହୁଳ ବ୍ୟବହାର ଅଭାବରୁ ଓ ବିଶେଷ କ୍ଷେତ୍ରରେ ଓଡ଼ିଆ ଭାଷା ବ୍ୟବହୃତ ହେଉନଥିବା ହେତୁ ଓଡ଼ିଆ ଭାଷା, ଘଷିମାଜି ହୋଇ ଚିକ୍କଣ ହୋଇ ପାରୁନି, ଠାଣି-ମାଣିର ବିକାଶ ଘଟୁନାହିଁ, ମାଧୁର୍ଯ୍ୟ ବଢୁନାହିଁ, ଲାଳିତ୍ୟ ବା ସାଂଗିତିକତା ସୃଷ୍ଟି ହେଉନାହିଁ, ଗାମ୍ଭୀର୍ଯ୍ୟ ବି ନାହିଁ, ମର୍ଯ୍ୟାଦା ବି ପାଇ ପାରୁନି । ଓଡ଼ିଆ ଭାଷାର ମର୍ଯ୍ୟାଦା କମ୍, କାରଣ ମାକ୍‌ଲେଙ୍କ ସନ୍ତାନ ମଧ୍ୟବିତ୍ତ

Digitized by PPRACHIN, SOA

ଓଡ଼ିଆମାନେ ନବ ଉପନିବେଶବାଦୀ ଗୋଲାମୀ ଭାବନାଯୁକ୍ତ ହୋଇ ମାତୃଭାଷା ପ୍ରତି ନାସିକା-କୁଂଚନ କରୁଛନ୍ତି ।

ଓଡ଼ିଶାର ଶିକ୍ଷିତ ମଧ୍ୟବିତ୍ତର ଏକାଂଶ ବିଜାତୀୟ ଭାବନାର ବଶବର୍ତ୍ତୀ ହୋଇ ହୀନମନ୍ୟତା ବଶତଃ ମାତୃଭାଷା ପାଇଁ ନିଜର କର୍ତ୍ତବ୍ୟ ସଂପାଦନ କରିବା ପରିବର୍ତ୍ତେ ମାତୃଭାଷାକୁ ଦୟା ଦେଖାନ୍ତି, ତାକୁ ଏକ ଉପହାସର ସାମଗ୍ରୀ ବନାଇ ଦିଅନ୍ତି । ନିଜର ଗୋଲାମୀ ମାନସିକତା ହେତୁ ଭାଷାକୁ ଗୋଲାମ ବନାନ୍ତି । ଓଡ଼ିଆ ଭାଷା ଇଂରାଜୀ ଓ ହିନ୍ଦୀ ଭାଷାର ସେବା ଦାସ ଯେଉଁଠି ଇଂରାଜୀ ଓ ହିନ୍ଦୀ ଚଳୁନାହିଁ ସେଠି ଓଡ଼ିଆକୁ କାମରେ ଲଗାଅ । ଓଡ଼ିଆ ଭାଷାର ଅବସ୍ଥା ଏହିପରି, ଯଦି କେତେବେଳେ ଓଡ଼ିଆ ଚୋରଟିଏ ଓଡ଼ିଆ ପୁଲିସ ହାତରେ ଧରା ପଡ଼ିଲା ସେ ଓଡ଼ିଆ ଭାଷାରେ ମାଡ଼ ଓ ଗାଳି ଖାଇ ଇଂରେଜୀ ଭାଷା ମାଧ୍ୟମରେ ଜେଲ୍‌ଯିବ । ଓଡ଼ିଆ ଭାଷା ଏକ କ୍ଷମତା କେନ୍ଦ୍ର ନୁହେଁ ବରଂ ଇଂରେଜୀ ଓ ହିନ୍ଦୀ ଭାଷା ପାଖରେ ଟହଲ ମାରୁଥିବା ଏକ କ୍ଷମତାହୀନ ଭାଷା । ସେଥିପାଇଁ କ୍ଷମତାରେ (ରାଜକ୍ଷମତା) ଥିବା ଓଡ଼ିଆମାନେ ସ୍ୱାଧୀନତା ପରଠାରୁ ଏହି ଭାଷାର ଚେର କାଟି ଆସୁଥିଲେ । ଏବେ ମୂଳରୁ ତାକୁ ଉପାଡ଼ି ଫୋପାଡ଼ି ଦେବାକୁ ଚାହୁଁଛନ୍ତି । ସ୍ୱାଧୀନତା ପରେ ଓଡ଼ିଶାର ଅର୍ଥନୈତିକ ବିକାଶ ହେଲାନାହିଁ । ଜାତିସତ୍ତା ଦୁର୍ବଳ ହେଲା । ଜାତିସତ୍ତା ଦୁର୍ବଳ ହୋଇ ଚାଲିଛି ତ ଜାତିସତ୍ତାର ମୃତ୍ୟୁ ଘଟିବ । ଏକ ଆରେକକୁ ମାରିବ ଏବଂ ଏହି ଉଭୟ (ଭାଷା ଓ ଜାତିସତ୍ତା) ମୃତ୍ୟୁର ମଉଡମଣି ସାଜିଛନ୍ତି ଓ ସାଜିବେ ସଂସ୍କୃତିହୀନ ଛିନ୍ନମୂଳ (ଲଫଙ୍ଗା) ଓଡ଼ିଆ । ଏହି ଓଡ଼ଆମାନେ ଜାତିଦ୍ରୋହୀ, ଭାଷାଦ୍ରୋହୀ । ତଥାପି ଏମାନେ ଛଳ କପଟ କରି ମିଛ ଜାତିପ୍ରୀତି, ଭାଷାପ୍ରୀତି ଦେଖାଇ ନିରୀହ (Docile) ଓଡ଼ିଆ ମାନଙ୍କୁ ଶାସନ ଶୋଷଣ ଓ ଲୁଣ୍ଠନ କରୁଛନ୍ତି । ସ୍ୱଜାତିର ମଣିଷମାନଙ୍କୁ ଲୁଣ୍ଠନ କରୁଥିବା ଲୁଣ୍ଠନକାରୀ ଓଡ଼ିଆମାନେ ସ୍ୱଭାଷାକୁ ଦହନ କରି ପାରିବେନି ବା କାହିଁକି ? ବସ୍ତୁତଃ ଓଡ଼ିଆ ଭାଷା ବର୍ତ୍ତମାନ ହନନ ବା କର୍ତନ ପ୍ରକ୍ରିୟାରେ । କିଛି କାଳ ପରେଏହାର ମୃତ୍ୟୁ ଘଣ୍ଟି ବାଜିଯିବ । ଭାଷା ମରିଯିବ, ଭାଷା ମରିଗଲେ ଜାତିଟା ବି ଆପଣା ଛାଏଁ ମରିଯିବ । ମିଶିଯିବ ଅନ୍ୟ କେଉଁ ଜାତିର ଗର୍ଭରେ । ତାହା ହୋଇପାରେ ପଶ୍ଚିମ ବଂଗ, ଆନ୍ଧ୍ର, ବିହାର ବା ମଧ୍ୟପ୍ରଦେଶ । ସେତେବେଳେ ଓଡ଼ିଆ ଭାଷା ହୋଇଯିବ, ସେ ସମସ୍ତ ଜାତିର ଉପଭାଷା ।

ସେତେବେଳେ ଦେଖାଯିବ ଭାଷା ଓ ଉପଭାଷା ଉଭୟ ମିଶିକରି ପୁଣି ଏକ ବିଶ୍ୱଭାଷା ଓ ବିଶ୍ୱ ଶକ୍ତିର କ୍ରୀଡ଼ନକ ସାଜୁଛନ୍ତି । ଆତ୍ମନିର୍ଭରଶୀଳତା ପଥରେ ଭାରତ ଓ ଭାରତୀୟ ଜାତିମାନେ ଚାଳିତ ନହେଲେ ଏଇମିତି ଦଶା ଭୋଗୁଥିବେ । ସାମ୍ରାଜ୍ୟବାଦର

Digitized by PPRACHIN, SOA

ଗୋଲାମୀ କରି ଗୋଟାଏ ଜାତି (ଭାରତ-ଓଡ଼ିଶା) ଗୋଟାଏ ଭାଷା (ଭାରତୀୟ ଭାଷା-ଓଡ଼ିଆ ଭାଷା) କେତେଦିନ ଯାଏ ତିଷ୍ଠିବ ?

୧୯୩୬ ରେ ସ୍ୱତନ୍ତ୍ର ହେଲା ପରେ ୧୯୫୪ (ସ୍ୱାଧୀନ ଭାରତ-ଓଡ଼ିଶା)ରେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଭାଷା ବିଲ୍‌ଟିଏ ପାଶ୍ ହୋଇଥିଲା । ମାତୃଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ହେବା ସକାଶେ । ନେତୃତ୍ୱର ଇଚ୍ଛାଶକ୍ତି ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରିଲାନି । ବିଲ୍‌ଟି ରହିଥିଲା । ପୁଣି ୧୯୮୫ ମସିହାରେ ଆମ୍ଭର ନେତୃତ୍ୱରେ 'ଓଡ଼ିଆ ଯୁବଲେଖକ ସମ୍ମେଳନ'ର ଆନ୍ଦୋଳନ ଫଳରେ ସରକାରୀ ନାଲିଫିତା ତଳୁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାକୁ ଉଦ୍ଧାରକଲେ । ପୁଣିଥରେ ନିର୍ଦ୍ଦେଶନାମା ଜାରିହେଲା ନ୍ୟାୟପାଳିକା ଓ ବହିର୍ଦେଶୀୟ ଯୋଗାଯୋଗ ବ୍ୟତୀତ ସମସ୍ତ କାର୍ଯ୍ୟ ମାତୃଭାଷାରେ ହେବ । ଆଜ ଅବଧି ତାହା କାର୍ଯ୍ୟକାରୀ ହୋଇନାହିଁ । କାହିଁକି ? ୭୦ ଦଶକରେ ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା ଦ୍ୱାରା କିଛି ପାଠ୍ୟ ପୁସ୍ତକ ପ୍ରଣୀତ ହେବା ସତ୍ତ୍ୱେ ମାତୃଭାଷାରେ ଶିକ୍ଷାଦାନ ଜାତୀୟ ନୀତି ହୋଇ ଥାଇବି, ଯୁକ୍ତ ଦୁଇ ଓ ବିଶ୍ୱ ବିଦ୍ୟାଳୟ ସ୍ତରରେ ଶିକ୍ଷାର ମାଧ୍ୟମ ଏପର୍ଯ୍ୟନ୍ତ ଇଂରାଜୀ ହୋଇ ରହିଛି କାହିଁକି ? ଇଂରେଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ଏକ ପାଠ୍ୟ ବିଷୟ ଥାଇବି ବିଷୟଟିକୁ ଠିକ୍ ଭାବରେ ପଢ଼ା ଯାଉନାହିଁ କାହିଁକି ? ଇଂରେଜୀ ମାଧ୍ୟମ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷା ମାଧ୍ୟମରେ ପରସ୍ପର ଭାବ ବିନିମୟ କଲେ ସେମାନଙ୍କୁ କାହିଁକି ବା ଦଣ୍ଡ ଭୋଗିବାକୁ ପଡେ ? ଏଇମିତି ଅନେକଗୁଡ଼ାଏ ପ୍ରଶ୍ନ, ଆମେ ନିଜକୁ କରିବା ସହ ଏ ଦେଶର କର୍ଣ୍ଣଧାର, ସାମାଜିକ ନେତୃତ୍ୱକୁ କରିବା ଆବଶ୍ୟକ । ଅଭିଯୋଗ ଶୁଣିବାକୁ ମିଳେ ଯେ, କିଛି ବର୍ଷ ତଳେ କିଛି ଓଡ଼ିଆ ସଂଗଠନ ଚାପରେ ଇଂରେଜୀ ମାଧ୍ୟମ ବିଦ୍ୟାଳୟମାନେ ସରକାରୀ ନିର୍ଦ୍ଦେଶନାମା[୯] ପ୍ରାପ୍ତ ହୋଇକରି ଭାଷା ଶିକ୍ଷା କ୍ଷେତ୍ରରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ଭାଷାର ଦରଜା ଦେଇକରି ବି ଛାତ୍ରଛାତ୍ରୀମାନଙ୍କୁ ସହଜ ପ୍ରଶ୍ନ ଉତ୍ତର କାରସାଦୀ ମାଧ୍ୟମରେ ୮୦, ୯୦ ନମ୍ବର ଦେଉଛନ୍ତି ସିନା, ବିଷୟଟି ଠିକ୍ ଭାବରେ ପଢ଼ାଉ ନାହାନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ବିଜୁ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆକୁ ଏକ ପରୀକ୍ଷା ଉପଯୋଗୀ ବିଷୟ (examinable subject) ଭାବରେ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ କଂଗ୍ରେସ ଶାସନରେ ଓଡ଼ିଆକୁ ୪ର୍ଥରୁ ପଢ଼ାଯିବାର ନିର୍ଦ୍ଦେଶ ଜାରି ହେଲା । ପରୀକ୍ଷା ଉପଯୋଗୀ ବିଷୟ (examinable) ଶବ୍ଦକୁ ଉଚ୍ଚ ଅମଲାମାନେ କୌଶଳରେ ବାଦଦେଇ ଇଂରେଜୀ ସ୍କୁଲ୍‌ରେ ଓଡ଼ିଆ ଶିକ୍ଷାକୁ ଗୌଣ କରିଦେଲେ ।

Digitized by PPRACHIN, SOA

ପରିଣତି ସ୍ୱରୂପ ଇଂରେଜୀ ମାଧ୍ୟମ ବିଦ୍ୟାଳୟରୁ ପାଶ୍ କରୁଥିବା ଛାତ୍ରଛାତ୍ରୀମାନେ ନା ପଢ଼ିପାରୁଛନ୍ତି ଓଡ଼ିଆ ନା ଲେଖପାରୁଛନ୍ତି ଓଡିଆ । ଏହି ବିଦ୍ୟାଳୟମାନଙ୍କରୁ ପାଶ୍ କରୁଥିବା ହଜାର ହଜାର ଓଡ଼ିଆ ଛାତ୍ରଛାତ୍ରୀମାନେ ଯଦି ଓଡ଼ିଆ ପଢ଼ି ଲେଖି ପାରିବେନି-ତାହେଲେ, କିଛି ବର୍ଷ ପରେ ସହରାଂଚଳରୁ ଓଡ଼ିଆ ଭାଷା ସଂପୂର୍ଣ୍ଣ ବିତାଡ଼ିତ ହୋଇଯିବ । ୬୦ ଓ ୭୦ ଦଶକର ଶିକ୍ଷିତ ଓଡ଼ିଆମାନେ ଏବେ ସହରରେ ଥିବା ହେତୁ ଓଡ଼ିଆ ପଢ଼ି ଜାଣୁଥିବା ଲେଖି ଜାଣୁଥିବା ଲୋକଙ୍କର ପଦଧ୍ୱନି ତଥାପି ଅନୁଭବ କରି ହେଉଛି । ଏମାନେ ଏବେ ବୁଢ଼ା ହୋଇଗଲେଣି । କିଛିଦିନ ପରେ ଏମାନେ ମରିଯିବେ । ପ୍ରଜନ୍ମଟି ଲୋପ ପାଇଯିବ । ତା'ପରେ ସହରାଂଚଳରେ ଓଡ଼ିଆ ଭାଷାର ପଦଧ୍ୱନି ଶୁଣିବାକୁ ମିଳିବତ ? କ୍ରମଶଃ ଶିକ୍ଷାଦାନ କ୍ଷେତ୍ରରୁ ଓଡ଼ିଆ ମାଧ୍ୟମ ବିଦ୍ୟାଳୟ (ସରକାରୀ ସ୍କୁଲ) କମିଯିବାରେ ଲାଗିଛି । ବାସ୍ତବତା ଏହିପରି ଯଥା-ରାଉରକେଲାର ଅଧିକାଂଶ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ତାଲା ପଡ଼ି ସାରିଲାଣି । ଭୁବନେଶ୍ୱରରେ ଛାତ୍ର ଉପସ୍ଥାନ କମ୍ ହୋଇ ସାରିଛି । ଭବିଷ୍ୟତରେ ତାଲା ପଡ଼ିଯିବ । ସ୍ୱଚ୍ଛଳ ଗ୍ରାମମାନଙ୍କରେ ମଧ୍ୟ ଇଂରେଜୀ ମାଧ୍ୟମ ବିଦ୍ୟାଳୟର ସାଇନ୍‌ବୋର୍ଡ ମରାଗଲାଣି । ଦିନୁଦିନ ବଢ଼ି ଚାଲିବ ସଂଖ୍ୟା । ମମି, ଡାଡ଼ି, ଅଙ୍କଲ ଡାକରେ ମୁଖରିତ ହେବ ଓଡ଼ିଶା । ବର୍ତ୍ତମାନ ଓଡ଼ିଶା ବିଧାନସଭାରେ କେତେକ ଏମ୍.ଏଲ୍.ଏ (ମୁଖ୍ୟତଃ ରାଜ ପରିବାରରୁ ଆସିଥିବା ଅଥବା ବ୍ୟୁରୋକ୍ରାଟଂକ ସନ୍ତାନ) ଓ ମନ୍ତ୍ରୀ (ଖୋଦ୍ ମୁଖ୍ୟମନ୍ତ୍ରୀ) ଓଡ଼ିଆ ପଢ଼ି ପାରନ୍ତିନି, ଲେଖି ପାରନ୍ତିନି । ସରକାରୀ ବେସରକାରୀ ପ୍ରତିଷ୍ଠାନ ମାନଙ୍କରେ ହାଲି ହାଲି ଯୋଗ ହେଉଥିବା ବ୍ୟୁରୋକ୍ରାଟଙ୍କର ମଧ୍ୟ ସେଇ ଅବସ୍ଥା । ୨୦,୨୫ ବର୍ଷ ପରେ ଏମାନଙ୍କର ସଂଖ୍ୟା ଅର୍ଦ୍ଧାଧିକ ହୋଇଯିବ । ଅବସ୍ଥା ଏମିତି ହେବ ଓଡ଼ିଆ ପଢ଼ି ଲେଖି ଜାଣି ନଥିବା ଲୋକମାନେ ଓଡ଼ିଶାକୁ ଶାସନ କରୁଥିବେ । କିଛି ବର୍ଷ ପରେ ବିଦେଶୀ ଭାଷାମାନଙ୍କ ପାଖରେ ଓଡ଼ିଆ ଭାଷା ସୁନ୍ଦର ସୁସଜ୍ଜିତ ପର୍ସୋଲିନ୍ ପାତ୍ର ପାଖରେ ପରିତ୍ୟକ୍ତ ଭଂଗା ମୃତ ପାତ୍ରର ଅବସ୍ଥା ଭୋଗୁଥିବ ।

କିଛି ବର୍ଷ ପରେ ଓଡ଼ିଆ ପଢ଼ି, ଲେଖି, କହି ପାରୁନଥିବା ନୀଳବର୍ଣ୍ଣ ଶୃଗାଳୋପମ ଓଡ଼ିଆମାନେ ନିଜର ଐତିହ୍ୟ-ସ୍ୱରୂପ ଓଡ଼ିଆ ଭାଷାକୁ ମିଉଜିୟମ୍ ଗର୍ଭକୁ ନିକ୍ଷିପ୍ତ କରିଥିବେ । ଏମିତି ହୁଏତ ହେବ ଆଗାମୀ ପିଢ଼ିର ପରିଚୟ ବିବର୍ଜିତ ଓଡ଼ିଆମାନେ ଆଗେଇ ଆସିବେ ଗୋଟାଏ ଜାତି ଓ ଭାଷାର ମୃତ୍ୟୁ ସଂପର୍କରେ ଗବେଷଣା କରିବା ସକାଶେ । ତଥ୍ୟାଭିଜ୍ଞମାନଙ୍କ ମତରେ ଓଡ଼ିଶାର ଦକ୍ଷିଣକୁ (ବ୍ୟବସାୟିକ ଓ ଜନ ସଂଯୋଗ କ୍ଷେତ୍ରରେ) ତେଲୁଗୁ ଭାଷା ମାଡ଼ିଗଲାଣି, ପଶ୍ଚିମରେ ରାଉରକେଲା, ସଂବଲପୁର,

Digitized by PPRACHIN, SOA

ସୁନ୍ଦରଗଡ଼, ବଲାଙ୍ଗିର, କଳାହାଣ୍ଡି,ବରଗଡ଼ ଇତ୍ୟାଦି ସ୍ଥାନ ମାନଙ୍କରେ ଏପରିକି ଓଡ଼ିଶାର ଛୋଟବଡ଼ ଅନେକ ସହରରେ ହିନ୍ଦୀ ଭାଷା ପ୍ରଭାବ ବିସ୍ତାର କରୁଛି । ପଶ୍ଚିମାଂଚଳର ଲରିଆ ନାମକ ଏକ କ୍ଷୁଦ୍ର ଭାଷାର ଅସ୍ତିତ୍ୱ ନାଶହେବା ସହ ତା'ର ସ୍ଥାନ ହିନ୍ଦୀ ଭାଷା ଗ୍ରହଣ କରିନେବାରେ ସମର୍ଥ ହୋଇଛି । ଇଂରେଜୀ ମାଧ୍ୟମ ବିଦ୍ୟାଳୟ ମାନଙ୍କରେ ଇଂରେଜୀ ପରେ ହିନ୍ଦୀକୁ ପ୍ରାଧାନ୍ୟ ଦିଆଯାଉଛି । ସମଗ୍ର ଭାରତବର୍ଷରେ ବିଚାରା ହିନ୍ଦୀ ଭାଷା ଇଂରେଜୀ ଭାଷାର ଏଜେଣ୍ଟ ଭାବରେ କାମ କରୁଛି । ଉପନିବେଶ ଭିତରେ ଉପନିବେଶ ସୃଷ୍ଟି ହେଉଛି । ଟେଲିଭିଜନରେ ହିନ୍ଦୀ ଭାଷାର କାମ ହେଲା ସମ୍ବାଦ ଓ ସାହିତ୍ୟ(ମନୋରଂଜନ) ପରିବେଷଣର ନାଁରେ ଦେଶୀ-ବିଦେଶୀ ବହୁଜାତୀୟ ପୁଂଜି ପ୍ରସ୍ତୁତ ପଦାର୍ଥ (Product), ଅପଦାର୍ଥ (bad product)ମାନଙ୍କର ବିଜ୍ଞାପନ କରି ଗ୍ରାହକ (Consumer)ଙ୍କୁ ଶିକାର ବନାଇବା । ଏଥିପାଇଁ ଲକ୍ଷ ଲକ୍ଷ କଳାକାରମାନେ ଭଡ଼ାରେ (ଅମିତାଭ୍, ନାସିରୁଦ୍ଦିନ ସମେତ...) ଲାଗିଛନ୍ତି । ବର୍ତ୍ତମାନ କଳା ହୋଇ ଯାଇଛି ବିଜ୍ଞାପନ । ଓଡିଆ ଭାଷା ବିଜ୍ଞାପନ ଉପଯୋଗୀ ହୋଇ ପାରୁନି ବୋଲି, ଓଡ଼ିଆ କଳାକାରମାନେ ମଡ଼େଲ ଅଯୋଗ୍ୟ ହେତୁ ଓଡ଼ିଆ ଭାଷାକୁ ଦ୍ରବ୍ୟ, ଅଦ୍ରବ୍ୟ ଉତ୍ପାଦନକାରୀମାନେ ପଚାରୁନାହାନ୍ତି । ଓଡ଼ିଆ ଭାଷା ଯେ ବିଜ୍ଞାପନ ଅଯୋଗ୍ୟ ଭାଷା ହୋଇଯାଇଛି ତାହା ନୁହେଁ, କଳା ଅଯୋଗ୍ୟ ଭାଷାହୋଇ ପଡ଼ିଛି । ଦୃଶ୍ୟ, ଶ୍ରାବ୍ୟ ଉଭୟ ମାଧ୍ୟମରେ ଓଡ଼ିଆ ନାଟକ, ଚଳଚ୍ଚିତ୍ର, ସଂଗୀତ, ସିରିଏଲ୍, ଡ୍ରାମାର ଆଦର ନାହିଁ । ତା'ର ସ୍ଥାନ ଅଧିକାର କରି ନେଉଛି ହିନ୍ଦୀ ଭାଷା । ବଡ଼ ମାଛ ଛୋଟ ମାଛକୁ ଗିଳିଲା ପରି ବୃହତ୍ ପୁଞ୍ଜି କ୍ଷୁଦ୍ର ପୁଞ୍ଜିକୁ ନାଶ -ଗ୍ରାସ କଲାପରି କେତେବେଳେ ଇଂରେଜୀ ଭାଷାଟ କେତେବେଳେ ହିନ୍ଦୀ ଭାଷା ଓଡ଼ିଆ ଭାଷାକୁ ଗ୍ରାସ ଓ ନାଶ କରି ଚାଲିଛି । ଇଂରେଜୀ ଓ ହିନ୍ଦୀ ଭାଷାର ଗ୍ରାସ କବଳରୁ ବଂଗଳା ଭାଷା ତଥାପି ନିଜକୁ ସୁରକ୍ଷିତ ରଖିଛି । ଏହାର କାରଣ କ'ଣ ? କାରଣ ହେଲା ସେମାନଙ୍କର ଜାତୀୟତାବୋଧ । ବଂଗାଳୀମାନଙ୍କର ଜାତୀୟତାବୋଧ ଥିବା ହେତୁ ସେମାନେ ଅଗନାଅଗିନୀ ବନରେ ପ୍ରବେଶ କଲା ପରେବି ନିଜର ମାତୃଭାଷାକୁ ଭୁଲନ୍ତି ନାହିଁ । ଏ କ୍ଷେତ୍ରରେ ଓଡ଼ିଆମାନଙ୍କର ଚରିତ୍ର ବିଚିତ୍ର । ସ୍ୱାଭିମାନ ତ ବହୁତ ବଡ଼କଥା, ଓଲଟି ଦାରିଦ୍ର୍ୟ-ବୈକଲ୍ୟ ହେତୁ ନିଜର ଆତ୍ମପରିଚୟକୁ ଢାଂକିବା ସକାଶେ ବାଷ୍ପୀୟଶକଟ (ରେଳଗାଡ଼ି)ରେ ବାଲେଶ୍ୱର ଡେଇଁବା ମାତ୍ରେ ବଂଗଳାରେ କଥା ଆରମ୍ଭ କରିଦିଅନ୍ତି (କାଳେ ଓଡ଼ିଆ ଶୁଣିଲେ ବଂଗଳୀମାନେ ଓଡ଼ିଆକୁ ଗାଡ଼ିରୁ ଗୋଇଠାମାରି ଓହ୍ଲାଇ ଦେବେ ନା ଅନ୍ୟ କେଉଁ ଭୟରେ କେଜାଣି) ?

Digitized by PPRACHIN, SOA

ଏହି ଓଡ଼ିଆଙ୍କୁ (ଏଥିରେ ଥୋକେ ଶିକ୍ଷିତ ଓଡ଼ିଆ ବି ଥାନ୍ତି) ଦେଖିଲେ ମନେ ହେବ ସତେ ଯେମିତି ଏମାନେ କଳିକତାରୁ ଜନ୍ମନେଇ ଓଡ଼ିଶା ଆସିଥିଲେ, ଏବେ କଳିକତା ଫେରି ଯାଉଛନ୍ତି, ବାଲେଶ୍ୱର ଡେଇଁ ସାରିଲେଣି, ବଂଗଳାରେ କଥା ହେବେନି ତ କ'ଣ ଓଡ଼ିଆରେ କଥାହେବେ ? ଏହି ପ୍ରକାରର ଓଡ଼ିଆମାନେ ଏ ଯାବତ୍ ଏମିତି ହୋଇ ରହିଥିବାର କାରଣ କ'ଣ ? କାରଣ ତ ଅନେକ । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯାହା ତାହା ହେଲା ଏମାନେ ଏଇମିତି ରହନ୍ତୁ ବୋଲି ମୁଖ୍ୟାଂଶରେ ଓଡ଼ିଶାର ସାମାଜିକ ନେତୃତ୍ୱ ଚାହାନ୍ତି, ଚାହାନ୍ତି ଏଥିପାଇଁ ଯେହେତୁ ସେମାନେ ମୁଖ୍ୟାଂଶରେ ଦଲାଲି କରୁଛନ୍ତି । କାଳେ ସେମାନଙ୍କର ଦଲାଲି ଧରା ପଡ଼ିଯିବ, ତେଣୁ ଓଡ଼ିଆମାନେ ସେଇମିତି ଦରିଦ୍ର ଭୀରୁ ହୋଇକରି ଥାନ୍ତୁ, ଫଳତଃ ସେମାନଙ୍କର ଶାସନ ସଲଖ ହେବ । ଓଡ଼ିଶାର ସାମାଜିକ ନେତୃତ୍ୱ ସଫଳର ଭାବରେ 'ତୋସାଲଇ୍' ଓଡିଆମାନଙ୍କୁ ବୁଝାଇ ଦେଇଛନ୍ତି, ସେମାନେ ଯଦି ଦରିଦ୍ର ତା'ର କାରଣ ସେମାନେ ଭୀରୁ ଓ ଅଳସୁଆ । ସେଇ ଓଡ଼ିଆମାନଙ୍କୁ ଆମ୍ଭର ଉପଦେଶ ସେମାନେ ଭୟ ତ୍ୟାଗକରି ଓ ଦାରିଦ୍ର୍ୟର ଜନ୍ମଦାତା ପିତା (ଶୋଷଣକାରୀ)ଙ୍କ ବିରୁଦ୍ଧରେ ଲଢ଼ନ୍ତୁ ତ ଦେଖି ଦାରିଦ୍ର୍ୟ ବି ଡରି ପଳାଇବ । ଓଡ଼ିଆମାନେ ବାଁ କାଢ଼ିଆ ମାରନା (ସାମାଜିକ ଦାୟିତ୍ୱରୁ ପଳାୟନ କରନା), ସଂଗଠିତ ହୁଅତ ଦେଖି (ଶତ୍ରୁ ବିରୁଦ୍ଧରେ) ପୁରାଇଦିଆଯାଇଥିବା ଭୟ ଓ ଦାରିଦ୍ର୍ୟ ତୁରନ୍ତ ପଳାୟନ କରିବ ତୁମଠାରୁ । ଯାହାକୁ ପ୍ରତ୍ୟକ୍ଷ କରି ନିଜେ ଇ ଖୁସି ହେବ, ନିଜ ଭିତରେ ଏକ ନବ ଉନ୍ମାଦନା, ନବଶକ୍ତି, ନବ ସାହସ ସଂଚାର ଘଟାଇବ । ଏହା ଓଡ଼ିଆମାନଙ୍କୁ ଠିକ୍ ଢଙ୍ଗରେ ବୁଝାଯାଇ ପାରିନି । ମୋଟାମୋଟି ଭାବରେ ଓଡ଼ିଶାର ସାମାଜିକ ନେତୃତ୍ୱ ଓଡ଼ିଆମାନଙ୍କର ଦାରିଦ୍ର୍ୟକୁ ନିଜ ସ୍ୱାର୍ଥରେ ଲଗାଇ ଶୋଷଣ କରିଛି ।

ଆଉ ଗୋଟଏ ବଡ଼ ସମସ୍ୟା ହେଲା ଓଡ଼ିଶାରେ ଦୀର୍ଘକାଳ ଧରି ବସବାସ କରି ଆସୁଥିବା ଅନ୍ୟଭାଷୀ / ଭିନ୍ନ ସଂପ୍ରଦାୟର ଲୋମାନଙ୍କର ଓଡ଼ିଆ ଭାଷା ପ୍ରତି ଅନାଦର । ଓଡ଼ିଶାରେ ରହୁଥିବା ଅନ୍ୟଭାଷୀ ଭିନ୍ନ ସଂପ୍ରଦାୟର ଲୋକ ଯଥା, ମାରୁୱାଡ଼ୀ,ବଙ୍ଗାଳୀ, ତେଲ୍‌ଗୁ ଇତ୍ୟାଦିଙ୍କ ମଧ୍ୟରୁ ମାତ୍ର ୬ଭାଗ ଲୋକ ଓଡ଼ିଆ ଶିଖିଛନ୍ତି । ଓଡ଼ିଆ ଜାଣିନଥିବାର ସ୍ୱ-ଦୁର୍ବଳତା ହେତୁ ବା ଆପଣା ଭାଷାକୁ ଓଡ଼ିଆ ଭାଷା ଉପରେ ଲଦି ଦେବାର ହୀନ ମାନସିକତା ହେତୁ ସେମାନେ ଓଡ଼ିଆ ଭାଷା ପଢ଼ନ୍ତି ନାହିଁ, ଲେଖନ୍ତି ନାହିଁ ଓ କହନ୍ତି ନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା କିଛି ସବ୍‌ଜାନ୍‌ତା ଓଡ଼ିଆ ଭିନ୍ନଭାଷୀ ଓଡ଼ିଆମାନଙ୍କର ଏ ପ୍ରୟାସକୁ ପ୍ରତିହତ କରିବା ପରିବର୍ତ୍ତେ ସେମାନଙ୍କ ସହିତ (ସହଯୋଗ ପୂର୍ବକ) 'କଦମ୍‌ତାଲ୍‌, ତେ ଚଲ୍' ଢ଼ଂଗରେ ସୁଲଳିତ କଣ୍ଠରେ ଓଡ଼ିଆ ପରିବର୍ତ୍ତେ ତାଙ୍କ

Digitized by PPRACHIN, SOA

ଭାଷା (ବଂଗଳା, ହିନ୍ଦୀ, ତେଲୁଗୁ, ଇତ୍ୟାଦି)ରେ କଥାବାର୍ତ୍ତା ହୋଇଥାନ୍ତି । ଏ କ୍ଷେତ୍ରରେ ଓଡ଼ିଆମାନେ ଅନ୍ୟ ଭାଷୀମାନଙ୍କୁ ଓଡ଼ିଆ ନ ଶିଖାଇ, ଓଡ଼ିଆ ଭାଷା ପ୍ରତି ସେମାନଙ୍କ ଭିତରେ ଆଦର ସୃଷ୍ଟି ନକରି, ଓଲଟି ସ୍ୱମାତୃଭାଷା ପ୍ରତି ସେମାନଙ୍କର ମନରେ ଅନାସ୍ଥା / ହତାଦର ଭାବ ସୃଷ୍ଟି କରିଥାନ୍ତି । ଏହା ଆପଣା ହସ୍ତେ ଜିହ୍ୱା ଛେଦି ସଦୃଶ ହୋଇଥାଏ । ଏଠାରେ ଉଲ୍ଲେଖ କରିବା ନିତାନ୍ତ ପ୍ରୟୋଜନ ଯେ ଓଡ଼ିଶାରେ ଦୀର୍ଘ ୫୦୦ ବର୍ଷ କି ତା ଠାରୁ ଅଧିକ ବର୍ଷ ଧରି ରହି ଆସୁଥିବା 'ମୁସଲ୍‌ମାନ' ସଂପ୍ରଦାୟର ଲୋକମାନଙ୍କ ମଧ୍ୟରୁ ୯୦ ଭାଗ ଲୋକ ଏଯାବତ୍ ତାଙ୍କର ମାତୃଭାଷା ଉର୍ଦ୍ଦୁ ଲେଖି ଆସୁଛନ୍ତି ।[୧୦] ବସ୍ତୁତଃ ସେମାନଙ୍କର ମାତୃଭାଷା କିନ୍ତୁ ଉର୍ଦ୍ଦନୁହେଁ । ଏମାନେ ଉର୍ଦ୍ଦୁ, ହିନ୍ଦୀ ଓଡ଼ିଆ ମିଶାମିଶି ଫେଣ୍ଟାଫେଣ୍ଟି ଏକ ଭାଷାରେ କଥା ହୋଇଥାନ୍ତି, ଯାହାର ଭିନ୍ନ କିଛି ନାମ ହୋଇପାରେ । ଏହି ଭାଷାଟିକୁ ସମାନେ ଗୃହସ୍ଥଳୀରେ ବ୍ୟବହାର କରିଥାନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଓଡ଼ିଶାର 'ମୁସଲମାନ' ଭାଇମାନେ ଯେ କୌଣସି ଭଲ ଓଡ଼ିଆ କହିପାରୁଥିବା ଲୋକ ପରି ବିଶୁଦ୍ଧ ଓଡ଼ିଆ କହିପାରନ୍ତି । ଓଡ଼ିଶାର ମୁସଲମାନ୍‌ମାନେ କହୁଥିବା ଉର୍ଦ୍ଦୁ ଓ ଓଡ଼ିଆର ତୁଳନା କରାଗଲେ ଅଧିକାଂଶ ମୁସଲ୍‌ମାନ୍‌ଙ୍କର ଅନ୍ତରର ଭାଷା ବା ମାତୃଭାଷା ଓଡ଼ିଆ ମନେହୁଏ । ଅଥଚ ସେମାନେ କେଉଁ କାରଣରୁ ସେମାନଙ୍କର ମାତୃଭାଷା ଓଡ଼ିଆ ବୋଲି ସ୍ୱୀକାର କରନ୍ତି ନାହିଁ ତାହା ସେମାନେ ଜାଣିଥିବେ । ମୁସଲମାନମାନେ ଧର୍ମଗତ ଭାବରେ ଇସ୍‌ଲାମ୍ ହେଲେ ମଧ୍ୟ ଜାତିଗତ ଭାବରେ ଓଡ଼ିଆ ଏକଥା ତଥାପି ଆମେ ସେମାନଙ୍କୁ ବୁଝାଇ ପାରିନୁ ।

ଓଡ଼ିଆ ଭାଷା ଯେ ଆଗକୁ ଯିବନାହିଁ, ସଙ୍କଟର ଘେର ଭିତରେ ପଡ଼ି ଅବହେଳାର ଶିକାର ହୋଇ ମରିଯିବ ତା'ର ସୂଚନା ସ୍ୱାଧୀନତା ପରେ ପରେ ମିଳିଥିଲା- ୧୯୫୪ ମସିହାରେ, ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ । ତାଙ୍କ ଦ୍ୱାରା ଭାଷା ବିଲ୍‌ଟି ପାଶ୍ ହୋଇଗଲା । ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଯେତେବେଳେ ଉଦ୍ୟମ ହେଲା, କିଛି ଦକ୍ଷିଣ ଭାରତୀୟ ଅଫିସର ବିରୋଧ କଲେ । । ଓଡ଼ିଆ ଅଫିସରମାନେ ନିରବ ରହିଲେ । ନରମପନ୍ଥୀ ମୁଖ୍ୟମନ୍ତ୍ରୀ ମୁହଁରୁ ଶୁଣାଗଲା ହତାଶାର ବାଣୀ 'ବେଶ୍ ହୋଇଗଲା... ଛାଡ଼' ଶାସକୀୟ ସାମାଜିକ ଶକ୍ତି (Ruling social force) ଅନ୍ତରାୟ ସାଜିଲେ । ସର୍ବୋଚ୍ଚ ନେତୃତ୍ୱର ଇଚ୍ଛା ଶକ୍ତିର ଅଭାବରୁ ଓଡ଼ିଆ ଭାଷା ବିକାଶ ପଥରୁଦ୍ଧ ହେଲା ।[୧୧] ୧୯୮୫ରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ମଧ୍ୟ ସେଇ ଏକା ଅନୁଭୂତି ହାସଲ କରବାକୁ ପଡ଼ିଲା । ଏଥର ବିରୋଧ ବା ଅସହଯୋଗ କରିଥିଲେ ସ୍ୱଦେଶୀ ଅଫିସର କିରାଣୀମାନେ ।

Digitized by PPRACHIN, SOA

୧୯୫୪ ଓ ୧୯୮୫ରେ ଓଡ଼ିଆ ଭାଷାକୁ ରାଜଭାଷାର ମାନ୍ୟତା "ଏକ ରାଜ୍ୟନୈତିକ ସ୍ୱୀକୃତି" ମାତ୍ର । ପରିଣତି ସ୍ୱରୂପ ସରକାରୀ ଭାଷା ଆଇନ୍ ନିର୍ଦ୍ଦେଶନାମା ଆକାରରେ ସରକାରୀ ନାଲିଫିତା ତଳେ ଚାପିହୋଇ ଯାଇଛି ସତ କିନ୍ତୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିନାହିଁ ।[୧୨] ଓଡ଼ିଆ ଭାଷା ସରକାରୀ ସ୍ୱୀକୃତି ପାଇବା ସତ୍ତ୍ୱେ ଯେମିତି ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇପାରିନି । ଓଡ଼ିଆ ନାମ ଫଳକ କ୍ଷେତ୍ରରେ ସେଇ ଏକା ଅବସ୍ଥା । ୩୦, ୧୨, ୨୦୦୨ ମସିହାରେ ଓଡ଼ିଶା ସରକାରଙ୍କର ଶ୍ରମ ଓ ନିଯୋଜନ ବିଭାଗ, ଓଡ଼ିଶା ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ଆଇନ୍- ୧୯୫୬ର ୩୮ ଧାରା ଅନୁଯାୟୀ ଏକ ବିଜ୍ଞପ୍ତି ଜାରି କରିଛନ୍ତି । ଏହି ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଛି ବ୍ୟବସାୟ ପ୍ରତିଷ୍ଠାନ ମାନେ ସେମାନଙ୍କର ନାମ ଫଳକ ପ୍ରଥମ ଧାଡ଼ିରେ ଓଡ଼ିଆରେ ସ୍ପଷ୍ଟ ଭାବରେ ଲେଖିବେ ଓ ବ୍ୟବସାୟିକ ଖାତାପତ୍ର ରେଜିଷ୍ଟର ଓଡ଼ିଆ ଭାଷାରେ ଲେଖି ପ୍ରକାଶ କରିବେ ।[୧୩] ଉତ୍କଳ ସମ୍ମେଳନର ଉଦ୍ୟମ ସତ୍ତ୍ୱେ ସରକାରଙ୍କର ଏହି ନିର୍ଦ୍ଦେଶକୁ ଓଡ଼ିଶାର ବ୍ୟବସାୟୀମାନେ କର୍ଣ୍ଣପାତ କରୁ ନାହାନ୍ତି । ସରକାରୀ ସ୍ତରରେ ବା ବ୍ୟବସାୟିକ ସ୍ତରରେ ଓଡ଼ିଆ ଭାଷା ସପକ୍ଷରେ, ଓଡ଼ିଶା ସରକାର ଖାଲି ଆଇନ୍ କଲେ ଚଳିବନି ଆଇନର ଖିଲାପ ପାଇଁ ଦଣ୍ଡ ବିଧାନ ନକଲେ ଓଡ଼ିଆ ଭାଷା ବିକାଶର ଚକା ଆଗକୁ ଯିବିନି ।

ଓଡ଼ିଆ ଭାଷା ବିକାଶର ଚକା ଆଗକୁ ଯିବ ନାହିଁ, ଯଦି ଏହି ଭାଷା ଦେଶୀ ବିଦେଶୀ ଉଭୟଙ୍କର ଉଦାସୀନତା ଓ ଅବଜ୍ଞାର ଶିକାର ହୁଏ, କିଛି ଉଗ୍ର ଭାଷା ପ୍ରେମୀମାନେ ଏହା ଯେହେତୁ ଓଡ଼ଶା ଆମେ ଜୋର୍ ଜବରଦସ୍ତ ଭାବରେ ଏ ଭାଷାକୁ ଅନ୍ୟ ଭାଷୀଙ୍କ ଉପରେ ଲଦିଦେବୁ ବୋଲି କହିଥାନ୍ତି । ତା ବି କାମ କରିବନି । ବସ୍ତୁତଃ ଓଡ଼ିଆ ଭାଷା ଉପରେ ବର୍ଣ୍ଣିତ ପ୍ରଥମ ଗୋଷ୍ଠୀ ଦ୍ୱାରା (ଉଦାସୀନ ଅବଜ୍ଞା-ପ୍ରଦର୍ଶନକାରୀ) ବେଶି କ୍ଷତିଗ୍ରସ୍ତ, ଦ୍ୱିତୀୟ ଗୋଷ୍ଠୀ (ଉଗ୍ର ଜାତୀୟତାବାଦୀ)ଙ୍କର ଉପସ୍ଥିତି ଓଡ଼ିଶାରେ କମ୍ । ଭାଷାର ସ୍ୱଚ୍ଛନ୍ଦ ବିକାଶ ପାଇଁ ସତକୁ ସତ ସମାନତାରେ ବିଶ୍ୱାସ କରୁଥିବା ମୁକ୍ତ ଜାତିପ୍ରିୟ ମଣିଷମାନଙ୍କର ଉଦ୍ୟମ ଲୋଡ଼ା । ଏହି ଗୋଷ୍ଠୀଟି ନିଜ ଭାଷାକୁ ଯେମିତି ଅନ୍ୟ ଭାଷା ଉପରେ ଲଦି ଦେବନି ସେଇମିତି ନିଜ ଭାଷା ଉପରେ ଅନ୍ୟ ଭାଷାର ଆଧିପତ୍ୟକୁ ସ୍ୱୀକାର କରିବେନି । ତେଲୁଗୁ କବି ଶ୍ରୀ ଶ୍ରୀ କହୁଥିଲେ ଦେଶ କହିଲେ ମାଟି କାଦୁଅକୁ ବୁଝାଏନା । ଦେଶ କହିଲେ ମଣିଷକୁ ବୁଝାଏ । ଭାଷାର ଉପ୍ଟଟି ମଧ୍ୟ ସେହିପରି । ଭାଷା କହିଲେ ସରକାର ବା ଶାସକଙ୍କୁ ବୁଝାଏନା । ଭାଷା କହିଲେ ମଣିଷକୁ ବୁଝାଏ । ତେଣୁ ଭାଷା ବିକାଶର ପ୍ରଶ୍ନ ଉଠିବା ମାତ୍ରେ, ସାମାଜିକ ନେତୃତ୍ୱର କର୍ତ୍ତବ୍ୟ ହେଲା ମଣିଷ ପାଖକୁ ଯିବା ।

Digitized by PPRACHIN, SOA

ମଣିଷର ଭାଷାରେ କଥା କହିବା । ଏହି ମତରେ ସମର୍ଥକ ଥିଲେ ଭ୍ଲାଦିମିର୍ ଇଲିଚି ଲେନିନ୍ । ଲେନିନ୍ ମତରେ ଆମେ ଲୋକଙ୍କ ସହିତ କଥା ହେଲାବେଳେ ତାଙ୍କର ଭାଷାରେ କଥା ହେବା ଆବଶ୍ୟକ । (we must talk to the people in their own language) ।[୧୪] ଆଧିପତ୍ୟବାଦୀମାନେ ଭାଷାକୁ ଏକ କ୍ଷମତା କେନ୍ଦ୍ରରେ ପରିଣତ କରନ୍ତି । ସବଳ କ୍ଷମତା କେନ୍ଦ୍ର ଦୁର୍ବଳ କ୍ଷମତା କେନ୍ଦ୍ର ଉପରେ ଆକ୍ରମଣର ଚଳାଏ । କିନ୍ତୁ ଭାଷାର ସ୍ୱାତନ୍ତ୍ୟ ଓ ସମତାରେ ବିଶ୍ୱାସ କରୁଥିବା ଶକ୍ତିଟି ନିଜ ଭାଷାର ଉନ୍ନତି କଥା ଚିନ୍ତା କଲାବେଳେ ଅନ୍ୟ ଭାଷାକୁ ମାରିଦେବାକୁ ଚାହେଁନା । ବରଂ ତା'ର ଉନ୍ନତି ଚାହେଁ । ବ୍ରିଟିଶ୍ ଇଣ୍ଡିଆରେ ସେହିପରି ଜଣେ ଶିକ୍ଷାବିତ୍ ଥିଲେ, ଅଯୋଧ୍ୟା ପ୍ରଦେଶର ଡି.ପି.ଆଇ ହାଣ୍ଡଫୋର୍ଡ । ସେ ଥିଲେ ଜଣେ ଭାଷାତତ୍ତ୍ୱିଦ୍ । ହାଣ୍ଡଫୋର୍ଡଙ୍କ ମତରେ ପୃଥିବୀରେ ଯେତେ ଭାଷା ଅଛି ସବୁ ଭାଷାକୁ ସମୃଦ୍ଧ କରିବାକୁ ହେବ । ଲୋକ ଭାଷାକୁ ଲୋପ କରି ରାଜଭାଷା ଆଗକୁ ଯାଇପାରିବନି ।[୧୫] ସ୍ୱାଧୀନତା ପରେ ଓଡ଼ିଆ ଭାଷାର କର୍ଣ୍ଣଧାର ମାନେ କ'ଣ କଲେ ? ଓଡ଼ିଶାର ଆଞ୍ଚଳିକ ଭାଷାର ଉନ୍ନତି ପାଇଁ ସେମାନେ କୌଣସି ପଦକ୍ଷେପ ନେଲେ ନାହିଁ । ସେମାନଙ୍କୁ ଓଡ଼ିଆ ଲିପି ଦେଲେ ନାହିଁ କି ସେମାନଙ୍କ ଭାଷାରେ ସ୍ୱତନ୍ତ୍ର ଲିପିର ବିକାଶ ଘଟାଇଲେ ନାହିଁ । ଓଡ଼ିଆ ଅକ୍ଷରରେ ତାଙ୍କ ଭାଷାରେ ପାଠ୍ୟ ପୁସ୍ତକ ତିଆରି ହେଲା ନାହିଁ । କିମ୍ବା ଆଂଚଳିକ ଭାଷା ଓ ଓଡ଼ିଆ ଭାଷା ଉଭୟ ଭାଷାକୁ ବ୍ୟବହାର କରି କୌଣସି 'ପ୍ରାଇମର' ତିଆରି ହେଲାନି । ବିଶେଷ ପ୍ରଶିକ୍ଷିତ ଶିକ୍ଷକ ମଣ୍ଡଳି ତିଆରି ହେଲେନି । ଉପଭାଷା ଓ ପରିଭାଷା ଅଭିଧାନ, ସାହିତ୍ୟିକ ଅନୁବାଦ, ଆଦାନ ପ୍ରଦାନ ସଂପର୍କ ବଢ଼ିଲାନି । ଫଳରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ଭାଷା ଭାବରେ ଯେତିକିଟା ଗ୍ରହଣ କରିବା କଥା ସେମାନେ ସେତିକିଟା ଗ୍ରହଣ କରି ପାରିଲେନି । ବିଚ୍ଛିନ୍ନତା (alienation) ସୃଷ୍ଟି ହେଲା । "ଉତ୍ତର ପଶ୍ଚିମ ଓଡ଼ିଶାର କେତେକ ଆଦିବାସୀ ଗୋଷ୍ଠୀ, ଯଥା-କୁଡୁଖ, କିଶାନ, ହୋ, ମୁଣ୍ଡା, କୋହ୍ଲମାନେ ଓଡ଼ିଆ ଶିଖିବା ପରିବର୍ତ୍ତେ ହିନ୍ଦୀ ଶିଖିବା ଆରମ୍ଭ କଲେ ।[୧୬] ଲରିଆ ଭାଷା ହିନ୍ଦୀ ଭାଷା ମଧ୍ୟରେ ଲୀନ ହେଲା ।[୧୭] ପଶ୍ଚିମାଂଚଳର ଉଦୀୟମାନ ବୁର୍ଜୁୟାମାନେ କେବଳ କୋଶଳୀ ଭାଷା ନୁହେଁ କୋଶଳ ରାଜ୍ୟ ଦାବୀରେ ମୁଖର ହେଲେ । ଦୁର୍ବଳତା ଓଡ଼ିଆ ଭାଷାର ଶୈଶବ ବ୍ୟାଧି ସଦୃଶ୍ୟ ଥିଲା । ବିଚ୍ଛିନ୍ନତା ତା ପାଇଁ ଅଂଗହାନୀ ସଦୃଶ ହେଲା । ମିଦିନାପୁରର ଓଡ଼ିଆମାନେ ନିଜକୁ ସହଜରେ ବଂଗାଳୀ କହି ପାରିଲେ । ଅଥଚ ସମ୍ଵଲପୁର ଓଡ଼ିଆମାନେ ନିଜକୁ କୋଶଳୀ ଦାବିକଲେ । ମିଦିନାପୁରର ଓଡ଼ିଆମାନଙ୍କୁ ରବୀନ୍ଦ୍ରନାଥ, ମାର୍କସ, କଲିକତା ସହର ଆକର୍ଷିତ କରାଇନେଲା । ସଂବଲପୁରର ଓଡ଼ିଆମାନଙ୍କୁ ଗୋପବନ୍ଧୁ, ଗଂଗାଧର,

Digitized by PPRACHIN, SOA

ଭୁବନେଶ୍ୱର ଆକୃଷ୍ଟ କରି ପାରିଲାନି । କାରଣ କ'ଣ ? କାରଣ ସ୍ୱାଧୀନତା ପର ଓଡ଼ିଶାର ଉଦୀୟମାନ ବୁର୍ଜୁୟା ଶ୍ରେଣୀ (ସାମାଜିକ ନେତୃତ୍ୱ)ର ଲଫଙ୍ଗା ଚରିତ୍ର । ସ୍ୱାଧୀନତା ପରେ ଓଡ଼ିଶା କି ପ୍ରକାର ସାଫଲ୍ୟ ଅର୍ଜନ କଲା, ଯେଉଁ ସାଫଲ୍ୟ ପାଇଁ ଆମେ ସମସ୍ତେ ଐକ୍ୟ ବଂଧନରେ ବାନ୍ଧି ହୋଇ ରହିଥାନ୍ତେ । ଭୂ-ସଂସ୍କାର ହେଲାନି । ଭାଷା ବିଲ୍ ପରି ଭାଗଚାଷୀ ଆଇନ ଅଳିଆ ଗଦାକୁ ଫିଙ୍ଗାହେଲା । ଯାହା ଫଳରେ କି କୃଷି ଅର୍ଥନୀତି ଯେମିତି ଥିଲା ସେମିତି ରହିଲା ବା ତା ଠାରୁ ଆହୁରି ଖରାପ ହେଲା । ଶିଳ୍ପାୟନ ଇଂଚେ ଆଗକୁ ଗଲା ନାହିଁ । ବୃହତ ଶିଳ୍ପରେ ଲକ୍ଷେ ଲୋକ ଚାକିରି ପାଇଲେ, କୁଟୀର ଶିଳ୍ପରୁ ପାଞ୍ଚଲକ୍ଷ ଲୋକ ବେକାର ହୋଇଗଲେ । ଅର୍ଥନୀତିରେ ବିକାଶ ନାହିଁତ ସଂସ୍କୃତି ଚେତନାର ସ୍ତରରେ ବିକାଶ ଆସିବ କେଉଁଠୁ ? ତେଣୁ ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ସ୍ୱାସ୍ଥ୍ୟ, ବୌଦ୍ଧିକତା ପ୍ରତିଟି ସ୍ତରରେ ପଛୁଆ ହୋଇ ରହିଲା ଓଡ଼ିଶା । ବଢ଼ି ଚାଲିଲା ବେକାରୀ, ଦାରିଦ୍ର୍ୟ । ବଢ଼ି ଚାଲିଲା ଦୁର୍ନୀତି, ଅପରାଧ, ହୀନମ୍ମନ୍ୟତା ଓ ବିଚ୍ଛିନ୍ନତାର ରୋଗ ।

ନିକଟରେ ସମ୍ବଲପୁରଠାରେ କୋଶଳପଂଥୀମାନେ ଉତ୍କଳ ସମ୍ମେଳନର ବୈଠକ କରାଇ ଦେଲେନି । ସ୍ୱତନ୍ତ୍ର କୋଶଳ ଦାବୀକୁ ପଶ୍ଚିମାଂଚଳର ନିର୍ଦ୍ଦିଷ୍ଟ ଏକ ବ୍ୟବସାୟୀ ଗୋଷ୍ଠୀ, ଦଳଗତ ଭାବରେ ବି.ଜେ.ପି.କୁ ସମର୍ଥନ କରୁଥିବାର ଅଭିଯୋଗ ହୁଏ । ଏହାର ନେତୃତ୍ୱରେ ପଶ୍ଚିମାଂଚଳ ଉଦୀୟମାନ ବୁର୍ଜୁୟା ଶ୍ରେଣୀ । ଚରିତ୍ରଗତ ଦୃଷ୍ଟିରୁ ଏମାନେ ଉପକୂଳବର୍ତ୍ତୀ ଅଂଚଳର ବୁର୍ଜୁୟାଙ୍କ ଠାରୁ କୌଣସି ଗୁଣରେ ଅଲଗା ନୁହନ୍ତି ଏବଂ ଅଲଗା ନୁହନ୍ତି ବୋଲି ସେମାନେ ସ୍ୱତନ୍ତ୍ର ହେବାକୁ ଚାହାନ୍ତି । କୋଶଳ ସ୍ୱତନ୍ତ୍ର ହେଲେ ସେ ଅଂଚଳର ଉନ୍ନତି ହେବ । ଏ ଗ୍ୟାରେଣ୍ଟି ସେମାନେ ଦେଇ ପାରିବେନି । କିନ୍ତୁ ଏକ ସ୍ୱତନ୍ତ୍ର ଆତ୍ମ ପରିଚୟ ମିଳିବ ସେ ଅଂଚଳର ଲୋକମାନଙ୍କୁ କିଛିଦିନ ପାଇଁ; ଯେମିତି ଓଡ଼ିଆମାନଙ୍କୁ ମିଳିଥିଲା ଓ ସେ ଆତ୍ମପରିଚୟ ଲୋପ ପାଇଯିବ କିଛିଦିନ ପରେ ।

ଜଣେ ହୁଏତ କହିପାରେ ମଦିନାପୁରର ଓଡ଼ିଆମାନେ ପଶ୍ଚିମବଂଗରେ ଲୀନ ହୋଇ ତ ଭଲରେ ଅଛନ୍ତି । କଟକ, ପୁରୀ, ବାଲେଶ୍ୱରର ଓଡ଼ିଆମାନେ ପଶ୍ଚିମବଂଗରେ ଲୀନ ହୋଇଗଲେ କ୍ଷତି କ'ଣ ? ଏତେଦିନ ପରେ ସେୟା ଯଦି କରିବାର ଥିଲା ତାହେଲେ ସେତେବେଳେ କାନ୍ତିଚନ୍ଦ୍ର ଗନ୍ଧାଉଥିଲେ କାହିଁକି ? ଅବଶ୍ୟ ଏସବୁ ଆଲୋଚନାର ଥଳକୂଳ ବୋଲି କିଛିନାହିଁ । କିନ୍ତୁ ଗୋଟାଏ କଥା ଜଳଜଳ କରି ଦେଖାଯାଉଛି ଓଡ଼ିଆ ଭାଷା ନଦୀ ଜଳରେ ଭାସିଯିବ ଓ କେଉଁ ନଦୀ ଦେଇ ଭାସିଯିବ କହି ହେବନି । ସେହିପରି ଓଡ଼ିଆ ଜାତି ସମୁଦ୍ରରେ ବୁଡ଼ିଯିବ ଏବଂ କେଉଁ ସମୁଦ୍ରରେ ବୁଡ଼ିବ କହି ହେବନି । ହୋଇପାରେ ବଂଗୋପ ସାଗର । କିନ୍ତୁ ବଂଗୋପସାଗରରୁ ଆରବ ସାଗର, ପ୍ରଶାନ୍ତ

Digitized by PPRACHIN, SOA

ମହାସାଗର କେତେବା ଦୂର? କଥା ହେଲା ଓଡ଼ିଆ ଭାଷା, ଜାତି ଯଦି ସମୁଦ୍ରଲୀନ ହେବ ତାହେଲେ ପୁଣି ଏକ ନୂଆ କୋଶଳୀ ଭାଷା ଜାତି କାହିଁକି? ଆମେ ତା'ର ବିରୋଧୀ କରି ପାରିବାନି । ସେମାନେଙ୍କର ଶକ୍ତିଥିଲେ ସ୍ୱାତନ୍ତ୍ୟ ଥିଲେ (ଭାଷା, ସାହିତ୍ୟ, ଭୂଗୋଳ, ରାଜନୀତି କ୍ଷେତ୍ରରେ) ସେମାନେ ସ୍ୱତନ୍ତ୍ର ହୋଇପାରିବେ । ଜାତିମାନଙ୍କର ଉଦୟ ଓ ଅସ୍ତ ଆମ ହାତରେ ନାହିଁ । ଇତିହାସରେ ସାମାଜିକ ଶକ୍ତି ଓ ନେତୃତ୍ୱ ଯେମିତି ଗଢ଼ା ଯାଇପାରିଲା ଭଂଗା ଯାଇପାରିଲା, ତଦନୁଯାୟୀ ଇତିହାସ ତିଆରି ହେବ । ତେବେ ଏତିକି କୁହାଯାଇପାରେ ପଶ୍ଚିମାଂଚଳ ଓଡ଼ିଶାରେ ରହିବା ନରହିବା ପରକଥା କିନ୍ତୁ ସମଗ୍ର ଓଡ଼ିଶାଟି ବର୍ତ୍ତମାନ ଶାସକୀୟ ନେତୃତ୍ୱ କବଳରୁ ଉଦ୍ଧାର ପାଇବା ଆବଶ୍ୟକ । ପଶ୍ଚିମାଂଚଳ ପାଇଁ ଏବେ ଯାହା ନିହାତି ଜରୁରୀ ତାହା ହେଲା ଏହି ଅଂଚଳର ଭାଷା, ସାହିତ୍ୟ, ସଂସ୍କୃତିର ବୈଶିଷ୍ଟ ଅଧ୍ୟୟନ ପାଇଁ ଏକ ଏକାଡେମୀର ଗଠନ; ଅନ୍ୟଟି ହେଲା ଖଣିଜ ଓ ଜଙ୍ଗଲ ସଂପଦରେ ଭରା ଉକ୍ତ ଅଂଚଳର ପରିବେଶକୁ ଯେଉଁଭଳି ଭାବରେ ଧ୍ୱଂସ କରାଯାଉଛି ତା'ର ଉପଯୁକ୍ତ ବିନିଯୋଗ ଓ ସଂରକ୍ଷଣ ପାଇଁ ଏକ ଉଚ୍ଚସ୍ତରୀୟ ସଂଗଠନର ଗଠନ ।

ଆଧୁନିକ ଓଡ଼ିଆ ଭାଷା ସାହିତ୍ୟର ଉନ୍ମେଷ କାଳରେ, ଜାତୀୟ ଜାଗରଣର ଶୁଭଲଗ୍ନରେ କବିବର ରାଧାନାଥ ଲେଖିଥିଲେ-

"ପାହିଲାଣି ଘୋର ତାମସୀ ରଜନୀ
ଫୁଟିବ ଉତ୍କଳ ଭାଷା କମଳିନୀ ।"

ଓଡ଼ିଆ ଭାଷାର ବର୍ତ୍ତମାନର ବସ୍ତୁ ସ୍ଥିତି କିନ୍ତୁ ସଂପୂର୍ଣ୍ଣ ଓଲଟା । ବର୍ତ୍ତମାନର ବସ୍ତୁ ସ୍ଥିତି ଯାହା ତାହା ସ୍ୱଜାତୀୟ ମାନଙ୍କର ହାତରେ ସ୍ୱ-ଭାଷାର ମୃତ୍ୟୁ । ଏଠାରେ କୌଣସି କାନ୍ତିଚନ୍ଦ୍ର ନାହାନ୍ତି କି ରାଜେନ୍ଦ୍ରଲାଲ ମିତ୍ର ନାହାନ୍ତି ଅଥଚ ଓଡ଼ିଆ ଭାଷା ପଦ୍ମଟିକୁ ଜଳମଗ୍ନା କରାଯାଉଛି । ଜାତିର ଜୀବନରେ ତାମସୀ ରଜନୀ ଦୂରିଭୂତ ହେବା ପରିବର୍ତ୍ତେ ମାଡ଼ି ଆସୁଛି । ଓଡ଼ିଆ ଭାଷା ଓ ଜାତିର ଏ ଦୁର୍ଦ୍ଦଶା କେଉଁଥିପାଇଁ ହେଲା ଓ କେତେବେଳେ କିଏ କ'ଣ ପାଇଁ କଲା ତାର ବସ୍ତୁନିଷ୍ଠ ଐତିହାସିକ ପର୍ଯ୍ୟାଲୋଚନା ଜରୁରୀ; ଯାହା ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା ବିଷୟ ।

❑❑

ପାଦଟୀକା:

୧. ମାତୃଭାଷ ଓଡ଼ିଆ, ଡଃ ବିଜୟ ପ୍ରସାଦ ମହାପାତ୍ର, ପୃ-୩

୨. ଏକ୍କ ପୃ-୬

Digitized by PPRACHIN, SOA

୩. ଏକ୍ସ ପୃ-୭
୪. ଏକ୍ସ-୭
୫. ଏକ୍ସ-
୬. ଏକବିଂଶ ଶତାବ୍ଦୀର ଓଡ଼ିଶା, ଅଜେୟ ରାଉତ, ପୃ-୫୦
୭. ମାତୃଭାଷା ଓଡ଼ିଆ, ଡଃ ବିଜୟ ପୃ-୨୩ ।
୮. ଏକ୍ସ, ପୃ-୧୯
୯. ସରକାରୀ ଚିଠି ନଂ. vii-SME, M-I/9412-8953(2) dt. 26.7.94
୧୦. ଓଡ଼ିଆ ଭାଷା ବିଭବ, ଡ଼ଃ ବିଜୟ ପ୍ରସାଦ ମହାପାତ୍ର, ପୃ-୩୮୩
୧୧. ସଂକଟ ଗ୍ରସ୍ତ ଓଡ଼ିଶା-ଓଡ଼ିଆ ଭାଷା ଜାତିସତ୍ତା, କୁଳମଣି ଜେନା, ସାମ୍ୟବାଦୀ-୧୪/୧୫, ସଂଖ୍ୟା-୨୦୦୫
୧୨. ଓଡ଼ିଆ ଭାଷା ବିଭବ, ଡଃ ବିଜୟ ପ୍ରସାଦ ମହାପାତ୍ର, ପୃ- ୨୬୨
୧୩. ଉତ୍କଳ ସମ୍ମେଳନ ତରଫରୁ ଜାରି ହୋଇଥିବା ଲିଫ୍‌ଲେଟ୍‌, ତାରିଖ-ଶୂନ୍ୟ
୧୪. ଓଡ଼ିଆ କେବେ, ଗୋଲକ ବିହାରୀ ଧଳ, ପୃ-୪
୧୫. ଏକ୍ସ ପୃ-ଚ
୧୬. ଓଡ଼ିଆ ଭାଷା ବିଭବ, ଡଃ ବିଜୟ ପ୍ରସାଦ ମହାପାତ୍ର ପୃ-୩୮୪
୧୭. ମାତୃଭାଷା ଓଡ଼ିଆ, ଡଃ ବିଜୟ ପ୍ରସାଦ ମହାପାତ୍ର, ପୃ-୬୬

❑❑

Digitized by PPRACHIN, SOA

ମାନକ ଭାଷାର ବିଚ୍ଛିନ୍ନତା ଓ ଓଡ଼ିଆ ଜାତିର ଭବିଷ୍ୟତ

ବିଷୟଟି 'ଟେକ୍‌ନିକାଲ୍' । ସଂଭବତଃ ଭାଷାବିତ୍ ମାନେ ଏ ଦିଗରେ ମତ ଦେବାକଥା । ଓଡ଼ିଶାରେ 'ଓଡ଼ିଆଭାଷା ଯାହାକୁ ମାନକ ଭାଷା ବା 'ଷ୍ଟାଂଡର୍ଡ ଲାଙ୍ଗୁଏଜ୍' (Standard Language) ବୋଲି ଧରି ନେବା କଥା: ନାନାବିଧ କାରଣରୁ ଏହାର ପରାଜୟ ଜନୀତ ଜଟୀଳତାର ଶୀକାର ହୋଇ ଆମର ଜାତୀୟ ଜୀବନକୁ ସଂକଟଗ୍ରସ୍ଥ କରି ଗଢ଼ି ତୋଳୁଛି । ଆଜି ଏଇ ସଂକଟକୁ ବୁଝିବା ଓ ବ୍ୟାଖ୍ୟା କରିବାର ଦାୟିତ୍ୱ କେବଳ ଭାଷାବତ୍‌ର ନୁହଁ-ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କର ।

ଓଡ଼ିଆ ଭାଷା ଆଜି ତାର ବ୍ୟାପକତା ଓ ବିସ୍ତୃତିକୁ ହରାଇ ବସିଛି । ଶିକ୍ଷିତ ଚକିରିଆମନେ ମାତୃଭାଷାକୁ ଭୁଲି ଜାତୀୟ ଓ ଅନ୍ତର୍ଜାତୀୟ ଭାଷା ମାଧ୍ୟମକୁ ଆଦରି ନେଇଛନ୍ତି । ଏହା କିନ୍ତୁ ସେମାନେ ବ୍ୟକ୍ତିଗତ ନିଷ୍ପତ୍ତି ହେତୁ କରୁନାହାନ୍ତି । ଏହା ରାଜନୈତିକ, ଅର୍ଥନୈତିକ କାରଣ ବଶତଃ ଜାତୀୟ ଓ ପ୍ରାଦେଶିକ ଅର୍ଥନୀତିର ବହୁ ଜାତୀୟ କମ୍ପାନୀ ନିର୍ଭରଶୀଳତା ହେତୁ ହେଉଛି । ଏବେ ଏମ୍.ଏନ୍.ସି ନେତୃତ୍ୱରେ ଚାଲିଥିବା ଭାରତୀୟ ଅର୍ଥନୀତିର ପ୍ରଶାସନିକ ଓ ବ୍ୟବସାୟିକ ସୁବିଧା ପାଇଁ ହିନ୍ଦୀ ଓ ଇଂରାଜୀ ଭାଷାର ବ୍ୟାପକ-ପ୍ରଚଳନ ଆବଶ୍ୟକ ପଡୁଛି । ଏବେ ଏମ୍.ଏନ୍.ସି. ବା ଯେ କୌଣସି ଛୋଟବଡ଼ ବ୍ୟବସାୟିକ ସଂସ୍ଥା, ଜାତୀୟ ଖବର କାଗଜ ଓ ଇଲେକ୍‌ଟ୍ରନିକସ୍ ଗଣ ମାଧ୍ୟମ, ରାଜନୀତି କ୍ଷେତ୍ରରେ ବିଧାନସଭା, ପାର୍ଲାମେଣ୍ଟ ତଥା ଏକାଡେମିକ୍ କ୍ରିୟାକଳାପ, ଗବେଷଣା, ଶିକ୍ଷାଦାନ, ଶିକ୍ଷା ଗ୍ରହଣ-ନ୍ୟାୟିକ, ପ୍ରଶାସନିକ କାର୍ଯ୍ୟ ପାଇଁ ହିନ୍ଦୀ ଓ ଇଂରାଜୀ ଭାଷା ଆବଶ୍ୟକତା ପଡୁଛି । ଏ କ୍ଷେତ୍ରରେ ପ୍ରତ୍ୟେକ ଭାରତୀୟ ରାଜ୍ୟର ଭାଷା ହିନ୍ଦୀ ଓ ଇଂରାଜୀ ଭାଷା ଦ୍ୱାରା ସଙ୍କୁଚିତ ହୋଇ ଯାଉଥିବା ସ୍ଥଳେ ଅପେକ୍ଷାକୃତ ଦୁର୍ବଳ ଓଡ଼ିଆ ଭାଷା ବଳକା ସଂକୋଚନର ଶୀକାର ହେଉଛି । ଆଜି ଓଡ଼ିଆ ଭାଷାର ବ୍ୟବହାର ବା ଆବଶ୍ୟକତା ଯଦି କେଉଁଠି ଅଛି ତାହା ହେଲା- ବ୍ୟକ୍ତିଗତ କଥୋପକଥନ (ସର୍ବତ୍ର

Digitized by PPRACHIN, SOA

ନୁହେଁ), ସର୍ଜନାତ୍ମକ କ୍ରିୟାକର୍ମ, ଯଥା-ଗଳ୍ପ, କବିତାଦି ରଚନା ପଠନ ଓ ଖବର କାଗଜାଦିର ପ୍ରକାଶନ-ପଠନ, ଜନସଭାମାନଙ୍କର ଭାଷଣ ଓ ଶିକ୍ଷାଦାନ (ମାନବ କ୍ଷେତ୍ରରେ) ଇତ୍ୟାଦିରେ । ଏ ସବୁ କ୍ଷେତ୍ର (ଯାହା ବିଶେଷ କ୍ଷେତ୍ର ନୁହେଁ ସାଧାରଣ କ୍ଷେତ୍ର) ମାନଙ୍କ ଉପରେ ନିର୍ଭର କରି ମାନକ ଓଡ଼ିଆ ଭାଷା ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି ବଞ୍ଚିବା ସକାଶେ । ଆନ୍ତର୍ଜାତିକ ବାଣିଜ୍ୟିକ ରାଜନୀତିର କବଳରେ ପଡ଼ି ସମୟର ଅଥଳ ଦରିଆରେ କ୍ଷୁଦ୍ର ଏକ ହୁଲିଡଙ୍ଗା ସମ କେତେବେଳେ ଯେ ଆମର ଏହି ଭାଷା ନାବଟି ବୁଡ଼ି ନ ଯିବ କହି ହେବନି ।

ଏବେ ସ୍ଥିତି ଏହିପରି ।

ଯଥା-ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ଓ ଅଣ ଓଡ଼ିଆ ଏପରିକି ଉପକୂଳବର୍ତ୍ତୀ ଓଡ଼ିଆ ଭାଇମାନଙ୍କର ଯୋଗାଯୋଗକାରୀ ଭାଷା ଓଡ଼ିଆ ବଦଳିବର୍ତ୍ତେ ହିନ୍ଦୀ ହେବାକୁ ବସିଲାଣି । ସମ୍ବଲପୁର ଓ ବଲାଙ୍ଗିର ଅବସ୍ଥା ଅଧିକ ଜଟୀଳ । ସେଠାରେ ବି ସାଧାରଣ ଜୀବନଯାତ୍ରାରେ ହିନ୍ଦୀର ଅନୁପ୍ରବେଶ । ଇତି ମଧ୍ୟରେ ପଶ୍ଚିମ ଓଡ଼ିଶାର ଗୋଟିଏ ଗୋଷ୍ଠୀର 'ଏଲାଇଟ୍' କୋଶଳୀ ଭାଷା ଓ ସ୍ୱତନ୍ତ୍ର କୋଶଳ ଦାବୀରେ ମୁଖର । ସଂପ୍ରତି ସେମାନେ ରାଜନୈତିକ ଭାବରେ ଓଡ଼ିଶା ଠାରୁ ବିଚ୍ଛିନ୍ନ ହେବାର ଭାବ ପ୍ରକଟ କରୁଥିବା ଅବସରରେ ଓଡ଼ିଆ ଭାଷା ଅପେକ୍ଷା ହିନ୍ଦୀ ଭାଷା ସହ ଆପଣା ସଂପୃକ୍ତିକୁ ଅଧିକ କରିବାରେ ଆଗ୍ରହୀ । ଉଦାହରଣ ସ୍ୱରୂପ କୋଶଳୀ ଭାଷାର ଲିପିକୁ ସେମାନେ ଓଡ଼ିଆ ପରିବର୍ତ୍ତେ ଦେବନାଗରୀ କରିବା ସପକ୍ଷରେ ।

ପ୍ରଥମତଃ ମାନକ ଭାଷାର ଶିକ୍ଷିତ ବର୍ଗ (Elite class) ମାତୃଭାଷା ଓଡ଼ିଆ ଓ ଓଡ଼ିଶୀ ସଂସ୍କୃତି, କୃଷକ ପରମ୍ପରାଠାରୁ ଦୂରେଇ ଯିବାର ଆରମ୍ଭ କରଛନ୍ତି । ଦ୍ୱିତୀୟତଃ କୋଶଳୀ ଭାଇମାନଙ୍କ ମନରେ ଆତ୍ମନିୟନ୍ତ୍ରଣ ବା ସ୍ୱତଂତ୍ର୍ୟର ଭାବନା ଜାଗ୍ରତ ହୋଇଛି । ସମ୍ଭବତଃ ଏହି ସମସ୍ତ କାରଣରୁ ଓଡ଼ିଆ ଭାଷା ସମଗ୍ର ଓଡ଼ିଶାର ମାନକ ଭାଷାର ମର୍ଯ୍ୟାଦା ହରାଇ ଉପକୂଳବର୍ତ୍ତୀ ଓଡ଼ିଶାର କଥିତ ଭାଷାରେ ରୂପାନ୍ତରିତ ହୋଇଯିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ଏଇ ସମସ୍ତ କାରଣ ହେତୁ ଆମ ମାନକ ଭାଷା (ଓଡ଼ିଆ) ସଂପ୍ରତି ବିଚ୍ଛିନ୍ନତା ରୂପକ ବିପଦର ଘେରରେ ।

କୁହାଯାଏ ଯେ, ବିଚ୍ଛିନ୍ନତା ସୃଜନଶୀଳତାର ଜନନୀ । ବିଚ୍ଛିନ୍ନତାର ଭାବ ତୀବ୍ର ହେଲେ ବିକଳ୍ପର ସଂଧାନ ମିଳେ । କିନ୍ତୁ ଦୁଃଖର କଥା ଓଡ଼ିଆ ଭାଷା ଓ ଜାତିର ଶତଦୁର୍ଦ୍ଦଶା ସତ୍ତ୍ୱେ ବିଚ୍ଛିନ୍ନତାର ଅନୁଭବ ବା ତାତି ଏ ଯାଏଁ ଓଡ଼ିଆମାନଙ୍କର ମନକୁ ଛୁଇଁନାହିଁ । ବିଶେଷକରି ଏହାର ମଧ୍ୟବିତ୍ତ ଶ୍ରେଣୀୟ ନେତୃମଣ୍ଡଳୀ ଏବେ ବି କୁମ୍ଭକର୍ଣ୍ଣ ନିଦରେ

Digitized by PPRACHIN, SOA

ନିଘୋଡ଼...। ଏକ ନିୟୁର୍ଥକ ସ୍ଥିତିକୁ ସ୍ୱୀକାର କଲାଭଳି ସାହାସ ତା' ପାଖରେ ନାହିଁ। ବସ୍ତୁତଃ କହିବାକୁ ଗଲେ ସେଇମାନେ ହିଁ ଏ ସମସ୍ୟାର ସ୍ରଷ୍ଟା। ସେଇମାନଙ୍କ ଯୋଗୁଁ ଏ ପ୍ରଦେଶର ଅର୍ଥନୈତିକ ବିପର୍ଯ୍ୟୟ। ସେଇମାନଙ୍କ ଯୋଗୁ ଓଡ଼ିଶା ତାର ଭାଷାଗତ ଦାରିଦ୍ର୍ୟକୁ ଦ୍ୱିଗୁଣିତ କରି ଗଢ଼ି ତୋଳିଛି। ଏକ ମେରୁଦଣ୍ଡବିହୀନ ଦୁର୍ବଳ ମଧ୍ୟବିତ୍ତ ଶ୍ରେଣୀ ହିଁ ସକଳ ପ୍ରକାର ସମସ୍ୟାର ମୂଳମଞ୍ଜି। ଓଡ଼ିଶାର ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀୟ ନେତୃତ୍ୱର ଦୁର୍ବଳତା ହେଲା ସେମାନେ ପରମ୍ପରାଗତ ଅର୍ଥନୈତିକ ଦାରିଦ୍ର୍ୟ ହେତୁ ମାନସିକ ଦାରିଦ୍ର୍ୟର ଶୀକାର ହୋଇଥାଆନ୍ତି। ଏହି ମାନସିକ ଦାରିଦ୍ର୍ୟ ମଧ୍ୟରୁ ମୁକୁଳି ଆସି ସେମାନେ ଭାଷା ଓ ଜାତୀୟ ଜୀବନର ଅବକ୍ଷୟକୁ ବୁଝିବାକୁ ଅସମର୍ଥ। ସେମାନଙ୍କ ପାଇଁ ଅର୍ଥ, କ୍ଷମତା ଓ ପ୍ରତିପତ୍ତି ହିଁ ଗୁରୁତ୍ୱପୂର୍ଣ୍ଣ। ନିଜର ପଦବୀ ଓ ସୁଯୋଗର ଅପବ୍ୟବହାର କରି ସେମାନେ ଅମାପ ଅର୍ଥ ଠୁଳ କରିଥାଆନ୍ତି। ସେମାନେ ଜାତୀୟ ଜୀବନର ସଂକଟକୁ ଦୂର କରିବା ଦୂରେ ଥାଉ ତାର ଜନକ ସାଜିଥାଆନ୍ତି। ଯଶ ଓ କ୍ଷମତାର ଶୀର୍ଷରେ ପହଞ୍ଚିବା ପାଇଁ ସେମାନେ କାହାରି ନା କାହାରି ପୁଚ୍ଛ ଧରିଥାଆନ୍ତି। ଇଂରେଜମାନଙ୍କର ଅମଳରେ ଏମାନେ ବିଳାସୀ ସାମନ୍ତ ଓ ସରକାରଙ୍କ ଚାଟୁକାର ସାଜିଥିଲେ- କିରାଣୀ ପେସ୍କାର ବୃତ୍ତିରେ ଲିପ୍ତ ଥିଲେ। ସେତେବେଳେ କେହି କେହି ଖଂଡ଼ି ରାଜା ବା ଜମିଦାର ଏଇ ମାନଙ୍କର ସ୍ୱଭାବର ଥିଲେ। ଭାରତ ସ୍ୱାଧୀନ ହେବା ପରଠାରୁ ଏମାନେ ନାନାବିଧ ପଦପଦବୀରେ ଅବସ୍ଥାପିତ ଯଥା: ଅମଲା, କିରାଣୀ, ମନ୍ତ୍ରୀ, ଯନ୍ତ୍ରୀ, କଣ୍ଟ୍ରାକ୍ଟର ଇତ୍ୟାଦି। ଡାକ୍ତର ଓ ପ୍ରଫେସରମାନେ ଏମାନଙ୍କର ଜାତି ଭାଇ। କବି କଳାକାର ମାନେବି ଏମାନଙ୍କ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସଂପୃକ୍ତ। ୧୯୪୭ ପରଠାରୁ ଉପରୋକ୍ତ ଗୋଷ୍ଠୀର ମେରୁଦଣ୍ଡ ହୀନ ମଧ୍ୟବିତ୍ତ -ଶ୍ରେଣୀ ହିଁ ଓଡ଼ିଶାର ଆର୍ଥିକ ଅନଗ୍ରସରତା ପାଇଁ ଦାୟୀ। ଅନ୍ୟାନ୍ୟ ପ୍ରଦେଶ ଯଥା- କେରଳ, ପଞ୍ଜାବ ଇତ୍ୟାଦିର ମଧ୍ୟବିତ୍ତଙ୍କ ସହ ତୁଳନା କଲେ ଓଡ଼ିଶା ଏକ କ୍ଷୀଣ ଧାରାର ମଧ୍ୟବିତ୍ତ ପ୍ରତିଭା ବିକାଶ ବା ଜାତି ନିର୍ମାଣର ସଦର୍ଥକ କିର୍ତ୍ତୀରେ ବିମଣ୍ଡିତ ନୁହଁ। ବାମ ଦକ୍ଷୀଣ ଉଭୟ ରାଜନୀତିରେ ଓଡ଼ିଶାର ମଧ୍ୟବିତ୍ତଙ୍କ ସ୍ୱଳ୍ପ ଦକ୍ଷତା ଓ ସୀମୀତ ପ୍ରତ୍ୟୟ। ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ଏକ ନିର୍ଦ୍ଦିଷ୍ଟ ଅଂଶ ଏକ ପ୍ରଚଣ୍ଡ ବୌଦ୍ଧିକ ଶକ୍ତିରେ ରୂପାନ୍ତରିତ ହୋଇ ଓଡ଼ିଶାକୁ ବଦଳାଇବା କଥା। ତାହା ସମ୍ଭବ ହୋଇପାରୁନି। ଅପର ପକ୍ଷରେ ନୟାର୍ଥକ ଧାରାରେ ଗତିଶୀଳ ଏକ ମୋଟା ଅଂଶର ଶାସକ ଏଲିଟ୍ ଓଡ଼ିଶାକୁ ବଦଳାଇବା ପରିବର୍ତ୍ତେ ସାଧାରଣ ମଣିଷର ଶ୍ରମ ଲବ୍ଧ ସୁଫଳକୁ ଆତ୍ମସାତ କରୁଛି; ଓଡ଼ିଶାକୁ ଧ୍ୱଂସ ମୁଖକୁ ଟାଣି ନେଇଛି। ସେମାନଙ୍କ ଯୋଗୁ ଓଡ଼ିଶାର ଜାତୀୟ ଜୀବନ କଳୁଷିତ; ଭାଷା ବିପଦଗ୍ରସ୍ତ। ଦୀର୍ଘ ୫୦ବର୍ଷ ଧରି ଓଡ଼ିଶାର ରାଜନୈତିକ

Digitized by PPRACHIN, SOA

ନେତୃତ୍ୱ କେନ୍ଦ୍ରଶାସନ (ନେତୃତ୍ୱ)ର ପୁଚ୍ଛାଶ୍ରୟୀ ହୋଇ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି । ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏହି ଗୋଷ୍ଠୀଟି ଓଡ଼ିଶାର ପ୍ରାକୃତିକ ସଂପଦ, ମାନବ ସଂବଳର ବିକାଶ ଘଟାଇ ଓଡ଼ିଶାର ଅର୍ଥନୀତି ଓ ସାମାଜିକ ଜୀବନ ଧାରାକୁ ବଳିଷ୍ଠ କରି ଗଢ଼ିତୋଳି ପାରୁନି । ସଂପ୍ରତି ଲକ୍ଷଣୀୟ ଯେ ନୂତନ ପିଢ଼ିର ଯୁବକ ମାନେ ଅନ୍ୟ କୌଣସି ରାଜନୈତିକ ବିକଳ୍ପର ଅଭାବରୁ ପୁଚ୍ଛଧାରୀ ନେତୃତ୍ୱର ପୁଚ୍ଛଧାରୀ, ପଚମାନ ରାଜନୀତିକୁ ପାଥେୟ କରି କ୍ଷମତା ଓ ଅର୍ଥ ଉପାର୍ଜନ ସକାଶେ ପାଗଳ ପ୍ରାୟ ଧାବିତ । ଏହାର ପରିଣତି ସ୍ୱରୂପ ଆଜି ଓଡ଼ିଶାର ଅର୍ଥନୀତିର ଦେବାଳିଆ ପଣ ଓ ଭାଷାର ମୁମୂର୍ଷୁ ଅବସ୍ଥା । ଫଳତଃ ଏକ ସାର୍ବିକ ଦୁର୍ବଳତାର ଶୀକାର ହୋଇ ଅସ୍ମିତାର ସଂକଟରେ କୁଡୁବୁଡୁ ବୋଉଝାଂଜି ସମ ଭାଷମାନ ଓଡ଼ିଆଙ୍କ ସ୍ଥିତି ।

ଏକ ପୁଞ୍ଜିବାଦୀ ସମାଜରେ ଜାତୀୟତାବାଦୀ ବୁଦ୍ଧିଜୀବି ନେତୃତ୍ୱ ହିଁ ଭାଷାକୁ ଆଗକୁ ନେବାରେ ସାହାଯ୍ୟ କରେ । ଭାଷା ଆଗକୁ ଗଲେ ଜାତି ଆଗଇ ଯାଏ । ଜାତି ଆଗକୁ ଗଲେ ଭାଷା ତା'ର ବିସ୍ତାରର ସୁଯୋଗ ପାଏ । ଓଡ଼ିଆ ଭାଷାର ସେ ସୁଯୋଗ ନାହିଁ । ଓଡ଼ିଆ ଭାଷାର ସେ ସୁଯୋଗ ନଥିବା ହେତୁ ଏହାର ବିକାଶର ପଥ ରୁଦ୍ଧ ।

ଅର୍ଥନୈତିକ ଦିଗରୁ ବିଚାର କଲେ ଓଡ଼ିଶା ପଛୁଆ ରାଜ୍ୟମାନଙ୍କ ମଧ୍ୟରେ ପଛୁଆ ହେବାରେ ଆଗୁଆ । ଏଠାରେ ପୁଞ୍ଜି ବିନିଯୋଗର ମାତ୍ରା କମ୍ । ଫଳତଃ ଶିଳ୍ପ ଓ ବଜାର ସଂକୁଚିତ । ସ୍ୱଳ୍ପ ସଂଖ୍ୟକ ଶିଳ୍ପ ଶ୍ରମିକଙ୍କୁ ବାଦଦେଲେ ସରକାରୀ ଓ ଅର୍ଦ୍ଧସରକାରୀ ଚାକିରିଆ ମାନେ ହିଁ ଏ ପ୍ରଦେଶର ମାତବର ଖାଉଟି । ଏମାନଙ୍କ ସଂଖ୍ୟା ଓଡ଼ିଶାରେ ବାର ଲକ୍ଷରୁ ବେଶୀ ନୁହଁ । ସମଗ୍ର ଜନ-ସଂଖ୍ୟାର ଏମାନେ ଏକ କ୍ଷୁଦ୍ରାଂଶ । ସମଗ୍ର ଜନ ସଂଖ୍ୟାର କ୍ଷୁଦ୍ରାଂଶଟି ଧଳା ହାତି ସଦୃଶ । ଚାକିରିଆମାନଙ୍କୁ ଦରମା ଦେବାରେ ଆମର ଅର୍ଥନୀତିର ଅବସ୍ଥା ନାକେଦମ୍ । ନିକଟରେ ଏମାନଙ୍କ ପ୍ରତି କେନ୍ଦ୍ରୀୟ ବେତନ ହାର ଲାଗୁ ହୋଇଥିବାରୁ ଓଡ଼ିଶାର ବଜେଟ୍‌ର ନିଅଣ୍ଟିଆ ପରିମାଣ ୩୦ ଭାଗରେ ପହଞ୍ଚିଗଲାଣି । ଅର୍ଥ ନୈତିକ ଦୃଷ୍ଟିକୋଣରୁ ସରକାରୀ ଚାକରିଆମାନେ ସାମାଜିକ ଉତ୍ପାଦନରେ ସିଧାସଳଖ ଅଂଶୀଦାର ନୁହଁନ୍ତି । ଓଡ଼ିଶାରେ କୃଷି, ଶିଳ୍ପ, ବିକାଶ ଓ ତଦ୍‌ଜନୀତ ନିଯୁକ୍ତି ଅଭାବରୁ ଏହି ଆୟକାରୀ ବର୍ଗ ଉପରେ ଆମର ବଜାର ନିର୍ଭରଶୀଳ ।

ମୋଟାମୋଟି ଭାବରେ ଆମର ଏହି ପ୍ରିୟ ପ୍ରଦେଶ ଓଡ଼ିଶା ଦୁର୍ନୀତି ଗ୍ରସ୍ତ ଅମଲାତନ୍ତ୍ର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଏବଂ ସର୍ବୋପରି ପଚମାନ ରାଜନୀତିକୁ ନେଇ ଏକ ଧ୍ୱଂସାଭିମୁଖୀ ଭବିଷ୍ୟତ ଆଡ଼କୁ ମୁହାଁଇ ଚାଲିଛି । ଏ କ୍ଷେତ୍ରରେ ଅର୍ଥନୀତି ବା ଭାଷା ବିକଶିତ ହେବା ତ ଦୂରର କଥା ବଂଚିବାର ସୁଯୋଗ ବା ପାଉଛି କେଉଁଠି ।

Digitized by PPRACHIN, SOA

ଫଳତଃ ଅସମ ବିକାଶ ଓ ସାର୍ବିକ ଅନଗ୍ରସରତା ଜନୀତ ପରିସ୍ଥିତି ହେତୁ ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ଏକ ବ୍ୟାପକ ଓ ବୃହତ୍ତର ଜନାଂଶଠାରୁ ଦୂରେଇ ଯାଇ ଭାଂଗଣ ଓ ବିଚ୍ଛିନ୍ନତାର ଶୀକାର ହେଉଛି । କିନ୍ତୁ ଏହି ଭାଂଗଣ ଓ ବିଚ୍ଛିନ୍ନତା ଯାହାକୁ ନେଇ ଏତେ ଉଦ୍‌ବେଗ ତାହା ଶିକ୍ଷିତ ଓଡ଼ିଆମାନଙ୍କ ମନକୁ ଏବେବି ସ୍ପର୍ଶ କରିନାହିଁ । ସେମାନେ ବୁଝିପାରୁ ନାହାଁନ୍ତି ଯେ ଭାଷା ସଂକୁଚିତ ହୋଇଗଲେ ଜାତି ଦୁର୍ବଳ ହୋଇଯିବ; ଏବଂ ଭାଷା ଓ ଜାତି ଦୁର୍ବଳ ହୋଇଗଲେ ଆମକୁ ହୁଏତ କୌଣସି ସବଳ ଜାତି ଗ୍ରାସ କରି ବସିବ ବା ତା'ର ବାହୁଛାୟା ତଳେ ବଂଚିବାକୁ ହେବ । ୧୮୬୮ ମସିହା ନଅଙ୍କ ଦୁର୍ଭିକ୍ଷ ପରେ ଏଭଳି ଏକ ଅବସ୍ଥା ସୃଷ୍ଟି ହୋଇଥିଲା । ଓଡ଼ିଆ ଗୋଟେ ସ୍ୱତନ୍ତ୍ର ଭାଷା ନୁହଁ ର ଆହ୍ୱାନ ଫଳରେ ଶୋଇ ରହିଥିବା ଜାତିଟି ଚେଇଁ ଉଠିଥିଲା । ଭାଷା ବିଲୋପ ଆନ୍ଦୋଳନର ଯଜ୍ଞବେଦୀ ତଳେ ସେଦିନର ଶିକ୍ଷିତ ଓଡ଼ିଆର ଏକାଂଶ ଏକଯୁଟ ହୋଇଥିଲେ । ଓଡ଼ିଶାକୁ ସ୍ୱତଂତ୍ର ପ୍ରଦେଶ ଭାବରେ ଗଢ଼ି ତୋଳିବା ପାଇଁ ଉପକୂଳ ଓଡ଼ିଶାର ଶିକ୍ଷିତମାନଙ୍କର ସହ ପଶ୍ଚିମ ଓଡ଼ିଶାର ବୁଦ୍ଧିଜିବୀ ଓ ରାଜନ୍ୟବର୍ଗ ଉତ୍କଳ ସମ୍ମିଳନୀର ମଂଚରେ ଐକବଦ୍ଧ ହୋଇଥିଲେ । ପରିଣତି ସ୍ୱରୂପ ପଶ୍ଚିମାଂଚଳ, ବନାଚଳ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ନେଇ ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠିତ ହେଲା । ସ୍ୱତନ୍ତ୍ୟତାର ବହୁବର୍ଷ ପରେ ପୁଣିଥରେ ଓଡ଼ିଶା ଯଦି ଅତୀତର ସେଇ ପରିସ୍ଥିର ସମ୍ମୁଖୀନ ହେବାକୁ ଯାଏ ତେବେ ଏ ଭାଷା ଓ ଜାତିକୁ ପୁଣିଥରେବା ବଂଚାଇବ କିଏ ? ସ୍ୱତଂତ୍ର ଉତ୍କଳ ଗଠନ ସମୟର ଓଡ଼ିଶାର ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ଓ ବର୍ତ୍ତମାନର ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ ଆକାଶ ପାତାଳ ପାର୍ଥକ୍ୟ ।

ଏ ସବୁ ଭାବିଲେ-ମନକୁ ଏକ ସ୍ୱାଭାବିକ ହତାଶା ସ୍ପର୍ଶକରେ । କିନ୍ତୁ ସେଇ ହତାଶା ମଧ୍ୟରେ ଏକ ମାତ୍ର ଆଶାର ଆଲୋକ ହେଲା-ଆଜି ନହେଲେ ବି କାଲି ଓଡ଼ିଶାର ମଧ୍ୟବିତ୍ତ ଶ୍ରେଣୀର ଏକାଂଶ ସେମାନଙ୍କ ପାରମ୍ପରିକ ମାନସିକ ଦାରିଦ୍ର୍ୟକୁ ପରିହାର କରି ପୁଚ୍ଛଧାରୀ ଅଗ୍ରଜମାନଙ୍କର ମେରୁଦଣ୍ଡହୀନ ନେତୃତ୍ୱକୁ ଧରାଶାୟୀ କରି ଗଢ଼ି ତୋଳିବେ । ସେମାନେ ନବ ଉତ୍କଳର ଭାଷା, ସାହିତ୍ୟ ସଂସ୍କୃତି, ଅର୍ଥନୀତିର ଉନ୍ନତି କଳ୍ପେ ନବ ଯୋଜନା ପ୍ରସ୍ତୁତ କରି ନବ ଜୀବନର ସଂଚାର ଆଣିବେ । ସେଦିନ ହୁଏତ ଓଡ଼ିଶାର ଚିତ୍ରପଟ ବଦଳିଯିବ । ଯଦି ତା ନହୁଏ ଇତିହାସ ର ଅନିର୍ବାର୍ଯ୍ୟ ପରିଣତି ସ୍ୱରୂପ ଭବିଷ୍ୟତ ଓଡ଼ିଶା ଏକ ବୃହତ ଜାତିର ଆଗ୍ରାସନର ଶୀକାର ହେବ ।

❑❑

Digitized by PPRACHIN, SOA

ଦେଶ ଓ ଅନ୍ୟାନ୍ୟ କବିତା : ଏକ ବିଶ୍ଲେଷଣ

ଦେଶ ଓ ଅନ୍ୟାନ୍ୟ କବିତା ଗ୍ରନ୍ଥର ଏକ ବସ୍ତୁନିଷ୍ଠ ବିଶ୍ଳେଷଣ କଲାବେଳେ ତେଲଗୁ ସାହିତ୍ୟର ମହାକବି ଶ୍ରୀ ଶ୍ରୀଙ୍କର ଏକ କବିତା ପଂକ୍ତିକୁ ଏଠାରେ ଉଦ୍ଧାର କରାଯାଇପାରେ ଯଥା,

"ଦେଶମ୍ ଆଂଟେ ମିଟ୍ଟି କାଦୟେ । ଦେଶମ୍ ଆଂଟେ ମନୁଷ୍ ।"

ଯାହାର ଅର୍ଥ ହେଲା, ଦେଶ କହିଲେ ମାଟି କାଦୁଅକୁ ବୁଝାଏନା; ଦେଶ କହିଲେ ମଣିଷକୁ ବୁଝାଏ ।

ଓଡ଼ିଆ କାବ୍ୟ ସାହିତ୍ୟ ଜଗତର ଉତ୍ତର ଶତୁରୀର କବି ଭଗବାନ ମହାପାତ୍ରଙ୍କର "ଦେଶ ଓ ଅନ୍ୟାନ୍ୟ କବିତା" ଗ୍ରନ୍ଥରେ ଦେଶକୁ ଏକ ପ୍ରଶ୍ନବାଚୀ ମଧ୍ୟରେ ରଖି ଦେଶ କହିଲେ ମାଟି କାଦୁଅ ଓ ନବୁଝି ଦେଶ ମଧ୍ୟରେ ମଣିଷର ସନ୍ଧାନ କରାଯାଇଛି । ଅତି ଚମତ୍କାର ଭାବରେ ଗ୍ରନ୍ଥର ପ୍ରଥମ କବିତା ଦେଶ-୧ରେ ଦେଶର ସ୍ଥିତି ସୂଚାଇ ଦିଆଯାଇ ଦେଶର ମଧ୍ୟରେ ମଣିଷ ମଣିଷ ଅବସ୍ଥାରେ ନାହିଁ ବୋଲି ବର୍ଣ୍ଣନା କରାଯାଇଛି । କବିଙ୍କ ଦୃଷ୍ଟିରୁ ଜାଗରୁକତାର ଅଭାବରୁ ମଣିଷ ଭୂତ ପାଲଟି ଯାଇଛି । ଭୂତର ଅର୍ଥ ଏଠାରେ ଅତୀତ । ଯାହା ନାହିଁ କୌଣସି ଭବିଷ୍ୟତ ନିରବ ନିସ୍ପନ୍ଦ ବାକ୍ ରହିତ । ଦେଶ ମଧ୍ୟରେ ଦେଶର ଯିଏ ମୂଳ ପୁଞ୍ଜି ମଣିଷ, ସିଏ ଯଦି ନୀରବ ନିସ୍ପନ୍ଦ ବାକ୍ ରହିତ ହୁଏ, ତାହେଲେ ସେ ଦେଶକୁ ଦେଶ ବୋଲି କୁହାଯାଇପାରିବ କି ? ମନେ ରଖିବାକୁ ହେବ ଯେ ଦେଶ କହିଲେ ଏଠାରେ ଆମର ଦେଶ ଭାରତ ବର୍ଷକୁ ବୁଝାଯାଉଛି ଏବଂ ଭାରତ ବର୍ଷରେ ଦେଶର ସ୍ଥିତି କଣ ତାହା ଦେଶ-୧ କବିତାରେ ସୂଚାଇ ଦିଆଯାଇଛି । କବିତାଟି ଯେହେତୁ ଦୀର୍ଘ ନୁହେଁ ତାର ବେଶ୍ କିଛି ପଂକ୍ତି ଏଠାରେ ଉଦ୍ଧାର କରାଯାଇପାରେ । ଯଥା-

"ଦେଶକୁ ଭଲ ପାଉଥିବା ବୀରମାନେ ହିଁ ଶହୀଦ ହୁଅନ୍ତି ସବୁ କାଳରେ, ସେମାନେ ଛାତିର ରକ୍ତକୁ ମାଟି ମାର କୋଳରେ ଅଜାଡ଼ି ଦେଇଥାନ୍ତି, ଆଞ୍ଜୁଳା ଆଞ୍ଜୁଳା

Digitized by PPRACHIN, SOA

ଫୁଲ ପରି; ସେମାନେ ବେକକୁ ଫାଶୀଖୁଣ୍ଟ ପାଖରେ ସମର୍ପି ଦେଇଯାଆନ୍ତି, ମା' କୋଳରେ ନିରୀହ ଶିଶୁଟେ ମୁଣ୍ଡ ଗୁଞ୍ଜିଲା ପରି; ତା' ପାଖରେ ନିଜର ବୋଲି କିଛି ନଥାଏ, ନିଜର କରିଲେ କେବଳ ମା ଆଉ ମା, ଦିନ ଦିପହରରେ ଦେଶକୁ ସିନ୍ଧି କରି ଲୁଟ କରୁଥିବା ଧଳା ଚୋରମାନେ ତ ବୋଲାଉଥାନ୍ତି ଦେଶର ମିତ, ତାଙ୍କରି ହାତରେ ଗୁଳି ତାଙ୍କରି ହାତରେ ବନ୍ଧୁକ, ନ୍ୟାୟାଳୟ ଯେତେ ତାଙ୍କରିତ, ଜେଲ୍‌ଖାନାର ସେମାନେ ମାଲିକ; ଆଉ ସାରା ଦେଶର ଲୋକମାନେ ଜିଅନ୍ତା ଭୂତ; ଶୁଣ ସଂଗାତ ଏଇ ହେଉଛି ଆମ ଦେଶ, ଯେଉଁଠି ବୀରମାନଙ୍କୁ ଶଂଖୋଳିବାକୁ ଲୋଡ଼ା ଅସୀମ ସାହାସ ।"

କବିତା ସଂପର୍କରେ ଅଧିକ ବ୍ୟାଖ୍ୟା ନିଃସ୍ପ୍ରୟୋଜନ । କାରଣ କବିତାଟି ସ୍ୱୟଂ ପ୍ରକାଶିତ ଏବଂ ସ୍ୱୟଂ ନିଜ ବକ୍ତବ୍ୟର ନିଜେ ଉଦ୍‌ଘୋଷକ । ଏହାର ଭାଷା ଶୈଳୀ ଆଭରଣ ହୀନ ସହଜ ସରଳ ଅନାଶକ୍ତ । ତଥାପି ଏହା ମଧ୍ୟରେ ରହିଛି କିଛିଟା ଗୋପ୍ୟ ଯାହା ବ୍ୟାଖ୍ୟା ଉପଯୁକ୍ତ । ଯେମିତି ମିତ, ଶୁଣ, ସଂଗୀତ, ବୀର, ଅସୀମ ସାହସ ଭଳି କେତୋଟି ଶବ୍ଦର ପ୍ରୟୋଗ ହୋଇଛି ଯାହା ଅର୍ଥ ସୁଦୂର ପ୍ରସାରୀ । ଦେଶ-୧ କବିତାର ଶେଷ ପଂକ୍ତିଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ, ପୁଣିଥରେ ଏହାକୁ ଦୋହରା ଯାଇପାରେ । ଯଥା-

"ଶୁଣ ସଂଗୀତ । ଏଇ ହେଉଛି ଆମ ଦେଶ / ଯେଉଁଠି ବୀରମାନଙ୍କୁ ଶଂଖୋଳିବାକୁ ଲୋଡା ଅସୀମ ସାହସ ।" ପଂକ୍ତିଟି ବହୁତ ଶକ୍ତିଶାଳୀ । ପଂକ୍ତିଟି କାହାକୁ ଆଖି ଆଗରେ ରଖି, କାହା ଉଦ୍ଦେଶ୍ୟରେ କୁହାଯାଇଛି, ହେଜନ୍ତୁ । ଉପରୋକ୍ତ ପଂକ୍ତିର ଶୁଣ ସଂଗାତଟି କିଏ ? ଲେଖକ କହାକୁ ସଂଗାତ ବୋଲି ସମ୍ବୋଧନ କରିଛନ୍ତି ? ଏଇ ସଂଗାତଟି କବିଙ୍କର ସଂଗ୍ରାମର ସାଥୀ କମ୍ରେଡ ଓ କବିତାର ଅନୁଭବୀ ପାଠକ ରସିକ ଗ୍ରାହକ ନୁହଁ କି ? ଏବଂ କବିତାରେ ଲୋକ ସଂଗ୍ରାମ ସାଥୀ କମ୍ରେଡ ବା କବିତା ଅନୁଭବୀ ପାଠକକୁ କ'ଣ କହିବାକୁ ଚାହୁଁଛନ୍ତି । ବୀରମାନଙ୍କୁ ଶଂଖୋଳିବାକୁ ସାହାସ ଲୋଡ଼ା ବୋଲି କହୁ ନାହାନ୍ତି କି ? ପୁନଶ୍ଚ ଏ ବୀରମାନେ କିଏ ? ବୀର ସିଏ ନୁହଁ କି, ଯିଏ ଦେଶର ଶତ୍ରୁମାନଙ୍କ ବିରୋଧରେ ଲଢୁଥିବା ସମ୍ମୁଖ ଭାଗର ଯୋଦ୍ଧା ଆବଶ୍ୟକ ସ୍ଥଳେ ଦେଶ ପାଇଁ ପ୍ରାଣବଳୀ ଦେଉଛି; ଅପରପକ୍ଷରେ ବୀର ସିଏ ଯିଏ ଯିଏ ପ୍ରାଣପାତ ସଂଗ୍ରାମ କରି ସତ୍ୟକୁ ନେଇ ପାଠକ ପାଖରେ ପହଞ୍ଚାଉଛି ହୋଇପାରେ ସିଏ କବି, ଦାର୍ଶନିକ, ଚିନ୍ତା ନାୟକ, ବୈଜ୍ଞାନିକ କିନ୍ତୁ ପାରମ୍ପରିକ ଅର୍ଥରେ ନୁହଁ, କ୍ରାନ୍ତିକାରୀ ଦୃଷ୍ଟିଭଙ୍ଗୀରେ । ସଂପ୍ରତି ଦେଶର ସ୍ଥିତି ଯାହା ବେଳେବେଳେ ଆମେ ଦେଶ ପାଇଁ ପ୍ରାଣବଳୀ ଦେଉଥିବା ବା ସତ୍ୟ ପାଇଁ ସଂଘର୍ଷ କରୁଥିବା ପ୍ରତିଭାବାନ ବ୍ୟକ୍ତିତ୍ୱକୁ ଚିହ୍ନି ପାରୁନୁ; ତାଙ୍କୁ ଯଥେଷ୍ଟ କଦର କରୁନୁ । ସେଇଥିପାଇଁ ତ ଲେଖକର ସଂଗାତ (ସାଥୀ କମ୍ରେଡ ଓ ଅନୁଭବୀ

Digitized by PPRACHIN, SOA

ପାଠକ)ଙ୍କୁ ଅନ୍ତରଭରା ନିବେଦନ, 'ଶୁଣ ସଂଗାତ । ଏଇ ହେଉଛି ଆମର ଦେଶ / ଯେଉଁଠି ବୀରମାନଙ୍କୁ ଶଂଖୋଳିବାକୁ ଲୋଡା ଅସୀମ ସାହସ ।' ମିତମାନେ ଯଦି ଦେଶକୁ ଲୁଟ୍ କରିବା ପାଇଁ ଐକ୍ୟବଦ୍ଧ ସଂଗାତମାନେ କାହିଁକି ଦେଶକୁ ରକ୍ଷାକରିବା ପାଇଁ ସାହସ ସଂଚୟ କରିପାରିବେନି ? ଇଂଗୀତରେ ଇଂଗୀତରେ ଦେଶ-୧ କବିତା ନାଂଦନିକ ରସ ପରିବେଷଣ ପ୍ରୟାସରେ ସଫଳ ହୋଇ ବ୍ୟକ୍ତିକେନ୍ଦ୍ରିକ ସମାଜ ପରିବର୍ତ୍ତେ ମଣିଷ କେନ୍ଦ୍ରିକସମାଜ ଗଠନ ସକାଶେ ଅନୁପ୍ରେରିତ କରୁଛି; ଅଧିକନ୍ତୁ ସାମାଜିକ ବୈଷମ୍ୟର ଚିତ୍ର ଆଙ୍କିବା ମଧ୍ୟ ଦେଇ ସାମାଜିକ ଦ୍ୱନ୍ଦ୍ୱର ସଫଳ ରୂପାୟନ ଘଟାଇଛି । ଯଥା-ଦିନ ଦିପହରେ ସିନ୍ଧି କରି ଦେଶକୁ ଲୁଟ୍ କରୁଥିବା ଧଳାଚୋରମାନେ / ବୋଲାଉଥାନ୍ତି ଦେଶର ମିତ, ତାଙ୍କରି ହାତରେ ଗୁଳି ତାଙ୍କରି ହାତରେ ବନ୍ଧୁକ / ନ୍ୟାୟାଳୟ ଜେଲଖାନାର ସେମାନେ ମାଲିକ । ସାମାଜିକ ବାସ୍ତବତାର ଉପରୋକ୍ତ ଚିତ୍ରଟି ଅଙ୍କିତ ହେବା ମଧ୍ୟ ଦେଇ ଦେଶ-୧ କବିତାଟି ଦ୍ୱନ୍ଦ୍ୱାତ୍ମକତାର ଆଲୋକରେ ଉଜ୍ଜ୍ୱଳ । ଅଧିକନ୍ତୁ ଦେଶ-୧ କବିତାରେ ସାମାଜିକ କ୍ରାନ୍ତିର ବାର୍ତ୍ତା ସିଧାସଳଖ ଓ ସ୍ପଷ୍ଟ ।

କ୍ରାନ୍ତିକାରୀ କବିତା ସଂପର୍କରେ ଋଷୀୟ କବି ଭ୍ଲାଦିମିର ମାୟାକୋଭସ୍କିଙ୍କର ଏକ ସୁନ୍ଦର ଅବଧାରଣା ରହିଛି । ସେଇ ଅବଧାରଣାଟି ହେଲା କବିତାଟି ନିଜେ ଏକ ବୀର ଏବଂ କବିତା ଯଦି ବୀରର ମରଣ ଲଭିବ ତାହେଲେ ତାହା କ୍ରାନ୍ତିକାରୀ ଓ କାଳଜୟୀ ହୋଇପାରିବ । କିନ୍ତୁ ସେଥିପାଇଁ କବିତା ସେତିକି ଶକ୍ତିଶାଳୀ ହେବା ଦରକାର; ଯେଉଁ ଶକ୍ତିଶାଳୀ କବିତାକୁ ଶତ୍ରୁ ଡରିବ ଓ ଡରୁଥିବା କବି ଓ କବିତାକୁ ବିଭିନ୍ନ ବାଟରେ ମାରିବାକୁ ଉଦ୍ୟମ କରିବ । କବିତାର ବିଚାର କବିତାର ବ୍ୟାନ୍ ମାଧମରେ ହେଉବା ନାଂଦନିକ ଠିକାଦାରମାନଙ୍କ ଜରିଆରେ କବିତାକୁ କ୍ରୁଷବିଦ୍ଧ କରିବା ଓ ନିରବତାର ଅସ୍ତ୍ର ପ୍ରୟୋଗ ମାଧମରେ କବିତାକୁ ମାରିବା ମାଧମରେ ହୋଇପାରେ । କବି ଓ କବିତାର କ୍ରୁଷବିଦ୍ଧତା ଓ ଶହୀଦତ୍ୱବରଣ କରିବା ସଂପର୍କରେ...ସେଇ ବିଶିଷ୍ଟ କାବ୍ୟ ପଂକ୍ତି ହେଲା-

"Where there is pain there am I; I myself am crucified."

ଏବଂ

"Die my verse die like a private; like our unknown soldier died going into attack."

ଦେଶ-୧ କବିତାର କ୍ରୁଷବିଦ୍ଧ ହେବାର କ୍ଷମତା କେତେ ତାହା କାଳ ବିଚାର କରିବ; କିନ୍ତୁ 'ଦେଶ ଓ ଅନ୍ୟାନ୍ୟ କବିତା' କାବ୍ୟଗ୍ରନ୍ଥର ଏହି କବିତାଟି ଯେ ଏକ ସାର୍ଥକ କ୍ରାନ୍ତିକାରୀ, କାଳଜୟୀ କବିତା ଏହା ଅନସ୍ୱୀକାର୍ଯ୍ୟ ।

Digitized by PPRACHIN, SOA

ଦେଶ ଓ ଅନ୍ୟାନ୍ୟ କବିତା ଗ୍ରନ୍ଥରେ ଦେଶ-୧ କବିତାଟି ସର୍ବାଧିକ ଦୃଷ୍ଟି ଆକର୍ଷଣ କରୁଥିବା କବିତା ହୋଇଥିଲେ ବି ଏହି କାବ୍ୟ ଗ୍ରନ୍ଥରେ ଆହୁରି, ଅନେକ ସଫଳ କବିତା ଅଛି କହିବା ବାହୁଲ୍ୟ । ଉଦାହରଣ ସ୍ୱରୂପ-ଏହି ଗ୍ରନ୍ଥର ଅନ୍ୟ ଏକ ସଫଳ କବିତା 'ବେଳେ ବେଳେ' । ଏହି କବିତାରେ କବି ଓ କବିତା ଉଭୟଙ୍କର ମଧ୍ୟରେ ପୁନଶ୍ଚ ଶହୀଦ୍ ବା କୁଷବିଦ୍ଧ ହେବାର ଆକାଂକ୍ଷା ପ୍ରତିଫଳିତ । ଆଦର୍ଶ ସ୍ୱପ୍ନ, ବାସ୍ତବତା ଓ କଳ୍ପନାର ଅଂଗନରେ ବୋଳା 'ବେଳେ ବେଳେ' କବିତାର ସେଇ ସୁନ୍ଦର କାବ୍ୟ ପଂକ୍ତି ଯାହା ପାଠକକୁ ଆଶ୍ଚର୍ଯ୍ୟ ଚକିତ କରେ ତାହା ହେଲା-

"ବଣ ଜଙ୍ଗଲରେ ଘୁରି ବୁଲୁଥିବା / ଝରଣା ପାଣି ପିଇ, ଅଖାଦ୍ୟ ଖାଇ ଟଳି ପଡୁଥିବା ଯୁବକ-ଯୁବତୀମାନେ, ଦେଶର ଗୋଟାଏ ସୁନ୍ଦର ଭବିଷ୍ୟତ ପାଇଁ କେତେ ରକ୍ତ ଅଜାଡ଼ି ଦେଇଛନ୍ତି, ମୁଁ ଭାବେ ସେଇ ରୋମାଞ୍ଚକର ଅନୁଭୂତି ନିଜେ ନିଭାନ୍ତି କି । ଗୁଳିର ମାଳା ପିନ୍ଧି ମୃତ୍ୟୁକୁ କୋଳାଗ୍ରତ କଲେ କ୍ଷତି କ'ଣ, ଏ' ତ ମହତ ପଣିଆର କଥା ।"

ଟଲଷ୍ଟୟଙ୍କର "ସମ୍ବେଦନା ମାନେଇ କବିତା" All art is passion ପଂକ୍ତିଟି ଉପରବର୍ଣ୍ଣିତ 'ବେଳେବେଳେ' କବିତାର ଅନ୍ତସ୍ୱର ସହିତ ଯୋଡ଼ି ହୋଇଯାଏ । କବି ନିଜେ ବିପ୍ଳବ ସହିତ ସାମିଲ ହୋଇପାରିବ କେବଳ କବିତା ମାଧ୍ୟମରେ । କଲମ ହିଁ ବର୍ଲ୍ଲମ ସଦୃଶ ପ୍ରତୀୟମାନ ହେବ । ସାହିତ୍ୟ ହେବ କୃପାଣଠାରୁ ଅଧିକ ବଳଶାଳୀ । ଉପରୋକ୍ତ କାବ୍ୟ ପଂକ୍ତି ସେଇ କାର୍ଯ୍ୟ କରିଥିଲା ପରି ମନେହୁଏ ।

ଦେଶ ଓ ଅନ୍ୟାନ୍ୟ କବିତା ଗ୍ରନ୍ଥରେ ମାନବୀୟ ସମ୍ବେଦନା ଭିନ୍ନ ବିପ୍ଳବ ଓ ଶ୍ରେଣୀଚେତନା ଭରପୁର କହିବା ବାହୁଲ୍ୟ । କବିଙ୍କ ଇତିହାସ ଦୃଷ୍ଟୀଭଙ୍ଗୀ ତୀକ୍ଷଣ । 'ହିତ' କବିତାରେ ସେ ସାମାଜିକ ବୈଷମ୍ୟର ଚିତ୍ରକୁ ପ୍ରାଞ୍ଜଳ ଭାବରେ ଦେଖାଇ ଦେଇଛନ୍ତି, ଯଥା-

"କିଏ କେଜାଣି କେବେ ଠୁ ହିତ ସବୁ ତିଆରି କରିଛନ୍ତି ଚାରିଆଡ଼େ,
ଯାହାକୁ ଆମେ ଜଗି ଚାଲିଲେ ପରସ୍ପରକୁ ଚାହିଁ ସନ୍ଦେହ ଚକ୍ଷୁରେ ।
କିଏ କେଜାଣି ବାଡ଼ ସବୁ ବୁଜି ଦେଇଛନ୍ତି ଗାଁ, ବସ୍ତି, ସହର ବାଡ଼ି-ବଗିଚାରେ,
ଯାହାକୁ ଆମେ ହେପାଜତ କରିଛନ୍ତି ପୁରୁଷାନୁକ୍ରମରେ । କୋଉଠି ପାଚେରୀ ଉଠିଛି ତ ଫାଟକ ଠିଆ ହୋଇଛି / ନାମ ଫଳକ ଲାଗିଛି ଏବଂ ଆମ ମନର ମାନଚିତ୍ର ବିଭଙ୍ଗ ବିଖଣ୍ଡିତ ହୋଇଯାଇଛି ।
ସତରେ କେଉଁ ଅମାନବୀୟ ନିର୍ମମ ସଂହିତାରେ ।"

Digitized by PPRACHIN, SOA

ଏକ ବ୍ୟକ୍ତିଗତ ସଂପତ୍ତିଭିତ୍ତିକ ଶ୍ରେଣୀ ବିଭକ୍ତ ସମାଜରେ ବିଭେଦ ଓ ବୈଷମ୍ୟକୁ ସାମ୍ବିଧାନିକ ଓ ଆଇନର ନଥୀ ମାଧ୍ୟମରେ ନ୍ୟାୟ ସଂଗତ କରାଯାଇଥାଏ ଏବଂ ହଜାର ହଜାର ବର୍ଷ ବୈଷମ୍ୟର ଅବବୋଧ ଯେ ଆମମାନଙ୍କ ସାମାଜିକ ବ୍ୟକ୍ତିତ୍ୱକୁ ସଂକୁଚିତ ଓ ଖର୍ବ କରି ଗଢ଼ି ତୋଳେ ଓ ସଂପତ୍ତି ବିଭେଦ ହିଁ ଆମ ଦ୍ୱୈତ ଅସ୍ତିତ୍ୱର ଅସଲ ଦ୍ୟୋତକ, ତାହା ହିତ କବିତାରେ ସୂକ୍ଷ୍ମ ଓ ସୁନ୍ଦର ଭାବରେ ଦର୍ଶାଇ ଦିଆଯାଇଛି ।

ଏହି କବିତାର ଅନ୍ୟ ଏକ ପଂକ୍ତିରେ କବି କହୁଛନ୍ତି, ଯଥା-

"ଏସବୁ ମାନି କେତେଦିନ ଚଳିବାକୁ ହେବ
ବୋଧହୁଏ ଲେଖା ଯାଇନି କୋଉ ସଂହିତାରେ ।
ଏସବୁ ଭାଙ୍ଗି କେବେ ନିଜ ନିଜକୁ ଖୋଲି ଦେବାକୁ ହେବ ତା' କଣ ଲେଖା ଯାଇଛି କାର ଭବିଷ୍ୟତ ବାଣୀରେ ।
ଏହି କ୍ରମେ ସୀମାବଦ୍ଧ ଯେତେ ପରିଚୟ ।
ଗୋଟାଏ ଗୋଟାଏ ସୁବୃହତ ସୀମାର ବଳୟ ଭିତରେ ନିଜକୁ ଖୋଜୁ ଖୋଜୁ ଅକ୍ଷୟ ହୋଇଯାନ୍ତି
ଗୋଟାଏ ଦୁର୍ବିସହ ହୁଂକାର ଭିତରେ
ଅହରହ ଛଟପଟ ହୋଇ ଚାଲିଥାନ୍ତି ।"

ଶ୍ରେଣୀ ବୈଷମ୍ୟ / ସାମାଜିକ ବିଭେଦ ମଧ୍ୟରେ କିଭଳି ବ୍ୟକ୍ତି ମନ ଛଟପଟ ହେଉଥାଏ ବ୍ୟକ୍ତିର ବ୍ୟକ୍ତିସତ୍ତା କିଭଳି ବିଖଣ୍ଡନର ଶିକାର ହୁଏ ତା'ର ମାର୍ମିକ ବର୍ଣ୍ଣନା ଉପରୋକ୍ତ କବିତା ପଂକ୍ତି ।

ଦରବାରୀ କବି, Pro establishment ର କବିମାନଙ୍କ କବିତାରେ ସମାଜର ଏଭଳି ନିଖୁଣ ଚିତ୍ର କେବେ କ'ଣ ଆଶା କରାଯାଇ ପାରିବ ? କବି ଭଗବାନ ମହାପାତ୍ର ଯେହେତୁ ଜଣେ ପ୍ରଗତିଶୀଳ କବି ତେଣୁ ତାଙ୍କ କବିତାରେ ଶ୍ରେଣୀଚେତନା ଓ ଇତିହାସ ବୋଧ ସ୍ୱାଭାବିକ । ସବୁଠାରୁ ବଡ଼ କଥା ହେଲା କବିଙ୍କର ଭାଷା, ଶୈଳୀ । ଭାଷା, ଶୈଳୀର ପ୍ରୟୋଗ କ୍ଷେତ୍ରରେ କବି ସଂପୂର୍ଣ୍ଣ ଭାବେ ମୌଳିକ ଓ ସ୍ୱତନ୍ତ୍ର । କଥକତା ପୂର୍ଣ୍ଣ ଶୈଳୀରେ ମୁକ୍ତ ସୁନ୍ଦର ମିଶ୍ରଣ ତାଙ୍କର କବିତା ଅଂଗ ଆତ୍ମାର ସୌନ୍ଦର୍ଯ୍ୟକୁ ଏକାତ୍ମକତାରେ ଯୋଡ଼ି ଥାଏ ।

'ଦେଶ ଓ ଅନ୍ୟାନ୍ୟ କବିତା' ଗ୍ରନ୍ଥରେ ପ୍ରକୃତି ଉପରେ ପୁଞ୍ଜିର ରୋଷ ବିରୋଧରେ ସ୍ୱର ଉତ୍ତୋଳନ କରାଯାଇଛି । ଗ୍ରନ୍ଥସ୍ଥ 'କବିଟିଏ ବୋଲି କବିତା'ରେ ସବୁଜ ବାମଚିନ୍ତା ଧାରା ଦ୍ୱାରା ଉଦ୍‌ବୁଦ୍ଧ ହୋଇ କବି ପ୍ରକୃତିର ସଂରକ୍ଷଣ ସପକ୍ଷରେ ସ୍ୱର ଉତ୍ତୋଳନ

Digitized by PPRACHIN, SOA

କରିଛନ୍ତି । ଯଥା-

ଦିନେ ବସ୍‌ରେ ଯିବାବେଳେ ପାହାଡ଼ି ଇଲାକାରେ ଯେଉଁ ଶୀର୍ଷକାୟ ଗଛ କେତୋଟି

ଠିଆ ହୋଇଥିଲେ ମନମାରି ମୋତେ ହାତ ଠାରି ଡାକି କହିଲେ

କବିଟିଏ ଯେଣୁ ବୁଝିପାର ସବୁରି ମନଗହନର କଥା ତେବେ କହଇ ଶୁଣ ଆମ ସ୍ୱପ୍ନମୟ ନିଗଡରେ ଆମକୁ ଟିକେ ବଞ୍ଚିବାକୁ ଦିଅ

ବଢ଼ିବାକୁ ଦିଅ ସ୍ୱଚ୍ଛନ୍ଦରେ / ଆମେ ଗୀତ ଗାଇବୁ

ପକ୍ଷୀଙ୍କ କୂଜନରେ ଆମେ ନାଚିବୁ କୁଦିବୁ... ଇତ୍ୟାଦି ।

ଏହି କବିତାରେ naturalised human being humanised nature 'ପ୍ରକୃତି ମାନବୀୟ ହେବ ମଣିଷ ପ୍ରକୃତି ହେବ' ସ୍ୱପ୍ନଟି ଗୁମ୍ଫିତ ହୋଇଛି ।

ନାରୀମୁକ୍ତିଠାରୁ ମାନବ ମୁକ୍ତି ଯାଏ; ମୁକ୍ତିର ସମସ୍ତ ଇଲାକାକୁ କବିଙ୍କ କାବ୍ୟ ଜଗତ ପ୍ରସାରିତ । ଏଇ କ୍ଷୁଦ୍ର ଆଲୋଚନାରେ ତାର ବିସ୍ତୃତ ବାଖ୍ୟା ସମ୍ଭବ ନୁହେଁ ।

ତଥାପି ଏତିକି କୁହାଯାଇ ପାରେ ତାଙ୍କ କଲମ ବେଶ୍ ଶକ୍ତ ଓ ପ୍ରେରଣା ଦାୟକ ।

□□

Digitized by PPRACHIN, SOA

‘ମିଛ ମହାତ୍ମା’ ପୁସ୍ତକ ଓ ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷା : ଏକ ବିଶ୍ଳେଷଣ

“ମିଛ ମହାତ୍ମା” ପୁସ୍ତକକୁ ନେଇ ଗଣ ମାଧ୍ୟମ ମାନଙ୍କରେ ବିତର୍କର ଝଡ଼ ସୃଷ୍ଟି ହୋଇଛି । ପୁସ୍ତକଟିକୁ ଜଣେ କବି ବନ୍ଧୁଙ୍କ ନିକଟରୁ ଦେଖିବାର ସୁଯୋଗ ଲାଭ କରିଥିଲି । ଅତୀତରେ ‘ମିଛ ମହାତ୍ମା’ ପୁସ୍ତକ ପ୍ରଣେତାଂକ ଅନ୍ୟ ଏକ ବିତର୍କୀତ ପୁସ୍ତକ ‘ନାଥୁରାମ ନଥି’କୁ ପଢ଼ିଥିଲି । ଏହି ପୁସ୍ତକରେ ଲେଖକ ବିବୁଧ ରଂଜନ ନିଜକୁ “ଗାଂଧୀ ଦର୍ଶନର ବିରୋଧୀ ନୁହେଁ (ନାଥୁରାମ ନଥି-ପୃ-୧୦ ଦ୍ରଷ୍ଟବ୍ୟ) ବୋଲି ଦାବୀ କରି ମଧ ନାଥୁରାମ ଗଡ଼ସେଂକ ଗାନ୍ଧୀ ହତ୍ୟାର ଯୌକ୍ତିକତା ସପକ୍ଷରେ ଯାଇଛଂତି । ନାଥୁରାମ ନଥି ପୁସ୍ତକରେ ବିବୁଧ ରଂଜନ ଏକ ଦଲିଲି ସଂଯୋଜିତ କରିଛନ୍ତି, ଯେଉଁ ଦଲିଲ୍‌ରେ ସେ ଆଖି ଲୁହ ଢ଼ାଳି, ନାଥୁରାମଙ୍କ ଫାଶୀରେ ମର୍ମ ବେଦନା ପ୍ରକାଶ କରିଛଂତି । (ଏଯ୍ନ-ପୃ. ୧୭୧ ଦ୍ରଷ୍ଟବ୍ୟ)

‘ନାଥୁରାମ ନଥି’ ପୁସ୍ତକରେ ଲେଖକ ଗାନ୍ଧିଜୀଙ୍କ ‘ମୁସଲମାନ ତୁଷ୍ଟିକରଣ’ ନୀତିରେ ସମାଲୋଚନା କରି ନାଥୁରାମଙ୍କ ହିନ୍ଦୁ ସମାଜର ରକ୍ଷାକର୍ତ୍ତା, ମସିହା ବୋଲି ବୋଲି ମନେ କରିଛନ୍ତି । ପୁସ୍ତକଟିରେ ଅଭିଜ୍ଞତା ସିଦ୍ଧ ସତ୍ୟ (Empirical Truth) ଅପେକ୍ଷା ବ୍ୟକ୍ତିଗତ ଆବେଗ ଓ ଭାବାଦର୍ଶ ଅଧିକ ଗୁରୁତ୍ୱ ଲାଭ କରିଛି । ‘ମିଛ ମହାତ୍ମା’ ପୁସ୍ତକରେ ସେଇ ଏକା ସମସ୍ୟା । ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱର ବସ୍ତୁନିଷ୍ଠ ଆକଳନ ପରିବର୍ତ୍ତେ ଖଂଡ଼ିତ ବ୍ୟକ୍ତିନିଷ୍ଠ ମୂଲ୍ୟାୟନ ହୋଇଛି । ଉଦାହରଣ ସ୍ୱରୂପ ‘ମିଛ ମହାତ୍ମା’ ନାମ କରଣ । ଏହି ନାମକରଣ ହିଁ ସୂଚାଇ ଦେଇଛି ଲେଖକ ଗାନ୍ଧିଜୀଙ୍କର ମଧ୍ୟରେ ଏକ ସତ ମହାତ୍ମାର ସନ୍ଧାନ କରିବାକୁ ଯାଇ ବ୍ୟର୍ଥ ହୋଇଛନ୍ତି । ବସ୍ତୁତଃ ଲେଖକଙ୍କୁ ଯଦି ପଚରାଯାଏ ଆପଣ ଗାନ୍ଧୀଙ୍କ ଭିତରେ ସତ ମହାତ୍ମାଟିକୁ ପାଇଲେ ନାହିଁ । ପୃଥିବୀ ଅନ୍ୟ କେଉଁ ମାନବୀୟ ବ୍ୟକ୍ତିତ୍ୱ ମଧ୍ୟରେ ସତ ମହାତ୍ମାର ସନ୍ଧାନ ଦେଇ ପାରିବେ କି ? ସମ୍ଭବତଃ

Digitized by PPRACHIN, SOA

ଏହି ପ୍ରୟାସରେ ଲେଖକ ବ୍ୟର୍ଥ ହେବା ସୁନିଶ୍ଚିତ । ତାର କାରଣ ମଣିଷ ଭିତରେ ମହାତ୍ମାକୁ ପାଇବା ଅସମ୍ଭବ । ପ୍ରତିଭାବାନ୍ ମଣିଷକୁ ମହାତ୍ମା ବନାଇବା (deificiation) ଦୁର୍ବଳ ମଣିଷର ଦୁର୍ବଳତା ଏବଂ ସବଳ ମଣିଷ ମାନଙ୍କର ଦୁର୍ବଳ ମଣିଷକୁ ଶୋଷଣ କରିବାର ଏକ କାର୍ଯ୍ୟକ୍ରମ ଭିନ୍ନ ଅନ୍ୟ କିଛି ନୁହଁ । କଥାହେଲା ମଣିଷ ଭିତରେ ମଣିଷକୁ ହିଁ ଖୋଜାଯାଇପାରେ । ଯେଉଁ ମଣିଷ ପ୍ରକୃତି ଓ ଇତିହାସ ନେଇ ଗଢ଼ା । ପ୍ରକୃତି ଓ ଇତିହାସକୁ ନେଇ ଗଢ଼ା ମଣିଷ ଭିତରେ ପ୍ରାକୃତିକ ସବଳତା-ଦୁର୍ବଳତା ଓ ଐତିହାସିକ ସବଳତା-ଦୁର୍ବଳତା ଦୃଷ୍ଟିପଥାରୁଢ଼ ହୋଇଥାଏ । ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱରେ ଏହି ଉଭୟ ସବଳତା ଓ ଦୁର୍ବଳତା ସଂଧାନ କରାଯାଇପାରେ । ଯାହା କରିବାକୁ ହେଲେ ଇନ୍ଦ୍ରୀୟାନୁଭବ, ପ୍ରମାଣ ଓ ଅଭିଜ୍ଞତା ସିଦ୍ଧ ଜ୍ଞାନ ପ୍ରୟୋଜନ । 'ମିଛ ମହାତ୍ମା" ପୁସ୍ତକରେ ଲେଖକ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଆକଳନ କ୍ଷେତ୍ରରେ ଜ୍ଞାନର ସହଯୋଗ ନେଇ ନାହାଂତି । ପ୍ରକୃତ ଅନାଶକ୍ତ ଦୃଷ୍ଟିର ଅଭାବରୁ ସେ ଅଦରକାରୀ ଆବେଗର ବଶବର୍ତ୍ତୀ ହୋଇଛନ୍ତି ଓ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଭିତରେ କେବଳ ନୈତିକତାର ଅଭାବ, ଛଳନା, କ୍ରୋଧ ଇତ୍ୟାଦିର ସଂନ୍ଧାନ କରିଛନ୍ତି । ପୁନଶ୍ଚ ଯେଉଁ ଭୂମିରୁ ସେ ଏହା କରିଛନ୍ତି ତାହା ପ୍ରକୃତି ଓ ଇତିହାସ ଦ୍ୱାରା ଗଢ଼ା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ଆକଳନ ନୁହଁ । ତାହା ସ୍ୱ ଉଦ୍‌ଭାବିତ କୃତ୍ରିମ ଛାଂଚରେ ଗଢ଼ା ନୈତିକ-ଧାରଣା ମାଧମରେ ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ମଧ୍ୟରେ ମହାତ୍ମା ଅନୁସନ୍ଧାନର ବିଫଳ ପ୍ରୟାସ । ମୋ ଦୃଷ୍ଟିକୋଣରୁ ଗାନ୍ଧିଜୀ ଥିଲେ ଅଧା ନୀତିବାଗୀଶ ଅଧା ବାସ୍ତବବାଦୀ । କିନ୍ତୁ 'ମିଛ ମହାତ୍ମା'ର ଲେଖକ ଗାନ୍ଧିଜୀଙ୍କ ଭିତରେ ମହାତ୍ମା ଖୋଜିଲାବେଳେ ସଂପୂର୍ଣ୍ଣ ନୀତିବାଗୀଶ ପାଲଟି ଯାଇଛନ୍ତି । ପାଠକଙ୍କ ଗୋଚରାର୍ଥେ ଏହା କହି ରଖିବା ଆବଶ୍ୟକ ଯେ ନୈତିକତା ଯଦି ବାସ୍ତବତା ନହୁଏ ତାହେଲେ ନୈତିକତା ବାତିଲ ହେବାକୁ ବାଧ । ସେମିତି ବାସ୍ତବତାର ଯଦି କୌଣସି ନବ ନୈତିକ ପୃଷ୍ଠଭୂମି ନଥାଏ ତାହେଲେ ବାସ୍ତବତା ମଧ୍ୟ ବାତିଲ ହେବାକୁ ବାଧ୍ୟ । ଗାନ୍ଧିଜୀଙ୍କ ଜୀବନ ଥିଲା ବାସ୍ତବତା ଓ ନୈତିକତାର ତୀବ୍ର ସଂଘର୍ଷର ଜଟୀଳ ଜ୍ୱାଳାମୟକ୍ଷେତ୍ର । ଗାନ୍ଧିଜୀ ତାଙ୍କ ଜୀବନର ବହୁବାର ପ୍ରକୃତି ଓ ଇତିହାସକୁ ଠିକ୍ ଭାବରେ ବୁଝିପାରିନଥିବା ହେତୁ-ଇନ୍ଦ୍ରିୟାନୁଭବ, ପ୍ରମାଣ, ଅଭିଜ୍ଞତାସିଦ୍ଧ ଜ୍ଞାନର ପଥକୁ ଛୁଡ଼ି ନିରୋଳା ନୀତିବାଗୀଶ ହୋଇ ଅଯଥା ପରାଜୟ ବରଣ କରିଛନ୍ତି । ଅପର ପକ୍ଷରେ ବହୁବାର ପ୍ରଚୁର ଦୂରଦୃଷ୍ଟି-ପ୍ରକୃତି ଓ ଇତିହାସକୁ ବୁଝିବାର ଅସଂଭବ ଶକ୍ତି-ବେଶ୍ କିଛି ଇନ୍ଦ୍ରୀୟାନୁଭବ, ଅଭିଜ୍ଞତା ଓ ଜ୍ଞାନ ଗାନ୍ଧିଜୀଙ୍କୁ ବିରାଟ ସଫଳତା ଯୋଗାଇଛି । କେତେବେଳେ ସେ ଭାଙ୍ଗି ପଡିଛନ୍ତି ତ କେତେବେଳେ ଅଣ୍ଟା ସଳଖି ସଂଘର୍ଷ କରିଛନ୍ତି । ଗାନ୍ଧିଜୀ ତାଙ୍କ ଜୀବନରେ ବେଶ୍ କିଛି ବ୍ୟର୍ଥତା

Digitized by PPRACHIN, SOA

ପରାଜୟ (ସାମାଜିକ ଓ ବ୍ୟକ୍ତିଗତ) ଶିକାର ହୋଇଛନ୍ତି । 'ମିଛ ମହାତ୍ମା' ପୁସ୍ତକରେ କିନ୍ତୁ ଗାନ୍ଧିଜୀଙ୍କ ପରାଜୟ ଓ ବ୍ୟର୍ଥତାର ଐତିହାସିକ ପର୍ଯ୍ୟାଲୋଚନା ହୋଇ ନାହିଁ । 'ଗାନ୍ଧୀ ମଣିଷ' ପୁସ୍ତକରେ ଲେଖକ ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱରେ ନୈତିକ ଔଜଲ୍ୟ ଦେଖାଇଛନ୍ତି । 'ମିଛ ମହାତ୍ମା' ପୁସ୍ତକର ଲେଖକ ଗାନ୍ଧିଜୀଙ୍କ 'ନୈତିକ କାଳିମା' ପ୍ରତି ଅଂଗୁଳି ନିର୍ଦ୍ଦେଶ କରିଛନ୍ତି । ଗାନ୍ଧିଜୀଙ୍କ ଜୀବନକୁ ଭିତ୍ତିକରି ଏକ ପ୍ରକୃତ ଅଭିଜ୍ଞତା ସିଦ୍ଧ (Empirically excellent) ପୁସ୍ତକ ତଥାପି ଓଡ଼ିଆ ଭାଷାରେ ଲେଖା ଯାଇପାରିନି । ଭବିଷ୍ୟତରେ ସେ ଅଭାବ ନିଶ୍ଚୟ ପୂରଣ ହେବ ।

ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ ପରୀକ୍ଷା:

ମିଛ ମହାତ୍ମା ପୁସ୍ତକରେ 'ମୋହିନୀ ମାୟାରେ ମୋହନ' ଇତ୍ୟାଦୀ ବ୍ୟଙ୍ଗ ଓ ବ୍ରକ୍ରୋକ୍ତି ମାଧମରେ ଗାନ୍ଧିଜୀଙ୍କ ଯୌନ ଜୀବନ ଓ ବ୍ରହ୍ମଚର୍ଯ୍ୟ ପାଳନ ପରୀକ୍ଷା ପ୍ରତି ଅଂଗୁଳୀ ନିର୍ଦ୍ଦେଶ କରାଯାଇଛି । ବିବୁଧ ରଂଜନଙ୍କ ଦ୍ୱାରା ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ଅଭ୍ୟାସର ଆଲୋଚନା ନୀତିବାଗୀଶ ଧର୍ମୀ ସମାଲୋଚନାର ଉର୍ଦ୍ଧ୍ୱକୁ ଉଠି ପାରିନାହିଁ । ପ୍ରସଂଗ କ୍ରମେ ଏଠାରେ କହି ରଖିବା ଆବଶ୍ୟକ ଯେ ବସ୍ତୁତଃ ନୈତିକତା ଧର୍ମୀ ସମାଲୋଚନା କରିଆରେ ଗାନ୍ଧିଜୀଙ୍କ ଯୌନ-ଜୀବନ ଓ ବ୍ରହ୍ମଚର୍ଯ୍ୟ ପାଳନର ଜଟୀଳ ଗ୍ରଂଥୀକୁ ଉନ୍ମୋଚିତ କରିହେବନି । ଏ କ୍ଷେତ୍ରରେ ବିବୁଧ ରଂଜନ ଅବଶ୍ୟ ବ୍ୟର୍ଥ ।

ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷଣ ବ୍ୟାପାରଟି ସ୍ପର୍ଶକାତରତାରେ ଭରପୁର । ଏ ସଂପର୍କରେ କେବଳ ସମୀକ୍ଷଣ ଛଡ଼ା ଶେଷ ଶବ୍ଦ ଉଚ୍ଚାରଣ ସଠିକ୍ ହେବନାହିଁ; ବିଷୟଟି ନାରୀ ପୁରୁଷ ସଂପର୍କ ଓ ଯୌନତା ସହ ଜଡ଼ିତ ହୋଇଥିବା ହେତୁ ଗାନ୍ଧବାଦୀଙ୍କ ଠାରୁ ଅ-ଗାନ୍ଧିବାଦୀ ଏହାକୁ ସାମାଜିକ ଆଲୋଚନା ପରିସର ମଧ୍ୟକୁ ନ ଆଣି ବ୍ୟକ୍ତିଗତ ଆଲୋଚନର ଶୀତଳ ଭଣ୍ଡାରକୁ ନିକ୍ଷିପ୍ତ କରିଥାନ୍ତି । ଗାନ୍ଧିଜୀ ନିଜେ କିନ୍ତୁ ତାହା କରି ନାହାଁନ୍ତି । ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷା ବାସ୍ତବ ହେଉ ବା ଅବାସ୍ତବ ହେଉ ସେ କିନ୍ତୁ ଏହାକୁ ମୋକ୍ଷ ଓ ସତ୍ୟ ସହିତ ଜୋଡ଼ି ନିଜର ଜୀବନର ଏକ ମୂଲ୍ୟବାନ ସମୟ ଏହି ଦିଗରେ ବ୍ୟୟ କରାଇଛନ୍ତି ଓ ସମଗ୍ର ବିଷୟ / ବ୍ୟାପାରଟିକୁ ଲୋକ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ବ୍ୟକ୍ତିଗତ ବ୍ୟାପାରକୁ ଲୋକ ଲୋଚନକୁ ନଆଣିବା ଦାବୀରେ 'ହରିଜନ' ପତ୍ରିକାର ଦୁଇଜଣ ସଂପାଦକ ଇସ୍ତଫା ଦେଇ ଚାଲିଯାଇଛନ୍ତି । ତଥାପି ଗାନ୍ଧିଜୀ ନିଜର ବ୍ରହ୍ମଚର୍ଯ୍ୟ ପରୀକ୍ଷା ବିଷୟଟିକୁ ଲୋକଙ୍କୁ ଜଣାଇଛନ୍ତି । ଗାନ୍ଧିଜୀଙ୍କ ଅଂତେ କିଛି ଗାନ୍ଧୀ ଭକ୍ତ ଗାନ୍ଧିଜୀଙ୍କ ଉପରୋକ୍ତ କାର୍ଯ୍ୟକୁ ଘଣ୍ଟ ଘୋଡ଼ାଇବାକୁ ଚେଷ୍ଟା କରନ୍ତି । ଦାର୍ଶନିକ

Digitized by PPRACHIN, SOA

କାର୍ଲମାର୍କସଂକ କ୍ଷେତ୍ରରେ କିଛି ମାର୍କସ ଭକ୍ତ ମଧ୍ୟ ମାର୍କସଂକର ତାଙ୍କ ପରିଚାରିକା ହେଲେନ ଦେମୁତିଙ୍କ ସହ ବିବାହ ଅତିରିକ୍ତ ଯୌନ ସଂପର୍କ ଓ ସଂତାନ ଜନ୍ମଦେବା (ପୋର୍ଟେବୁଲ କାର୍ଲ ମାର୍କସ-ଏଗୁଇନ କାମେନେକା, ପୃ- lxxiv ଦ୍ରଷ୍ଟବ୍ୟ) କଥାଟିକୁ ଅନୁରୂପ ଢଂଗରେ ଘଂଟ ଘୋଡ଼ାଇ ଥାନ୍ତି । ଆଉ ଏକ ଗୋଷ୍ଠୀର ସମାଲୋଚକ ଅଛନ୍ତି ଯେଉଁମାନେ ମାର୍କସ ଓ ଗାନ୍ଧିଙ୍କ ଉପରୋକ୍ତ କ୍ରୀୟାକୁ ଚାରିତ୍ରୀକ ସ୍ଖଳନ ବୋଲି ଆଖ୍ୟା ଦେଇଥାନ୍ତି । ଗାନ୍ଧି ଓ ମାର୍କସଙ୍କର ଏହି ଉଭୟ ଗୋଷ୍ଠୀର ଭକ୍ତ ସମାଲୋଚକମାନେ ଚରିତ୍ର ସଂପର୍କୀତ କୃତ୍ରିମ ଛାଂଚରେ ଢ଼ଳା ପାରମ୍ପରିକ ନୈତିକ ଧାରଣା ଦ୍ୱାରା-ଗ୍ରସ୍ତ ଏହା କହିବା ବାହୁଲ୍ୟ । ଗାନ୍ଧୀ ଓ ମାର୍କସ ନାରୀ ପୁରୁଷ ସଂପର୍କ ଓ ଯୌନତାକୁ ନେଇ ସଂପୂର୍ଣ୍ଣ ନୈତିକ-ନିପୀଡନ ଧର୍ମୀ ଧାରଣା ଠାରୁ ମୁକ୍ତ ଥିଲେ ଏହା ଦାବି କରାଯାଇ ପାରିବନି । କିନ୍ତୁ ସେମାନେ ଏହାର ଉର୍ଦ୍ଧ୍ୱକୁ ଯିବା ପାଇଁ ତଥାପି ଉଦ୍ୟମ କରିଛନ୍ତି ଏହା ସ୍ୱୀକାର କରିବାକୁ ହେବ । ସବୁଠାରୁ ବଡ଼ କଥା ହେଲା ପ୍ରବଂଚକଙ୍କ ଭଳି ସେମାନେ କୌଣସି କଥାକୁ ଲୁଚାଇବାକୁ ଚେଷ୍ଟା କରି ନାହାଁନ୍ତି; ବରଂ ସାହସର ସହିତ ନିଜ ଜୀବନର ପୁଲକିତ ଅଧ୍ୟାୟମାନଙ୍କୁ ଲୋକଶିକ୍ଷା ପାଇଁ ବାଢ଼ି ଦେଇଯାଇ ଅଛଂତି ।

ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷା 'ଗାନ୍ଧିଆନ୍ ମୋରାଲିଟି' ଓ 'ମାର୍କସିଆନ୍ ନେଚର'ର ଏକ ବିଚିତ୍ର ସଂଯୋଗ । ଏହା ଯୌନ ଜୀବନରୁ ସଂପୂର୍ଣ୍ଣ ନିଗ୍ରହ ନୁହଁ; ନିଗ୍ରହ ଓ ଆଗ୍ରହର ବିଚିତ୍ର ଶ୍ଳେଷ ଆନନ୍ଦରେ ଭରପୁର; ଉଭୟ ଦାତା ଓ ଗ୍ରହିତାଂକ ପାଇଁ ଏହା ଏକ ପ୍ରେମ ଖେଳ, ସୃଜନଶୀଳତାରେ ନିଆରା ଓ ସ୍ୱତଂତ୍ର; ନୈତିକତାର ନୀପୀଡ଼ନରୁ ଜନ୍ମ ନେଇ ନୀପଡନକୁ ଅତିକ୍ରମ କରିବାର ଏକ ପ୍ରୟାସ; ଗୋଟାଏ ଦିଗରୁ ସଫଳ ଅନ୍ୟ ଦିଗରୁ ବିଫଳ; ସ୍ୱବିରୋଧୀତାରେ ଭରପୁର ଏକାଧାରାରେ ବ୍ୟକ୍ତିଗତ ଓ ସାମାଜିକ; ଏକ ସ୍ୱାଧୀନ-କବି ଓ ଦାର୍ଶନିକ ସୁଲଭ ମଣିଷର ଖୁଜୁବୁଜିଆ ପ୍ରକୃତିର ବୌଦ୍ଧିକ ପ୍ରବଣତା ବା ଆଗ୍ରହ । ଏଠାରେ ଗାନ୍ଧିଜୀ ନିଜ ପାଖରେ ନିଜେ ଅସହାୟ ଅଥବା ସହାୟ ହେବା ପାଇଁ ବାରମ୍ବାର ଉଦ୍ୟମରତ; ଅଥଚ ପରିଣତିରେ କିନ୍ତୁ 'ମୋକ୍ଷ' ବା ମୁକ୍ତି କୌଣସିଟା ପାଇପାରୁନାହାଁନ୍ତି ନିଶ୍ଚୟ । ଯୌନ ଜୀବନ ବା ବ୍ରହ୍ମଚର୍ଯ୍ୟର ପରୀକ୍ଷାକୁ ନେଇ ଗାନ୍ଧିଜୀଙ୍କୁ ଭଲ ଓ ଖରାପ ଭାବିବା ପୂର୍ବରୁ ପ୍ରଥମେ ଜାଣିବେ ରଖିବା ଦରକାର ଯେ ଗାନ୍ଧିଜୀ-ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଅପେକ୍ଷା ନୈତିକତାକୁ ଅଧିକ ଗୁରୁତ୍ୱ ଦେଉଥିଲେ ଏବଂ ଉଭୟ ଜୈନ, ବୌଦ୍ଧ ଓ ହିନ୍ଦୁ ଧର୍ମର ନୈତିକତା ତାଙ୍କ ଉପରେ ସବାର ହୋଇଥିଲା; ତାଙ୍କୁ ଉଭୟ ସବଳ ଓ ଦୁର୍ବଳ କରି ଗଢ଼ି ତୋଳୁଥିଲା ।

ତିରିଶରୁ ଚାଳିଶ ବର୍ଷ ମଧ୍ୟରେ ଗାନ୍ଧିଜୀ କୌଣସି ଏକ ସମୟରେ ବ୍ରହ୍ମଚର୍ଯ୍ୟ

Digitized by PPRACHIN, SOA

ପାଳନର ଚିନ୍ତାମୁଣ୍ଡକୁ ନେଲେ । ଏବଂ ଏହି ଚିନ୍ତା ଗାନ୍ଧିଜୀଙ୍କର ମୁଣ୍ଡରେ ଏହିପରି ଏକ ଧାରଣାକୁ ସଦାର କରାଇଲା; ଯଥା- "ଯୌନ ପିପାସା ନାରୀ ପୁରୁଷଙ୍କ ମଧ୍ୟରେ ପ୍ରେମରେ ଭଟା ପକାଏ । ବ୍ରହ୍ମଚର୍ଯ୍ୟ ନାରୀ ପୁରୁଷ ମଧ୍ୟରେ ପ୍ରେମ ସଂପର୍କର ଜୁଆର ଆଣେ ।" ୧୯୦୬ ମସିହାରେ ଗାନ୍ଧିଜୀ ସମାଜ ସେବା ଓ ସାମୂହୀକ ଜୀବନ ପାଇଁ ବ୍ରହ୍ମଚର୍ଯ୍ୟର ଆବଶ୍ୟକତାକୁ ଗଭୀର ଭାବରେ ଅନୁଭବ କଲେ । ଗାନ୍ଧିଜୀ ବ୍ରହ୍ମଚର୍ଯ୍ୟର ଧାରଣା ଭାରତୀୟ ଉପନିଶଦୀୟ ପରଂପରାରୁ ଉଦ୍‌ଭବ ଘଟିଥିଲେ ମଧ୍ୟ ଏହାର ଅଭ୍ୟାସଗତ (Practice) କ୍ଷେତ୍ରରେ ପରିବର୍ତ୍ତନ ଆନୟନ କରିବାକୁ ଚାହୁଁଥିଲେ । ଗାନ୍ଧିଜୀଙ୍କର ବ୍ରହ୍ମଚର୍ଯ୍ୟ ପରୀକ୍ଷା ନାରୀ ପୁରୁଷ ସଂପର୍କର ବିଚ୍ଛିନ୍ନତା ନୁହଁ, ଥିଲା ନିବିଡ଼ ସଂଯୁକ୍ତି । ଗାନ୍ଧିଜୀଙ୍କ ପ୍ରାକ୍ ଜୀବନର ବ୍ରହ୍ମଚର୍ଯ୍ୟ ଥିଲା କିନ୍ତୁ ନିଗ୍ରହ; ଏକ ପ୍ରକାର ଅଦ୍ୱୈତବାଦୀ (monism) ସିଧାଂତ ପ୍ରେରିତ । ଏହାକୁ ସେ ମୋକ୍ଷର ଦ୍ୱାର ବୋଲି ମନେ କରୁଥିଲେ । ଏପରିକି ଜାତୀୟତାବାଦ (Nationalism) କୁ ସେ ବ୍ରହ୍ମଚର୍ଯ୍ୟ ସହ ଜୋଡୁଥିଲେ । ସେବା ମନୋଭାବ ସହ ବ୍ରହ୍ମଚର୍ଯ୍ୟର ସଂଗୋପାଂଗ ସଂପର୍କର ସଂଧାନ କରୁଥିଲେ । ଏହାକୁ ସେ ଏକ ଧାର୍ମିକ ଜୀବନ ବୋଲି ମନେ କରୁଥିଲେ (ମାର୍ଟିନ୍ ଗ୍ରୀନ୍-ଚାଲେଂଜ ଅଫ୍ ମହାତ୍ମା, ପୃ- ୨୦ଦ୍ରଷ୍ଟବ୍ୟ) । ତାଙ୍କ ଦୃଷ୍ଟିରୁ ବ୍ରହ୍ମଚର୍ଯ୍ୟ ଥିଲା ବାକ୍, ଚିନ୍ତା, କାର୍ଯ୍ୟର ସଂଜମ । ଗାନ୍ଧିଜୀ ସ୍ୱମୁଖରେ ଏହା କହୁଥିଲେ, ଯେ, ଯେଉଁ ନର ବା ନାରୀ ପ୍ରକୃତ ବ୍ରହ୍ମଚର୍ଯ୍ୟ ପାଳନ କରିବେ ସେମାନେ ନିରୋଗ ହୋଇ ଈଶ୍ୱର ସାନିଧ ପ୍ରାପ୍ତ ହେବା ସହ ସ୍ୱୟଂ ଈଶ୍ୱରୋପମ ହୋଇପାରିବେ । ଗାନ୍ଧିଜୀଙ୍କ ପ୍ରଥମ ପର୍ଯ୍ୟାୟ ବ୍ରହ୍ମଚର୍ଯ୍ୟ ଧାରଣା କିନ୍ତୁ ହିନ୍ଦୁ ବ୍ରହ୍ମଚର୍ଯ୍ୟ ଧାରଣାର ଅନୁରୂପ । ଯଥା ଗାନ୍ଧିଜୀ ମତରେ ଯୌନାବେଗ ଭଲ କିନ୍ତୁ ଏହାର ଏକମାତ୍ର ଲକ୍ଷ୍ୟ ହେବା ଦରକାର ସଂତାନ ଜନ୍ମ । ଅର୍ଥାତ୍ ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା । (ଗାନ୍ଧିଜୀଙ୍କ ଜୀବନୀ)- ଲୁଇ ଫିସର ପୃ-୩୮୨ ଦ୍ରଷ୍ଟବ୍ୟ) । ଗାନ୍ଧିଜୀ ଯେଉଁ କେତୋଟି ବର୍ଷ କସ୍ତୁରବାଂକ ସହ ବୈବାହିକ ଜୀବନ ବିତାଇଥିଲେ ସଂଭବତଃ ଏହି ନ୍ୟାୟରେ ପ୍ରେରିତ ହୋଇ କରି ତାଙ୍କ ସହ ଯୌନ ସଂପର୍କ ସ୍ଥାପନ କରିଥିଲେ । କିନ୍ତୁ ଏହା କ୍ଷଣ କାଳ ପାଇଁ ସ୍ଥାୟୀ ହୋଇଥିଲା । 'ଗାନ୍ଧୀ ଏକ ମହିମାନ୍ୱିତ ପରାଜୟ' (Gandhi a sublime failuer) ପୁସ୍ତକରେ ଏମ୍.ଏସ୍.ଗିଲ୍ ଙ୍କର ମତ ହେଲା, ବିବାହର ଅଳ୍ପ କେଇଦିନ ପରେ ପିତାଙ୍କ ମୃତ୍ୟୁ ବୈକଲ୍ୟ (Trauma) ଗାନ୍ଧିଜୀଙ୍କୁ ଯୌନ ବିମୁଖ କରି ଗଢ଼ି ତୋଳିବା ସହ ତାଙ୍କୁ ବ୍ରହ୍ମଚର୍ଯ୍ୟ ଦିଗରେ ପ୍ରେରିତ କରିଥିଲା (Gandhi a sublime failure P-116) । ନାରୀ ପୁରୁଷ ସଂପର୍କ କ୍ଷେତ୍ରରେ ଯୌନତା ବଦଳରେ ଗାନ୍ଧିଜୀ ପ୍ରେମକୁ ଅଧିକ ଗୁରୁତ୍ୱ ଦେଉଥିଲେ । ଏହା ସେ ରାୟଚାନ୍ଦ ଭାଇ

Digitized by PPRACHIN, SOA

ନାମକ ଜଣେ ଆଧ୍ୟାତ୍ମବାଦୀ କବିଙ୍କ ଠାରୁ ଆହରଣ କରିଥିଲେ । ଗାନ୍ଧିଜୀ ତାଙ୍କ ଆତ୍ମଜୀବନୀ ଗ୍ରଂଥରେ ବହୁ ପୃଷ୍ଠା ବ୍ୟୟ କରି ବ୍ରହ୍ମଚର୍ଯ୍ୟ ସପକ୍ଷରେ ସ୍ୱଭାବନାକୁ ବ୍ୟକ୍ତି କରିଛନ୍ତି । ଗାନ୍ଧିଜୀଙ୍କ ଆଶ୍ରମରେ ବ୍ରହ୍ମଚର୍ଯ୍ୟ ଦୀକ୍ଷା କଡ଼ା କଡ଼ି ପାଳିତ ହୋଇଥିଲା । ଏପରିକି କେବେ କେବେ ଏହା ଯାଂତ୍ରୀକ ଶୃଂଖଳବଦ୍ଧ ହୋଇଯାଉଥିଲା । କୃପାଳିନୀ ଓ ଗଡ଼ ୱେଲେଂକ ଘଟଣା ଏହାର ଉଦାହରଣ । ଏକଦା ଆଂଡାମାନେ ନିକୋବର ଦ୍ୱିପପୁଂଜରୁ ଆଜୀବନ କାରବାସ ଭୋଗୀ ସ୍ୱାଧୀନତା ସଂଗ୍ରାମୀ ଚଂଦ୍ରଶେଖର ଗଡୱାଲେ ଗାନ୍ଧିଜୀଙ୍କ ଆଶ୍ରମରେ ପାଦ ଦେଇଥିଲେ । ଗଡୱାଲେଂକ ମୁକ୍ତି ଖବର ପାଇ ତାଙ୍କ ସ୍ତ୍ରୀ ମଧ୍ୟ ସେଠାରେ ଆସି ପହଂଚି ଗଲେ । ବହୁଦିନ ପରେ ସ୍ତ୍ରୀଂକୁ ପାଇ ଗଡ଼ୱେଲେ ସ୍ତ୍ରୀକ ସହ ଆଶ୍ରମରେ ରାତ୍ରୀ-ଯାପନ କଲେ । ଗାନ୍ଧିଙ୍କ କାନକୁ ଖବରଗଲା । ଆଶ୍ରମ ନିୟମଭଂଗ ହେଲା ଭାବି ଗାଂଧିଜୀ ତାଙ୍କ ଉପରେ ବିରକ୍ତ ହେଲେ । ଗଡ଼ୱେଲେ ଗାନ୍ଧିଜୀଙ୍କ ଆଶ୍ରମରେ ଏହି ଯାଂତ୍ରୀକ ଶୃଙ୍ଖଳା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପରବର୍ତ୍ତୀ ସମୟରେ ସ୍ୱ ଆତ୍ମ-ଜୀବନ ଗ୍ରଂଥରେ ଲେଖିଥିଲେ "ଦୋ ଜବାନ୍ ଲଡ଼କୀକେ କଂଧେପର ହାତ୍ ରଖେ ଗାନ୍ଧିଜୀନେ ମେନେ ବୋଲା ମେଁ କିଓଁ ମେରା ବିବିକା ସାଥ୍ ସହବାସ କିୟା ?" (ଦୁଇଜଣ ଯୁବତୀ ଝିଅଙ୍କ କାନ୍ଧ ଉପରେହାତ ରଖି ଗାନ୍ଧଜୀ ମୋତେ ପଚାରିଲେ ମୁଁ କାହିଁକି ମୋ ସ୍ତ୍ରୀ ସହ ସହବାସ କଲି ?) । ଏହାଥିଲା ଗଡ଼ୱେଲେଂକ ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ଶୃଂଖଳାର ଯାଂତ୍ରୀକତା ପ୍ରତି ଅଂଗୁଳି ନିର୍ଦ୍ଦେଶ । ଗାନ୍ଧିଜୀ ଆଶ୍ରମରେ ବ୍ରହ୍ମଚର୍ଯ୍ୟ ଶୃଙ୍ଖଳାର ଯାଂତ୍ରିକତାକୁ ବେଶ୍ କିଛିଦିନ ସହ୍ୟ କରିବାକୁ ପଡ଼ିଥିଲା ପ୍ରେମୀ ଯୁଗଳ ପ୍ରଫେସର ଜେ.ବି.କୃପାଳିନୀ ଓ ସୁଚେତାଂ କୃପାଳିନୀଙ୍କୁ । ସାବରମତି ଆଶ୍ରମରେ ଏମାନେ ପରସ୍ପର ପ୍ରେମରେ ପଡ଼ି ବିବାହ ନିମନ୍ତେ ଇଚ୍ଛା ପ୍ରକଟ କରନ୍ତେ ଗାନ୍ଧିଜୀ ସେମାନଙ୍କୁ କହିଲେ ବିବାହ ତୁମକୁ ଧ୍ୱଂସ କରିଦେବ । ଏ ସବୁ ସତ୍ତ୍ୱେ ସେମାନଙ୍କ ପ୍ରେମ ଥଣ୍ଡା ପଡ଼ିଲାନି । ବାରମ୍ବାର ସେମାନେ ବିବାହ ପାଇଁ ଗାନ୍ଧିଜୀଙ୍କୁ ଅନୁରୋଧ ଜ୍ଞାପନ କରିବାରୁ ଗାନ୍ଧିଜୀ ଗୋଟିଏ ସର୍ତ୍ତରେ ସେମାନଙ୍କୁ ବିବାହ ସକାଶେ ଅନୁମତି ଦେଲେ । ସର୍ତ୍ତଟି ଥିଲା ସେମାନେ ସଂତାନ ଜନ୍ମ କରିବେ ନାହିଁ ଓ ବିବାହିତ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନ କରିବେ । ଆଚାର୍ଯ୍ୟ କୃପାଳିନୀ ଓ ସୁଚେତା କୃପାଳିନୀ ବିବାହିତ ଜୀବନରେ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତୁ ବା ନ କରନ୍ତୁ କିନ୍ତୁ ସନ୍ତାନ ଜନ୍ମ ଦେଇନଥିଲେ ।

ଏହା ପୂର୍ବରୁ କୁହାଯାଇଛି ଯେ ଗାନ୍ଧିଜୀଙ୍କର ଜୀବନର ବୈଶିଷ୍ଟ୍ୟ ହେଲା, ସେ କୌଣସି କଥାକୁ ଲୁଚାଇ ନାହାଁନ୍ତି । ୧୯୨୪ ମସିହା ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ବ୍ୟାପାରରେ ସେ ସଫଳ ହୋଇ ପାରିନଥିଲେ ବୋଲି ଆତ୍ମ ସ୍ୱୀକାରୋକ୍ତି କରିଛନ୍ତି ଯଥା- "ସ୍ୱପ୍ନ

Digitized by PPRACHIN, SOA

ଦୋଷରୁ ବିଗତ ଦୁଇ ସପ୍ତାହ ମଧ୍ୟରେ ମୋର ଦୁଇଥର ବୀର୍ଯ୍ୟ-ପତନ ଘଟିଅଛି । ମୋ ଭିତରେ ତଥାପି କିଛି ଅପବିତ୍ର ଆକାଂକ୍ଷା ବଳକା ରହି ଯାଉଥିବା ମୁଁ ଅନୁଭବ କରୁଅଛି । କିଂତୁ ତା'ର ପୂର୍ତ୍ତୀ ପାଇଁ ଅନ୍ୟମାନଙ୍କ ଭଳି ମୁଁ ହସ୍ତ ମୈଥୁନ କରୁନାହିଁ । (ଗାନ୍ଧିଜୀ, ସମଗ୍ର ରଚନାବଳୀ, ଖଂଡ଼-୪୦, ପୃ-୩୧୦ ଦ୍ରଷ୍ଟବ୍ୟ) । ଏପରିକି ୧୯୩୫ ମସିହାରେ ଗାନ୍ଧିଜୀ ଆତ୍ମ ସଂଯମର ବିଫଳତା ସଂପର୍କରେ ବୟାନ ଦେଇ କହିଥିଲେ । ସ୍ୱପ୍ନ ଦୋଷରୁ ବୀର୍ଯ୍ୟପତନ ଯେତେଟା ଲଜ୍ଜାକର ନୁହଁ ତା ଠାରୁ ଅଧିକ ଲଜ୍ଜାକର ଯୌନ-କ୍ରୀୟା ପାଇଁ ଆକାଂକ୍ଷା । ବମ୍ବେରେ ମୋର ଏହି କ୍ରିୟାଟି କରିବା ପାଇଁ ପ୍ରବଳ ଆଗ୍ରହ ସୃଷ୍ଟି ହେଲା । ମୋର ସମସ୍ତ ଉଦ୍ୟମ ସତ୍ତ୍ୱେ ମୋର ଯୌନାଙ୍ଗ ସ୍ଥିତ ହୋଇ ରହିଲା । ଏହା ମୋ ପାଇଁ ବିସ୍ମୟକର ଓ ଲଜ୍ଜାଜନକ ଅନୁଭବ ସଦୃଶ ଥିଲା । (ଏକ୍ସ-୫୨ / ୪୨୯ ଦ୍ରଷ୍ଟବ୍ୟ) । ହିନ୍ଦୁଧର୍ମରେ ବ୍ରହ୍ମଚର୍ଯ୍ୟ ବିବାହ ବିରୋଧୀ । ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ବିବାହିତ ଓ ଅବିବାହିତ ଉଭୟଙ୍କ ପାଇଁ ଉଦ୍ଦୀଷ୍ଟ ଥିଲା । ଗାନ୍ଧି ତାଙ୍କ ମାତାଙ୍କର ଧର୍ମୀୟ ଜୀବନ ଓ ଗୁଜୁରାଟର ଜୈନ ପରମ୍ପରା ମଧ୍ୟରେ ବଢ଼ି ସଂଭବତଃ ଅବଚେତନ ମନରେ ବ୍ରହ୍ମଚର୍ଯ୍ୟାଗ୍ରହକୁ ସାଇତି ରଖିଥିଲେ; କିନ୍ତୁ ବାଲ୍ୟ ବିବାହ ହେତୁ କିଛି ବର୍ଷ ବିବାହିତ ଜୀବନ ପରେ ବ୍ରହ୍ମଚର୍ଯ୍ୟାଭ୍ୟାଷ କରିଥିବା କାରଣରୁ ସ୍ୱ ଅନୁଭତିରୁ ବିବାହିତମାନେ ବ୍ରହ୍ମଚର୍ଯ୍ୟ ପାଳନ କରିପାରିବେ ବୋଲି ଦୃଢ଼ ଧାରଣା ପୋଷଣ କରିଥିଲେ । ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ଧାରଣା ବେଳେବେଳେ ମାତ୍ରାଧିକ / ଅତିଶର୍ଯ୍ୟ ଓ ଅବୈଜ୍ଞାନିକ ହୋଇ ଉଠୁଥିଲା । ତାଙ୍କ ଧାରଣାରେ ୧୦୦ ବୁନ୍ଦା ରକ୍ତ ଏକ ବୁନ୍ଦା ବୀର୍ଯ୍ୟ ସୃଷ୍ଟିକରେ ଏବଂ ବୀର୍ଯ୍ୟର ପତନ ମାନେ ମାନବ ଶକ୍ତିର କ୍ଷୟ । ବୀର୍ଯ୍ୟ ଧାରଣମାନେ ମାନବ ଶକ୍ତିବାନ ହେବା । (ଗାନ୍ଧୀ ଏ ସବ୍ ଲାଇମ୍ ଫେଲ୍ଯୁଓର-ଏମ୍.ଏସ୍.ଗିଲ୍-ପୃ.୧୧୯ ଦ୍ରଷ୍ଟବ୍ୟ) 'ମନୋବିଜ୍ଞାନ ବା ଭେଷଜବିଜ୍ଞାନ ସଂଭବତଃ ଗାନ୍ଧିଜୀଙ୍କ ଏହି ଧାରଣାକୁ ଗ୍ରହଣ କରେନା । ମୀରାବେନ୍‌ଙ୍କୁ ଲେଖିଥିବା ପତ୍ରରେ ପାଶବିକ ଅନୁରାଗକୁ ଐଶୀ ଅନୁରାଗ ପରିଣତ କରିବା କଥା ଗାନ୍ଧିଜୀ କହୁଥିଲେ । ଗାନ୍ଧିଜୀ ନାରୀଠାରୁ ଦୂରତ୍ୱ ରକ୍ଷା କରି ବ୍ରହ୍ମଚର୍ଯ୍ୟ ପାଳନରେ ବିଶ୍ୱାସୀ ନଥିଲେ । ନାରୀ ସହ ନୈକଟ୍ୟ ଗଭୀର ନୈକଟ୍ୟ ଏପରିକି ସ୍ପର୍ଶ ଓ ପ୍ରେମ ମାଧମରେ ଏକ ନିଦା-ବ୍ରହ୍ମଚାରୀ ହେବା ପାଇଁ ସେ ଉଦ୍ୟମ ଜାରି ରଖିଥିଲେ । ଏଥିପାଇଁ ଗାନ୍ଧିଜୀଙ୍କୁ ବହୁ ନିନ୍ଦା କୁତ୍ସା ସହ୍ୟ କରିବାକୁ ପଡ଼ିଥିଲା । କେହି କେହି ଏହାକୁ ଗାନ୍ଧିଜୀଙ୍କର ଚାରିତ୍ରିକ ସ୍ଖଳନ ବୋଲି ଆଖ୍ୟାଦେଉଥିଲେ । ଏସବୁ ସତ୍ତ୍ୱେ, ଗାନ୍ଧିଜୀ ତାଙ୍କର ବ୍ରହ୍ମଚର୍ଯ୍ୟ ଭାବନାରେ ଅଟଳ ରହି ବହୁ ନାରୀ ବାନ୍ଧବୀଙ୍କ ସହ ସଂପର୍କ ସ୍ଥାପନ କରିଥିଲେ । ଆଭା, ମିରା, ମନୁ, ସରଳା, ସୁଶୀଳା ଇତ୍ୟାଦି ଅନେକ ସରଳ ସୁନ୍ଦର ମହିଳାଙ୍କ

Digitized by PPRACHIN, SOA

ସଂସ୍ପର୍ଶରେ ଗାନ୍ଧୀଜୀ ଆସିଥିଲେ ଓ ସେମାନଙ୍କ ସହ ଗଭୀର ନୈକଟ୍ୟ ସ୍ଥାପନ କରିପାରିଥିଲେ । ସ୍ୱାଧୀନତା ଆନ୍ଦୋଳନ କାଳର ବେଶ୍ କିଛି ଦୁଃଖ, ଅବସାଦ ଓ ଏକାକୀତ୍ୱ (ଗାନ୍ଧିଜୀଙ୍କର) ଏଇମାନଙ୍କ ସହ ବନ୍ଧୁତା ମାଧ୍ୟମରେ ଦୂରୀଭୂତ ହୋଇଥିଲା ।

ପ୍ରଭା, ଆଭା, ମୀରା, ଶୁଶୀଳା ଓ ମନୁଂକ ସହ ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷାର ବିତର୍କୀତ ଅଧ୍ୟାୟ:

୧୯୪୪ରେ ଗାନ୍ଧିଜୀଙ୍କ ପତ୍ନୀ ବିୟୋଗ ଘଟିଲା । ଏହାର କିଛି ବର୍ଷ ପୂର୍ବରୁ ଓ ପରେ ଗାନ୍ଧିଜୀ ନିଜର ବ୍ରହ୍ମଚର୍ଯ୍ୟ ଶକ୍ତି ପରୀକ୍ଷାର ନୂତନ ଅଧ୍ୟାୟ ଆରମ୍ଭ କରିଥିଲେ । ୧୯୪୫ରେ ଗାନ୍ଧିଜୀ ଘନଶ୍ୟାମ ଦାସ ବିରଳାଙ୍କୁ ଲେଖିଥିବା ପତ୍ରରେ ସେ ପ୍ରଭାବତୀ ନାରାୟଣ, ସୁଶୀଳା ନାୟାର, ଆଭା ଗାନ୍ଧି ଓ ମନୁ ଗାନ୍ଧିଙ୍କ ସହ ଉଲଗ୍ନ ନୈକଟ୍ୟ ମାଧ୍ୟମରେ ତାଙ୍କର ବ୍ରହ୍ମଚର୍ଯ୍ୟ ପରୀକ୍ଷା କରୁଥିବା କଥା ଉଲ୍ଲେଖ କଲେ । (ଗାନ୍ଧିଜୀ ସମଗ୍ର ରଚନାବଳୀ-୭୯ଖଂଡ଼, ପୃ-୨୧୩ ଦ୍ରଷ୍ଟବ୍ୟ) । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯାହା ତାହା ହେଲା ଗାନ୍ଧିଜୀ ଏହି କାର୍ଯ୍ୟଟିକୁ ଗୋପନରେ କରୁନଥିଲେ । ଗାନ୍ଧିଜୀ ଏ ପରୀକ୍ଷାରେ ବ୍ରତୀ ଅଛନ୍ତି ତାହା ସମସ୍ତେ ଜାଣିଥିଲେ । ଗାନ୍ଧିଜୀଙ୍କ ଅର୍ଦ୍ଧ ଉଲଗ୍ନ ବ୍ରହ୍ମଚର୍ଯ୍ୟ ପରୀକ୍ଷା ପ୍ରାୟ ସମସ୍ତଙ୍କ ଗୋଚରରେ ସଂଗଠିତ ହେଉଥିଲେ । କିନ୍ତୁ ସଂପୂର୍ଣ୍ଣ ଉଲଗ୍ନ ପରୀକ୍ଷାଟି ସାମାନ୍ୟ ଗୋପନୀୟ ଭାବରେ ସଂଗଠିତ ହେଉଥିଲା । ମନୁଙ୍କ ସହ ସଂପୂର୍ଣ୍ଣ ଉଲଗ୍ନ ବ୍ରହ୍ମଚର୍ଯ୍ୟ ପରୀକ୍ଷାରେ ଏକଦା ଉଚ୍ଚକିତ ହୋଇ ଗାନ୍ଧିଜୀ ଲେଖିଥିଲେ, 'ମୁଁ ମୋ ଜୀବନର ୧୧ଟି ଶପଥକୁ ସଫଳ ଭାବରେ ପରୀକ୍ଷା କରିଅଛି । ଏହା ମୋର ୬୦ବର୍ଷ ଜୀବନ କାଳର ସଂଗ୍ରାମ ଓ ତପସ୍ୟା । ମୁଁ ବର୍ତ୍ତମାନ ଈଶ୍ୱର ଓ ସତ୍ୟର ନିକଟବର୍ତ୍ତୀ ଅନୁଭବ କରୁଅଛି । (ଗାଂଧି ରଚନା ସମଗ୍ର, ୮୭, ପୃ-୬୩) । ଉଲଗ୍ନ ବ୍ରହ୍ମଚର୍ଯ୍ୟ ପରୀକ୍ଷା ବ୍ୟତୀତ ଉପରୋକ୍ତ ସହଯୋଗୀମାନଙ୍କ କାନ୍ଧରେ ହାତରଖି ଆଶ୍ରମ ପଦଚାରଣା ମଧ୍ୟ ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ୍ୟ ପରୀକ୍ଷା ଅନ୍ୟ ଏକ ଉପଲକ୍ଷ୍ୟ ଥିଲା । ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଗାନ୍ଧିଜୀଙ୍କର ଶରୀରକୁ ସେବା ସମୟରେ ଗାନ୍ଧିଜୀ ନିଜ ସଂଜମ ଶକ୍ତିର ପରୀକ୍ଷା ଘଟାଉଥିଲେ । ବହୁବାର ଓ ଦୀର୍ଘ ବର୍ଷ ଧରି ଏ ସମସ୍ତ ପରୀକ୍ଷାରେ ଅସୀନ ହେବାରେ ଗାନ୍ଧିଜୀ ଓ ତାଙ୍କର ସହଯୋଗୀ ଶୁଶିଳା, ଆଭା ଇତ୍ୟାଦିଙ୍କୁ ବେଶ୍ କିଛି ତିକ୍ତ ମଧୁର ଅନୁଭୂତି, ସମାଲୋଚନା ଓ କୁତ୍ସାର ଶରବ୍ୟ ହେବାକୁ ପଡ଼ିଥିଲା ଏବଂ ଏହି ପରୀକ୍ଷାରେ ସ୍ୱୟଂ ଗାନ୍ଧିଜୀ ମଧ୍ୟ ସହଯୋଗୀମାନଙ୍କର ଅସହଯୋଗ ବା ଅତି ସହଯୋଗର ସମସ୍ୟା ଭୋଗୀ ଥିଲେ । ପ୍ରଥମେ ଗାନ୍ଧିଜୀ ଯେତେବେଳେ ଉଲଗ୍ନ-ବ୍ରହ୍ମଚର୍ଯ୍ୟ ଅଭ୍ୟାସ ଆରମ୍ଭ

Digitized by PPRACHIN, SOA

କଲେ ସେତେବେଳେ ତାଙ୍କର ବହୁ ବନ୍ଧୁ ଓ ସମର୍ଥକମାନେ ଏହାର ଦୃଢ଼ ବିରୋଧ କରିଥିଲେ । ସର୍ଦ୍ଦାର ପଟେଲ ରାଗରେ ଗାନ୍ଧିଜୀଙ୍କ ସହ କଥାବାର୍ତ୍ତା ବନ୍ଦ କରିଦେଇଥିଲେ । ବିନୋବା ବାଭେ ଓ ତାଙ୍କ ପୁତ୍ର ଦେବଦାସଙ୍କୁ ଚିଠି ଲେଖି ଜଣାଇଥିଲେ ଯେ ସେ ଏହି ପରୀକ୍ଷାକୁ ସମର୍ଥନ କରନ୍ତି ନାହିଁ ଓ ଗାନ୍ଧିଜୀ ସେଥିରୁ ନିବୃତ୍ତ ରହନ୍ତୁ । ନେହେରୁ ଗାନ୍ଧିଙ୍କର ଏହି କାର୍ଯ୍ୟରେ ବିଚଳିତ ହୋଇଯାଇଥିଲେ । ଠକର ବାବା ମନୁ ଗାନ୍ଧିଙ୍କୁ ଏହି ଅଯଥା କାର୍ଯ୍ୟରୁ ନିବୃତ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ । ଠକ୍‌ର ବାବାଙ୍କ ପରାମର୍ଶରେ ମନୁ ମଧ୍ୟ ଗାନ୍ଧିଜୀ ପାଖରେ ଉଲଗ୍ନ ହୋଇ ଶୋଇବାକୁ ମନା କରିଦେଇଥିଲେ । ଉକ୍ତ ଘଟଣାରେ ବ୍ୟଥିତ ହୋଇ ଗାନ୍ଧିଜୀ ବିନୋବାଙ୍କୁ ଲେଖିଥିବା ପତ୍ରରେ ନିଜର ବ୍ୟଥା ଜ୍ଞାପନ କରିଥିଲେ । ଯଥା- "ଆଜିକାଲି ମନୁ ଓ ମୁଁ ଗୋଟିଏ ଶେଜରେ ଶୋଉ ନାହିଁ । ଏହା ତା'ର ନିଜର ଇଚ୍ଛା । ଏବଂ ତାର ଏହି ଇଚ୍ଛାର ସଂଘର ଘଟିଛି-ଯେତେବେଳେ ସେ ଏ ବାବଦରେ ବାପାଙ୍କର ଠାରୁ ଏକ କ୍ରୁର ଚିଠି ପାଇଲା । (ଏକ୍ସ-ପୃ-୬୩ ଦ୍ରଷ୍ଟବ୍ୟ) । କିନ୍ତୁ ମନୁର ମନକୁ ପୁଣିଥରେ ଗାନ୍ଧି ବଦଳାଇ ଦେଇ ପାରିଥିଲେ ଓ ସେ ଗାନ୍ଧିଜୀଙ୍କ ସହ ପୁଣିଥରେ ଏହି ବୈଚିତ୍ର୍ୟମୟ ପରୀକ୍ଷାରେ ସ୍ୱଚ୍ଛା ସହଯୋଗ କରିଥିଲେ । ଗାନ୍ଧିଜୀଙ୍କ ସହ ବ୍ରହ୍ମଚର୍ଯ୍ୟ ପରୀକ୍ଷାରେ ଯେଉଁ ନାରୀମାନେ ଅଂଶ ଗ୍ରହଣ କରିଥିଲେ ସେଇ ନାରୀମାନଙ୍କ ପ୍ରତି ଗାନ୍ଧିଜୀଙ୍କ ଆକର୍ଷଣ ଥିଲା ତୀବ୍ର; ଓ ସେମାନେ ମଧ ଗାନ୍ଧିଜୀଙ୍କ ପ୍ରତି ତୀବ୍ର ଭାବରେ ଆକର୍ଷିତ ହୋଇଥିଲେ । ଏହା ଏକ ଉଦାହରଣ ହେଉଛି ନୂଆଖାଲି ଗସ୍ତ ସମୟରେ ଘଟିଥିବା ଏକ ଘଟଣା । ଯାହାର ବର୍ଣ୍ଣନା ଗାନ୍ଧିଜୀଙ୍କର ସଚିବ, ଭାଷା, ସହଯୋଗୀ (interpreater) ଏନ୍.କେ. ବୋଷ ସ୍ୱ ଅନୁଭୂତିରୁ ବର୍ଣ୍ଣନା କରି ଅଛନ୍ତି । ଯଥା- "ସେଦିନ ଭୋର ୩.୨୦ ମିନିଟ୍ ସମୟରେ ଗାନ୍ଧିଜୀ ଶୁଶିଳା ନାୟାରଙ୍କ ଉଚ୍ଚବାଚ କରୁଥିବା ଶୁଣିବାକୁ ପାଇଲି । ପାର୍ଥନା ସରିବା ପରେ ଏକ ଅସ୍ୱାଭାବିକ କ୍ରନ୍ଦନ ରୋଳ ଶୁଣିବାକୁ ମିଳିଲା ଏବଂ ତାହାଥିଲା ଗାନ୍ଧିଜୀଙ୍କର । ହଠାତ୍ କେହି ଜଣେ କାହାକୁ ଚପୋଟାଘାତ କରୁଥିବାର ଶୁଣିଲି । ଏହାପରେ ଅଧିକ ଭାବରେ କାନ୍ଦ ମଧ୍ୟ ଶୁଭିଲା । ଭିତରକୁ ପଶି ଯାଇ ଦେଖିଲି ଗାନ୍ଧିଜୀ ତାଙ୍କ ବିଛଣାରେ ବସିଛନ୍ତି ତାଙ୍କ ଆଖିରୁ ଧାର ଧାର ଲୁହ ବହିଯାଉଛି । ଏପରି ଘଟଣା ଥରେ ନୁହେଁ ବହୁବାର ଘଟୁଥିବା ଆମେ ଲକ୍ଷ୍ୟ କରୁ ।" (studies in Gandhism, N.K. Bose P-109 ଦ୍ରଷ୍ଟବ୍ୟ) । ଗାନ୍ଧିଜୀଙ୍କର ଏହି ବ୍ରହ୍ମଚର୍ଯ୍ୟ ପରୀକ୍ଷାରେ ପରସ୍ପର ପ୍ରତି ପରସ୍ପରର ଆକର୍ଷଣ ଓ ଆବେଗର ଭାରସାମ୍ୟ ହୀନତା ଓ ଆବଶ୍ୟକତାର ବିବିଧତା ସେମାନଙ୍କର ସଂପର୍କକୁ ତିକ୍ତ ମଧୁର କରୁଥିବା ଉପରୋକ୍ତ ଘଟଣାଟି ସୁଚିତ କରେ ।

Digitized by PPRACHIN, SOA

ଗାନ୍ଧିଜୀ ସଂବେଦନା ଜୁଡ୍‌ବୁଡ୍‌ରୁ ଜଣେ ଆବେଗମଥିତ ବ୍ୟକ୍ତି ଥିଲେ ଏହାର ଅନ୍ୟ ଏକ ଉଦାହରଣ ୧୯୪୬ ମସିହାର ଏକ ଘଟଣା । ୧୯୪୬ ଡିସେମ୍ବର ୨୦ ତାରିଖରୁ ମନୁ ସହ ଗାନ୍ଧିଜୀ ଉଲଗ୍ନ ଶୟନ ଆରମ୍ଭ କରିଥାନ୍ତି । ଏହି ସମୟରେ ତାଙ୍କୁ ନୂଆଖାଲି ଦଂଗା-ଗ୍ରସ୍ତ ଅଂଚଳ ଗସ୍ତ କରିବାକୁ ପଡ଼ିଲା । ହଠାତ୍ ତାଙ୍କର ଧାରଣା ହେଲା ଯେ ମୁସଲମାନ ମାନେ ତାଙ୍କୁ ମାରିଦେଇ ପାରନ୍ତି । କେବଳ ତାଙ୍କୁ ନୁହେଁ ମନୁକୁ ମଧ୍ୟ । ୧୭ ବର୍ଷୀୟା ମନୁଂକୁ ସେଦିନ ଜାତିର ପିତା ଭାବ ବିହ୍ୱଳ ହୋଇ କହିଥିଲେ ଆମେ ଉଭୟଙ୍କୁ ମୁସଲମାନ ମାନେ ଯେ କୌଣସି ମୁହୂର୍ତ୍ତରେ ମାରିଦେଇ ପାରନ୍ତି । ତେଣୁ ଶେଷଥର ପାଇଁ ଆମେ ଆମର ପବିତ୍ରତାକୁ ଏକତ୍ର ଶୟନ ମାଧ୍ୟମରେ ନିବିଡ଼ ଭାବରେ ପରଖି ନେବା (ଏସ୍ମ-୧୧୬ ଦ୍ରଷ୍ଟବ୍ୟ)

ଭୁଲ୍ ହେଉ ବା ଠିକ୍ ହେଉ ଗାନ୍ଧିଜୀ ନିଜର ବ୍ରହ୍ମଚର୍ଯ୍ୟ ପରୀକ୍ଷା ଚିଂତାରେ ଅଟଳ ଥିଲେ । କୌଣସି ବିରୋଧ, ନିନ୍ଦା, ଅପବାଦକୁ ସେ ଖାତିର କରୁନଥିଲେ । ଠକର ବାବା, ବିନୋବା, ପଟେଲ କେହି ତାଙ୍କୁ ଏ କ୍ଷେତ୍ରରୁ ନିବୃତ୍ତ କରାଇ ପାରି ନଥିଲେ । ଏପରିକି ଆଭା ଗାନ୍ଧିଙ୍କର ସ୍ୱାମୀ କାନୁ ଯିଏକି ଗାନ୍ଧିଜୀଙ୍କ ଟାଇପିଷ୍ଟ ଥିଲେ ତାଙ୍କର ପ୍ରତିବାଦକୁ ମଧ୍ୟ ସେ ଶୁଣିନଥିଲେ । କାନୁର ସ୍ତ୍ରୀ ଆଭାଙ୍କୁ ଯେତେବେଳେ ୧୬ବର୍ଷ ସେତେବେଳେ ଅର୍ଥାତ୍ ୧୯୪୫ ମସିହାରେ ଗାନ୍ଧିଜୀ ତା ସହ ଏକତ୍ର ଶୟନ ମାଧ୍ୟମରେ ବ୍ରହ୍ମଚର୍ଯ୍ୟ ପରୀକ୍ଷା ଆରମ୍ଭ କଲେ । କାନୁ ଏହାର ପ୍ରତିବାଦ କରି ଗାନ୍ଧିଜୀଙ୍କୁ କହିଥିଲା "ବାପୁ ଆପଣ ଜଣେ ମହାତ୍ମା, ଏ ଧରଣର ପରୀକ୍ଷା ଆପଣଙ୍କୁ ଶୋଭା ପାଉନି । ବାପୁ ସବୁ କଥା ଶୁଣିଥିଲେ କିନ୍ତୁ ଚୁପ୍ ରହିଥିଲେ ।' (Gandhi and his Apostles-Ved Mehata, P-201) ଦ୍ରଷ୍ଟବ୍ୟ । ଗାନ୍ଧିଜୀ ତାଙ୍କର ବ୍ରହ୍ମଚର୍ଯ୍ୟ ପରୀକ୍ଷା ଜିଦ୍ ବା ଦୃଢ଼ତାରେ ବହୁ ଦୂର ପର୍ଯ୍ୟନ୍ତ ଯାଇଥିଲେ । ଏହାର ବର୍ଣ୍ଣନା ୧୯୪୫ ମୁନାଲାଲ ଶାହାଂକୁ ଲିଖିତ ପତ୍ରରୁ ଦେଖିବାକୁ ମିଳେ, ଯଥା- "ମୁଁ କ'ଣ ମୁଁ ଜାଣେ । ମୁଁ ମୋର ଚିନ୍ତାକୁ ତ୍ୟାଗ କରିପାରିବି ନାହିଁ । ମୁଁ ଏକତ୍ର ଶୟନକୁ ସାମୟିକ ବାତିଲ କରିପାରେ; କିନ୍ତୁ ପୁରାପୁରି ବାତିଲ କରିପାରିବ ନାହିଁ । ମୁଁ ଏକତ୍ର ଶୟନ ବଂଦ କରିବା ଅର୍ଥ, ଏହା ମୋର ବ୍ରହ୍ମଚର୍ଯ୍ୟ ପ୍ରତି ଅପମାନ ।" (ରଚନା ସମଗ୍ର-୭୯/୨୧୫ ଦ୍ରଷ୍ଟବ୍ୟ) ନୂଆଖାଲିରେ ହିନ୍ଦୁ ମୁସଲମାନ ଦଂଗା ସମୟରେ ପ୍ରବଳ ମାନସିକ ସଂକଟ ଗ୍ରସ୍ତ ଗାନ୍ଧୀ ତାଙ୍କର ବ୍ରହ୍ମଚର୍ଯ୍ୟ ପରୀକ୍ଷାକୁ ଅଧିକ ବେଗବାନ୍ କରିଥିଲେ । ଇତ୍ୟବସରରେ ସେ ସ୍ୱ ଜିଦ୍‌କୁ ଦୋହରାଇ କହିଥିଲେ "ଯଦି ମୋର ସବୁଠାରୁ ଅନ୍ତରତମ ବ୍ୟକ୍ତିଟି ମୋତେ ଛାଡ଼ି ଚାଲିଥଯାଏ ତଥାପି ମୁଁ ଭୀରୁ ହେବି ନାହିଁ ।" (ରଚନା ସମଗ୍ର ୬୭ / ୧୩ ଦ୍ରଷ୍ଟବ୍ୟ) । ଏପରିକି

Digitized by PPRACHIN, SOA

ଆହୁରି ପାଦେ ଆଗେଇ ଯାଇ ସେ କହିଥିଲେ, "ସମଗ୍ର ପୃଥିବୀ ମୋ ବିରୁଦ୍ଧରେ ଗଲେବି ଯାହା ସତ୍ୟ ତାହା ମୁଁ କରିବି ।" (ଏସ୍ଥ -୮୭/୯୦ ଦ୍ରଷ୍ଟବ୍ୟ) ଅବଶ୍ୟ ଏହି ଅସଂଭବ ଯିଦ୍ ପାଇଁ ତାଙ୍କର ନିକଟତମ ଓ ଗୁଣୀଜନ ମଂଡ଼ଳୀର କେତେକ ବ୍ୟକ୍ତିଙ୍କ ଠାରୁ ଗାନ୍ଧିଜୀଙ୍କୁ ଆତ୍ମ ପ୍ରବଂଚକ, କୁଟ-ତାର୍କୀକ ଗାଳି ଶୁଣିବାକୁ ପଡ଼ିଥିଲା । ରାଜ ଗୋପାଳଚାରୀଙ୍କ ମତରେ ଗାନ୍ଧିଜୀ ଥିଲେ ତାଙ୍କର ଜାଣିବାରେ ସର୍ବାଧିକ ଯୌନ କ୍ଷୁଧିତ ବ୍ୟକ୍ତି ।" (Gandhi & his apostles-ved mehta, P-48 ଦ୍ରଷ୍ଟବ୍ୟ) । ଏସ୍. ଏସ୍. ଗିଲ୍ ତାଙ୍କର "ଗାନ୍ଧୀ ଏକ ମହିମାନ୍ୱୀତ ପରାଜୟ" (Gandhi a bublime failure) ପୁସ୍ତକରେ ଗାନ୍ଧିଜୀଙ୍କର ବ୍ରହ୍ମଚର୍ଯ୍ୟ ପରୀକ୍ଷାକୁ ତାଙ୍କ ଜୀବନର ଏକ କରୁଣ ଅଧ୍ୟାୟ ବୋଲି ଚିତ୍ରିତ କରିଛନ୍ତି (S.F., P.112 ଦ୍ରଷ୍ଟବ୍ୟ) । ଗିଲଂକ ମତରେ ସାଂପ୍ରତିକ ଯୁଗରେ "ବ୍ରହ୍ମଚର୍ଯ୍ୟ ଏକ ଫମ୍ପା ଆଦର୍ଶ ବୋଲି ପ୍ରମାଣିତ ହୋଇ ସାରିଛି ।" (ଏସ୍ଥ-୧୧୨ ଦ୍ରଷ୍ଟବ୍ୟ) । ତଥାପି ଗାନ୍ଧିଜୀଙ୍କ ଭଳି ଏକ ବ୍ୟକ୍ତିତ୍ୱ ଏପରି ଏକ ଆଦର୍ଶ ପଛରେ ଧାଇଁବା ଏବଂ ତାକୁ ଏକ ବିଚିତ୍ର ପରୀକ୍ଷା ମାଧମରେ ପାଇବାକୁ ବ୍ୟାକୁଳ ଥିଲେ ବା କାହିଁକି ? ଗାନ୍ଧିଜୀ ବ୍ରହ୍ମଚର୍ଯ୍ୟ ମାଧମରେ ଭୁଲ୍‌ରେ ହେଉ ବା ଠିକ୍‌ରେ ହେଉ ମୋକ୍ଷ ଆକାଂକ୍ଷୀ ଥିଲେ ନା ବ୍ରହ୍ମଚର୍ଯ୍ୟ ମାଧ୍ୟମରେ ନାରୀ ସଂଗ ପ୍ରାପ୍ତିର ସୁଖାନଂଦ ପାଉଥିଲେ ? ବେଳେବେଳେ ମନେ ହୁଏ ଗାନ୍ଧିଜୀଙ୍କ କ୍ଷେତ୍ରରେ ଉଭୟଟା ସତ୍ୟ ହୋଇପାରେ । ଅର୍ଥାତ୍ ଗାନ୍ଧିଜୀ ଏକାଧାରାରେ ଆଦର୍ଶ ଶୀକାର ହେଉଥିଲେ ଓ ନିଜ ଭିତରର ଇଚ୍ଛା ବା desire କୁ ଗୁରୁତ୍ୱ ଦେଉଥିଲେ । ଗାନ୍ଧିଜୀଙ୍କ ଜୀବନ ନାରୀ ସଖ୍ୟ ବୈଚିତ୍ର୍ୟ ବିମଣ୍ଡିତ ଥିଲା ଏଥିରେ ସନ୍ଦେହ ନାହିଁ । ସରଳା ଦେବୀଙ୍କ ଭଳି ଅପୂର୍ବ-ସୁନ୍ଦରୀ ନାରୀଙ୍କର ପ୍ରତି ଆକର୍ଷଣ ଠାରୁ ଆରମ୍ଭ କରି ଶୁଶିଳା, ଆଭା, ମନୁ, ମିରା ଇତ୍ୟାଦି ତାଙ୍କ ଠାରୁ ଯଥେଷ୍ଟ କମ୍ ବୟସର ମହିଳାମାନଙ୍କର ସଖ୍ୟ ଗାନ୍ଧିଜୀଙ୍କର ଏକାକୀତ୍ୱ ଜୀବନର ଖେଦକୁ ଦୂର କରିବାରେ ସାହାଯ୍ୟ କରିଥିବ । ଏମାନଙ୍କ ସହିତ ଦୈହୀକ ମିଳନ-ରହିତ ସଂପର୍କ ଗାନ୍ଧିଜୀଙ୍କ ପାଇଁ ପ୍ରେମ ଓ ଭଲ ପାଇବାର ଆବେଗରେ ମଥିତ ହୋଇଥିବ ଏଥିରେ ସନ୍ଦେହ ନାହିଁ । ସମ୍ଭବତଃ ନୂଆଖାଲିର ପ୍ରଭାତର ଲୁହ (ଗାନ୍ଧି ଓ ଶିଶୁଳାଂକ ଆଖିରେ) ଏହାର ଶ୍ରେଷ୍ଠ ନମୂନା । ଜେନୀଙ୍କ ଦୀର୍ଘକାଳୀନ ଅନୁପସ୍ଥିତିରେ ମାର୍କସଙ୍କର ତାଙ୍କ ପରିଚାରିକା ପ୍ରତି ଅନୁରାଗ, ରବୀନ୍ଦ୍ର ନାଥଙ୍କର ଭିକ୍ଟୋରିଆ ଓକାଂପୋ ପ୍ରେମ ପାଗଳାମୀ, ଗାନ୍ଧିଜୀଙ୍କ ଆଭା, ମନୁ ଶୁଶୀଳାଂକ ପ୍ରତି ଆକର୍ଷଣ ଭିତରେ ଫରକଟା ବେଶୀ ନୁହେଁ । ସବୁଠି ଯୌନ ନୀପିଡ଼ନକୁ ଅତିକ୍ରମ କରିବାର ଅଦମ୍ୟ ପିପାସା । ସବୁଠି ମାନବୀୟ ସବଳତା ଓ ଦୁର୍ବଳତାର ସଂବେଦଶୀଳ ପରିପ୍ରକାଶ । ପଦ୍ଧତି ଉପାୟ କିନ୍ତୁ ଭିନ୍ନ ଭିନ୍ନ ।

Digitized by PPRACHIN, SOA

ଗାନ୍ଧିଜୀ ନାରୀ ନିଗ୍ରହ ନୁହଁ, ନାରୀ-ଆଗ୍ରହ ମାଧ୍ୟମରେ ଯୌନ ନିପୀଡ଼ନକୁ ଅତିକ୍ରମ କରିବାକୁ ଚାହୁଁଥିଲେ । କିନ୍ତୁ ମାର୍କସ ଓ ରବୀନ୍ଦ୍ରନାଥଙ୍କ ଠାରୁ ତାଙ୍କର ଫରକ ଏତିକି ଥିଲା ଯେ ସେ ଯୌନ ସଂଗମର ବିରୋଧୀ ଥିଲେ । ଏହା ହୋଇପାରେ ତାଙ୍କ ଭିତରର ଫ୍ରେୟେଡୀୟ ଅହମ୍ (super igo), ଯାହା ତାଙ୍କୁ ସିଧାସଳଖ କଷ୍ଟ ଦେଉଥିଲା ସତ କିନ୍ତୁ ଓଲଟ ଆନନ୍ଦରେ ଭରି ଦେଉଥିଲା ତାଙ୍କର ମନକୁ । ଗାନ୍ଧିଜୀଙ୍କ ଭିତରେ ନୈତିକତା ନିପୀଡନ ଥିଲା । ସେଥିପାଇଁ ସେ ମୁକ୍ତ ଯୌନ-ପ୍ରେମ ବଦଳରେ ବ୍ରହ୍ମଚର୍ଯ୍ୟକୁ ଶ୍ରେୟ ମଣିଲେ ଓ ସେ ଦ୍ୱଂଦ୍ୱ ଓ ସ୍ୱବିରୋଧର ଶିକାର ହେଲେ । ଅନ୍ୟ ଏକ ଦିଗରୁ ବିଚାର କଲେ ଗାନ୍ଧିଜୀଙ୍କ ବ୍ରହ୍ମଚର୍ଯ ଥିଲା ଏକ ସୃଜନଶୀଳ ମଣିଷର ଖୁଜୁବୁଜିଆ ମନର ପରିପ୍ରକାଶ; ଯାହା ଅସ୍ୱଭାବିକ ହେଲେ ମଧ୍ୟ ଏକ ନିଆରା ଓ ବିରଳ ପରୀକ୍ଷଣ । ଗାନ୍ଦିଜୀଙ୍କ ଉପରୋକ୍ତ ପରୀକ୍ଷଣ ନା ଥିଲା ବିକୃତି ନା ସଂସ୍କୃତି । ନୈତିକତାର ଚଷମା ପିନ୍ଧି (ନିପୀଡ଼ନ ଧର୍ମୀ) ଗାନ୍ଧିଜୀଙ୍କର ଉପରୋକ୍ତ କାର୍ଯ୍ୟକୁ ବିଚାର କରାଯାଇପାରେନା । ମନବିଜ୍ଞାନୀ ଲାକାଁଙ୍କ ମତରେ ନିଜର ଇଚ୍ଛା ବା desire କୁ ଚିହ୍ନିଲେ ଓ ତା'ର ପୁରଣ ଘଟାଇ ପାରିଲେ ମଣିଷ ନିଜକୁ ନିପୀଡନ ମୁକ୍ତ ଓ ଆନନ୍ଦ ମୁଖର କରି ଗଢ଼ି ତୋଳିପାରିବ । ଗାନ୍ଧିଜୀଙ୍କୁ ବ୍ରହ୍ମଚର୍ଯ ପରୀକ୍ଷା ସ୍ୱ ଇଚ୍ଛାପୂର୍ତ୍ତି ମାଧମରେ ଆନନ୍ଦ ପ୍ରାପ୍ତି ମାଧ୍ୟମ ଥିଲା କହିବା ବାହୁଲ୍ୟ ।

□□

Digitized by PPRACHIN, SOA

ଲେଖକ ଆଗରେ ଆହ୍ୱାନ

ସମାଜରେ ସୂକ୍ଷ୍ମ ମାନବୀୟ-ବୋଧର ଦ୍ରୁତ ଅବକ୍ଷୟ ଯୁଗରେ ଲେଖକ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଲା ସେ ତା'ର ମାନସ ସଂତାନ-କଳ୍ପନାର ଫସଲକୁ ବଜାରୀ ସଂକ୍ରମଣ ଠାରୁ ଦୂରେଇ ରଖିବ । ଅନୁଭୂତିର ଅନନ୍ୟ ଶବଦ-ଧ୍ୱନି, ରଂଗ-ରସ, ରେଖା-ଚିତ୍ରକୁ ବିନିମୟ ମୂଲ୍ୟର ଅଧିନସ୍ଥ କରାଇବନି । କ୍ୟାରିୟର ଗଠନ ପ୍ରୟାସରେ ଲେଖକ ପାଟ, ଯଥା, କୁଂଡ଼ଳ, ପ୍ରଚାର, ପୁରସ୍କାର ପ୍ରତି ଦୁର୍ବଳଦାର ଶିକାର ହେବନି । ଲେଖକ ସମ୍ମୁଖରେ ଏହା ଏକ ବିରାଟ ଚାଲେଂଜ ଯେ ସେ ବିବାକାନୁମୋଦିତ ଭାବରେ ବଂଚିବ ଓ ବିବେକାନୁମୋଦିତ ଭାବରେ ତା'ର ଲେଖକୀୟ ଜୀବନକୁ ପରିଚାଳିତ କରିବ । କୌଣସି ତଥାକଥିତ ଆଦର୍ଶ ଅନୁସାରୀ ନହୋଇ ନିଜସ୍ୱ ଆଦର୍ଶ (ଯାହା ସାମାଜିକ ଆଦର୍ଶର ଅନୁରୂପ) ଓ ଚିନ୍ତା ଭାବନା (ଯାହା ବିଜ୍ଞାନ ସମ୍ମତ) ର ବିକାଶ ଘଟାଇବ । ଅପରଂତୁ ସେ କୌଣସି ଅନୁଷ୍ଠାନିକ ଚିନ୍ତା ବଳୟ ପାଖରେ ମୁଂଡ଼ ନୁଆଁଇବନି; ଏବଂ ମୁକ୍ତ ଗତିଶୀଳ ଚୈତନ୍ୟର ପ୍ରତିଭୂ ଭାବରେ ଗତିଶୀଳତାର ଛନ୍ଦ ତୋଳି ଦ୍ୱିତୀୟ ପକ୍ଷୀର ଭୂମିକାଟି ପାଳନ କରିବ ।

ଲେଖକ କାହାର ମାଲିକ ନୁହଁନ୍ତି କି ତା'ର କୌଣସି ମାଲିକ ନାହାନ୍ତି । ସେ କାହା ପାଖରେ ମୁଣ୍ଡ ନୁଆଁଏନା ଓ ତା ପାଖରେ ସେ କାହାକୁ ମୁଂଡ ନୁଆଁଇବାକୁ ଦିଏନା । ରାଜା-ପ୍ରଜା, ପୁରୁଷ-ନାରୀ, ସବର୍ଣ୍ଣ-ଅସବର୍ଣ୍ଣ, କଳା-ଗୋରା, ହିନ୍ଦୁ-ମୁସଲମାନ, ଧନୀ ଗରୀବ, ପୁରୁଷ-ନାରୀ-ଲିଂଗ ଭେଦ, ବର୍ଣ୍ଣ ଭେଦ, ଧର୍ମଭେଦ, ରଂଗ ଭେଦ, ଶ୍ରେଣୀ ଭେଦ ଇତ୍ୟାଦି ଉର୍ଦ୍ଧ୍ୱରେ ସେ ।

ଅଧୁନା ବିଶ୍ୱ ସାହିତ୍ୟରେ ସଂବେଦନାର ପୁରୁଣା ଭାଷା ଅଚଳ ହୋଇଗଲାଣି । ଅଥଚ ଓଡ଼ିଆ ସାହିତ୍ୟରେ ଆଇମା ଅମଳର ସେଇ ପୁରୁଣା ଘସରା ରେକର୍ଡଟି ବାଜିବାରେ ଲାଗିଛି । ନୂତନ ପରୀକ୍ଷା-ନିରୀକ୍ଷା ବିବର୍ଜିତ ଓଡ଼ିଆ ସାହିତ୍ୟରେ ମଣିଷ ଓ ପ୍ରକୃତିକୁ

Digitized by PPRACHIN, SOA

ଭଲପାଇବାର କଥା ବାରମ୍ବାର ଫେଣେଇ ଫେଣଇ କୁହାଯାଉଛି । 'ମାନିଷାଦ ଶାଶ୍ୱତୀ-ସମା'ର ସେଇ ଚର୍ବିତ ଚର୍ବଣ ଉଚ୍ଚାରଣ । ସତରେ ଅହସ୍ୟ ଏଇ ତଥାକଥିତ ଭଲପାଇବାର ଜ୍ୱାଳା । ଏବେ ସାହିତ୍ୟରେ ଚିରାଚରିତ ଢ଼ଂଗରେ ପ୍ରକୃତିର ଆରାଧନା ଓ ମଣିଷକୁ ତଥାକଥିତ ଭାବରେ ଭଲ ପାଇବାର ଯୁଗର ଅଂତ ଘଟିଛି । ଏବଂ ସଂବେଦନା (Passion)ର ସୂତ୍ର ଭିନ୍ନ ହୋଇଛି । ଆରିଷ୍ଟଟଲୀୟ ଢ଼ଂଗରେ ସାହିତ୍ୟ ସୃଷ୍ଟି ପାଇଁ ଆବେଗର ରୋମାଂଥନ, ରେଚନ ପ୍ରକ୍ରିୟା (କାଥାରସିସ୍) ବା ନୈତିକ କଷ୍ଟ (ହାମାରତିଆ)ର ପ୍ରୟୋଗ ଆବଶ୍ୟକ ପଡୁନି । ବର୍ତ୍ତମାନ ସାହିତ୍ୟର ଲକ୍ଷ୍ୟ ସମାଜ ପରିବର୍ତ୍ତନ ପାଇଁ ସଚେତନତା ସୃଷ୍ଟି କରିବା । ଏଥିପାଇଁ ବର୍ତ୍ତମାନ ସାହିତ୍ୟର ଉଦ୍ଦେଶ୍ୟ ହେବ 'ଭେର୍ ଫେର ମୁଂଡ଼୍ ଜେସେଫେକ୍ଟ ବା Alienation effect; ଯାହା ବିଚ୍ଛିନ୍ନତାର ବୋଧନ ସୃଷ୍ଟି ପାଇଁ ବ୍ରେଖ୍‌ଟୀୟ ପଦ୍ଧତି । ଏବେ ପାଠକ ସମସ୍ୟାଠାରୁ ଛୁ ମାରିବାରେ ଓସ୍ତାଦ୍ । ତେଣୁ ବୌଦ୍ଧିକ ବିପାକ ବା ବିଚ୍ଛିନ୍ନତାର ବୋଧନ ମାଧ୍ୟମରେ ପାଠକ ବା ଦର୍ଶକ ମନରେ ବଳକା ବିଚ୍ଛିନ୍ନତା, ପ୍ରଶ୍ନ-ପ୍ରଯତ୍ନ ସୃଷ୍ଟି କରିଆରେ ତାକୁ ସମସ୍ୟାର ସ୍ନାୟୁକେନ୍ଦ୍ର ଦିଗରେ ଆକୃଷ୍ଟ କରାଯିବା ଆବଶ୍ୟକ । ବର୍ତ୍ତମାନ ଲେଖକ ବୌଦ୍ଧିକ ବିପ୍ଳବ ଯୁଗରେ ଅବତୀର୍ଣ୍ଣ । ସାହିତ୍ୟ ବର୍ତ୍ତମାନ ଆବେଗର ଭାଷା ମେଘ ନୁହେଁ; ଚେତନାର ବଜ୍ର କଣିକା ସଦୃଶ । ସାଂପ୍ରତିକ କାଳର ଲେଖକ ଆଗରେ ଆହ୍ୱାନ ହେଲା ସେ ପଳାୟନ ପଂଥୀ ପାଠକ, ଦର୍ଶକକୁ ପ୍ରଳୟପଂଥୀ ବିପ୍ଳବୀ ବ୍ୟକ୍ତିସତ୍ତାରେ ରୂପାନ୍ତରିତ କରିବ । ଏଥିପାଇଁ ସେ ସଂବେଦନଶୀଳତାର ଏକ ନୂତନ ହନନକାରୀ ଭାଷା (Annihilative language) ଆବିଷ୍କାର କରିବ ।

ଆମ ଭାଷାର ସାହିତ୍ୟିକମାନେ ତାହା ହିଁ କରନ୍ତୁ । ତାହା ସେମାନଙ୍କୁ କରିବାରେ ହେବ । ଲକ୍ଷଣୀୟ ଯେ ଆଜିର ଓଡ଼ିଆ ସାହିତ୍ୟରେ ଏକ ପ୍ରେରଣାଦାୟୀ ନୂତନ ଆଂଗିକର ଘୋରତର ଅଭାବ । ସାରଳା, ଜଗନ୍ନାଥ, ଫକୀରମୋହନ, ଗୋପୀନାଥ, ସଚ୍ଚିଦାନନ୍ଦଙ୍କ ଭଳି ଲେଖକମାନେ ଯେଉଁ ଯୁଗାଶ୍ରୟୀ କାବ୍ୟ ଆଙ୍ଗିକର ଆବିଷ୍କାର କରିଯାଇଛନ୍ତି ତା'ର ତୁଳନାରେ ଏବର ସାହିତ୍ୟିକମାନେ ଯୁଗୀୟ ଆବଶ୍ୟକତାକୁ ପୂରଣକଲାଭଳି ତଦନୁରୂପ କାବ୍ୟ ଆଙ୍ଗିକ ଆବିଷ୍କାର କରିବାରେ ବ୍ୟର୍ଥ । ଅନେକ ସମୟରେ ବ୍ୟକ୍ତି କୈନ୍ଦ୍ରିକତା, ଆଧିଭୌତିକତା ଓ ତଥା କଥିତ ବୌଦ୍ଧିକତାର ହଜବରଲହିଁ ଆଜିର ଓଡ଼ିଆ ସାହିତ୍ୟ । ସାଂପ୍ରତିକ କାଳର ଓଡ଼ିଆ ସାହିତ୍ୟ ସାମାଜିକ ପ୍ରୟୋଜନ-ବୋଧର ନୂତନ କ୍ରାଂତିକାରୀ ଭାଷା ଶବ୍ଦକୁ ଆପଣେଇ ନେଇ ପାରୁନାହିଁ । ଲୁହ ଆଉ ନିଆଁକୁ ଏକଜୁଟ କଲାଭଳି ସ୍ରଷ୍ଟା ବା ସୃଷ୍ଟି କ୍ୱଚିତ ଦେଖିବାକୁ ମିଳୁଛି । ସବୁଠାରୁ ଦୁଃଖର ବିଷୟ ହେଲା ନୂତନ

Digitized by PPRACHIN, SOA

ପିଢ଼ୀର ଲେଖକମାନେ ପୁଚ୍ଛଧାରୀ ଅଗ୍ରଜମାନଙ୍କ ପଶ୍ଚାତଧାବନ କରୁଛନ୍ତି । ସଂପୂର୍ଣ୍ଣ ଅଂଗୀକାର-ବିହୀନ ଭାବରେ ସେମାନେ ସାମାଜିକ ଦୃଷ୍ଟିରୁ ଅନାବଶ୍ୟକ ବିଷୟ ମାନଙ୍କୁ ନେଇ ବେଶ୍‌କିଛି ସାହିତ୍ୟ ସୃଷ୍ଟି କରି ଚାଲିଛନ୍ତି । ଫଳତଃ ବିଚ୍ଛିନ୍ନ କାବ୍ୟ ଭାଷା, କାବ୍ୟ ଆଙ୍ଗିକାର ପ୍ରସାର ଘଟୁଛି । ଅଥଚ ଯୁଗ ଓ କାଳର ଆବଶ୍ୟକତାକୁ ପୂରଣ କଲାଭଳି ସେମାନେ ସାମାଜିକ ଭାବରେ ପ୍ରୟୋଜନୀୟ ଆଂଗିକ (Socially necessary form)ଟିଏ ଖୋଜି ପାଉ ନାହାନ୍ତି । ପାଇ ମଧ୍ୟ ପାରିବେ ନାହିଁ । ଯେ ପର୍ଯ୍ୟନ୍ତ ସେମାନେ ଓଡ଼ିଶାର ସବୁକ୍ଷେତ୍ରକୁ ବ୍ୟାପୀ ଯାଇଥିବା (ରାଜନୀତି, ପ୍ରଶାସନ, ଲେଖନ, ଶିକ୍ଷଣ, ଇତ୍ୟାଦି) ମେରୁଦଣ୍ଡହୀନ ଦୁର୍ବଳ ନବ୍ୟ ଧନୀକ ଶ୍ରେଣୀର ନେତୃତ୍ୱକୁ ଚାଲେଂଜ ନକରିଛନ୍ତି ।

ଗୋଟାଏ ଦୁର୍ବଳ ଭାଷା ଓ ଜାତିର ଦୁର୍ବଳତାକୁ କେତେଦିନ ବା ଆମେ ସହ୍ୟ କରିବା । କେତେଦିନ ଆମେ ମାନସିକ ଦାରିଦ୍ର୍ୟ-ଭୋଗର ସଂତୋଷକୁ ଏ ଜାତି ପାଇଁ ବରଦାନ ସ୍ୱରୂପ ଭାବି ଆତ୍ମସଂତୋଷ ଲାଭ କରୁଥିବା ? ନିଜେ ଗୋଡ଼ାଣିଆ ବୋଲି ଅନ୍ୟମାନ୍ୟଙ୍କୁ ନିଜର ଗୋଡ଼ାଣିଆ ବନାଉଥିବା ? ନିଜେ ଅଧ୍ୟବସାୟୀ ନୁହଁ ବୋଲି ଅନ୍ୟମାନଙ୍କୁ ଅନଧ୍ୟବସାୟୀ କରି ରଖୁଥିବା ? ସତ କହିବାକୁ ଗଲେ କେବେ ଆମେ ଆମର ମେଡ଼ିଓ୍ୱକର ସ୍ୱଭାବକୁ ପରିହାର କରିବା ? କେବେ ଆମେ ଆମର ଉପନିବେଶବାଦୀ ମାନସିକତାକୁ ବର୍ଜନ କରିବା ?

ନିଜ ପାଇଁ ନିଜର ଭାଷା ଓ ଜାତିପାଇଁ ସବୁଠାରୁ ବଡ଼ କଥା ହେଲା ସାହିତ୍ୟରେ ଆମେ କେବେ ସମଗ୍ର ବିଶ୍ୱରେ ୧ ଭାଗଙ୍କ ଦ୍ୱାରା ନିଗୃହୀତ ୯୯ଭାଗ ମଣିଷର ସ୍ୱର ଶୁଣାଇ ପାରିବା ? ସାହିତ୍ୟିକ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଲା କିଭଳି ଆମେ ସତ୍ୟକୁ ସୌନ୍ଦର୍ଯ୍ୟରେ ରୂପାନ୍ତରିତ କରିବା ।

❑❑

Digitized by PPRACHIN, SOA

ସତ୍ୟର ପ୍ରତିଷ୍ଠା କ୍ଷେତ୍ରରେ : ଗାଲିଲିଓ ଓ ସକ୍ରେଟିସ୍

ସତ୍ୟର ପ୍ରତିଷ୍ଠା ପାଇଁ ଜୀବନ ଦେବା ଠିକ୍ ନା ସତ୍ୟର ପ୍ରତିଷ୍ଠା ପାଇଁ ଅନ୍ତକ୍ଷଣ ସକାଶେ ମିଥ୍ୟାର ଆଶ୍ରୟ ନେଇ ବଂଚି ରହିବାଟା ଠିକ୍; ନାଁ ଉଭୟଟା ଠିକ୍ ? ଏହି ପ୍ରଶ୍ନର ଉତ୍ତର ପାଇବା ପାଇଁ ଆମକୁ ବିଶ୍ୱ ବିଖ୍ୟାତ ଦୁଇ ମନିଷୀଂକ ପାଖକୁ ଯିବାକୁ ହେବ; ସେ ଦୁଇ ମନିଷୀ ହେଲେ ଗାଲିଲିଓ ଓ ସକ୍ରେଟିସ୍ ।

ସତ୍ୟର ସାମୟିକ ଆତ୍ମ ପ୍ରକାଶ ସତ୍ତ୍ୱେ ପୃଥିବୀରେ ସଚରାଚର ମିଥ୍ୟାର ରାଜୁତି ଚାଲିଥାଏ । ଏପରିକି ଗଣତନ୍ତ୍ରର ଆଢୁଆଳରେ ମିଥ୍ୟା ମୁଣ୍ଡ ଟେକି ଉଠେ । ଏହା ଅତୀତରେ ଯେମିତି ଦେଖିବାକୁ ମିଳୁଥିଲା, ଆଜିବି ସେମିତି ଦେଖିବାକୁ ମିଳୁଛି । ଗଣତନ୍ତ୍ର ଆରମ୍ଭ ଯୁଗରେ ଏଥେନ୍‌ସର ରାଜଦାଣ୍ଡରେ ଜିଜ୍ଞାସୁ ମାନଙ୍କ ସହ ବାର୍ତ୍ତାଳାପ କରୁଥିଲେ ସକ୍ରେଟିସ୍ । ଅସୀମ ଜ୍ଞାନ ପିପାସୁ ସେଇ କଦାକାର ମଣିଷଟି ପ୍ରତି ଆକର୍ଷିତ ହୋଇଥିଲେ ନବଯୁବକ ମାନେ । ଜ୍ଞାନଚର୍ଚ୍ଚା କ୍ଷେତ୍ରରେ ମୌଖିକ ପରଂପରା ଥିଲା ସକ୍ରେଟିସ୍‌ଙ୍କର ଜ୍ଞାନଚର୍ଚ୍ଚାର ନିଆରା ମାଧ୍ୟମ । ସେଥିପାଇଁ ନିଜ ଅଭିଜ୍ଞତାର ଜ୍ଞାନକୁ କୌଣସିଠାରେ ଲିପିବଦ୍ଧ କରିନଥିଲେ ସେ । ଅଧିକିଂତୁ ସକ୍ରେଟିସ୍ ଜ୍ଞାନଚର୍ଚ୍ଚା ପାଇଁ କାହାରିଠାରୁ ପଇସାଟିଏ ବି ନେଉ ନଥିଲେ । ସକ୍ରେଟିସ୍ ମନେକରୁଥିଲେ ପଇସା ନେଇ ଜ୍ଞାନ ଦେବା ଜ୍ଞାନଚର୍ଚ୍ଚାକୁ ଏକ ବ୍ୟବସାୟରେ ପରିଣତ କରେ । ଏତଦ୍ ଦ୍ୱାରା ତଂଡୁଳ ଜିବୀ ଗୁରୁ ଜ୍ଞାନନ୍ୱେଷୀ ନହୋଇ ଅର୍ଥପିପାସୁ ହୋଇ ଉଠେ । ସକ୍ରେଟିସ୍ ଜ୍ଞାନକୁ ବ୍ୟକ୍ତିଗତ ମୁନାଫାରେ ଲଗାଇବାର ବିରୋଧୀ ଥିଲେ । ଏପରିକି ଜ୍ଞାନକୁ ନେଇ ଯଶ ଅର୍ଜନର ପ୍ରୟାସକୁ ସେ କ୍ଷୁଦ୍ରତା ବୋଲି ମନେ କରୁଥିଲେ । ସକ୍ରେଟିସ୍‌ଙ୍କ ଜ୍ଞାନ ଥିଲା ବିଶୁଦ୍ଧ ଓ ନିର୍ଭେଜାଲ । "Knowledge is virtue" କଥାଟି ସକ୍ରେଟିସ୍‌ଂକ ଅମଳରୁ ପ୍ରଚଳିତ । କଳାତ୍ମକ ଜ୍ଞାନରେ ଅନୁକରଣ ପ୍ରବଣତା (ମ୍ୟାମିସିସ) ଥିବା ହେତୁ ସେ ଏହି ଜ୍ଞାନକୁ ମାନବ ହୃଦୟ ପାଇଁ ହାନିକାରକ ମନେ କରୁଥିଲେ । ମୋଟାମୋଟି

Digitized by PPRACHIN, SOA

ଭାବରେ ସକ୍ରେଟିସ୍‌ଂକ ଜ୍ଞାନ ବାସ୍ତବତା ନୈତିକତାର ଅମୃତ ଧାରା ହୋଇଥିବା ହେତୁ ଏହି ଜ୍ଞାନ କ୍ଷମତାବାନ୍ ମଣିଷଂକ ବିରୁଦ୍ଧରେ ପ୍ରେରିତ ଥିଲା ଓ କ୍ଷମତା ଲିପ୍‌ସୁ ପ୍ରତିକ୍ରୀୟାଶୀଳ ବର୍ଗର ଲୋକମାନେ ପ୍ରମାଦ ଗଣୁଥିଲେ । ପରେ ସୁଯୋଗ ଢଂଢ଼ି ସେମାନେ ସକ୍ରେଟିସ୍‌ଂକ ବିରୁଦ୍ଧରେ ଅଭିଯୋଗ ଆଣିଥିଲେ ଯେ ସକ୍ରେଟିସ୍ ଗଣତନ୍ତ୍ରର ବିରୋଧୀ ଓ ସେ ଯୁବ ସମାଜକୁ ବିପଥଗାମୀ କରୁଛନ୍ତି । ଏପରିକି ସକ୍ରେଟିସ୍ ଜ୍ଞାନଦାନ ପାଇଁ ପଇସା ନେଉଥିବା କଥା ମଧ୍ୟ ସେମାନେ କହିଲେ । ଏହାର ଉତ୍ତରରେ ସକ୍ରେଟିସ୍ ନିଜର ଦାରିଦ୍ର୍ୟ ପ୍ରତି ଦୃଷ୍ଟି ଆକର୍ଷଣ କରି କହିଥିଲେ ସେ ଯଦି ଅର୍ଥଲିପ୍‌ସୁ ଗୁରୁ ହୋଇଥାନ୍ତେ ତାହେଲେ ତାଙ୍କୁ ଏ ଦୁର୍ଦ୍ଦିନକୁ ସାମ୍ନା କରିବାକୁ ପଡୁନଥାଆନ୍ତା । ସକ୍ରେଟିସ୍ ନିଜ ଉପରେ ଆସିଥିବା ସମସ୍ତ ଅଭିଯୋଗକୁ ଖଂଡନ କରିବା ସତ୍ତ୍ୱେ ବ୍ୟବସ୍ଥାର ଦାସ ବିଚାରକମାନେ ସକ୍ରେଟିସ୍‌ଙ୍କୁ ମୃତ୍ୟୁ ଦଣ୍ଡରେ ଦଂଡିତ କଲେ । କ୍ଷମା ଭିକ୍ଷାକରିଥିଲେ ସେ ମୃତ୍ୟୁ ଦଣ୍ଡରୁ ରକ୍ଷାପାଇ ପାରିଥାନ୍ତେ । କିନ୍ତୁ ସେ ତାହା କଲେ ନାହିଁ । ଏପରିକି ସକ୍ରେଟିସ୍‌ଙ୍କ ଶିଷ୍ୟମାନେ କାରାରକ୍ଷକକୁ ଲାଂଚ ଦେଇ ସକ୍ରେଟିସ୍‌ଙ୍କୁ ମୁକୁଳାଇ ନେବାର ଯୋଜନା କରିଥିଲେ ସେ କିନ୍ତୁ ସେଥିରେ ରାଜି ହେଲେ ନାହିଁ । ସକ୍ରେଟିସ୍‌ଂକର ଶେଷ ବାକ୍ୟ ଥିଲା ସତ୍ୟ ପାଇଁ ମରିବା ବରଂ ଭଲ କିନ୍ତୁ ମିଥ୍ୟାର ଆଶ୍ରୟ ନେଇ ବଂଚି ରହିବା ବିବେକ ବିରୋଧୀ । ଏଥିରେ ସତ୍ୟର ପରାଜୟ ଓ ମୃତ୍ୟୁ ଘଟେ ବୋଲି ସକ୍ରେଟିସ୍ ମନେ କରିଥିଲେ ।

ସଂଭବତଃ ଏଇଥିପାଇଁ ସକ୍ରେଟିସ୍ ଜଣେ ବିଶ୍ୱବଂଦୀତ ବିଦ୍ୱାନ ଭାବରେ ପୂଜିତ ହେଲେ ।

ଏବେ ଆସିବା ଗାଲିଲିଓଙ୍କ ନିକଟକୁ । ସକ୍ରେଟିସ୍ ଯେମିତି ନୂତନ ସତ୍ୟର ସଂଧାନ କରୁଥିଲେ, ଗାଲିଲିଓ ମଧ୍ୟ ସେହିପରି ନୂତନ ସତ୍ୟର ସନ୍ଧାନ କରୁଥିଲେ । ଗାଲିଲିଓ ଆଜି ଆମକୁ ଈଶ୍ୱର କେନ୍ଦ୍ରିକ ଜଗତରୁ ବ୍ରହ୍ମାଣ୍ଡ କେନ୍ଦ୍ରୀକ ଜଗତ ନିକଟକୁ ନେଇ ଯାଇଛନ୍ତି । ଗାଲିଲିଓ ନଥିଲେ ଆଜିବି ସୂର୍ଯ୍ୟ ପୃଥିବୀ ଚାରିପଟେ ଘୂରୁଥାନ୍ତା; ଯାହାର ପରିଣତି ସ୍ୱରୂପ ବିଜ୍ଞାନ ଯେଉଁଠି ଥିଲା ସେଇଠି ଥାନ୍ତା । ଇଂଚେବି ଆଗକୁ ଯାଇ ପାରି ନଥାନ୍ତା । ଏହା କରିବା ପାଇଁ ଗାଲିଲିଓଙ୍କୁ ସତ୍ୟର ଏକ ନୂଆ ପରିଭାଷା ଖୋଜିବାକୁ ପଡ଼ିଲା । ଗାଲିଲିଓ ଯେତେବେଳେ କୋପରନିକଷଂକ ଅନୁମାନକୁ ବିଜ୍ଞାନ ସମ୍ମତ ଭାବରେ ପ୍ରମାଣ କଲେ ଅର୍ଥାତ୍ ସୂର୍ଯ୍ୟ ପୃଥିବୀ ଚାରିପଟେ ଘୂରୁନାହିଁ; ପୃଥିବୀ ଓ ସୌରମଣ୍ଡଳର ଅନ୍ୟାନ୍ୟ ଗ୍ରହମାନେ ସୂର୍ଯ୍ୟ ଚାରିପଟେ ଘୂରୁଛନ୍ତି ବୋଲି କହିଲେ ଏହା କ୍ୟାଥଲିକ୍ ଚର୍ଚ୍ଚର ବିଶ୍ୱାସ (ସୂର୍ଯ୍ୟ ପୃଥିବୀ ଚାରିପଟେ ଘୁରୁଛି) ଉପରେ ପ୍ରଶ୍ନବାଚୀ

Digitized by PPRACHIN, SOA

ସୃଷ୍ଟିକଲା । ଉତ୍କ୍ଷିପ୍ତ ଧର୍ମଯାଜକମାନେ ଗାଲିଲିଓଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ । ସେମାନାଙ୍କର ଅଭିଯୋଗ ଥିଲା, ଗାଲିଲିଓ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ଉପରେ ଆଘାତ ହାଣୁଛନ୍ତି । ଏଥି ସକାଶେ ଗାଲିଲିଓଙ୍କ ଉପରେ ବିଚାର ଆରମ୍ଭ ହେଲା । ଗାଲିଲିଓଙ୍କୁ ଗୃହବନ୍ଦୀ ଭାବରେ ରଖାଗଲା । ଗୃହବନ୍ଦୀ ଥିବା ସମୟରେ ଗାଲିଲିଓ ତାଙ୍କ ଶିଷ୍ୟ ଆଂଦ୍ରେୟାଂକ ହାତରେ ତାଙ୍କ ଆବିଷ୍କୃତ ସତ୍ୟର ପାଣ୍ଡୁଲିପି The New science କୁ ବିଦେଶକୁ ପଠାଇବାର ବ୍ୟବସ୍ଥା କରିଥିଲେ, ଅବଶେଷରେ ଗାଲିଲିଓ ଦଣ୍ଡିତ ହେଲେ । କିନ୍ତୁ ତାଙ୍କ ଦଣ୍ଡାଦେଶରେ କୁହାଗଲା, ସେ ଯଦି ନିଜ ଆବିଷ୍କୃତ ସତ୍ୟ ଭୁଲ୍ ବୋଲି ସ୍ୱୀକାର କରିବେ ତାଙ୍କୁ କ୍ଷମା ଦିଆଯିବ । ଗାଲିଲିଓ ଜଣେ ବିଚକ୍ଷଣ ବ୍ୟକ୍ତିଥିଲେ । ସେ ଚିନ୍ତା କଲେ ଏଇ ମୂଢ଼ ରଜା ଅନ୍ଧବିଶ୍ୱାସୀ ପ୍ରଜା ଓ ଧର୍ମାନ୍ଧ ଧର୍ମଯାଜକ, ଦାସାନୁଦାସ ବିଚାରପତି ମାନଙ୍କୁ ବୋକା ବନାଇବାର ଏକମାତ୍ର ଉପାୟ ହେଉଛି ସାମୟିକ ଭାବରେ ମିଥ୍ୟାର ଆଶ୍ରୟ ନେବା । ସତ୍ୟର ପ୍ରତିଷ୍ଠା ଓ ନୂତନ ସତ୍ୟର ଆବିଷ୍କାର ପାଇଁ ଗାଲିଲିଓଙ୍କର ବଂଚି ରହିବା ଅତ୍ୟଂତ ଜରୁରୀ ଥିଲା । ଅତଏବ ସେ କ୍ଷଣକାଳ ପାଇଁ ମିଥ୍ୟାର ସହଯୋଗ ନେଲେ । ଦଣ୍ଡମୁକ୍ତ ହୋଇ ନୂତନ ସତ୍ୟ ଆବିଷ୍କାର କ୍ଷେତ୍ରରେ ଲାଗିଗଲେ ।

ଗାଲିଲିଓଙ୍କ ଜୀବଦ୍ଦଶାରେ ଓ ତା'ପରେ ତାଙ୍କ ଆବିଷ୍କୃତ ସତ୍ୟ କ୍ରମଶଃ ଜନପ୍ରିୟ ହେବାକୁ ଆରମ୍ଭ କଲା । ଗାଲିଲିଓଙ୍କର ବିଜୟ ହେଲା ।

ଇତିହାସରେ ସତ୍ୟର ପ୍ରତିଷ୍ଠା ପାଇଁ ଏହି ଦୁଇ ମନିଷୀଙ୍କର ଅବଦାନ ଆମ ପାଇଁ ଉଦାହରଣ ସ୍ୱରୂପ ରହି ଯାଇଛି । ଦୁଇଟି ଯୁଗ ସନ୍ଧିରେ ଦୁଇଜଣଙ୍କ ନିଷ୍ପତ୍ତି ଯେ ସମୟ ଉପଯୋଗୀ ଓ ଭିନ୍ନ ଭିନ୍ନ ଉପାୟ ଓ ମୂଲ୍ୟବୋଧର ଦ୍ୟୋତକ ଏହା ଏ ଦୁଇ ମନିଷୀ ଆମକୁ ଶିଖାଇ ଯାଇଛନ୍ତି ।

❑❑

Digitized by PPRACHIN, SOA

ଉତ୍ତର ସତ୍ୟ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜିତିବା ଓ ୟୁରୋପିଆନ ୟୁନିୟନରୁ ବ୍ରିଟେନ ଅଲଗା ହେବାର ନିଷ୍ପତ୍ତି ନେବା ଇତ୍ୟାଦି ଘଟଣାକୁ ଆଖି ଆଗକୁ ନେଇ 'ପୋଷ୍ଟଟ୍ରୁଥ୍' ନାମକ ଶବ୍ଦଟି ଗୁରୁତ୍ୱ ଲାଭ କରିଛି । ସମ୍ପ୍ରତି 'ଅକ୍ସଫୋର୍ଡ ଡିକ୍ସନାରୀ' ଏହି ଶବ୍ଦଟିକୁ ୨୦୧୬ ମସିହାରେ ଶ୍ରେଷ୍ଠ ଶବ୍ଦ ବା ୱାର୍ଡ ଅଫ୍ ଦି ଇୟର ଭାବେ ବାଛିଛି । ପୋଷ୍ଟଟ୍ରୁଥ୍ ଏକ ଭାବ ଉଦ୍ରେକକାରୀ ଶବ୍ଦର ମର୍ଯ୍ୟାଦାପ୍ରାପ୍ତ ହୋଇଛି । ଅସଲରେ ଏହି ପୋଷ୍ଟଟ୍ରୁଥ୍ ଶବ୍ଦ ଅର୍ଥ କ'ଣ ?

ପୋଷ୍ଟଟ୍ରୁଥ୍ ଶବ୍ଦର ଆକ୍ଷରିକ ଓଡ଼ିଆହେଲା ଉତ୍ତରସତ୍ୟ । ଏହାର ଭାବାର୍ଥ ହେଲା ଅର୍ଦ୍ଧସତ୍ୟ ବା ଅସତ୍ୟ । ସମ୍ପ୍ରତି ପୃଥିବୀର ମାନବ ସଂଗୋଷ୍ଠୀ ସତ୍ୟଠାରୁ ପଳାୟନ କରି ଏକ ଅସତ୍ୟ ବା ଅର୍ଦ୍ଧସତ୍ୟର ଦୁନିଆରେ ବଞ୍ଚିବାକୁ ଚାହୁଁଛି ଏବଂ ଅର୍ଦ୍ଧସତ୍ୟ ହିଁ ଦୁନିଆକୁ ନିୟନ୍ତ୍ରିତ କରୁଛି । ସମ୍ଭବତ ତାହା ହିଁ ପୋଷ୍ଟଟ୍ରୁଥ୍ ଭାବନାକୁ ଆମ ଆଗରେ ଉଜାଗର କରିଛି । ଅକ୍ସଫୋର୍ଡ ଡିକ୍ସନାରୀରେ ପୋଷ୍ଟଟ୍ରୁଥ୍ ଶବ୍ଦର ଏହି ଅର୍ଥ ଦିଆଯାଇଛି । ଯଥା- ଯେତେବେଳେ ବସ୍ତୁନିଷ୍ଠ ସତ୍ୟ ବା ଘଟଣାବଳୀ ବଦଳରେ ବ୍ୟକ୍ତିଗତ ବିଶ୍ୱାସ ଓ ଆବେଗ ଗୁରୁତ୍ୱ ଲାଭ କରେ ସେତେବେଳେ ସତ୍ୟ ବଦଳରେ ଉତ୍ତରସତ୍ୟ ହିଁ ଦୁନିଆକୁ ନିୟନ୍ତ୍ରଣ କରିଥାଏ ଓ ତାହାକୁ ହିଁ ପୋଷ୍ଟଟ୍ରୁଥ୍ ବୋଲି କୁହାଯାଏ । ପୋଷ୍ଟଟ୍ରୁଥ୍ ଏକ ବିଶେଷଣ । ଏହା ଅର୍ଦ୍ଧସତ୍ୟ ବା ଅସତ୍ୟ ଭିନ୍ନ ଅନ୍ୟ କିଛି ନୁହଁ । ସବୁଠାରୁ ଆଶ୍ଚର୍ଯ୍ୟର କଥାହେଲା, ଏହି ପୋଷ୍ଟଟ୍ରୁଥ୍ ଭାବନାଟି ଜନମାନସରୁ ଉତ୍ପତ୍ତି ଲାଭକରି ଜନମାନସକୁ ନିୟନ୍ତ୍ରିତ ବା ଶାସିତ କରିଥାଏ । ଏହାର ଅର୍ଥ ଅସତ୍ୟ ବା ଅର୍ଦ୍ଧସତ୍ୟ । ଏହାର ମୂଳଉତ୍ସ ହେଲା ଜନତାର ଆବେଗ ଓ ଜନଭାବନା, ଯାହାକୁ ଇଂଲିଶରେ ମାସ୍ ପରସେପ୍‌ସନ ବା ଗଣ ଅବଧାରଣା (ତାହା ଭୁଲ୍ ହେଉ ପଛେ) କୁହାଯାଇଥାଏ ।

ଅସତ୍ୟ, ଅର୍ଦ୍ଧସତ୍ୟ (ତାହା ଭୁଲ୍ ହେଉ ପଛେ) କିପରି ଜନମାନସରୁ ଉତ୍ପତ୍ତି ଲାଭକରି ଜନତାକୁ ଦାସତ୍ୱ ଶୃଙ୍ଖଳରେ ଆବଦ୍ଧ କରିଥାଏ ବା ଧ୍ୱଂସମୁଖକୁ ଠେଲିଦେଇଥାଏ,

Digitized by PPRACHIN, SOA

ତା'ର ଏକ ଶ୍ରେଷ୍ଠ ଉଦାହରଣ ହେଉଛି, ଜର୍ମାନ୍‌ମାନଙ୍କର ଇହୁଦି ବିଦ୍ୱେଷ ଓ ଏହି ବିଦ୍ୱେଷକୁ ବ୍ୟବହାରକରି ହିଟ୍‌ଲର୍ କ୍ଷମତାକୁ ଆସିବା । କହିବା ବାହୁଲ୍ୟ ଯେ ହିଟଲର କ୍ଷମତାକୁ ଆସିବା ପୋଷ୍ଟ୍‌ଟ୍ରୁଥ୍ (ଉତ୍ତରସତ୍ୟ) ବା ଅସତ୍ୟ ଓ ଅର୍ଦ୍ଧସତ୍ୟର କରିସ୍ମା, ଯାହାର ପରିଣତି ହିଟଲରଙ୍କୁ ତିଆରି କରିଥିବା ଜନତାଙ୍କୁ ବି ଭୋଗିବାକୁ ପଡ଼ିଥିଲା ।

ଏହା ନିଶ୍ଚିତ ଯେ ସତ୍ୟ ଯେତେବେଳେ ଦୁର୍ବଳ ହୋଇଯାଏ, ସେତେବେଳେ ଅର୍ଦ୍ଧସତ୍ୟ ବା ଅସତ୍ୟ ସମାଜକୁ ନିୟନ୍ତ୍ରଣ କରେ । ସମ୍ପ୍ରତି ପୃଥିବୀରେ ସେପରି ଏକ ସ୍ଥିତି ଉପୁଜିଛି । ଆମେରିକୀୟ ନାଟ୍ୟକାର ଷ୍ଟେଭ ଟେସ୍‌ଚିଙ୍କ ମତରେ ବର୍ତ୍ତମାନ ପୃଥିବୀର ମୁକ୍ତ ନାଗରିକମାନେ ଏକ ଅସତ୍ୟ ବା ଅର୍ଦ୍ଧସତ୍ୟର ଜଗତରେ ବଞ୍ଚିବା ପାଇଁ ମୁକ୍ତଭାବରେ ସିଦ୍ଧାନ୍ତ ନେଇଛନ୍ତି । ସତରେ ଏହା କ'ଣ ସମ୍ଭବ ହୋଇପାରେ ? ଜନସାଧାରଣ ସ୍ୱୟଂ ନିଜକୁ କ'ଣ ସର୍ବନାଶ ଆଡ଼କୁ ମୁହାଁଇ ନେଇପାରନ୍ତି ? ବାସ୍ତବରେ 'ପୋଷ୍ଟଟ୍ରୁଥ୍' ବା ଅର୍ଦ୍ଧସତ୍ୟର ଦୁନିଆରେ ସବୁକିଛି ସମ୍ଭବ ।

ରାଜନୀତି ସହିତ 'ପୋଷ୍ଟଟ୍ରୁଥ୍' ବା ଅର୍ଦ୍ଧସତ୍ୟର ସମ୍ବନ୍ଧ କ'ଣ ? ସମ୍ପ୍ରତି ଅଧିକାଂଶ କ୍ଷେତ୍ରରେ ରାଜନୀତି ଅସତ୍ୟ ବା ଅର୍ଦ୍ଧସତ୍ୟ ବିରୋଧରେ ନ ଲଢ଼ି ଅସତ୍ୟ ଓ ଅର୍ଦ୍ଧସତ୍ୟ ଉପରେ ସବାର ହୋଇ ଜନଗଣଙ୍କୁ ଶାସନ କରିବାକୁ ଚାହୁଁଛି । ପୃଥିବୀ ଏଭଳି ଏକ ବିରୋଧାଭାସର ଶିକାର ହୋଇଛି, ଯେଉଁଠି ନେତା ଓ ଜନତା ଉଭୟ ଅସତ୍ୟ ବା ଅର୍ଦ୍ଧସତ୍ୟ ମାଧ୍ୟମରେ ଧ୍ୱଂସର ମାର୍ଗକୁ ପ୍ରଶସ୍ତ କରୁଛନ୍ତି । ଏପରି ମନେହେଉଛି ଯେଉଁ ନେତା ବା ଜନତା ସତ୍ୟରେ ବିଶ୍ୱାସ ରଖୁଛନ୍ତି ସେମାନେ ରାଜନୈତିକ ରଣାଙ୍ଗନରୁ ନିଜକୁ ଅପସାରିତ କରି ଅସତ୍ୟ ବା ଅର୍ଦ୍ଧସତ୍ୟର ଆତ୍ମଧ୍ୱଂସ ରଚିତ ହେବାର ସମୟକୁ ଅପେକ୍ଷା କରୁଛନ୍ତି ।

ରାଜନୀତି ଜନମାନସରୁ ଅନ୍ଧବିଶ୍ୱାସକୁ ଦୂର ନ କରି, ଜନମାନସର ଅଯଥା ଆବେଗକୁ ନିୟନ୍ତ୍ରଣ ନ କରି କ୍ଷମତାପ୍ରାପ୍ତିର ଲୋଭରେ ଅନ୍ଧବିଶ୍ୱାସ ଓ ଅନ୍ଧାବେଗର ପଶ୍ଚାତ୍ ଅନୁସରଣ କଲେ ଦିନେ ସେଇ ଅନ୍ଧବିଶ୍ୱାସ ଓ ଅନ୍ଧାବେଗ ଦ୍ୱାରା ସ୍ୱୟଂ ଶିକାର ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଜନତା ବା ନେତା କେହି ବେଶିଦିନ ଯାଏ ପୋଷ୍ଟଟ୍ରୁଥ୍ ବା ଅର୍ଦ୍ଧସତ୍ୟ ଓ ଅସତ୍ୟର ଶାସନ ଜାହିର କରିପାରିବେ ନାହିଁ । ସମ୍ପ୍ରତି ପୋଷ୍ଟଟ୍ରୁଥ୍ ଅନେକଟା ବିଶ୍ୱକୁ ଗ୍ରାସ କରିଛି । ଟ୍ରମ୍ପ ବା ତାଙ୍କ ପରି ଜନଅସନ୍ତୋଷ ବା ଜନାବେଗକୁ ନେଇ କ୍ଷମତା ଦଖଲ କରିବାକୁ ଚାହୁଁଥିବା ଲୋକଙ୍କର ଆଦର ବର୍ତ୍ତମାନ ବଢ଼ିଛି । କିନ୍ତୁ ବସ୍ତୁତଃ ଜନତା ଯେତେବେଳେ ଜାଣିବ ଯେ ସେ ଆତ୍ମପ୍ରତାରଣାର ଶିକାର ହୋଇଛି ସେତେବେଳେ ଅର୍ଦ୍ଧସତ୍ୟ ବା ପୋଷ୍ଟଟ୍ରୁଥ୍‌ର ରାଜନୀତି ତା'ର ପ୍ରଭାବ ହରାଇବସିବ, ଏଥିରେ ସନ୍ଦେହ ନାହିଁ ।

□□

Digitized by PPRACHIN, SOA

ଉତ୍ତର ଆଧୁନିକତାବାଦ : ଏକ ନୂତନ ଦର୍ଶନ, ଏକ ନୂଆ ଅର୍ନ୍ତଦୃଷ୍ଟି

ମାର୍କସ୍‌ବାଦ ପରେ ସାହିତ୍ୟ ଓ ଦର୍ଶନର ଜଗତରେ 'ଉତ୍ତର ଆଧୁନିକତା ବାଦ' ଏକ ନୂତନ ଦର୍ଶନ ଓ ନୂଆ ଅର୍ନ୍ତଦୃଷ୍ଟି । ଏକଦା ଅସ୍ତିତ୍ୱବାଦ ଉଦାର ଗଣତନ୍ତ୍ର ଓ 'ସାମ୍ୟବାଦୀ ଦୁନିଆ'ର ଯାବତୀୟ ଦୁର୍ବଳତାକୁ ଦର୍ଶାଇ ଦେଇଥିଲା । ଅସ୍ତିତ୍ୱବାଦୀ ସାର୍ତ୍ରେ ଏକଦା, ବିଭିନ୍ନ ରାଜନୈତିକ ଦଳ ଓ ଧର୍ମ ସଂଗଠନ କିପରି 'ଏକୁଟିଆ ମଣିଷ'ର ଅସହାୟ ବୋଧକୁ ଶୋଷଣ କରି ତାକୁ 'ମନ୍ଦା ମଣିଷ' (mass men) ରେ ପରିଣତ କରୁଛନ୍ତି ଓ ମନ୍ଦା ମଣିଷଟି କିଭଳି ବ୍ୟକ୍ତି ସ୍ୱାତନ୍ତ୍ୟ-ହୀନ, ପରାଧୀନ ତାହା ତାଙ୍କ ଦର୍ଶନ ମାଧ୍ୟମରେ ଦର୍ଶାଇଥିଲେ । ସାର୍ତ୍ରେଙ୍କପରି ଉତ୍ତର-ଆଧୁନିକତା-ବାଦୀ ଦେରିଦା, ଲିଓଟାର୍ଡ, ଉଭୟ ଉଦାର ଗଣତନ୍ତ୍ର-କୁକ୍ଷୀଗତ ସାମ୍ୟବାଦ ଓ ସଙ୍ଗଠିତ ଧର୍ମ ଓ ରାଜନୈତିକ ଦଳମାନେ କିପରି ସାମ୍ୟ, ମୁକ୍ତି ସ୍ୱାଧୀନତା ଓ ମୋକ୍ଷର ସନ୍ଦେଶ ଦେଇ ମଣିଷକୁ ପ୍ରତାରିତ କରି ଚାଲିଛନ୍ତି ଏବଂ ବାସ୍ତବ କ୍ଷେତ୍ରରେ ପୁଞ୍ଜି, ଈଶ୍ୱର ଓ ତତ୍‌ସମ୍ଭୂତ ଦର୍ଶନ-ବିଜ୍ଞାନ ମାନ କିଭଳି ସତ୍ୟ ବଦଳରେ ଅସତ୍ୟର ପ୍ରଚାର ବା ମହାଭ୍ରାନ୍ତିର ନିୟାମକ ସାଜିଛି ସେଥିପ୍ରତି ସଜାଗ ରହିବା ପାଇଁ ଗଣତନ୍ତ୍ର ଓ ସାମ୍ୟବାଦର ଅନ୍ଧ ସ୍ତାବକମାନଙ୍କୁ ସଜାଗ କରାଇ ଦେଇଛନ୍ତି ।

ଉତ୍ତର ଆଧୁନିକତାବାଦୀ ମାନେ ଗ୍ରୀକ୍ ଦର୍ଶନ, ଚିରାୟତ ଜର୍ମାନ ଦର୍ଶନ ଓ ନବ-ଜାଗରଣ ଯୁଗର ପ୍ରଜ୍ଞା (Enlightment) ଏବଂ ବାଇବେଲ୍ ଓ କମ୍ୟୁନିଷ୍ଟ ଇସ୍ତାହାର ଇତ୍ୟାଦିରେ ଥିବା କେନ୍ଦ୍ରବାଦୀ ଦୁର୍ବଳତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଉତ୍ତର ଆଧୁନିକ-ବାଦୀ ମାନେ ଯେଉଁ ମହାଯୁକ୍ତି (ଯେଉଁ ଯୁକ୍ତି ଯୁକ୍ତିବାଦକୁ ବି ବିରୋଧ କରେ) ର ଉପସ୍ଥାପନା କରନ୍ତି ତାହାର ସାରାସାର ଏହିପରି, ଯଥା 'ଅତୀତରୁ ଏଯାବତତ୍ ସମସ୍ତ ଦର୍ଶନର ଦୁର୍ବଳତା ହେଲା- ମଣିଷକୁ ଭଲ ପାଇବାର ଦୁର୍ବଳତା ଜନୀତ ସିଦ୍ଧାନ୍ତ

Digitized by PPRACHIN, SOA

ପ୍ରସୂତ ମୋକ୍ଷ ଓ ମୁକ୍ତିର ମାର୍ଗ ନିର୍ଦ୍ଦେଶ କରିବା । ଉତ୍ତର ଆଧୁନିକତା-ବାଦୀ ମାନଙ୍କ ମତରେ ମଣିଷ ପାଇଁ ମୋକ୍ଷ ବା ମୁକ୍ତି, କୌଣସିଟା ସମ୍ଭବ ନୁହେଁ । ତେଣୁ ଏ ସବୁ ପଛରେ ଧାଇଁବା ଅର୍ଥ ମଧୁର ମିଥ୍ୟାର ବଶବର୍ତ୍ତୀ ହେବା ।

ଉତ୍ତର ଆଧୁନିକତା-ବାଦ ଏକ ଦର୍ଶନ-ବିରୋଧୀ ଦର୍ଶନ । ଉତ୍ତର ଆଧୁନିକତା-ବାଦୀ ମାନଙ୍କ ମତରେ ଅତୀତର ମାନବ ସଭ୍ୟତାସୃଷ୍ଟ ସମସ୍ତ ଦର୍ଶନ କେନ୍ଦ୍ର-ବାଦୀ (Centerist) । କେନ୍ଦ୍ରାନୁସନ୍ଧାନ ଓ ବସ୍ତୁନିଷ୍ଠ ସତ୍ୟ (Objective truth)ର ପଶ୍ଚାଦ୍-ଧାବନ ମଧ୍ୟଦେଇ ଅତୀତର ସମସ୍ତ ଦର୍ଶନ, ସତ୍ୟର ସମ୍ବନ୍ଧପୂର୍ଣ୍ଣ (Reational) ସ୍ଥିତିକୁ ଅସ୍ୱୀକାର କରେ । କେନ୍ଦ୍ରବାଦୀ ଓ ବସ୍ତୁନିଷ୍ଠ ସତ୍ୟ ଖୋଜାର ଦୁର୍ବଳତା ହେତୁ ଅତୀତର ସମସ୍ତ ଦର୍ଶନ ମୂଳ ଖୋଜିଛି । ଅଥଚ ଏହା ସମସ୍ତଙ୍କୁ ଜଣା ଯେ ଏକ ସରଳ ରେଖା ବା ଏକ ଗୋଲକର ଆରମ୍ଭ ଓ ଶେଷ ବୋଲି କିଛି ନାହିଁ, ଯାହା ଅଛି ତାହା ଖାଲି କିଛି ବିନ୍ଦୁର ସମଷ୍ଟି । ସେମିତି ଉତ୍ତର ପୂର୍ବ-ଦକ୍ଷୀଣ ପଶ୍ଚିମ ବା Subject objedct ସବୁକିଛିର ଅସ୍ତିତ୍ୱ ଏକ ମହାନ ସମ୍ପର୍କମୟ ଜଗତର ଏକ ସମ୍ପର୍କ ଯାହା କେତେବେଳେ ଆକସ୍ମିକତ କେତେବେଳେ ବିବର୍ତ୍ତନ ନିୟମ ପ୍ରସୂତ । ସେଥିପାଇଁ ଗତି ଓ ବିଶ୍ରାମ ଉଭୟ ଆପେକ୍ଷିକ, ସମ୍ପର୍କିତ ଓ ସମ୍ବଧାନ୍ୱିତ୍ୱ । ଉତ୍ତର ଆଧୁନିକତାବାଦର ପିତୃପୁରୁଷ ରୋମାନ୍ ଜାକବସନଙ୍କ ମତରେ 'I do not believe in things, I believe only in their relation-ships'(Quated from POST MODERNISM TO-DAY by Siraj, P-15) ଉତ୍ତର ଆଧୁନିକତା-ବାଦୀ ସମ୍ପର୍କ ବା ସମ୍ଂଧର ଦୁଇଟି ଦିଗ ଆବିଷ୍କାର କରନ୍ତି । ପ୍ରଥମଟି ହେଲା ବାସ୍ତବ ଜଗତ ବା ବସ୍ତୁ ଓ ଜୀବମାନଙ୍କର ସମ୍ପର୍କ ବା ସମ୍ବନ୍ଧ ଓ ଦ୍ୱିତୀୟଟି ହେଲା ଚେତନା ଓ ଭାଷା ଜଗତର ସମ୍ପର୍କ ବା ସମ୍ବନ୍ଧ । ଉତ୍ତର ଆଧୁନିକତାବାଦୀମାନଙ୍କ ମତରେ ସମ୍ପର୍କ ବା ସମ୍ବନ୍ଧର ମୂଳ ସୂତ୍ର ତତ୍ତ୍ୱ ହେଲା (୧) ବୈପାରୀତ୍ୟ (binaey) (୨) ଭିନ୍ନତା (Difference) । ଏଥି ସହିତ ଅସ୍ତିତ୍ୱହୀନ ଶବ୍ଦର ଅସ୍ତିତ୍ୱ (Existance) ବାବଦରେ, ଭାବ ଓ ଅର୍ଥବାହୀ ଶବ୍ଦର ଉତ୍ପତ୍ତି ସମ୍ପର୍କରେ ଉତ୍ତର ଆଧୁନିକତାବାଦୀମାନଙ୍କର ମତ ବା ସିଦ୍ଧାନ୍ତ ହେଲା (୧) ଶବ୍ଦର ସୃଷ୍ଟି ପ୍ରଥମେ ଉଚ୍ଚାରଣକାରୀର ଯଦୃଚ୍ଛା ଉଚ୍ଚାରଣ ନିୟମ ଦ୍ୱାରା ସମ୍ଭବ ହୋଇଥିବ । ଏଥିପାଇଁ ଶବ୍ଦସୃଷ୍ଟି ସଚରାଚର ଯଦୃଚ୍ଛା (abitary) ନିୟମ ଦ୍ୱାରା ପରିଚାଳିତ । (୨) ଶବ୍ଦର ଅର୍ଥବହତା (Meaning) ବୈପରିତ୍ୟ (bi-nary) ଓ ଭିନ୍ନତା (Difference) ନିୟମ ଦ୍ୱାରା ପରିଚାଳିତ । ଏହା ଏକ ପ୍ରକାର ଆତ୍ମଗ୍ରହଣଶୀଳ ପ୍ରକ୍ରିୟା (self actualization prosess) ଯେଉଁ ଗ୍ରହଣଶୀଳତା ପଛରେ ସାମାଜିକ ଗ୍ରହଣଶୀଳତାର ଏକ ବିରାଟ ଭୂମିକା ରହିଛି । କିନ୍ତୁ ମଜାର କଥା

Digitized by PPRACHIN, SOA

ହେଲା-ଉତ୍ତର ଆଧୁନିକତା-ବାଦୀ ମାନଙ୍କ ମତରେ ଏହି ଯଦୃଚ୍ଛା ବୈପରିତ୍ୟ ଓ ଭିନ୍ନତା ନିୟମ ପରିଚାଳିତ ବିରାଟ ଶବ୍ଦ ଓ ଶବ୍ଦ-ବାକ୍ୟ ନିୟମ (ବ୍ୟାକରଣ) ପ୍ରସୂତ ଅର୍ଥ-ମାନବ ମନରେ ଶବ୍ଦ ମାଧ୍ୟମରେ ଭାବ ଓ ସତ୍ୟକୁ ଧାରଣ କରିବାର ପୂର୍ଣ୍ଣ ଶକ୍ତି-ଏକ ପ୍ରକାର ଅସମ୍ଭବ । ଅର୍ଥାତ୍ ଉତ୍ତର ଆଧୁନିକତାବାଦୀ ନିୟମାନୁଯାୟୀ ଶବ୍ଦ-ଅର୍ଥ ବା ସତ୍ୟର, ପ୍ରକୃତ ଧାରକ ବାହକ ସାଜିପାରେନା ଏବଂ ଶବ୍ଦ ଭାବ ପ୍ରକାଶ କ୍ଷେତ୍ରରେ ସ୍ୱୟଂ ସଂପୂର୍ଣ୍ଣ ନୁହେଁ । ଉଦାହରଣ ସ୍ୱରୂପ ଆମ୍ବ ଶବ୍ଦ ସହିତ ପ୍ରକୃତ ଆମ୍ବ ବସ୍ତୁନିଷ୍ଠ ଭାବରେ ଜଡ଼ିତ ନୁହଁ । ସେଇପରୀ ପରୀ । ଶବ୍ଦ ମଧ୍ୟରେ ମଣିଷ ଯଦୃଚ୍ଛା (ARBIATRY)ଅର୍ଥ ପ୍ରଦାନ କରିଥାଏ । ଆମ୍ବ ସହିତ ବାସ୍ତବ ଆମ୍ବର କୌଣସି ସମ୍ପର୍କ ନାହିଁ । ତାହା ହୋଇଥିଲେ ପୃଥିବୀରେ ଆମ୍ବକୁ ବୁଝିବା ପାଇଁ Mango ଆମ୍ ଇତ୍ୟାଦି ଭିନ୍ନ ଭିନ୍ନ ଭାଷାରେ ଭିନ୍ନଭିନ୍ନ ଶବ୍ଦ ସୃଷ୍ଟି ହୋଇ ନଥାନ୍ତା । ଉତ୍ତର ଆଧୁନିକତା-ବାଦୀମାନଙ୍କର ମତରେ ସତ୍ୟ ଶବ୍ଦର ଆଭାସ ଦିଏ, ପ୍ରତାରିତ ବି କରେ । ଶବ୍ଦ ସହ ଅର୍ଥ ବସ୍ତୁନିଷ୍ଠ ଭାବରେ ଅବସ୍ଥାନ କରୁନଥିବାର ଉତ୍ତର ଆଧୁନିକତା-ବାଦୀମାନଙ୍କ ମୁକ୍ତି-କିଛିଟା ଅସ୍ତିତ୍ୱବାଦୀମାନଙ୍କର 'ସତ୍ୟ ବ୍ୟକ୍ତିନିଷ୍ଠ' (truth is subjectiveity) ସହ ମେଳା ଖାଏ । ସମ୍ଭବତ ଏହି କାରଣରୁ ଉତ୍ତର ଆଧୁନିକତା-ବାଦୀମାନେ-ଶବ୍ଦ ମାଧ୍ୟମରେ ସତ୍ୟକୁ ଧାରଣ କରିବା ଏକାବେଳେକେ ଅସମ୍ଭବ ବୋଲି ମନେ କରନ୍ତି । ଏପରିକି ଦାର୍ଶନିକ ବିମୂର୍ତ୍ତନ (Philosophical Abstraction) ଜରିଆରେ ଶବ୍ଦ ମାଧ୍ୟମରେ ସତ୍ୟକୁ ଧାରଣ କରିହୁଏନା ବୋଲି ସେମାନେ ମତ ଦଅନ୍ତି । ଏହା ଏକ ପ୍ରକାର ମାହାଜାଗତିକ ବିଶ୍ୱବ୍ରହ୍ମାଣ୍ଡରେ ନିର୍ଭରଶୀଳ (ସମ୍ବନ୍ଧାନ୍ୱିତ) ପଦାର୍ଥ (Matter) ସହ ଶବ୍ଦଭାବ ସମ୍ପର୍କର ଜାଗତିକ ସୀମାବଦ୍ଧତା ନୁହଁତ ଆଉ କ'ଣ ? ସମ୍ଭବତଃ ସେଇଥିପାଇଁ ଉତ୍ତର ଆଧୁନିକତା-ବାଦୀ ଦେରିଦା ଅତୀତ-ଦର୍ଶନମାନଙ୍କର ଶବ୍ଦ ମାଧ୍ୟମରେ ସତ୍ୟ-ଧାରଣ-ପ୍ରୟାସର ଦୁର୍ବଳତାକୁ 'ଟେଲଲଜିକାଲ' (Telological) ବୋଲି ସମାଲୋଚନା କରିବା ସହ ବସ୍ତୁନିଷ୍ଠ ସତ୍ୟର ଅସ୍ତିତ୍ୱକୁ (ଜ୍ଞାନ ଜଗତର) ଅସ୍ୱୀକାର କରନ୍ତି । ଦେରିଦାଙ୍କ ମତରେ ଦର୍ଶନ ମାଧ୍ୟମରେ ବସ୍ତୁନିଷ୍ଠ ସତ୍ୟର ଆବିଷ୍କାର-ପ୍ରୟାସ ପରିଣତିରେ ବିଫଳତାରେ ଶୀକାର ହୁଏ । ଏହା ଉଭୟ ବସ୍ତୁବାଦୀ ଓ ଭାବବାଦୀ ଦାର୍ଶନିକ(ଅଧିକାଂଶ) ମାନଙ୍କର ବଡ଼ ଦୁର୍ବଳତା ହେଲା ବସ୍ତୁନିଷ୍ଠ ସତ୍ୟ ପଛରେ ବିକଳ ଅନୁଧାବନ କରିବା, ଏତଦ୍ୱାରା ସେମାନେ ନିଜେ ପ୍ରତାରିତ ହୁଅନ୍ତି ଓ ଅନ୍ୟମାନଙ୍କୁ ମଧ୍ୟ ପ୍ରତାରିତ କରନ୍ତି । ଏହା ସମ୍ଭବତଃ ମାନାବାନ୍ୱେଷାର ବିରାଟ ବିଡମ୍ବନା । ବିଚରା ମଣିଷ ବସ୍ତୁନିଷ୍ଠ ସତ୍ୟ ପଛରେ ଧାବିତ ଥିବ କିନ୍ତୁ ସତ୍ୟ ସବୁବେଳେ ଘୁଞ୍ଚି ଘୁଞ୍ଚି ଯାଉଥିବ । ଏବଂ ସବାଶେଷରେ ମଣିଷ

Digitized by PPRACHIN, SOA

ସତ୍ୟ ପାଖରେ ପହଞ୍ଚି ପାରୁନଥିବ । ସମ୍ଭବତଃ ଏହାହିଁ ମଣିଷ ପାଇଁ ଅନ୍ତିମ ସତ୍ୟ ଓ ଏହା ହିଁ ମଣିଷର ନିୟତି, ନୁହଁ ତ ଆଉ କ'ଣ ? ସେଥିପାଇଁ ଦେରିଦା କହନ୍ତି- 'ମଣିଷର ମହାନ୍ୱେଷଣ ପ୍ରୟାସରେ ଆଧିଭୌତିକାର ଅନ୍ତ ନାହିଁ । - There is no end to metaphysics । କିନ୍ତୁ ସ୍ୱୟଂ ଦେରିଦାଙ୍କର ଏହି ନେତିବାଦୀ ସିଦ୍ଧାନ୍ତ ସତ୍ତ୍ୱେ ଆଶାବାଦର ସାମାନ୍ୟ ଝଲକ ଦେଖିବାକୁ ପାଆନ୍ତି ଯାହା ତାହା ହେଲା- 'ଆଧିଭୌତିକତା କବଳରୁ ମଣିଷର ମୁକ୍ତି ନାହିଁ ସତ କିନ୍ତୁ ଜଣେ ଏ ବାବଦରେ ସଚେତନ ହୋଇପାରେ । One can become conscious about it । ଏହି ସଚେତନ ହେବାଟା ହିଁ ଭାଷା ଜଗତରେ ଦେରିଦୀୟ ବିପ୍ଲବ । ଏହା ସୁବିଧାବାଦ ବା Rivisionism ବିରୁଦ୍ଧରେ ମାଓଜେ ଦୁଙ୍ଗଙ୍କର ନିରନ୍ତର ବିପ୍ଳବ (Permanet Revolution) ପରି । ଦେରିଦା ପାଶ୍ଚାତ୍ୟ ଦର୍ଶନରେ ଉପସ୍ଥିତ ଭିତ୍ତିକ ଆଧିଭୌତିକତାର କଠୋର ସମାଲୋଚକ । ଆଧିଭୌତିକତା ବିରୁଦ୍ଧରେ ଦେରିଦା ଓ ଅନ୍ୟ ଉତ୍ତର ଆଧୁନିକତା-ବାଦୀ ସମାଲୋଚକମାନେ ଅନ୍ତହୀନ ସମାଲୋଚନା (end-less criticism)ରେ ବିଶ୍ୱାସୀ । ଉତ୍ତର ଆଧୁନିକତା-ବାଦୀମାନଙ୍କର ଅନ୍ତହୀନ ସମାଲୋଚନା ଦିଗ୍‌ବଳୟ ଏତେଦୂର ପରିବ୍ୟାପ୍ତ ଯେ ତାହା ଆପଣାର ଭୁଲ୍‌କୁ ଆପେ ଖଣ୍ଡନ କରିପାରେ ଓ 'ମନ୍ଦ' ବିରୁଦ୍ଧରେ ଲଢୁଥିବା 'ଭଲ'ର ମନ୍ଦକୁ ବି ଠିକିମତ ପ୍ରମାଣ କରିପାରେ । ଉଦାହରଣ ସ୍ୱରୂପ ଉତ୍ତର ଆଧୁନିକତା-ବାଦୀ ଫୁକୋ 'କ୍ଷମତା' power ସମ୍ପର୍କରେ ସମାଲୋଚନା କରିବାକୁ ଯାଇ କହନ୍ତି- "Since power is everywhere there is really no place where resistance can be distinguished from power itself what is resistance is in reality another kind of power' (Quated from Post Modernism today by Siraj, p-39) । ଚତୁର୍ଦ୍ଦିଗରେ କ୍ଷମତା ଥିବାରୁ ପ୍ରତିରୋଧକୁ କ୍ଷମତା ଠାରୁ ଅଲଗା କରି ଦେଖି ହୁଏନା । ବସ୍ତୁତଃ ପ୍ରତିରୋଧ ହିଁ ପରିଣତିରେ କ୍ଷମତାରେ ପରିଣତ ହୋଇଥାଏ ।" ଫୁକୋଙ୍କର ଉପରୋକ୍ତ ସିଦ୍ଧାନ୍ତର ତାତ୍ପର୍ଯ୍ୟ ହାଡ଼େ ହାଡ଼େ ଅନୁଭବ କରିହୁଏ, ଯେତେବେଳେ କ୍ଷମତା ବିରୁଦ୍ଧରେ ଲଢୁଥିବା ଏକ କ୍ରାନ୍ତିକାରୀ ଦଳ ବା ସଂଗଠନ କ୍ରାନ୍ତି ପୂର୍ବରୁ ବା ପରେ ସ୍ୱୟଂ ଏକ କ୍ଷମତା କେନ୍ଦ୍ରରେ ରୂପାନ୍ତରିତ ହୋଇଯାଏ ଏବଂ ଶୋଷଣ ବିରୁଦ୍ଧରେ ଲଢୁ ଲଢୁ ଅବସ୍ଥାଚକ୍ରରେ ନିଜେ ବି ଶୋଷଣର ଅସ୍ତ୍ର ପାଲଟିଯାଏ । ଇତିହାସର ଏହା ହିଁ ବକ୍ରୋକ୍ତି, ଏହା ହିଁ ବିଡମ୍ବନା, ଏହା ହିଁ କାଳର କରାଳ ପ୍ରଭାବ । ଏହା ହିଁ ମାନବୀୟ ପ୍ରୟାସର ସୀମାବଦ୍ଧତା । ଏଥିପାଇଁ ସମ୍ଭବତଃ ଗାନ୍ଧୀଜୀଙ୍କ ରାମରାଜ୍ୟ ବା ମାର୍କ୍ସଙ୍କର ସାମ୍ୟବାଦୀ କୌଣସିଟା ଏ ଯାବତ୍

Digitized by PPRACHIN, SOA

ବାସ୍ତବାୟିତ ହୋଇ ପାରିନି । ଉତ୍ତର ଆଧୁନିକତା ବାଦ- ଏକାଧାରରେ 'ପୁଞ୍ଜିବାଦୀ ଗଣତନ୍ତ୍ର' ଓ 'ଟୋଟାଲିଟରିଆନ୍ କମ୍ୟୁନିଜିମ୍' ଉଭୟର ବିରୋଧ । ଉତ୍ତର ଆଧୁନିକତା -ବାଦ ନେତିବାଦର ପାଖାପାଖି । ସମାଲୋଚନାର ଏକ ଶାଣିତ ଅସ୍ତ୍ର । ଏହା ନିତ୍‌ସେଙ୍କର Joyful wisdom ବା ଦେରିଦାଙ୍କର playful criticism ନୁହେଁତ ଆଉ କ'ଣ ? ମାର୍କ୍ସ-ବାଦୀମାନେ ଉତ୍ତର ଆଧୁନିକତାବାଦୀମାନଙ୍କୁ ବିଶ୍ୱବିଦ୍ୟାଳୟର ବିପ୍ଳବୀ, ତ୍ରଙ୍ଗଗୁମ୍ ସମାଲୋଚକ ଓ ଅବସରବାଦୀ, ପଳାୟନପନ୍ଥୀ ବୋଲି ଆଖ୍ୟ ଦିଅନ୍ତି । ମାର୍କ୍ସବାଦୀମାନଙ୍କର ମତରେ ଉତ୍ତର ଆଧୁନିକତା-ବାଦୀ ମାନେ କୌଣସି ପ୍ରକଳ୍ପ ବା project ରେ ବିଶ୍ୱାସୀ ନୁହଁନ୍ତି, ଏମାନଙ୍କର କୌଣସି ଲକ୍ଷ୍ୟ ବା ଆଭିମୁଖ୍ୟ ନଥାଏ । ଏମାନଙ୍କ ମାଧ୍ୟମରେ ଲଗ୍ନୀ ପୁଞ୍ଜିର (Finance capital) କେଶଟିଏ ବି ଆନ୍ଦୋଳିତ ହୁଏନା । ଉତ୍ତର ଆଧୁନିକତା-ବାଦ କେବଳ ଏକ ଶବ୍ଦାଡମ୍ବର ବା ଭାଷା ସମାଲୋଚନା । ବାସ୍ତବ ସଂଘର୍ଷସହ ଏହାର କୌଣସି ଯୋଗସୂତ୍ର ନାହିଁ । ବସ୍ତୁତଃ ଉତ୍ତର ଆଧୁନିକତା-ବାଦ ଚଳମାନକ୍ରିୟା ବା ଚିନ୍ତନକୁ ବର୍ଣ୍ଣନା ବା ବ୍ୟାଖ୍ୟାନ (Discource / Naration) ବୋଲି ଆଖ୍ୟା ଦିଏ । ସେ ଦୃଷ୍ଟିକୋଣରୁ ଉତ୍ତର ଆଧୁନିକତା-ବାଦ ଖ୍ରୀଷ୍ଟଧର୍ମ ବା ମାର୍କ୍ସବାଦକୁ ମହା ବର୍ଣ୍ଣନା ବା Grand Narative ବୋଲି ଆଖ୍ୟା ଦେଇଥାଏ । ଉତ୍ତର ଆଧୁନିକତା-ବାଦୀ-ମାନଙ୍କର ଅଭିଯୋଗ ଏହି ବର୍ଣ୍ଣନା ତା'ର ପ୍ରତିଶ୍ରୁତି ମୁତାବକ କାର୍ଯ୍ୟକରେ ନାହିଁ । କରିବା ମଧ୍ୟ ସମ୍ଭବ ନୁହେଁ । ସେଥିପାଇଁ ମାର୍କ୍ସଙ୍କର ସାମ୍ୟବାଦକୁ ଇତିହାସ ବିକାଶର ଉଚ୍ଚତମ ସୋପାନ ବା ଫୁକୁୟାମାନଙ୍କର ଉଦାର ଗଣତନ୍ତ୍ରରେ ଇତିହାସର ଅନ୍ତ (Liberal Deomcracy is the end of history) ବା ହିଗେଲଙ୍କର ମତରେ ଖ୍ରୀଷ୍ଟଧର୍ମ ଧର୍ମୀୟ ବିକାଶର ଉଚ୍ଚତମ ସ୍ତର କୌଣସିଟା ମାନିବାକୁ ପ୍ରସ୍ତୁତ ହୁଏନା । ଉତ୍ତର ଆଧୁନିକତା-ବାଦ ସେଇଠାରେ ମାର୍କ୍ସବାଦ ସହ ଏକମତ ହୁଏ ଯେଉଁଠି ମାର୍କ୍ସବାଦ କେବଳ ଏକ ସମୀକ୍ଷାମୂଳକ (Critique) ଦୃଷ୍ଟିଭଙ୍ଗୀ ଭାବରେ କାର୍ଯ୍ୟକରେ ବା ଯେଉଁଠାରେ ମାର୍କ୍ସବାଦ କହେ, 'ସାମ୍ୟବାଦ ଇତିହାସର ଅନ୍ତ ନୁହଁ ଏହା ଏକ ନୂତନ ଆରମ୍ଭ (Communism is not the end of history its a new begaininig) ।

ଉତ୍ତର ଆଧୁନିକତା-ବାଦୀମାନଙ୍କର ମତରେ ମଣିଷ ଇତହାସର ଅନ୍ତ ସ୍ଥଳରେ ପହଞ୍ଚିବା କ୍ଷେତ୍ରରେ ଭାଷା ହିଁ ସବୁଠାରୁ ବଡ଼ ପ୍ରତିବନ୍ଧକ । ବସ୍ତୁଜଗତର ସୀମାବଦ୍ଧତା ସହ ଭାଷା ବ୍ୟବହାର କ୍ଷେତ୍ରରେ ମଣିଷ ସୀମାବଦ୍ଧତା ହିଁ ମଣିଷପାଇଁ ଅନ୍ତିମ ସତ୍ୟ । ଅସୀମ ସମ୍ଭାବନା ସତ୍ତ୍ୱେ ଭାଷା ବ୍ୟବହାରକାରୀ ବୁଦ୍ଧିମାନ ମଣିଷ ଭାଷାର ବନ୍ଧନ ମଧ୍ୟରେ

Digitized by PPRACHIN, SOA

ବନ୍ଦୀ ରହେ । ଉତ୍ତର ଆଧୁନିକତା-ବାଦୀମାନେ ସେଥିପାଇଁ ଭାଷାକୁ ଏକ ବନ୍ଦୀଗୃହ (Prision house) ବୋଲି ମନେ କରିଥାନ୍ତି । ମଣିଷ ଭାଷା ଜଗତରେ ବନ୍ଦୀ ହେବା କଥାଟି କ'ଣ ? ଏ ସମ୍ପର୍କରେ ଉତ୍ତର ଆଧୁନିକତା-ବାଦୀମାନଙ୍କର ଯୁକ୍ତିଟି ହେଲା, ଯଦି କେହି କହେ, ଈଶ୍ୱର ନାହାନ୍ତି, ତାହେଲେ ଏପରି ମନେହେବ ଯେମିତିକି ଈଶ୍ୱର ଥିଲେ ଓ ଏଇମାତ୍ର ନାହାନ୍ତି । ନା କହିବା ଅର୍ଥ ହଁ ର ଅସ୍ତିତ୍ୱକୁ ସ୍ୱୀକାର କରିବା ଭାଷା ଜଗତର ଏହା ହିଁ ଜଟିଳ ସମସ୍ୟା । ବିରାଟ ଗୋଲକଧନ୍ଦା । ବୈପାରିତ୍ୟ (binary)ନିୟମରେ ପରିଚାଳିତ ଭାଷା ଜଗତ ଭଲ ମନ୍ଦର ଯୁଗଳ ଅବସ୍ଥାନ ମଧ୍ୟରେ ବଂଦୀ ମଣିଷ । 'ଭଲ'କୁ ସଂପୂର୍ଣ୍ଣ ଭଲ ଓ 'ମନ୍ଦ'କୁ ସଂପୂର୍ଣ୍ଣ ମନ୍ଦ ଭାବରେ ଦେଖିବାକୁ ଚାହେଁ । ଅଥଚ ଜଣେ ମନ୍ଦ ବ୍ୟକ୍ତି ସଂପୂର୍ଣ୍ଣ ମନ୍ଦ ନୁହେଁ । ଏପରିକି ମହାତ୍ମା ଓ ଦସ୍ୟୁମାନଙ୍କ କ୍ଷେତ୍ରରେ ମଧ୍ୟ ଏହା ପ୍ରଜୁର୍ଯ୍ୟ । ଅର୍ଥାତ୍ ମହାତ୍ମାଟି ସଂପୂର୍ଣ୍ଣ ମହାତ୍ମା କିମ୍ବା ଦସ୍ୟୁଟି ସଂପୂର୍ଣ୍ଣ ଦସ୍ୟୁ ହୋଇପାରେନା । ସୀମାବଦ୍ଧ ଅସ୍ତିତ୍ୱର ମଣିଷ, ଭଲମନ୍ଦର ଯୁଗଳ ସମ୍ପର୍କ ମଧ୍ୟରେ ପ୍ରାକୃତିକ ଓ ଐତିହାସିକ ଭାବରେ ସୀମାବଦ୍ଧ । ବିଶାଳ ଏ ପୃଥିବୀରେ ଶବ୍ଦ, ସତ୍ୟ ଓ ମଣିଷ ସମସ୍ତେ ସୀମାବଦ୍ଧ । ତେଣୁ ଶବ୍ଦ ବା ଭାଷା ମଧ୍ୟଦେଇ ପୂର୍ଣ୍ଣ ସତ୍ୟର ଅବସ୍ଥିତ ଓ ଉପଲବ୍ଧି ଅସମ୍ଭବ । ଉତ୍ତର ଆଧୁନିକତା-ବାଦୀମାନଙ୍କ ମତରେ ବସ୍ତୁନିଷ୍ଠ ସତ୍ୟ ଏକ ମାୟା । ଏହା ଅତୀତର କେନ୍ଦ୍ରବାଦୀ ଦର୍ଶନର ଉପସ୍ଥିତ ଭିତ୍ତିକ ଆଧିଭୌତିକ (Metaphysics of presence) ଦୃଷ୍ଟିଭଙ୍ଗୀର ଦୁର୍ବଳତା । ଉତ୍ତର ଆଧୁନିକତା-ବାଦୀଙ୍କ ମତରେ ଅତୀତର ଦର୍ଶନ ଶବ୍ଦକୁ ବ୍ରହ୍ମ ବା ଈଶ୍ୱର (ଶବ୍ଦବ୍ରହ୍ମ ward-god) ସହ ତୁଳନା କରିଥିଲା, ଏହି ଦୁର୍ବିନ ମଧ୍ୟ ଦେଇ ଅତୀତର ଦାର୍ଶନିକ ମାନେ କେନ୍ଦ୍ରବାଦୀ ଦୁର୍ବଳତାର ଶିକାର ହୋଇଛନ୍ତି । ଅତୀତ ଦର୍ଶନର କେନ୍ଦ୍ରବାଦୀ ଅନୁଚିନ୍ତା ଈଶ୍ୱରଙ୍କୁ unmoved mover ବୋଲି କହିଲା ବେଳେ ଶବ୍ଦକୁ 'ସତ୍ୟ' ଓ 'ପରମ' ବୋଲି କହିଥାଏ । ଉତ୍ତର ଆଧୁନିକତା-ବାଦୀଙ୍କ ମତରେ ଏହା ମାନବ ଚିନ୍ତନର ମହାଭ୍ରାନ୍ତି । ହିଗେଲେଙ୍କର ପରମ ସତ୍ୟ ବା Absolute Idea ଉତ୍ତର ଆଧୁନିକତାବାଦୀଙ୍କ ମତରେ, ଏପରି ଏକ ମହାଭ୍ରାନ୍ତି ହୋଇପାରେ ।

ଅର୍ଥବହତା କ୍ଷେତ୍ରରେ ଶବ୍ଦର ଶକ୍ତି ସୀମାବଦ୍ଧ, ଶବ୍ଦଯେ ମଣିଷକୁ ଶୋଷଣ କରେ, ଭାଷା ଯେ ଅନ୍ୟ ଏକ କ୍ଷମତା କେନ୍ଦ୍ର ଏହା ଉତ୍ତର ଆଧୁନିକତା-ବାଦୀ ଚିନ୍ତନର ମୌଳିକ ଦିଗ । ଉତ୍ତର ଆଧୁନିକତାବାଦୀ ଫୁକୋଙ୍କ ମତରେ, 'ଭାଷା ହେଉଛି କ୍ଷମତାର ଏକ କେନ୍ଦ୍ର ଏବଂ କ୍ଷମତା ମାନ ଭାଷା ଦ୍ୱାରା ପ୍ରସ୍ତୁତ ।' (Language is terrain of power ବା Power is constitued by language । ଉତ୍ତର ଆଧୁନିକତାବାଦୀ

Digitized by PPRACHIN, SOA

ଫୁକୋଙ୍କର ଏହି ଯୁକ୍ତିକୁ ମାର୍କ୍ସବାଦୀମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ବାକ୍ତିନ୍ ଓ ଗ୍ରାମ୍‌ସିଙ୍କ ଚିନ୍ତନକୁ ଉଦ୍ଧାର କରି ସେମାନେ କହନ୍ତି ଏକ ଆଧିପତ୍ୟ-କାମୀ ଗୋଷ୍ଠୀ, ଶ୍ରେଣୀ, ଜାତି ନିର୍ଦ୍ଦିଷ୍ଟ ଧରଣର ଏକ ଭାଷା ବା ଚିନ୍ତନର ସାହାଯ୍ୟ ନେଇଥାଏ, ତା'ର ଗୋଷ୍ଠୀକୁ କାଏମ ରଖିବା ସକାଶେ, ବସ୍ତୁତଃ ଏହା ସେଇ ଗୋଷ୍ଠୀ ବା ଶ୍ରେଣୀର ଆଧିପତ୍ୟକାମୀ ଭାଷା ବା ଭାବନା (idea), ଯେଉଁ ଭାଷା ଭାବନା, ସେଇ ଆଧିପତ୍ୟକାମୀ ଗୋଷ୍ଠୀ ବା ଶ୍ରେଣୀର ବିନା ସାହାଯ୍ୟରେ ଏକକ ଓ ସ୍ୱୟଂସମ୍ପୂର୍ଣ୍ଣ ଭାବରେ କାହାକୁ ଶୋଷଣ କରିପାରେନା । ତେବେ ମାର୍କ୍ସବାଦୀମାନଙ୍କ ମତରେ ବିଶ୍ୱର ନିପିଡ଼ୀତ ବର୍ଗ ମଣିଷ ଉପରେ ମଣିଷର ଦମନ ଓ ଶୋଷଣର ବିଲୋପ ସକାଶେ ଉପରୋକ୍ତ ଆଧିପତ୍ୟକାମୀ ବର୍ଗ ଶ୍ରେଣୀର ଆଧିପତ୍ୟ ଜଡ଼ିତ ଭାଷା ଓ ଭାବନାକୁ ପରିହାର କରିବା ଦରକାର । କିନ୍ତୁ ବାସ୍ତବ କ୍ଷେତ୍ରରେ ବେଳେବେଳେ ନିପିଡ଼ୀତ ବର୍ଗତ ଦୂରର କଥା କ୍ରାନ୍ତିକାରୀମାନେ ବି ଆଧିପତ୍ୟକାମୀ ବର୍ଗର ଭାଷା ଓ ଭାବନାକୁ ପରିହାର ନକରି ପାରୁଥିବା ହେତୁ ଏପରି ମନେହୁଏ ଯେମିତିକି, ଭାଷା ଏକ ସ୍ୱୟଂସମ୍ପୂର୍ଣ୍ଣ ଶକ୍ତି, ଯାହା ମଣିଷକୁ ଅବଦମିତ କରିପାରେ । ବାସ୍ତବ କ୍ଷେତ୍ରରେ ଏହା କିନ୍ତୁ ସତ୍ୟ ନୁହେଁ । ଅବଶ୍ୟ ବେଳେବେଳେ ଗରିବର ଅବଚେତନ ମନରେ ଧନୀକର ଆଧିପତ୍ୟକାମୀ ଭାଷା ଓ ଭାବନା ବାଲ୍ୟକାଳରୁ ବସାବାନ୍ଧି ରହିଥିବାରୁ ବଡ଼ହେଲା ପରେ ସଂଗ୍ରାମର ମଇଦାନରେ ଅବତୀର୍ଣ୍ଣ ହୋଇ ବି ବାଲ୍ୟବୟସରୁ ଆହୃତ ଭାଷା ଓ ଭାବନା (ଯାହା ଅବଚେତନ ମନର ଭାଷା-ଭାବନା)କୁ ପରିହାରକରିପାରେନା । ଏ ସମ୍ପର୍କରେ ଉତ୍ତର ଆଧୁନିକତା-ବାଦୀ ଦାର୍ଶନିକ ଲାକାଁ (Lacan)ଙ୍କ ମତ ହେଲା- 'ଅବଚେତନ ମନ ଏକ ଭାଷା ରୂପୀ ମହୁଫେଣା (Unconscious mind is Structured like language) । ଏହାର ଅର୍ଥ ଅବଚେତନ ମନ ମଣିଷର ସାମୁହିକ ଭାଷା ବ୍ୟବହାର ପ୍ରକ୍ରିୟାରୁ ସୃଷ୍ଟି ଏବଂ ମଣିଷର ଭାଷା ତା'ର ଅବଚେତନର ବିଷୟବସ୍ତୁ । ମୋଟାମୋଟି ଭାବରେ ମଣିଷର ଭାଷା ବ୍ୟବହାର କ୍ଷେତ୍ରରେ ଅବଚେତନର ପ୍ରଭାବ ଯଥେଷ୍ଟ । ଅନ୍ୟ ପକ୍ଷରେ ଅବଚେତନ ଓ ଭାଷା କେହି କାହାଠାରୁ ଅଲଗା ନୁହଁନ୍ତି । ଲାକାଁ (Lacan)ଙ୍କର ଏହି ଆବିଷ୍କାର ପୋଷ୍ଟ ଫ୍ରୟେଡୀୟ ମନସ୍ତତ୍ୱ ଦର୍ଶନର ଏକ ବିପ୍ଳବାତ୍ମକ ଆବିଷ୍କାର । ଏହା ଉତ୍ତର ଆଧୁନିକତା-ବାଦୀ ଚିନ୍ତନର ଏକ ଚିରନ୍ତନୀ ସଂଯୋଗ । ଲାକାଁଙ୍କ (Lacan) ଆବିଷ୍କାର ସୂଚାଇ ଦିଏ ମଣିଷର ମନ-ଚୈତନ୍ୟର ସଂଘର୍ଷ, ବହୁଦିନ ଧରି ଚାଲିଛି ଓ ଚାଲିବ । ଲାକାଁ (Lacan)ଙ୍କ ଆବିଷ୍କାର ସମ୍ପ୍ରତିକ ଦୁନିଆରେ ମଣିଷର ମାନସିକ ରୋଗ ଚିକିତ୍ସାର ଏକ ଅଭିନବ ପଦ୍ଧତି ।

Digitized by PPRACHIN, SOA

ଉତ୍ତର ଆଧୁନିକତାବାଦୀମାନଙ୍କ ମତରେ ସାମ୍ପ୍ରତିକ ଦୁନିଆଁରେ ଭାଷା ମାଧ୍ୟମରେ ମଣିଷ ଉପରେ ହେଉଥିବା ଶୋଷଣ ଗତି ଏତେ ତୀବ୍ର ହୋଇଛି, ଯାହାର ପରିଣତ ସ୍ୱରୂପ ବର୍ତ୍ତମାନର ମଣିଷ ପ୍ରକୃତି ଓ ବାସ୍ତବତା ଅପେକ୍ଷା, ପ୍ରକୃତି ଓ ବାସ୍ତବତାର ପ୍ରତିରୂପ (image) କୁ ଅଧିକ ପସନ୍ଦ କରୁଛି । ଉଦାହରଣ ସ୍ୱରୂପ ପ୍ରକୃତ ମାଡୋନା ଅପେକ୍ଷା ମାଡୋନାର ପ୍ରତିରୂପପ୍ରତି ମଣିଷ ଅଧିକ ଆଗ୍ରହୀ । ଉତ୍ତର ଆଧୁନିକତାବାଦୀ ବଡ୍ରିଲାର୍ଡ ଏହାକୁ ସାଦୃଶ୍ୟକ୍ରମ ବା (Simulacra) ବୋଲି କହୁଛନ୍ତି । ସାଦୃଶ୍ୟକ୍ରମ ବା Simulacra ନିୟମ ଅନୁଯାୟୀ ପରିଦୃଶ୍ୟମାନେ ଜଗତ ଅପେକ୍ଷା ମଣିଷକୁ ପରିଦୃଶ୍ୟବାନ ଜଗତର ପ୍ରତିରୂପ ଅଧିକ ଆକର୍ଷଣୀୟ ମନେ ହେଉଛି । ପ୍ରକୃତି ବଦଳରେ ପ୍ରକୃତିର ପ୍ରତିରୂପକୁ ମଣିଷ ଅଧିକ ପସନ୍ଦ କରୁଛି, Reality ବଦଳରେ hyper Reality, ବିଜ୍ଞାନ ବଦଳରେ ପ୍ରଯୁକ୍ତି ଓ ପୁଞ୍ଜି ଆଡ଼କୁ ଅଧିକ ଆକର୍ଷିତ ହୋଇଛି । ସାଧାରଣ ଭାଷା ବଦଳରେ କମ୍ପ୍ୟୁଟର Code language ଦେଇ ମଣିଷ ଅଧିକ ମାତାମାତି କରୁଛି । ସାହିତ୍ୟ ହୋଇଯାଇଛି ଆଜି ମଣିଷ ପାଇଁ ଆମୋଦ ପ୍ରମୋଦର ସାମଗ୍ରୀ -ରୋଚକ ଯୌନ ଉଦ୍ଦୀପକ ପଦାର୍ଥ । ଆରିଷ୍ଟଲଙ୍କ Purgation of immotion' ବା 'ରେଚନ ପ୍ରକିୟା' କିମ୍ବା ମାର୍କ୍ସବାଦର "ସାମାଜିକ ଅଙ୍ଗୀକାରବଦ୍ଧତା" କିମ୍ବା ହାର୍ବଟ ମାକ୍ୟୁଜ୍‌ଙ୍କ 'aesthetic wisdom' (ନାନ୍ଦନିକ ମୁକ୍ତି) ଏ ସବୁର ମୂଲ୍ୟ କଳା ବା ସାହିତ୍ୟରେ କିଛିନାହିଁ । କଳା ଓ ସାହିତ୍ୟ ଆଜି ମାନସିକ ମୁକ୍ତି ବଦଳରେ ଉଦ୍ଦୀପନା ବା ଯୌନ ଉଦ୍ଦୀପନାର ବିଷୟବସ୍ତୁ ହୋଇଯାଇଛି । ଚଳଚ୍ଚିତ୍ର ଆଜି ଥ୍ରୀଲର, ପ୍ରଯୁକ୍ତିଗତ କଳା, ନୃତ୍ୟ ଆଜିକାଲି ଜିମ୍‌ନାଷ୍ଟକ୍ ଓ ସଙ୍ଗୀତ "Multi musical instruments' ର ଯାନ୍ତ୍ରିକ ସ୍ୱରଧ୍ୱନି । କଳାତ୍ମକ ନିପୁଣତା ଅର୍ଥ ଆଜି 'ଟେକ୍‌ନିକ୍‌ର' ସଦୁପଯୋଗ । ଉତ୍ତର ଆଧୁନିକତାବାଦ 'ବିନିମୟ ମୂଲ୍ୟ-ବାହୀ' ଏହି କଳା ସାହିତ୍ୟର ସ୍ୱରୂପକୁ ଉଦ୍‌ଘାଟିତ କରୁଛି । ହୋଇପାରେ ଉତ୍ତର ଆଧୁନିକତାବାଦୀ ମାନଙ୍କର ଆଧିଭୌତିକତା ବାବଦରେ ସଚେତନ ହେବାର ଏହା ଏକ ଭିନ୍ନ ପ୍ରୟାସ । ଉତ୍ତର ଆଧୁନିକତାବାଦୀ ବଡ୍ରିଲାର୍ଡ କହନ୍ତି, ସାମ୍ପ୍ରତିକ ସମାଜରେ ବାସ୍ତବତାର ମୃତ୍ୟୁ ଘଟିଛି । ଲଏଟାର୍ଡଙ୍କ ମତରେ ନବ-ଜାଗରଣ ଯୁଗର ଜ୍ଞାନାନ୍ୱେଷା ଆଉ ନାହିଁ । ପାଠକ ମତରେ ପୃଥିବୀର ସମସ୍ତ ଜ୍ଞାନ ଆଜି ବହୁ-ଜାତୀୟ କମ୍ପାନୀମାନଙ୍କର ନିର୍ଦ୍ଦେଶରେ ପରିଚାଳିତ ହେଉଛି । କ୍ୟୁବେକ୍ ସରକାରକୁ ଏ ବାବଦରେ ଦେଇଥିବା ରିପୋର୍ଟ୍ ରେ ସେ ଉଲ୍ଲେଖ କରନ୍ତି, "Knowledge is the dictact of the M.N.C. in the intrest of finance capital । ବିଜ୍ଞାନ ଯେ ପୁଞ୍ଜି ଓ ପ୍ରଯୁକ୍ତି ସହ ଗଠବନ୍ଧନ କରିଛି ଉତ୍ତର ଆଧୁନିକତାବାଦୀ

Digitized by PPRACHIN, SOA

ମାନଙ୍କର ଏହି ମତ, ବାସ୍ତବରେ ମାନବ ସଭ୍ୟତା ପାଇଁ ଉଦ୍‌ବେଗର କାରଣ ହୋଇପାରେ । ଲଏଟାର୍ଡଙ୍କ ମତରେ ବର୍ତ୍ତମାନର ବିଜ୍ଞାନ (ପ୍ରଯୁକ୍ତି) ଅତୀତରେ ନବଜାଗରଣ ଯୁଗର ବିଜ୍ଞାନ ପରି ଏକ ନାୟକ (Hero) ର ଭୂମିକା ପାଳନ କରୁନାହିଁ । ('Science is no longer playing the role of a hero') ।

ଉତ୍ତର ଆଧୁନିକତାବାଦୀମାନେ ଭାଷା ମାଧ୍ୟମରେ ହେଉଥିବା ଶୋଷଣ ଉପରେ ଗୁରୁତ୍ୱ ଦେଉଛନ୍ତି । ଭାଷାର ବହୁବିଧ ଅର୍ଥବହତା (Mulitiplicity of meening) କୁ ପ୍ରତିଟି ଶ୍ରେଣୀ / ଗୋଷ୍ଠୀ ଓ ବ୍ୟକ୍ତି ନିଜ ନିଜର ସଙ୍କୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରୁଥିବାରୁ ଭାଷା ସଚେତନତା ଓ ଭାଷା ସମାଲୋଚନା ମାଧ୍ୟମରେ ମାନବ ଶୋଷଣକୁ ଲଘୁ କରାଯାଇପାରେ ବୋଲି ଉତ୍ତର ଆଧୁନିକତାବାଦୀ ଦର୍ଶାଇ ଥାଆନ୍ତି । ଉତ୍ତର ଆଧୁନିକତାବାଦୀ ଦେରିଦା ଏଥିପାଇଁ 'Deconstruction' ବା 'ବିନିର୍ମାଣ' ନାମକ ଏକ ପଦ୍ଧତିର ବାର୍ତ୍ତାବହ ସାଜନ୍ତି । 'ବିନିର୍ମାଣ ବା Deconstruction ମାଧ୍ୟମରେ ସେ 'Authoritorian Text' (ଆଧିପତ୍ୟକାମୀ ଗ୍ରନ୍ଥ) ର ଆଧିପତ୍ୟକାମୀ ଧାରଣା, ଯଥା-ପୁରୁଷ ତାନ୍ତ୍ରୀକ-ସାମନ୍ତବାଦୀ / ପୁଞ୍ଜିବାଦୀ / ବର୍ଣ୍ଣବାଦୀ / ଉଗ୍ରଜାତୀୟତାବାଦୀ / ଧର୍ମାନ୍ଧ-ରଢ଼ିବାଦୀ ସର୍ବୋପରି କେନ୍ଦ୍ରବାଦୀ ଧାରଣା ଦେହରେ ଆଘାତ ହାଣନ୍ତି । ଉତ୍ତର ଆଧୁନିକତାବାଦରେ ବିନିର୍ମାଣର ପ୍ରୟୋଗ ଏକ ଉତ୍ପାଟନ ପଦ୍ଧତି (Subversive Practice) । ଏହି ପଦ୍ଧତି ଜରିଆରେ ଶବ୍ଦ ବା ଭାଷା ପ୍ରୟୋଗ କ୍ଷେତ୍ରରେ ଥିବା ଆଧିପତ୍ୟକାମୀ ଦୁର୍ବଳତାର ମୁଖା ଖୋଲି ଦିଆଯାଇଥାଏ । ବିନିର୍ମାଣବାଦୀ ମାନେ ଶବ୍ଦ / ଭାଷା ମଧ୍ୟରେ ନୂତନ ଅର୍ଥ ସନ୍ଧାନ କ୍ଷେତ୍ରରେ ଧୂରୀଣ ଓ ପାରଦର୍ଶୀ । ଉଦାହରଣ ସ୍ୱରୂପ ମାର୍କ୍ସ ପୁଞ୍ଜିବାଦରେ ଶ୍ରମିକଙ୍କୁ ମଜୁରୀ ଦାଶ (Wage slave) ସମ୍ବୋଧନ କରିଥିଲେ । ଉତ୍ତର ଆଧୁନିକତାବାଦୀମାନେ ସାମ୍ପ୍ରତିକ କାଳରେ ବିଳମ୍ବିତ ପୁଞ୍ଜିବାଦୀ ବିଶ୍ୱରେ (Late capitalitic World) ଶ୍ରମିକକୁ ବୁଦ୍ଧିମାନ ଦାସ (intellegent slave / skilled slave) ମନେ କରିଥାନ୍ତି । ସେହିପରି ବିଂଶ ଶତାବ୍ଦୀର ୯୦ ଦଶକରେ ସୋଭିଏତ୍ ରଷ୍ଟ୍ରର ପତନପରେ ଯେତେବେଳେ ଆମେରିକା ଓ ଇଉରୋପର ଶାସକ ଶ୍ରେଣୀ 'ମାର୍କ୍ସବାଦର ବିଲୟ ଘଟିଲା' ବୋଲି ଡିଣ୍ଡିମ ପିଟିଲେ, ସେତେବେଳେ ଉତ୍ତର ଆଧୁନିକତାବାଦୀ ଦେରିଦା ତାଙ୍କର Specture Marx ପୁସ୍ତକରେ ଇଉରୋପ ଓ ଆମେରିକୀୟ ବୁର୍ଜୁୟାମାନଙ୍କୁ ବିଦ୍ରୂପ କରି କହନ୍ତି, 'କେହି ମରିଗଲେ ଯେମିତି ତା'ର ଭୂତ ମଣିଷ ଉପରେ ସବାର ହୁଏ ସେମିତି ମାର୍କ୍ସବାଦର ଭୂତ ବର୍ତ୍ତମାନ ଇଉରୋପ ଓ ଆମେରିକୀୟ ବୁର୍ଜୁୟାଙ୍କ ଉପରେ ସବାର ହେବାରେ ଲାଗିଛି-ଏକଦା ଯେମିତି

Digitized by PPRACHIN, SOA

କମ୍ୟୁନିଜିମ୍‌ର ଭୂତ ଇଉରୋପ ଉପରେ ସବାର ହେଲା ବେଳେ ମାର୍କ୍ସ ଲେଖିଥିଲେ 'Spectre of communism is hunting Europe' ସେମିତି ବର୍ତ୍ତମାନ 'Specture of marxism is hunting Europe and America I ଦେରିଦାଙ୍କ ବିନିର୍ମାଣ ଏକ ଅନ୍ତହୀନ ସମାଲୋଚନାର ଧାରା । ଉପସ୍ଥିତ ଭିତ୍ତିକ ସତ୍ୟ / (objective truth) ର ବିରୋଧୀ । ଦେରିଦା ଅର୍ଥର ବହୁ ବିକଳ୍ପ (endless substitution) ଚିନ୍ତା କରିଥାନ୍ତି । ଅଧିକନ୍ତୁ ତାଙ୍କ ସମାଲୋଚନାର ଧାରା ଅର୍ଥର ଅଥୟ ଭାବରେ ଦ୍ୟୋତକ (Meening not in Rest) I ନିରନ୍ତର ସମାଲୋଚନାରେ ବିଶ୍ୱାସ କରୁଥିବା ଦେରିଦା ଓ ତାଙ୍କର ଉତ୍ତର ଆଧୁନିକତାବାଦୀ ସାଥୀମାନେ ପୋଥି ବା ଗ୍ରନ୍ଥ ବ୍ୟାଖ୍ୟା କ୍ଷେତ୍ରରେ ଦୃଢ଼ ଓ ସଂକଳ୍ପବଦ୍ଧ ଥିବା ହେତୁ ସମଗ୍ର ବିଶ୍ୱରେ ସେମାନେ ବିଂଶ ଶତାବ୍ଦୀର ଶ୍ରେଷ୍ଠ ଭାଷା ବିପ୍ଳବୀ ଭାବରେ ଚିହ୍ନିତ ।

ଏକଦା ଦାର୍ଶନିକ ମାର୍କ୍ସ କହିଥିଲେ-

"ଦାର୍ଶନିକମାନେ ନିଜନିଜ ବାଟରେ ପୃଥିବୀକୁ ବ୍ୟାଖ୍ୟା କରି ଚାଲିଛନ୍ତି । ବର୍ତ୍ତମାନ ବ୍ୟାଖ୍ୟା ଅପେକ୍ଷା ପୃଥିବୀକୁ ବଦଳାଇବାଟା ଗୁରୁତ୍ୱପୂର୍ଣ୍ଣ ।"

ସମ୍ପ୍ରତି ଉତ୍ତର ଆଧୁନିକତାବାଦୀମାନେ କହନ୍ତି-

ଦାର୍ଶନିକମାନେ ବ୍ୟାଖ୍ୟା ବା ବଦଳାଇବା କଥା ଯାହା ବା କହନ୍ତୁ ନା କାହିଁକି, ବର୍ତ୍ତମାନ କିନ୍ତୁ ଗ୍ରନ୍ଥ ବା କ୍ରୀୟା ମଧ୍ୟରେ ଥିବା ଦୁର୍ବଳତାକୁ ଦର୍ଶାଇବା ଦାର୍ଶନିକ ବା ସମାଲୋଚକର ସବୁଠାରୁ ବଡ଼ କାମ ।

ଉତ୍ତର ଆଧୁନିକତାବାଦର ନିରନ୍ତର ସମାଲୋଚନାର ଧାରା ଏକ ନୂତନ ଦର୍ଶନ ଭାବରେ ନୂତନ ଅନ୍ତର୍ଦୃଷ୍ଟିର ସହ ସେଇ କାର୍ଯ୍ୟଟିକୁ କରିଚାଲିଚି । ଏହି ଦର୍ଶନରେ ଥିବା ସମସ୍ତ ତ୍ରୁଟି ବିଚ୍ୟୁତି ଓ ସୀମାବଦ୍ଧତା ସତ୍ତ୍ୱେ କ୍ରାନ୍ତିକାରୀମାନେ ଏହି ଦର୍ଶନଠାରୁ ଅନେକ କିଛି ଗ୍ରହଣ କରିବାର ଅଛି ।

❑❑

Digitized by PPRACHIN, SOA

ଉତ୍ତର ଆଧୁନିକତା ପ୍ରସଂଗ : ବିନିର୍ମାଣବାଦୀ ଦେରିଦା

ଦେରିଦା ଏକ କ୍ଷୁଦ୍ର ପରିଚୟ:

ଜାକ୍ୟୁସ ଦେରିଦା (Jacques Derida) ବା ଜାକ୍ ଦେରିଦା ବିନିର୍ମାଣବାଦୀ (Deconstration) ଦର୍ଶନର ଜନ୍ମଦାତା ଓ ପ୍ରବକ୍ତା । ୧୯୩୦ ମସିହାରେ ଆଲ୍‌ଜେରିଆ (ଫରାସୀ କଲୋନୀ)ର ଏଲ୍-ବେୟାର ଜିଲ୍ଲାରେ ଏକ ଜିଉଜ୍ ପରିବାରରରେ ତାଙ୍କର ଜନ୍ମ । ଦେରିଦାଙ୍କର ଜନ୍ମ ସମୟ ଥିଲା ଫରାସୀ ସୁରିଆଲିଷ୍ଟ ଆନ୍ଦୋଳନର ଉଷାକାଳ । ଜଣେ ଜିଉଜ୍ ଭାବରେ ଦେରିଦାଙ୍କ ଶୈଶବ ପ୍ରତକ୍ଷ କରିଥିଲା, ସମାଜରେ ଜିଉଜମାନଙ୍କ ପ୍ରତି ଘୃଣା ବୈଷମ୍ୟର ଓ ଅତ୍ୟାଚାର ଜର୍ଜରିତ ଚିତ୍ରାବଳୀ । ବାଂଛଦ, ଶାରିରୀକ ନିର୍ଯ୍ୟାତନା ଠାରୁ ଆରମ୍ଭ କରି ଶିକ୍ଷା ଓ ନ୍ୟାୟାଳୟ ଚାକିରି କ୍ଷେତ୍ରରୁ ଜିଉଜ୍‌ମାନଙ୍କୁ ବଂଚିତ କରାଯାଉଥିଲା । ୧୯୪୧ ଓ ୧୯୪୩ରେ ସ୍ୱୟଂ ବାଳକ ଦେରିଦା ଜିଉଜ୍ ଘୃଣାର ଶିକାର ହୋଇ ଦୁଇଦୁଇଥର ଶିକ୍ଷାୟତନରୁ ବିତାଡ଼ିତ ହୋଇଥିଲେ । ସଂଭବତଃ କେନ୍ଦ୍ର (Centre) ଓ ପ୍ରାଂତ (Margin) ଧାରଣା, ଦେରିଦା ଖ୍ରୀଷ୍ଟିୟାନ୍ ମାନଙ୍କର ଜିଉଜ୍‌ମାନଙ୍କ ପ୍ରତି ଘୃଣାର ବାତାବରଣ ମଧ୍ୟରୁ ପାଇଥାଇ ପାରନ୍ତି । ଜିଉଜ୍ ଘୃଣାର ଅନ୍ତିମ ସ୍ୱରୂପ ଦେରିଦାଙ୍କ କୈଶୋର ଓ ଯୌବନ ପ୍ରତ୍ୟକ୍ଷକରିଲା ଦ୍ୱିତୀୟ ବିଶ୍ୱଯୁଦ୍ଧର ନାରକୀୟ ପରିଣତି ମଧ୍ୟ ଦେଇ ।

ପୌଢକାଳର ଦେରିଦା ସ୍ୱଚକ୍ଷୁରେ ଦେଖିଲେ କମ୍ୟୁନିଜିମ୍‌ର ଜୟ ପରାଜୟ, ପୁଞ୍ଜିବାଦରର ଉତ୍‌ଥାନ ପର୍ବ, ସାମ୍ରାଜ୍ୟବାଦ, ନବ ଉପନିବେଶବାଦ ତଥା ଉପଭୋକ୍ତାବାଦବାଦୀ ଦୁନିଆ, ନାଗରିକ ସମାଜର ଛଳନା ଓ ସର୍ବୋପରି ସର୍ବହରା (ଯାହା ଦ୍ୱାରା ବିପ୍ଲବ ସମ୍ଭବ ବୋଲି କୁହାଯାଉଥିଲା) ସେଇ ଶ୍ରେଣୀରେ ସାଲିସ ମନୋବୃତ୍ତି । ଏକ ପୂର୍ଣ୍ଣ ଦର୍ଶନର ସ୍ରଷ୍ଟା ସାଜିବା ପୂର୍ବରୁ ଦେରିଦା ତାଙ୍କର ଅସଂପୂର୍ଣ୍ଣ

Digitized by PPRACHIN, SOA

ଶିକ୍ଷା-ନବୀଶ ଜୀବନରେ, "ଇକୋଲେ ନର୍ମେଲେ ସୁପିରିଅରରେ" ବିଦ୍ୟମାନ ପରିସରରେ ମାର୍ଗରେତି ଅକୋତିୟରଙ୍କୁ ୧୯୫୭ ମସିହାରେ ବିବାହ କରିଥିଲେ । ଅବସର ସମୟରେ ଦେରିଦା ତାଙ୍କର କୈଶୋର ଯୌବନରେ ନିତ୍ସେ, ରୁଷୋ, କାମ୍ୟୁ, ଭଲେରି ଓ ଆହେଗିଡ୍ ଇତ୍ୟାଦିଙ୍କୁ ପଢ଼ିବାର ସୁଯୋଗ ଲାଭ କରିଥିଲେ । ୧୯୬୦ ମସିହାରେ ମୌଳିକ ଚିନ୍ତାଗୁଣ ସଂପନ୍ନ ଯୁବ ବୁଦ୍ଧିଜିବୀ ଦେରିଦା ନବ୍ୟ / ଉଗ୍ର ବାମପନ୍ଥୀ (Ultra left) ପତ୍ରିକା ଟେଲ୍‌କୁଏଲ୍ (Telquel)ରେ ଯୋଗ ଦେଇଥିଲେ । ଏହି ପତ୍ରିକାର ସ୍ୱର ଥିଲା ମାଓବାଦ, ସୁରିୟାଲିଜିମ୍ ଓ ନୂତନ ଭାଷାଦର୍ଶନ ଅନୁସନ୍ଧିତ୍ସା । ଟେଲ୍ କୁଏଲ୍‌ର ଅଭିଜ୍ଞତାକୁ ନେଇ ଦେରିଦା ୭୦ଦଶକର ଜନ୍ ହପ୍‌କିନ୍ ବିଶ୍ୱବିଦ୍ୟାଳରେ ଏକ ନିର୍ଦ୍ଦିଷ୍ଟ ପାଠ୍ୟକ୍ରମରେ ଯୋଗ ଦେବାର ସୁଯୋଗ ପାଇଲେ । ପରବର୍ତ୍ତୀ ସମୟରେ ସେ ଏଠାରେ ଓ ଅନ୍ୟତ୍ର ଅଧ୍ୟାପକ ଭାବରେ କାମ କରିଥିଲେ । ୧୯୮୧ ମସିହାରେ ପ୍ରାଗ୍ ସହରରେ ଏକ ଗୁପ୍ତ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରିଥିଲା ବେଳେ ଦେରିଦା ବଂଦୀ ହୋଇଥିଲେ । ଏହା ପରେ ତାଙ୍କୁ ସେ ଦେଶରୁ ବିତାଡ଼ିତ ହେବାକୁ ପଡିଥିଲା । ୧୯୮୨ ମସିହାରେ କେନ୍ ମାକ୍‌ମିଲାନ୍‌ଙ୍କ ନିର୍ଦ୍ଦେଶିତ ଘୋଷ୍ଟ ଡାନ୍‌ସ୍ (Ghost Dance) ଚଳଚ୍ଚିତ୍ରରେ ଅଂଶ ଗ୍ରହଣ କଲେ । ଏହି ଚଳଚ୍ଚିତ୍ରଟି ବର୍ଣ୍ଣ ବୈଷମ୍ୟ ବ୍ୟବସ୍ଥା-ବିରୋଧୀ ବିଷୟ ବସ୍ତୁକୁ ଆଧାର କରି ନିର୍ମିତ ହୋଇଥିଲା । ୧୯୮୬ ରେ ଦେରିଦା ପିଟର ଆଇଜେନ୍-ମେନ୍ (ଆମେରିକୀୟ ସ୍ଥପତିଙ୍କର) ପାକପ୍ରୋଜେକ୍ଟରେ ସହଯୋଗୀ ଭୂମିକା ପାଳନ କଲେ । ୧୯୮୪ ମସିହାରେ ଦେରିଦା କୌତୁହଳ ବଶତଃ ନିଜର ଭଗିନୀଙ୍କ ସହ ଏଲ୍‌ବେୟାରରେ ବାଲ୍ୟ ଜୀବନ କଟାଇଥିବା ବାସଗୃହ ୧୩ଡି. ଅଭରଲେ. ଡିପାଲାଡାଇନ ପରିଦର୍ଶନ କରିଥିଲେ । ଦେରିଦା ବିଶ୍ୱବିଦ୍ୟାଳୟର ଜଣେ ପୂର୍ଣ୍ଣ ସମୟଦାନକାରୀ ଅଧ୍ୟାପକ ଦାର୍ଶନିକ ନ ହେଲେ ମଧ୍ୟ ତାଙ୍କ ଦର୍ଶନ (ବିନିର୍ମାଣବାଦ) ମୁଖ୍ୟତଃ ବିଦ୍ୟାୟତନର ଦର୍ଶନ ଭାବରେ ଖ୍ୟାତି ଲାଭ କରିଛି ।

ଦେରିଦାଙ୍କ ଦର୍ଶନ, ଚିନ୍ତାକ୍ରୀୟା, ଚିନ୍ତା (Thought > Action> Reflection) ଦର୍ଶନ ନ ହୋଇ ଚିନ୍ତା > ଚିନ୍ତା > ପ୍ରତିଫଳନ (Thought >Thought Reflection)ର ଦର୍ଶନ ବୋଲି ଅଭିଯୋଗ କରି କେହି କେହି କହନ୍ତି ମୂଳରୁ ଦେରିଦାଙ୍କ ଦର୍ଶନରେ ପ୍ରତିଫଳନ (Reflection) ନାହିଁ । କାରଣ ଏହା କ୍ରିୟା ନୁହେଁ, ଚିନ୍ତାରୁ ଚିଂତାକୁ ଜନ୍ମ ଦିଏ । ଏହାକୁ ସେମାନେ ଭାଷା ଜଗତର ଭାବ ଖେଳ ବା ଭାବ ଜଗତର ଭାଷା ଖେଳ ବୋଲି କହିଥାନ୍ତି । ସେମାନଙ୍କ ମତରେ ଦେରିଦା ଏକ କର୍ମଯୋଗୀ ଦାର୍ଶନିକ ନୁହଁନ୍ତି, ଭାବ ଯୋଗୀ ଦାର୍ଶନିକ । ତେଣୁ ତାଙ୍କର ଦର୍ଶନ ଭାବବାଦ (Idealism) ଭିନ୍ନ ଅନ୍ୟ

Digitized by PPRACHIN, SOA

କିଛି ନୁହଁ । ଦେରିଦା ଭାବ ଯୋଗୀ ଦାର୍ଶନିକ ହୁଅନ୍ତୁ ବା ଭାବବାଦୀ ଦାର୍ଶନିକ ହୁଅନ୍ତୁ କିନ୍ତୁ ତାଙ୍କ ଦର୍ଶନ ସଂପ୍ରତି ଏକବିଂଶ ଶତାବ୍ଦୀର ଏକ ପ୍ରଭାବଶାଳୀ ଦର୍ଶନ ଏହା ଅସ୍ୱୀକାର କରାଯାଇ ପାରେନା ।

ଉତ୍ତର ଆଧୁନିକତାବାଦ ପରଂପରାରେ ଦେରିଦା ଜଣେ ସଚ୍ଚା ଉତ୍ତର ଆଧୁନିକତାବାଦୀ ଦାର୍ଶନିକ ଏହା କହିବା ବାହୁଲ୍ୟ । ଦେରିଦାଙ୍କ ଉତ୍ତର ଆଧୁନିକତାବାଦୀ ଦର୍ଶନ, ବିନ୍ୟାସବାଦୀ (ସୋସୁର, ଲେଭିସ୍ତୋ ଇତ୍ୟାଦିଙ୍କ ଦ୍ୱାରା ପ୍ରତିଷ୍ଠିତ) ଦର୍ଶନ ବିରୁଦ୍ଧରେ ନିର୍ବିନ୍ୟାସବାଦୀ ଦର୍ଶନର ପ୍ରତିଷ୍ଠା ପର୍ବ ।

ଦେରିଦା ଓ ନିର୍ବିନ୍ୟାସବାଦ (Post Structuralism):

ଭାଷା ଦର୍ଶନ ଜଗତର ସୋସୁର ବିନ୍ୟାସବାଦ (Structuralism)ର ଏକ ବଳିଷ୍ଠ ଭିତ୍ତି ପକାଇବା ସଂଗେ ସଂଗେ ନୃତତ୍ୱରେ ଲେଭିସ୍ତୋ ଓ ସମାଜ-ବିଜ୍ଞାନ କ୍ଷେତ୍ରରେ ଆଲଥୁସର ବିନ୍ୟାସବାଦକୁ ଏକ ନୂଆ ମୋଡ଼ ଦେଲେ । ଦର୍ଶନ କିନ୍ତୁ ଏଇ ଠାରେ ଅଟକି ଗଲାନି । ପାଶ୍ଚାତ୍ୟ ଜଗତର ଗୁରୁ ଓ ମହାପଣ୍ଡିତ ମାନେ ମାତିଗଲେ ପୁଣି ନୂଆ ଦର୍ଶନର ଆବିଷ୍କାର ସକାଶେ । ବିନ୍ୟାସବାଦ ପରେ ସେଇ ନୂତନ ଦର୍ଶନର ଆବିଷ୍କାରଟି ହେଲା ନିର୍ବିନ୍ୟାସବାଦ । ବିନ୍ୟାସବାଦ ସହ ତୁଳନା କଲେ ନିର୍ବିନ୍ୟାସବାଦର ନୂତନତା ବା କଣ ?

ବିନ୍ୟାସବାଦୀମାନଙ୍କ ମତରେ ଯେ କୌଣସି ପୋଥି (text)ର ଏକ ନିର୍ଦ୍ଦିଷ୍ଟ ବିନ୍ୟାସ ରହିଛି, ଯାହା ଅପରିବର୍ତ୍ତନୀୟ, ସ୍ୱତଂତ୍ର ଓ ସ୍ୱୟଂଶାସିତ ।ଏହାର (ପୋଥିଟିର) ଅର୍ଥବଦ୍ଧତା ପାଠକ ନିର୍ଭରଶୀଳ ନୁହଁ । ଏକ ନିର୍ଦ୍ଦିଷ୍ଟ ପୋଥି ନିଦିଷ୍ଟ ଅର୍ଥକୁ ନିରବଚ୍ଛିନ୍ନ ଭାବରେ ବା ଅବର୍ତ୍ତମାନରେ ଜାହିର କରିଚାଲେ । ବସ୍ତୁ ଜଗତରେ ବିଭିନ୍ନ ବସ୍ତୁମାନଙ୍କର ଗୁଣ ବା ଆନ୍ତଃ ସଂପର୍କ ଯେମିତି ମାନବ ନିର୍ଭରଶୀଳ ନୁହଁ, ସେମିତି ଗ୍ରନ୍ଥ ବା ପୋଥିର ଜଗତରେ ଗ୍ରନ୍ଥର ଅର୍ଥ ପାଠକ ନିର୍ଭରଶୀଳ ନୁହଁ । ବିନ୍ୟାସବାଦୀ ମାନଙ୍କ ମତରେ ପ୍ରତ୍ୟେକ ପୋଥିର ଏକ ନିର୍ଦ୍ଦିଷ୍ଟ ବିନ୍ୟାସ ରହିଛି ଏବଂ ସେହି ବିନ୍ୟାସର ଏକ କେନ୍ଦ୍ର ମଧ୍ୟ ଅଛି ଏବଂ ଏହି କେନ୍ଦ୍ର ବା ବିନ୍ୟାସକୁ ବହନ କରି ପ୍ରତ୍ୟେକ ପୋଥି ଏକ ନିର୍ଦ୍ଦିଷ୍ଟ ଅର୍ଥର ବାହକ । ଏକ ଗ୍ରନ୍ଥ ବା ଗୋଟାଏ ପୋଥିର ଏକ ଅର୍ଥ ଭିନ୍ନ ହଜାରେ ପ୍ରକାର ଅର୍ଥ ହୋଇ ପାରେନା । ନିର୍ଦ୍ଦିଷ୍ଟ ଅର୍ଥ ବାହାରେ ଅନ୍ୟ ଅର୍ଥର ସଂଧାନ ପାଠକର ଭ୍ରମ । ବସ୍ତୁ ଜଗତରେ ବସ୍ତୁର ଗୁଣକୁ ଖୋଜି ନ ପାଇ ପାରିବା ଗ୍ରନ୍ଥାକାର ବା ଗ୍ରନ୍ଥର ଭୁଲ୍ ନୁହଁ ପାଠକର । ସମାଲୋଚକର ଭୁଲ୍ । ନିର୍ବିନ୍ୟାସବାଦୀମାନେ ବିନ୍ୟାସବାଦୀମାନଙ୍କର

Digitized by PPRACHIN, SOA

ଉପରୋକ୍ତ ଧାରଣା ସହ ସହମତ ହୋଇ ପାରିଲେନି । ବିଂଶ ଶତାବ୍ଦୀ ୬୦ ଓ ୭୦ ଦଶକରେ ଏମାନେ ବିନ୍ୟାସବାଦୀ ମାନଙ୍କ ଠାରୁ ଅଲଗା ହୋଇ କରି ବିନିର୍ମାଣବାଦ (Deconstruction) ର ପ୍ରବକ୍ତା ସାଜିଲେ । ଯେଉଁ ସମସ୍ତ ଦାର୍ଶନିକମାନେ ଏହି ନୂତନ ଆନ୍ଦୋଳନ ସହ ସାମିଲ୍ ହେଲେ ସେମାନେ ହେଲେ ଜାକ୍ ଦେରିଦା, ଜୁଲିଆ, କ୍ରିଷ୍ଟେଭା, ରୋଲା ବାର୍ଥ, ମିଚେଲେ ଫୁକଲ୍ଟୋ, ପଲ୍ ଡ଼ିମ୍ୟାନ୍, ହେରାଲଡ୍ ବ୍ଲୁମ୍, ଗୁଏଟେରି ଇତ୍ୟାଦି । ବିଶ୍ୱ ଇତିହାସରେ ପ୍ରଥମ କରି ଏମାନେ ଅତୀତରେ ସମସ୍ତ ଦର୍ଶନ ପ୍ରତି ତର୍ଜନୀ ନିର୍ଦ୍ଦେଶ କଲେ । ଏମାନେ ସତ୍ୟ ପଛରେ ଦାର୍ଶନିକ (ଏପରିକି ମଣିଷ) ର ବିକଳ ଅନୁଧାବନକୁ ବ୍ୟଙ୍ଗ କଲେ । ଏମାନେ ସତ୍ୟର ସ୍ୱତନ୍ତ ଅସ୍ତିତ୍ୱ ଅସ୍ୱୀକାର କଲେ ।

ଏମାନଙ୍କ ମତରେ ସତ୍ୟ ଶବ୍ଦ ସହ ଜଡ଼ିତ ହୋଇଥିବା ହେତୁ ଏବଂ ଶବ୍ଦର ସତ୍ୟକୁ ଧାରଣ କରିବାକ୍ଷେତ୍ରରେ ସୀମାବଦ୍ଧତା ଥିବା ହେତୁ ଶବ୍ଦ ମାଧ୍ୟମରେ ସତ୍ୟ ଧରା ଦେଇ ପାରେନା । ଏମାନେ ଶବ୍ଦ ମାଧ୍ୟମରେ ସତ୍ୟାନୁସନ୍ଧାନର ଅସଂଭବତାକୁ ଦର୍ଶାଇ ଶବ୍ଦର ମୁକ୍ତ ଖେଳରେ ମାତିଲେ । ନିତ୍ସେଙ୍କ ଠାରୁ ଅର୍ନ୍ତଦୃଷ୍ଟି ଗ୍ରହଣ ପୂର୍ବକ ଆଂତ ପୋଥି ସଂପର୍କ (Inter textuality) ଓ ବିବିଧ ଅର୍ଥବହତା (Plurality of meaning) କଥା କହିଲେ । କେନ୍ଦ୍ରୀକତା (Logo Centrism) ବିରୁଦ୍ଧରେ ଏକ ବିରାଟ ଅଭିଯାନ ଆରମ୍ଭ କଲେ । ନିର୍ବିନ୍ୟାସବାଦୀ ଆନ୍ଦୋଳନର ପୁରୋଭାଗରେ ଅବସ୍ଥାପିତ ହେଲେ ଜାକ୍ୟୁସ ଦେରିଦା । ସେ ହେଲେ ବିନିର୍ମାଣ ବାଦୀ ବା ଭଗ୍ନବାଦ (Deconstruction)ର ପ୍ରବର୍ତ୍ତକ ।

ଦେରିଦା ଓ ବିନିର୍ମାଣବାଦ (Deconstruction):

ମାର୍କସବାଦ ପରେ ବୁଦ୍ଧିଜୀବୀ ମହଲରେ ବିନିର୍ମାଣ ବାଦ ଏକ ବହୁ ଚର୍ଚ୍ଚିତ ଦର୍ଶନ । କିନ୍ତୁ ଏହି ଦର୍ଶନ ମାର୍କସବାଦର ଯେତିକି ନିକଟବର୍ତ୍ତୀ ତା ଠାରୁ ଅଧିକ ଦୂରବର୍ତ୍ତୀ । ସଂଭବତଃ କିଛିଟା ପରସ୍ପର ବିରୋଧୀତା ହେତୁ ଏହା ମାର୍କସବାଦର ପାଖାପାଖି । ଅନ୍ୟ ଏକ ଅର୍ଥରେ ଏହି ଦର୍ଶନର ନେତିବାଦୀ ଦୁର୍ବଳତା ଏହି ଦର୍ଶନକୁ ମାର୍କସ-ବାଦର ପରିପନ୍ଥୀ କରି ଗଢ଼ି ତୋଳିଥାଏ । ମାର୍କସବାଦ ଓ ବିନିର୍ମାଣବାଦର ପ୍ରଧାନ ଗୁଣ ହେଲା ପ୍ରଥମଟି ସଂଘର୍ଷର ଦର୍ଶନହୋଇଥିବା ବେଳେ ଦ୍ୱିତୀୟଟି ଦର୍ଶନର ସଂଘର୍ଷ ।

ବିନିର୍ମାଣବାଦର ମୂଳ ସ୍ରୋତକୁ ଚିହ୍ନଟ କରୁଥିବା ଦେରିଦାଙ୍କର ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ମାନ ହେଲା: 1. Grammatology, 2. Writing and difference 3.

Digitized by PPRACHIN, SOA

Positions, 4. Specters of marx. 5. Margins of philosophy 6. Speech and phenomena ଇତ୍ୟାଦି । ଦେରିଦା ଜଣେ ଫରାସୀ ଦାର୍ଶନିକ ହୋଇଥିବା ହେତୁ ତାଙ୍କର କେତେକ ପୁସ୍ତକ ଇଂରାଜୀରେ ଅନୁବାଦ ହୋଇନାହିଁ । ଦେରିଦାଙ୍କ ପ୍ରଧାନ ପୁସ୍ତକ (Grammatology) କୁ ଜଣେ ବିଦେଶବାସିନୀ ଭାରତୀୟ ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକ ଇଂରାଜୀରେ ଅନୁବାଦ କରିଛନ୍ତି । ଦେରିଦାଙ୍କ ପ୍ରଥମ ପୁସ୍ତକ ଏଡ୍‌ମଣ୍ଡ ହୁସ୍‌ରେଲଙ୍କର (Origin of Geometry) ପୁସ୍ତକର ଅନୁବାଦ । ଏହି ପୁସ୍ତକ ରଚନା ମଧ୍ୟ ଦେଇ ତାଙ୍କର ଲେଖକୀୟ ଜୀବନଯାତ୍ରା ଆରମ୍ଭ ହୋଇଥିଲା ।

ଏହା ସତ୍ୟ ଯେ ଦେରିଦାଙ୍କର ଦର୍ଶନ ବିନିର୍ମାଣବାଦକୁ ବୁଝିବା କଠିନ । ଏହା ଏକ ଜଟିଳ ଦର୍ଶନ । ବିନିର୍ମାଣବାଦ ଅର୍ଥବହୁତା ଓ ସତ୍ୟ ବିରୋଧି ଦର୍ଶନ । ସତ୍ୟ ପ୍ରକାଶକାରୀ ଦର୍ଶନର ଅସତ୍ୟକୁ ଏହା ଉଦ୍‌ଘାଟିତ କରିଥାଏ । ଏହି ଦର୍ଶନ କହେ ଦୁନିଆର ସତ୍ୟ ବୋଲି କିଛି ନାହିଁ । ଯାହା ଅଛି ତାହା କେବଳ ଭାଷାଖେଳ ବା ବର୍ଣ୍ଣନା । ଦେରିଦାଙ୍କ ଦର୍ଶନ ବ୍ରହ୍ମସତ୍ୟ ଜଗତ୍ ମିଥ୍ୟାର ଯେମିତି ବିରୋଧି ସେମିତି (I think therefore I am) ଦେକାର୍ତେର ବିରୋଧୀ) । ଅର୍ଥାତ୍ ଯୁକ୍ତିବାଦୀ ଦର୍ଶନର ବିରୋଧୀ । ସର୍ବାଧିକ ଆଶ୍ଚର୍ଯ୍ୟ କଥା ହେଲା ଦେରିଦା ବିରୋଧୀ ଶବ୍ଦର ମଧ୍ୟ ବିରୋଧି । ଦେରିଦାଂକ ମତରେ ବିରୋଧ ଶବ୍ଦ ସହିତ ସମର୍ଥନ ଶବ୍ଦ ଯୋଡ଼ି ହୋଇ ରହିଛି । ଯେମିତି ଭଲ ସହିତ ମନ୍ଦ, ପାପ ସହିତ ପୂଣ୍ୟ, ନୈତିକତା ସହିତ ଅନୈତିକତା ଇତ୍ୟାଦି । ଶବ୍ଦର ଏହି ଯୁଗଳ ସଂପର୍କ ମଧ୍ୟରେ ସେ ବୈପରିତ୍ୟ ବା (Binary)ର ଅବିଷ୍କାର କରନ୍ତି । ଅନ୍ୟତ୍ର ଦେରିଦା ସେ, ମୁଁ, ଗଛ ଫଳ, ଆକାଶ-ପୃଥିବୀ ଇତ୍ୟାଦି ଶବ୍ଦ ମଧ୍ୟରେ ଭିନ୍ନତା (Difference)କୁ ଦର୍ଶନ କରିଥାନ୍ତି । ଦେରିଦାଙ୍କ ଦର୍ଶନରେ ବୈପରିତ୍ୟ ଓ ଭିନ୍ନତା ଦୁଇଟି ମୁଖ୍ୟ ଧାରଣା (Concept) । ଏହି ଧାରଣାକୁ ଭିତ୍ତିକରି ସେ ବାସ୍ତବ ଜଗତ ସହିତ ଶବ୍ଦ ଜଗତର ସଂପର୍କ ମଧ୍ୟରେ ଧ୍ରୁବତା ବଦଳରେ ଅସ୍ପଷ୍ଟତା (ambiguity); ଅର୍ଥବହୁତା ବଦଳରେ ଅର୍ଥାନ୍ତରତା ଓ ସର୍ବୋପରି ଭାଷା ଜଗତରେ ଥିବା ଉପରେ ତଳ ବୈଷମ୍ୟ (hierarchy) ବା କେନ୍ଦ୍ର (Centre), ପ୍ରାନ୍ତ (Margin) କୁ ଦେଖିବାକୁପାନ୍ତି । ଶବ୍ଦ ଜଗତ ଯେ ମଣିଷକୁ ଶୋଷଣ କରିପାରେ ଏହାର ସୂତ୍ର ଆମେ ଦେରିଦା ଓ ଉତ୍ତର ଆଧୁନିକତାବାଦୀମାନଙ୍କ ଠାରୁ ପାଇଥାଉ । ଶବ୍ଦ ଜଗତ ମାଧମରେ ବାସ୍ତବ ଜଗତରେ ହୋଇଥିବା ଶୋଷଣ ବା ଆଧ୍ୟପତ୍ୟର ନମୂନା (ଦେରିଦାଙ୍କ ମତବାଦକୁ ଭିତ୍ତିକରି) ନିମ୍ନରେ ପ୍ରଦତ୍ତ ହେଲା ଯଥା-

Centre>Margin Master>Slave Higher< lower

Digitized by PPRACHIN, SOA

ଅଣ୍ଡିରା-ମାଇଚିଆ ପୁରୁଷ-ନାରୀ ବ୍ରାହ୍ମଣ-ପାଣ
ଖ୍ରୀଷ୍ଟିୟାନ-ଜିଉଜ୍ ଗୋରା-କଳା ପାଠୁଆ-ମୁର୍ଖ
ପ୍ରକୃତି-ସଂସ୍କୃତି ରଜା-ପ୍ରଜା କଟକିଆ- ଢ଼େଙ୍କାନାଳିଆ
ଈଶ୍ୱର-ଭକ୍ତ ସର୍ବହରା-ପୁଂଜିପତି ସବର୍ଣ୍ଣ-ଅସବର୍ଣ୍ଣ ।

ବାସ୍ତବ ଜଗତରେ ମଣିଷକୁ ଶୋଷଣ କରୁଥିବା ଏହି ସବୁ ଶବ୍ଦ ବା ବାସ୍ତବ ଜଗତରେ ଏହି ସବୁ ଶବ୍ଦ ମାଧ୍ୟମରେ ହେଉଥିବା ମଣିଷ ଉପରେ ଶୋଷଣ ସର୍ବୋପରି ମଣିଷ ମନରେ ଜମାଟ ବାନ୍ଧିଥିବା ମତାଂଧତା, ଭ୍ରମ, ମୋହ, ଏକା ଦମ୍‌ରେ ଉପାଡ଼ି ପୋପାଡ଼ି ଦେବା (ଏପରିକି ମାର୍କସବାଦୀମାନଙ୍କ ପରି ଐତିହାସିକ ପ୍ରକ୍ରିୟାରେ ଏହାର ବିନାଶ ସାଧନ କରିବା) ଏକ ପ୍ରକାର ଅସଂଭବ ବୋଲି ଦେରିଦାଂଙ୍କ ବିନିର୍ମାଣବାଦ ବିଶ୍ୱାସ କରେ । ଏ ବାବଦରେ ଦେରିଦା "ଶ୍ରେଷ୍ଟ" ସିଦ୍ଧାନ୍ତ ହେଲା ଆଧିଭୌତିକତାର ଅଂତ ନାହିଁ, ଆମେ କେବଳ ଏ ବାବଦରେ ସଚେତନ ହୋଇ ପାରିବା- (There is no, end to metaphysics ! only we can become conscious about it) । ମାସର୍କଙ୍କ ପସନ୍ଦର ମିଥ୍ (Promethious unbound) ପ୍ରେମେଥିୟସ ମୁକ୍ତ ହେଲା-ବା ସ୍ୱର୍ଗରୁ ଦେବାତା ମାନଙ୍କର ପାଖରୁ ଆଲୋକ ଚୋରାଇ ଆଣି ମଣିଷକୁ ମୁକ୍ତ କଲା ପ୍ରୟାସରେ ଦେରିଦା ବିଶ୍ୱାସୀ ନୁହନ୍ତି । ଦେରିଦା ଧାର୍ମିକମାନଙ୍କର ଈଶ୍ୱର ବା ସ୍ୱର୍ଗପ୍ରାପ୍ତି ଆକାଂକ୍ଷାର ଯେମିତି ବିରୋଧୀ, ସେମିତି ନାସ୍ତିକ ବା କମ୍ୟୁନିଷ୍ଟ ମାନଙ୍କର ସାମାଜିକ ମୁକ୍ତି ଯେ ସଂଭବ, ସେପରି ସ୍ୱପ୍ନର ମଧ୍ୟ ବିରୋଧୀ । ଦେରିଦାଙ୍କ ମତରେ ମଣିଷ ଭାଷାଜଗତରେ ଯେମିତି ଛନ୍ଦି-ବାନ୍ଧି ହୋଇ ରହିଛି ସେମିତି ବାସ୍ତବ ଜଗତରେ ମଧ୍ୟ ଛନ୍ଦି ବାନ୍ଧି ହୋଇ ରହିଥିବ । ଧାର୍ମିକ ଓ ସାମାଜିକ ବିପ୍ଲବୀମାନଙ୍କର ମଣିଷକୁ ମୋକ୍ଷ ବା ମୁକ୍ତି ଦେବାର ଯୋଜନା ଭୁଲ୍ ଏବଂ ଏହା ଅସଂଭବ । ଏହି କ୍ରମରେ ଦେରିଦା ପ୍ଲାଟୋଙ୍କ ଠାରୁ ଋଷୋ, ଲେଭିସ୍ତ୍ରୋ, ହାଇଡେଗାର, ନିତ୍‌ସେ ଓ ହୁସରେଲ ଏପରିକି ମାର୍କସଙ୍କ ଦର୍ଶନ ଏବଂ ସାମଗ୍ରିକ ଭାବରେ ନବଜାଗରଣ ଯୁଗର ବିଜ୍ଞାନ ଓ ମାନବତାବାଦର ଅନୁଶୀଳନ ଓ ବ୍ୟାଖ୍ୟା (interpreation) କରି ଯାହା ଦେଖିବାକୁ ପାଇଛନ୍ତି ତାହା ହେଲେ ଚିନ୍ତା ଜଗତର ଅସୁମାରି ଭ୍ରମ ଓ ଇନ୍ଦ୍ରଜାଲ ।

ଅତୀତର ଦର୍ଶନ ବିଶେଷ କରି ନବଜାଗରଣ ଯୁଗର (Age of enlightment)ର ଦର୍ଶନ କହୁଥିଲା ମଣିଷର ଶୋଷଣ କଷଣର ଅବସାନ ସଂଭବ । ଯୁକ୍ତିବାଦୀଦର୍ଶନ ମଣିଷ ଦ୍ୱାରା ସତ୍ୟର ଉଦ୍‌ଘାଟନ ହୋଇପାରେ ବୋଲି ମାନବବାଦୀ ଅବବୋଧ ଶିକାର ହୋଇ ସବୁବେଳେ ଆଶାର ସଂଚାର ଘଟାଇଛି । ଦେରିଦା ଏ ସବୁ

Digitized by PPRACHIN, SOA

ମୂଳରେ ଆଘାତ ହାଣନ୍ତି । ଦେରିଦା ଯେଉଁ ଅବଧାରଣା ମାଧ୍ୟମରେ ଅତୀତର ସମସ୍ତ ଦର୍ଶନର ଦୁର୍ବଳତାକୁ ପଦାରେ ପକାଇବାକୁ ଉଦ୍ୟମ କରନ୍ତି । ସେ ଭାଷାଟି ହେଲା - Metaphysics of Presence ବା ଉପସ୍ଥିତ (ସତ୍ୟର)ର ଆଧିଭୌତିକତା । ବିଜ୍ଞାନ ଯେ ଆଧିଭୌତିକ ହୋଇପାରେ ଏବଂ ଅସତ୍ୟର ଗନ୍ତାଘର ସାଜିପାରେ, ଦର୍ଶନ ଯେ ଏକ ଭ୍ରମଜାଲ ଏବଂ ମଣିଷ ଯେ କାଳ କାଳ ବ୍ୟାପୀ ବର୍ଣ୍ଣନାର ଉପଜ (Product) ଏହି ସତ୍ୟ (ବା କପୋଳ କଳ୍ପିତ ଧାରଣା) ସହ ଦେରିଦା ଆମକୁ ପରିଚିତ କରାଇଥାନ୍ତି । ମାର୍କସଙ୍କ ମତରେ ମଣିଷର ସାମାଜିକ ସଂପର୍କ ମଧ୍ୟଦେଇ ତା'ର ଚିଂତା ଚେତନା ତିଆରି ହୋଇଥାଏ । ଦେରିଦାଙ୍କ ମତରେ Man is the product of language and discourse । ଭାଷା କହିଲେ ଦେରିଦା ସାଧାରଣ ମଣିଷ ବ୍ୟବହାର କରୁଥିବା ଭାଷା, ନେତା, ପୁରୋହିତ, ଅଧ୍ୟାପକ, ଦାର୍ଶନିକ ବ୍ୟବହାର କରୁଥିବା ଭାଷା, ଲିଖିତ ଭାଷା, କଥିତ ଭାଷାକୁ ଆଙ୍ଗୁଳି ନିର୍ଦ୍ଦେଶ କରନ୍ତି । ଦେରିଦାଙ୍କ ମତରେ ଅତୀତରୁ ଏ ଯାବତ୍ ପାଶ୍ଚାତ୍ୟ ଦର୍ଶନ ଉପସ୍ଥିତ (presence) ଭିତ୍ତିକ ହୋଇ ଆସିଛି । ସତ୍ତା, ସାର, ସତ୍ୟ ଆକାର, ମୁକ୍ତି, ମୋକ୍ଷ, ନିରାକାର, ଚେତନା, ବସ୍ତୁ, (God, being, Essence, Truth, man) ଇତ୍ୟାଦି ଶବ୍ଦ ମାଧ୍ୟମରେ କିଛି ତତ୍ତ୍ୱ ଖାଡ଼ା କରାଯାଇଛି ଏବଂ ଏ ସମସ୍ତ ତତ୍ତ୍ୱ ଆପେକ୍ଷିକତା (Relativity) ବଦଳରେ ଚିରଂତନତା ବା ନିଶ୍ଚିତତା (absoluteness) କୁ ସିଦ୍ଧ କରିଛି । God is unmoved mover ବା Liberal democracy is the end is history,Market is Freedom, Technology is liberation, ବିଶ୍ୱାସେ ମିଳଯ କୃଷ୍ଣ ତର୍କେ ବହୁଦୂର ଇତ୍ୟାଦିତ ନାନାବିଧ ଧାରଣା ଦେରିଦାଙ୍କ ମତରେ Logocentrism ଭିନ୍ନ ଅନ୍ୟ କିଛି ନୁହଁ । ତାଙ୍କ ମତରେ ଏହି ଧାରଣା ମାନ (କେନ୍ଦ୍ରବାଦୀ) ମଣିଷକୁ ମୁକ୍ତ କରିବା ବଦଳରେ ଶୋଷଣ କରୁଛି । ରଜା, ଈଶ୍ୱର ପୁରୁଷକୁ ମୁକ୍ତିଦାତା ବୋଲି କହିଛି ଏବଂ ଏ କହିବା ଏ ଯାବତ୍ ବଂଦ ହୋଇନାହିଁ ଏବଂ ଭବିଷ୍ୟତରେ ମଧ୍ୟ ବଂଦ ହୋଇ ପାରେନା । ଏହି ପରି କିଛି ସଂଶୟବାଦୀ ଚିନ୍ତା (Scepticism) ମାଧ୍ୟମରେ ଦେରିଦା ଆମର ଚୈତନ୍ୟକୁ ଉଜାଗର କରି ଗଢ଼ି ତୋଳିବାର ପ୍ରୟାସ କରନ୍ତି । ଦେରିଦାଙ୍କ ଦର୍ଶନ ମଧ୍ୟରେ ଥିବା ସଂଶୟ ଓ ଜିଜ୍ଞାସା ସାମାଧାନର ପ୍ରଶସ୍ତ ମାର୍ଗ ନ ହେଲେ ମଧ୍ୟ ବୌଦ୍ଧିକ ଉତ୍ତାପରେ ଭରପୁର । ଏହା ମୁକ୍ତି-ପ୍ରୟାସୀ ନ ହେଲେ ମଧ୍ୟ ମୁକ୍ତି-ଜିଜ୍ଞାସୀ । ଦେରିଦାଙ୍କ Deconstruction (ନିର୍ବିନ୍ୟାସ), ମାର୍କସଙ୍କ ଐତିହାସିକ ବସ୍ତୁବାଦ ବା ସର୍ବହରାର ଏକନାୟକତ୍ୱ ଭଳି ଏକ କାର୍ଯ୍ୟକ୍ରମ ନୁହଁ । ଏହା ଉତ୍ତର ଆଧୁନିକତାବାଦୀ ଦର୍ଶନର giant figure

Digitized by PPRACHIN, SOA

ଦେରିଦାଙ୍କର ପାରମ୍ପାରିକ ଦର୍ଶନ ମାଧ୍ୟମ ବିପକ୍ଷରେ ଏକ ମାଧ୍ୟମ (Method against Method) । ଏହା ଏକ ପୋଥି ବାଖ୍ୟାକାରୀ ଚଳମାନ ବା ଗତିଶୀଳ ବାଖ୍ୟାଯାନ (Interpretive vehicle) । ପୁନଶ୍ଚ ଏହା କୁହାଯାଇପାରେ ଯେ ଦେରିଦା ମାର୍କସଙ୍କର ଐତିହାସିକ ବସ୍ତୁବାଦ (Historical Materialism)ର ବିରୋଧୀ । ମାନବ-ସମାଜ-ବିକାଶ ନିୟମ କ୍ଷେତ୍ରରେ ଐତିହାସିକ ବସ୍ତୁବାଦର ସରଳରୈଖିକ ବିକାଶ (linner progress) ଧାରଣାର ପାଶ୍ଚାତ ଧାବନ କରିବା ଦେରିଦା ଚାହାନ୍ତି ନାହିଁ । ତାଙ୍କ ମତରେ ଏହି ଧାରଣା ଏକ ନିର୍ମାଣ (Construct) ହୁଏତ Imposition । ତେଣୁ ଏ ସମସ୍ତ ଧାରଣାକୁ Deconstruct କରାଯିବା ଦରକାର । ମୋଟାମୋଟି ଭାବରେ କହିବାକୁ ଗଲେ ବର୍ଣ୍ଣନା ଓ ପୋଥି ମାଧ୍ୟମରେ ମଣିଷ ମନରେ ବସା ବାନ୍ଧିଥିବା ଭ୍ରାନ୍ତ ଧାରଣାର ବିନିର୍ମାଣ ଦେରିଦାଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଏବଂ ସେ କହନ୍ତି ମଣିଷ କେବଳ ଏତକହିଁ କରିପାରେ; ଏତଦ୍ ଭିନ୍ନ ଅଧିକ କିଛି କହିବାର ଭ୍ରାନ୍ତ ପ୍ରୟାସ । ଦେରିଦାଙ୍କ ମତରେ ବିନିର୍ମାଣ Deconstruction ପଦ୍ଧତିର ପ୍ରୟୋଗରେ ନାରୀ, ଦାସ ବା ସର୍ବହରା ଇତ୍ୟାଦି ପ୍ରାଂତ (Marigin)ରେ ନ ରହି କେନ୍ଦ୍ରକୁ (Centre) ମଧ୍ୟ ଆସି ପାରନ୍ତି । ଏଥିପାଇଁ ସଂଗଠିତ ପ୍ରତିବାଦ ବଦଳରେ ସେ ସ୍ୱତଃସ୍ଫୁର୍ତ ପ୍ରତିବାଦ ଉପରେ ଗୁରୁତ୍ୱ ଦିଅନ୍ତି । ଏପରିକି ପ୍ରତିବାଦ ପାଇଁ କେନ୍ଦ୍ର ସଂଗଠନ ଅପେକ୍ଷା ପ୍ରାନ୍ତ ସଂଗଠନ, ପୁରୁଣା ଚିନ୍ତନ ଅପେକ୍ଷା ନୂତନ ଚିନ୍ତନ ଉପରେ ସେ ଅଧିକ ବିଶ୍ୱାସୀ । ଏ ସବୁ ସତ୍ତ୍ୱେ ଦେରିଦା ପୂର୍ଣ୍ଣ ମୁକ୍ତି, ପୂର୍ଣ୍ଣ ସ୍ୱାଧୀନତାର ଅସଂଭବତା (Impossibility) ବାବଦରେ ସଚେତନ । ସେଥିପାଇଁ ଦେରିଦାଙ୍କର ବିନିର୍ମାଣ ଏକ ଅନ୍ତହୀନ ବିରୋଧ ନୁହଁ ଅନ୍ତହୀନ ପାଲାବଦଳ, ଫିଙ୍ଗା ଫୋପଡ଼ା, ବା ଦୂରବର୍ତ୍ତିତା ବା ଭିନ୍ନତା (Substitution, Displacement and difference) Differ, Defer ଓ Difference ମାଧ୍ୟମରେ ସେ ବୈପରିତ୍ୟର (Biniary), ବୈଷମ୍ୟ (hierarchy) ଓ କେନ୍ଦ୍ରର (Center) ଆଧିପତ୍ୟ (hegimony) କୁ ଭାଙ୍ଗିବାକୁ ଚାହାଁନ୍ତି । ଦେରିଦାଙ୍କ ଅଭିଧାନରେ ବୈପରିତ୍ୟ (binary)କେନ୍ଦ୍ର (Centre) ଓ ଭିନ୍ନତା (Difference) ତିନୋଟି ଗୁରୁତ୍ୱ ପୂର୍ଣ୍ଣ ଶବ୍ଦ । ପୃଥିବୀର ଅଧିକାଂଶ ଦର୍ଶନକୁ ଦେରିଦା କେନ୍ଦ୍ରବାଦୀ ଦର୍ଶନ ବୋଲି କହନ୍ତି । ସେହିପରି ପୃଥିବୀର ଅଧିକାଂଶ ଶାସନ ତାଙ୍କ ମତରେ ବଳ ପ୍ରୟୋଗ ବା ଆଧିପତ୍ୟ ଭିନ୍ନ ଅନ୍ୟକିଛି ନୁହଁ । ବିନିର୍ମାଣ (Deconstruction)ର ଏକମାତ୍ର ଉଦ୍ଦେଶ୍ୟ ହେଲା, କେନ୍ଦ୍ର ଦେହରେ ଧକ୍କା ମାରିବା-କେନ୍ଦ୍ରକୁ ଦୋହଲାଇ ଦେବା; To subvert the centre is the purpose of deconstruction । ସେଥିପାଇଁ

Digitized by PPRACHIN, SOA

Deconstruction is a Subvertive practice । ବିଭେଦର ପ୍ରାଚୀର ଖାଡ଼ା କରି ଯେଉଁମାନେ ପୃଥିବୀର ଅଧିକାଂଶ ମଣିଷର ଚିନ୍ତାଧାରା, ଭାଷା ସଂସ୍କୃତି ଇତ୍ୟାଦିକୁ ପ୍ରାନ୍ତକୁ ଠେଲିଦେଇଛନ୍ତି ସେମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚନା କରିବା ବିନିର୍ମାଣ (Deconstruction)ର ଉଦ୍ଦେଶ୍ୟ । ବାସ୍ତବ ଜଗତରେ ବୃହତ ଓ ସଂଗଠିତ ଆନ୍ଦୋଳନ ବଦଳରେ କ୍ଷୁଦ୍ର, ସ୍ୱତଃସ୍ଫୂର୍ତ୍ତ ଆନ୍ଦୋଳନ ଓ ଚେତନା ଜଗତରେ ଶେଷହୀନ ବ୍ୟାଖ୍ୟା (Unending interpretation) ବିନିର୍ମାଣର ଧର୍ମ । ଜିଉଜ, ନାରୀ, ଆଦିବାସୀ, ଲେସ୍‌ବିଆନ, ଯେଉଁମାନେ ପ୍ରାନ୍ତକୁ ଠେଲି ହୋଇଯାଇଛନ୍ତି (Marginalised) ସେମାନଙ୍କ ହାତରେ ନିଆଁ ହୁଳା ଧରାଇଦେବା ବିନିର୍ମାଣବାଦୀ ଦେରିଦାଙ୍କ ମୁଖ୍ୟ ଲକ୍ଷ୍ୟ । ସାମାଜିକ ସଂଘର୍ଷ ଜଗତରେ ଦେରିଦାଙ୍କ ବିନିର୍ମାଣ ଯେତେଟା ସକ୍ରିୟ ନୁହଁ (ଯାହା ବିନିର୍ମାଣତାର ଏକ ବଡ଼ ଦୁର୍ବଳତା ବୋଲି ଧରାଯାଇପାରେ) ପୋଥି ସମୀକ୍ଷା (Text interpreation) କ୍ଷେତ୍ରରେ ତାଙ୍କ ରଚିତ ବିନିର୍ମାଣବାଦ ଶତଗୁଣରେ ସକ୍ରିୟ । ଏ କ୍ଷେତ୍ରରେ ସେ ତାଙ୍କର ସମଧର୍ମୀମାନଙ୍କୁ ନେଇ ସମାଲୋଚନା ଜଗତରେ ଏକ ଯୁଦ୍ଧ ରଚନା କରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ଦେରିଦାଙ୍କ ଏହି ଯୁଦ୍ଧ ହେଉଛି ଚିଂତା ଜଗତରେ ଏକ ବଡ଼ ଧରଣର କର୍ତ୍ତନ ଓ ହନନକ୍ରୀୟା । ମାର୍କସବାଦୀମାନେ ବେଳେବେଳେ ଦେରିଦାଙ୍କ ବିନିର୍ମାଣକୁ ପଣ୍ଡିତମାନଙ୍କର ପୋଥି ବ୍ୟାଖ୍ୟାଧର୍ମୀ ପଳାୟନ ବୋଲି ଆଖ୍ୟା ଦେଲେ ମଧ୍ୟ ସ୍ୱୟଂ ମାର୍କସବାଦ ବିନିର୍ମାଣରୁ ଅନ୍ତଦୃଷ୍ଟି ନେଇ ବିକାଶ ଲାଭ କରିବାର ସଂଭାବନାକୁ ଅସ୍ୱୀକାର କରାଯାଇ ପାରେନା । ମାର୍କସବାଦର ପ୍ରୟୋଗ ଶାଳାରୁ କେନ୍ଦ୍ରବାଦର ଆଧିପତ୍ୟକୁ ବିତାଡ଼ିତ କରବା ପାଇଁ ବିନିର୍ମାଣ ବାଦର ନିରନ୍ତର ବିରୋଧ ବା ଦୂରତା ତତ୍ତ୍ୱର ଅନ୍ତଦୃଷ୍ଟିକୁ ଗ୍ରହଣ କରାଗଲେ ମାର୍କସବାଦ ଅଧିକ କ୍ରୀୟାଶୀଳ ହୋଇପାରିବ ଏଥିରେ ସନ୍ଦେହ ନାହିଁ । ଦେରିଦା ଯେ ଦର୍ଶନ ସମୀକ୍ଷଣରେ ବସ୍ତୁନିଷ୍ଠ ସତ୍ୟ ବୈପରିତ୍ୟ ଓ କେନ୍ଦ୍ରବାଦ ଦେହରେ ଆଘାତ ହାଣନ୍ତି ତାହା ତାଙ୍କ ରଚିତ ଦର୍ଶନ ବିନିର୍ମାଣବାଦର ମୌଳିକତା ବା ଭିନ୍ନତା । ରଷୋ, ପ୍ଲାଟୋ, ହାଇଡେଗାର, ଲେଭିଷ୍ଟ୍ରୋ ଇତ୍ୟାଦିଙ୍କର ଦର୍ଶନ ସମୀକ୍ଷା ମାଧମରେ ତାଙ୍କର ଏହି ମୌଳିକତାକୁ ସେ ବହୁବାର ପ୍ରମାଣିତ କରିଛନ୍ତି ।

ସତ୍ୟ ସଂପର୍କରେଦେରିଦାଙ୍କ ଦାର୍ଶନିକ ତତ୍ତ୍ୱ କେନ୍ଦ୍ରବାଦ ବା Logocentrism:

ଦେରିଦାଙ୍କ ବିନିର୍ମାଣ-ବାଦୀ ଦର୍ଶନକୁ ବୁଝିବାକୁ ହେଲେ ଏହି ଦର୍ଶନରେ ଥିବା

Digitized by PPRACHIN, SOA

ମୌଳିକ ଧାରଣା (Key concept) କେନ୍ଦ୍ରବାଦ ବା logocentrism କୁ ବୁଝିବା ଆବଶ୍ୟକ । ନିବିର୍ନ୍ୟାସବାଦୀ ଫୁକୋଙ୍କ ମତରେ ପୃଥିବୀର ସମସ୍ତ ଧାରଣା କ୍ଷମତା ସହିତ ଜଡ଼ିତ । ତାଙ୍କ ମତରେ କ୍ଷମତା ବାହାରେ କୌଣସି ଧାରଣା ନାହିଁ । ସେଥିରୁ ଶବ୍ଦ ଜଗତରେ ବୈପରିତ୍ୟ (Binary)ର ସବଳ ଦୁର୍ବଳ ସ୍ଥିତିପ୍ରତି ଅଂଗୁଳି ନିର୍ଦ୍ଦେଶ କରନ୍ତି ଯଥା ବ୍ରାହ୍ମଣ ଅବ୍ରାହ୍ମଣ, ରଜା ପ୍ରଜା ଇତ୍ୟାଦି । ଉଭୟ ବିନ୍ୟାସ ବାଦୀ ଓ ନିର୍ବିନ୍ୟାସବାଦୀ ଦର୍ଶନର ମୂଳ କଥନ ହେଲା-ଜଗତ (ଜଡ଼ ଓ ସଜୀବ) ଶବ୍ଦର ସୃଷ୍ଟି (world is made out of words) ଏଥି ସହିତ ସେମାନଙ୍କ ମତରେ ବୈପରିତ୍ୟ ଓ ଭିନ୍ନତା ମଧ୍ୟ ଦେଇ ଶବ୍ଦ ଅର୍ଥବହ ହୁଏ । (Meaning is created out of difference) ଶବ୍ଦ ଉପରେ ମାତ୍ରାଧିକ ଗୁରୁତ୍ୱ ହେତୁ ଏମାନେ ଶବ୍ଦ ବାହାରେ ସତ୍ୟର ସ୍ଥିତିକୁ ଗ୍ରହଣ କରନ୍ତି ନାହିଁ । ଫୁକୋ, ଦେରିଦା ତଥା ନିର୍ବିନ୍ୟାସ-ବାଦୀ ମାନେ ଶବ୍ଦ ବାହାର ଧାରଣା ବା ସତ୍ୟର ସ୍ୱତନ୍ତ୍ର ଅସ୍ତିତ୍ୱକୁ ଅସ୍ୱୀକାର କରନ୍ତି । ଏମାନଙ୍କ ମତରେ ମାନବ ମସ୍ତିଷ୍କରେ ବସ୍ତୁନିଷ୍ଠ ସତ୍ୟର ଉପସ୍ଥିତି ଅସମ୍ଭବ । (impossibility of cognising objective truth in mind) । ଦ୍ୱୈତବାଦୀ (Dualist) ଓ ସଂଶୟ-ବାଦୀ କାଣ୍ଟ ମଧ୍ୟ ଏହିପରି କଥା କହୁଥିଲେ । ତାଙ୍କ ମତରେ ପାରସ୍ପରିକ ସଂପର୍କ ଦ୍ୱାରା ବିନ୍ୟସ୍ତ ଜଗତ ମାନବ ଜ୍ଞାନ ନିରପେକ୍ଷ । ଅର୍ଥାତ୍ ମଣିଷ ଦ୍ୱାରା ପ୍ରକୃତି ସଂପର୍କରେ ବସ୍ତୁନିଷ୍ଠ ଜ୍ଞାନ ଅସଂଭବ । ନିର୍ବିନ୍ୟାସବାଦ ବା ଉତ୍ତର ଆଧୁନିକବାଦର ପୂର୍ବଜ ପ୍ରତିପକ୍ଷ ମାର୍କସବାଦୀ ମାନେ ବସ୍ତୁନିଷ୍ଠ ଜ୍ଞାନ ସମ୍ଭବ ବୋଲି କହନ୍ତି । ଚୀନ୍ ବିପ୍ଳବର ପ୍ରବକ୍ତା ମାଓ-ଜେ ଦୁଗଂକ ମତରେ ମାନବ ମସ୍ତିଷ୍କ (Some total of the sense organ) ମଣିଷକୁ ପ୍ରତାରିତ କରି ନ ପାରେ । ତାଙ୍କ ମତରେ ଅନୁଭୂତି (Percept) ଯେତେବେଳେ ଧାରଣା (concept)ର ରୂପନିଏ ସେତେବେଳେ କ୍ରମଶଃ ମଣିଷ ବସ୍ତୁନିଷ୍ଠ ଜ୍ଞାନ (concept)ର ନିକଟବର୍ତ୍ତୀ ହୁଏ । ମାକର୍ସବାଦୀମାନଙ୍କ ମତରେ ମାନବ ଜ୍ଞାନ ଏକା ଧାରାରେ ଆପେକ୍ଷିକ ଓ ପୂର୍ଣ୍ଣ । ଜ୍ଞାନର ଐତିହାସିକ ବିକାଶ କ୍ରମ ଓ ସାମାଜିକ ସଂପର୍କ (Social relationship)କୁ ମଧ୍ୟ ମାର୍କ୍ସବାଦ ଅସ୍ୱୀକାର କରେନାହିଁ । ମାର୍କ୍ସବାଦ ନବଜାଗରଣ ଯୁଗ (Age of Enlightment)ର ମାନବତାବାଦୀ ଦର୍ଶନ । ଯେଉଁ ମାନବତାବାଦୀ ଦର୍ଶନ ପ୍ଲାଟୋଙ୍କ ଯୁଗରୁ ଆଜି ପର୍ଯ୍ୟନ୍ତ ମାନବ କଲ୍ୟାଣାର୍ଥେ ମାନବ ମୁକ୍ତିପାଇଁ ସତ୍ୟାନୁସନ୍ଧିତ୍ସୁ ହୋଇ ଆସିଅଛି ।

ଦେରିଦାଙ୍କ ବିନିର୍ମାଣବାଦ ମାର୍କସବାଦ ଓ ପାଶ୍ଚାତ୍ୟ ଦର୍ଶନ ମଧ୍ୟରେ ଥିବା ମାନବତାବାଦୀ ଦୁର୍ବଳତା ଦେହରେ ଆଘାତ ହାଣେ । ଯୁଗ ଯୁଗ ବ୍ୟାପୀ ସମସ୍ତ ଦର୍ଶନ

Digitized by PPRACHIN, SOA

କିଭଳି ମାନବାତ୍ମାକୁ ପ୍ରତାରିତ କରି ଚାଲିଛି ତାର ଦୃଢ଼ ବ୍ୟାଖ୍ୟା ତାଙ୍କର ବିଶିଷ୍ଟ ଧାରଣା କେନ୍ଦ୍ରବାଦୀ (logcentrism) ଅନୁଚିଂତନ କରିଆରେ ଦର୍ଶାଇଥାଏ । Logocentrism ଶବ୍ଦର ଉତ୍ପତ୍ତି ଗ୍ରୀକ୍ ଶବ୍ଦ Logo's ରୁ ଆସିଅଛି । ଯାହାର ଅର୍ଥ ହେଲା Reason, truth । ଏହି ଶବ୍ଦଟିର ଅର୍ଥ ସଂସ୍କୃତର ଶବ୍ଦବ୍ରହ୍ମ ଧାରଣା ସହିତ କିଛିଟା ଖାପ ଖାଏ । ଯାହାର ସଂକେତାତ୍ମକ ରୂପ ଓଁ । ସଂସ୍କୃତରେ ବ୍ରହ୍ମ ଶବ୍ଦ ଅର୍ଥ ସତ୍ୟ ସହ ଜଡ଼ିତ । ଭାରତୀୟ ପରମ୍ପରାରରେ ଶବ୍ଦକୁ ମଧ୍ୟ ବ୍ରହ୍ମ ବୋଲି କୁହାଯାଏ । ଏହାର ଅର୍ଥ ଗ୍ରୀକ୍ Logos ଶବ୍ଦର ଅର୍ଥ ମହାଜାଗତିକ ଧାରଣା, ଯାହାର ମାନବସତ୍ତା ମଧ୍ୟରେ ଗୋପନରେ ବସା ବାନ୍ଧିଥାଏ । (Cosmic Principle hidden deep with human beings) । ଗ୍ରୀକ୍ Logos ଶବ୍ଦ ଯାହାର ଅର୍ଥ ସତ୍ୟ । ଏହାକୁ ଦର୍ଶନରେ ମାନବ ଅସ୍ତିତ୍ୱର କେନ୍ଦ୍ର ଭାବରେ ଗ୍ରହଣ କରାଯାଇଥାଏ ଏବଂ ଏହା ମୂଳିଭୂତ ଓ ପରମ । ଭାରତୀୟ ଦର୍ଶନପରି ଗ୍ରୀକ୍ ଦର୍ଶନରେ ମଧ୍ୟ ଶବ୍ଦକୁସତ୍ୟ ଓ ଈଶ୍ୱର ସହ ତୁଳନା କରାଯାଇଛି । ଗ୍ରୀକ୍ମାନଙ୍କ ମତରେ ପୃଥିବୀର ଆରମ୍ଭ କାଳରେ ଶବ୍ଦହିଁ ହେଲା ଈଶ୍ୱର । ଭାରତୀୟମାନେ ଏହାକୁ ବ୍ରହ୍ମାଙ୍କ ସୃଷ୍ଟିର ଆଦି ଅବା ଅନାଦି ବା ନାଦବ୍ରହ୍ମ ବୋଲି କହନ୍ତି । ଦେରିଦାଂକ ମତରେ 'ଶବ୍ଦ-ସତ୍ୟ' ଅନତି କ୍ରମଣୀୟ ବା ସବୁକିଛି କୁ ଅତିକ୍ରମ କରିପାରିବାର ଶକ୍ତି ବହନ କରୁଥିବା ଏକ ସଂକେତ (transcendental signified) ଅଧିକଂତୁ ଏହା ହେଉଛି କେନ୍ଦ୍ର ଏବଂ ଏହାରି ଇଂଗୀତରେ (god-world) ସବୁକିଛି ଘଟି ଚାଲିଛି । ଗ୍ରୀକ୍ ଦର୍ଶନର ଏହି god-world ଧାରଣାକୁ ଭିତ୍ତିକରି ପରବର୍ତ୍ତୀ କାଳରେ ଇଉରୋପୀୟ ଦର୍ଶନରେ world spirit, Devine will, consiciousness ବା ଚୈତନ୍ୟ ଇତ୍ୟାଦି ଭାବକଳ୍ପ ମାନଙ୍କର ଉତ୍ପତ୍ତି ଘଟିଲା । ଦେରିଦା ଏ ସମସ୍ତ ଧାରଣା ମାନବ ମନର କେଂଦ୍ରବାଦୀ ଦୁର୍ବଳତା (logocentric weakness) ବୋଲି ଆଖ୍ୟା ଦେଇ ତନ୍-ମଧ୍ୟରେ ଥିବା ଭ୍ରମ ବା ଅର୍ଦ୍ଧ ସତ୍ୟର ପରଦା ଉନ୍ମୋଚନ ଆବଶ୍ୟକ ବୋଲି ମତଦେଲେ । ଏଥିପାଇଁ ସେ metaphysic of presence ଶବ୍ଦର ସାହାଯ୍ୟ ଲୋଡ଼ି ବସିଲେ । ବାସ୍ତବରେ ଏହି metaphysics of presence ଜିନିଷଟି କ'ଣ ? ଦେରିଦାଙ୍କ metaphysics of presence ବା ଉପସ୍ଥିତ ଭିତ୍ତିକ ଆଧିଭୌତିକତାର ଅର୍ଥ ହେଲା ସତ୍ୟର ଅବର୍ତ୍ତମାନ ଉପସ୍ଥିତ ବା ଅପରିବର୍ତ୍ତନୀୟତା, ବସ୍ତୁନିଷ୍ଠତା, ଅନତିକ୍ରମଣୀୟତା, ଚିଂରତନତା ଓ ସ୍ୱୟଂସମ୍ପୂର୍ଣ୍ଣତା ଇତ୍ୟାଦି । ଦେରିଦା କଳା, ସାହିତ୍ୟ ସମାଜ ବିଜ୍ଞାନ ଜଗତରେ ଏହିପରି ସତ୍ୟର ଉପସ୍ଥିତିକୁ ଅସ୍ୱୀକାର କରନ୍ତି । ଦେରିଦାଙ୍କ ମତରେ–ସତ୍ୟର ଅନ୍ୱେଷଣ ଶବ୍ଦ ମାଧମରେ କରାଯାଏ,

Digitized by PPRACHIN, SOA

ଯାହା ଏକ ପ୍ରକାର ଅସମ୍ଭବ । କାରଣ ଶବ୍ଦମାନେ binary, difference ମାଧ୍ୟମରେ ଅର୍ଥ ପ୍ରକାଶ କଲାବେଳେ କ୍ଷମତା ବଳୟ ସହିତ ଯୋଡ଼ି ହୋଇ ପଡନ୍ତି । ଶବ୍ଦମାନେ ସଦାସର୍ବଦା ଭାବ ପ୍ରକାଶ ସମୟରେ ambiguity ଓ opposition ର ଶୀକାର ହୋଇ ଖଣ୍ଡିତ ଧାରଣାର ବାହକ ସାଜନ୍ତି । ପୂର୍ବରୁ ଆଲୋଚିତ ହୋଇଛି ମୁକ୍ତି ଓ ମୋକ୍ଷ ଶବ୍ଦ ଦୁଇଟି କିପରି ମାରାତ୍ମକ । ସାଧନା ବା ସାମାଜିକ ସଂଘର୍ଷ ମାଧମରେ ଏ ସବୁ ହାସଲ କରିବା ଅସମ୍ଭବ ବୋଲି ଦେରିଦା ମତ ଦିଅନ୍ତି । ଯେଉଁ ଜନନେତା ଧର୍ମଗୁରୁ ବା ଦାର୍ଶନିକମାନେ ମୁକ୍ତି ମୋକ୍ଷର ଦ୍ୱାର ଦେଶରେ ମଣିଷକୁ ପହୁଞ୍ଚାଇ ଦେବାର ପ୍ରତିଶ୍ରୁତି ଦିଅନ୍ତି ସେମାନେ ଶବ୍ଦ ବ୍ରହ୍ମ ଦ୍ୱାରା ନିଜେ ପ୍ରତାରିତ ହୋଇଥାନ୍ତି ବା ଶବ୍ଦବ୍ରହ୍ମ ମାଧମରେ ଅନ୍ୟକୁ ପ୍ରତାରିତ କରନ୍ତି ବୋଲି ଦେରିଦାଙ୍କ ମତ । ମୋକ୍ଷ, ମୁକ୍ତିର ପ୍ରତିଶ୍ରୁତି ଦେଉଥିବା ଦର୍ଶନ ଉପସ୍ଥିତି ଭିତ୍ତିକ ଆଧିଭୌତିକ ଦର୍ଶନ ଭିନ୍ନ ଅନ୍ୟ କିଛି ନୁହଁ । ଦେରିଦାଙ୍କ ମତରେ ଏହି ଚିନ୍ତାଧାରା ଏକ ମଧୁର ମିଥ୍ୟାର ପ୍ରଲୋଭନ ଭିନ୍ନ ଅନ୍ୟ କିଛି ନୁହଁ । ଦେରିଦା ପ୍ଳାଟୋ, ଲେଭିସା, ରଷୋ ଇତ୍ୟାଦିଙ୍କ ଦର୍ଶନରେ ଥିବା କେନ୍ଦ୍ର, ପ୍ରାନ୍ତ (Centre Margin) ପ୍ରକୃତି ଓ ସଂସ୍କୃତି ଇତ୍ୟାଦି ବୈଷମ୍ୟ ଭିତ୍ତିକ ଧାରଣାର ବ୍ୟାଖ୍ୟା ମାଧମରେ ସତ୍ୟ, ନ୍ୟାୟ, ମୁକ୍ତି, ମୋକ୍ଷ, ଈଶ୍ୱର, ଚୈତନ୍ୟ ପ୍ରଭୃତି ଶବ୍ଦମାନେ କିଭଳି ଉପସ୍ଥିତ ଭିତ୍ତିକ ଆଧିଭୌତିକ (Metaphysics of presence) ଦର୍ଶନର ପ୍ରକାଶକ ତା'ର ବିସ୍ତୃତ ବ୍ୟାଖ୍ୟା ପ୍ରଦାନ କରନ୍ତି । ଦେରିଦାଙ୍କ ମତରେ ଉପସ୍ଥିତି ଭିତ୍ତିକ ଆଧିଭୌତିକ ଧାରଣା ଭାଷା ଓ ଶବ୍ଦର କାଳ କାଳ ବ୍ୟାପୀ ବ୍ୟବହାର ଦ୍ୱାରା ସିଦ୍ଧ ହୋଇ ଚାଲେ । ସାହିତ୍ୟ, ବିଜ୍ଞାନ, ଦର୍ଶନ, ଏପରିକି ସାଧାରଣ ବ୍ୟବହାରରେ ଶବ୍ଦଦ୍ୱାରା ମଣିଷ ଅଂତହୀନ ଆଧିଭୌତିକତାର ଶିକାର ହୁଏ । ଶବ୍ଦ ଜଗତ ମଧଦେଇ ବାସ୍ତବ ଜଗତରେ ପୁରୁଷଟି ପୁରୁଷ ଓ ନାରୀଟି ନାରୀ ହୋଇ ରହି ଯାଉଛି । ମାନବ ଧାରଣାର ପରିବର୍ତ୍ତନ ଘଟୁନି ବା ଯଦି ଘଟୁଛି ତାହା କାଣିଚାଏ । ଶବ୍ଦ ମାଧମରେ ପୁରୁଷଟି ପୁରୁଷ ପୁଂଗବ ସାଜୁଛି ଓ ନାରୀ ଦୀନ ହୀନ ଅକିଂଚନ, ଅବଳା ଦୁର୍ବଳା ଦେଖାଯାଉଛି । ବୀରଭୋଗ୍ୟ ବସୁନ୍ଧରା ଜଗତରେ ଏହି ଧାରଣା କାଳ କାଳ ଧରି ଗଡ଼ି ଆସୁଛି । ଶବ୍ଦ ମାଧମରେ ମାନବ ଚୈତନ୍ୟ ତା'ର ଅଭ୍ୟନ୍ତରରେ (unconscious) ପୁରୁଷ ପ୍ରଧାନ ଚିନ୍ତାଧାରା ପାଖରେ ବନ୍ଧା ପଡ଼ିଛି । ଏପରିକି ସଚେତନ ହେଲା ପରେ ମଧ୍ୟ ପୁନଶ୍ଚ ଶବ୍ଦମାନେ ତାକୁ ପ୍ରତାରିତ କରୁଛନ୍ତି । ଦେରିଦାଙ୍କ ମତରେ ଯେଉଁମାନେ ପୁରୁଷ ପ୍ରଧାନ ସମାଜରେ ନାରୀ ମୁକ୍ତି ସଂଭବ ବୋଲି କହୁଛନ୍ତି ବା ପୁଂଜିବାଦୀ ସମାଜରେ ଶ୍ରମିକ ମୁକ୍ତି ସମ୍ଭବ ବୋଲି କହୁଛନ୍ତି ସେମାନେ ସେଇ ଶବ୍ଦ ମାଧମରେ ହିଁ କହୁଛନ୍ତି, (ଯାହା କ୍ଷମତା ଭିତ୍ତିକ-

Digitized by PPRACHIN, SOA

ଫୁକୋ) ଓ ଶବ୍ଦର ମାୟାଜାଲର ଶିକାର ହେଉଛନ୍ତି । ଆଧିଭୌତିକତାର ଅନ୍ତ ନାହିଁ। (There is no end to metaphysics) ମାନବାତ୍ମାର ମୁକ୍ତି ଅସମ୍ଭବ (ଉଭୟ ଆଧ୍ୟାତ୍ମିକ ଓ ସାମାଜିକ ଭାବରେ); ଦେରିଦାଙ୍କର ଏହି ସମସ୍ତ ଉକ୍ତି ମଣିଷକୁ ଆଶାର ଝଲକ ଦେଖାଇବା ପରିବର୍ତ୍ତେ ଚରମ ହତାଶା Nihelism ଆଡ଼କୁ ନେଇ ଯାଉଛି । ସେଥିପାଇଁ ଦେରିଦା ଜଣେ Negative philosopher ଭାବରେ ଅଭିଯୁକ୍ତ ହେଉଛନ୍ତି । କେହି କେହି କହନ୍ତି ଦେରିଦାଙ୍କ ଦର୍ଶନର ମୂଳ ପ୍ରେରଣା ଜର୍ମାନର ନେତିବାଦୀ ଦାର୍ଶନିକ ନିତ୍‌ସେଂକ ପାଖରେ ଅଛି । ଅବଶ୍ୟ ନିତ୍‌ସେକର Joyful wisdom ଏବଂ free play ଓ ହାଇଡେଗାରଂଙ୍କ Dasin (Letting the being) ଦେରିଦାଙ୍କ ଦର୍ଶନକୁ କିଛିଟା ସଦର୍ଥକ ପରିଣତି ଆଡ଼କୁ ନେଇଯାଏ । ସେଥିପାଇଁ ଦେରିଦା ପୁଣିଥରେ ସଜୋରେ ଘୋଷଣା କରନ୍ତି ଆଧିଭୌତିକତାର ଅଂତ ନଥିଲେ କ'ଣ ହେଲା, ଆଧିଭୌତିକତା ବାବଦରେ ଆମେ ସଚେତନ ହୋଇପାରିବା । (we can became conscious about metaphysics)। ଏଥିପାଇଁ ଦେରିଦା ପୁଣିଥରେ ଶବ୍ଦର ମୁକ୍ତ ଖେଳ (free play)ରେ ମାତି ଯିବାକୁ ଚାହାନ୍ତି ଓ ଆମ ସମସ୍ତଙ୍କୁ ମତାଇ ଦେବାକୁ ଚାହାନ୍ତି । ଦେରିଦାଙ୍କ ବିନିର୍ମାଣ (Deconstruction) ଶବ୍ଦର ମୁକ୍ତ ଖେଳ ଅନ୍ତହୀନ ବ୍ୟାଖ୍ୟା (unending interpretation) ଭିନ୍ନ ଅନ୍ୟକିଛି ନୁହଁ । ଦେରିଦା ଶବ୍ଦର ମୁକ୍ତ ଖେଳ ଓ ପୋଥିବ୍ୟାଖ୍ୟାରେ ଯେଉଁ ଦୃଢ଼ତା ଦେଖାଇଛନ୍ତି ତାହା ପୃଥିବୀରେ ବିରଳ । କିନ୍ତୁ ମଜାକଥା ହେଲା ଦେରିଦାଙ୍କ ଶବ୍ଦର ମୁକ୍ତ ଖେଳ ଓ ପୋଥିବ୍ୟାଖ୍ୟା ଦର୍ଶନର ଜଗତରେ ବିରଳ ହେଲେ ମଧ୍ୟ, ସରଳ ନୁହେଁ, ଜଟିଳ । ଇଙ୍ଗିତ ଧର୍ମୀ ଭାଷା ଓ ବ୍ୟକ୍ତିନିଷ୍ଠ ଭାବନା-ଯୁକ୍ତ ଦେରିଦାଙ୍କ ଦର୍ଶନ ସେଥିପାଇଁ ପୃଥିବୀର ସର୍ବାଧିକ କ୍ଲିଷ୍ଟ ଦର୍ଶନ । କ୍ଲିଷ୍ଟ ଭାଷା ପ୍ରୟୋଗ କ୍ଷେତ୍ରରେ ଦେରିଦା ସଂଭବତ ହାଏଡେଗାରଂକ ଗୁରୁ । Onticoontological, parousia, eschatology, erasure, trace, dissemination ଇତ୍ୟାଦି ବହୁ ବିମୂର୍ତ୍ତ ଜଟିଳ ଶବ୍ଦ, ଭାବନାରେ ଭରପୂର ଦେରିଦାଙ୍କ ଦର୍ଶନ ।

ବିନିର୍ମାଣ ପଦ୍ଧତିକୁ ଭିତ୍ତିକରି ଦେରିଦାଙ୍କ ପୋଥୀ ବ୍ୟାଖ୍ୟା (Text analysis) ପ୍ରସାରିତ । ବିନିର୍ମାଣ ସମ୍ପର୍କରେ ପୂର୍ବରୁ ବହୁବାର ଆଲୋଚିତ ହୋଇଛି । ତେବେ ପୋଥିବ୍ୟାଖ୍ୟା କ୍ଷେତ୍ରରେ ବିନିର୍ମାଣର କେତୋଟି ନିର୍ଦ୍ଦିଷ୍ଟ ବୈଶିଷ୍ଟ୍ୟ ବିଦ୍ୟମାନ । ଦେରିଦାଙ୍କ ପୋଥି ବ୍ୟାଖ୍ୟା ମୁଖ୍ୟତଃ ବୈପରିତ୍ୟ (binary) ଓ ଭିନ୍ନତା (Difference) ଧାରଣା ଆଧାରିତ । Binary ମାଧ୍ୟମରେ hierarchy କୁ ଚିହ୍ନଟ କରାଯାଉ ଥିବା ବେଳେ

Digitized by PPRACHIN, SOA

ଭିନ୍ନତା (Difference) ମାଧ୍ୟମରେ ସତ୍ୟର ସ୍ୱତନ୍ତ୍ର ଅସ୍ତିତ୍ୱକୁ ଅସ୍ୱୀକାର କରାଯାଉଛି । ଦେରିଦାଙ୍କ Difference ଧାରଣା କୌଣସି ଗ୍ରନ୍ଥର ବା ତତ୍ୱର ନିର୍ଦ୍ଦିଷ୍ଟ ଓ ଏକମାତ୍ର ଅର୍ଥ ବା ବସ୍ତୁନିଷ୍ଠ ସତ୍ୟକୁ (Objective truth meaning) ବିରୋଧ କରେ । ଦେରିଦାଙ୍କ ମତରେ ଗୋଟିଏ ପୋଥି ବା ତତ୍ୱର ବହୁ ଅର୍ଥ ହୋଇପାରେ । ସେହି ପରି ଦେଶ, କାଳ, ପାତ୍ର ଭେଦରେ ଗୋଟାଏ ଅର୍ଥରୁ ଅନ୍ୟ ଏକ ଅର୍ଥକୁ ଲମ୍ଫ ପ୍ରଦାନ କରିବା ବା ଡିଆଁ ମାରିବା ପୋଥି ଓ ତତ୍ତ୍ୱ ପକ୍ଷରେ ସମ୍ଭବ । ବିନିର୍ମାଣ, ଅର୍ଥରୁ ଅର୍ଥାନ୍ତର ବା ଅର୍ଥର ଅଥୟ ଭାବର ଦ୍ୟୋତକ । Gramatology ପୁସ୍ତକର ମୁଖବନ୍ଧରେ ଗାୟତ୍ରୀ ଚକ୍ରବର୍ତ୍ତୀ ସ୍ପିଭାକ ଦେରିଦାଙ୍କ ଦର୍ଶନରେ ଥିବା ଅର୍ଥର ଅଥୟ ଭାବକୁ ନିମ୍ନୋକ୍ତ ରୂପେ ବ୍ୟକ୍ତ କରନ୍ତି, ଯଥା "To put the world 'experiene' under erasure' (p-xvii, Gramatology pub by Motilal Banarasi Das) ଦେରିଦାଙ୍କ ବସ୍ତୁନିଷ୍ଠ ସତ୍ୟପ୍ରତି ବିରୋଧର ବାର୍ତ୍ତା ହାଇଡେଗାରଙ୍କର 'Being & Time' ଧାରଣା ସମୀକ୍ଷାରୁ ଜଣାପଡ଼େ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାଟିନ୍ ହାଇଡେଗାର ତାଙ୍କର Being & time ପୁସ୍ତକରେ ବିଂଗ ବା ଅସ୍ତିତ୍ୱର କୌଣସି ନର୍ଦ୍ଦିଷ୍ଟ ଅର୍ଥ ଦେବାକୁ ଚେଷ୍ଟା କରି ନାହାନ୍ତି । ସେ ତାଙ୍କର ବିଂଗକୁ ଟାଇମ୍ ସହିତ ଯୋଡ଼ି ବିଂଗର ଅର୍ଥକୁ ଅସ୍ଥିର କରାଇବାର ଉଦ୍ୟମ କରିଛନ୍ତି । ଦେରିଦା କିନ୍ତୁ ଏଥିରେ ଏକମତ ନୁହନ୍ତି । ତାଙ୍କର ମତରେ ହାଇଡେଗାରଙ୍କ ବିଂଗରେ ମଧ୍ୟ ବସ୍ତୁନିଷ୍ଠ ସତ୍ୟର ପ୍ରଚ୍ଛନ୍ନ ଉପସ୍ଥିତ ରହିଛି । ଯାହାକୁ ସେ inarticulable presence ବା ବୁଝା ପଡୁନଥିବା ଉପସ୍ଥିତି ଭିତ୍ତିକ ସତ୍ୟ ବୋଲି କହନ୍ତି । ଏତଦ୍‌ବ୍ୟତୀତ ଦେରିଦା ହାଇଡେଗାରଙ୍କ 'ବିଂଗ' କୁ ଅନତିକ୍ରମଣୀୟ ଶବ୍ଦ ସଂକେତ (Transcedental signified) ବୋଲି ମନେ କରନ୍ତି । ଦେରିଦା ହାଇଡେଗରଙ୍କ ବିଂଗକୁ ସ୍ୱ ନିର୍ମିତ ଧରଣା (sous rature) ବା trace ଦ୍ୱାରା ବୁଝାଇବାକୁ ଚେଷ୍ଟା କରନ୍ତି । ଦେରିଦାଙ୍କ ମତରେ ହାରଡେଗାରଂକର ବିଂଗ inarticulable presence ହୋଇଥିଲା ବେଳେ ତାଙ୍କ ନିର୍ମିତ ଧାରଣା ଟ୍ରେସ୍ (Trace) ର ଅର୍ଥ ଏହିପରି ଯଥା- absence of the presence ବା ଉପସ୍ଥିତିର ଅନୁପସ୍ଥିତତା ବା ବାସ୍ତୁନିଷ୍ଠ ସତ୍ୟର ଅନୁପସ୍ଥିତତା । ଦେରିଦା ଓ ତାଙ୍କର ଉତ୍ତର ଆଧୁନିକତା-ବାଦୀ ସମର୍ଥକମାନେ ଅର୍ଥ ଓ ଧାରଣାମାନଙ୍କୁ ବର୍ଣ୍ଣନାମୟ-ଜଗତ (Discoursive world)ର ନିର୍ମାଣ (Construct) ବୋଲି କହିଥାନ୍ତି । ସେମାନେ ସମଗ୍ର ବିଶ୍ୱକୁ ବର୍ଣ୍ଣନାମୟ ବିଶ୍ୱ (Discoursive world) କହୁଥିଲା ବେଳେ ସମଗ୍ର ସତ୍ୟକୁ ଲିଭିଯାଇଥିବା ଅନୁଭୂତି, experience under erasure ବୋଲି ମନେ କରନ୍ତି । ଦେରିଦାଙ୍କ ବିନିର୍ମାଣ ଦର୍ଶନାନୁଯାୟୀ ବସ୍ତୁନିଷ୍ଠ

Digitized by PPRACHIN, SOA

ସତ୍ୟବୋଲି ଯେହେତୁ କିଛି ନାହିଁ-ତେଣୁ କରି, ସତ୍ୟ ନୁହଁ ଲିଭି ଯାଉଥିବା ଅନୁଭୂତିକୁ ନେଇ ଆମକୁ ବଂଚିବାକୁ ହେବ। ତାହା ନକଲେ ଲୋକକଥାର ରାଣ୍ଡର ଝିଅ ଅବସ୍ଥା ଭୋଗିବାକୁ ପଡ଼ିବ। ଅର୍ଥାତ୍ ଆଣ୍ଠୁଏ ଓ ବେକେ ପାଣିକୁ ଯାଇ ଏପରିକି ବୁଡ଼ିଗଲା ପରେ ବି ପଦ୍ମ ଅର୍ଥାତ୍ ସତ୍ୟ ହାତରେ ଧରା ଦେବିନି; ଘୁଞ୍ଚି ଘୁଞ୍ଚି ଯାଉଥିବ। ନିର୍ବିନ୍ୟାସବାଦୀମାନଙ୍କ ମତରେ ସତ୍ୟ ଏକ ଭ୍ରମ ବା ଆଭାସ ମାତ୍ର। ବସ୍ତୁନିଷ୍ଠ ସତ୍ୟର ଅନୁପସ୍ଥିତିକୁ ବୁଝାଇବାକୁ ଯାଇ ଦେରିଦା କାଫ୍‌କାଙ୍କ ଏକ ଗଳ୍ପ ଉପରେ ବିରାଟ ପ୍ରବନ୍ଧ ରଚନା କରିଛନ୍ତି। କାଫାଙ୍କ ଗଳ୍ପଟି ଏହିପରି, ଯଥା-ଜଣେ ଶିକ୍ଷାନବୀଶର ଇଚ୍ଛା ହେଲା ସତ୍ୟ କ'ଣ ଜାଣିବା ସକାଶେ। ଏଥିପାଇଁ ଆଇନ୍ ବିଦ୍ୟା ଅଧ୍ୟୟନ କଲେ ସତ୍ୟ କ'ଣ ଜାଣିପାରିବ ବୋଲି, ବନ୍ଧୁଙ୍କର ଉପଦେଶ ଅନୁଯାୟୀ ନିର୍ଦ୍ଦିଷ୍ଟ ଏକ ଆଇନ୍ ବିଦ୍ୟାଳୟ ଛାତ୍ର ହେବା ପାଇଁ ଆବେଦନ କରିବାକୁ ବାହାରିଲା ଓ ବିଦ୍ୟାଳୟ ନିକଟରେ ପହଞ୍ଚିଲା। ଆଇନ୍ ବିଦ୍ୟାଳୟର ଦ୍ୱାର ଦେଶରେ ଜଗୁଆଳି ଜଣେ ଉପସ୍ଥିତ ଥିଲେ। ଶିକ୍ଷା ନବୀଶ ଜଣକ ଜାଗୁଆଳି ଜଣକୁ ନିଜର ଅଭିପ୍ରାୟ ଜଣାଇଲା। ଜାଗୁଆଳି ଏଥର ଶିକ୍ଷା ନବୀଶଙ୍କୁ ଆସନ୍ତା ବର୍ଷ ଆସ ବୋଲି କହି ବିଦା କରିଦେଲା। ଦ୍ୱିତୀୟ ବର୍ଷ ଶିକ୍ଷାନବୀଶ ପୁଣିଥରେ ସେଇ ଏକା ଅଭିପ୍ରାୟ ନେଇ ସେଠାକୁ ଗଲା। ଏଥରବି ଜଗୁଆଳି ଜଣକ ସେଇ ଏକା କଥା କହିଲା। ତୃତୀୟବାର, ଚତୁର୍ଥବାର ଏହିପରି ବାର ବାର ଶିକ୍ଷା ନବୀଶ ଜଣକ ଜଗୁଆଳୀର ନାସ୍ତିବାଣୀ ଶୁଣି ଫେରିଆସୁଥାଏ। ଏଥର କିନ୍ତୁ ତାର ଧୈର୍ଯ୍ୟଚ୍ୟୁତି ଘଟିଲା। ଜଗୁଆଳୀ ଜଣକ, ତାକୁ ବାରମ୍ବାର ଫେରାଇ ଦେଉଥିବାର ଉଦ୍ଦେଶ୍ୟ ପଚାରିଲା। ଜଗୁଆଳୀ ଶିକ୍ଷାନିବୀଶର ଧୈର୍ଯ୍ୟ ଭାଙ୍ଗିଥିବା ଜାଣି ଏଥର ଅସଲ କଥାଟି କହିଲା। ସେ କହିଲା- ହେ ମୋର ଶିକ୍ଷା ନବୀଶ ! ତୁମେ ଯେ ସତ୍ୟ କ'ଣ ଜାଣବାକୁ ଚାହୁଁଛ କିନ୍ତୁ ତମେ କ'ଣ ଜାଣିନା ସତ୍ୟ ଜାଣିବା ସମ୍ଭବ ନୁହେଁ। ତମ ପୂର୍ବରୁ ସେଇ ଏକା ଇଚ୍ଛା ପୋଷଣ କରି ଏହି ବିଦ୍ୟାଳୟର ସାମ୍‌ନାରୁ ବହୁଲୋକଙ୍କୁ ଫେରିବାକୁ ପଡ଼ିଛି । ତମକୁ ମଧ୍ୟ ସେଇ ଏକା ଦଶା ଭୋଗିବାକୁ ପଡ଼ିବ। ଏହା ହେଉଛି ଏକମାତ୍ର ବିଦ୍ୟାଳୟ ଯାର ଫାଟକ କେବେ ବି ଖୋଲିନାହିଁ କି ଖୋଲିବନି। ଏହି ବିଦ୍ୟାଳୟରୁ ସତ୍ୟ, ନ୍ୟାୟ କ'ଣ ଜାଣିବା ପାଇଁ ଅତୀତରେ ବହୁ ଲୋକଙ୍କୁ ହତାଶ ହେବାକୁ ପଡ଼ିଛି। ଭବିଷ୍ୟତରେ ବି ହେବାକୁ ପଡ଼ିବ। ଏହି ବିଦ୍ୟାଳୟ ସାମ୍‌ନାରୁ ସମସ୍ତେ ଫେରନ୍ତି। ଭିତରକୁ କେହି ପ୍ରବେଶ କରି ପାରନ୍ତି ନାହିଁ।

ଏହି ଗଳ୍ପର ଅର୍ଥାନ୍ତର କରି ଦେରିଦା କାଫ୍‌କାଙ୍କ ଅର୍ନ୍ତଦୃଷ୍ଟି ବିର୍ନିର୍ମାଣବାଦୀ ଦର୍ଶନର absence of presence ବା ବସ୍ତୁନିଷ୍ଠ ସତ୍ୟର ଅନୁପସ୍ଥିତିକୁ ପ୍ରଣାମ କରୁଥିବା

Digitized by PPRACHIN, SOA

କଥା କହନ୍ତି । ଶଙ୍କର, ବ୍ରହ୍ମର ବ୍ୟାଖ୍ୟା ଦେବାକୁ ଯାଇ ନେତି ନେତି କହିଥିଲେ । ଦେରିଦାଙ୍କ ବିନିର୍ମାଣବାଦୀ ଦର୍ଶନ ମଧ୍ୟ 'ହଁ' ଅନୁପସ୍ଥିତି କଥା କହିଲେ 'ନାଁ'ର ଉପସ୍ଥିତିକୁ ବୁଝାଉ ନାହିଁ । ତେଣୁ ତାଙ୍କ ଦର୍ଶନ ଯେ ଏକ negative philosophy ଏହା ସେ ଅସ୍ୱୀକାର କରନ୍ତି । ଏ ସବୁ ସତ୍ତ୍ୱେ ଦେରିଦାଙ୍କ ଦର୍ଶନ negative Nihilist Phylosophy ବୋଲି ଅଭିଯୋଗ ଶୁଣିବାକୁ ମିଳିଥାଏ ।

କେନ୍ଦ୍ରବାଦ - ଲିଭିସ୍ତ୍ରୋ - ଋଷୋ ଓ ପ୍ଲାଟୋ:

ଦେରିଦା, ବିନିର୍ମାଣବାଦୀ ସମାଲୋଚନା ଜରିଆରେ ପୃଥିବୀର ବଡ ବଡ ଦାର୍ଶନିକମାନଙ୍କର ଦର୍ଶନରେ ଥିବା କେନ୍ଦ୍ରବାଦୀ ଦୁର୍ବଳତାକୁ ପ୍ରମାଣ କରିବାକୁ ଚାହାନ୍ତି । ପ୍ଲାଟୋଙ୍କ ଠାରୁ ଋଷୋ, ଲେଭିସ୍ତ୍ରୋ ସେ କାହାକୁ ଛାଡ଼ି ନାହାନ୍ତି । ଦେରିଦାଙ୍କ ମତରେ କେନ୍ଦ୍ରବାଦ, ବିରୋଧ ବା ବୈପରିତ୍ୟ (binary)ର ଏକ ବିଫଳ ନାଟକ । ଦେରିଦାଙ୍କ ମତରେ ମାନବତାବାଦ ଏକ ଦାର୍ଶନିକ ଦୁର୍ବଳତା । ଦାର୍ଶନିକମାନେ ଅତୀତରେ ମାନବ ବ୍ୟବହାରରେ ଆସିଥିବା ଓ ମାନବକୁ ନିୟନ୍ତ୍ରିତ କରୁଥିବା ଶବ୍‌ଦ-ଭାଷାମୟ ଜଗତର ଜଟିଳତାକୁ ବୁଝି ନଥିବା ହେତୁ ବିଶେଷ କରି ଶବ୍‌ଦ ଜଗତରେ ବୈପରିତ୍ୟର ଅଦ୍‌ଭୂତ ଲୀଳା ଖେଳା ଓ ଯୁଗଳ ସଂପର୍କ (ଭଲମନ୍ଦ, ଈଶ୍ୱର > ଭକ୍ତ, ଗୁରୁ > ଚେଲା) ସଂଦର୍ଶନ କରି ନଥିବା ହେତୁ ସତ୍ୟ ଆବିଷ୍କାର ନାଁରେ କେନ୍ଦ୍ରବାଦୀ ଭାବନାର ଶିକାର ହୁଅନ୍ତି । ଦେରିଦାଙ୍କ ମତରେ ପୃଥିବୀର ଅଧିକାଂଶ ଦର୍ଶନ, ଏପରିକି ଅଧିକାଂଶ ମଣିଷ କେନ୍ଦ୍ରବାଦୀ । ମୂଳାନ୍ୱେଷଣ ଏମାନଙ୍କର ସବୁଠାରୁ ବଡ଼ ଭ୍ରମ । ମୂଳ, ନିର୍ଯ୍ୟାସ, ସତ୍ୟ (Origin, essence, truth) ପଛରେ ଧାଇଁଥିବା ହେତୁ ଭାଷା ବ୍ୟବହାର କ୍ଷେତ୍ରରେ ଏମାନେ ପ୍ରବଳ ବିରୋଧାଭାଷର ସମ୍ମୁଖୀନ ହୁଅନ୍ତି । ଗଛ ଆଗ ନାଁ ମଞ୍ଜି ଆଗର ପ୍ରଶ୍ନ ଏମାନଙ୍କୁ ବିପଥଗାମୀ କରେ । ରାମ୍ୟରାଜ୍ୟ, କମ୍ୟୁନିଜିମ୍, ମୁକ୍ତି, ମୋକ୍ଷ, ସତ୍ୟ ଏମାନଙ୍କର ପରମ-ଧେୟ ହୋଇପଡ଼େ । ଅଥଚ ଏହି ଲକ୍ଷ୍ୟ ପଥରେ କେବେବି ପହଞ୍ଚି ହେବନି ଏ କଥା କହିଲେ ଉଭୟ ଧାର୍ମିକ, ନାସ୍ତିକମାନେ ରାଗି ଖପ୍‌ପା ହୋଇଯାନ୍ତି । ସତୀତ୍ୱ ଭଂଗ ନାଁରେ ବର୍ତ୍ତମାନର ଓ ଅତୀତରେ କିଛି ଧାର୍ମିକ ବହୁ ନାରୀଙ୍କୁ ଟେକା ପକାଇ ମାରିଛନ୍ତି । Renigade ବୋଲି କହି କମୁନିଷ୍ଟମାନେ ବହୁ ଲୋକଙ୍କୁ ଅଯଥା ସଂଦେହ କରିଥାନ୍ତି । ଗଣତନ୍ତ୍ର ଆଜି ବହୁଜାତୀୟ ପୁଂଜିର ଆଧାର ସାଜିଛି । ଗୋଟାଏ ବିଶ୍ୱରେ ଦୁଇଟି ବିଶ୍ୱ (ତୃତୀୟ ବିଶ୍ୱ) କାର୍ଯ୍ୟ କରୁଛି । ଗଣତାନ୍ତ୍ରିକ ବିଶ୍ୱରେ ଲୋକେ, ଆଦିବାସୀ, ହରିଜନ, ଜିଉକ୍, ନାରୀ, ପ୍ରାନ୍ତ (Margin) କୁ ଠେଲି ହୋଇଯାଉଛି । ଚିନ୍ତା ଜଗତରେ ପ୍ରାଚ୍ୟ

Digitized by PPRACHIN, SOA

ପାଶ୍ଚାତ୍ୟ (Orient & ocident) ଆର୍ଯ୍ୟ ଅନାର୍ଯ୍ୟ ଭାବନା ମୁଣ୍ଡ ଟେକୁଛି । ଏମିତିକି ହୁଏ ଶୋଷଣ ଓ ବୈଷମ୍ୟ ବିରୁଦ୍ଧରେ ମଣିଷର ଲଢ଼େଇ ଗୋଟାଏ କେନ୍ଦ୍ର ଧ୍ୱଂସ କଲାପରେ ଆଉ ଏକ କେନ୍ଦ୍ର ଜନ୍ମନିଏ । ଦେରିଦାଙ୍କ ବିନିର୍ମାଣ ବାଦ ଏ ସବୁ ବିରୁଦ୍ଧରେ ଅଂତହୀନ ସମାଲୋଚନାର ଧାରା । କେନ୍ଦ୍ର ବିରୁଦ୍ଧରେ ଦେରିଦା disburse, displacement, substitution ଶବ୍ଦର ବ୍ୟବହାର କରନ୍ତି । ଦେରିଦାଙ୍କ ବିନିର୍ମାଣ ଏକ unending substitution, ଅପରନ୍ତୁ ଏହା ଏକ startegic interventions (କୌଶଳଗତ ହସ୍ତକ୍ଷେପ) ।

ଦେରିଦା ତାଙ୍କର Gramatology ପୁସ୍ତକରେ ପ୍ରଥମ ଭାଗରେ Nature, Culture, Writing ପରିଚ୍ଛେଦରେ ରୁଷୋ, ପ୍ଲାଟୋ, ଲେଭିସ୍ତ୍ରୋ ଭଳି ଦାର୍ଶନିକମାନଙ୍କ ମସ୍ତିଷ୍କରେ ବସା ବାନ୍ଧିଥିବା କେନ୍ଦ୍ରାଗ୍ରହ ଦେହରେ ଆଘାତ ହାଣିଛନ୍ତି । ଏହି ପୁସ୍ତକରେ ଦେରିଦା ପ୍ଲାଟୋଙ୍କ ଯୁଗରୁ ଆଜି ପର୍ଯ୍ୟନ୍ତ କିଭଳି ମୂଳାନ୍ୱେଷଣ କରିବାକୁ ଯାଇ ଦାର୍ଶନିକମାନେ ପ୍ରକୃତି ବିପକ୍ଷରେ ସଂସ୍କୃତି ଏବଂ କଥିତ ଭାଷା ବିରୁଦ୍ଧରେ ଲିଖିତ ଭାଷାର ଦ୍ୱନ୍ଦ୍ୱକୁ ଆରୋପିତ (impose) କରିଛନ୍ତି ତା'ର ଉଦାହରଣ ଦେଇଛନ୍ତି । ଦେରିଦାଙ୍କ ମତରେ ପାଶ୍ଚାତ୍ୟ ଦର୍ଶନ କଥିତ ଭାଷାକୁ ଅଯଥାରେ ସ୍ୱଚ୍ଛ, ପବିତ୍ର, ପ୍ରାକୃତିକ ବୋଲି କହି ଲିଖିତ ଭାଷାକୁ କୃତ୍ରିମ ଅବୈଧ ଘୋଷଣା କରିଛି ତାହା ଭାବିବାର କଥା । ପ୍ଲାଟୋ, Phaedrus ରେ ଯାହା କହିଛନ୍ତି, ରୁଷୋ Emile ରେ ତା'ର ପୁନରାବୃତ୍ତି ଘଟାଇଛନ୍ତି । ଏପରିକି ଲେଭିସ୍ତ୍ରୋ (Levi-struss) ତାଙ୍କର Tristes Tropiques ରେ ସେଇ ଏକା କଥାକୁ ଭିନ୍ନ ଢଙ୍ଗରେ ଦୋହରାଇଛନ୍ତି । ଅତୀତର ଦର୍ଶନ ସଦାସର୍ବଦା କହି ଆସିଛି, ଲିଖିତ ଭାଷାଠାରୁ କଥିତ ଭାଷା ଉଚ୍ଚତର, ମୌଳିକ ଓ ପ୍ରାକୃତିକ । କଥିତ ଭାଷା ସହ ଲିଖିତ ଭାଷାକୁ ତୁଳନା କରିବାକୁ ଯାଇ ଦର୍ଶନର ଆଦି କାଳରେ ପ୍ଲାଟୋ ଏକ ମାରାତ୍ମକ ସଂକେତ ମଧ୍ୟ ଦେଇଛନ୍ତି । ଯଥା- "Writing is a bastardised form of communcation"(Quoted from structuralism since P=167, John sturrock, (O.U.P.N.Y.) । ପ୍ଲାଟୋ ମନେ କରୁଥିଲେ, ଲେଖାରେ ଶ୍ରୋତା ନିକଟରେ ବକ୍ତା ଅନୁପସ୍ଥିତି ରହେ । ଫଳରେ ସିଧା ସଳଖ ବାର୍ତ୍ତାଳାପ ହୁଏନା । ଏତଦ୍‌ଦ୍ୱାରା Misconception ବା ଭୁଲ୍ ବୁଝାମଣାର ରାସ୍ତା ଫିଟିଯାଏ । ପ୍ଲାଟୋ ଏହି ସିଦ୍ଧାନ୍ତଟି ତାଙ୍କ ଗୁରୁଙ୍କ ପାଖରୁ ପାଇଥାଇ ପାରନ୍ତି ଯିଏକି ଜୀବନରେ ଧାଡ଼ିଏ ବି ଲେଖି ନାହାନ୍ତି । ଇତିହାସ ପ୍ରସିଦ୍ଧ ସେଇ ଗୁରୁ ହେଲେ ସକ୍ରେଟିସ୍ । ସକ୍ରେଟିସ୍ ବିଶୁଦ୍ଧ ଦାର୍ଶନିକ । Dialogue (ପାରସ୍ପରିକ ଯୁକ୍ତି) ବ୍ୟତୀତ ଲେଖିବା ତାଙ୍କ ଜାତକରେ ହେଲା ନାହିଁ ।

Digitized by PPRACHIN, SOA

ବରଂ ସକ୍ରେଟିସ ଚିନ୍ତାଧାରାକୁ ପରବର୍ତ୍ତୀ ସମୟରେ ପ୍ଲଟୋ ଲିପିବଦ୍ଧ କଲେ । ଲିପିବଦ୍ଧ କଲେ ସିନା, ଅନିଚ୍ଛାକୃତ କର୍ମ ବିରୁଦ୍ଧରେ ବହେ ବକିଲେ । ଏପରିକି ଲିଖିତ ଭାଷାକୁ ସେ କଥିତ ଭାଷା ମଧ୍ୟରେ ପ୍ରବେଶ କରାଯିବା ରୋଗ ଜିବାଣୁ ବୋଲି କହିଥିଲେ । ଅବଶ୍ୟ ଏ ବାବଦରେ ସକ୍ରେଟିସ୍‌ଙ୍କ ଚିନ୍ତାଧାରା ତାଙ୍କୁ ପ୍ରେରଣା ଯୋଗାଇଲା । ଏ ସଂପର୍କରେ କାହାଣୀଟିଏ ମଧ୍ୟ ଅଛି । ଯେଉଁ କାହାଣୀରେ ଇଜିପଟ୍ ରାଜା ଥାମସଂକୁ ଟିଅଥ୍ ନାମକ ଜଣେ ବ୍ୟକ୍ତି ଅକ୍ଷର ଆବିଷ୍କାର କରି ଉପହାର ଦେଲାବେଳେ କହିଥିଲେ, ମହାରାଜ ଏହା (ଲିଖିତ ଭାଷା) ଏକାଧାରରେ ସ୍ମରଣଶକ୍ତି (Memory) ଓ ପ୍ରଜ୍ଞା (Wisdom)ଉଭୟ କାର୍ଯ୍ୟ କରିବ । ଟିଅର୍ଥକୁ ସେତେବେଳେ ରାଜା ସୂଚାଇ ଦେଲେ କହିଥିଲେ, ଦେଖ ଟିଅଥ୍ ତମ ଆବିଷ୍କାର ମଣିଷର କାଳକାଳର ସ୍ମରଣ ଶକ୍ତିକୁ ଲୋପ କରିଦେବ ଏବଂ ମଣିଷ ପ୍ରକୃତ ପ୍ରଜ୍ଞା ବଦଳରେ ପ୍ରଜ୍ଞାର ଚିନ୍ତା ଜଗତରେ ଭାସିବୁଲିବ । ଅନୁରୂପ ଅନ୍ୟ ଏକ କହାଣୀର ବିଷୟବସ୍ତୁ ଏହିପରି ଯଥା- ଭ୍ରମଣ କାଳରେ ଏକ ବିଶୁଦ୍ଧ ବାଳିକା (ଜୀବନରେ ଯିଏ କୌଣସି ପୁରୁଷ ସାନ୍ନିଧ ପାଇନାହିଁ) ଦିନେ ହଠାତ୍ ସୁଶୀତଳ ପବନ ସଂସ୍ପର୍ଶରେ ଆସି ଶିହରିତ ହୋଇ ଫାର୍ମାସିଆ ନାମକ ଲଂପଟ ଦ୍ୱାରା ଧର୍ଷିତା ହେଲା । ଏହି ଗ୍ରୀକ୍ କାହାଣୀର ବ୍ୟାଖ୍ୟା ସକ୍ରେଟିସ୍ ଏହିପରି କରନ୍ତି ଯଥା- ବାଳିକାଟିକୁ ପ୍ରକୃତରେ କେହି ଧର୍ଷଣ କରି ନାହିଁ । ବାସ୍ତବରେ ଯୌବନର ସ୍ପର୍ଶରେ ଆସିଥିବା ସୁଶୀତଳ ପବନ ଦ୍ୱାରା ସେ ଶିହରିତ ହୋଇଛି । ପବନ ତା'ର ବିଶୁଦ୍ଧତାକୁ ହରଣ କରିଛି । ଏହା ସେଇ ବାଳିକାଟି ପାଇଁ ମଦ୍ୟ ଔଷଧ ଭଳି କାର୍ଯ୍ୟ କରିଛି । ଫଳରେ ବାଳିକାଟିର ପତନ ହୋଇଛି । ମଣିଷର ଜିବନୀଶକ୍ତି ବା ପ୍ରାଣ ସଂଚାର ପାଇଁ ମଦ୍ୟ ବା ଔଷଧ (Drug)ର ଆବଶ୍ୟକତା ଏକ କୃତ୍ରିମ ଆବଶ୍ୟକତା । ଏହାର ବ୍ୟାଖ୍ୟାକରି ସକ୍ରେଟିସ୍ ଏହିପରି ମନ୍ତବ୍ୟ ଦେଇଛନ୍ତି ଯଥା ପବନ (ଫାର୍ମାସିଆ) ବା ଫାର୍ମକନ୍ (Pharmakon) ଔଷଧ ଓ ମଦ୍ୟ ଏ ସବୁ ପ୍ରକୃତିକୁ ବଂଚାଇ ରଖିବା ପାଇଁ କୃତ୍ରିମ ସୃଷ୍ଟି ।

ଦେରିଦା, ସକ୍ରେଟିସ୍, ପ୍ଲାଟୋଙ୍କ ଉପରୋକ୍ତ ଦର୍ଶନାନୁଚିନ୍ତାକୁ ବ୍ୟାଖ୍ୟା କରି କହନ୍ତି ଉଭୟ ସକ୍ରେଟିସ୍ ଓ ପ୍ଲାଟୋଙ୍କର ଦର୍ଶନ Virgin> Non-Virgin (Pharmakon) Spech> Writing ଧାରଣା Binary ପ୍ରସୂତ କେନ୍ଦ୍ରବାଦୀ ଧାରଣା । ଏହି ଧାରଣାର ବଶବର୍ତ୍ତୀ ହୋଇ ସେମାନେ(ପ୍ଲାଟୋ ଓ ସକ୍ରେଟିସ୍) Philosopher / Sophist, Citizen/ Scapegot ଇତ୍ୟାଦିର ଅଂତର ବା ବିରୋଧ ଦେଖିଛନ୍ତି । ଦେରିଦାଙ୍କ ମତରେ ଏହି ବିରୋଧ ଭିତରେ ଫାଟ ଅଛି । ବୈପରିତ୍ୟ ମଧ୍ୟରେ ଚିନ୍ତା

Digitized by PPRACHIN, SOA

ଭ୍ରମର ଶିକାର ହେବାର ଦୁର୍ବଳତା ଅଛି । ବାସ୍ତବ କ୍ଷେତ୍ରରେ Virgin>Non-Virgin ମଧ୍ୟରେ ସେପରି କୌଣସି ପାର୍ଥକ୍ୟ ନାହିଁ । ସେହିପରି Spech ଓ Writing ମଧ୍ୟରେ କୌଣସି ବିରୋଧ ନାହିଁ ଏବଂ ସର୍ବୋପରି ଆଜି ଯିଏ ସତ୍ୟଦ୍ରଷ୍ଟା ଦାର୍ଶନିକ କାଲି ସେ Sophist (ଚତୁରବକ୍ତା) ଓ ଆଜିଯିଏ Scapegot କାଲି ସେ Citizen । ଦାର୍ଶନିକ (Philosopher) ମଧ୍ୟରେ ଚତୁରବକ୍ତା (Sophist) ଲୁଚି ରହିଚି ଓ ଚତୁରବକ୍ତା (Sophist) ମଧ୍ୟରେ ଦାର୍ଶନିକ (Philosopher) ଲୁଚି ରହିଛି । ଏଣୁ ଏ ସବୁ ବିରୋଧାତ୍ମକ ଧାରଣା ଯାହାର ଅସ୍ତିତ୍ୱ ନାହିଁ, ତାକୁ ବର୍ଣ୍ଣନା (Discourse) ମଧ୍ୟକୁ ଆଣି ତାର ଅସ୍ତିତ୍ୱକୁ ତିଆରି କରିବା ଅର୍ଥ କେନ୍ଦ୍ରିକତାର (Logocentrism)ର ଶିକାର ହେବା । ଏହା ଅତୀତରେ ଦାର୍ଶନିକ ମାନଙ୍କର (ସକ୍ରେଟିସ୍ ପ୍ଲେଟୋ ଇତ୍ୟାଦି) ଉପସ୍ଥିତ ଭିତ୍ତିକ ଆଧିଭୌତିକ (Metaphysics of presence) ଧର୍ମୀ ଦୁର୍ବଳତା । ଦେରିଦାଙ୍କ ମତରେ ସକ୍ରେଟିସ୍ ଯେ (Sophist) ମାନଙ୍କୁ ଦାର୍ଶନିକ ବୋଲି ମାନୁନଥିଲେ ଏବଂ ସେମାନଙ୍କର ପ୍ରଜ୍ଞାକୁ fake wisdon ବୋଲି କହୁଥିଲେ । ତାହା ଥିଲା ସର୍କେଟିସ୍‌ଙ୍କ ଦାର୍ଶନିକ ଅହଂକାର, ଯାହା ଅଧିଭୌତିକତାର ଅନ୍ୟରୂପ । ଦର୍ଶନ ଜଗତରେ ଦାର୍ଶନିକମାନଙ୍କ ଏହି ଦୁର୍ବଳତାକୁ ଦର୍ଶାଇ ଦେବାରେ ଦେରିଦାଙ୍କ Gramatology ଓ Writing Difference ଆଦି ଅନ୍ୟାନ୍ୟ ପୁସ୍ତକକରେ ବେଶ୍ କିଛି ଉଦ୍ୟମ କରାଯାଇଛି । ଦେରିଦାଙ୍କ ମତରେ ଦାର୍ଶନିକମାନେ ଭାଷା ଜଗତରେ Binary ର ଶିକାର ହେବା କେବଳ ଗ୍ରୀକ୍ ଦର୍ଶନରେ ଘଟିନାହିଁ । ଏହା ମଧ୍ୟଯୁଗୀୟ ଇଉରୋପୀୟ ଦର୍ଶନକୁ ମଧ୍ୟ ଗ୍ରାସ କରିଛି । ଦେରିଦାଙ୍କ ମତରେ ଅତୀତରେ ପ୍ଲାଟୋ ଓ ସକ୍ରେଟିସ୍‌ଙ୍କ ପରି ମଧ୍ୟଯୁଗରେ ଫରାସୀ ବିପ୍ଲବର ବିଶିଷ୍ଟ ଚିନ୍ତା ନାୟକ ଦାର୍ଶନିକ ରଷୋ ମଧ୍ୟ ତୁଳନମୂଳକ ବିଚାର କରିବାକୁ ଯାଇ ଉପସ୍ଥିତ ଭିତ୍ତିକ ଆଧିଭୌତିକତାର ଶିକାର ହୋଇଛନ୍ତି । Gramatology ପୁସ୍ତକରେ ଦେରିଦା Introduction to the age of Rousseau ଅଧାୟରେ ରଷୋଙ୍କ ରଚିତ Emile ରୁ ନିମ୍ନ ପଂକ୍ତିକୁ ଉଦ୍ଧାର କରନ୍ତି । ଯଥା:- "In the voice we have an organ answering to hearing, we have no such organ to sight and we don't repeat colours we repeat sounds."

ଏ ସବୁ କହିବା ଦ୍ୱାରା ଦେରିଦାଙ୍କ ମତରେ, ରଷୋ ଏକ ବିରୋଧ (Opposi-tion) ତିଆରି କରୁଛନ୍ତି ଯେଉଁ ବିରୋଧ ଏକକୁ ଅନ୍ୟ ଠାରୁ ଉଚ୍ଚତର ଆସନରେ ଆସୀନ କରାଇ ପାରିବ । ଏଠାରେ ବିରୋଧଟି ରଷୋ ଉଚ୍ଚାରଣ -ଜ୍ଞାନ ଓ ଚିତ୍ର, ଦୃଷ୍ଟି ମଧ୍ୟରେ କରାଇଛନ୍ତି ଓ ସଂଭବତଃ ପ୍ରଥମଟିକୁ ଦ୍ୱିତୀୟ ଠାରୁ ଉଚ୍ଚତର ମନେ କରୁଛନ୍ତି ।

Digitized by PPRACHIN, SOA

ଏବଂ ଏହି ମନେ କରିବା ବା ସମଗ୍ର ଧାରଣା ପଛରେ ଯେଉଁ ନିୟମଟି କାମ କରୁଛି ତାହା ହେଲା- The words produce meaning because they are elements in a system of diflerences (Derida by Jim Powell, P-117, Pub-by Longman) ଉପରୋକ୍ତ ଉକ୍ତିଟି ଭାଷା ବିଜ୍ଞାନୀ ଫର୍ଡିନାଣ୍ଡ ଡି. ସୋସୁରଙ୍କର ଅର୍ଥ କ୍ଷେତ୍ରରେ ଶବ୍ଦର ଭିନ୍ନତା ନିୟମ ସହ ବିରୋଧ ନିୟମଟି ଯୋଡ଼ି ଦେଇଛନ୍ତି । ଦେରିଦା ଯେଉଁ ନିୟମ ଦ୍ୱାରା (Binary Opposition) ଶିକାର ହେଉଛନ୍ତି ରଷୋ । ଦେରିଦାଙ୍କ ମତରେ ରଷୋ। ସକ୍ରେଟିସ୍ ଓ ପ୍ଲାଟୋଙ୍କର ଉତରାଧିକାରୀ (Legacy) ଭାବରେ କେବଳ ଉଚାରଣ (Speech) ଓ ଲେଖନ (Writing)ର ବିରୋଧକୁ ସଂଦର୍ଶନ କରୁଛନ୍ତି ତାହା ନୁହଁ, ସେ ଆହୁରି ଅନ୍ୟ କେତେକ ବିରୋଧକୁ ଦେଖିବାକୁପାଉଛନ୍ତି ଯାହା ତାଙ୍କର ନିର୍ମାଣ (Construct) । ସେଇ ବିରୋଧ (Binary) ଗୁଡ଼ିକ ହେଲା Nature Culture, Normal Sex>Abnormal Sex ଇତ୍ୟାଦି । ରଷୋଙ୍କ ଏକ ଜଣାଶୁଣା ଉକ୍ତି ହେଲା, ଶିକ୍ଷା ପ୍ରାକୃତିକ ଗୁଣାବଳୀର ବିକାଶ (Education suppleminits nature) । ଏଇଠିବି ରଷୋ ଅଟକି ଯାଇ ନାହାନ୍ତି ବୈପରିତ୍ୟ (Binary)ର ନିୟମ ଦ୍ୱାରା ଆଧିଭୌତିକତାର ଶିକାର ହୋଇ ସେ କହୁଛନ୍ତି "Masturbation as a dangerour Supplement like writing, it is a perverse addition" (Quoted from structuralism since by jhon Sturrock P-168, Pub. by O.UP, NY) । ଏ ସଂପର୍କରେ ରଷୋଙ୍କର ଏକ lack theory (ଅଭାବର ତତ୍ତ୍ୱ) ଅଛି । ରଷୋଙ୍କ ମତରେ ପ୍ରକୃତି ଭିତରେ କେଉଁଠି କାହିଁକି ଅଭାବ ରହି ଯାଇଥିଲା, ଯାହାପାଇଁ ମଣିଷ ସୃଷ୍ଟି ହେଲା ଏବଂ ମଣିଷ ଭିତରେ ଯାହା କିଛି ଅଭାବ ରହିଛି ତାର ପୂର୍ତ୍ତି କୌଣସିନା କୌଣସି ବାଟରେ ହୋଇ ଚାଲିଛି ଓ ହେବ । ରଷୋଙ୍କ Suppliment ତତ୍ୱ ଦେରିଦାଙ୍କ Substitution ଧାରଣାଠାରୁ ଭିନ୍ନ । ଦେରିଦାଙ୍କ ମତରେ ରଷୋ ଯାହା କିଛି କରୁଛନ୍ତି ସେଥିରେ ସେ ଏକ ସ୍ଥାୟୀ ଅର୍ଥ ଦେବାକୁ ଚେଷ୍ଟା କରୁଛନ୍ତି । ମୋ ପାଇଁ ଅର୍ଥାନ୍ତର ହିଁ ବଡ଼ ପ୍ରଶ୍ନ । ଗୋଟାଏ ଅର୍ଥର ଅନ୍ୟ ଅର୍ଥକୁ ଡେଇଁବା ଅର୍ଥର ଅଥୟ ଭାବ ହିଁ ଦେରିଦାଙ୍କର ମୁଖ୍ୟ ଆକର୍ଷଣ । ଶିକ୍ଷା ଓ ହସ୍ତ ମୈଥୁନକୁ ଆଜିର ଯୁଗର ମଣିଷମାନେ ସ୍ୱାଭାବିକ୍ ଭାବରେ ଗ୍ରହଣ କରିନେଇଛନ୍ତି । ମଧ୍ୟ ଯୁଗରେ ରଷୋ ଶିକ୍ଷା ଓ ହସ୍ତମୈଥୁନ ସହ ପ୍ରକୃତି ଓ କୃତିମ ଯୌନତାର ଯେଉଁ ଫରକ / ବିରୋଧ ଦେଖୁଛନ୍ତି ତାର ଆବଶ୍ୟକତା ବା କଣ ଥାଇପାରେ ? ସଂଭବତ ଦେରିଦା 'ବିନିର୍ମାଣ' ଏହି ପ୍ରଶ୍ନଟି ରଷୋଙ୍କ ଆଗରେ ଥୋଇଛନ୍ତି । ଦେରିଦା ରଷୋଙ୍କୁ

Digitized by PPRACHIN, SOA

ଏହି ପ୍ରଶ୍ନଟି କରୁଛନ୍ତି । ଉପରୋକ୍ତ ଧାରଣା ମାନ ରଷୋଙ୍କର ସତ୍ୟ ଖୋଜିବାର obssesion (ଦୁର୍ବଳତା) ନୁହଁକି ?

ବୈପରିତ୍ୟ (Binary) ଦାର୍ଶନିକମାନଙ୍କୁ ଏତେ ବେଶି କାବୁ କରେ ଯେ, ରଷୋଙ୍କ ପରି (livi-struss) ଲିଭିସ୍ତୋ ମଧ୍ୟ ଦେରିଦାଙ୍କ ବିନିର୍ମାଣ ବାଖ୍ୟାର ଶରବ୍ୟ ହୁଅନ୍ତି । କ୍ଲାଉଡ ଲେଭିସ୍ତୋ ଜଣେ ଫରାସୀ ବିନ୍ୟାସବାଦୀ ଦାର୍ଶନିକ । ଏହି ଦାର୍ଶନିକ ସୋସୁରଙ୍କର ବିନ୍ୟାସବାଦୀ ଭାଷା ବିଜ୍ଞାନ ଦ୍ୱାରା ପ୍ରଭାବିତ ହୋଇ ନୃତତ୍ୱରେ ବିନ୍ୟାସବାଦର ପ୍ରୟୋଗ ଘଟାଇଲେ । ଲେଭିସ୍ତୋଙ୍କ ବିନ୍ୟାସବାଦ ୭୦ ଦଶକରେ ଇଉରୋପୀୟ ବିଦ୍ୟାବିଦ୍ୟାଳୟ ପରିସର ଓ ବୁଦ୍ଧିଜିବୀ ମହଲରେ ବେଶ୍ ପ୍ରଭାବ ପକାଇଲା । ନିର୍ବିନ୍ୟାସ ବାଦ ଓ ବିନିର୍ମାଣ ବାଦର ଆଗମନ ସଂଗେ ସଂଗେ ଲେଭିସ୍ତୋଙ୍କ ଦର୍ଶନର ଦୁର୍ବଳତା ପଦାରେ ପଡ଼ିଗଲା । ତାଙ୍କର ପ୍ରଭାବ ମଧ୍ୟ ଅନେକ ପରିମାଣରେ କମିଗଲା । ବାସ୍ତବରେ ଦେରିଦା ଲେଭିସ୍ତୋଙ୍କ ଦର୍ଶନର ଅସଲ ସମାଲୋଚକ ହୋଇ ଦେଖାଦେଲେ । ସେ ତାଙ୍କ ବିନିର୍ମାଣ କୌଶଳ ପ୍ରୟୋଗ କରି ଲେଭିସ୍ତୋଙ୍କ ଦର୍ଶନରେ ଥିବା ଉପସ୍ଥିତି ଭିତ୍ତିକ ଆଧିଭୌତିକ ସତ୍ୟାନ୍ୱେଷା ଓ ବୈପରିତ୍ୟ ବିରୋଧଜନିତ ଦୁର୍ବଳତାକୁ ପଦାରେ ପକାଇଲେ । ଦେରିଦା ଲେଭିସ୍ତାଙ୍କ ରଚିତ (Tristes Tropiques) ପୁସ୍ତକର ବ୍ୟାଖ୍ୟା କରି ଏହି ପୁସ୍ତକର ଥିବା ଚିରାଚରିତ କେନ୍ଦ୍ରବାଦୀ ଦୁର୍ବଳତା ପ୍ରତି ଅଂଗୁଳି ନିର୍ଦ୍ଦେଶ କଲେ । ୧୯୫୫ ମସିହାରେ ରଚିତ ଲେଭିସ୍ତୋଙ୍କର (Tristes tropique) ପୁସ୍ତକ କିଛିଟା ଭ୍ରମଣ-କାହାଣୀ ପର୍ଯ୍ୟାୟର, ଏକ ନୃତାତ୍ତ୍ୱିକ ପୁସ୍ତକ ।

ଏହି ପୁସ୍ତକଟି ୧୯୩୦ ମସିହାରେ ଲେଭିସ୍ତୋଙ୍କ ଦ୍ୱାରା ବ୍ରାଜିଲରେ କରାଯାଇଥିବା ଏକ ପ୍ରତ୍ୟକ୍ଷ ଗବେଷଣାର ନିର୍ଯ୍ୟାସ । ପୁସ୍ତକଟିରେ ଦକ୍ଷିଣ ଆମେରିକାର ଏକ ଜନଜାତିର ଜୀବନଶୈଳୀ ସଂପର୍କିତ ଅଧ୍ୟୟନ ପରିବେଶିତ; ଯେଉଁ ଜନ ଜାତିର ନାମ 'ନଂବିକାୱାରା' । ଲେଭିସ୍ତୋଙ୍କ ଏହା ଥିଲା ଏକ ଆଦାନ-ପ୍ରଦାନ ବା ସିଧାସଳଖ ଅଂଶଗ୍ରହଣ ଧର୍ମୀ ଗବେଷଣା (participatory research) । ନାଂବିକୱାରା ଜନଜାତି ସଭ୍ୟତା କଣ ଜାଣେନା । ଅକ୍ଷର କଣ ଶିଖିନି ବା ଦେଖିନି । ଉଦ୍ଦେଶ୍ୟମୂଳକ ଭାବରେ ଲେଭିସ୍ତୋ ପ୍ରାୟତଃ ପ୍ରସ୍ତର ଯୁଗରେ ଥିବା ଉକ୍ତ ଜନଜାତିର ମାନସିକତା ଓ ଚରିତ୍ରକୁ ଅଧ୍ୟୟନ କରିବା ପାଇଁ ସ୍ୱ ସହଯୋଗୀ ସାଜିଥିବା ନାବିଂକାୱାର ଜନ ଜାତିର ମୁଖିଆଙ୍କ ଦ୍ୱାରା କିଛି ଲିଖିତ ଅକ୍ଷର ଯାହା ଚିତ୍ର ପରି ଦେଖା ଯାଉଥିଲା, ଗୋଷ୍ଠୀ ମଣିଷଙ୍କ ମଧ୍ୟରେ ବଂଟାଇ ଦେଲେ । ଏହା ଥିଲା ନାଂବିକାୱାର ଜନ ଜାତିର ମଣିଷଙ୍କ ପାଇଁ ପ୍ରଥମ ଅକ୍ଷର

Digitized by PPRACHIN, SOA

ଦର୍ଶନ । ଏହି ଅକ୍ଷରକୁ ଅନୁକରଣ କରି ସେମାନେ କିଛି ଗାର କାଟିଥିଲେ ମଧ୍ୟ ପ୍ରକୃତରେ ଏ ଅକ୍ଷରଗୁଡ଼ିକ କଣ ତାର ଅଗମୂଳ ଧରି ପାରି ନଥିଲେ । ଏତଦ୍‌ଦ୍ୱାରା ସେମାନଙ୍କ ମନରେ କୌତୁହଳ ବଢ଼ିଥିଲା । ଏହାର ସୁଯୋଗ ନେଇଥିଲେ ଜନଜାତିର ମୁଖିଆ । ନିଜର ମୁଖିଆ ପଣର ପ୍ରତିଷ୍ଠା ସକାଶେ ସେଇ ଅକ୍ଷର ସଂପର୍କରେ ତାଙ୍କର ଜ୍ଞାନ ଥିବା କଥା ସ୍ୱ ଜନଜାତିର ମଣିଷମାନଙ୍କୁ ସେ କହିଥିଲେ । ଲେଭିସ୍ତ୍ରୋଙ୍କ ମତରେ ପ୍ରକୃତିର ସଂତାନ ନାଂବିକାୱାର ଜନଜାତି ଯିଏ କେବଳ ସ୍ୱଭାବକୁ କଥିତ ଭାଷାରେ ଅଭିବ୍ୟକ୍ତ କରିପାରେ ତା' ପାଇଁ ଆଧୁନିକ ମଣିଷର ଅକ୍ଷର ଥିଲା ବୈଷମ୍ୟ (hierarchy) ଓ ଶୋଷଣର ଏକ ମାଧ୍ୟମ । ଲିଖିତ ଅକ୍ଷରକୁ ନେଇ ସ୍ୱ ଜନଜାତି ପାଖରେ ନିଜର ପତିଆରା ବୃଦ୍ଧି ବା ଆଧିପତ୍ୟ ସୃଷ୍ଟିର ପ୍ରକୃତ ଇଚ୍ଛା ଦ୍ୱାରା ଆକ୍ରାନ୍ତ ମୁଖିଆ ଜଣଙ୍କର ମନୋବୃତ୍ତିକୁ ଅଧ୍ୟୟନ କରି ଲେଭିସ୍ତ୍ରୋ କଥିତ ଭାଷା ଉପରେ ଲିଖିତ ଭାଷାର ଆରୋପ ଉପରେ ସଂସ୍କୃତି, ପ୍ରାକୃତିକ ମଣିଷ ଉପରେ ସାମାଜିକ ମଣିଷର ଶୋଷଣ ବା ଆଧିପତ୍ୟ ବିସ୍ତାରର ମାଧ୍ୟମ ବୋଲି ଧରି ନେଇଥିଲେ । ଲେଭିସ୍ତ୍ରୋଙ୍କ ପାଇଁ (Trustes Tropiqe)ରେ ପ୍ରଦତ୍ତ ଅଧ୍ୟୟନ ଲବ୍ଧ ଅନୁଭୂତିର ସାରାଂଶ ଥିଲା ଏହିପରି ଯଥା:- (i)For thousands of year and evem today writing has been privilege of powerful elite (ii) The primary function of writen Communcation is therfore to enslave and subordinate (Quoted from Derrida P-I & 10, Written by C. Johanson, Pub by Phoenix, London) ଲିଖିତ ଭାଷା ଯେ ମଣିଷ ମଧ୍ୟରେ ବୈଷମ୍ୟ ଓ ଶୋଷଣର ବୀଜ ବୁଣେ ଲେଭିସ୍ତ୍ରୋଙ୍କ ଉପରେ ବର୍ଣ୍ଣିତ ଧାରଣାକୁ ଦେରିଦା ସଂପୂର୍ଣ୍ଣ ଖଣ୍ଡନ କରନ୍ତି ନାହିଁ । କିନ୍ତୁ ପ୍ଲାଟୋ, ରଷୋ ଓ ଲେଭିସ୍ତ୍ରୋଙ୍କ ବିରୁଦ୍ଧରେ ଦେରିଦାଙ୍କର ଗୋଟିଏ ଅଭିଯୋଗ ହେଲା, ଏମାନେ ଲିଖିତ ଭାଷାର ମଣିଷ ପାଇଁ ଭୂମିକାକୁ ଏକ ଦେଶଦର୍ଶୀ ଭାବରେ ଦେଖିଛନ୍ତି । ଦେରିଦାଙ୍କ ମତରେ ଲିଖିତ ଭାଷା କେବଳ ଶୋଷଣ କରେନା ମୁକ୍ତି ମଧ୍ୟ ଦିଏ । 'What is going to be called from ibid-p-22) ଉଦ୍ଧୃତ ଉକ୍ତିରେ ଲିଖିତ ଭାଷାର ଏହି ଦ୍ୱେତ ଭୂମିକା (Double Function) ସଂପର୍କରେ ଦେରିଦା ଲେଭିସ୍ତ୍ରୋଙ୍କୁ ସଚେତନ କରାଇଛନ୍ତି । ଦେରିଦାଙ୍କ ମତରେ ଲେଭିସ୍ତ୍ରୋ ଲିଖିତ ଭାଷା, ଯାହା ଦ୍ୱାରା ସମସ୍ତ ଜ୍ଞାନ ଗତିଶୀଳ ହୁଏ ତାର ଦ୍ୱୈତ ଭୂମିକା ସଂପର୍କରେ ସଚେତନ ନଥିବାରୁ ଭାଷା ଜଗତର ବୈପରିତ୍ୟ ବିରୋଧ (Binary opposition) ଶୃଙ୍ଖଳାରେ ବଂଧା ପଡ଼ି, ଆଧିଭୌତିକତାର ଶିକାର ହୋଇଛନ୍ତି ।

Digitized by PPRACHIN, SOA

ମାର୍କସବାଦର ଭୂତ ଓ ଦେରିଦା:

୯୦ ଦଶକରେ ବିଶ୍ବବ୍ୟାପୀ ମାର୍କସ ବାଦର ପରାଜୟକୁ ଦେଖି ସାମ୍ରାଜ୍ୟବାଦୀମାନେ ସଜୋରରେ ଚିତ୍କାର କଲେ; ମାର୍କସବାଦର ମୃତ୍ୟୁ ହୋଇଗଲା (Marxism is dead) । ଆମେରିକାରେ ୧୯୯୨ ମସିହାରେ ଫୁକୁୟାମା ଏ ବାବଦରେ The end of history and the last Man ନାମରେ ଏକ ପୁସ୍ତକ ବି ଲେଖିଲେ । ଏହି ପୁସ୍ତକରେ ସେ ଉଦାରବାଦୀ ଗଣତନ୍ତ (Liberal Democracy) କୁ ପୃଥିବୀର ଶେଷ ବ୍ୟବସ୍ଥା ଭାବରେ ସ୍ୱୀକାର କରି ଏହାର ଜୟଜୟକାର କଲେ । ୧୯୯୧ ମସିହାରେ ମାର୍କସବାଦ ଉପରେ ଏହି ଆକ୍ରମଣକୁ ଲକ୍ଷ୍ୟ କରି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର Center for idea and society ତରଫରୁ Whither marxism ନାମରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଗଲା । ଏହି ଆଲୋଚନା ଚକ୍ରର ଦେରିଦା ପାଠ କରିଥିବା ସଂଦର୍ଭକୁ ବର୍ଦ୍ଧିତ କଳେବରରେ ‘Specters of Marx’ ନାମକ ଏକ ପୁସ୍ତକରେ ରୂପ ଦେଲେ । ଏହି ପୁସ୍ତକରେ Fakuyama ଙ୍କର The end of history and the last man ପୁସ୍ତକ ସଂପର୍କରେ ଆଲୋଚନା ରହିଲା । ଏହି ପୁସ୍ତକରେ ଦେରିଦା Hauntology ନାମକ ଏକ ଶବ୍ଦକୁ ବିଶେଷ ଭାବରେ ପ୍ରୟୋଗ କଲେ । ପୁସ୍ତକଟିରେ ଦେରିଦା ମାର୍କସବାଦର କୌଣସି ପ୍ରଶଂସା ନ କରି କହିବାକୁ ଚାହିଁଲେ ପୃଥିବୀରେ ଯେ ପର୍ଯ୍ୟନ୍ତ ପୁଂଜିବାଦ ରହିଛି ଶୋଷଣ କଷଣ ରହିଛି ଏବଂ ପୃଥିବୀରେ ଯେତେଦିନ ଯାଏ ସାମ୍ୟବାଦ ପ୍ରତିଷ୍ଠିତ ନ ହୋଇଛି ସେତେଦିନ ଯାଏ କିନ୍ତୁ ମାର୍କସବଦର ଭୂତକୁ କେହି ମାରି ପାରିବେନି ଏବଂ ମାର୍କସବାଦ ଯେହେତୁ ଏକ ରକ୍ତମାଂସ ଦେହଧାରୀ ମଣିଷ ନୁହଁ, ଏକ ଚେତନା (ଯେଉଁ ଚେତନା ଶୋଷଣର ପ୍ରତିପକ୍ଷ) ତାର ମୃତ୍ୟୁ ଅସଂଭବ । ଯଦିବା ତାର ମୃତ୍ୟୁ ହୁଏ ତା ହେଲେ ମରିଯାଇଥିବା ମାର୍କସ ବାଦର ଭୂତ, ଯେଉଁମାନେ କହୁଛନ୍ତି ମାର୍କସବାଦ ମରିଗଲାବୋଲି, ସେଇମାନଙ୍କ ପିଠିରେ ସବାର ହେବେ । ପୁଂଜିବାଦ ଏପରି ଏକ ବ୍ୟବସ୍ଥା ଯେଉଁ ବ୍ୟସ୍ଥାର ହର୍ତ୍ତାକର୍ତ୍ତାମାନେ ବ୍ୟବସ୍ଥା କର୍ତ୍ତୃକ ହେଉଥିବା ପାପ ଦ୍ୱାରା ପାପ-ଭୟଗ୍ରସ୍ତ ହେବାକୁ ବାଧ୍ୟ । ଦେରିଦାଙ୍କ ମତରେ ନିଜକୁ ଦୋଷୀ ବା ପାପୀ ମନେ କରୁଥିବା ମଣିଷମାନଙ୍କ ପରି ପୁଂଜିବାଦୀମାନେ ଶତ୍ରୁ ମରିଯାଇଥିବା କହିଲା ବେଳେ ଶତ୍ରୁର ଦେଖି ଡରନ୍ତି । ଏବେ ସମ୍ରାଜ୍ୟବାଦୀମାନେ ସୋଭିଏତ ଋଷ୍ ଓ ପୂର୍ବ ଇଉରୋପୀୟ ଦେଶର ପତନପରେ ସେଇ ଭୟଦ୍ୱାରା ଆକ୍ରାନ୍ତ । ବିନିର୍ମାଣ ଶୈଳୀରେ ରଚିତ ‘ମାର୍କସବାଦର ଭୂତ’ ପୁସ୍ତକଟିର ଭାଷା ବେଶ୍ କ୍ରୀଡ଼ାମୟ (Playful) ଏହି ପୁସ୍ତକରେ ଦେରିଦା ତାଙ୍କର ବିନିର୍ମାଣ ପଦ୍ଧତିକୁ Radical form

Digitized by PPRACHIN, SOA

of marxism ଭାବରେ ଦେଖନ୍ତି । ଆଦୌ କାର୍ଯ୍ୟକ୍ରମ (programme) ରେ ବିଶ୍ୱାସ କରୁ ନଥିବା ଦେରିଦା ଏହି ପୁସ୍ତକରେ (New International) ଗଠନର ସୂଚନା ଦିଅନ୍ତି । ତାଙ୍କ ମତରେ ଏହାର (N.I.)ର କାମ ହେବ ଉଦାର ଗଣତନ୍ତ୍ର ମଧ୍ୟରେ ଥିବା କଥା କାମର ଆକାଶ ପାତାଳ ପ୍ରଭେଦକୁ ଦୂର କରିବା ସହ ଉଦାର ଗଣତନ୍ତ୍ରର ଆଦର୍ଶକୁ ବିରୋଧ କରିବା । ମାର୍କସବାଦର ଆଧିଭୌତିକତାର ଗନ୍ଧ ବାରିଥିବା ଦେରିଦା Specters Marx ପୁସ୍ତକରେ କିଛି ପରିମାଣରେ ମାର୍କସବାଦୀ ହେବାକୁ ଅବଶ୍ୟ ଉଦ୍ୟମ କରିଛନ୍ତି । (Specters of marx) ପୁସ୍ତକଟି ଦେରିଦାଙ୍କର ଅନ୍ୟାନ୍ୟ ପୁସ୍ତକଠାରୁ ଭାଷା ଓ ଚିଂତନରେ କିଛିଟା ବ୍ୟତିକ୍ରମ । ଏହି ପୁସ୍ତକରେ ଦେରିଦା ବିନିର୍ମାଣ ପଥରୁ ବିଚ୍ୟୁତ ନୁହଁନ୍ତି ।

ଦେରିଦା ଓ ମାର୍କସବାଦ:

Specters of marx ପୁସ୍ତକରେ ବିନିର୍ମାଣର ଦର୍ଶକକୁ More readical form of marxism କହିବା ସତ୍ତ୍ୱେ ମାର୍କସବାଦୀମାନେ ଦେରିଦାଙ୍କ ପ୍ରତି ସମଗ୍ର ଉତ୍ତର ଆଧୁନିକତାବାଦ ଓ ବିନିର୍ମାଣ ସମାଲୋଚନା କ୍ଷେତ୍ରରେ କଠୋର । ସେମାନେ ଦେରିଦାଙ୍କ ପୋଥି ବ୍ୟାଖ୍ୟାକୁ linguistic Nihilism / Revolution in academic/ Playful like masturbation (Quotes from derrida, P-156, by J. Powell) ବୋଲି କହନ୍ତି । ମାର୍କସବାଦୀମାନେ ଦେରିଦାଙ୍କୁ ଏତେ ସବୁ ଗାଳି ଗୁଲଜ କଲା ବେଳେ ଦେରିଦାଙ୍କର ମାର୍କସବାଦ ସଂପର୍କରେ ଧାରଣା ହେଲା ଏହା ଏକ ବିଶାଳ ବର୍ଣ୍ଣନା ଓ କେନ୍ଦ୍ରବାଦୀ ଦର୍ଶନ । ଅପର ପକ୍ଷରେ ମାର୍କସବାଦୀମାନେ ଦେରିଦାଙ୍କ ବିନିର୍ମାଣକୁ ଦିଶାହୀନ, କାର୍ଯ୍ୟକ୍ରମ ରହିତ ବଂଧ୍ୟା ଦର୍ଶନ ବା ନିରୁତା ପୋଥି ବ୍ୟାଖ୍ୟା ବୋଲି କହିଥାନ୍ତି । ନିକଟରେ ଦେରିଦାଙ୍କ ଦର୍ଶନ ପରିବାରର ସଦସ୍ୟ (ଉତ୍ତର ଆଧୁନିକତାବାଦୀ) ମାନଙ୍କର WSF ସହ ଯୋଗଦାନ ଓ ସେମାନଙ୍କର କ୍ଷୁଦ କ୍ଷୁଦ୍ର ଆନ୍ଦୋଳନକୁ ସମର୍ଥନ ଜନିତ କାରଣରୁ ମାର୍କସବାଦୀମାନେ ଦେରିଦାଙ୍କ ବିନିର୍ମାଣ ଦର୍ଶନ ସାମ୍ରାଜ୍ୟବାଦର ପ୍ରଚ୍ଛନ୍ନ ସମର୍ଥକ ବୋଲି ଆଖ୍ୟାୟିତ କରନ୍ତି । (See Post modernism Today, by Siraj, P-125, Pub-by R.P., Culcutta)

ଉପସଂହାର:

"Silence is word which is not word Breath is an object

Digitized by PPRACHIN, SOA

which is not an object"-Batile- ପୃଥିବୀରେ ଏ ପରି କିଛି ଜିନିଷ ଥାଇପାରେ ଏବଂ ମାନବ ମନରେ ଏପରି କିଛି ଅନୁଭବ ଥାଇପାରେ ଯାହାର ଭାଷାଗତ ଅଭିବ୍ୟକ୍ତି କଠିନ । କେବଳ କଠିନ ନୁହଁ ବେଳେବେଳେ ଅସଂଭବ । କିନ୍ତୁ ବିଶ୍ୱବ୍ରହ୍ମାଣ୍ଡରେ ମଣିଷ ହିଁ ଏକମାତ୍ର ପ୍ରାଣୀ ଯିଏ ଅସଂଭବକୁ ସଂଭବ କରିବାର ସ୍ୱପ୍ନ ଦେଖେ । ଉଦ୍ୟମ କରେ । ଦେରିଦାଙ୍କ ପାଇଁ ସେ ସ୍ୱପ୍ନ ଉପସ୍ଥିତ ଭିତ୍ତିକ ଆଧିଭୌତିକତା (Metaphysics of Presence) ହୋଇପାରେ, ମାତ୍ର ନିରବତା ମଧ୍ୟରୁ ଶବ୍ଦ ସୃଷ୍ଟିକାରୀ ମଣିଷ ପାଇଁ ତାହା ଆଧିଭୌତିକ ନୁହେଁ ଭୌତିକ ଓ ବାସ୍ତବ ଏବଂ ତାର ଅର୍ଥ ରହିବ ହିଁ ରହିବ । ଦେରିଦାଙ୍କ ପାଇଁ ସତ୍ୟ ଅପହଂଚ ହୋଇପାରେ । କିନ୍ତୁ ନାଉରିଆ ପାଇଁ ନୁହଁ । ହରମେନ୍ ହେସଙ୍କ ସିଦ୍ଧାର୍ଥ ଉପନ୍ୟାସର ନାଉରିଆ ଦେରିଦାଙ୍କ ପରି ବିଶ୍ୱର ରାଶି ରାଶି ପୁସ୍ତକ ଘାଣ୍ଟି ନଥିଲା । ଏପରିକି ବୁଦ୍ଧଙ୍କ ପରି ପଦବ୍ରଜରେ କପିଳାବାସ୍ତୁରୁ କୁଶିନଗ୍ର ଯାଏ ଯାଇ ନଥିଲା । କେବଳ ଏ କୂଳରୁ ସେ କୂଳ ପଖାରୀ ପାରି କରିବା ଥିଲା ତା'ର କାମ । ସେ ପହଁରି ଶିଖିଥିଲା, ନାଆ ବାଇ ଶିଖିଥିଲା ଓ ପରିବାର ପୋଷଣ କରୁଥିଲା । କ୍ଷୁଧା ଆଉ ଯୌନତାକୁ ନେଇ ଜୀବନ ଜିଇଁବାର ସମାନ୍ୟ ଅନୁଭୂତି ଥିଲା ତାର ଏବଂ ସେଇତକ ହିଁ ଥିଲା ତା ପାଇଁ ସତ୍ୟ । ଦେରିଦାଙ୍କ ପାଇଁ ସେ ସତ୍ୟର ମୂଲ୍ୟ ବା କଣ, ଏହା ତାଙ୍କର ବିନିର୍ମାଣବାଦୀ ଦର୍ଶନରୁ ଖୋଜି ପାଇବା ବାସ୍ତବରେ ମୁସ୍କିଲ । ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ, ଦିବା-ରାତ୍ରୀ ରେଦିଦାଙ୍କ ପାଇଁ ବୈପରିତ୍ୟର କେଉଁ ଭ୍ରମ ସୃଷ୍ଟିକରେ କୁହାଯାଇ ପାରିବନି । ଶବ୍ଦ ମାଧ୍ୟମରେ ସତ୍ୟ ଧରା ଦିଏ ତ ଧରା ଦିଏନା, ଏ ଦୁଇଟିରୁ କେଉଁଟା ସତ୍ୟ ଉଭୟଟା ନୁହଁ କି ? ମାନବ ମନରେ ସତ୍ୟାନୁଭବ ବ୍ୟକ୍ତି > ବସ୍ତୁ ସଂପର୍କ ଭିତ୍ତିକ, ଚିନ୍ତା > କ୍ରିୟା > ପ୍ରତିଫଳକ ଭିତ୍ତିକ, କାର୍ଯ୍ୟକାରଣ ସଂବଧାନ୍ୱିତ । ଏହା ନିଶ୍ଚିତ ଯେ ସତ୍ୟ ଅଜ୍ଞ, ମତାନ୍ଧ, କ୍ଷମତା ଲିପ୍ସୁ, ବିଭେଦକାରୀ, ସୁବିଧାବାଦୀ ଓ ମୂର୍ଖ ଲୋକଙ୍କ ହାତରେ ପଡ଼ି ଅର୍ଦ୍ଧ ସତ୍ୟ ବା ମିଥ୍ୟାରେ ପରିଣତ ହୋଇ ସବୁବେଳେ କାଳ, ସମାଜ ଓ ମଣିଷକୁ ପ୍ରତାରିତ କରିଛି ଏବଂ ମଣିଷ ଏହା ବିରୁଦ୍ଧରେ ସଂଗ୍ରାମରତ ହେବ । ଏ ସମସ୍ତ ଧାରଣାକୁ ନେଇ ଫୁକୋ, ମାର୍କସ ଓ ଦେରିଦାଙ୍କ ଭିତରେ ବିଶେଷ କିଛି ପାର୍ଥକ୍ୟ ଅଛି କି ? ବୋଧହୁଏ ନା । ପାର୍ଥକ୍ୟ ଯଦିବା ଥାଇ ପାରେ ତାହା କେବଳ କୌଶଳକୁ ନେଇ । ମାର୍କସଙ୍କୁ ଏବେ (Historistist) ବୋଲି ଅଭିଯୋଗ କରାଯାଇଥିଲା ବେଳେ, ସାମ୍ୟବାଦ ସଂପର୍କରେ ମାର୍କସଙ୍କ ବିଶିଷ୍ଟ ଉକ୍ତି ହେଲା ଏହିପରି ଯଥା- Communism not end of the history, Its a new begining' (ସାମ୍ୟବାଦ ଇତିହାସର ଅନ୍ତ ନୁହଁ, ଏହା ଏକ ନୂତନ ଆରମ୍ଭ ।)

Digitized by PPRACHIN, SOA

ମାର୍କସଙ୍କର ଉପରୋକ୍ତ ଉକ୍ତିକୁ ଆଖି ଆଗରେ ରଖି ବିଚାର କଲେ ଉତ୍ତର ଆଧୁନିକତାବାଦୀମାନଙ୍କର ମତାନୁଯାୟୀ ମାର୍କସ୍ ବାଦରେ ଇତିହାସର ଅନ୍ତ କେଉଁଠି ବା ଘଟିଲା ! 'ଇତିହାସରେ ଆଧିଭୌତିକତାର ଅନ୍ତ ନାହିଁ' । କିନ୍ତୁ ଏହା କେଉଁ ଆଧିଭୌତିକ, କେଉଁ କ୍ଷମତା ? ବସ୍ତୁନିଷ୍ଠ ସତ୍ୟ ବୋଲି କିଛି ସତ୍ୟ ନାହିଁ କହିଲା ବେଳେ ଦେରିଦାଙ୍କର ସତ୍ୟ ସଂପର୍କ ଧାରଣାର ମୂଳିଭୂତ ଓ ପରମ ଭାବନାଦ୍ୱାରା ଗ୍ରସ୍ତ ନୁହଁକି ? ମଣିଷ ପାଇଁ ବିଶ୍ୱ ବ୍ରହ୍ମାଣ୍ଡର ଯେମିତି କୌଣସି ସୀମା ନାହିଁ ସେମିତି ତା ପାଇଁ ଜ୍ଞାନାନ୍ୱେଷଣର କୌଣସି ଅନ୍ତନାହିଁ । Sybernetics ଯୁଗରେ ମଣିଷ, ଅସୀମ ଜ୍ଞାନର ଅଧିକାରୀ ହେବାର ସଂଭାବନାକୁ ଏଡ଼ାଇ ଦିଆଯାଇ ପାରେନା । ଦେରିଦାଙ୍କ ଦର୍ଶନରେ (Differ, defer, Metaphysics of presence, absence of presence, unending substitution, Subversive practice, haunting, hauntology, strategic intervention) ଇତ୍ୟାଦି ଯେତେ ସବୁ ଧାରଣା ମାନ ଅଛି, ତାର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ କଣ ? ଏହା କାହା ବିରୁଦ୍ଧରେ ? ଦେରିଦାଙ୍କ ଦର୍ଶନ କ'ଣ ପ୍ରଚଳିତ ବ୍ୟବସ୍ଥା ବିରୋଧୀ ? ଏହି ଭଳି ଅନେକ ପ୍ରଶ୍ନ ଉତ୍ତର ଆଧୁନିକତାବାଦୀ, ବିନିର୍ମାଣବାଦୀ ଦେରିଦାଙ୍କୁ ବିଭିନ୍ନ ସମୟରେ ସମ୍ମୁଖୀନ ହେବାକୁ ପଡ଼ିଥାଏ ଓ ପଡ଼ିବ । ମାର୍କସ ବାଦର ଶ୍ରେଣୀ ସଂଘର୍ଷ, ସାମଜବାଦର ପ୍ରତିଷ୍ଠା ଓ ସାମ୍ୟବାଦରେ ରାଷ୍ଟ୍ରର ବିଲୟ ଇତ୍ୟାଦି ଠୋସ୍ କାର୍ଯ୍ୟକମ୍ର (ଇତିହାସରେ ଏହାର କାର୍ଯ୍ୟକାରିତା ଯେତେ ସୀମିତ ଥାଉବା କାହିଁକି ଭଳି ଦେରିଦାଙ୍କ ପାଇଁ ନୂତନ ଆତର୍ଜାତିକ (Now international) ଏକ ଠୋସ୍ କାର୍ଯ୍ୟକ୍ରମ ନୁହଁ କି ? ଅନ୍ତହୀନ ସମାଲୋଚନା ସମ୍ଭବତଃ ଦେରିଦାଙ୍କ ଏକମାତ୍ର କାର୍ଯ୍ୟକ୍ରମ ବୋଲି ଧରାଯାଇ ପାରେ । କିନ୍ତୁ ଏହି କାର୍ଯ୍ୟକ୍ରମ ମାନବ ସମାଜକୁ ଯେଉଁ ପରିଣତି ଆଡ଼କୁ ନେଇଯାଉଛି ତାହା Niheliism ନୁହଁକି ?

ଚୀନ୍ ବିପ୍ଳବର ନାୟକ ମାଓ -ଜେ-ତୁଂଗ ନିରନ୍ତର ବିପ୍ଳବ (Permanent Revolution) କଥା କହୁଥିଲେ । ଦେରିଦାଙ୍କ ଅନ୍ତହୀନ ସମାଲୋଚନା ନିରନ୍ତର ବିପ୍ଳବ କି ? ବୋଧହୁଏ ନାଁ ? କାରଣ ମାଓ -ଜେଅତୁଙ୍ଗଙ୍କ ନିରନ୍ତର ବିପ୍ଳବର ଲକ୍ଷ୍ୟ ସାମ୍ୟବାଦ, ଦେରିଦାଙ୍କ ଅନ୍ତହୀନ ସମାଲୋଚନାର ଲକ୍ଷ୍ୟ କଣ ହୋଇପାରେ ତାହା ସ୍ପଷ୍ଟ ନୁହେଁ ।

ମାର୍କସ୍ୱାଦରେ (Praxis (thougth)> action> Reflection) ବୋଲି ଏକ ତତ୍ୱ ଅଛି ଏବଂ ଏହି ପ୍ରାକ୍‌ସିସ୍ ତତ୍ତ୍ୱ ଅନୁଯାୟୀ ମାର୍କସବାଦ କେବଳ ଏକ ତତ୍ୱ ନୁହେଁ ବା କେବଳ ଏକ ଦର୍ଶନ ନୁହଁ । ଏହା ଏକ କ୍ରିୟା ଭିତ୍ତିକ ଦର୍ଶନ ଯାହାକୁ ଇଂରେଜୀରେ Phiosophy of action ବୋଲି କୁହାଯାଏ । ଦେରିଦାଙ୍କ ବିନିର୍ମାଣ

Digitized by PPRACHIN, SOA

ଏକ କ୍ରିୟା ଭିତ୍ତିକ ଦର୍ଶକ ନୁହେଁ। ତତ୍ତ୍ୱ ଭିତ୍ତିକ ଦର୍ଶନ । ଏତଦ୍ ଭିନ୍ନ ଦେରିଦାଙ୍କ ବିନିର୍ମାଣ ଏ ଯାବତ୍ ଶିକ୍ଷାୟତନ୍‌ରେ ଆବଦ୍ଧ ପଡ଼ିଥିବା ଏକ ପୋଥି ବ୍ୟାଖ୍ୟା-ଧର୍ମୀ-ଦର୍ଶନ । ଏହା ମଣିଷର କେଉଁ ବାସ୍ତବ ପ୍ରୟୋଜନର ଆସିପାରେ । ଏହା ଉତ୍ତର ଦେବାକୁ ସ୍ୱୟଂ ଦେରିଦା ମଧ୍ୟ ନାସ୍ତିବାଣୀ ଶୁଣାଇବେ ।

ତେବେ ଦେରିଦା ଓ ସମଗ୍ର ଉତ୍ତର ଆଧୁନିକତାବାଦୀମାନଙ୍କ ଠାରୁ ଗୋଟାଏ ଶିକ୍ଷା ନିଆଯାଇପାରେ । ତାହା ହେଲା ଭାଷା ଅନ୍ତଦୃଷ୍ଟି, (Language insight) ବହୁଜାତୀୟ ପୁଂଜି ଗର୍ଭରେ ଲୀନ ହୋଇଯାଇଥିବା ମାନବ ସମାଜ ପାଇଁ ଏହି ଅର୍ନ୍ତଦୃଷ୍ଟିକୁ ସମାଜ ପରିବର୍ତ୍ତନ ପାଇଁ କାମରେ ଲଗାଯାଇପାରିବ ।

❑❑

Digitized by PPRACHIN, SOA

ବିନ୍ୟାସବାଦୀ ଭାଷାତତ୍ତ୍ୱବିତ୍ ଫର୍ଡ଼ିନାଂଡ ଡି. ସୋସୁର ଓ ଉତ୍ତର ଆଧୁନିକତା ପ୍ରସଂଗ

ଉପକ୍ରମଣିକା:

ସଂପ୍ରତି ଓଡ଼ିଆ ସାହିତ୍ୟରେ ଉତ୍ତର ଆଧୁନିକତା ଶବ୍ଦଟି ବହୁଳ ଭାବରେ ବ୍ୟବହୃତ ହେଉଥିବା ଲକ୍ଷ୍ୟ କରାଯାଏ । ବିଶେଷକରି ସାହିତ୍ୟ ସମାଲୋଚନା କ୍ଷେତ୍ରରେ । କିଛି ବର୍ଷ ତଳେ ଜଣେ ସମାଲୋଚକ ୮୦ ଦଶକ ପରେ କ୍ରମଶଃ ସୁବୋଧ ହୋଇ ଆସୁଥିବା ଓଡ଼ିଆ କବିତାକୁ ଉତ୍ତର ଆଧୁନିକ କବିତାର ଆଖ୍ୟା ଦେଇଦେଲେ । କିଛି ଇଂରାଜୀ ଅଧ୍ୟାପକ ମଧ୍ୟ ପାଶ୍ଚାତ୍ୟ ଜଗତରେ ଉତ୍ତର ଆଧୁନିକ ସମାଲୋଚନାର ବିକାଶ ଧାରା ଉପରେ ଆଲୋକପାତ କରି କେତେଟା ପ୍ରବଂଧ ଓଡ଼ିଆରେ ଲେଖିଛନ୍ତି । ଏସବୁ ସତ୍ତ୍ୱେ ଉତ୍ତର ଆଧୁନିକତା ଶବ୍ଦଟି ଏ ଏଯାବତ୍ ଓଡ଼ିଆ ପାଠକ ମହଲରେ ସ୍ୱଷ୍ଟ ବୋଧଗମ୍ୟତା ପାଇପାରି ନାହିଁ ।

ପ୍ରଥମତଃ ୮୦ଦଶକ ପରେ କ୍ରମଶଃ ସୁବୋଧ ହୋଇଥିବା ଓଡ଼ିଆ କବିତା ଯେ ଉତ୍ତର ଆଧୁନିକତା କବିତା, ଏହି ଧାରଣା ସହିତ ପାଶ୍ଚାତ୍ୟ ସାହିତ୍ୟ ସମାଲୋଚନା ଜଗତରେ ବ୍ୟବହୃତ ହୋଉଥିବା ଉତ୍ତର ଆଧୁନିକତା ଶବ୍ଦ ଓ ଧାରଣାର କୌଣସି ସଂପର୍କ ନାହିଁ । ଦ୍ୱିତୀୟରେ ଇରେଜୀ ଅଧ୍ୟାପକ ମାନଙ୍କ ଦ୍ୱାରା ଓଡ଼ିଆରେ ରଚିତ ଉତ୍ତର ଆଧୁନିକ ସମାଲୋଚନା, ପାଶ୍ଚାତ୍ୟ ସମାଲୋଚନା ଜଗତରେ ପ୍ରୟୋଗ ହୋଇଥିବା ଉତ୍ତର ଆଧୁନିକ ସମାଲୋଚନା ଓ ଧାରଣାର ସୀମିତ ବ୍ୟାଖ୍ୟା ମାତ୍ର ।

ଉତ୍ତର ଆଧୁନିକତା ଶବ୍ଦ ଓ ଧାରଣାର ଏକ ଯଥାଯଥ ବ୍ୟାପକ ବ୍ୟାଖ୍ୟା ଏ ଯାବତ୍ ଆମ ସାହିତ୍ୟରେ ହୋଇନାହିଁ କହିଲେ ଚଳେ ।

ଉତ୍ତର ଆଧୁନିକତାର ଆରମ୍ଭ ଓ ବିକାଶ ବିଶ୍ୱରେ କମ୍ୟୁନିଜିମ୍‌ର ପରାଜୟ ଓ ପୁଂଜିବାଦୀ ଗଣତନ୍ତ୍ରର କ୍ରମବର୍ଦ୍ଧମାନ ପ୍ରଭାବ ସହିତ ଐତିହାସିକ ଭାବରେ ଜଡ଼ିତ ।

Digitized by PPRACHIN, SOA

ଦାର୍ଶନିକ ଦୃଷ୍ଟି କୋଣରୁ ଏହା ଏକ ନୂତନ ସମାଲୋଚନାର ଧାରା । ଯାହା ଅତୀତର ଦର୍ଶନରେ ଥିବା କେନ୍ଦ୍ରବାଦୀ / ଆଦର୍ଶବାଦୀ ଦୁର୍ବଳତାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଥିବାର ଦାବୀ ରଖେ ।

ତେବେ କ'ଣ ଏହି ଉତ୍ତର ଆଧୁନିକତା ? ଏହାର ଆରମ୍ଭ କେଉଁଠି ଏହା ଜାଣିବାକୁ ହେଲେ ବାସ୍ତବ ଜଗତର କ୍ରିୟା ସହିତ ମଣିଷର ଭାଷା ଓ ଭାବ ଜଗତର ଯୋଗସୂତ୍ରର ସଂପର୍କ ତଥା ତତ୍‌ଜନୀତ ଜଟିଳତାର ସମସ୍ତ ଗ୍ରନ୍ଥକୁ ଉନ୍ମୋଚିତ କରିବାକୁ ହେବ ।

ସଚରାଚର କୁହାଯାଇଥାଏ ଯେ 'ଭାଷା ଭାବ ପ୍ରକାଶର ଏକ ମଧ୍ୟମ' । କିନ୍ତୁ ଏହି ମାଧ୍ୟମଟି କେଉଁଠି ଥାଏ, କୁଆଡୁ ଆସେ, କୁଆଡ଼େ ଯାଏ ? ଏହାର ଯଥାଯଥ ବ୍ୟାଖ୍ୟା ଦରକାର ।

ଭାଷା କେଉଁଠି ନଥାଏ ଅର୍ଥ ଭାଷା ସ୍ୱୟଂଭୂ ଓ ସ୍ୱତଂତ୍ର ନୁହଁ । ସଂପର୍କ ହିଁ ଭାଷାର ଜନନୀ । ସ୍ୱତନ୍ତ୍ର୍ୟ ହେଲା-ସଂପର୍କ ମଧ୍ୟରେ ଥାଇ ସୃଷ୍ଟି ହେଉଥିବା ଭିନ୍ନତା ଓ ବିରୋଧ; ଭାଷା ସଂପର୍କରେ ଏହା ହିଁ ଉତ୍ତର ଆଧୁନିକ ଦୃଷ୍ଟିଭଙ୍ଗୀ ।

ଉତ୍ତର ଆଧୁନିକତାର ଜନ୍ମ ଏକ ଆକସ୍ମିକ ଘଟଣା । ଏହି ଆକସ୍ମିକତା ସଂଗଠିତ ହୁଏ ଭାଷା ଚର୍ଚ୍ଚାର ଏକ ଶ୍ରେଣୀ ଗୃହ ମଧ୍ୟରୁ । ବିଂଶ ଶତାବ୍ଦୀର ଆରମ୍ଭରେ ଜେନିଭା ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ଏକଦା ତାଙ୍କର ଛାତ୍ରମାନଙ୍କୁ ଯାହା ପଢ଼ାଇଥିଲେ ଓ ନୋଟ୍ ଡାକିଥିଲେ ସେଇ ପାଠପଢ଼ା ଓ ନୋଟ୍‌କୁ ବ୍ୟବହାର କରି ସେହି ଅଧ୍ୟାପକଙ୍କ ମୃତ୍ୟୁପରେ ତାଙ୍କର ଶିଷ୍ୟମାନେ 'କୋର୍ସ ଇନ୍ ଜେନେରାଲ ଲିଂଗୁଇଷ୍ଟିକ୍ସ୍' "Course in General Linguistics" ନାମକ ଯେଉଁ ପୁସ୍ତକଟି ପ୍ରକାଶ କଲେ, ତାହା ଯେ ଚେତନା ଜଗତରେ ବିପ୍ଳବ ସୃଷ୍ଟି କରିବ, ଏକଥା କେହି ଭାବି ନଥିଲେ । ବାସ୍ତବ କ୍ଷେତ୍ରରେ ତାହା ହିଁ ଘଟିଲା । ସୋସୁରଙ୍କ 'ଷ୍ଟ୍ରକ୍‌ଚରାଲ ଲିଙ୍ଗୁଇଷ୍ଟିକ୍ସ୍' (Structural Linguistics) ନାମରେ ପରିଚିତ ହୋଇ ପୋଷ୍ଟ ଷ୍ଟ୍ରକଚରାଲିଜମ୍ (Post Structuralism) ଓ ପୋଷ୍ଟ ମଡ଼ର୍ନିଜିମ୍ (Post Modernism)ର ଜନ୍ମଦାତା ସାଜିଲା । ପରେ ଭାଷା ବିଜ୍ଞାନର ଏହି ଆବିଷ୍କାର ସାହିତ୍ୟ ସମାଲୋଚନା, ନୃତତ୍ତ୍ୱ, ମନସ୍ତତ୍ତ୍ୱ, ବାସ୍ତୁବିଦ୍ୟା ଇତ୍ୟାଦି ବିଜ୍ଞାନ ଓ ସମାଜ ବିଜ୍ଞାନର ବିଭିନ୍ନ ସ୍ତରକୁ ବିଚ୍ଛୁରିତ ହେଲା ।

ସୋସୁରଂକ ଭାଷା ବିଜ୍ଞାନ ଓ ବିନ୍ୟାସବାଦ:

ସୁଇଜରଲ୍ୟାଣ୍ଡର ଜେନିଭା ସହରରେ ୧୮୫୭ (ସିପାହୀ ବିଦ୍ରୋହ) ବର୍ଷରେ

Digitized by PPRACHIN, SOA

ଯୁଗାଂତକାରୀ ଭାଷା ବିଜ୍ଞାନୀ ସୋସୁରଂକର ଜନ୍ମ, ଏକ ବୁଦ୍ଧିଜିବୀ ପରିବାରରେ । ସୋସୁରଂକୁ ଯେତେବେଳେ ୧୫ବର୍ଷ ବୟସ ସେତେବେଳେକୁ ସେ ଫରାସୀ, ଜର୍ମାନ, ଇଂରେଜୀ ଓ ଲାଟିନ୍ ଭାଷାରେ ପାରଦର୍ଶିତା ଅର୍ଜନ କରି ସାରିଛନ୍ତି । ଅଧିକିଂତୁ ୧୮୭୫-୭୬ରେ ସୋସୁର ଜେନିଭା ବିଶ୍ୱବିଦ୍ୟାଳୟରେ ଲାଟିନ୍, ଗ୍ରୀକ୍, ରସାୟନ ବିଦ୍ୟା, ଈଶ୍ୱର ବିଦ୍ୟା, ଆଇନ୍ ସଂପର୍କରେ ବିଧିବଦ୍ଧ ଶିକ୍ଷାପ୍ରାପ୍ତ ହୋଇଥିଲେ । ସୋସାରୁଂକୁ ୨୧ବର୍ଷ ବୟସରେ ସେ ଏକ ବମ୍‌ସେଲ୍ (Bombshell)ନିର୍ମାଣ କରି ସ୍ୱପ୍ରତିଭାର ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ୧୮୮୦ ମସିହା ଜର୍ମାନର ଲାଇପିଜ୍ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଡିଗ୍ରୀ ପ୍ରାପ୍ତ ହେଲାପରେ ସୋସୁର ପ୍ୟାରିସ୍ ସହରରେ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ୧୮୯୧ ମସିହାରେ ସେ ସ୍ୱ ଜନ୍ମସ୍ଥାନ ଜେନିଭା ସହରରେ ଥିବା ଜେନିଭା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଅବସ୍ଥାପିତ ହୋଇଥିଲେ । ଏଠାରେ ସେ ସଂସ୍କୃତ ପଢ଼ାଇବାର ଥିଲା, କିନ୍ତୁ ଘଟଣାକ୍ରମେ ତାଙ୍କୁ 'ସାଧାରଣ ଭାଷାତତ୍ତ୍ୱ' (General Linguistics) ପଢ଼ାଇବାକୁ ନିର୍ଦ୍ଦେଶ ଆସିଲା । ଯାହା ସେ ଇଚ୍ଛା କରୁନଥିଲେ । ସେହି କାର୍ଯ୍ୟରେ ତାଙ୍କୁ ୨୫ବର୍ଷ ଅତିବାହିତ କରିବାକୁ ପଡ଼ିଲା । ସାଧାରଣ ଭାଷାତତ୍ତ୍ୱ ଓ ଭାଷା ବିଜ୍ଞାନ (General Linguistics) ପଠନ ପାଠନ ଦିଗରେ ଅନାଗ୍ରହ ହେତୁ ସୋସୁର ଛାତ୍ରମାନଙ୍କୁ ଦେଇଥିବା ବକ୍ତୃତାର ସମସ୍ତ ନୋଟ୍‌କୁ ସେଦିନ ନିଜ ହାତରେ ନିଜେ ନଷ୍ଟ କରି ଦେଇଥିଲେ । ନିଜେ ସିନା ସେ ନିଜରନୋଟ୍‌କୁ ନଷ୍ଟ କରିଦେଲେ କିନ୍ତୁ ଛାତ୍ରମାନଙ୍କ ପାଖରେ ରହିଯାଇଥିଲା ପ୍ରଦତ୍ତ ଭାଷଣ ଟିକା ଟିପ୍ପଣୀ ସୋସୁରଂକ ମୃତ୍ୟୁର ୩ବର୍ଷ ପରେ ତାଙ୍କର ଛାତ୍ରମାନେ କୋର୍ସ ଡି ଲିଂଗୁଇଷ୍ଟିକ୍ ଜେନେରାଲେ (Course de linguistique Generale (Course in General Linguistics) ନାମରେ ପ୍ରକାଶ କରିଦେଲେ ଯେଉଁ ପୁସ୍ତକ ଦର୍ଶନ ଜଗତରେ ବିପ୍ଳବ ଆଣିଦେଲା । ମାର୍କସବାଦର ବିକାଶ ପାଇଁ ହିଗେଲଂକ ଦର୍ଶନର ଯେମିତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ସେମିତି ଶିକ୍ଷାୟତନର ବହୁ ଚର୍ଚ୍ଚିତ ଉତ୍ତର ଆଧୁନିକତାବାଦୀ ଦର୍ଶନର ବିକାଶ କ୍ଷେତ୍ରରେ ସୋସୁରଂକ ଭାଷା ଦର୍ଶନ ଏକ ବିରାଟ ଭୂମିକା ପାଳନ କଲା । ଉତ୍ତର ଆଧୁନିକତାବାଦ ଆଜି ଯେ ଅତୀତର ସମସ୍ତ ଦର୍ଶନ ମଧ୍ୟରେ ଥିବା କେନ୍ଦ୍ରବାଦୀ ଦୁର୍ବଳତାକୁ ଅଂଗୁଳି ନିର୍ଦ୍ଦେଶ କରିବାକୁ ସମର୍ଥ ହୋଇଛି । ସେଥିପାଇଁ ନିତ୍‌ସେ, ଉଇଟଗେନ୍ ଷ୍ଟାଇନ୍ ଓ ସୋସୁର ହିଁ ଦାୟୀ । ମଣିଷର ବ୍ୟକ୍ତିତ୍ୱ ତା'ର ଅବଚେତନର ସଂକେତ-ବାହୀ ଏବଂ ମଣିଷର ଅବଚେତନ ଯେ ବାସ୍ତବ ଜଗତ ସୃଷ୍ଟି ନୁହଁ ଭାଷା ଜଗତ ଦ୍ୱାରା ସୃଷ୍ଟ ଏବଂ ଭାଷା ଜଗତର ବିପୁଳ ପ୍ରଭାବ ମଣିଷକୁ

Digitized by PPRACHIN, SOA

ବିଭିନ୍ନ ଭାବରେ ପ୍ରଭାବିତ କରିଥାଏ ଏହା ସୋସୁରଙ୍କ ସମେତ ଭାଷା ବିଜ୍ଞାନ କ୍ଷେତ୍ରରେ ଅନ୍ୟାନ୍ୟ ଦାର୍ଶନିକମାନେ ସୂଚାଇ ଦେବାକୁ ସମର୍ଥ ହୋଇଥିଲେ । ଘଟଣାଟି ଥିଲା ଶତାବ୍ଦୀର ପ୍ରଥମ ଭାଗ ।

୧ ୯ ୧ ୬ ମସିହାରେ ସୋସୁରଂକ 'Course de linguistique generale' ପୁସ୍ତକ ପ୍ରକାଶ ପାଏ । ଏହି ପୁସ୍ତକର ବିଷୟ ବସ୍ତୁ ସାଧାରଣ ଭାଷା ଚର୍ଚ୍ଚାଠାରୁ ଅନେକ ପରିମାଣରେ ଅଲଗା । ଏଥିରେ ଏକ ନୂତନ ଭାଷା ଚର୍ଚ୍ଚା ପଦ୍ଧତି ନିର୍ଦ୍ଦେଶିତ, ଯାହା ନବ ଦିଗନ୍ତର ଉନ୍ମୋଚକ ।

ଭାଷା ଚର୍ଚ୍ଚାର ନବ ଦିଗଂତ:

ତାଙ୍କର ଭାଷା ଚର୍ଚ୍ଚା ପାରମ୍ପରିକ ଭାଷା ଚର୍ଚ୍ଚା ଠାରୁ ଅଲଗା ବୋଲି କହିଲାବେଳେ ସୋସୁର ପ୍ରଥମେ ଭାଷାର ଭାବ ପ୍ରକାଶର ମାଧ୍ୟମ ଏବଂ ଶବ୍ଦମାନେ ଏହାର ଉପାଦାନ ବା ଶବ୍ଦମାନେ ବସ୍ତୁ ବା କ୍ରିୟାର ନାମକରଣ (Nomenclature) ଏହି ପ୍ରକାର ଏକ ଖଣ୍ଡିତ ଭାବନାକୁ ମାନିବାକୁ ପ୍ରସ୍ତୁତ ହୋଇ ନଥାନ୍ତି । ସୋସୁରଙ୍କ ଶବ୍ଦମାନେ ଭାବ ବା ବସ୍ତୁର ନାମକରଣ ସିଧାଂତ Nomencluture views ରେ ଥିବା ଅପ୍ରଚଳତା (In-adequacies) ଓ ସରଳୀକୃତ (Simplefied) ବ୍ୟାଖ୍ୟାର ବିରୋଧୀ ।

ସୋସୁର ଅତ୍ୟନ୍ତ ବିଜ୍ଞାନ ସମ୍ମତଭାବରେ ଭାଷା ଜଗତର ସମସ୍ତ ଆନ୍ତ ସଂପର୍କ ଓ ଜଟିଳତାର ଗ୍ରନ୍ଥୀକୁ ଉନ୍ମୋଚିତ କରନ୍ତି । ଭାଷାକୁ ପ୍ରଥମରେ ଶବ୍ଦ / ସଂକେତର ବିନ୍ୟାସ (System of sign) ବୋଲି ଆଖ୍ୟା ଦିଅନ୍ତି ଏବଂ ଏହି ଶବ୍ଦ / ସଂକେତ ବା Sign ଯେଉଁ ବିଧି ବ୍ୟବସ୍ଥାଦ୍ୱାରା ପରିଚାଳିତ ତାର ନିଖୁଣ ବ୍ୟାଖ୍ୟା କରନ୍ତି । ସୋସୁରଙ୍କର ମତରେ ଆମେ ତାକୁ ଶବ୍ଦ / ସଂକେତ ବୋଲି କହିବା ଯାହା ନିଜ ବିନା ଅନ୍ୟ ସଂପର୍କରେ କିଛି କହୁଥିବ ବା ସୂଚାଉଥିବ, ଯଥା: ଛକର ଲାଲବତୀ, କୃଶ, ଗଛ, ଆମ୍ବ । ଆମ୍ବ କହିଲେ ଆମେ ଆମ୍ବ ଶବ୍ଦକୁ ବୁଝୁନା । ଗଛରେ ଓହଳିଥିବା ବା ଫ୍ରିଜ୍ ଭିତରେ ଥିବା କଂଚା ପାଚିଲା ଯେ କୌଣସି ଆମ୍ବ ଆକୃତି ଓ ଗୁଣଯୁକ୍ତ ପଦାର୍ଥକୁ ବୁଝୁ ଯେଉଁ ପଦାର୍ଥର ଅର୍ଥ ସଂକେତ ଦେଉଥିବା ଶବ୍ଦ ମଧ୍ୟରେ ନଥାଏ । ଥାଏ, ସଂକେତ ବୁଝୁଥିବା ଗ୍ରହଣ କରୁଥିବା ମଣିଷର ମନରେ । ସେହିପରି ଲାଲବତୀ ଓ କୃଶ ଇତ୍ୟାଦି ।

ଭାଷାଜଗତରେ ଶବ୍ଦ / ସଂକେତ ଆତ୍ମପ୍ରକାଶ, ଆତ୍ମ ଅଭିବ୍ୟକ୍ତି ବା ଅସ୍ତିତ୍ୱ ଦ୍ୱୈତତା ମଧ୍ୟରେ ପରିସ୍ଫୁଟ । ସୋସୁରଙ୍କ ମତରେ ଶବ୍ଦ ବା ସଂକେତ ନିଜେ ମଧ ଆନ୍ତଃସଂପର୍କର ଜଟିଳତାର ପ୍ରକାଶକ । ଯେଉଁ ଆନ୍ତଃସଂପର୍କ ଗୁଡ଼ିକ ହେଲା ଏହି ପରି

Digitized by PPRACHIN, SOA

ଯଥା:-

ପ୍ରତ୍ୟେକ ଶବ୍ଦ / ସଂକେତବା Sign ର ଦୁଇଟି ପାର୍ଶ୍ୱ ଦୃଷ୍ଟି ପଥାରୁଢ଼ ହୁଏ, ତାହା ହେଲା 1. Signifier ଧ୍ୱନି ଚିତ୍ର / ଆକୃତି ବା Form 2. Signified ଅର୍ଥ ବା ଧାରଣା Concept । ପ୍ରତ୍ୟେକ ଶବ୍ଦ / ସଂତେରେ ଏହି ଦୁଇଟି ପାର୍ଶ୍ୱ ନ ଥାଇ କୌଣସି ଶବ୍ଦ / ସଂକେତ ବା Sign ସୃଷ୍ଟି ହୋଇ ନପାରେ । ଉଦାହରଣ ସ୍ୱରୂପ - 'ତଟ' ଏକ ଶବ୍ଦ / ସଂକେତ ଯାହା ପାର୍ଶ୍ୱ ବା ତଟ ଇତ୍ୟାଦିର ଧାରଣା (ଏହି ସଂକେତକୁ ଶୁଣୁଥିବା, ଭାବୁଥିବା ବା କହୁଥିବା ଲୋକର ମନରେ) ସୃଷ୍ଟି କରିଥାଏ । କିନ୍ତୁ ଟଟ ବୋଲି କହିଲେ ବା ଭାବିଲେ କୌଣସି ଅର୍ଥ ବା ଧାରଣା ମନକୁ ବୁଝାଏନା । ଟଟ ଶବ୍ଦ ଯେ ଅର୍ଥହୀନ ଏହାର କାରଣ ଏଯାବତ୍ ବ୍ୟବହାରରେ ଏହି ଶବ୍ଦ ପାଇଁ କୌଣସି ଅର୍ଥ ଦେଇନାହୁଁ । କଥିତ ଭାଷାରେ Signifier (ଶବ୍ଦ ସଂକେତ ବାହୀ) ନିର୍ଦ୍ଦିଷ୍ଟ ଏକ ଧ୍ୱନି । ଲିଖିତ ଭାଷାରେ ଏହା ଏକ ଚିହ୍ନ, ଯାହା କାଗଜରେ ବା ଅନ୍ୟ କେଉଁଠାରେ ଖୋଦେଇ ହୋଇପାରେ । ସେହିପରି ଅର୍ଥ ସଂକେତବାହୀ Signified ଏକ ସ୍ନାୟବିକ କ୍ରିୟା, ଯେଉଁ କ୍ରିୟାଟି ମସ୍ତିଷ୍କରେ ସଂଗଠିତ ହେଲେ ଆମେ ଯେ କୌଣସି ଧ୍ୱନି ବା ଚିହ୍ନ ବହନ କରୁଥିବା ଅର୍ଥ ସଂପର୍କିତ ଧାରଣା ବା ଭାବନାକୁ ଉଜାଗର କରି ଗଢ଼ି ତୋଳୁ ।

Signifier ଓ Signified କୁ ବାଦ ଦେଲେ ସୋସୁର ଭାଷା ବିନ୍ୟାସର ଜଗତ ମଧ୍ୟରେ Langue ଓ Parole ଅନ୍ୟ ଦୁଇ ଆନ୍ତଃସଂପର୍କ ଲକ୍ଷ୍ୟ କରନ୍ତି । ଭାଷାର ସ୍ୱୟଂଶାସିତ ଅଂଚଳରେ ଆମର ନିତ୍ୟ ବ୍ୟବହାରରେ ଆସୁଥିବା କଥନ ବା Speech ହେଉଛି ସୋସୁରଙ୍କର ଦ୍ୱାରା କଥିତ Langue ବା କଥନ । ଅନ୍ୟପକ୍ଷରେ ଏହି କଥନ କ୍ରିୟା ଯେଉଁ ସମସ୍ତ ନିୟମକୁ ଅନୁସରଣ କରିଥାଏ ସୋସୁର ତାକୁ Parole ବା ବୟାକରଣିକା ଶୃଙ୍ଖଳା ବୋଲି ମନେ କରନ୍ତି ।

ଭାଷାକୁ ବୁଝାଇବା ପାଇଁ ସୋସୁର ଅନ୍ୟ ଏକ ଦିଗ ନିର୍ଦ୍ଦେଶ କରନ୍ତି । ତାହା ହେଲା ଭାଷା ବ୍ୟଖ୍ୟା ବା ଅଧ୍ୟୟନର Synchronic ଓ Diachronic ପଦ୍ଧତି । ସୋସୁରଙ୍କ ପୂର୍ବରୁ ଭାଷାଚର୍ଚ୍ଚା ମୁଖ୍ୟତଃ ଭାଷାର ଉତ୍ପତି, ବିକାଶକ୍ରମ, ଶବ୍ଦ ଓ ଶବ୍ଦାର୍ଥର ଐତିହାସିକ ପରିବର୍ତ୍ତନ ସମୁହରକୁ ବିଶ୍ଳେଷଣ କରୁଥିଲା । ଭାଷାର ଏହି ଅଧ୍ୟୟନ କ୍ରିୟାକୁ ସୋସୁର Diacronic Study ବୋଲି ଆଖ୍ୟା ଦେଲେ-ଯଦିଓ ସୋସୁର ଏହି ବ୍ୟାଖ୍ୟାକୁ ସ୍ୱଭାଷା ଅଧ୍ୟୟନ ପଦ୍ଧତିରେ ଗୁରୁତ୍ୱ ଦେଇନାହାନ୍ତି । ଅପରନ୍ତୁ ସୋସୁର ଭାଷା ଚର୍ଚ୍ଚା କ୍ଷେତ୍ରରେ Synchronic Study ଉପରେ ଗୁରୁତ୍ୱ ଦେଇଛନ୍ତି । ସୋସୁରଙ୍କ ମତରେ

Digitized by PPRACHIN, SOA

Synchronic Study ହେଲା-ଭାଷା ନାମକ ସ୍ୱୟଂକ୍ରିୟ ଯନ୍ତ୍ରର ବିଭିନ୍ନ ଅଂଗ ଏବଂ ଏହାର ଆନ୍ତଃସଂପର୍କର ଅଧ୍ୟୟନ । ଏହାର ଉତ୍ପତ୍ତି ବିକାଶର ଅଧ୍ୟୟନ ବ୍ୟତିରେକେ....।

ଭାଷା ସଂପର୍କରେ ସୋସ୍ୟୁରଙ୍କ ଅନ୍ୟ ଏକଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ହେଲା ଶବ୍ଦ / ସଂକେତ ବା Sign ର ଯଦୃଚ୍ଛା ଗୁଣ । (Arbitrary Nature) । ସୋସ୍ୟୁରଙ୍କ ମତରେ ଶବ୍ଦ / ସଂକେତ ବା Sign ତା'ର ଉଭୟ ପାର୍ଶ୍ୱ Signifier (ଶବ୍ଦ ସଂକେତବାହୀ) ଓ Sgnified (ଅର୍ଥ ସଂକେତବାହୀ) ଜଳାକାରେ ଯଦୃଚ୍ଛା ଗୁଣ (Arbitrary Nature)ର ପ୍ରକାଶକ ହୋଇ ନଥାନ୍ତା ତାହେଲେ ପୃଥିବୀରେ ହଜାରହଜାର ଭାଷା ପରିବର୍ତ୍ତେ ଗୋଟିଏ ଭାଷାଥା'ନ୍ତା ଓ ପ୍ରତିଟି ପଦାର୍ଥ ବା ଘଟଣା ପାଇଁ ଭିନ୍ନ ଭିନ୍ନ ଭାଷରେ ଭିନ୍ନ ଭିନ୍ନ ଶବ୍ଦ ନଥାଇ ଗୋଟିଏ ମାତ୍ର ଭାଷା ବ୍ୟବହୃତ ହେଉଥାନ୍ତା ଏବଂ ସେହି ନ୍ୟାୟରେ ଗଛ ଶବ୍ଦ ପାଇଁ ଇଂରେଜୀରେ Tree ବା ଫରାସୀରେ Arbres ଇତ୍ୟାଦି ଅଲଗା ଅଲଗା ଶବ୍ଦ ନଥାନ୍ତା । ମାନବ ସଭ୍ୟତାର ଇତିହାସରେ ଶବ୍ଦ ସଂକେତ ବା Sign କୁ ପୃଥିବୀର ବିଭିନ୍ନ ଭାଷା ଭାଷୀ ଆଦିମ ମଣିଷମାନେ ଯେତେବେଳେ ତିଆରି କରିଛନ୍ତି ତାହା ବିଭିନ୍ନ ବସ୍ତୁ ବା ଘଟଣାର ତତ୍କାଳର ପ୍ରଦତ୍ତ ଭାବବାହୀ ସଂକେତ ଯାହାର ସୃଷ୍ଟି ଓ ପରିବର୍ତ୍ତନ (ଉଭୟ ଅର୍ଥ ଉଚ୍ଚାରଣ କ୍ଷେତ୍ରରେ) ଯଦୃଚ୍ଛା ଗୁଣଦ୍ୱାରା ପରିଚାଳିତ । ସୋସ୍ୟୁରଙ୍କ ମତରେ ଶବ୍ଦ / ସଂକେତ ବା Sign ମୂର୍ତ୍ତ ବା Concrete ନୁହଁ, ଏହା ବିମୂର୍ତ୍ତ । ସମଗ୍ର ଭାଷାର ଜଗତ ଏପରିକି ତାର ନିୟମ ଶୃଙ୍ଖଳା (ବ୍ୟାକରଣ) ସବୁକିଛି ବିମୂର୍ତ୍ତ ବା Abstract । ଭାଷା ଯେହେତୁ ବିମୂର୍ତ୍ତ ତେଣୁ ମଣିଷର ମନନ ବା ଚିନ୍ତନ ବାହାରେ ଏହାର କୌଣସି ସ୍ୱତନ୍ତ୍ର ଆକୃତି ନଥିଲା ବା ନାହିଁ । ଭାଷା ଯେହେତୁ ବିମୂର୍ତ୍ତ ତେଣୁ ଏହା ସଂପର୍କ ସୂତାରେ ଗୁନ୍ଥା । ସଂପର୍କ ଭିନ୍ନ ଭାଷାର ଅସ୍ତିତ୍ୱ କଳନା କରାଯାଇପାଇପାରେନା । ସୋସ୍ୟୁରଙ୍କ ମତରେ ଭାଷାରେ ସଂପର୍କର ଚରିତ୍ର ମଧ୍ୟ ବିଚିତ୍ର । ଉଭୟ Signifier ଓ Signified କ୍ଷେତ୍ରରେ ବୈପରିତ୍ୟ ଓ ଭିନ୍ନତା ହିଁ ଭାଷାକୁ ଅର୍ଥବହ ଓ ମୂର୍ତ୍ତ କରି ଗଢ଼ିତୋଳେ । ଇଂରାଜୀରେ ଏହାକୁ Difference ଓ binary କୁହାଯାଏ । ଭଲମନ୍ଦ, ଟେବୁଲ ଚେୟାର, ସ୍ୱର୍ଗ ମର୍ତ୍ତ୍ୟ, ସକାଳ ସଂଜ, ଏକ ଦୁଇ ଇତ୍ୟାଦି ଶବ୍ଦ / ସଂକେତ ବୈପରିତ୍ୟ ଓ ଭିନ୍ନତା ହେତୁ ଅର୍ଥ ସଂଚାରକ୍ଷମ ହୋଇପାରୁଛି (Meaning is carried by difference) । ସର୍ବଶେଷରେ ସୋସ୍ୟୁର ଭାଷାକୁ ବ୍ୟବହାର ସିଦ୍ଧ ବା Functional ବୋଲି କହିଛନ୍ତି । ବ୍ୟବହାର ବିନା ଭାଷାର ଅସ୍ତିତ୍ୱ କିଛି ନାହିଁ । ବ୍ୟବହାର ମାଧ୍ୟମରେ ଭାଷା ସୃଷ୍ଟି ଓ ପରିଚାଳିତ ଓ ନିୟମ ଶୃଙ୍ଖଳାବଦ୍ଧ ହୋଇ ଉଠେ, ଏକ ବିନ୍ୟାସ ସୃଷ୍ଟିକରେ, ଯେଉଁ ବିନ୍ୟାସର ବାହାରେ ଶବ୍ଦ ଓ ଭାବର ଅସ୍ତିତ୍ୱ କଳନା

Digitized by PPRACHIN, SOA

କରାଯାଇପାରେନା । ସମ୍ଭବତଃ ଏହି କାରଣରୁ ସୋସୁରଙ୍କ ଭାଷାତତ୍ତ୍ୱକୁ ବିନ୍ୟାସବାଦ କୁହାଯାଏ ।

ସୋସୁରଙ୍କ ବିନ୍ୟାସବାଦୀ ଭାଷା ଚିନ୍ତନ ପରବର୍ତ୍ତୀ ସମୟରେ ନୃତତ୍ୱ, ମନସ୍ତତ୍ୱ ଓ ସାହିତ୍ୟ ସମାଲୋଚନାର ଜଗତକୁ ପ୍ରଭାବିତ କଲା, ଏହା ଏକ ଜଣାଶୁଣା ଘଟଣା । ନୃତତ୍ୱରେ କ୍ଲଉଡ୍ ଲେଭିସ୍ତ୍ରୋ ଭାଷାତତ୍ତ୍ୱ ଓ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ରୋଲାଣ୍ଡ ବାର୍ଥେସ, ମନସ୍ତତ୍ୱରେ ଜାକ୍ୟୁସ୍ ଲାକାଁ, ସମାଜ ତତ୍ତ୍ୱରେ ଲୁଇସ୍ ଆଲଥୁସର୍ ଓ ମାଇକେଲ ଫୁଲକୋଲ୍ଟ, ଦର୍ଶନ ଜଗତରେ ଜାକ୍ୟୁସ୍ ଦେରିଦା, ଲୟେଟାର୍ଡ, ଜେନ୍ ବଡ୍ରିଲାର୍ଡ ପ୍ରମୁଖ ସୋସୁରଙ୍କ ପ୍ରବର୍ତ୍ତିତ ବିନ୍ୟାସବାଦ (Structuralism)ରୁ ରସଦସଂଗ୍ରହ କରି ନିର୍ବିନ୍ୟାସବାଦ (Post structuralism) ଓ ବିନିର୍ମାଣ ବାଦୀ ଚିନ୍ତନ (Deconstruction)ର ବିକାଶ ଘଟାଇଲେ ।

ସୋସୁରଙ୍କ ଭାଷା ଦର୍ଶନର ବୈଶିଷ୍ଟ୍ୟ:

ସୋସୁରଙ୍କ ଭାଷା ଦର୍ଶନରେ ଏପରି କ'ଣ ବୈଶିଷ୍ଟ୍ୟ ରହିଛି ଯଦ୍ୱାରା କି ପରବର୍ତ୍ତୀ କାଳରେ ବହୁ ଶକ୍ତିଶାଳୀ ଦାର୍ଶନିକ ଏହି ଭାଷା ଦର୍ଶନରୁ ରସଦ ସଂଗ୍ରହ କଲେ ? ଉପର ବର୍ଣ୍ଣିତ ସୋସୁରଙ୍କ ଭାଷା ଦର୍ଶନକୁ ବୁଝିବାର ସଫଳ ପ୍ରୟାସ କରାନଗଲେ ଏହାର ବୈଶିଷ୍ଟ୍ୟ ଆକଳନ ଅସମ୍ଭବ । ଭାଷା ସଂକେତ ଯେ ଯଦୃଚ୍ଛା, ଭାଷା ଯେ ଏକ ବିନ୍ୟାସ, ପୁନଶ୍ଚ ଭାଷାର ଅର୍ଥବହତା, ଭିନ୍ନତା (Difference)ଓ ବୈପରିତ୍ୟ (Binary) ବା (Opposition) ଦ୍ୱାରା ସମ୍ଭବ ହୁଏ ଏବଂ ସର୍ବୋପରି ଦ୍ୱୈତତା, ବିଭିନ୍ନତା Pluralism ଏଥି ସହିତ ସାର ବା Substance ନୁହଁ, ଆଭରଣ (Form) ହିଁ ଭାଷାର ଚରିତ୍ର, ଭାଷାର କୌଣସି କେନ୍ଦ୍ର ନାହିଁ, ଏହା ସ୍ୱୟଂଭୂ ନୁହଁ ବରଂ ବିମୂର୍ତ୍ତ (Abstract), ମୂର୍ତ୍ତି ଜଗତର (Concrete World) ବିମୂର୍ତ୍ତ ଅବସ୍ଥିତ (Abstract Appearance) ହିଁ ଭାଷା ଇତ୍ୟାଦି...। ଏ ସମସ୍ତ ଚିନ୍ତା ଭାବନା ସୋସୁରଙ୍କ ଭାଷା ଦର୍ଶନକୁ ଏକ ଯୁଗାନ୍ତକାରୀ ଆବିଷ୍କାରର ମର୍ଯ୍ୟାଦା ଦିଏ । ସୋସୁରଙ୍କ ଭାଷା ଦର୍ଶନରେ ନୂତନତା ହେଲା-ଏହା ପରିଦୃଶ୍ୟମାନ ଜଗତ, ସମାଜ ଓ ମଣିଷ ସଂପର୍କିତ ଅତୀତର ଦର୍ଶନ ଯଥା - Ontology, Phenomenonalogy ଓ ଆଧିବିଦ୍ୟା Metaphysics ମଧ୍ୟରେ ଥିବା କେନ୍ଦ୍ରବାହୀ Centralist ସଦାଚାରବାଦୀ ଦୁର୍ବଳତା ପ୍ରତି ଅଂଗୁଳି ନିର୍ଦ୍ଦେଶ କରିବା ସହ ବାସ୍ତବ ଜଗତର ପ୍ରତିନିଧିତ୍ୱ କରିଥିବା ଭାଷା କିଭଳି ମଣିଷର ମନ ଚେତନାର ବିନ୍ୟାସ ଘଟାଇ ମଣିଷକୁ ଦୁର୍ବଳତା ମଧ୍ୟରେ ଛନ୍ଦି ଦିଏ ତାର ସ୍ୱରୂପ

Digitized by PPRACHIN, SOA

ଉଦ୍‌ଘାଟିତ କରିଛନ୍ତି । ସୋସୁରଙ୍କ ଦର୍ଶନରୁ ପ୍ରଭାବିତ ହୋଇ ଲେଭିସ୍ତୋ ତାଙ୍କର ବିନ୍ୟାସବାଦୀ ନୃତତ୍ୱ (Structural Anthopology) ର ରୂପରେଖ ତିଆରି କଲେ । ଲେଭିସ୍ତୋଙ୍କ ମତରେ ଭାଷା ବିନ୍ୟାସର ଯଦୃଚ୍ଛା, ଭିନ୍ନତା, ବୈପରିତ୍ୟ ଦ୍ୱୈତତା ନିୟମ ମଣିଷର ସାମାଜିକ ସଂପର୍କକୁ ମଧ୍ୟ ନିୟନ୍ତ୍ରିତ କରିଥିବା ଲକ୍ଷ୍ୟ କରାଯାଏ । ବାପ-ପୁଅ, ମାମୁଁ-ଭଣଜା, ମାଆ-ଝିଅ, ଭାଇ-ଭଉଣୀ ଇତ୍ୟାଦି ଯୁଗଳ ସଂପର୍କର ବୈପରିତ୍ୟ ଏକଦା ଲଦି ହୋଇଯାଇଥିବା ସଂପର୍କର ଯଦୃଚ୍ଛା ବଂଶୋଦ୍‌ଭବତା ନିୟମର ମୂଳ ଭିତ୍ତି । ଏହିପରି ବୈବାହିକ ନିୟମ ଓ ପାରିବାରିକ ଓ ସାମାଜିକ ନିୟମ ଭାଷା ନିୟମ ଭଳି ଅବଚେତନର ସାମଗ୍ରୀ ଏ ଯାବତ୍ ମଣିଷକୁ ନିୟନ୍ତ୍ରିତ କରିଚାଲିଛି ଓ ମଣିଷ ଉପରେ ଲଦି ହୋଇଯାଇଛି ।

ମାର୍କସଙ୍କ ମତରେ ଅର୍ଥନୈତିକ ସାମାଜିକ ସ୍ଥିତି ବା ନିୟମ ଶୃଙ୍ଖଳା ମଣିଷର ଚେତନାକୁ ନିୟନ୍ତ୍ରଣ କରେ (Man's Social Existence determines his consciousness) । ସୋସୁରଙ୍କ ଭାଷା ଦର୍ଶନରୁ ଦୃଷ୍ଟିଭଙ୍ଗୀ ଆହରଣ କରି ପୋଷ୍ଟଫ୍ରଏଡିୟ ମନୋସ୍ତତ୍ତ୍ୱବିତ୍ ଦାର୍ଶନିକ ଲାକାଁ (Lecan) ମଣିଷର ଅବଚେତନ ଭାଷାର ଅବଚେତନ ସହ ଜଡ଼ିତ ଏବଂ ଭାଷାର ଜଗତ ମଣିଷର ଅବଚେତନକୁ ନିୟନ୍ତ୍ରଣ କରେ ବୋଲି ମନେ କରନ୍ତି । ଲାକାଁଙ୍କ ମତରେ ମଣିଷ ଭାଷାରୂପୀ ପ୍ରତିନିଧିମୂଳକ ଜଗତ Represental World ବା ପ୍ରତିକାତ୍ମକ ଜଗତ (Symbolic World)ର ଉପଜ (Product) । ଏଣୁ ମଣିଷର ଅସ୍ତିତ୍ୱ ଓ ଚେତନା ସମାଜରେ ଭାଷା ବିନ୍ୟାସ ଓ ବ୍ୟବହାରର ଆଧିପତ୍ୟକାମୀ ଦୁର୍ବଳତାର ଶିକାର ହେବାକୁ ବାଧ୍ୟ । ଲାକାଁ ଯୌନ ଅବଦମନ (repression)କୁ ଭାଷା ଜଗତରେ ସଂଚାରିତ ହେଉଥିବା ଅବଦମନର କାରଣ ବୋଲି ମନେ କରନ୍ତି । ଲାକାଁଙ୍କ ମତରେ ମଣିଷର ଅବଚେତନ ମନ ଭାଷାପରି । ମଣିଷର ସ୍ୱପ୍ନ ମଧ୍ୟ ଭାଷାର ସାହାଯ୍ୟ ଲୋଡ଼େ ।

ଫୁକୋ (Foucoult) ସାମାଜିକ ମଣିଷର ଯୌନତାକୁ ଏକ ବର୍ଣ୍ଣନାତ୍ମକ କ୍ରିୟାରୁ ଉପୁଜିଲାଭ କରୁଥିବା ନିପୀଡନ-ଆକ୍ରାଂତ କ୍ରିୟା ବୋଲି ମନେ କରନ୍ତି । ଫୁକୋଙ୍କ ମତରେ ଯୌନତାର (Sex) ବର୍ଣ୍ଣନା ସଂଯୁକ୍ତ ନିର୍ମିତ ଭାବନା ବା କ୍ରିୟା Construct ଯାହା ସାମାଜିକ ଚଳଣି ଓ ଅନୁଷ୍ଠାନ ମାନଙ୍କଦ୍ୱାରା ବେଷ୍ଟିତ ଓ ପ୍ରଭାବିତ (Sex is constructed by the discourse linked with various social practices and institutions) । ଭାଷାରେ ଧ୍ୱନି ପରିବର୍ତ୍ତନ ଓ ଅର୍ଥ ପରିବର୍ତ୍ତନ ପରି ବର୍ଣ୍ଣନାତ୍ମକ ଜଗତ (Discoursive world)ରେ ଯୌନ ବ୍ୟବହାର କ୍ଷେତ୍ରରେ ମଧ୍ୟ ମୌଳିକ ପରିବର୍ତ୍ତନ ଗଠିତ ହୋଇଯାଇପାରେ । Sodomy ଓ Homosexualityର

Digitized by PPRACHIN, SOA

ତୁଳନା କରି ଫୁକୋ କହନ୍ତି, ଯେ, ଅତୀତର Sodomy ଏକ କ୍ରିୟା Act ଥିଲା ବେଳେ ବର୍ତ୍ତମାନର Homosexuality ଏକ ବଂଶ ବା Species ରେ ପରିଣତ ହୋଇଯାଇଛି ।

ଫୁକୋଙ୍କ ପରେ ବିନ୍ୟାସବାଦୀ ଭାଷା ଦର୍ଶନର ସବଳତା ଓ ଦୁର୍ବଳତାର ଦିଗ ନିର୍ଦ୍ଦେଶ କରନ୍ତି ବିନିର୍ମାଣବାଦୀ ଦାର୍ଶନିକ ଜାକୁଇଶ ଦେରିଦା । ସଂପ୍ରତି ଦେରିଦା ଉତ୍ତର ଆଧୁନିକତାବାଦୀ ଚିନ୍ତାଧାରାର ପ୍ରମୁଖ ଦାର୍ଶନିକ । ବିନିର୍ମାଣବାଦୀ ଦେରିଦାଙ୍କ ମତରେ ଗ୍ରୀକ ଦର୍ଶନ ଠାରୁ ଚିରାୟତ ଜର୍ମାନ ଦର୍ଶନ ଏପରିକି ମାର୍କସବାଦ ମଣିଷର ମଙ୍ଗଳ ପାଇଁ ପରମ ସତ୍ୟର ଅନୁସଂଧାନ ଅଭିପ୍ରାୟରେ କେନ୍ଦ୍ରବାଦୀ ଦୁର୍ବଳତାର ଶିକାର ହୁଅନ୍ତି । ଫଳତଃ ଚେତନାର ଜଗତରେ ଆଧି ଭୌତିକତା ସବାର ହୁଏ ଓ ଆଧିଭୌତିକତା ଆଧିପତ୍ୟକୁ ଜନ୍ମଦିଏ । ଫଳତଃ ବାସ୍ତବ ଜଗତ ରାଷ୍ଟ୍ର ଓ ମାନବ ସମାଜ ଭାଷାର ଜଗତ ପରସ୍ପର ପରିପୂରକ ସାଜି ଶୋଷଣ ଓ ବୈଷମ୍ୟର ଜାଲ ବିସ୍ତାର କରେ । ଭାଷା ଜଗତର ବୈପରିତ୍ୟ ସଂପର୍କ (Binary Relation) ମାନବ ସଂପର୍କ କ୍ଷେତ୍ରରେ ବଳବତ୍ତର ରହେ । ଏତଦ୍‌ଦ୍ୱାରା ପୀରାମିଡ଼ୀୟ ସଂରଚନା ଲୋପ ପାଏନି । ରାଜା-ପ୍ରଜା, ପୁରୁଷ-ନାରୀ, ପୁଞ୍ଜିପତି-ସର୍ବହରା, ଥେଲାବାଲା-ନଥେଲାବାଲା, ସବର୍ଣ୍ଣ-ଅସବର୍ଣ୍ଣ, ସଂଖ୍ୟା ଗରିଷ୍ଠ-ସଂଖ୍ୟା ଲଘୁ ଏ ସବୁକିଛି ସମାଜ ଓ ମଣିଷକୁ କାବୁ କରି ରଖେ । ଏପରିକି ଏହାର ବିଲୋପ କାମନା କରୁଥିବା ଲୋକ କେତେକ କ୍ଷେତ୍ରରେ ବାସ୍ତବ ଜଗତରେ ଓ ଦର୍ଶନର ଜଗତରେ କେନ୍ଦ୍ରବାଦୀ ଦୁର୍ବଳତା (Logocentrism) ର ଶିକାର ହୁଅନ୍ତି । ଏପରିକି ବସ୍ତୁବାଦୀ ଦର୍ଶନ ମଧ୍ୟ ଆଧିଭୌତିକତା ବିରୁଦ୍ଧରେ ସଂଗ୍ରାମ କରି ହାରି ଯାଇ Metaphysics of presence ଭାବନା ସହିତ ଯୋଡ଼ି ହୋଇଯାଏ । ଦେରିଦାଙ୍କ ମତରେ ମଣିଷ ପାଇଁ ଆଧି ଭୌତିକତାର ଅଂତ ନାହିଁ କିନ୍ତୁ ଏତିକି ସମ୍ଭବ, ଆଧିଭୌତିକତାର ବାବଦରେ ମଣିଷ ସଚେତନ ହୋଇପାରେ (There is no end to metaphysics, only we can become conscious about meta physics.)

ଦେରିଦାଂକ ମତରେ ଭାଷାର ଜଗତ ଯେହେତୁ ଏକ ପ୍ରତିନିଧିମୂଳକ ଜଗତ ତେଣୁ ଭାଷା ମଧ୍ୟରେ ନିର୍ଦ୍ଦିଷ୍ଟ ଏକ ଅର୍ଥ ଖୋଜିବା ନିରର୍ଥକ । ଭାଷା ବିବିଧ ଅର୍ଥର ଦ୍ୟୋତକ । ଏଣୁକରି ଯେକୌଣସିର ଏକ ପୋଥି (Text) ପାଠକଲାବେଳେ ବିବିଧ ଅର୍ଥ (Multipilicity of meaning) କୁ ଏଡ଼ାଇ ହେବନାହିଁ । ଦେରିଦା ଭାଷା ମାଧମରେ

Digitized by PPRACHIN, SOA

ପରମ ସତ୍ୟ-ସଂଧାନର ବିରୋଧୀ । ଦେରିଦାଂକ ମତରେ ପରମ ସତ୍ୟବୋଲି କିଛି ନାହିଁ । ପିଆଜ ପରି ଜଗତଟା ଚୋପାମୟ- ବୋପାମୟ ନୁହଁ । କିନ୍ତୁ କେଂଦ୍ରବାଦୀ ଦର୍ଶନ ବା ମାନସିକତାଗ୍ରସ୍ତ ମଣିଷର କାମ ହେଲା ଚରମ ସତ୍ୟ କେନ୍ଦ୍ର (Logos)ର ସଂଧାନ କରିବା । ସେଥିପାଇଁ ବହୁକାଳ ଏଯାବତ୍ ମଣିଷ ମନରେ ଈଶ୍ୱର (Unmoved mover) ରାମ ରାଜ୍ୟ, ବ୍ରହ୍ମ ଇତ୍ୟାଦିର ଖୋଜା ଚାଲିଛି । ଅଥଚ ମଣିଷ ଜାଣେ ନାହିଁ ଯେ ରାମ ସମୟରେ ରାମ ରାଜ୍ୟ ନଥିଲା, କାରଣ ଇତିହାସରେ ରାମ ବୋଲି କେହି ନଥିଲେ । ସେହିପରି ଶଂକରାଚାର୍ଯ୍ୟ ମଧ୍ୟ ବ୍ରହ୍ମ ଦେଖି ନଥିଲେ । ଆମେ କେହିବି ଅତୀତରେ ଓ ଭବିଷ୍ୟତରେ ଇଚ୍ଛା କଲେ ବି ବ୍ରହ୍ମ ଦର୍ଶନ କରିପାରିବାନି । ସର୍ବୋପରି ଈଶ୍ୱରଂକ ପାଖରେ ମାଧ୍ୟାକର୍ଷଣ ବଳ ନାହିଁ । କାରଣ ଈଶ୍ୱର ବୋଲି କେହି ନାହିଁ କିନ୍ତୁ ମଣିଷର ଚେତନାର ସ୍ତରରେ ତା'ର ସ୍ନାୟୁ କେନ୍ଦ୍ରରେ କାଳ କାଳର ବର୍ଣ୍ଣନା (Discourse) ମଧ୍ୟରେ ଏମାନେ ସମସ୍ତେ (ବ୍ରହ୍ମ, ଈଶ୍ୱର ଇତ୍ୟାଦି) ବିଦ୍ୟମାନ ଅଛନ୍ତି, ଏହାକୁ ଦେରିଦା ଅସ୍ୱୀକାର କରନ୍ତି ନାହିଁ । କିନ୍ତୁ ଏହି ପ୍ରକାର ବର୍ଣ୍ଣନା ମଧ୍ୟରେ ଥିବା ଆଧିଭୌତିକତାରୁ ଏକଦା ବସ୍ତୁବାଦୀ ଦର୍ଶନ ବିରୋଧ କରିବା ଫଳରେ ଦ୍ୱୈତତା ଓ ବୈପରିତ୍ୟ (Binary) ଦ୍ୱାରା ତାହା ଅଧିକ ସବଳ ଅବସ୍ଥାନ ପ୍ରାପ୍ତ ହୋଇଛି । ପୁରୁଷକୁ ବିରୋଧ କଲେ ନାରୀ-ବାଦୀମାନେ ପୁରୁଷ ଆଧିପତ୍ୟକୁ ଲୋପ କରିପାରିବେନି । ସେମିତି ଈଶ୍ୱରଙ୍କୁ ବିରୋଧ କରି ନାସ୍ତିକମାନେ ନିରୀଶ୍ୱରବାଦର ପ୍ରତିଷ୍ଠା ଆଣି ପାରିବେନି । ମୂଳତଃ ପୁରୁଷ ତନ୍ତ୍ର ଆସ୍ତିକ-ଧର୍ମାଂଧ ଭାବନାର ହେତୁ ବୋଲି ଅନୁସଂଧାନ କରିବାକୁ ପଡିବ । ଗଡ଼ିବାଦୀର ଧ୍ୱଂସ ନୁହଁ ଗଡ଼ିବାଦକୁ ତଡ଼ିଦେବାକୁ ହେବ । ପୁଂଜିବାଦୀର ବିଲୋପ ନୁହଁ ପୁଂଜିବାଦକୁ ପଛକୁ (Periphery)କୁ ଠେଲି ଦେବାକୁ ହେବ । ସେଥିପାଇଁ ଦେରିଦା ଶବ୍ଦମାନଙ୍କର ଅଧିକ ଉପଯୋଗ ହେବା ଆବଶ୍ୟକ ବୋଲି ମନେ କରନ୍ତି । ଦେରିଦାଂକ ଦର୍ଶନର ନାମ Destruction ନ ହୋଇ De-Construction ଅର୍ଥାତ୍ ଧ୍ୱଂସ ନୁହଁ ବିନିର୍ମାଣ । ଦେରିଦା ମଣିଷର Centre, Origin, Truth, Substance, Essence ଖୋଜା ବାବଦରେ ଘୋରତର ଆପତ୍ତି ଉଠାଇ ଥାନ୍ତି । ଦେରିଦାଂକ ମତରେ ଯଦି ଖ୍ରୀଷ୍ଟଧର୍ମ କେନ୍ଦ୍ର ହୁଏ ଅନ୍ୟାନ୍ୟ ଧର୍ମମାନେ ପ୍ରାନ୍ତ ହେବା ସ୍ୱାଭାବିକ-ସେହିପରି ପୁରୁଷ ଯଦି କେନ୍ଦ୍ର ହୁଏ ନାରୀ ସେଠି ପ୍ରାନ୍ତକୁ ଠେଲି ହୋଇ ଯିବାଟା (marginalised)ନିଶ୍ଚିତ । ଦେରିଦା ସ୍ୱ ଦର୍ଶନକୁ ଏକ Subversive practice ବୋଲି ମନେ କରୁଥିଲେ । କୌଣସି ପୋଥି (Text)କୁ ବିନିର୍ମାଣ (De-construct) କଲାବେଳେ ଦେରିଦା ଭାଷାର ମୁକ୍ତ ଖେଳ (Free play) ଉପରେ

Digitized by PPRACHIN, SOA

ଗୁରୁତ୍ୱ ଦିଅନ୍ତି ଭାଷା, ଶବ୍ଦ ମଧ୍ୟରେ ଅର୍ଥ ସ୍ୱତନ୍ତ୍ର ରୂପରେ ଅନଂତ କାଳ ଯାଏ ଅବସ୍ଥାନ କରେନା । ସୋସୁରଙ୍କ ଠାରୁ ଏହି ଭାବନାକୁ ଗ୍ରହଣ କରି ଦେରିଦା ପୋଥି (Text)ରେ ଅର୍ଥରୁ ଅର୍ଥାନ୍ତର କାରାଯିବା ସପକ୍ଷରେ ଯୁକ୍ତି ବାଢ଼ିଥାନ୍ତି । ଏପରିକି ବ୍ୟାଖ୍ୟାନକୁ ବଦଳାଇ ଦିଆଯିବା ସପକ୍ଷରେ ଯୁକ୍ତି ବାଢ଼ନ୍ତି ଯଥା- ଅର୍ଦ୍ଧନାରୀଶ୍ୱରବାଦ । ସେମିତି ବହୁ ନାରୀ / ପୁରୁଷ କାମିତା (Polygamy) ଏକ ନାରୀ / ପୁରୁଷ କାମିତା (Monogamy)ର ବିକଳ୍ପ ନୁହଁ, ଅନ୍ୟ କିଛି ହୋଇପାରେ, ତାହା ପୁରୁଷତନ୍ତ୍ର କବଳରୁ ଉଭୟ ନାରୀ ପୁରୁଷଙ୍କ ମୁକ୍ତି ଇତ୍ୟାଦି । Orthodox opposition ବଦଳରେ ଦେରିଦା ଅର୍ଥପୂର୍ଣ୍ଣ ସମାଲୋଚନା (meaningful Critisism) ରେ ବିଶ୍ୱାସୀ ।

ଦେରିଦାଙ୍କ ଦର୍ଶନ ନିରନ୍ତର ସମାଲୋଚନାର ଦର୍ଶନ ।

ହାଇପର୍ ରିୟଲିଟି(Hyper Reality)ର ଯୁଗ ବଡ୍ରିଲାର୍ଡ, ଜେମସନ୍ ଓ ଲଏଟାର୍ଡ (Loytard):

ଏହି କ୍ଷୁଦ୍ର ପ୍ରବଂଧରେ ଉତ୍ତର ଆଧୁନିକତାର ଉପସଂହାର ଟାଣିଲା ବେଳେ ଦେରିଦାଙ୍କଠାରୁ ଆହୁରି ପାଦେ ଆଗକୁ ଯାଇ ଉପରୋକ୍ତ ସମାଲୋଚନକମାନେ ଯେ ବହୁ ଜାତୀୟ ପୁଞ୍ଜିବାଦ (Corporte Capitalism)ର ସଫଳ ସମୀକ୍ଷଣ କରି ପାରିଛନ୍ତି ଏହା କହିବା ବାହୁଲ୍ୟ । ବର୍ତ୍ତମାନ ପୁଞ୍ଜିବାଦରେ ଜ୍ଞାନର ସ୍ୱରୂପ କ'ଣ ସେ ବାବଦରେ ନିକଟରେ ଲଏଟାର୍ଡ କ୍ୟୁବେକ୍ ସରକାରଙ୍କ (Council of University କୁ ଏକ Report ପ୍ରଦାନ କରିଥିଲେ । ଯାହାର ସାର ହେଲା ଏହିପରି, ଯଥା-Knowledge is the dictact of M.N.C. in the interest of Financial capital. ଏହାକୁ ପ୍ରମାଣ କରିବାକୁ ଯାଇ ଲଏଟାର୍ଡ ଭାଷା ଜଗତରେ ଏକ ନୂତନ ଭାଷାର ସଂଯୋଗ Computer language ଏବଂ ବିଜ୍ଞାନ ଜଗତରେ ନୂତନ ବିଜ୍ଞାନ-informations storage data Bank ସଂପର୍କରେ ଆଲୋଚନା କରିଛନ୍ତି । ଲଏଟାର୍ଡ଼ଂକ ମତରେ ଉପରୋକ୍ତ ଜ୍ଞାନ ବର୍ତ୍ତମାନ ଏମ୍.ଏନ୍.ସି.ମାନଙ୍କ ହାତକୁ ଖସି ଯାଇଛି, ଯେଉଁ ବିଜ୍ଞାନ ବଳରେ ସେମାନେ ରାଷ୍ଟ୍ରର ଭୂମିକାକୁ ଅବଜ୍ଞା କରି ପାରୁଛନ୍ତି । ଏମାନେ ଜ୍ଞାନକୁ ବିଦ୍ୟୁତ୍ ବେଗରେ ପ୍ରସାରିତ କରି କିଣାବିକାରେ ମାତିଛନ୍ତି । ଏଥିପାଇଁ ଏମାନେ ଜ୍ଞାନକୁ ଗୋପନୀୟ କରିବା ସହ ଜ୍ଞାନର ଏକାଧିପତ୍ୟ ବା ସଂପତ୍ତିଗତ ଅଧିକାର ସାବ୍ୟସ୍ତ କରିଛନ୍ତି ଲଏଟାର୍ଡଙ୍କ ମତରେ Science no longer play & the role of a hero that would lead us slowly towards freedom and absolute knowl-

Digitized by PPRACHIN, SOA

edge । ତାଙ୍କ ମତରେ ବିଜ୍ଞାନର ସଂପର୍କ ଆଉ ସତ୍ୟ ସହ ନାହିଁ ଏହା ଉତ୍ପାଦନ ପାଇଁ ଅଧିକ ଜ୍ଞାନ ମାଧ୍ୟମରେ ଅଧିକ ଉତ୍ପାଦନ, ଅଧିକ ଅର୍ଥ, ଅଧିକ ଲାଭ ପ୍ରୟାସୀ ହୋଇଯାଇଛି ।

ସାଂପ୍ରତିକ ପୃଥିବୀରେ କର୍ପୋରେଟ କ୍ୟାପିଟାଲିଜିମ୍‌ର ପ୍ରାଦୁର୍ଭାବ ଲକ୍ଷ୍ୟ କରି ପ୍ରକୃତ ମାର୍କସବାଦକୁ ପୁନଃ ପ୍ରତ୍ୟାବର୍ତ୍ତନ ମଧ୍ୟ ଉତ୍ତର ଆଧୁନିକତ ସମାଲୋଚନା ଧାରାର ଅଂଶବିଶେଷ ହୋଇ ଯାଇଛି । ଦେରିଦାଙ୍କ Spector of Marx ପୁସ୍ତକ ଓ ଫ୍ରେଡ଼େରିକ ଜେମ୍‌ସନ୍‌ଂକ Political unconseious ଓ ତାଙ୍କ ରଚିତ ଅନ୍ୟ ପୁସ୍ତକ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ । ଜେମ୍‌ସନ୍‌ଙ୍କ ମତରେ symbolic order ଯାହା ବର୍ତ୍ତମାନ Cyber space ରେ ମଣିଷକୁ ଶୋଷଣ କରିବାକୁ ବସିଛି ତା'ରି ବିରୁଦ୍ଧରେ We need an aesthetic of cognitive mapping to represent the imaginary relationship to reality । ଜେମ୍‌ସନଂକ ମତରେ ମାର୍କସବାଦ ହେଉଛି ସେହି ବିଜ୍ଞାନ ଯାହା ଏବେ ବି ଏକାଧାରାରେ କଳ୍ପନା ଓ ବାସ୍ତବତା ମଧ୍ୟରେ ଏକ ସେତୁ ବାନ୍ଧିପାରେ ।

ଏହି ପ୍ରସଂଗରେ ବଡ୍ରିଲାର୍ଡଙ୍କର ବାସ୍ତବତାର ମୃତ୍ୟୁ ଧାରଣା (Death of real) ପ୍ରଣିଧାନ ଯୋଗ୍ୟ । ବଡ୍ରିଲାର୍ଡ ଜଣେ ଗଣ ମାଧ୍ୟମ ସମାଲୋଚକ । ତାଙ୍କ ମତରେ ସାଂପ୍ରତିକ ପୃଥିବୀର ମଣିଷ ଟି.ଭି. କମ୍ପ୍ୟୁଟର ଖବରକାଗଜ ଓ ତତ୍ ପ୍ରଦତ୍ତ ସୂଚନା, ବିଜ୍ଞାପନ, ଆମୋଦ, ପ୍ରମୋଦର ନିରବ ଶିକାର ପାଲଟିଛି ଏବଂ ଏହାର ପରିଣତି ହେଉଛି ବାସ୍ତବତାର ମୃତ୍ୟୁ । ଗଣମାଧ୍ୟମମାନେ ମଣିଷର ସମସ୍ତ ବ୍ୟକ୍ତିଗତ ସମୟକୁ ଆପଣାର ଅକ୍ତିଆରକୁ ନେଇ ସାରିଛନ୍ତି । ବଦଳରେ ବଡରିଲାର୍ଡ କହନ୍ତି ସେମାନେ ଦେଇଛନ୍ତି ମଣିଷକୁ ଯୌନତାର ମୃତ୍ୟୁ- ସ୍ୱାଭାବିକତାର ମୃତ୍ୟୁ । ବଡ୍‌ରିଲାର୍ଡଙ୍କ ମତରେ ସାଂପ୍ରତିକ ସମାଜ ମଣିଷକୁ ଏକ ଖାଉଟିରେ ପରିଣତ କରିଛି । ଖାଉଟିର ଚାହିଦା ପ୍ରକୃତି ସ୍ତରରୁ ସାମାଜିକ (ବଜାର) ଓ ଉପଭୋକ୍ତାବାଦୀ ସାଂସ୍କୃତିକ (Consumerist culture)ସ୍ତରକୁ ଆଣି ପହଂଚାଇଛି । ଫଳରେ ମଣିଷର ଚାହିଦା ଓ ଉପଭୋଗ ଆକାଂକ୍ଷା ମଧ୍ୟ ଏକ ସାମାଜିକ ଉତ୍ପାଦନରେ ପରିଣତ ହୋଇଛି । ଅତୀତର ଦର୍ଶନ କହୁଥିଲା- I think therefore I am । ବଡ୍‌ରିଲାର୍ଡଙ୍କ ମତରେ ବର୍ତ୍ତମାନରେ ଦର୍ଶନ୍ ବିଚ୍ଛିନ୍ନ ମଣିଷର ଉକ୍ତି ହେଲା I consume therefore I am; ଏହାକୁ ବଡ୍‌ରିଲାର୍ଡ ସାଦୃଶ୍ୟ ବା Order of simulacra ବୋଲି ଆଖ୍ୟା ଦିଅନ୍ତି । ସାଂପ୍ରତିକ ବିଶ୍ୱର ମଣିଷ (ଖାଉଟି) ବାସ୍ତବତା ଅପେକ୍ଷା ବାସ୍ତବତାର ପ୍ରତିରୂପକୁ ଅଧିକ ପସନ୍ଦ

Digitized by PPRACHIN, SOA

କରୁଛି । ବାସ୍ତବତାର ପ୍ରତିରୂପ ତା ପାଇଁ Hyper real ବା ଅତି ବାସ୍ତବ ହୋଇ ଉଠିଛି । ବଡ୍ରିଲାର୍ଡଙ୍କ ମତରେ ବର୍ତ୍ତମାନ ସମସ୍ତ ଗଣମାଧ୍ୟମର ଭାଷା ରୋଚକ ଯୌନ ବ୍ୟବହାରର ଶବ୍ଦ/ ସଂକେତରେ ଭୂଷିତ ।

ଉପଭୋକ୍ତାବାଦୀ ଦୁନିଆର ପ୍ରତିନିଧି ମୂଳକ ଜଗତ (Representational World) ର କୃତ୍ରିମ ଆବଶ୍ୟକତା ବିରୁଦ୍ଧରେ ମଣିଷ ଏକ ସହଯୋଗ ମୂଳକ ସମାଜର ସ୍ୱପ୍ନ ଦେଖିବା ଉଚିତ ବୋଲି ବଡ୍ରିଲାର୍ଡ ମତ ଦିଅନ୍ତି ।

ଉପରୋକ୍ତ ଆଲୋଚନାରେ ସୋସୁରଂକ ଭାଷା ଦର୍ଶନ କ୍ରମପରିଣାମ କିଭଳି ଦେରିଦା ଲଏଟାର୍ଡ୍, ଜେମସନ୍ ଓ ବଡ୍ରିଲାର୍ଡଂକ ଭଳି ଉତ୍ତର ଆଧୁନିକତାବାଦୀ ଚିଂତା ନାୟକଂକୁ ଜନ୍ମ ଦେଇଛି ଏବଂ ସେମାନେ ବିନ୍ୟାସବାଦ ଠାରୁ କିପରି କିଛିଟା ଭିନ୍ନ ଓ ମୌଳିକ ଦର୍ଶାଇଦିଆଗଲା ।

ମୋଟାମୋଟି ଭାବରେ ଉତ୍ତର ଆଧୁନିକତାବାଦ ସୂଚାଇ ଦିଏ ଯେ ଆମ ସମୟ ଏକ ଜଟିଳ ସମୀକ୍ଷଣର ସମୟ । ଉତ୍ତର ଆଧୁନିକତାବାଦ ସେଇ ଜଟିଳ ସମୀକ୍ଷାଣ ପ୍ରକ୍ରିୟାର ଏକ ସଫଳ ଭିତ୍ତି । କିନ୍ତୁ ଏହି ସମୀକ୍ଷଣ ପ୍ରକ୍ରିୟା କେବଳ ବିଶ୍ୱବିଦ୍ୟାଳୟ, ଆଲୋଚନା କକ୍ଷ ଓ ଗ୍ରନ୍ଥ ରଚନା ମଧ୍ୟରେ ସୀମିତ ନରହି ବାସ୍ତବ ଜଗତର ସଂଘର୍ଷ ସହ ଯୁକ୍ତ ହେବା ଆବଶ୍ୟକ ଯାହା ଉତ୍ତର ଆଧୁନିକ ଦର୍ଶନରେ ଏକ ଅଭାବ । ଭବିଷ୍ୟତରେ ଉତ୍ତର ଆଧୁନିକତାବାଦୀ ଦର୍ଶନର ଉକ୍ତ ଅଭାବ ଓ ଦୁର୍ବଳତା ସଂପର୍କରେ ଅଧିକ ଆଲୋଚନା କରାଯାଇପାରେ ।

❑❑

Digitized by PPRACHIN, SOA

ଫ୍ରୟେଡୋତ୍ତର ଯୁଗର ମନୋବିଶ୍ଳେଷଣ :
ଉତ୍ତର ଆଧୁନିକତାବାଦୀ ଲାକାଁ

ଲାକାଁଂକ ବ୍ୟକ୍ତିଗତ ଜୀବନ:

ସିଗ୍‌ମଂଡ୍ ଫ୍ରୟେଡ୍‌ଂକ ପରେ ପୃଥିବୀର ସର୍ବାଧିକ ପ୍ରଭାବଶାଳୀ ମନୋବିଜ୍ଞାନୀ ହେଉଛନ୍ତି ଜାକ୍ ଲାକାଁ ।

ଲାକାଁଙ୍କ ବ୍ୟକ୍ତିଗତ ଜୀବନ ସଂପର୍କରେ କୁହାଯାଏ; ସେ ଜଣେ ପରମ ପ୍ରେମିକ, ନାସ୍ତିକ ଓ ମୋହନ ମନୋରମ ବ୍ୟକ୍ତିତ୍ୱ ଥିଲେ । ଲାକାଁ ଅସଂଖ୍ୟ ନାରୀଙ୍କ ପ୍ରେମିକ ଥିଲେ । ୧୯୦୧ରେ କାଥଲିକ ପରିବାରରେ ଜନ୍ମ ନେଇଥିବା ଏହି ବ୍ୟକ୍ତି ଜଣକ ୮୦ରୁ ଅଧିକ ବର୍ଷଯାଏଁ ବଂଚିଥିଲେ ।

ଲାକାଁଂକ ମନୋବିଶ୍ଳେଷଣର ପୃଷ୍ଠଭୂମି:

୧୯୫୩ ମସିରେ ଲାକାଁ ବିଶ୍ୱ ମନସ୍ତତ୍ତ୍ୱବିତ୍ ସଂଗଠନରୁ ବହିଷ୍କୃତ ହୋଇଥିଲେ । ୧୯୨୦ରୁ ୩୦ ମସିହାରେ ଲାକାଁ ପରା ବାସ୍ତବବାଦୀ (Surrealist)ମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ନିଜ ଦର୍ଶନର ପୃଷ୍ଠଭୂମି ରଚନା କରିଥିଲେ । ଲାକାଁ ଶବ୍ଦ ଅପେକ୍ଷା ଚିତ୍ରକଳ୍ପ ଉପରେ ଅଧିକ ଗୁରୁତ୍ୱ ଦେଇଥିଲେ; ଯାହା ଥିଲା ପରାବାସ୍ତବବାଦୀ ଦର୍ଶନର ମୂଳସୂତ୍ର । ପରାବାସ୍ତବବାଦୀ ଦର୍ଶନରୁ ଅର୍ନ୍ତଦୃଷ୍ଟି ନେଇ ଲାକାଁ ରୋଗ ଚିକିତ୍ସାରେ ରୋଗୀ ସହ କଥୋପକଥନ ସମୟରେ ଚିତ୍ର ଓ କଥାକଳ୍ପ ଉପରେ ଗୁରୁତ୍ୱ ଦେଇଥିଲେ । ଲାକାଁଙ୍କ ଧାରଣାରେ ଚିତ୍ର ଓ କଥାକଳ୍ପ ମଧ୍ୟଦେଇ ରୋଗୀର ମାନସିକ ଚିନ୍ତାରେ ବଦ୍ଧମୂଳତା (Stigma)ର ଦୋଷକୁ ଅନୁଶୀଳନ କରିହୁଏ । ଚିତ୍ର-ପ୍ରତୀକମୟ ଭାଷାର ଜଗତ ମଧ୍ୟରେ ମଣିଷ ମନ-ଜଗତ କିଭଳି ଅବଧାରଣା-ଗତ ଦୁର୍ବଳତାର ଶିକାର ହୁଏ ଅଧିକଂତୁ ଭାଷାଜାଲରେ ବଂଦୀ ହୁଏ ତା'ର ଭୁରି ଭୁରି ଉଦାହରଣ ଲାକାଁ ଦେଇଛନ୍ତି; ଯଥା-ସତୀ-ଅସତୀ, ପତିତା ମହିଳା, ବ୍ୟଭିଚାରିଣୀ ନାରୀ, ରସିକ ନାଗର, ଦଂଡ଼ା ବାଳୁଂଗା, ଦାସ-

Digitized by PPRACHIN, SOA

ପ୍ରଭୁ,ପ୍ରେମିକ-ପ୍ରେମିକା, ସ୍ୱାମୀ-ସ୍ତ୍ରୀ, ଭଲ-ମନ୍ଦ, ନୀତି-ଅନୀତି । ଉପରୋକ୍ତ ଶବ୍ଦ ଯୋଡ଼ି ଶବ୍ଦ ପ୍ରତୀକ-ଚିତ୍ରକଳ୍ପ ବା ଭାବଚିତ୍ର ମଣିଷର ମନ ଜଗତରେ ସୁଦୂର ପ୍ରସାରୀ ପ୍ରଭାବ ପକାଇଥାଏ, ଏହାକୁ ଲାକାଁ ତାଙ୍କର ଭାଷାଭିତ୍ତିକ ମନ ବିଶ୍ଳେଷଣରେ ସୂଚାଇ ଦେଇଛନ୍ତି ।

ସକ୍ରେଟିସ, ଲାକାଁ ଓ ଫ୍ରୟେଡ୍:

ଫ୍ରୟେଡଂକ ସହ ଲାକାଁକୁ ତୁଳନା କଲେ ଲାକାଁ ଯଦିଓ ଫ୍ରୟେଡ୍ ଅନୁଗାମୀ କିନ୍ତୁ ତାଙ୍କ ମନୋବିଜ୍ଞାନ ଶରୀର-ମନ (Psycho-soma)କୁ ଗୁରୁତ୍ୱ ନ ଦେଇ ଭାଷା ସଂସ୍କୃତିକୁ ଅଧିକ ଗୁରୁତ୍ୱ ଦିଏ । ଉତ୍ତର ଆଧୁନିକତାବାଦୀ ଲାକାଁ ଚିରାୟତ ଯୁଗର ବିଜ୍ଞାନୀମାନଙ୍କ ପରି ଅଂତିମ ସତ୍ୟର ବିଶ୍ୱାସୀ ନଥିଲେ । ଲାକାଁ ସତ୍ୟର ଗାଣିତିକ ପରୀକ୍ଷା-ଧର୍ମୀ ଧାରାର ଥିଲେ ବିରୋଧୀ । ସକ୍ରେଟିସ୍ଂକ ପରି ସେ ଥିଲେ ଗତିଶୀଳ ସତ୍ୟରେ ବିଶ୍ୱାସୀ । ସକ୍ରେଟିସ୍ଂକ ସଂପର୍କରେ ଢେର କଥା ଶୁଣାଯାଏ । ସକ୍ରେଟିସ୍ ଥିଲେ ଦର୍ଶନ ଜଗତରେ ଜଣେ ନିଆରା ମଣିଷ । ସକ୍ରେଟିସ୍ ଜାଣିଥିଲେ ସେ ଅଧିକ ବିଜ୍ଞ ନୁହଁନ୍ତି । ଲୋକ ଧାରଣା ଥିଲା, ସକ୍ରେଟିସ୍ ଅନ୍ୟମାନଙ୍କଠାରୁ ଅଧିକ ବିଜ୍ଞ (Socrate is wiser) । ଲୋକଙ୍କ ଭିତରେ ଥିବା ଏହି ଧାରଣାର ତ୍ରୁଟିକୁ ଦର୍ଶାଇବାକୁ ଯାଇ ସକ୍ରେଟିସ୍ ଲୋକଙ୍କ ସହ ତର୍କରେ ମାତୁଥିଲେ ଏବଂ ଶେଷରେ ପ୍ରମାଣ କରିଦେଲେ ଯେ ମଣିଷ ପ୍ରଜ୍ଞାର କୌଣସି ମୂଲ୍ୟ ନାହିଁ ଅଥବା ଅଳ୍ପକିଛି ମୂଲ୍ୟ ଥାଇପାରେ । (Human wisdom has little or no value) । ଲାକାଁ ସକ୍ରେଟିସ୍ଙ୍କର ଏହି ତତ୍ତ୍ୱକୁ ମାନସିକ ରୋଗ ଚିକିତ୍ସା କ୍ଷେତ୍ରରେ କାମରେ ଲଗାଇଥିଲେ । ଲାକାଁଙ୍କ ମତରେ ମନ-ରୋଗ ଚିକିତ୍ସକ ରୋଗୀକୁ ବିଶେଷ କୌଣସି ଔଷଧ ଦେଇପାରେନା । କେବଳ ଏତକ ସେ ଦେଇପାରେ ଯାହାକୁ ସକ୍ରେଟିସଂକ ଭାଷାରେ ବିଶେଷ ଧରଣର ପ୍ରଶ୍ନ କରିବାର କୌଶଳ ବୋଲି କୁହାଯାଇପାରେ; ଯାହା ପରସ୍ପରକୁ ଜାଣିବା କ୍ଷେତ୍ରରେ ଅଳ୍ପକିଛି ସୂତ୍ର ଯୋଗାଇ ଦେଇପାରେ । ସକ୍ରେଟିସ୍ଂକ ପରି ଲାକାଁ ମନେ କରୁଥିଲେ ଜ୍ଞାନ ହିଁ ଆମ ସମସ୍ୟାର କେନ୍ଦ୍ରବିନ୍ଦୁ । ଲାକାଁଙ୍କ ମତରେ 'ଇଗୋ' (igo) ବା ଚେତନଶୀଳ 'ମୁଁ'ଟିର କାମ ସମସ୍ୟା ସଂକୁଳ ଅବଚେତନ 'ଇଦ୍' (id) କବଳରୁ ରକ୍ଷା ପାଇବା ପାଇଁ ବ୍ୟକ୍ତି ମଣିଷକୁ ସାମାଜିକ ମଣିଷର ଖୋଳପା ପିଂଧାଇବା ବା ପଳାୟନର ରାସ୍ତା ଦେଖାଇବା; ସର୍ବୋପରି (Decption, miskonowing ବା Bad faithର ଶିକାର କରାଇବା । ଲାକାଁ ଫ୍ରୟେଡ୍ଂକ 'ଇଗୋ' ବା ଅହମ୍‌କୁ ବାସ୍ତବ ଇଚ୍ଛା ବା ଆକାଂକ୍ଷାର ମଧ୍ୟସ୍ଥକାରୀ ଭାବରେ ବର୍ଣ୍ଣନା କରିଛଂତି; ଏହା ଫ୍ରୟେଡଂକ ଆନନ୍ଦ ସତ୍ୟ (Pleasure principle) ଓ

Digitized by PPRACHIN, SOA

ବାସ୍ତବ ସତ୍ୟ (Reality principle) ସମତୁଲ୍ୟ । ଲାକାଁଙ୍କ ମତରେ ଡାକ୍ତର ଥେରାପି ବା ଚିକିତ୍ସା ପଦ୍ଧତି ରୋଗୀର ବିବାଦ ଯୁକ୍ତ ଅହମ୍‌କୁ ବିବାଦମୁକ୍ତ ଅହମ୍‌ରେ ପରିଣତ କରିଥାଏ-ଯତ୍‌ଦ୍ୱାରା ରୋଗୀ ଚିକିତ୍ସା ପରେ ମାନସିକ ସନ୍ତୁଳନ ଫେରିପାଇଥାଏ । ଫ୍ରଏଡ୍ ଲାକାଁ ମନରୋଗର ପୂର୍ଣ୍ଣ ଆରୋଗ୍ୟ ବା ଅଂତିମ ଆରୋଗ୍ୟ କିଛି ନାହିଁ ବୋଲି କହୁଥିଲେ; ଏଥିସହ ଏମାନେ ସକ୍ରେଟିସ୍‌ଂକ ପରି ଜୀବନକୁ ରୋଗ, ମୃତ୍ୟୁକୁ ରୋଗମୁକ୍ତି ବୋଲି ମନେ କରୁଥିଲେ (Life is disease, cure is death)

ମନ ବିଶ୍ଲେଷଣ - ଭାଷା ଓ ଶବ୍‌ଦର ଜଗତ:

ଲାକାଁଙ୍କ ମତରେ ମନ ବିଶ୍ଲେଷଣ ପାଇଁ ଶବ୍‌ଦ, ଭାଷା, ଅର୍ଥର ଏକ ତତ୍ତ୍ୱ ଆବଶ୍ୟକ । ପ୍ଲାଟୋ, ଇଁୟୁଙ୍ଗ ଓ କେଲିନ୍ ଶବ୍‌ଦ ବା ଶବ୍‌ଦମାନଙ୍କ ଦ୍ୱାରା ସୃଷ୍ଟ ଅର୍ଥକୁ ବଦଳାଯାଇ ପାରିବନି ବୋଲି ମନେ କରୁଥିଲେ । ଲାକାଁ ଉକ୍ତ ତିନି ଦାର୍ଶନିକଙ୍କର ମତ ସହିତ ଏକମତ ନଥିଲେ । ଲାକାଁଙ୍କ ମତରେ ଶବ୍‌ଦ ବା ବାକ୍ୟ, ବ୍ୟବହାର ସହ ଯୁକ୍ତ ହୋଇ ଅର୍ଥ ପ୍ରସ୍ତୁତ କରନ୍ତି । ଏଣୁ ବ୍ୟବହାର, ମଧ୍ୟଦେଇ ଶବ୍‌ଦ ବା ବାକ୍ୟ ଅର୍ଥ ପ୍ରାପ୍ତ ହୁଏ । ଦେଶ, କାଳ, ପାତ୍ର ବା ବିଷୟବସ୍ତୁକୁ ନେଇ ଶବ୍‌ଦ ବା ବାକ୍ୟର ଅର୍ଥ ଅଲଗା ହୋଇପାରେ । ଉଦାହରଣ ସ୍ୱରୂପ ଏକ ବୈଜ୍ଞାନିକ ଶବ୍‌ଦ ବୈଜ୍ଞାନିକମାନଙ୍କ ପାଇଁ ଯେଉଁ ଅର୍ଥ ବହନ କରେ ସାଧାରଣ ନାଗରିକମାନଙ୍କ ପାଇଁ ସେଇ ଅର୍ଥ ବହନ କରେନା । ଲାକାଁ, ଉଇଟ୍‌ଗେନ୍ ଷ୍ଟାଇନ୍‌ଂକ ଭାଷା ଆମକୁ ପ୍ରତାରିତ କରେ (Language deceives us) ତତ୍ତ୍ୱରେ ବିଶ୍ୱାସୀ ଥିଲେ । ଭାଷାକୁ ନେଇ ଲାକାଁ ଓକିଲ-ମହକିଲ ଓ ବିରୋଧୀ ପକ୍ଷର ଓକିଲଂକ ତ୍ରିକୋଣୀୟ ସଂପର୍କକୁ ବ୍ୟାଖ୍ୟା କରି କହଂତି-ଟଂକା ପାଇଁ ଓକିଲ ନ୍ୟାୟିକ ଶବ୍‌ଦ ଓ ବାକ୍ୟର ଅର୍ଥକୁ ମହକିଲ ପାଖରେ ଗୋପନ ରଖି ମହକିଲକୁ ବୋକା ବନାଇଥାଏ । ଓକିଳ ପରି ଡାକ୍ତର ମଧ୍ୟ ନିଜ ବ୍ୟବହାର କରୁଥିବା ଶବ୍‌ଦ ବା ବାକ୍ୟର ଅର୍ଥକୁ ନିଜେ ବୁଝେ କିନ୍ତୁ ରୋଗୀକୁ ବୁଝାଇ ପାରେନା । ଉତ୍ତର ଆଧୁନିକତାବାଦୀ, ଲାକାଙ୍କ ମତରେ ଭାଷା ଜଗତ ମଣିଷକୁ ଭ୍ରମ ଜାଲରେ ଛନ୍ଦିଦିଏ; ଭାଷା ଓ ଭାବର ଅଦୃଆ ସୁତା ମଧ୍ୟରେ ଛନ୍ଦି ହୋଇଯାଇଥିବା ମଣିଷଟି ଅଧିକ ଛଂଦି ହେବା ଅର୍ଥ ଓକିଲ, ଡାକ୍ତରଙ୍କ ପାଖରୁ ପୁଣି ମନ ଚିକିତ୍ସକ ପାଖକୁ ଧାଇଁବା । ଲାକାଁଂକ ମତରେ ଶବ୍‌ଦ ଯାହାକୁ ବ୍ରହ୍ମ ବୋଲି କୁହାଯାଏ-ସେଇ ଶବ୍‌ଦ ବ୍ରହ୍ମର ସର୍ବାଧିକ ଶିକାର ହୁଏ ସାଧାରଣ ଜନତା । ଯାହାର ବିଶେଷ ଧରଣର ଭାଷା ଓ ଶବ୍‌ଦକୁ ବୁଝିବାର କ୍ଷମତା ନଥାଏ । ଲାକାଁଙ୍କର ଏହି ତତ୍ତ୍ୱ ମାନସିକ ରୋଗ ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଉପାୟ

Digitized by PPRACHIN, SOA

ଭାବରେ ସ୍ୱୀକୃତ । ଏହି ପର୍ଯ୍ୟାୟରେ ସାଧାରଣ ଜନତାର ଭାଷା ଦ୍ୱାରା ପ୍ରତାରିତ ହେବା ପ୍ରତି ଲାକାଁଙ୍କର ଦରଦଭରା ଅଭିବ୍ୟକ୍ତି ହେଲା, 'ମଣିଷ ଭାଷା ଦ୍ୱାରା କବଳିତ ଓ ଅତ୍ୟାଚାରିତ (Man is the subject captured and tourtured by language)

ଭାଷା ଓ ମନ ଚିକିତ୍ସା:

ଲାକାଁଙ୍କ ମତରେ ଭାଷା ମାଧ୍ୟମରେ ଆମେ ଆମର 'ଅହମ୍' ବା igoକୁ ପ୍ରକାଶ କରୁ; ଅଧିକଂତୁ ଭାଷା ମାଧ୍ୟମରେ ଆମେ ନିଜେ ନିଜର ପ୍ରତିନିଧିତ୍ୱ କରୁ; ଭାଷା ମାଧ୍ୟମରେ ଆମେ ପରସ୍ପର ଯୁକ୍ତ ପୁଣି ବିଯୁକ୍ତ ବି ହେଉ; କେତେବେଳେ ବୁଝାମଣାତ କେତେବେଳେ ଭୁଲ୍ ବୁଝାମଣାର ଶିକାର ହେଉ ।

ମନ ରୋଗର ଚିକିତ୍ସା ସମୟରେ ଭାଷା ଓ ଶବ୍ଦକୁ ନେଇ ଲାକାଁଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅଭିବ୍ୟକ୍ତି ହେଲା, ମଣିଷ ହେଉଛି ସେଇ ପ୍ରାଣୀ ଯିଏ ଭାଷା ଦ୍ୱାରା କବଳିତ ହୋଇ ଜୀବନ ତମାମ ଭାବ ବୈକଲ୍ୟରେ ଛଟପଟ ହେଉଥାଏ । ଏହା କି ଜ୍ଞାନୀ କି ଅଜ୍ଞାନୀ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ; ମନ ରୋଗର ଶିକାର ବ୍ୟକ୍ତିଟିର ଭାବ ବୈକଲ୍ୟ ସର୍ବାଧିକ । ଏହା କହିବାକୁ ଯାଇ ଲାକାଁ ମନ ବିଶ୍ଳେଷଣର ଜଗତକୁ ଏକ ଶ୍ରେଷ୍ଠ ଧାରଣା ପ୍ରଦାନ କରନ୍ତି । ଲାକାଁଙ୍କ ଦ୍ୱାରା ମନ ବିଶ୍ଳେଷଣ ଜଗତକୁ ପ୍ରଦାନ କରାଯାଇଥିବା ଶ୍ରେଷ୍ଠ ଧାରଣାଟି ହେଲା, "ମଣିଷର ଅବଚେତନ, ଭାଷା ପରି ଗୁମ୍ଫିତ (The unconsious is structured like language) ଓ 'ଭାଷାର ବୟସ ଚେତନାର ବୟସର ପାଖାପାଖି" (Language is as old as consciou-ness) । ଅବଚେତନକୁ ଲାକାଁ 'ଅନ୍ୟର ବର୍ଣ୍ଣନା ଜଗତ'(Discourse of others) ବୋଲି କହଂତି । ଅବଚେତନର ଭାଷାକୁ ବ୍ୟାଖ୍ୟା କରିବାକୁ ଯାଇ ଲାକାଁଙ୍କର ଭାଷା ବ୍ୟବହାର ଅତ୍ୟଂତ କ୍ଳିଷ୍ଟ ହୋଇଉଠିଛି; ଲାକାଁ ଏଇ କ୍ଳିଷ୍ଟତାକୁ ପାରମ୍ପରିକ ଭାଷା ବ୍ୟବହାର ଶୈଳୀଠାରୁ ଏକ ଭିନ୍ନତା ବୋଲି ମନେ କରନ୍ତି । ମନ ବିଶ୍ଳେଷଣର ଚରମ ପର୍ଯ୍ୟାୟକୁ ଯାଇ ଲାକାଁ କହଁନ୍ତି, 'ମଣିଷର ଜ୍ଞାନ ଏକ ପ୍ରକାର ପାଗଳାମୀ; ସାଧାରଣରେ ଯାହା କଥିତ ହୁଏ ଜ୍ଞାନ ପାଗଳ ବୋଲି । ଲାକାଁଂକ ମତରେ ଏହି ବକ୍ତବ୍ୟକୁ ଆଧାର କରି ମନରୋଗର ଚିକିତ୍ସା, ଅବଧାରଣାଗତ ପାଗଳାମୀ ପର୍ଯ୍ୟାୟରୁ ଆରମ୍ଭ କରାଯାଇପାରେ ।

ପଶୁ ତଥା ମଣିଷର ଭାଷା ଏକ ତୁଳନା:

ମନ ବିଶ୍ଳେଷଣ ଅବସରରେ ଲାକାଁ ପଶୁର ଭାଷା ଓ ମଣିଷର ଭାଷା ମଧ୍ୟରେ

Digitized by PPRACHIN, SOA

ଏକ ଫରକ ଦେଖିବାକୁ ପାଆନ୍ତି । ଲାକାଁଙ୍କ ମତରେ ପଶୁ ବ୍ୟବହାର କରୁଥିବା ଭାଷାର ଅର୍ଥ ସ୍ଥିର ଓ ଅପରିବର୍ତ୍ତନୀୟ । ପଶୁ ପାଇଁ ସୂଚନା ଓ ସଂକେତ ବହୁକାଳ ଧରି ଅପରିବର୍ତ୍ତନୀୟ ହୋଇ ରହିଛି । କୌଣସି ସମୟରେ ଏହା ବଦଳି ନାହିଁ । ଅଥଚ ମଣିଷ ଭାଷା ଦେଶ କାଳ ପାତ୍ର ଭେଦରେ ବଦଳି ଚାଲିଛି; ଭିନ୍ନ ଭିନ୍ନ ଅର୍ଥର ଦ୍ୟୋତକ ହୋଇଛି; ବିଷୟାଶ୍ରୟୀ ହୋଇଛି । ଲାକାଁଙ୍କ ମତରେ ପଶୁର ଭାଷା ଜୈବଗତ ଓ ମଣିଷର ଭାଷା ଜୈବ ସମାଜିକ-ଐତିହାସିକ । ଲାକାଁଙ୍କ ମତରେ ମଣିଷର ଭାଷା ମଣିଷର ନୂତନ ଜ୍ଞାନ, ନୂଆ ପରିବର୍ତ୍ତନ ସହିତ ଯୋଡ଼ି ହୋଇଯାଏ । ପଶୁର ଭାଷା ଜୈବଗତ ହୋଇଥିବାରୁ ଏହା ଆଗକୁ ଯାଇପାରେନା । ମଣିଷର ଭାଷା ବିକାଶ ଲାଭ କରେ; କାଳାନୁସାରି ହୁଏ; ନାରୀ-ପୁରୁଷ, ସର୍ବହରା-ବୁର୍ଜୁୟା ଭେଦରେ ଭିନ୍ନାର୍ଥ ବୋଧକ ସାଜେ; ବକ୍ତା ଓ ଶ୍ରୋତା, ଦାତା ଗ୍ରହିତାରର ସଂପର୍କ ସହ ଯୋଡ଼ି ହୋଇଯାଏ । ଲାକାଁଙ୍କ ମତରେ ପଶୁର ଭାଷା ପଶୁର ଜୈବଗତ ସଂପତ୍ତି ଓ ମଣିଷର ବ୍ୟବହାର କରୁଥିବା ଭାଷା ସେଇ ଭାଷାର ନିଜସ୍ୱ ସଂପତ୍ତି, ଯେଉଁଥିରୁ ବ୍ୟବହାର ପ୍ରକ୍ରିୟାରେ ଅର୍ଥ ଉତ୍ପତ୍ତି ଘଟେ । ଅର୍ଥ ସଂକେତ ମଧ୍ୟରେ ବିଦ୍ୟାମାନ ନଥାଏ, ଅର୍ଥ ବ୍ୟବହାରକାରୀ ମଣିଷ ଓ ବ୍ୟବହୃତ ହେଉଥିବା ଭାଷା ମଧ୍ୟରେ ଥାଏ । ଯାହା ଏକ ଚଳମାନ ପ୍ରକ୍ରିୟା । ମଣିଷ ବ୍ୟବହାର କରୁଥିବା ଭାଷା ବ୍ୟବହାର ପ୍ରକ୍ରିୟା ସହ ଯୋଡ଼ିହୋଇ ଯାହା କିଛି ଅର୍ଥ ସୃଷ୍ଟି କରେ । ସେଥିପାଇଁ ଆମେ ଲକ୍ଷ୍ୟକରୁ ଭାଷାର ନାନାବିଧ ବ୍ୟବହାର ଯଥା ଗବେଷଣା, କୃଷି, ଶିକ୍ଷ, ଧର୍ମ ଇତ୍ୟାଦି କ୍ଷେତ୍ରମାନଙ୍କରେ ଭାଷାର ସ୍ୱତଂତ୍ର ଅର୍ଥ ପ୍ରକଟିତ ହୁଏ । ରାଜନେତା, ବ୍ୟବସାୟୀ, ଓକିଲ, ପୁରୋହିତ ସମସ୍ତେ ନିଜ ନିଜ କ୍ଷେତ୍ରରେ ଭାଷାକୁ ନିଜେ ନିର୍ମାଣ କରନ୍ତି ଓ ନିଜେଇ ତା'ର ଅର୍ଥ ବୁଝନ୍ତି । ଉଦାହରଣ ସ୍ୱରୂପ ଦୋହନ, କର୍ଷଣ, ରମଣ ଶବ୍ଦମାନ କୃଷିକ୍ଷେତ୍ର,ପରିବାର, ରାଷ୍ଟ୍ରପାଇଁ ଅଲଗା ଅର୍ଥ ବହନ କରିବ । ଏହି ତିନୋଟି ଶବ୍ଦକୁ ନେଇ ରାଜନେତା, କଳାକାର, ସନ୍ନ୍ୟାସୀ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ । ମୋଟା ମୋଟି ଭାବରେ ଲାକାଁ ଭାଷାକୁ ନେଇ ସାମାଜିକ ଜୀବ ବିଜ୍ଞାନୀ ପ୍ଲଟୋ, କେଲିନ ଓ ୟୁଂଗ୍ କହିଥିବା କଥା ଯଥା-ଶବ୍ଦ ଭାଷା ମଧ୍ୟରେ ଅର୍ଥ ସ୍ଥିରିକୃତ ଓ ଅପରିବର୍ତ୍ତନୀୟ ଧାରଣାକୁ ବାତିଲ କରି ନିଜସ୍ୱ ଧାରଣା ଯଥା ଭାଷାର ପ୍ରବହମାନତା ଓ ପରିବର୍ତ୍ତନଶୀଳତା ତତ୍ତ୍ୱକୁ ପ୍ରତିଷ୍ଠା କରନ୍ତି ।

ସତ୍ୟ ଓ ଭାଷା ଜଗତ:

ମଣିଷ ମନ, ଭାବ ଓ ଭାଷା ଏହା ପରସ୍ପର ସହ ଜଡ଼ିତ ଓ ସଂପୃକ୍ତ । ଲାକାଁ ମନ ଜଗତରେ ସତ୍ୟକୁ ନେଇ ଅବଧାରଣାର ୩ଟି ସ୍ତରକୁ ଦେଖାଇଛନ୍ତି । ଯଥା (୧) କଳ୍ପନା,

Digitized by PPRACHIN, SOA

(୨) ପ୍ରତୀକ (୩) ବାସ୍ତବ । ଲାକାଁ ଯାହା ବାସ୍ତବ ତାହା ସତ୍ୟ ମଣନ୍ତି; କିନ୍ତୁ ବାସ୍ତବ ସାମଗ୍ରିକ ସତ୍ୟ ନୁହଁ ବୋଲି କହନ୍ତି; ଏପରିକି ସେ ସାମଗ୍ରିକ ସତ୍ୟର ଧାରଣାକୁ ବିରୋଧ କରଂତି; ଓ ଏହାର ଅସଂଭବତାକୁ ବ୍ୟକ୍ତ କରଂତି । ସେ ଦୃଷ୍ଟିକୋଣରୁ ଲାକାଁ ଜଣେ ଆପେକ୍ଷିକ ବାଦୀ (Relativist)। ସାମଗ୍ରିକ ସତ୍ୟକୁ ଧାରଣ କରିବାର ଶକ୍ତି ଭାଷାର ନାହିଁ ବା ଶବ୍ଦ ନଅଂଟ କଥାଟିକୁ ଲାକାଁ କହିଥାନ୍ତି । ଏହି ପରିପ୍ରେକ୍ଷୀରେ ସେ ଶବ୍ଦ ଅର୍ଥର ପ୍ରବହମାନତା ଓ ଗତିଶୀଳତାର କଥା କହନ୍ତି ।

ମନ ଜଗତ ଓ ଭାଷା:

ମନ ଜଗତ ସହ ଭାଷା ବ୍ୟବହାର ଓ ବ୍ୟକ୍ତି ଓ ସମାଜ ସହ ଭାଷାର ସଂପର୍କ ବାବଦରେ ଲାକାଁ ଭାବିତ ଥିଲେ । ଏହି କ୍ରମରେ ଲାକାଁ ଭାଷାରେ ଅର୍ଥ ବିଡ଼ା ବିଡ଼ା ପ୍ରତୀକ ଦେଇ ଆସିବାକଥା କହିଛନ୍ତି । ପ୍ରତୀକ ଓ ଚିତ୍ରରୂପ ମଧ୍ୟ ଦେଇ ସତ୍ୟ ଓ ବାସ୍ତବତା ଧରା ଦିଏନା । ସତ୍ୟ ଓ ବାସ୍ତବତାକୁ ଅନୁଭବ କରିବାର ଅସଂଭବତା ସଂପର୍କରେ ଲାକାଁ କହିଛନ୍ତି । ଲାକାଁଙ୍କ ମତରେ ବାସ୍ତବତା ଓ ସତ୍ୟକୁ ଧାରଣ କରିବାର ଅସଂଭବତା ମାନବ ଜୀବନକ୍ରିୟାର ଅଂଶ ବିଶେଷ । ଏହି ପରିପ୍ରେକ୍ଷୀରେ ଲାକାଁ ଶବ୍ଦ ଓ ଅର୍ଥର ପ୍ରବହ-ମାନତା ଓ ଗତିଶୀଳତାର କଥା କହିଛନ୍ତି । ଲାକାଁ ବାସ୍ତବତାର ପ୍ରକାଶ ଯେମିତି ଭାଷାର ଅତୀତ ମନେକରନ୍ତି- ସେମିତି ଜୀବନରେ ବାସ୍ତବତାର ଗଭୀର କ୍ଷତ ବା ଆଘାତ ମଧ୍ୟ ମଣିଷ ଭାଷା ମଧ୍ୟ ଦେଇ ହଜମ କରିପାରେନା ବୋଲି କହଂତି । ମଣିଷ ଆଘାତ ବା କ୍ଷତକୁ ଭାଷା ଦ୍ୱାରା ବୁଝିବା ବା ବ୍ୟକ୍ତ କରିବାକୁ ସକ୍ଷମ ହୁଏନା ବୋଲି ମାନସିକ ଭାରସାମ୍ୟ ହରାଏ । ଲାକାଁ ମାନସିକ କ୍ଷତ ବା ଅଭନକ ଆଘାତକୁ (ଯାହାକୁ ଇଂରାଜୀରେ ଟ୍ରମା ବୋଲି କୁହାଯାଏ) ସ୍ୱପ୍ନରେ ପ୍ରତୀକ ଆକାରରେ ପ୍ରତିଫଳିତ ହେବାକଥା କହନ୍ତି । ଅର୍ଥାତ୍ ଟ୍ରମା ସ୍ୱପ୍ନର ପ୍ରତୀକ ଆକାରରେ ଅଭିବ୍ୟକ୍ତି ଲାଭ କରେ । ସ୍ୱପ୍ନରେ ଟ୍ରମାର ପ୍ରତୀକାତ୍ମକ ପ୍ରକାଶକୁ ଲାକାଁ ଅବଦମନର ପ୍ରତ୍ୟାବର୍ତ୍ତନ ବା Return of Repressed ବୋଲି କହଂତି । ଅଧିକଂତୁ ଲାକାଁ ଗଭୀର କ୍ଷତ ବା ଅଚାନକ ଆଘାତଜନିତ ପ୍ରତିକ୍ରିୟା ବେଳେ ବେଳେ ଜିଭ ଅଗରୁ ଇଟ୍‌କି ପଡ଼ିବା ବା Slip of Tounge ଆକାରରେ ବାହାରି ଆସିଥାଏ ବୋଲି ବିଚାର କରନ୍ତି ।

ନିପୀଡ଼ନ ଓ ପରମାନନ୍ଦ (Jouissance):

ଲାକାଁ ଆନଂଦ (Pleasure) ପରମାନନ୍ଦ (Jouissance) ମଧ୍ୟରେ ଫରକ

Digitized by PPRACHIN, SOA

ନିରୂପଣ କରନ୍ତି । ଲାକାଁ ପରମାନଂଦଙ୍କୁ ଚରମ ଯୌନତୃପ୍ତି ବା Orgasm ସହ ତୁଳନା କରନ୍ତି । ଏହା ମାନସିକ ସ୍ତରରେ ଏକ ପ୍ରକାର ପ୍ରଶାନ୍ତ ଅବସ୍ଥା । ଲାକାଁଙ୍କ ମତରେ ଯୌନକ୍ରୀଡ଼ାର କଷ୍ଟାର୍ଜିତ ଆନଂଦର ଅନ୍ତିମ ପରିଣତି ହିଁ ପରମାନନ୍ଦ ବା Jouissance ।

ଆବଶ୍ୟକତା, ଦାବୀ ଓ ଆକାଂକ୍ଷା:

ଲାକାଁ ଆବଶ୍ୟକତା(need), ଦାବୀ (demand) ଓ ଆକାଂକ୍ଷା (desire) ଶିଶୁମନସ୍ତତ୍ୱର ତିନୋଟି ମୁଖ୍ୟ ଦିଗ ବୋଲି ମନେ କରନ୍ତି । ଶିଶୁ ଯାହା ଆବଶ୍ୟକ ମଣେ ତାହା ତା'ର ମା'ଠାରୁ ଦାବୀ କରେ । ଶିଶୁର ସମସ୍ତ ଦାବୀକୁ ପୂରଣ କରାଯାଇପାରେନା; ଯାହା ତା'ର ମନରେ ଅପ୍ରାପ୍ତିର ଅସଂତୋଷ ସୃଷ୍ଟି କରେ; ଏବଂ ଏହି ଅପ୍ରାପ୍ତିରୁ ଅସଂତୋଷ ଜନ୍ମ ନିଏ ଚରମ ଇଚ୍ଛା ବା ଆକାଂକ୍ଷା (desire) । ଲାକାଁଙ୍କର ଆବଶ୍ୟକତା, ଦାବୀ ଓ ଆକାଂକ୍ଷାର କ୍ରମ ପରିଣାମ ତତ୍ତ୍ୱ କେବଳ ଶିଶୁ ନୁହଁ ବୟପ୍ରାପ୍ତ ମଣିଷର ମନକୁ ବି ପ୍ରଭାବିତ କରେ । ଏହାର ଅନ୍ତିମ ଅବସ୍ଥା ହିଁ ଅବଦମନ (Repression); ଏବଂ ଏହି ଅବଦମନ କେତେବେଳେ ସ୍ୱପ୍ନରେ ରୂପାନ୍ତରିତ ହୁଏତ କେତେବେଳେ ମାନସିକ ବୈକଲ୍ୟ ସୃଷ୍ଟି କରେ । ଲାକାଁଙ୍କ ମତରେ ମଣିଷ ଶିଶୁ ଭାଷା ନିୟମ ଅଧ୍ୟୟନ ଓ ସାମାଜିକରଣ ପ୍ରକ୍ରିୟାରେ ବଳକା ଅବଦମନର ଶିକାର ହୁଏ ।

ଆବଶ୍ୟକତା, ଦାବୀ ଓ ଆକାଂକ୍ଷାର ତୁଳନା ମୂଳକ ଚିତ୍ର ପ୍ରଦାନ କରି ଲାକାଁ କହନ୍ତି ସର୍ବନିମ୍ନ ଭାବରେ ମଣିଷର ଆବଶ୍ୟକତା ପୂରଣ ସକାଶେ ସେ କରୁଥିବା ଦାବୀକୁ ମାନିନିଆଯାଏ ବା ମାନିନେବା ସଂଭବ ହୁଏ; କିନ୍ତୁ ଦାବୀର ମାତ୍ରା ଅଧିକ ହେଲେ ତାହା ପୂରଣ କରିବା ସଂଭବ ହୁଏନାହିଁ; ଏବଂ ଅପୂରଣୀୟ ଦାବୀ ସବାଶେଷରେ ଅକାଂକ୍ଷାରେ ରୂପାନ୍ତରିତ ହୋଇଯାଏ । ଉଦାହରଣ ସ୍ୱରୂପ 'ପ୍ରେମ' । ମଣିଷ ମାତ୍ରାଧିକ ପ୍ରେମ ଚାହେଁ; 'ପ୍ରେମ'ର ଚାହିଦା ଅନୁଯାୟୀ ପ୍ରେମ ପ୍ରାପ୍ତି ସଂଭବ ହୁଏନା । ଫଳରେ ଉକ୍ତ ପ୍ରେମ ପାଗଳ ମଣିଷଟିର ପ୍ରେମାକାଂକ୍ଷା ସ୍ୱପ୍ନ ଓ କଳ୍ପନାରେ ରୂପାନ୍ତରିତ ହୁଏ ।

ଶିଶୁ ମନ ଉପରେ ଭାଷାର ପ୍ରଭାବ:

ଶିଶୁ ମନ ଉପରେ ଭାଷାର ପ୍ରଭାବ ସଂପର୍କରେ ଆଲୋଚନା କରିବାକୁ ଯାଇ ଲାକାଁ କହନ୍ତି; ଭାଷାର ଭ୍ରମ ଜାଲିକତା ବା ଇନ୍ଦ୍ରଜାଲିକତାର ଜଗତରେ ଉବୁଟୁବୁ ହୋଇ କଷ୍ଟ ପାଉଥିବା ପ୍ରାଣୀଜଗତର ସର୍ବାଧିକ ଅସହାୟ ପ୍ରାଣିଟି ହେଲା ମଣିଷ ଶିଶୁ ।

Digitized by PPRACHIN, SOA

ପ୍ରାଣୀଜଗତରେ ପ୍ରାଣିର ଭାଷା ଓ ସଂକେତ ନିର୍ଦ୍ଦିଷ୍ଟ ଅର୍ଥବାହୀ ଯାହା ଅପରିବର୍ତ୍ତନୀୟ ଓ ସ୍ଥିର । ସେ ତୁଳନାରେ ମଣିଷର ଭାଷା ଦ୍ୱୈତ ବା ବହ୍ୱାର୍ଥବୋଧକ । ସେଥିପାଇଁ ଭାଷାକୁ ନେଇ ସର୍ବାଧିକ ଦୂରତ୍ୱ ବା ସଂଶ୍ରୟରେ ପଡୁଥିବା ପ୍ରାଣିଟି ହେଲା ମଣିଷ । ମଣିଷ ସହିତ ପ୍ରାଣି ଜଗତର ଯେ କୌଣସି ପ୍ରାଣିଜ ଶିଶୁ ଯଥା ପିଂପୁଡ଼ି, ହାତୀର ତୁଳନା କଲେ ଆମେ ଦେଖିବାକୁ ପାଉଁ ପିମ୍ପୁଡ଼ି, ହାତୀ ଓ କୁକୁର ଛୁଆର ସାମାଜିକରଣ ୬ମାସ ମଧ୍ୟରେ ସମାପ୍ତ ହୋଇଥିଲାବେଳେ ମଣିଷ ଶିଶୁର ସାମାଜିକରଣ ଛଅବର୍ଷ ଲାଗିଯାଏ । ପଶୁ ସଂତାନର ଶିକ୍ଷା ଜୈବଗତ ପ୍ରବଣତାକୁ ଆଧାର କରି ଗଢ଼ି ଉଠେ । ମଣିଷ ଶିଶୁର ଶିକ୍ଷା ସାମାଜିକ ଚାହିଦା ଅନୁରୂପ ହେବା ଆବଶ୍ୟକ ପଡ଼ିଥାଏ । ମଣିଷର ଶିକ୍ଷା ଓ ସାମାଜିକରଣ, ସାମାଜିକ ଆବଶ୍ୟକତାକୁ ପୂରଣ କରିବା ସକାଶେ ଉଦ୍ଦିଷ୍ଟ ହୋଇଥିବା ହେତୁ ମଣିଷ ଅଧିକ ଅବଦମନର ଶିକାର ହୁଏ । ମଣିଷ ଶିଶୁପାଇଁ ଶିକ୍ଷଣ ପ୍ରକ୍ରିୟାରେ ଅବଦମନର ମାତ୍ରା ଅଧିକ ତା'ର କାରଣ ହେଲା ମଣିଷର ଆକାଂକ୍ଷା (Desire)ର ପ୍ରକୃତି ଜଟିଳ ।

ଅବଦମନ ଓ ଏହାର ପରିପ୍ରକାଶ:

ଲାକାଁ ଅବଦମନକୁ ମଣିଷ ଶିଶୁର ଏକ ଅନିବାର୍ଯ୍ୟ ସ୍ଥିତି ବୋଲି ଯେମିତି ମନେକରନ୍ତି; ସେହିପରି ଏହାର ପରିପ୍ରକାଶକୁ ଅବଦମନର ବହିଃପ୍ରକାଶ (out come) ଭାବରେ ଗ୍ରହଣ କରନ୍ତି । ଲାକାଁଙ୍କ ମତରେ ଶିଶୁ ବା ଯେ କୌଣସି ବୟସର ବ୍ୟକ୍ତି ପାଖରେ ଅବଦମନ ତୀବ୍ର ହେଲେ ତାହା ଆଘାତ ବା Trauma ର ରୂପନିଏ । ଅଧିକଂତୁ ଲାକାଁ କହନ୍ତି-ଅବଦମନର ପ୍ରକ୍ରିୟାରେ ବ୍ୟକ୍ତି ମଣିଷ ତା'ର ବ୍ୟକ୍ତିଗତ ଆବେଗ ବା ଇଛାକୁ ଲୁଚାଇବାକୁ ଚେଷ୍ଟା କରିଥାଏ; ସେହିପରି ବ୍ୟକ୍ତିର ଆକାଂକ୍ଷା ତା'ର ଅବଚେତନ ମନର ଗୁଂଫା ଗହିରୀରେ ଲୁଚିଛପି କରିଥାଏ; ସୁଯୋଗ ଉଂଡ଼ି ଉପରୋକ୍ତ ଆବେଗ, ଇଛା ଓ ଆକାଂକ୍ଷା (desire) ମାନ ସ୍ୱପ୍ନ ଓ ଜିଭ ଆଗରୁ ଖସିଯାଇଥିବା ଶବ୍ଦ ବାକ୍ୟ (Slip of tongue)ର ରୂପନିଏ । ମନରୋଗ ଚିକିତ୍ସକମାନେ ସ୍ୱପ୍ନ ଓ ଜିଭ ଆଗରୁ ଖସିଯାଇଥିବା ଶବ୍ଦ୍ ବା ବାକ୍ୟର ଅନୁଶୀଳନ କରି ଅବଦମନର କାରଣ ଅନୁସଂଧାନ କରନ୍ତି ।

ଆକାଂକ୍ଷିତ ଅବଦମନର କାରଣ ବ୍ୟାଖ୍ୟା (Symptom study):

ଲାକାଁ ଅବଦମନ ପ୍ରସଂଗରେ ଶିଶୁମନସ୍ତତ୍ତ୍ୱକୁ ବ୍ୟାଖ୍ୟା କରିବାକୁ ଯାଇ ଶିଶୁର ଦାବୀ (demand) ଶିକ୍ଷକ ଓ ପିତାର ଇଛାର ବିପରୀତରେ ଗତି କରୁଥିବା ପ୍ରବଣତାକୁ

Digitized by PPRACHIN, SOA

ବ୍ୟକ୍ତ କରେ ବୋଲି କହନ୍ତି । ଉଦାହରଣ ସ୍ୱରୂପ ଗରୀବ ପିତାର ସଂତାନ ପିତାଠାରୁ ଅଧିକ ଅର୍ଥ ଦାବୀ କରେ । ସେହିପରି ଧନୀ ପିତାର ସଂତାନ ବାପାଠାରୁ ପଇସା ଅପେକ୍ଷା ଅଧିକ ସ୍ନେହ ଓ ସମୟ ଦାବୀ କରେ । ମାନବ ଶିଶୁର ଏହି ପ୍ରବଣତାକୁ ଲାକାଁ ଉତ୍ତର ଆଧୁନିକତାବାଦୀ ଭାଷା ଦର୍ଶନର ବିଶିଷ୍ଟ ତତ୍ତ୍ୱ ଭିନ୍ନତା (Difference) ମାଧ୍ୟମରେ ବ୍ୟାଖ୍ୟା କରନ୍ତି ।

ଲାକାଁଙ୍କ ମତରେ ମଣିଷ ମନରେ ଉପୁଜୁଥିବା ଇଚ୍ଛା ବା ଆକାଂକ୍ଷା (desire)ର ଅନ୍ତିମ ପରିଣତି ହେଲା ଅତିବାସ୍ତବ ବା ପରାବାସ୍ତବବାଦୀ (Surrealist) ଇଚ୍ଛା ଓ ଆକାଂକ୍ଷା । ଏହା ଜେଲ୍ ଅଧିକାରୀ ଓ କଇଦିର ସଂପର୍କପରି; ଅଧିକଂତୁ ପ୍ରେମିକାଠାରୁ ଦୂରରେ ଥାଇ ପ୍ରେମିକକୁ କୋଳରେ ଧରି ଗେହ୍ଲା କରୁଥିବାର ପରାବାସ୍ତବବାଦୀ ପରିକଳ୍ପନା ହିଁ ଅତିରିକ୍ତ ବା ଅତିବାସ୍ତବ ଇଚ୍ଛା ଓ ଆକାଂକ୍ଷା । ଲାକାଁଙ୍କ ମତରେ ଏହା ଅବଚେତନରେ ଥିବା ଅକାଂକ୍ଷାକୁ ଜିଆଇ ରଖେ । ଫ୍ରୟେଡ୍‌ଂକ ଏ ସଂପର୍କିତ ଏକ ଅଦ୍‌ଭୂତ ଉଦାହରଣ, ଯାହାକୁ ଅଦ୍‌ଭୂତ ଦର୍ଶନ ବା Fantacy ବୋଲି କୁହାଯାଏ, ତାହା ହେଲା ଜଣେ ନାରୀକୁ ଏକା ସମୟରେ ଚାରିଜଣ ପୁରୁଷ ଉପଭୋଗ କରୁଥିବା ଘଟଣା ।

ଭିନ୍ନତା, ଅଭାବତତ୍ତ୍ୱ ଓ ବୈପରିତ୍ୟର ସଂପର୍କ (Binary Relationship & Lac Theory, Theory of difference):

ଉତ୍ତର ଆଧୁନିକତାବାଦୀ ଲାକାଁ ବ୍ୟକ୍ତିତ୍ୱର ବିଭାଜନ ଓ ଦ୍ୱିଧା ବିଭକ୍ତ ବ୍ୟକ୍ତିତ୍ୱ (Split personality) ପାଇଁ ଭାଷାକୁ ଦାୟୀ କରନ୍ତି । ତାଙ୍କ ମତରେ ବ୍ୟକ୍ତିର ବ୍ୟକ୍ତିତ୍ୱ ଭାଷାଦ୍ୱାରା ସୃଷ୍ଟ ଯଥା- Subject is derived above all by language । ଲାକାଁ ମନେକରଂତି, ଭାଷା ହିଁ ଆମକୁ ଭୁଲ୍ ବୁଝାମଣାର ଶିକାର କରାଏ । ଭାଷା ବ୍ୟବହାର ପ୍ରକ୍ରିୟାରେ ଆମେ ଅନ୍ୟକୁ ଭୁଲ୍ ବୁଝି ଓ ଅନ୍ୟମାନଙ୍କ ନିକଟରେ ଭୁଲ ବୁଝମଣାର ଶିକାରହେଉ । ଏହା ଉଇଟ୍‌ଗେନ୍ ଷ୍ଟାଇନଂକର 'Language Deceives us ' ବକ୍ତବ୍ୟକୁ ମନେ ପକାଇଦିଏ ।

ଭାଷା ବ୍ୟବହାର ପ୍ରକ୍ରିୟାରେ ବ୍ୟକ୍ତି ଓ ବସ୍ତୁ:

ଲାକାଁ ପାଇଁ ଭାଷା ବ୍ୟବହାର ପ୍ରକ୍ରିୟାରେ ବ୍ୟକ୍ତି ଓ ବସ୍ତୁ (Subject & Object)ର ସଂପର୍କ ଏକ ଅନିବାର୍ଯ୍ୟ ସଂପର୍କ । ବ୍ୟକ୍ତି ସହ ବସ୍ତୁ ଜଡ଼ିତ ହେବାକୁ

Digitized by PPRACHIN, SOA

ବାଧ୍ୟ; ଯଥା-ମୁଁ ଓ ତମେ (ପୁରୁଷ ଓ ନାରୀ) ର ସଂପର୍କ ଉଭୟ ମଣିଷ ଓ ମଣିଷ ବ୍ୟବହାର କରୁଥିବା ଭାଷା ଜଗତର ଏକ ବିଶିଷ୍ଟ ଘଟଣା । ଲାକାଁ ମନେ କରନ୍ତି ମଣିଷର ଆକାଂକ୍ଷା (desire) ପଛରେ ବ୍ୟକ୍ତି ଓ ବସ୍ତୁ ସଂପର୍କ (Subject object reletionship)ର ଯଥେଷ୍ଟ ଗୁରୁତ୍ୱ ରହିଛି । ସେ ଏହି ସଂପର୍କର ଜଟିଳତାକୁ ବ୍ୟାଖ୍ୟା କରି କହନ୍ତି ନାରୀ ଏକ ଭୋଗ୍ୟା ଭାବରେ ପୁରୁଷ ପାଇଁ ଉଭୟ ଆନନ୍ଦ ଦାନ ଓ ସଂତାନ ଜନ୍ମର ମେସିନରେ ପରିଣତ ହୋଇ ପୁରୁଷର ବ୍ୟବହାର ସାମଗ୍ରୀରେ ପରିଣତ ହୁଏ; ଏହି ପ୍ରକ୍ରିୟାରେ ପୁରୁଷ ତା'ର ଆକାଂକ୍ଷା (desire) ର ମାଧ୍ୟମ କରେ ନାରୀକୁ । ଏହି ପରିସ୍ଥିତିରେ ନାରୀର ବ୍ୟକ୍ତିତ୍ୱ (Women's Subjectivity) ଜାଗରୁକ ହୋଇ ନିଜକୁ ନାରୀ ଆସନରୁ ଓହ୍ଲାଇ ଆଣି ମାନବ ଆସନରେ ଆସୀନ କରାଏ । ଏଠାରେ ବ୍ୟକ୍ତି ଓ ବସ୍ତୁର ପ୍ରତିଷ୍ଠିତ ବୈପରିତ୍ୟ ସଂପର୍କ (binary relationship) ଭାଙ୍ଗିଯାଏ । ଏତଦ୍ ଦ୍ୱାରା ନାରୀ ପୁରୁଷର ଏକ ନୂତନ ସଂପର୍କ ଗଢ଼ି ଉଠେ ଯାହା ଉଭୟ ଯୁକ୍ତ ଓ ମୁକ୍ତ ସଂପର୍କ ।

ଲାକାଁକଂତତ୍ତ୍ୱ:

ଲାକାଁ ବ୍ୟକ୍ତି ଓ ବସ୍ତୁର ସଂପର୍କ ମଧ୍ୟରେ ବିଜୋଡ଼ ଭାବ ଓ ଅଭାବର ଭାବ (Lack) ଦେଖିବାକୁ ପାନ୍ତି । ଯେଉଁ ଅଭାବ(Lack)କୁ ସେ ଇଚ୍ଛା ବା ଆକାଂକ୍ଷାର ନାମ ଦିଅନ୍ତି । ଲାକାଁଙ୍କ ମତରେ ଅଭାବରୁ ହିଁ ଆକାଂକ୍ଷାର ଜନ୍ମ । ଲାକାଁ ଅଭାବରୁ ଜନ୍ମ ନେଉଥିବା ଆକାଂକ୍ଷାର ପରିସମାପ୍ତି ପରମାନଂଦ ବା Jouissanceରେ ହୁଏ ବୋଲି କହନ୍ତି । ଲାକାଁଙ୍କ ମତରେ ପରମାନନ୍ଦ ଏକ ସାମୟିକ ପୂର୍ଣ୍ଣତା; ଏହା ଏକ ପ୍ରକାର ଶିତଳ ପ୍ରଶାନ୍ତି । ପରମାଂଦ ବେଶ୍ କଷ୍ଟ ଲବ୍ଧ ଆନଂଦ ବୋଲି ସେ ମନେ କରନ୍ତି, ସେଥିସହିତ ଏହି ଆନନ୍ଦ ଅଚାନକ ଢେଉ ଟେକି ଉଭା ହୁଏ ବୋଲି ତାଙ୍କ ମତ ।

ଲାକାଁଙ୍କର ଚାରୋଟି ପ୍ରବଚନ (Four Discource) ବା ଧାରଣା:

ଲାକାଁ ମାନବ ଅସ୍ତିତ୍ୱର ୪ଟି ବର୍ଣ୍ଣନାତ୍ମକ ସଂପର୍କକୁ ଠାବ କରନ୍ତି । ଲାକାଁଂକ ପ୍ରଦତ୍ତ ସେଇ ଚାରୋଟି ଗୁରୁତ୍ୱପୂର୍ଣ୍ଣ ସଂପର୍କ ହେଲା-(୧) ଦାସ ଓ ଦାସ ପ୍ରଭୁ ସଂପର୍କର ବର୍ଣ୍ଣନାତ୍ମକ ଜଗତ (୨) ଅବିଚ୍ଛିନ୍ନ ବା ଏକାତ୍ମ ଭାବ ପ୍ରେମର ଉନ୍ମାଦ ମାନସିକ ସ୍ଥିତିର ବର୍ଣ୍ଣନାତ୍ମକ ଜଗତ (୩) ପାରଂପାରିକ ବିଦ୍ୟାୟତନୀୟ ବର୍ଣ୍ଣନାତ୍ମକ ଜଗତ (୪) ବ୍ୟାଖ୍ୟାକାର (Analyst) ମାନଙ୍କର ବ୍ୟାଖ୍ୟାମୂଳକ ବର୍ଣ୍ଣନାତ୍ମକ ଜଗତ ।

ଲାକାଁଙ୍କ ମତରେ ଦାସ ପ୍ରଭୁର ସଂପର୍କ ମଣିଷ ସମାଜର ଏକ ସାର୍ବଜନୀନ

Digitized by PPRACHIN, SOA

ସଂପର୍କ । ଏହି ସଂପର୍କ ମଧ୍ୟରେ ପ୍ରଭୁ ଆପାତତଃ ମୁକ୍ତ । ଦାସ ପ୍ରଭୁର ସଂପର୍କ ମଧ୍ୟରେ ପ୍ରଭୁ ଦାସଠାରୁ ସେବା ସମ୍ମାନ ପ୍ରାପ୍ତ ହୋଇ ଆନନ୍ଦ ପ୍ରାପ୍ତିର ଆକାଂକ୍ଷା (desire) ରଖେ । ଲାକାଁଙ୍କ ମତରେ ଦାସ ପ୍ରଭୁ (Master slave realtionship)ର ସଂପର୍କ ଅତିସୂକ୍ଷ୍ମ ଭାବରେ ସର୍ବତ୍ର ବିଦ୍ୟମାନ ଥାଏ । ଏପରି ବାପପୁଅର ସଂପର୍କ ମଧ୍ୟରେ ପୁଅର ବାପା ପ୍ରତି ଆଜ୍ଞାବହତା ଦାସତ୍ୱ ଅନୁରୂପ । ସମାଜରେ ଦାସତ୍ୱ ଭିନ୍ନଭିନ୍ନ ରୂପରେ ଥାଇ ସାମାଜିକ ସ୍ତରରୁ ବ୍ୟକ୍ତିଗତ ସ୍ତରକୁ ପ୍ରଭାବିତ କରେ । ବ୍ୟକ୍ତିଗତ ସ୍ତରରେ ବ୍ୟକ୍ତି ଏକାଧାରାରେ ଦାସ ପ୍ରଭୁ ସଂପର୍କରେ ବିଲୋପ ଘଟାଏନା, କେବଳ ଏହା ସାମାଜିକ ସଂପର୍କ କ୍ଷେତ୍ରରେ ଅନ୍ୟାୟକୁ ବିରୋଧ କରେ । ଗଣତନ୍ତ୍ରରେ ଗୋଟିଏ ବ୍ୟକ୍ତି ଉଭୟ ଦାସ ଓ ପ୍ରଭୁ ମାନସିକତା ନିଜ ଭିତରେ ଜିଆଇ ରଖିବାର ପ୍ରବଣତାକୁ ଦ୍ୱିଧା ବିଭକ୍ତ ବ୍ୟକ୍ତିତ୍ୱ ବୋଲାଯାଏ । ଦାସ ପ୍ରଭୁ ସଂପର୍କରେ ସବୁଠାରୁ ବିଚିତ୍ର ଅଭିବ୍ୟକ୍ତି ହେଲା ଦାସର ଧାରଣା; ଦାସ ପ୍ରଭୁ ସଂପର୍କ ମଧ୍ୟରେ ଦାସ ମନେକରେ ସକଳ ସମସ୍ୟାର ସମାଧାନ ହିଁ ପ୍ରଭୁ ଓ ସକଳ ଜ୍ଞାନର ଅଧିକାରୀ ମଧ୍ୟ ପ୍ରଭୁ । ଅଧିକଂତୁ ଲାକାଁ ଦାସପ୍ରଭୁ ସଂପର୍କର ଏକ ସୁନ୍ଦର ତୁଳନା ଦେଇ କହଂତି, ଏହି ସଂପର୍କ ସତେ ଯେମିତି ଜେଲ ୱାର୍ଡର ଓ କଇଦି ମଧ୍ୟରେ ଥିବା ସଂପର୍କ ତୁଲ୍ୟ । ଅନ୍ୟତ୍ର ତାଙ୍କ ମତରେ ଏହି ସଂପର୍କ ମା' ପୁଅର ସଂପର୍କ ଭଳି-ସତେ ଯେମିତି ମା' ପୁଅର ସବୁ ସମସ୍ୟାର ସମାଧାନ ପରି ପ୍ରତୀତ ହୁଏ ପୁଅ ନିକଟରେ; ଯତ୍‌ଦ୍ୱାରା ପୁଅ ମା' ବିନା ବଂଚିବାର କଳ୍ପନା କରିପାରେନା । ଲାକାଁ ନାରୀ ପୁରୁଷ ବା ସ୍ୱାମୀ ସ୍ତ୍ରୀର ସଂପର୍କ ଭିତରେ ଦାସ ପ୍ରଭୁର ସଂପର୍କ ଦେଖିବାକୁ ପାଇଛନ୍ତି; ଯେଉଁଠି ପୁରୁଷ ନାରୀ ପାଇଁ ରକ୍ଷାକର୍ତ୍ତା ସାଜିଥାଏ ।

ମାନସିକ ରୋଗ ଓ ତା'ର ବିଶ୍ଳେଷଣ:

ଗ୍ରୀକ୍ ଦାର୍ଶନିକ ସକ୍ରେଟିସଙ୍କ ଉକ୍ତି, 'ଜୀବନ ରୋଗ ମୃତ୍ୟୁ ରୋଗର ନିଦାନ' ଭାବନାରୁ ପ୍ରେରଣା ସଂଗ୍ରହ କରି ଉଭୟ ଲାକାଁ ଓ ଫ୍ରଂୟେଡ୍ କହନ୍ତି, ଜୀବନରେ ରୋଗ ହିଁ ଜୀବନର ଏକ ଆବଶ୍ୟକୀୟ ଅବସ୍ଥାନ । ଲାକାଁ ଜୀବନକୁ ଏକ ସଂକ୍ରମିତ ଯୌନ ରୋଗର ଗନ୍ତାଘର ବୋଲି କହନ୍ତି । ଲାକାଁଙ୍କ ମତରେ ଦୁନିଆରେ ଏହିପରି କୌଣସି ବ୍ୟକ୍ତି ନାହାନ୍ତି ଯିଏ ଯୌନ ବିକାରଗ୍ରସ୍ତ ବା ମାନସିକ ରୋଗଗ୍ରସ୍ତ ନୁହଁ । ତାଙ୍କ ମତରେ ମଣିଷ ମାତ୍ରେଇ ରୋଗ ଓ ମାନସିକ ଦ୍ୱଂଦ୍ୱର ଭଂଡ଼ାର । ଆକାଂକ୍ଷା (desire) ଓ ମାନସିକ ଦ୍ୱଂଦ୍ୱକୁ ନେଇ ମଣିଷ କିପରି ବଂଚିବ ତାହା ହିଁ ମଣିଷ ପାଇଁ ଚିନ୍ତାର ବିଷୟ ହୋଇଯାଏ । ମନ ବିଶ୍ଳେଷଣରେ ମଣିଷର ଇଚ୍ଛା ବା ଆକାଂକ୍ଷା (desire)କୁ ବୁଝିବା ଓ

Digitized by PPRACHIN, SOA

ବ୍ୟାଖ୍ୟା କରିବା ଉଭୟ ରୋଗୀ ଓ ମନ ଚିକିତ୍ସକଙ୍କ ପକ୍ଷେ ଅତ୍ୟଂତ ଜରୁରୀ । ମଣିଷର ଆକାଂକ୍ଷା ଅନ୍ୟ କୌଣସି ମଣିଷ ବା ବସ୍ତୁ ସହ ଜଡ଼ିତ ହୋଇ ଅର୍ଥବହ ହୋଇଥାଏ ।

ଭିନ୍ନ ଭିନ୍ନ ମାନସିକ ରୋଗ, ତା'ର ଲକ୍ଷଣ ଓ ନିଦାନ:

ହିଷ୍ଟେରିୟା: ମାନସିକ ରୋଗ ଯଥା ହିଷ୍ଟେରିଆ, ଅବସେସନାଲ ନ୍ୟୁରେସିସ୍ ଓ ପାନିକ ଡିପ୍ରେସନ୍ ଇତ୍ୟାଦି ମାନସିକ ରୋଗର କାରଣ ନିରୂପଣ କରିବାକୁ ଯାଇ ଲାକାଁ ମାନସିକ ରୋଗୀକୁ ରୋଗର ନିଦାନ ସଂପର୍କରେ ନିଜକୁ ଓ ନିଜର ଆକାଂକ୍ଷା (de-sire) କୁ ଚିହ୍ନିବାର ପରାମର୍ଶ ଦେଉଛନ୍ତି । ହିଷ୍ଟେରିଆ ରୋଗୀ ସଂପର୍କରେ ଲାକାଁଙ୍କର ମତ ହେଲା, ମୁଖ୍ୟତଃ ନାରୀମାନେ ଏହି ରୋଗରେ ଆକ୍ରାଂତ ହୁଅନ୍ତି; ଏବଂ ସେମାନେ ନିଜକୁ ଓ ନିଜର ଆକାଂକ୍ଷାକୁ ଚିହ୍ନି ନ ପାରିବା ହିଁ ଏହି ରୋଗର କାରଣ । ଲାକାଁଙ୍କ ମତରେ ହିଷ୍ଟେରିୟା ରୋଗୀଟି ସବୁ ସମୟରେ ଅନ୍ୟଜଣକୁ ଖୋଜେ; ଏବଂ ଅନ୍ୟ ଜଣକ ସଖ୍ୟର ଅଭାବରୁ ସେ ଆତ୍ମ ଅତୃପ୍ତିଜନିତ କାରଣରୁ ଦୁଃଖ ପାଏ । ଶାରୀରିକ ଯଂତ୍ରଣାକୁ ନେଇ ହିଷ୍ଟେରିଆ ବା ଉନ୍ମାଦ ରୋଗୀର ଅଧିକ ଚିନ୍ତା ।

ଅବସେସନାଲ ନ୍ୟୁରୋସିସ୍:

ଏହା ଏକପ୍ରକାର ପାରାନୋଇଆ ପର୍ଯ୍ୟାୟବାଚୀ ରୋଗ । ଲାକାଁଙ୍କ ମତରେ ଏହି ରୋଗୀ ଛୋଟିଆ ଘଟଣାକୁ ବଡ଼କରି ଭାବିଥାଏ; ଯଥା-ମୋ ଜୀବନରେ ମୁଁ ଯାହା ହେବାକୁ ଚାହିଁଥିଲି ହୋଇପାରିଲିନି; ଯାହା କରିବାକୁଚାହୁଁଥିଲି କରିପାରିଲିନି, ଇତ୍ୟାଦି । ଏହି ରୋଗୀ ଏକବାଗିଆ-ଯାହା ଭାବିଥିବ ସେଇଆ । ଏହି ରୋଗୀ ଆତ୍ମବିଶ୍ୱାସ ରହିତ ହତାଶ । ଏ ରୋଗୀ ଆଶାବାଦୀ ନୁହଁ ନିରାଶାବାଦୀ । ସବୁବେଳେ କିଛି ସଂଭବ ନୁହଁ, ଅସଂଭବତାରେ ବିଶ୍ୱାସୀ; ଯାହାକୁ ଇଂରେଜୀରେ impossibility ବୋଲି କହନ୍ତି । ଏହାର ଉଦାହରଣ ହେଲା, ଜଣେ ବ୍ୟକ୍ତିଙ୍କ ନିକଟକୁ ଏକ ଆହ୍ୱାନ ଆସିଲା ଯେଉଁ ବ୍ୟକ୍ତିଟି ଏକ ଝିଅକୁ ଭଲ ପାଉଥିଲେ । ତାଙ୍କର ଭଲ ପାଇବାକୁ ତାଙ୍କ ପିତା ବିରୋଧ କଲେ; କଥା ଯାଇ ଏଇଠି ରହିଲା-ବ୍ୟକ୍ତି ଜଣକ ପ୍ରେମିକାଂକୁ ପାଇବାକୁ ହେଲେ ପିତାଂକୁ ଛାଡ଼ିବାକୁ ପଡ଼ିବ ଏବଂ ପିତାଂକୁ ପାଇବାକୁ ହେଲେ ପ୍ରେମିକାଂକୁ ହରାଇବାକୁ ପଡ଼ିବ । ଲାକାଁଙ୍କ ମତରେ ଏହି ଦ୍ୱଂଦ୍ୱ ଭିତରେ ଅଧିକ ସମୟ ରହିବା ଅର୍ଥ 'ଅବ୍‌ସେସନାଲ ନ୍ୟୁରୋସିସ୍' ଭୋଗିବା ।

Digitized by PPRACHIN, SOA

ନାରୀତ୍ୱବାଦୀ ଯୌନତା:

ଲାକାଁ ଜଣେ ଖାଣ୍ଟି ଉତ୍ତର ଆଧୁନିକତାବାଦୀ ଥିଲେ । ତାଙ୍କ ମନ ଦର୍ଶନ ଫ୍ରଏଡ୍‌ଂକ ଭଳି ପୁରୁଷତାନ୍ତ୍ରିକ ନଥିଲା । ଲାକାଁଙ୍କ ମନ ଦର୍ଶନ ଥିଲା ନାରୀତ୍ୱବାଦୀ । ଫ୍ରଏଡ୍ ପୁରୁଷକୁ ଧର୍ଷକାମୀ ଓ ନାରୀକୁ ମର୍ଷକାମୀ ବୋଲି କହିଛନ୍ତି । ଲାକାଁ ପୁରୁଷ କେଂଦ୍ର ଓ ନାରୀ ପ୍ରାଂତ ଧାରଣା କୁ ବାତିଲ କରନ୍ତି । ପୁରୁଷ ଫାଲିକ୍ (ଲିଂଗଯୁକ୍ତ), ନାରୀ ନନ୍‌ଫାଲିକ (ଲିଂଗହୀନ) ଧାରଣାର ଲାକାଁ ବିରୋଧୀ । ଲିଂଗଯୁକ୍ତ ଓ ଲିଂଗହୀନ ଧାରଣା ପୁରୁଷତାନ୍ତ୍ରିକ ଧାରଣା । ନାରୀର ନନ୍‌ଫାଲିକ୍ ଜୟସେନ୍‌ସକୁ ଲାକାଁ ପରମାନନ୍ଦ ବା ପ୍ରଶାଂତି ବୋଲି କହିଥାଂତି; ଯାହା 'ଅରଗାଜମ୍'(orgasm) ଦେଇ ସଂଭବ ହୁଏ । ଏପରିକି ଲାକାଁ ନାରୀର ଯୌନାନଂଦକୁ ଚିଦାନଂଦ ବା ଆଧ୍ୟାତ୍ମିକ ଆନନ୍ଦ କହିବାକୁ ପଛାଇ ନାହାଁନ୍ତି-ଯାହା ପୁରୁଷର କ୍ଷଣିକ ଆନଂଦ ଦେଇ ସଂଭବ ହୁଏନା । ଲାକାଁ ନାରୀ ଦ୍ୱାରା ପ୍ରାପ୍ତ ଯୌନସୁଖକୁ Ecstasy ପର୍ଯ୍ୟାୟ ଭୁକ୍ତ କରିଛନ୍ତି । ସେ ନାରୀକୁ ମିଷ୍ଟିକ୍ ଆଖ୍ୟା ଦେଇଛନ୍ତି । ଲାକାଁଙ୍କ ମତରେ ନାରୀ ଏକାଧାରାରେ ଆନଂଦମୟୀ ଓ ରହସ୍ୟମୟୀ । ନାରୀର ପରମାନଂଦ ବା Jouissance କୁ ଲାକାଁ 'ମିଷ୍ଟିକ୍'ର Jouissance ସହ ତୁଳନା କରିଛନ୍ତି । ଲାକାଁଙ୍କ ମତରେ ନାରୀର ପରମାନନ୍ଦ ବା Jouissance ଏକାଧାରାରେ ପୁଂଲିଂଗୀୟ ଓ ସ୍ତ୍ରୀଲିଙ୍ଗିୟ ପ୍ରବଣତାର ଫଳଶ୍ରୁତି; ଅଧିକ ଗୁରୁତ୍ୱର ସହ ବ୍ୟକ୍ତକଲେ ଏହି ଉଭୟ ଲିଂଗୀୟ ଓ ଅଲିଂଗୀୟ ଆନନ୍ଦର ପରିଣତି । ସଂଭବତଃ ସେଥିପାଇଁ ନାରୀ ଯୌନକ୍ରୀଡ଼ା ବ୍ୟତିରକେ ସ୍ପର୍ଶ, ସ୍ନେହ, ପ୍ରେମ ଓ ପ୍ରେମରେ ନିଷ୍ଠା, ଅସୀମ ତ୍ୟାଗ ଓ ବିଶ୍ୱସ୍ତତାକୁ ଗୁରୁତ୍ୱ ଦେଇଥାଏ । ପୁରୁଷ ନାରୀର ଏ ସମସ୍ତ ଆକାଂକ୍ଷାକୁ ଚିହ୍ନି ନପାରି ନାରୀକୁ ଛଳନାମୟୀ, ରହସ୍ୟମୟୀ ଆଖ୍ୟା ଦେଇଥାଏ; ଅଧିକଂତୁ ନାରୀ କୌଣସି ସ୍ଥିତିରେ ସଂତୁଷ୍ଟ ନୁହଁ ବୋଲି ଅଭିଯୋଗ ଆଣିଥାଏ । ଲାକାଁଙ୍କ ମତରେ ନାରୀ ଗଭୀର ଏବଂ ତାର ଗଭୀରତା ଅଂତହୀନ (Women see deep because they have no bottom) । ପୁରୁଷର ଅଭିଯୋଗ, 'ନାରୀ ଚାହେଁ ପୁରୁଷ ତା' ପ୍ରତି ଅଧିକ ବିଶ୍ୱସ୍ତ ରହୁ; ଏବଂ ଏହି କାରଣରୁ ସେ ପୁରୁଷକୁ ସନ୍ଦେହ କରିଥାଏ; ନାରୀର ଅଭିଯୋଗ ପୁରୁଷ ନାରୀକୁ ଏକ ଉପଭୋଗର ସାମଗ୍ରୀ ମନେକରି ବେଶ୍ୟାସମ ନାରୀକୁ ଦୈହିକ ଭାବରେ ଉପଭୋଗ କରିବାକୁ ଚାହେଁ । ମାତ୍ର ଗଭୀର ଭଲପାଇବା ପୁରୁଷ କ'ଣ ଜାଣେନା ।

ମନ ବିଶ୍ଲେଷଣ ପଦ୍ଧତି ସଂପର୍କରେ ଲାକାଁ:

ମନ ବିଶ୍ଲେଷଣ ପଦ୍ଧତି ସଂପର୍କରେ ମତ ଦେବାକୁ ଯାଇ ଲାକାଁ କହନ୍ତି, 'ଏହା

Digitized by PPRACHIN, SOA

ପ୍ରକୃତି ବିଜ୍ଞାନ ଭଳି ସିଧାସଳଖ ଅଧ୍ୟୟନ କରାଯାଇପାରେନା । ଏହା ନିଜକୁ ଜାଣିବାର ଏକ ବିଜ୍ଞାନ, ଏହା ଆତ୍ମ ଅଧ୍ୟୟନର ବିଜ୍ଞାନ । ମନ ବିଜ୍ଞାନର ସବୁଠାରୁ ବଡ଼କଥା ହେଲା, ଆରୋଗ୍ୟର ଅର୍ଥ ପରିଚୟ ସୃଷ୍ଟି । ପରିସ୍ଥିତି ସହ ଖାପ ଖୁଆଇ ନେବାର ମାନସିକ ସ୍ଥିତିର ସୃଷ୍ଟି । ଲାକାଁଙ୍କ ମତରେ ନିଜର ଆକାଂକ୍ଷା (desire)କୁ ଚିହ୍ନିପାରିଲେ ଏବଂ ସେଇ ଆକାଂକ୍ଷା ନିୟନ୍ତ୍ରଣରେ ରଖିପାରିଲେ ବା ପୂରଣ କରିପାରିଲେ ରୋଗୀ ଆପେ ଆପେ ଭଲ ହୋଇଯିବ । ଚିକିତ୍ସକର କାମ ହେଲା ରୋଗୀର ଆକାଂକ୍ଷା (desire)କୁ ଠାବ କରିବା ଓ ରୋଗୀକୁ ତାହା ଜଣାଇଦେବା । ଆକାଂକ୍ଷାର ପୂର୍ତ୍ତି ହିଁ ଆନନ୍ଦ ଏହା ଲାକାଁଙ୍କ ଦର୍ଶନର ସବୁଠାରୁ ବଡ଼ ଦିଗ ।

ଫ୍ରୟେଡ୍ ଓ ଲାକାଁ:

ଫ୍ରୟେଡ୍‌ଂ ମନ ଦର୍ଶନ ମଣିଷର ମନକୁ ତା'ର ଶରୀର ସହ ଯୋଡ଼ି ମନ-ଶୀରର (Psycho-soma)ର ମୌଳିକ ଗୁଣାବଳୀକୁ ବ୍ୟାଖ୍ୟା କରିଥାଏ । ଲାକାଁ ମନ-ଶରୀର ସହ ଭାଷା ସମାଜ, ସଂସ୍କୃତି ମୋଟା ମୋଟି ଭାବରେ ବିଶାଳ ବର୍ଣ୍ଣନାତ୍ମକ ଜଗତ (Discoursive World) କୁ ଜୋଡ଼ିଲେ; ସେ ଇଦ୍ (id) ପରିବର୍ତ୍ତେ ଆକାଂକ୍ଷା (desire)କୁ ଗୁରୁତ୍ୱ ଦେଲେ; ଏବଂ ଇଗୋ(igo)ପରିବର୍ତ୍ତେ ଦର୍ପଣର 'ମୁଁ' କୁ ଆବିଷ୍କାର କଲେ; ଯାହାକୁ ସେ Mirror Phase of the child ବୋଲି କହିଲେ । ଲାକାଁ ସ୍ୱପ୍ନ ବ୍ୟାଖ୍ୟା ଅବସରରେ ସମଗ୍ର ଅବଚେତନକୁ ଭାଷା ବା ପ୍ରତୀକର ଖେଳ ବୋଲି ମନେ କଲେ । ଏହା ତାଙ୍କର Language is as old as consciousness ବା Mind is structured like language ବକ୍ତବ୍ୟରେ ପରିସ୍ଫୁଟ ।

ଉପସଂହାର:

ଲାକାଁ ଓ ଫ୍ରୟେଡଂକ ମନ ଦର୍ଶନର ଦୁଇଟି ବିଶିଷ୍ଟ ଦିଗ ହେଉଛି ଫ୍ରୟେଡ୍ ଯେତିକି ସରଳ ଲାକାଁ ସେତିକି ଜଟିଳ । ଲାକାଁଙ୍କ ମନ ଦର୍ଶନର ବୈଶିଷ୍ଟ୍ୟ ହିଁ ଜଟିଳତା ଏବଂ ଜଟିଳତା ହିଁ ତାଂକ ମନ ଦର୍ଶନର ଶ୍ରେଷ୍ଠତା । ଲାକାଁଙ୍କ ମନ ଦର୍ଶନର ଶ୍ରେଷ୍ଠତା ହେଲା ଏହା ମନରୋଗୀକୁ ଭୟ କରାଏନା । ଏହା ରୋଗୀକୁ ରୋଗର କାରଣ ସଂପର୍କରେ ସୂଚାଇଦିଏ ।

ଲାକାଁ ଯଥେଷ୍ଟ ବିନୟ ସହ ମାନସିକ ରୋଗ ସଂପୂର୍ଣ୍ଣ ନିରାକରଣ ଅସଂଭବ ବୋଲି କହିଥାନ୍ତି ।

□□

Digitized by PPRACHIN, SOA

ଉତ୍ତର ଉପନିବେଶବାଦ

ମାର୍କସବାଦ ଓ ଉତ୍ତର ଆଧୁନିକତାବାଦର ସୀମାନ୍ତବର୍ତ୍ତୀ ଏକ ଦର୍ଶନ ଉତ୍ତର ଉପନିବେଶବାଦ । ଇଂରାଜୀରେ ଏହାକୁ ପୋଷ୍ଟ କଲୋନୀଆଲିଜିମ୍ (post colonialism) ବୋଲି ନାମିତ କରାଯାଇଥାଏ । ସଂସ୍କୃତି-ଭାଷା, ସାହିତ୍ୟ ସମାଲୋଚନା ଠାରୁ ରାଜନୀତି ଅର୍ଥନୀତି ସର୍ବୋପରି ସମାଜକୁ ବ୍ୟାଖ୍ୟାଃ କରିବା କ୍ଷେତ୍ରରେ ଏହା ଏକ ନୂତନ ଆନୁଷ୍ଠାନିକ ବା ବିଦ୍ୟାଳୟତନୀୟ ପଦ୍ଧତି (Academic Method) । ତୃତୀୟ ବିଶ୍ୱ ଏହାର ଆଧାର । ଇଉରୋପ ଆମେରିକା ଏହାର ପ୍ରତିପକ୍ଷ ।

ଉପନିବେଶ ପରେ ନବ ଉପନିବେଶର ପ୍ରତିଷ୍ଠା, ପ୍ରବେଶ ଓ ବିସ୍ତାର ବିଂଶ ଶତାବ୍ଦୀର ଏକ ବିଶିଷ୍ଟ ଘଟଣା । ସଂପ୍ରତି ଏକବିଂଶ ଶତାବ୍ଦୀର ଜଗତିକରଣ ଏହାକୁ ଅଧିକତର ବ୍ୟାପକ କରିଛି ।

ମୁଁ କହିଲେ ମୋ ମୁଁ ଟି ମୋ ଭାଷା ଜାତି ସହିତ ଯେତେଟା ସଂଶ୍ଳିଷ୍ଟ ବା ସଂପୃକ୍ତ ନୁହଁ ତା ଠାରୁ ଅଧିକତର ଭାବରେ ସଂପୃକ୍ତ (other) ବା ଅନ୍ୟ ସହିତ । ଏ ଅନ୍ୟଟି ହେଲା ପ୍ରଥମ ବିଶ୍ୱ । ଫଳତ ମୋର ମୁଁ ସ୍ୱତନ୍ତ୍ର- indigenious (ଆତ୍ମନିର୍ଭରଶୀଳ) ନୁହଁ । ତୃତୀୟ ବିଶ୍ୱର ମୁଁ ମାନେ (ମୁଁ କହିଲେ ଏଠାରେ ରୁଲିଂ କ୍ଲାସ ଅଡ଼ିଓଲୋଜିକୁ ବୁଝାଉଛି ।) ପ୍ରଥମ ବିଶ୍ୱରୁ ଆସୁଥିବା ବାର୍ତ୍ତା ବା ଆଦର୍ଶର ପ୍ରଚାରକ । ରଂଗ ଢଙ୍ଗରେ ୟୁରୋ(Euro) ବା ୟାଂକି । ସାମ୍ରାଜ୍ୟବାଦ ଭର୍ସେସ୍ ନବ ସ୍ୱାଧୀନତା ଦେଶ ମଧ୍ୟରେ ଆଜି ସମସ୍ତ ପ୍ରକାର ଦ୍ୱନ୍ଦ୍ୱକୁ ମାରିଜିନାଲାଇଜ୍ କରି ଦିଆଯାଇଛି । ଏଠାକାର ରୁଲିଂ କ୍ଲାସ କଂପ୍ରାଡ଼ର ବା ଏଜେଣ୍ଟ । ଫ୍ରନ୍ସ ଫାନନ୍ ଭାଷାରେ Black skin white masks, ଯାହା ଭାରତବର୍ଷରେ ଏକଦା ମାକ୍‌ଲେସାହେବଙ୍କ ସ୍ୱପ୍ନଥିଲା- ଇଂରେଜୀ ଶିକ୍ଷାର ପ୍ରସାର ସମୟରେ । ଇଉରୋସେଣ୍ଟ୍ରିଜିମ୍ ବା ଉପନିବେଶବାଦୀ ମାନସିକତା ଆଜିର ପ୍ରଜନ୍ମର ଅସ୍ଥି ମଜ୍ଜାଗତ । ଆଜିର ଶିକ୍ଷିତ୍ ଓଡ଼ିଆ ଇରୋଡ଼ିଅ, ଆଜିର ଶିକ୍ଷିତ ଭାରତୀୟ

Digitized by PPRACHIN, SOA

ଇଉରୋଂଡ଼ିଆନ୍ । ଏମାନଙ୍କର ଗଣ୍ଡି ମୁଣ୍ଡିକୁ ଅଲଗା କରିଦେଲେ ଏମାନଙ୍କର ଗଣ୍ଡି ଗୋଟେପଟେ ତ ମୁଣ୍ଡ ଆଉ ଏକ ପଟେ । ଏମାନେ ପୁଣି ଶାସକ ବା ଶାସକ-ଶ୍ରେଣୀ ସହ ସାମିଲ୍ । ତୃତୀୟ ବିଶ୍ୱର କାଭାଁ ପ୍ରତିବାଦୀ ରାଷ୍ଟ୍ର (କ୍ୟୁବା ଇତ୍ୟାଦି) ଭେନେଜୁଏଲା ଛାଡ଼ିଦେଲେ ଅନ୍ୟ ସମସ୍ତ ରାଷ୍ଟ୍ରର ଶାସକ ଶ୍ରେଣୀରେ ସଂସ୍କୃତି ହେଲା ଉପନିବେଶବାଦୀ ସଂସ୍କୃତି । ମାନସିକତା, ଚେତନା ସବୁକିଛି ଉପନିବେଶବାଦୀ । ଶାସିତମାନେ ତତ୍‌ଦ୍ୱାରା ପ୍ରଭାବିତ ହେବାକୁ ବାଧ୍ୟ । ଉତ୍ତର ଉପନିବେଶବାଦୀ ସମାଲୋଚକମାନଙ୍କ ମତରେ ଭାରତବର୍ଷରେ ହିନ୍ଦୁତ୍ୱରବାନା ଯେଉଁମାନେ ଉଡ଼ାଉଛନ୍ତି ବା ଓଡ଼ିଶାରେ ଓଡ଼ିଆ ଓଡ଼ିଆ ବୋଲି ଯେଉଁମାନେ ଚିତ୍କାର କରୁଛନ୍ତି ଏମାନେ କେହି ସାମ୍ରାଜ୍ୟବାଦ ବା ନବ ଉପନିବେଶବାଦର ବିରୋଧୀ ନୁହନ୍ତି । ବରଂ ପାଶ୍ଚାତ୍ୟ ଶାସନ ଓ ସଂସ୍କୃତି ହେଲା ଏମାନଙ୍କର ଆଦର୍ଶ । ହିନ୍ଦୁତ୍ୱ ରୂପୀ ଜାତୀୟତାକୁ ଉତ୍ତର ଉପନିବେଶବାଦୀ ସମାଲୋଚକମାନେ ପାସିଭ୍ ନେସ୍‌ନାଲିଜିମ୍ ବୋଲି ଆଖ୍ୟା ଦେଇଥାନ୍ତି । ବିଦେଶରେ ଥିବା ଭାରତୀୟମାନେ-ଯେଉଁମାନେ ଏହାକୁ ପୃଷ୍ଠପୋଷକତା କରୁଛନ୍ତି ସେମାନେ ସମସ୍ତେ ତାଙ୍କ ଦୃଷ୍ଟିରେ (ଇଉରୋପ ଓ ଆମେରିକୀୟଙ୍କ ଦୃଷ୍ଟିରେ) ନେଟିଭ୍ । ଏମାନେ ନିଜ ଦେଶରୁ ବାସଚ୍ୟୁତ ଅଥଚ ସେ ଦେଶରେ ପ୍ରୋଥିତ ନୁହନ୍ତି । ବସ୍ତୁତଃ ଛିନ୍ନମୂଳ ବା ପରିଚୟହୀନ । ପରିଚୟହୀନ 'ନନ୍‌ରେସିଡେଣ୍ଟିଆଲ୍ ଇଣ୍ଡିଆନ୍‌ଟି' ପରିଚୟ ଖୋଜିଲାବେଳେ ଲଢ଼ିବାର ସାମର୍ଥ୍ୟ ନାହିଁ । ନାହିଁ କାରଣ ସେ ଉପନିବେଶବାଦୀ ମାନସିକତାର ଶିକାର-ପ୍ରଭୁଭକ୍ତ ପ୍ରଜା, ସାମ୍ରାଜ୍ୟବାଦର ।

ଉତ୍ତର ଉପନିବେଶବାଦୀ ଭାବନାର ପୃଷ୍ଠଭୂମି:

ବିଂଶ ଶତାବ୍ଦୀର ୭୦ଦଶକରେ ପଶ୍ଚିମ ଓ ଅପଶ୍ଚିମ ବା ଉତ୍ତର ଉପନିବେଶବାଦୀ ଭାବନାର ଜନ୍ମ । ଏହି ଭାବନା ଓରିଏଣ୍ଟ, ଓସିଡେଣ୍ଟ, କଳାଧଳା, ପ୍ରଥମ ବିଶ୍ୱ, ତୃତୀୟ ବିଶ୍ୱ ମଧ୍ୟରେ ଥିବା ବୈଷମ୍ୟ ବା ବିରୋଧକୁ ପ୍ରକଟ କରାଇଥାଏ । ଏହି ଭାବନା ବା ତତ୍ତ୍ୱ ଅନୁଯାୟି ଉପନିବେଶବାଦୀ ପ୍ରଭୁ ରାଷ୍ଟ୍ରମାନଙ୍କ ଧାରଣାରେ ତୃତୀୟ ବିଶ୍ୱର ଖାତକ ରାଷ୍ଟ୍ର-ନିର୍ଭରଶୀଳ ପ୍ରଜାଶକ୍ତି ପ୍ରଥମ ବିଶ୍ୱର ରାଷ୍ଟ୍ର ଓ ନାଗରିକମାନଙ୍କ ତୁଳନାରେ ନୀଚ, ଅସଭ୍ୟ ହୀନ, ପିଲାଳିଆ ଓ ନାରୀସୁଲଭ । ଏମାନେ ନିଜର ମଙ୍ଗଳ କରି ଜାଣନ୍ତି ନାହିଁ । ସେଥିପାଇଁ ସେମାନେ ପଶ୍ଚିମ ରାଷ୍ଟ୍ରମାନଙ୍କ ଦ୍ୱାରା ଶାସିତ ଓ ନିୟନ୍ତ୍ରିତ ହେବା ଦରକାର । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉପନିବେଶବାଦୀମାନେ ସିଧାସଳଖ ଶାସନର ଅବସାନ ପରେ ତୃତୀୟ ବିଶ୍ୱର ଜନଗଣଙ୍କୁ ବୁଲେଇ ବଙ୍କେଇ ଶାସନ କରିବାକୁ

Digitized by PPRACHIN, SOA

ଚାହିଁଲେ । ଯାହାର ପରିଣତି ହେଲା ଆଜିର ନବ ଉପନିବେଶବାଦ । ଉତ୍ତର ଉପନିବେଶବାଦ ନବ ଉପନିବେଶବାଦକୁ ବ୍ୟାଖ୍ୟା କରୁଥିବା ଏକ ତତ୍ତ୍ୱ । ଏହି ତତ୍ତ୍ୱ କିଛିଟା ଓରିଏଣ୍ଟାଲିଜମ୍ ଓ ସବ୍-ଅଲଟର୍ଣ୍ଣ ତତ୍ତ୍ୱ ସହ ସମନ୍ଧାନ୍ୱୀତ । ଉତ୍ତର ଉପନିବେଶବାଦୀ ଭାବନା ଓ ତତ୍ତ୍ୱର ବ୍ୟାଖ୍ୟା ଅନୁଯାୟୀ କ୍ୟୁବା ଭଳି ଅଳ୍ପ କେତୋଟି ରାଷ୍ଟ୍ରକୁ ଛାଡ଼ିଦେଲେ ପ୍ରଥମ ବିଶ୍ୱର ଅଧିକର୍ତ୍ତାମାନେ ତୃତୀୟ ବିଶ୍ୱର ଅଧିକାଂଶ ରାଷ୍ଟ୍ରକୁ ନାମମାତ୍ର ସ୍ୱାଧୀନତା ଦେବାସହ ସମସ୍ତ ଦେଶମାନଙ୍କୁ ସ୍ୱ-ନିୟନ୍ତ୍ରଣରେ ରଖିଅଛନ୍ତି । ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କ ଠାରୁ ତୃତୀୟ ବିଶ୍ୱର ଯେଉଁ ରାଷ୍ଟ୍ର ସ୍ୱତନ୍ତ୍ର ବା ସ୍ୱାଧୀନ ହେବାକୁ ଚାହିଁଲା ସେ ତା'ର ରୋଷର ଶିକାର ହେଲା । ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି-କ୍ୟୁବା, ଇରାକ, ଇରାନ, ଭେନେଜୁଏଲା, ଆଫଗାନିସ୍ଥାନ ଓ ସିରିଆ । ଏମାନଙ୍କୁ ରୋଗ୍ ଷ୍ଟେଟ (ବଦମାସ ରାଷ୍ଟ୍ର) ଭାବରେ ନାମିତ କରାଯିବ । ଏମାନଙ୍କ ବିରୁଦ୍ଧରେ ଅର୍ଥନୈତିକ ବାଛନ୍ଦ ଓ ଯୁଦ୍ଧ ଲଦି ଦିଆଯିବ । ଲିବିୟା ଠାରୁ ଆରମ୍ଭ କରି ପାଲେଷ୍ଟାଇନ/ ନିକାରା ଗୁଆ ତଥା ଉପରବର୍ଣ୍ଣିତ ରାଷ୍ଟ୍ରମାନେ ଯେଉଁମାନେ ପାଶ୍ଚାତ୍ୟ ଆଧିପତ୍ୟକୁ ରାଜନୀତିଗତ ଭାବରେ ବିରୋଧ କରିଛନ୍ତି ସେମାନଙ୍କୁ ଅସହ୍ୟ କଷ୍ଟ ଭୋଗିବାକୁ ପଡ଼ିଛି । ଏହି ସମସ୍ତ ଦେଶମାନଙ୍କ ଉପରେ ଏପରିକି ଅନ୍ୟାନ୍ୟ ଅନେକ ଛୋଟବଡ଼ ଦେଶ ବିରୁଦ୍ଧରେ ଲଦା ଯାଇଥିବା ବାଛନ୍ଦ ଓ ଯୁଦ୍ଧ ବିଗ୍ରହ ଫଳରେ ଆଜି ୨ କୋଟି ଲୋକ ପୃଥିବୀରେ ବେଘର । ଲକ୍ଷ ଲକ୍ଷ ଶିଶୁବୃଦ୍ଧ ମୃତ୍ୟୁବରଣ କରିଛନ୍ତି । ଉତ୍ତର ଉପନିବେଶବାଦୀ ବୁଦ୍ଧିଜିବୀମାନଙ୍କ ମତରେ ସାମ୍ରାଜ୍ୟବାଦୀମାନଙ୍କର ନବ ଉପନିବେଶବାଦୀ ଶାସନ ଓ ଶୋଷଣର ତରିକା ହେଲା ସେମାନେ ନବ ଉପନିବେଶବାଦୀ ଦେଶମାନଙ୍କୁ ସୂକ୍ଷ୍ମ ଭାବରେ ନିଜ ନିୟନ୍ତ୍ରଣରେ ରଖିବେ । ପରମ୍ପରା ପନ୍ଥୀ ମାର୍କ୍ସବାଦୀମାନେ (Traditional Marxist) ନବ ଉପନିବେଶବାଦ ତ ସାମ୍ରାଜ୍ୟବାଦ ମାନଙ୍କର ଅର୍ଥନୈତିକ ଶୋଷଣ ଓ ରାଜନୈତିକ ଆଧିପତ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି । ଉତ୍ତର ଉପନିବେଶବାଦୀମାନଙ୍କ ମତରେ ନବ ଉପନିବଶେବାଦୀ ଶୋଷଣର ମୁଖ୍ୟ ଅସ୍ତ୍ର ହେଲା ସେଇ ସମସ୍ତ ଦେଶର ମଣିଷମାନଙ୍କର ସାଂସ୍କୃତିକ / ଚେତନାଗତ ସ୍ଥଳରେ ପଙ୍ଗୁତା । ସେମାନେ ନିର୍ଭରଶୀଳ ବୋଲି ତାଙ୍କ ମନରେ ଧାରଣା ସୃଷ୍ଟି କରିବା – ନେଟିଭ ରୁଲରମାନଙ୍କୁ ଏଜେଣ୍ଟ ବନାଇବା ସାମ୍ରାଜ୍ୟବାଦୀମାନଙ୍କର କୌଶଳ । ଉତ୍ତର ଉପନିବେଶବାଦୀମାନଙ୍କର ମତରେ ତୃତୀୟ ବିଶ୍ୱ ବା ତିନି ମହାଦେଶୀୟ ଐକ୍ୟ ମାଧମରେ ସାମାଜ୍ୟବାଦୀମାନଙ୍କର ଏହି ନବ ଉପନିବେଶବାଦୀ ଶୋଷଣକୁ ପ୍ରତିହତ କରାଯିବା ଦରକାର । ଏଥିପାଇଁ ପାରମ୍ପରିକ ମାର୍କସବାଦୀ ବ୍ୟାଖ୍ୟା ଯଥେଷ୍ଟ ନୁହେଁ । ଉତ୍ତର ଉପନିବେଶବାଦୀ ଧାରଣାର ଐତିହାସିକ

Digitized by PPRACHIN, SOA

ବିକାଶ କ୍ରମରେ ବିଶ୍ୱ ବିଭାଜନର ନୂତନ ବ୍ୟାଖ୍ୟା ସଂଯୋଜିତ ହୋଇଛି । ଯେଉଁ ବ୍ୟାଖ୍ୟାର ବିଶିଷ୍ଟ ଚିନ୍ତାନାୟକମାନେ ହେଲେ ଚେ ଗୁଏଭରା, ଫ୍ରାନ୍‌ଜ ଫାନନ୍, ମାଓ ଜେଦୁଂଗ, ଜାଁ ପଲ ସାର୍ତ୍ରେ, ହୋ-ଚି-ମିନ୍, ଏଡୁଆର୍ଡ ସଇଦ୍ ଇତ୍ୟାଦି । ବିଶ୍ୱ ରାଜନୈତିକ ମଞ୍ଚରେ ଏମାନଙ୍କ ଚିନ୍ତାର ପ୍ରଭାବ ସୃଷ୍ଟିହୁଏ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ତୃତୀୟ ବିଶ୍ୱ ରାଜନୈତିକ ମଂଚ ବାନ୍ଦୁଂ ସମ୍ମେଳନ ମାଧ୍ୟମରେ, ଯାହାର ଅୟମାରମ୍ଭ ଘଟେ ୧୯୫୫ ମସିହାରେ । ସମାଜବାଦୀ ସୋଭିଏତ୍ ଋଷ୍ ସମର୍ଥନରେ ସଂଗଠିତ ଏହି ସମ୍ମେଳନ ଆଫ୍ରୋଏସୀୟ ଦେଶମାନଙ୍କର ଐକ୍ୟର ସୂଚନା, ଭାରତ ଯାହାର ଏକ ମୁଖ୍ୟ ଅଂଶୀଦାର ଥିଲା । ସମାଲୋଚକମାନଙ୍କ ମତରେ ବାନ୍ଦୁଂ ସମ୍ମେଳନୀ ଉତ୍ତର ଉପନିବେଶବାଦକୁ ଏକ ଆତ୍ମ ସଚେତନ ରାଜନୈତିକ ଦର୍ଶନର ରୂପ ଦିଏ । ଏହା ତୃତୀୟ ବିଶ୍ୱର ତୀକ୍ଷ୍ଣ ଅଂଗୀକାରବଦ୍ଧ ଦୃଷ୍ଟିଭଙ୍ଗୀର ପରିଚାୟକ । 'ବାନ୍ଦୁଂ ସମ୍ମେଳନ ପରେ ୧୯୬୬ରେ ହାଭାନା ଠାରେ ଅନୁଷ୍ଠିତ ତିନି ମହାଦେଶୀୟ ସମ୍ମେଳନ ଏହି ଭାବନାକୁ ଅଧିକ ବଳଶାଳୀ କଲା । ତିନି ମହାଦେଶୀୟ ତତ୍ତ୍ୱ, ତୃତୀୟ ବିଶ୍ୱ ଭାବନା ସେଇଦିନ ଠାରୁ ଆଜି ପର୍ଯ୍ୟନ୍ତ ବିକଳ୍ପ ସଂସ୍କୃତି, ବିକଳ୍ପ ବିଶ୍ୱ ବ୍ୟବସ୍ଥା କଥା କହି ଆସିଛି । ଏ ସମସ୍ତ ନିର୍ଯ୍ୟାସ ହେଲା ଉତ୍ତର-ଉପନିବେଶବାଦ । ଏହାର ବ୍ୟାଖ୍ୟାକାର ମାନେ ହେଲେ ଉପରବର୍ଣ୍ଣିତ ବୁଦ୍ଧିଜିବୀ ବୃନ୍ଦ ।

ଫ୍ରାନ୍‌ଜ ଫାନନ୍‌ଙ୍କ ମତରେ ନବ ଉପନିବେଶବାଦୀ ପ୍ରଜାମାନେ ସେମାନଙ୍କର (ପ୍ରଭୁରାଷ୍ଟ୍ର) ଦୃଷ୍ଟିକୋଣରୁ ଏକ ବ୍ୟବହାରଯୋଗ୍ୟ ଦ୍ରବ୍ୟ sealed into that crushing object hood) । ଫ୍ରାନ୍‌ଜ "ଫାନନଙ୍କ (Black skin white masks ଓ wretched of the Earth ପୁସ୍ତକ ପୋଷ୍ଟ 'କଲୋନିଆଲ କଣ୍ଡିସନ୍'କୁ ବୁଝିବା କ୍ଷେତ୍ରରେ ଦୁଇଟି ଯୁଗାନ୍ତକାରୀ ପୁସ୍ତକ । ଏହି ପୁସ୍ତକରେ ସେ ଆତ୍ମସମ୍ମାନର ପ୍ରତିଷ୍ଠା ପାଇଁ 'କଲୋନାଇଜଡ୍'ମାନେ 'ଆଠଟି କଲୋନିଆଲ୍ ଭାଓଲେନସ୍' (ହିଂସା)ର ଆଶ୍ରୟ ନେବାକୁ ଆହ୍ୱାନ ଜଣାଇଛନ୍ତି । ଗାନ୍ଧୀଙ୍କ ପରି ଅହିଂସା ପ୍ରତିରୋଧ ଅପେକ୍ଷା ଚେ ଗୁଏଭାର ପରି ହିଂସ୍ର ପ୍ରତିରୋଧ ଉପରେ ସେମାନେ ଗୁରୁତ୍ୱ ଦେଇଛନ୍ତି । ଚେ ଗୁଏଭରା ପ୍ରଥମ ବିଶ୍ୱକୁ ତୃତୀୟ ବିଶ୍ୱର ଶସ୍ତାଶ୍ରମ କଞ୍ଚାମାଲ ଲୁଟେରା ଓ ଯୁଦ୍ଧାସ୍ତ୍ର ବିକ୍ରୟକାରୀ ବୋଲି ଆଖ୍ୟା ଦେଇଛନ୍ତି । ଏହା ବିପକ୍ଷରେ ସେ ତ୍ରିମହାଦେଶୀୟ ଐକ୍ୟ କଥା କହିଛନ୍ତି । ଯେଉଁ ଐକ୍ୟ ପଛରେ ସମାଜବାଦୀ ଦେଶମାନଙ୍କର ସମର୍ଥନ ରହିବ ବୋଲି ଆଶା ପୋଷଣ କରିଛନ୍ତି । ଫରାସୀ ଅସ୍ତିତ୍ୱବାଦୀ ଲେଖକ ସାର୍ତ୍ରେ ତୃତୀୟ ବିଶ୍ୱ ସମର୍ଥକ ଭାବରେ ଫରାସୀ ସରକାରଙ୍କର ଆଲେଜେରିଅସ ମାନଙ୍କୁ ଶାସନ ଓ ଶୋଷଣର ବିରୋଧ କରିଛନ୍ତି ।

Digitized by PPRACHIN, SOA

ଉତ୍ତର ଉପନିବେଶବାଦୀ ତତ୍ତ୍ୱର ବୈଶିଷ୍ଟ୍ୟ ହେଲା ଏହା ନବଜାଗରଣ ଭାବଧାରାଠାରୁ ନାରୀବାଦ, ମାର୍କସବାଦ ଓ ପାଶ୍ଚାତ୍ୟ ଜଗତରେ ବିକଶିତ ମୁକ୍ତି ଭାବନାକୁ ତୃତୀୟ ବିଶ୍ୱ ବା କଲୋନାଇଜ୍ଡ଼ କଂଟେକ୍ସରୁ ବୁଝିବାକୁ ଚେଷ୍ଟା କରେ । ଏହା ପାଶ୍ଚାତ୍ୟ ନାରୀ ପାଶ୍ଚାତ୍ୟ ନାରୀମୁକ୍ତି ବାଦ ପ୍ରାଚ୍ୟ ଦେଶପାଇଁ ସମପରିମାଣରେ ପ୍ରମୁଖ ନୁହେଁ ବୋଲି ମନେ କରେ । ଏ ପରିପ୍ରେକ୍ଷୀରେ - ଇରାନ୍‌ରେ ଶାହାଙ୍କର ବୁର୍ଖାକୁ ବିରୋଧ ଓ ଖୋମିନୀଙ୍କର ବୁର୍ଖା ସପକ୍ଷବାଦୀ ମଧ୍ୟରେ ନାରୀମାନେ କିଭଳି ପେଷି ହୋଇ ଯାଇଛନ୍ତି ତା'ର ଉଦାହରଣ ଦିଆଯାଇ ଉଭୟ ମତବାଦର ସୀମାବଦ୍ଧତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ଉତ୍ତର ଉପନିବେଶବାଦୀମାନଙ୍କର ମତରେ ନିକଟରେ ଆମେରିକାର ଆରବ ବିଦ୍ୟା ଆଲ୍‌ଜେବେରାକୁ ବ୍ୟାନ୍ ପଛରେ ଆଲ୍‌କାୟେଦା ପ୍ରତି ଘୃଣା କାର୍ଯ୍ୟ କରିଛି ବୋଲି କହନ୍ତି ।

ଉତ୍ତର ଉପନିବେଶବାଦୀ ବୁଦ୍ଧିଜୀବୀମାନେ ସାଂପ୍ରତିକ ବିଶ୍ୱରେ ଚାଲିଥିବା ଛୋଟବଡ଼ ଆନ୍ଦୋଳନମାନଙ୍କରେ ନାରୀର ଭାଗିଦାରୀକୁ କଦର କରନ୍ତି । ଭାରତବର୍ଷରେ ଚିପ୍‌କୋ ଆନ୍ଦୋଳନ ପ୍ରମୁଖ ଭାଗରେ ନାରୀଥିବା କଥା ଏହା ଉଲ୍ଲେଖ କରେ । ଏହି ଆନ୍ଦୋଳନର ଆରମ୍ଭ ମୀରା ବେନ୍ କରିଥିଲେ । ଏହାକୁ ତରାଇ ଅଂଚଳର ପୁରୁଷମାନଙ୍କ ଅପେକ୍ଷା ନାରୀମାନେ ଅଧିକ ସମର୍ଥନ କରିଥିବା କଥା ଉଲ୍ଲେଖ କରାଯାଏ । ଉତ୍ତର ଉପନିବେଶବାଦୀମାନଙ୍କ ମତରେ ପାଶ୍ଚାତ୍ୟ ନାରୀ ମୁକ୍ତିଭାବନା ଅନେକ କ୍ଷେତ୍ରରେ ଉପନିବେଶବାଦୀ ସ୍ୱାର୍ଥ ସହ ଜଡ଼ିତ । ପାରମ୍ପରିକ ବନରାଜି ବୃକ୍ଷାବଳୀକୁ ଧ୍ୱଂସକରି ପରିବେଶ ନଷ୍ଟକରି ଇଉକାଲିପଟାସ୍ ଲଗାଇବା ପଛରେ ନେଟିଭ୍ ଶାସକମାନଙ୍କର ଉପନିବେଶବାଦୀ ମାନସିକତା ଥିବା କଥା ଅଭିଯୋଗ ହୁଏ । ଉତ୍ତର ଉପନିବେଶବାଦୀ ତତ୍ତ୍ୱର କହେ ଇଉକାଲିପଟାସ୍ ଉପନିବେଶବାଦୀ ଶୋଷଣର ମାଧ୍ୟମ । 'ନର୍ମଦା ବଂଚାଓ ଆନ୍ଦୋଳନ'ରେ ନାରୀର ଭାଗିଦାରୀ ଏପରିକି ମାଓବାଦୀ ଆନ୍ଦୋଳନରେ ନାରୀର ଭାଗିଦାରି ଉପରେ ଉତ୍ତର ଉପନିବେଶବାଦୀ ତତ୍ତ୍ୱ ଗୁରୁତ୍ୱ ଦିଏ ।

ସନ୍ତ୍ରାସବାଦର ବହୁ ସଂସ୍କୃତି ବାଦ (Multi Culturalism) ଓ ଆଣ୍ଡରସନ୍‌ଙ୍କର ଜାତୀୟ ଭାବନା ବିରୋଧୀ ଭାବ ଉତ୍ତର ଉପନିବେଶବାଦୀ ତତ୍ତ୍ୱର ଅଂଶବିଶେଷ ।

ଆଣ୍ଡରସନ୍‌ଙ୍କ ମତରେ ଜାତୀୟତା ଏକ କଳ୍ପିତ ଭାବନା । ଏହାକୁ ସେ ଇମାଜିନ୍‌ଡ କମ୍ୟୁନିଟି ବୋଲି କୁହନ୍ତି । ଉତ୍ତର ଉପନିବେଶବାଦ ଦଳୀୟ ରାଜନୀତି ଅପେକ୍ଷା 'ଗ୍ରାସ୍‌ରୁଟ୍ ଆକ୍ଟିଭିଜିମ୍' ଉପରେ ଗୁରୁତ୍ୱ ଦିଏ । ଫୁଲନ ଦେବୀ ଭଳି ନିଷ୍ପେଷିତା ମହିଳାମାନଙ୍କର ରାଜନୀତି ମଧ୍ୟକୁ ପ୍ରବେଶ ଉପରେ ଉତ୍ତର ଉପନିବେଶବାଦୀ ତତ୍ତ୍ୱ ମହତ୍ତ୍ୱ ସ୍ଥାପନ କରେ ।

Digitized by PPRACHIN, SOA

ମେକ୍‌ସିକୋରେ ସବ୍ କମାଣ୍ଡେଣ୍ଟ ମାର୍କୋସଂକର ଜାପାତିସ୍ଟା ଆନ୍ଦୋଳନ, ଭାରତର ଦଳିତ ପାନ୍ଥର ଓ ଆମେରିକାର ବ୍ଲାକ୍ ପାନ୍ଥର ଆନ୍ଦୋଳନର ସାମାଜିକ ଗୁରୁତ୍ୱଥିବା ଉତ୍ତର ଉପନିବେଶବାଦର ତତ୍ତ୍ୱ ଦ୍ୱାରା ବିଶ୍ଳେଷଣ କରାଯାଏ ।

ମୋଟାମୋଟି ଭାବରେ ଉତ୍ତର ଉପନିବେଶବାଦ ତୃତୀୟ ବିଶ୍ୱର ନିପୀଡ଼ିତ ଜାତି ଓ ଗୋଷ୍ଠୀମାନଙ୍କର ପ୍ରଥମ ବିଶ୍ୱ ବିରୁଦ୍ଧରେ ସାଂସ୍କୃତିକ, ରାଜନୈତିକ ସାମାଜିକ ସଂଗ୍ରାମକୁ ଆନୁଷ୍ଠାନିକ ସ୍ୱୀକୃତି ପ୍ରଦାନ କରେ । ଏହା ବିଶ୍ୱବ୍ୟାପୀ ବୈଷମ୍ୟ ବିରୋଧୀ ନବ ଉପନିବେଶମାନଙ୍କର ସଂଗ୍ରାମୀ ଶକ୍ତି ସପକ୍ଷରେ ଏକ ନୂତନ ବ୍ୟାଖ୍ୟା ଓ ବୈଶିଷ୍ଟ୍ୟ ଜଡ଼ିତ ମତବାଦ । ଏହି ମତବାଦ ବା ଦୃଷ୍ଟିଭଙ୍ଗୀ ମାଧ୍ୟମରେ ଉପନିବେଶ ପୀଡ଼ିତ ଦେଶର ସାହିତ୍ୟ, ରାଜନୀତି ଅର୍ଥନୀତି ସବୁକିଛିର ବ୍ୟାଖ୍ୟା ହେବା ଆବଶ୍ୟକ ବୋଲି ଉତ୍ତର ଉପନିବେଶବାଦୀ ତତ୍ତ୍ୱର ବୁଦ୍ଧିଜୀବୀମାନେ ମନେ କରିଥାନ୍ତି ।

❑❑

Digitized by PPRACHIN, SOA

ଲେଖକଙ୍କ ଅନ୍ୟ ସାହିତ୍ୟ କୃତି

କବିତା ପୁସ୍ତକ :

ଦୁର୍ବାର ଶପଥ

ମୃତ ଈଶ୍ୱର

ଲୋହିତ ଧୂସର

ଧୂସର ସବୁଜ

ନାରୀ ମୁକ୍ତି ଇସ୍ତାହାର

ଗଦ୍ୟ ରଚନା :

ଆଫଗାନିସ୍ତାନ ସମସ୍ୟା ସଂକଟ

ଆନ୍ନା ହାଜାରେ

ମହା ପ୍ରଳୟର ପଥେ ପୃଥିବୀ

କଳା ଟଙ୍କା ରୂପ ରଙ୍ଗ

ଅନୁବାଦ :

ସମାଜବାଦ କାହିଁକି

ମୁଁ କାହିଁକି ନାସ୍ତିକ

Digitized by PPRACHIN, SOA

କବି ଓ ସମାଲୋଚକ କୁଳମଣି ଜେନାଙ୍କ ଜନ୍ମ ୧୯୫୪ ମସିହାରେ ଯାଜପୁର ଜିଲ୍ଲାର ବେହେରା ପାଟଣା ଗ୍ରାମରେ । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନରୁ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପରେ ସେ ଓଡ଼ିଶା ସରକାରଙ୍କ ଅଧୀନରେ ଓଡ଼ିଆ ବିଭାଗ ଅଧ୍ୟାପକ ଭାବରେ କାର୍ଯ୍ୟକରି ନିକଟରେ ଅବସର ଗ୍ରହଣ କରିଛନ୍ତି ।

ଅଧ୍ୟାପକ ଶ୍ରୀଯୁକ୍ତ ଜେନା ଜଣେ ବିଶିଷ୍ଟ ମାର୍କସବାଦୀ ଚିନ୍ତକ ଓ ରାଜନୈତିକ ଅର୍ଥଶାସ୍ତ୍ରର ଆଗ୍ରହୀ ପାଠକ । ସମାଜ ବିଜ୍ଞାନ ତଥା ପାଶ୍ଚାତ୍ୟ ଦର୍ଶନରେ ଗଭୀର ପ୍ରବେଶ ହେତୁ ଶ୍ରୀ ଜେନାଙ୍କର ସମାଲୋଚକୀୟ ଦୃଷ୍ଟିଭଙ୍ଗୀ ଶାଣିତ ଓ ପ୍ରଖର । ସମାଲୋଚନା ବ୍ୟତୀତ ଜଣେ ପ୍ରଗତିଶୀଳ କବି ଭାବରେ ସେ ଓଡ଼ିଆ ସାହିତ୍ୟରେ ସୁପରିଚିତ ।

ତାଙ୍କର ଏହି ପ୍ରବନ୍ଧ ପୁସ୍ତକରେ ମାର୍କସବାଦ, ଉତ୍ତର ଆଧୁନିକତାବାଦ ଓ ଅନ୍ୟାନ୍ୟ ଅନେକ ବିଷୟକୁ ମାର୍କସବାଦୀ ଦୃଷ୍ଟିଭଂଗୀରୁ ଅନୁଶୀଳନ କରାଯାଇଛି । ସମାଜ ବିଜ୍ଞାନ ଓ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ସଂପୂର୍ଣ୍ଣ ନୂତନ ଓ ମୌଳିକ ଦୃଷ୍ଟିଭଂଗୀର ପ୍ରୟୋଗ ହୋଇଛି ଏହି ଗ୍ରନ୍ଥରେ । ମାର୍କସବାଦ, ଉତ୍ତର ଆଧୁନିକତାବାଦ, ଦର୍ଶନ, ସାହିତ୍ୟ ଓ ସମାଜ ବିଜ୍ଞାନ କ୍ଷେତ୍ରରେ ଅଧିକ ଜ୍ଞାନ ଅର୍ଜନ କରିବାକୁ ଚାହୁଁଥିବା ପାଠକମାନଙ୍କ ପାଇଁ ଏହା ଅବଶ୍ୟ ଏକ ସଂଗ୍ରହଣୀୟ ଉପାଦେୟ ପୁସ୍ତକ ।

ଲେଖାଲେଖି

Digitized by PPRACHIN, SOA